# ଧରିତ୍ରୀ DHARITRI

ଭୁବନେଶ୍ୱର, ଗୁରୁବାର, ଜୁନ୍ ୧୫/୨୦୨୩ (୧୬ ପୃଷ୍ଠା) | Bhubaneswar, Thursday, June 15/2023 | Page 16 | ₹ 7.00

୪୯ଶ ଭାଗ ୨୦୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 49 ISSUE 200 | ମୂଲ୍ୟ ₹୭/-




**କିଡ୍‌ନୀରୁ ବାହାରିଲା ୮୦୧ ଗ୍ରାମ ଓଜନର ଷ୍ଟୋନ୍**

ଶ୍ରୀଲଙ୍କା କଲମ୍ୱୋସ୍ଥିତ ଆର୍ମି ହସ୍ପିଟାଲର ଏକ ଡାକ୍ତରୀ ଟିମ୍ ଜଣେ ରୋଗୀଙ୍କ କିଡ୍‌ନୀରୁ ୮୦୧ ଗ୍ରାମ ଓଜନର ଏକ ଷ୍ଟୋନ୍ ବାହାର କରି ଗିନିଜ୍ ୱାର୍ଲ୍ଡ ରେକର୍ଡ କରିଛନ୍ତି। ଏହି କିଡ୍‌ନୀ ଷ୍ଟୋନ୍‌ର ଲମ୍ବ ୧୩.୩୭୨ ସେଣ୍ଟିମିଟର ରହିଛି। ପୂର୍ବରୁ ୨୦୦୪ରେ ଭାରତୀୟ ଡାକ୍ତରୀଟିମ୍ ୧୩ ସେଣ୍ଟିମିଟରର ଏକ କିଡନୀ ଷ୍ଟୋନ୍ ବାହାର କରି ରେକର୍ଡ କରିଥିଲା।



## ଉଦ୍‌ଘାଟନ ପୂର୍ବରୁ ଭୁଶୁଡ଼ିଲା ଗୁଜରାଟର ତପି ବ୍ରିଜ୍

**ଗାନ୍ଧୀନଗର, ୧୪।୬:** ଗୁଜରାଟର ତପି ଦେଇ ପ୍ରବାହିତ ମିନ୍‌ଧୋଲା ନଦୀ ଉପରେ ନିର୍ମିତ ବ୍ରିଜ୍ ଉଦ୍‌ଘାଟନ ପୂର୍ବରୁ ବୁଧବାର ସକାଳେ ଭୁଶୁଡ଼ି ପଡ଼ିଛି। ୨୦୨୧ରେ ୨ କୋଟି ଟଙ୍କା ବ୍ୟୟରେ ଏହାର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ତେବେ ନିର୍ମାଣରେ ବ୍ୟାପକ ଦୁର୍ନୀତି ହୋଇଥିବା ସ୍ଥାନୀୟ ଲୋକେ ଅଭିଯୋଗ ଆଣିଛନ୍ତି। ଅତି ନିମ୍ନମାନର ସାମଗ୍ରୀ ଏଥିରେ ବ୍ୟବହାର କରାଯାଇଥିବା କୁହାଯାଉଛି। ତପିର ମାୟାପୁରରୁ ଦେଗାମାକୁ ସଂଯୋଗ କରିବାକୁ ଥିବା ଏହି ବ୍ରିଜ୍ ଭୁଶୁଡ଼ିବା ଫଳରେ ପ୍ରାୟ ୧୫ ଗ୍ରାମ ପ୍ରଭାବିତ ହୋଇଛି।

# ଦୋଷୀ ହେଲେ ବି ଲଢ଼ିପାରିବେ ଟ୍ରମ୍ପ୍

**ୱାଶିଂଟନ୍,୧୪।୬**

ଆମେରିକାର ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ବିରୋଧରେ ବେଆଇନ ଭାବେ ଗୁରୁତ୍ୱପୂର୍ଣ୍ଣ ସରକାରୀ ଦସ୍ତାବିଜ ରଖିବା ଅଭିଯୋଗ ସ୍ଥିର ହୋଇଛି। ୭୭ ବର୍ଷୀୟ ଟ୍ରମ୍ପ୍ ୨୦୨୧ରେ ରାଷ୍ଟ୍ରପତି ପଦରୁ ଅବ୍ୟାହତି ନେବା ପରେ ଏହି ଗୁପ୍ତ ତଥା ସମ୍ବେଦନଶୀଳ ଦସ୍ତାବିଜଗୁଡ଼ିକୁ ନିଜ ବାଥରୁମ୍ ଓ ଶୟନକକ୍ଷରେ ରଖିଥିଲେ। ମଙ୍ଗଳବାର ଫ୍ଲୋରିଡାସ୍ଥିତ ମିଆମି ଫେଡେରାଲ କୋର୍ଟରେ ସେ ୩୭ ଅଭିଯୋଗକୁ ଖଣ୍ଡନ କରିବା ସହ ନିଜକୁ ନିର୍ଦ୍ଦୋଷ ଦର୍ଶାଇଥିଲେ। ଟ୍ରମ୍ପ୍ କୋର୍ଟରେ ଆତ୍ମସମର୍ପଣ କରିବା ପରେ ତାଙ୍କୁ ଗିରଫ କରାଯାଇଥିଲା ଏବଂ ପରବର୍ତ୍ତୀ ସମୟରେ ଛାଡ଼ି ଦିଆଯାଇଥିଲା। ଜଣେ ପୂର୍ବତନ ରାଷ୍ଟ୍ରପତିଙ୍କ ବିରୋଧରେ ଏପରି ଆପରାଧିକ ମାମଲା ଚାଲିବା ଆମେରିକା ଇତିହାସରେ ପ୍ରଥମ ଘଟଣା।

୨୦୨୪ ରାଷ୍ଟ୍ରପତି ନିର୍ବାଚନରେ ରିପବ୍ଲିକାନ୍ ପାର୍ଟିର ପ୍ରାର୍ଥୀ ଦୌଡ଼ରେ ଆଗୁଆ ଥିବା ଡୋନାଲ୍ଡ ଟ୍ରମ୍ପ୍ ଗତ ଏପ୍ରିଲରେ ବ୍ୟବସାୟିକ ରେକର୍ଡ ଜାଲିଆତି ଅଭିଯୋଗରେ ଏକ କୋର୍ଟରେ ହାଜର ହୋଇଥିଲେ। ମେ' ୯ରେ ଟ୍ରମ୍ପ୍‌ଙ୍କ ବିରୋଧରେ ଲେଖିକା ଇ. ଜିନ୍ କାରୋଲ୍ ବଳାତ୍କାର ଅଭିଯୋଗ ଆଣିଥିଲେ। ଟ୍ରମ୍ପ୍ ଏହି ଅଭିଯୋଗକୁ ମଧ୍ୟ ସେତେବେଳେ ଖଣ୍ଡନ କରିଥିଲେ। ଟ୍ରମ୍ପ୍ କାରୋଲଙ୍କୁ ବଳାତ୍କାର କରିଥିବା ନେଇ ବିଚାରପତି କୌଣସି ପ୍ରମାଣ ପାଇ ନ ଥିଲେ। ତେବେ ସେ ତାଙ୍କୁ ଯୌନ ଶୋଷଣ କରିଥିବା ପ୍ରମାଣ ମିଳିଥିବାରୁ ଲେଖିକାଙ୍କୁ ୫ ନିୟୁତ ଡଲାର ପ୍ରଦାନ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଏହି ୩ ମାମଲା ପରେ ଟ୍ରମ୍ପ୍ ୨୦୨୪ରେ ହ୍ୱାଇଟ୍ ହାଉସ୍ ଦୌଡ଼ରେ ସାମିଲ ହୋଇପାରିବେ କି ନାହିଁ ସେନେଇ ଏବେ ବିତର୍କ ଆରମ୍ଭ ହୋଇଛି। ନ୍ୟୁୟର୍କ ହେଉ କି ଫ୍ଲୋରିଡା କୋର୍ଟରେ ଅଥବା କାରୋଲଙ୍କ ମାମଲାରେ ଟ୍ରମ୍ପ୍ ଦୋଷୀ ସାବ୍ୟସ୍ତ ହେଲେ ମଧ୍ୟ ରାଷ୍ଟ୍ରପତି ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିପାରିବେ ବୋଲି ଆଇନ ବିଶେଷଜ୍ଞମାନେ ମତ ଦେଇଛନ୍ତି। ୟୁନିଭର୍ସିଟି ଅଫ୍ କାଲିଫର୍ନିଆର ଆଇନ ପ୍ରାଧ୍ୟାପକ ରିଚାର୍ଡ ହସେନଙ୍କ ମତରେ ଟ୍ରମ୍ପ୍‌ଙ୍କ ବିରୋଧରେ ଅଭିଯୋଗ ସ୍ଥିର ହେଲେ ମଧ୍ୟ ଏପରି କି ସେ ଦୋଷୀ ସାବ୍ୟସ୍ତ ହେଲେ ବି ନିର୍ବାଚନ ଲଢ଼ିବାରୁ ତାଙ୍କୁ ଅଟକାଯାଇପାରିବ ନାହିଁ। ସମ୍ବିଧାନ ଅନୁସାରେ ଯଦି ଜଣେ ପ୍ରାର୍ଥୀ ଆମେରିକାରେ ଜନ୍ମିତ ହୋଇଥିବେ, ତାଙ୍କୁ ୩୫ ବର୍ଷ ହୋଇଥିବ ଏବଂ ଦେଶରେ ସେ ଅନ୍ୟୁନ ୧୪ ବର୍ଷ ରହିଥିବେ ତେବେ ନିର୍ବାଚନ ଲଢ଼ିପାରିବେ। ଏହାବାଦ୍ ଅନ୍ୟ କେତେକ ସାମ୍ବିଧାନିକ କଟକଣା ରହିଛି, ଯାହାକି ଟ୍ରମ୍ପ୍‌ଙ୍କ କ୍ଷେତ୍ରରେ ପ୍ରଯୁଜ୍ୟ ନୁହେଁ।


ଡୋନାଲ୍ଡ ଟ୍ରମ୍ପ୍

# କଚ୍ଛ ମୁହାଁ 'ବିପର୍ଯ୍ୟୟ'

## ଆଜି ଲ୍ୟାଣ୍ଡଫଲ୍

**ନୂଆଦିଲ୍ଲୀ,୧୪।୬**

ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି)ର ପୂର୍ବାନୁମାନ ଅନୁସାରେ ଭୀଷଣ ସାମୁଦ୍ରିକ ଝଡ଼ 'ବିପର୍ଯ୍ୟୟ' ଗୁରୁବାର ଗୁଜରାଟର ସୌରାଷ୍ଟ୍ର, କଚ୍ଛ ଏବଂ ପାକିସ୍ତାନ ଉପକୂଳରେ ସ୍ଥଳଭାଗ ଛୁଇଁବ। ସୁରକ୍ଷା ଦୃଷ୍ଟିରୁ ସମୁଦ୍ରକୂଳିଆ ଅଞ୍ଚଳକୁ ଖାଲି କରିଦିଆଯାଇଛି। ପ୍ରଶାସନ ପକ୍ଷରୁ ଉପକୂଳବର୍ତ୍ତୀ ଅଞ୍ଚଳରେ ହାଇଆଲର୍ଟ ଜାରି କରାଯାଇଛି। ବାତ୍ୟା ଯୋଗୁ ପଶ୍ଚିମତଟ ରେଲ୍‌ୱେ ପକ୍ଷରୁ ୯୫ଟି ଟ୍ରେନ୍ ବାତିଲ କରାଯାଇଛି। ଗୁଜରାଟ ଉପକୂଳବର୍ତ୍ତୀ ଇଲାକାରୁ ଅଦ୍ୟାବଧି ୭୪,୦୦୦ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ୫ ବର୍ଷ ମଧ୍ୟରେ ଗୁଜରାଟରେ ଏହା ହେଉଛି ଚତୁର୍ଥ ବଡ଼ ସାମୁଦ୍ରିକ ଝଡ଼। ବିପର୍ଯ୍ୟୟ ପ୍ରଭାବରେ ସ୍ଥାନୀୟ ଅଞ୍ଚଳରେ ଘଣ୍ଟାପ୍ରତି ୧୫୦ କି.ମି. ବେଗରେ ପବନ ବହିବ। ଅନ୍ୟପକ୍ଷେ ବିପର୍ଯ୍ୟୟ ପ୍ରଭାବରେ ଦେବଭୂମି ଦ୍ୱାରକା ଜିଲାରେ ସର୍ବାଧିକ ୧୨୧ ଏମ୍.ଏମ୍. ବର୍ଷା ରେକର୍ଡ କରାଯାଇଛି। ଜାମନଗର, ଜୁନାଗଡ଼, ରାଜକୋଟ ପୋରବନ୍ଦର ଏବଂ କଚ୍ଛ ଜିଲାରେ ଲଗାଣ ବର୍ଷା ଜାରି ରହିଛି। ଭୀଷଣ ପବନ ବହିବା ଯୋଗୁ ଦ୍ୱାରକାରେ ଥିବା ଆକାଶବାଣୀର ୯୦ ମିଟର ଉଚ୍ଚତାର ଟାୱାର ଭାଙ୍ଗିଯାଇଛି। ବାତ୍ୟା ମୁକାବିଲା ପାଇଁ ଉପକୂଳରେ ୧୫ ଏନ୍‌ଡିଆର୍‌ଏଫ୍ ଟିମ୍, ୧୨ ଏସ୍‌ଡିଆର୍‌ଏଫ୍ ଟିମ୍, ରାଜ୍ୟ ସଡ଼କ ଓ ଗୃହ ନିର୍ମାଣ ବିଭାଗର ୧୧୫ ଟିମ୍, ରାଜ୍ୟ ବିଦ୍ୟୁତ ବିଭାଗର ୩୯୭ ଟିମ୍ ଓ ସେନା ମୁତୟନ କରାଯାଇଛି। ବୁଧବାର କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ମନସୁଖ ମାଣ୍ଡବ୍ୟ କଚ୍ଛ ସ୍ଥିତି ସମୀକ୍ଷା କରିଥିଲେ। ଭୁଜ ଏୟାରଫୋର୍ସରେ ବାତ୍ୟା ପ୍ରସ୍ତୁତି କାର୍ଯ୍ୟର ତଦାରଖ କରିବା ସହ କେ.କେ. ପଟେଲ ସୁପର ସ୍ପେଶାଲିଷ୍ଟ ହସ୍ପିଟାଲ ବ୍ୟବସ୍ଥା ସମ୍ପର୍କରେ ପଚାରି ବୁଝିଛନ୍ତି କେନ୍ଦ୍ରମନ୍ତ୍ରୀ। ସେହିପରି ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଉଚ୍ଚବ୍ୟାଙ୍କ ଅଧିକାରୀଙ୍କ ସହ ବାତ୍ୟା ମୁକାବିଲା ସମ୍ପର୍କରେ ଆଲୋଚନା କରିଛନ୍ତି। ବାତ୍ୟା ବିପର୍ଯ୍ୟୟ ମୁକାବିଲା ପ୍ରସ୍ତୁତି ପାକିସ୍ତାନ ଉପକୂଳ ଅଞ୍ଚଳରେ ଆରମ୍ଭ ହୋଇଯାଇଛି। ସ୍ଥାନୀୟ ସରକାରଙ୍କ ପକ୍ଷରୁ ପାଖାପାଖି ୫୭,୦୦୦ ଲୋକଙ୍କୁ ସୁରକ୍ଷା ଶିବିରକୁ ନିଆଯାଇଛି।



'ବିପର୍ଯ୍ୟୟ' ସ୍ଥଳଭାଗ ଛୁଇଁବା ପୂର୍ବରୁ ଗୁଜରାଟର କଚ୍ଛ ଜିଲା ଗୁନାଉ ଗ୍ରାମରେ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ବିଏସ୍‌ଏଫ୍ ଯବାନ ଟ୍ରାକ୍ଟରରୁ ଶିଶୁଙ୍କୁ ଓହ୍ଲାଉଛନ୍ତି।

**ଉପକୂଳ ଅଞ୍ଚଳରେ ହାଇ-ଆଲର୍ଟ**

**୭୪,୦୦୦ ଲୋକ ସ୍ଥାନାନ୍ତରିତ**

## ୟୁସିସି: ମତାମତ ଲୋଡ଼ିଲେ ଲ' କମିଶନ

**ନୂଆଦିଲ୍ଲୀ, ୧୪।୬**

ଲ' କମିଶନ ବୁଧବାର ସମାନ ଦେୱାନି ସଂହିତା (ୟୁସିସି) ଉପରେ ଦେଶର ଧର୍ମୀୟ ସଂସ୍ଥା ଓ ଅନ୍ୟ ସଙ୍ଗଠନଗୁଡ଼ିକର ମତାମତ ମାଗିଛନ୍ତି। ଆଗ୍ରହୀ ବ୍ୟକ୍ତିମାନେ ବିଜ୍ଞପ୍ତି ପ୍ରକାଶର ୩୦ ଦିନ ମଧ୍ୟରେ ନିଜ ମତାମତ ଉପସ୍ଥାପନ କରିପାରିବେ। ୨୦୧୮ରେ ଅବଧି ଶେଷ ହୋଇଥିବା ୨୧ତମ ଲ' କମିଶନ ଏହି ରାଜନୈତିକ ସମ୍ବେଦନଶୀଳ ପ୍ରସଙ୍ଗରେ ୨ ଥର ଅନୁଧ୍ୟାନ କରି ସମସ୍ତ ପକ୍ଷଙ୍କୁ ମତାମତ ମାଗିଥିଲେ। ଏବେ ୨୨ତମ ଲ' କମିଶନ ସ୍ୱୀକୃତିପ୍ରାପ୍ତ ଧର୍ମୀୟ ସଙ୍ଗଠନ ସମେତ ଜନସାଧାରଣଙ୍କଠାରୁ ୟୁସିସି ସମ୍ପର୍କରେ ମତାମତ ନେବା ପାଇଁ ପୁଣି ନିଷ୍ପତ୍ତି ଗ୍ରହଣ କରିଛନ୍ତି। ପୂର୍ବ ଲ' କମିଶନ ଜାରି କରିଥିବା ପରାମର୍ଶ ପତ୍ର ୩ ବର୍ଷରୁ ଅଧିକ ପୁରୁଣା ହୋଇଥିବାରୁ ଏହି ନିଷ୍ପତ୍ତି ନିଆଯାଇଛି। ୨୦୧୮ରେ ଭାରତର ଲ' କମିଶନ 'ପରିବାର ଆଇନ ସଂସ୍କାର' ଉପରେ ପରାମର୍ଶ ପତ୍ର ଜାରି କରିଥିଲେ। ବର୍ତ୍ତମାନ ସ୍ଥିତିରେ ୟୁସିସି ପ୍ରଣୟନ ଅନାବଶ୍ୟକ ବୋଲି କହିଥିଲେ।

**ସଂକ୍ଷେପରେ**

## ଗ୍ରୀସ୍‌ରେ ବୋଟ୍ ବୁଡ଼ି ୭୯ ମୃତ

**ଆଥେନ୍ସ,୧୪।୬:** ଗ୍ରୀସ୍ ପେଲୋପୋନେସ୍ସର ଲୋନିଆନ୍ ସମୁଦ୍ରରେ ବୋଟ୍ ବୁଡ଼ି ୭୯ ପ୍ରବାସୀଙ୍କ ମୃତ୍ୟୁ ଘଟିଛି। ରେସ୍କ୍ୟୁ ଟିମ୍ ଦ୍ୱାରା ପାଖାପାଖି ୧୦୦ ଜଣଙ୍କୁ ଉଦ୍ଧାର କରାଯାଇଛି। ମାତ୍ରାଧିକ ଲୋକ ବୋଟ୍‌ରେ ବସିଥିବା ଯୋଗୁ ଭାରସାମ୍ୟ ହରାଇ ବୋଟ୍‌ଟି ବୁଡ଼ିଯାଇଥିବା କୋଷ୍ଟଗାର୍ଡ କହିଛନ୍ତି। ଉଦ୍ଧାର କାର୍ଯ୍ୟରେ ନୌସେନା ଜାହାଜ, ସେନା ବିମାନ ଓ ହେଲିକପ୍ଟର ନିୟୋଜିତ କରାଯାଇଥିଲା। ଘଟଣାରେ ଗୁରୁତରଙ୍କୁ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

## ଜମ୍ମୁରେ ଏକକାଳୀନ ୪ ଥର ଭୂକମ୍ପ ଝଟକା

**ଜମ୍ମୁ,୧୪।୬:** ଜମ୍ମୁରେ ବୁଧବାର ଏକକାଳୀନ ୪ଟି ଭୂକମ୍ପ ଝଟକା ଅନୁଭୂତ ହେବା ଯୋଗୁ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ଦେଖିବାକୁ ମିଳିଥିଲା। ସୁରକ୍ଷାକୁ ଦୃଷ୍ଟିରେ ରଖି ସ୍ଥାନୀୟ ପ୍ରଶାସନ ଡୋଡା ଓ କିସ୍ତୱାର ଜିଲାର ସମସ୍ତ ସ୍କୁଲ ବନ୍ଦ ନିର୍ଦ୍ଦେଶ ଦେଇଛନ୍ତି। ମଙ୍ଗଳବାର ଡୋଡାରେ ୫.୪ ତୀବ୍ରତା ବିଶିଷ୍ଟ ଭୂକମ୍ପ ଅନୁଭୂତ ହୋଇଥିଲା। ତେବେ ଭୂକମ୍ପ ଝଟକାରେ କୌଣସି କ୍ଷୟକ୍ଷତି ସୂଚନା ମିଳିନାହିଁ।

## ଡ୍ରଗ୍ସ ମାମଲାରେ କାବାଲି ଫିଲ୍ମ ପ୍ରଯୋଜକ ଗିରଫ


କେ.ପି. ଚୌଧୁରୀ

**ହାଇଦ୍ରାବାଦ,୧୪।୬:** ସୁପରଷ୍ଟାର ରଜନୀକାନ୍ତଙ୍କ ଅଭିନୀତ ଫିଲ୍ମ କାବାଲିର ପ୍ରଯୋଜକ କେ.ପି. ଚୌଧୁରୀଙ୍କୁ ବୁଧବାର ଡ୍ରଗ୍ସ ମାମଲାରେ ହାଇଦ୍ରାବାଦ ପୋଲିସ ଗିରଫ କରିଛି। ୯୦ ପ୍ୟାକେଟ୍‌ରୁ ପାଖାପାଖି ୮୨.୭୫ ଗ୍ରାମର କୋକେନ ପୋଲିସ ତାଙ୍କ ନିକଟରୁ ଜବତ କରିଛି। ଜବତ ଡ୍ରଗ୍ସର ବଜାର ମୂଲ୍ୟ ୭୮.୫ ଲକ୍ଷ ଟଙ୍କା ହେବ। ତେଲଙ୍ଗାନା ଖାମ୍ମାନ ଜିଲା ବୋନାକାଲ ମଣ୍ଡଳରେଚୌଧୁରୀଙ୍କ ଘର। ୨୦୧୬ରେ ସେ ଫିଲ୍ମ ଜଗତରେ ପ୍ରବେଶ କରିଥିଲେ। ଗୋଆରେ ତାଙ୍କର ଏକ କ୍ଲବ୍ ଥିବାବେଳେ ସେଠାରେ ସେ ଡ୍ରଗ୍ସ କାରବାର କରୁଥିବା ପୋଲିସ କହିଛି।

## ମା'ବାପାଙ୍କ ମୃତଦେହ ନିକଟରୁ ୪ ଦିନର ଶିଶୁ ଉଦ୍ଧାର

**ଡେରାଡୁନ୍,୧୪।୬:** ଉତ୍ତରାଖଣ୍ଡ ଡେରାଡୁନ୍‌ର ଏକ ବନ୍ଦଘର ଭିତରୁ ଦମ୍ପତିଙ୍କ ମୃତଦେହ ସାଙ୍ଗକୁ ଏକ ୪ ଦିନର ନବଜାତକକୁ ବୁଧବାର ପୋଲିସ ଉଦ୍ଧାର କରିଛି। ମୃତ ଦମ୍ପତି ହେଲେ ଉତ୍ତର ପ୍ରଦେଶ ସାହାରନପୁର ଜିଲାର କାଶିଫ (୨୫) ଏବଂ ଆନମ (୨୨)। ଆନମ କାଶିଫଙ୍କ ଦ୍ୱିତୀୟ ସ୍ତ୍ରୀ ଥିଲେ । ଘରୁ ଦୁର୍ଗନ୍ଧ ବାହାରୁଥିବା ସୂଚନା ପାଇ ପୋଲିସ ଟିମ୍ ସେଠାରେ ପହଞ୍ଚିଥିଲା। ମୃତଦେହକୁ ପୋଷ୍ଟମର୍ଟମ ପାଇଁ ପଠାଇ ଦିଆଯାଇଥିବାବେଳେ ନବଜାତକକୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଋଣ ଭାର ଯୋଗୁ ଦମ୍ପତି ଆତ୍ମହତ୍ୟା କରିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି।



## କୋଲକାତା ଏୟାରପୋର୍ଟରେ ନିଆଁ

**କୋଲକାତା, ୧୪।୬**

କୋଲକାତାସ୍ଥିତ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଅନ୍ତର୍ଜାତୀୟ ବିମାନବନ୍ଦରରେ ବୁଧବାର ରାତି ୯ଟା ୧୦ମିନିଟରେ ଅଗ୍ନିକାଣ୍ଡ ଘଟିଛି। ବିମାନଯାତ୍ରୀମାନେ ବୋର୍ଡିଂ ପାସ୍ ସଂଗ୍ରହ କରୁଥିବା ଦି ପୋର୍ଟାଲ ଏରିଆରେ ନିଆଁ ଲାଗିଥିବାବେଳେ ଏହାକୁ ଆୟତ୍ତ କରିବା ପାଇଁ ୩ଟି ଅଗ୍ନିଶମ ଗାଡ଼ି ଘଟଣାସ୍ଥଳରେ ପହଞ୍ଚିଛି। ବିମାନବନ୍ଦରର ସିକ୍ୟୁରିଟି ଚେକ୍ ପଏଣ୍ଟର କିଛି ଭାଗରେ ମଧ୍ୟ ନିଆଁ ଲାଗିଥିବା ସୂଚନା ମିଳିଛି। ସମସ୍ତ ବିମାନଯାତ୍ରୀ ଓ କର୍ମଚାରୀଙ୍କୁ ସୁରକ୍ଷିତ ଭାବେ ସ୍ଥାନାନ୍ତର କରାଯାଇଛି। ଅଗ୍ନିକାଣ୍ଡର କାରଣ ସ୍ପଷ୍ଟ ହୋଇନାହିଁ।

## ଭାରତ ଛାଡୁଛନ୍ତି ମିଲିଅନେୟାର

**ନୂଆଦିଲ୍ଲୀ,୧୪।୬**

ଚଳିତବର୍ଷ ଭାରତରୁ ମିଲିଅନେୟାର ମାନଙ୍କ ଗଣପଳାୟନ ହେବ। ୨୦୨୩ରେ ଦେଶ ୬,୫୦୦ ହାଇ-ନେଟ୍-ଓର୍ଥ ଇଣ୍ଡିଭିଜୁଆଲ (ଏଚ୍‌ଏନ୍‌ଡବ୍ଲ୍ୟୁଆଇ)ଙ୍କୁ ହରାଇବ ବୋଲି ହେନ୍‌ଲେ ପ୍ରାଇଭେଟ୍ ୱେଲ୍‌ଥ ମାଇଗ୍ରେଶନ୍ ରିପୋର୍ଟରେ ପ୍ରକାଶ ପାଇଛି।

ବିଶ୍ୱବ୍ୟାପୀ ସମ୍ପତ୍ତି ଓ ନିବେଶ ମାଇଗ୍ରେଶନ୍ ଟ୍ରେଣ୍ଡ ଉପରେ ନଜର ରଖୁଥିବା ନ୍ୟୁ ୱାର୍ଲ୍ଡ ୱେଲ୍‌ଥ ପକ୍ଷରୁ କୁହାଯାଇଛି ଯେ, ୨୦୨୩ରେ ଚାଇନା ସର୍ବାଧିକ ୧୩,୫୦୦ ମିଲିଅନେୟାରଙ୍କୁ ହରାଇବ। ସେହିପରି ଭାରତ ୬,୫୦୦ ଏଚ୍‌ଏନ୍‌ଡବ୍ଲ୍ୟୁଆଇଙ୍କୁ ହରାଇ ଏହି କ୍ଷେତ୍ରରେ ଦ୍ୱିତୀୟ ସ୍ଥାନରେ ରହିବ। ଏହାସତ୍ତ୍ୱେ ଭାରତର ସ୍ଥାନରେ କିଛି ମାତ୍ରାରେ ଉନ୍ନତି ଆସିପାରେ। କାରଣ ଗତବର୍ଷ ଭାରତରୁ ୭,୫୦୦ ମିଲିଅନେୟାର ବିଦେଶକୁ ଚାଲିଯାଇଥିଲେ। ନ୍ୟୁ ୱାର୍ଲ୍ଡ ୱେଲ୍‌ଥ ଗବେଷଣା ମୁଖ୍ୟ ଆଣ୍ଡ୍ରୁ ଆମୋଇଲ୍ସ କହିଛନ୍ତି, ଭାରତରୁ ପଳାୟନ କରୁଥିବା ମିଲିଅନେୟାରଙ୍କ ତୁଳନାରେ ନୂଆ ସୃଷ୍ଟି ହେଉଥିବା ମିଲିଅନେୟାରଙ୍କ ସଂଖ୍ୟା ଅଧିକ ଥିବାରୁ ଏହା ବିଶେଷ ଚିନ୍ତାର କାରଣ ନୁହେଁ। ହେନ୍‌ଲି ଆଣ୍ଡ୍ ପାଟନର୍ସ ଅନୁସାରେ ଯେଉଁ ଧନୀ ବ୍ୟକ୍ତିଙ୍କ ନିବେଶଯୋଗ୍ୟ ସମ୍ପତ୍ତିର ମୂଲ୍ୟ ୧ ନିୟୁତ ଡଲାର କିମ୍ବା ତଦୂର୍ଦ୍ଧ୍ୱ ତାଙ୍କୁ ଏଚ୍‌ଏନ୍‌ଡବ୍ଲ୍ୟୁଆଇ କୁହାଯାଏ। ହେନ୍‌ଲି ଆଣ୍ଡ୍ ପାଟନର୍ସ ସିଇଓ ଜୁଏର୍ଗ ଷ୍ଟିଫେନ୍ କହିଛନ୍ତି, ଗତ ୧ ଦଶନ୍ଧି ମଧ୍ୟରେ ଦେଶାନ୍ତରୀ ହୋଇଥିବା ମିଲିଅନେୟାରଙ୍କ ସଂଖ୍ୟା ବଢ଼ିଛି। ସାରା ବିଶ୍ୱରେ ୨୦୨୩ରେ ୧,୨୨,୦୦୦ ଓ ୨୦୨୪ରେ ୧,୨୮,୦୦୦ ମିଲିଅନେୟାର ଦେଶାନ୍ତରୀ ହୋଇପାରନ୍ତି।

## ଲଣ୍ଡନରେ ଭାରତୀୟ ଯୁବତୀଙ୍କୁ ହତ୍ୟା

**ଲଣ୍ଡନ,୧୪।୬**

ଲଣ୍ଡନର ୱେମବ୍ଲେସ୍ଥିତ ନିଲ୍ଡ କ୍ରିସେଣ୍ଟରେ ଜଣେ ଭାରତୀୟ ଯୁବତୀଙ୍କୁ ହତ୍ୟା କରାଯାଇଛି। ହାଇଦ୍ରାବାଦର ୨୭ ବର୍ଷୀୟା କୋନ୍ଥାମ ତେଜସ୍ୱିନୀଙ୍କୁ ତାଙ୍କ ଫ୍ଲାଟମେଟ୍ ହତ୍ୟା କରିଥିବା ଅଭିଯୋଗ ହୋଇଛି। ଅଭିଯୁକ୍ତ ଯୁବକ ବ୍ରାଜିଲର। ଘଟଣା ନେଇ ମେଟ୍ରୋପଲିଟାନ୍ ପୋଲିସ ୨ ଜଣଙ୍କୁ ଗିରଫ କରିଛି। ମଙ୍ଗଳବାର ଦିନ ସକାଳ ୧୦ଟାରେ ତେଜସ୍ୱିନୀଙ୍କୁ ଛୁରା ମାଡ଼ କରି ହତ୍ୟା କରାଯାଇଥିଲା। ତେଜସ୍ୱିନୀଙ୍କୁ ଆହତ ଅବସ୍ଥାରେ ଜଣେ ଯୁବତୀ ହସ୍ପିଟାଲ ନେଇଥିଲେ। ଉଚ୍ଚଶିକ୍ଷା ପାଇଁ ଲଣ୍ଡନ ଯାଇଥିବା ତେଜସ୍ୱିନୀ କେତେଜଣ ବାନ୍ଧବୀଙ୍କ ସହ ଏକ ଫ୍ଲାଟରେ ରହୁଥିଲେ। ଗତ ସପ୍ତାହରେ ଅଭିଯୁକ୍ତ ବ୍ରାଜିଲର ଯୁବକ ଜଣକ ସେଠାକୁ ସିଫ୍ଟ ହୋଇଥିବା ତେଜସ୍ୱିନୀଙ୍କ ସମ୍ପର୍କୀୟ ଭଉଣୀ ବିଜୟା କହିଛନ୍ତି। ତେବେ ମେଟ୍ରୋପଲିଟାନ ପୋଲିସ ଘଟଣା ତଦନ୍ତ ଚଳାଇଛନ୍ତି।


କୋନ୍ଥାମ ତେଜସ୍ୱିନୀ

## ଚାପ ଯୋଗୁ ଚାକିରି ଛାଡୁଛନ୍ତି କର୍ମଚାରୀ

**ୱାଶିଂଟନ୍,୧୪।୬**

କାର୍ଯ୍ୟାଳୟରେ କର୍ମଚାରୀଙ୍କ ଉପରେ ଚାପ କ୍ରମାଗତ ବଢ଼ିବାରେ ଲାଗିଛି। ଏହାର ପ୍ରଭାବ ସେମାନଙ୍କ କାର୍ଯ୍ୟଶୈଳୀ ଉପରେ ପଡ଼ିଛି। ଆମେରିକାର ଆନାଲିଟିକ୍ସ ଆଡ୍‌ଭାଇଜରି କମ୍ପାନୀ ଗାଲ୍ଲପ ପକ୍ଷରୁ କରାଯାଇଥିବା ସର୍ଭେ ଅନୁସାରେ କର୍ମକ୍ଷେତ୍ରରେ ଚାପ ବଢ଼ିବା ଯୋଗୁ କର୍ମଚାରୀ ଓ ମାଲିକଙ୍କ ମଧ୍ୟରେ ଝଗଡ଼ା ଦେଖିବାକୁ ମିଳୁଛି। ଷ୍ଟ୍ରେସ୍‌ରେ ରହୁଥିବା କର୍ମଚାରୀଙ୍କ ଚାକିରି ଓ ବ୍ୟକ୍ତିଗତ ଜୀବନମଧ୍ୟରେ କେଉଁ ପ୍ରକାର ଅନୁଭୂତି ରହୁଛି, ସେ ସମ୍ପର୍କରେ ଗାଲ୍ଲପ 'ଷ୍ଟେଟ୍ ଅଫ୍ ଦ ଗ୍ଲୋବାଲ ୱାର୍କ ପ୍ଲେସ୍ ୨୦୨୩'ରେ ଉଲ୍ଲେଖ କରାଯାଇଛି।



ବିଶ୍ୱରେ ମୋଟ ୫୯% କର୍ମଚାରୀଙ୍କ ସ୍ଥିତି କ୍ୱାଇଟ୍ କ୍ୱିଟିଂରେ ରହିଛି ଅର୍ଥାତ୍ ସେମାନେ କୌଣସି ସଂସ୍ଥାରେ କାର୍ଯ୍ୟ କରୁନାହାନ୍ତି। ସେହିପରି ୧୮% ଲାଉଡ୍ କ୍ୱିଟିଂ ସ୍ଥିତିରେ ଅଛନ୍ତି। ସେମାନେ ହେଲେ ଚାକିରି ଛାଡ଼ିବାକୁ ଥିବା କର୍ମଚାରୀ। ୧୬୦ ଦେଶର ୧,୨୨,୪୧୬ ଜଣ କର୍ମଚାରୀଙ୍କୁ ନେଇ ଉକ୍ତ ସର୍ଭେ କରାଯାଇଛି। ବିଶ୍ୱବ୍ୟାପୀ ପ୍ରତି ୧୦ ଜଣଙ୍କ ମଧ୍ୟରେ ୬ ଜଣ ଚାକିରି ଛାଡୁଛନ୍ତି। ଚାକିରି ଛାଡୁଥିବା କର୍ମଚାରୀଙ୍କ ମଧ୍ୟରୁ ୪୧% ଗୋଟିଏ ସଂସ୍ଥା ଛାଡ଼ି ଅନ୍ୟତ୍ର କାର୍ଯ୍ୟ କରୁଥିବା ଜଣାପଡ଼ିଛି। ସେହିପରି ୨୮% ନିଜ ଦରମା ଓ ଲାଭପ୍ରାପ୍ତି ପାଇଁ ଚାକିରି ଛାଡୁଥିବାବେଳେ ୧୬% କାର୍ଯ୍ୟ ଦକ୍ଷତା ହାସଲ ପାଇଁ କର୍ମକ୍ଷେତ୍ର ପରିବର୍ତ୍ତନ କରୁଥିବା ଜଣାପଡ଼ିଛି। କର୍ମଚାରୀଙ୍କ ଅସନ୍ତୋଷକୁ ଦୂର କରିବା ପାଇଁ କମ୍ପାନୀ ମାଲିକ ପ୍ରତ୍ୟେକ କାର୍ଯ୍ୟରେ ସେମାନଙ୍କ ସହ ଜଡ଼ିତ ରହିବା ଆବଶ୍ୟକ। ଅନ୍ୟପକ୍ଷେ ଅଫିସରେ ସହଯୋଗ ପ୍ରଦର୍ଶନ କରୁଥିବା ମ୍ୟାନେଜରଙ୍କର ମଧ୍ୟ ଆବଶ୍ୟକତା ରହିଛି। ସୁସମ୍ପର୍କ ସ୍ଥାପନ ଦ୍ୱାରା କର୍ମକ୍ଷେତ୍ରର ବାତାବରଣ ଭଲ ରହିବା ସହ କର୍ମଚାରୀ ଚାକିରି ଛାଡ଼ିବା ଅସୁବିଧା ଦୂର କରାଯାଇପାରିବ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ଜୁନ୍ ୧୫/୨୦୨୩ | Bhubaneswar, Thursday, June 15/2023 | ପୃଷ୍ଠା-୧



**ରେକର୍ଡ ଭାଙ୍ଗିଲେ ଅଦିତି**

କଲମ୍ବିଆର ମେଡେଲିନଠାରେ ଅନୁଷ୍ଠିତ ଆର୍ଚେରୀ ବିଶ୍ୱକପ ଷ୍ଟେଜ୍-୩ରେ ଚମତ୍କାର ପ୍ରଦର୍ଶନ କରି ଭାରତର ଅଦିତି ସ୍ୱାମୀ ୧୮ ବର୍ଷରୁ କମ୍ ବିଶ୍ୱରେକର୍ଡ ଭାଙ୍ଗିଛନ୍ତି।

୧୪

୧୨

**ଶକ୍ତିକାନ୍ତ ଗଭର୍ନର ଅଫ୍ ଦି ଇୟର୍**

ଆର୍‌ବିଆଇ ଗଭର୍ନର ଶକ୍ତିକାନ୍ତ ଦାସଙ୍କୁ ଲଣ୍ଡନରେ ଚଳିତବର୍ଷର 'ଗଭର୍ନର ଅଫ୍ ଦି ଇୟର୍'ପୁରସ୍କାର ପ୍ରଦାନ କରାଯାଇଛି।



# ମା' ଆଗରେ ପୁଅକୁ ଟାଣିନେଲା କୁମ୍ଭୀର

- **ନଦୀରୁ ମିଳିଲା କ୍ଷତବିକ୍ଷତ ମୃତଦେହ**
- **ଉତ୍ତେଜନା, ରାସ୍ତା ଅବରୋଧ**

କେନ୍ଦ୍ରାପଡ଼ା,୧୪ା୬(ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ବ୍ଲକ ଅଧୀନ ନିମପୁର ଗ୍ରାମରେ ବୁଧବାର ପହିଲି ରଜରେ ଏକ ଅଭାବନୀୟ ଘଟଣା ଘଟିଛି । ମା' ସହିତ ନଦୀକୁ ଗୋଧାଇ ଯାଇଥିବା ପୁଅକୁ କୁମ୍ଭୀର ଟାଣି ନେବା ଘଟଣା ଏଠାରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି । ମୃତକ ହେଲେ ଅଶୋକ ଆଚାର୍ଯ୍ୟଙ୍କ ଏକମାତ୍ର ପୁଅ ଆଶୁତୋଷ (୧୦)। ବହୁ ଖୋଜାଖୋଜି ପରେ ଆଶୁତୋଷଙ୍କ କ୍ଷତବିକ୍ଷତ ମୃତଦେହ ନଦୀରୁ ଉଦ୍ଧାର କରାଯାଇଛି। ଏହି ଘଟଣା ପରେ ପହିଲି ରଜର ଖୁସି ନିମପୁର ଗାଁରୁ ଉଭେଇ ଯାଇଛି।

ସୂଚନା ଅନୁଯାୟୀ, ବୁଧବାର ସକାଳ ପ୍ରାୟ ସାଢେ ୭ଟାରେ ଆଶୁତୋଷ ଓ ତାଙ୍କ ମା' ବ୍ରାହ୍ମଣୀ ନଦୀକୁ ଗାଧୋଇବାକୁ ଯାଇଥିଲେ। ତୁଠରେ ହୋଇଥିବା ତାରବାଡ଼ରେ ଉଭୟ ଗାଧୋଉଥିବା ସମୟରେ ଆଗରୁ ଛକି ରହିଥିବା ଏକ ବିରାଟ କୁମ୍ଭୀର ଆଶୁତୋଷଙ୍କୁ ଝାମ୍ପି ନଦୀ ଭିତରକୁ ନେଇଯାଇଥିଲେ। ଏହାଦେଖି ଆଶୁତୋଷଙ୍କ ମା' ଚିତ୍କାର କରିବା ସହିତ ପୁଅକୁ କୁମ୍ଭୀର ମୁହଁରୁ ବଞ୍ଚାଇବାକୁ ଚେଷ୍ଟା କରିଥିଲେ। ହେଲେ ସେଥିରେ ସେ ସଫଳ ହୋଇ ନ ଥିଲେ। ତାଙ୍କ ଚିତ୍କାର ଶୁଣି ପରିବାର ଲୋକଙ୍କ ସହିତ ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚି ପଟ୍ଟାମୁଣ୍ଡାଇ ଦମକଳ ବାହିନୀକୁ ଖବର ଦେଇଥିଲେ। ଏହାପରେ ଗ୍ରାମବାସୀ ଡିଙ୍ଗୀ(ଛୋଟ ଡଙ୍ଗା)ରେ ଆଶୁତୋଷଙ୍କୁ ଉଦ୍ଧାର ପାଇଁ ଉଦ୍ୟମ କରିଥିଲେ। ହେଲେ ନଦୀର ଆର ପଟେ ଆଶୁତୋଷଙ୍କ କ୍ଷତବିକ୍ଷତ ମୃତଦେହ



ଆଶୁତୋଷ ଆଚାର୍ଯ୍ୟ

ମିଳିଥିଲା। ପଟ୍ଟାମୁଣ୍ଡାଇ ଦମକଳ ବାହିନୀଙ୍କ ପାଖରେ ପାୱାର ବୋଟ ନ ଥିଲା। ଆଳି ଦମକଳ ବାହିନୀ ଆସି ଘଟଣାସ୍ଥଳରେ ପହଞ୍ଚିବା ପୂର୍ବରୁ ଗ୍ରାମବାସୀ ଆଶୁତୋଷଙ୍କ ମୃତଦେହକୁ କୂଳକୁ ଆଣିସାରିଥିଲେ। ଏହି ଘଟଣା ପରେ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା । ତୁରନ୍ତ କୁମ୍ଭୀରକୁ ଧରିବା ପାଇଁ ସାଧାରଣରେ ଦାବି କରାଯିବା ସହିତ ସମସ୍ତ ତୁଠରେ ବାରିକେଡ୍ କରିବା ପାଇଁ ଜୋର୍ ଦିଆଯାଇଥିଲା । ସ୍ଥାନୀୟ ଲୋକେ ପଟ୍ଟାମୁଣ୍ଡାଇ-ରାଜନଗର ଉପର ରାସ୍ତାକୁ ଅବରୋଧ କରିଥିଲେ। ଖବର ପାଇ ପଟ୍ଟାମୁଣ୍ଡାଇ ତହସିଲଦାର ☞ପୃଷ୍ଠା-୨

## ନିମ୍ନମାନର ତାରବାଡ଼ ଜୀବନ ନେଉଛି

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ବ୍ଲକ ନିମପୁର ନିକଟସ୍ଥ ବ୍ରାହ୍ମଣୀ ନଦୀରେ ପଞ୍ଚମ ଶ୍ରେଣୀ ଛାତ୍ର ଆଶୁତୋଷ ଆଚାର୍ଯ୍ୟଙ୍କୁ କୁମ୍ଭୀର ଟାଣି ନେଇଥିଲା। ପ୍ରାୟ ଘଣ୍ଟାଏ ପରେ ଆଶୁତୋଷଙ୍କ ମୃତଦେହ ମିଳିଥିଲା। ତୁଠରେ ନିମ୍ନମାନର ତାରବାଡ଼ (ବାରିକେଡ୍) ଯୋଗୁ ଆଶୁତୋଷଙ୍କ ଜୀବନ ଗଲା ବୋଲି ଗ୍ରାମବାସୀ କ୍ଷୋଭ ପ୍ରକାଶ କରି କହିଛନ୍ତି।

କେନ୍ଦ୍ରାପଡ଼ା ଜିଲାର ୭ ନଦୀ ଓ ୨୭ ଶାଖା ନଦୀ ଅଞ୍ଚଳରେ କୁମ୍ଭୀର ଦେଖାଦେବା ସହ ଏମାନଙ୍କ ଉପଦ୍ରବ ଦେଖିବାକୁ ମିଳିଛି। ବନବିଭାଗ ଗତ

**କୁମ୍ଭୀର ଆଁରେ ନଦୀ ତଟବର୍ତ୍ତୀ ଗାଁ**

୧୦ ବର୍ଷ ମଧ୍ୟରେ ମାତ୍ର ୧୬ ଜଣଙ୍କୁ ମୃତ ଦର୍ଶାଇଥିବା ବେଳେ ସ୍ଥାନୀୟ ଅଧିବାସୀ କୁହନ୍ତି, ବହୁ ଲୋକଙ୍କୁ କୁମ୍ଭୀର ଟାଣି ନେଇଥିଲେ ମଧ୍ୟ ମୃତଦେହ ନ ମିଳିବାରୁ ଏହା ମିସିଂ କେସ୍‌ରେ ସୀମିତ ରହିଛି। ଏଭଳି ମିସିଂ ଘଟଣା ସ୍ଥାନୀୟ ୫ଟି ଥାନାରେ ଅନୁସନ୍ଧାନ କଲେ ଶତାଧିକ ମାମଲା ନଜରକୁ ଆସିବ ବୋଲି କୁହନ୍ତି ବୁଦ୍ଧିଜୀବୀ ଦୋଳଗୋବିନ୍ଦ ଜେନା। କୁମ୍ଭୀର ଆକ୍ରମଣର ଶିକାର ସଂଖ୍ୟା ପ୍ରତିବର୍ଷ ୨୦ରୁ ☞ପୃଷ୍ଠା-୨



ଭୁବନେଶ୍ୱର ରାଜ୍ୟ ସଂଗ୍ରହାଳୟରେ ବୁଧବାର ଆୟୋଜିତ ରଜ ଉତ୍ସବରେ ଯୁବତୀମାନେ ଦୋଳି ଖେଳୁଛନ୍ତି। (ଫଟୋ-ମୌସମ)

# ବାଧ୍ୟତାମୂଳକ ହେବ ବୋର୍‌ୱେଲ ପଞ୍ଜୀକରଣ

**ଭୂତଳ ଜଳ ପାଇଁ ଖୁବ୍‌ଶୀଘ୍ର ନୂଆ ନିୟମ**

- **ଗଠନ ହେବ ଗ୍ରାଉଣ୍ଡ ୱାଟର ଅଥରିଟି**
- **ପ୍ରଦୂଷଣକାରୀଙ୍କ ବିରୋଧରେ ୨୦ ଲକ୍ଷ ଯାଏ ହେବ ଜରିମାନା**

ଭୁବନେଶ୍ୱର,୧୪ା୬(ଅନିଲ ଦାସ)

ବର୍ଷାଭାବ ରାଜ୍ୟର ଜଳ ଉତ୍ସ ଉପରେ ଗଭୀର ପ୍ରଭାବ ପକାଇଲାଣି। ପ୍ରଚଣ୍ଡ ଗ୍ରୀଷ୍ମ ଯୋଗୁ ବର୍ଷର ଅଧିକାଂଶ ଦିନ ନଦୀ, ହ୍ରଦ, ଝରଣା, ପୋଖରୀ ଶୁଖିଲା ପଡୁଛି। ଭୂଗର୍ଭ ଜଳ ଉପରେ ଚାପ ବଢ଼ିଚାଲିଛି। ରାଜ୍ୟର ଅନେକ ଜିଲାରେ ଭୂତଳ ଜଳସ୍ତର ଭୟଙ୍କର ଭାବେ ତଳକୁ ଖସିବାରେ ଲାଗିଛି। ଏପରି କି କେତେକ ସ୍ଥାନରେ ଗଭୀର ନଳକୂପରୁ ମଧ୍ୟ ପାଣି ବାହାରୁ ନାହିଁ। ଶିଳ୍ପଠାରୁ ଆରମ୍ଭ କରି ବ୍ୟବସାୟିକ, ଘରୋଇ ବ୍ୟବହାର ପାଇଁ ମନଇଚ୍ଛା ପାଣି ଶୋଷା ଯାଉଥିବାରୁ ପରିସ୍ଥିତି ସଙ୍ଗିନ ହେଲାଣି। ରାଜ୍ୟରେ କେଉଁ ଶିଳ୍ପ କେତେ ପାଣି ଶୋଷୁଛନ୍ତି ତାହାର ମଧ୍ୟ କିଛି ହିସାବ ନାହିଁ। ଭୂତଳ

**ଭୁବନେଶ୍ୱର ସମେତ ୮ ବ୍ଲକ୍‌ରେ ଚିନ୍ତାଜନକ ସ୍ଥିତି**

ଗ୍ରାଉଣ୍ଡ ୱାଟର ରିସୋର୍ସ ଆସେସ୍‌ମେଣ୍ଟ(ଜିଡବ୍ଲ୍ୟୁଆରଏ) ରିପୋର୍ଟ ଅନୁଯାୟୀ ରାଜ୍ୟରେ ୧୮,୯୭,୧୫୦.୫୩ ହେକ୍ଟର ମିଟର ଜଳ ସଞ୍ଚରଣ ହେଉଥିବା ବେଳେ ୧,୫୩, ୧୭୩.୧୬ ହେକ୍ଟର ମିଟର ଜଳ ତଳକୁ ଖସୁଛି। ରାଜ୍ୟର ୮ଟି ବ୍ଲକରେ ଭୂଗର୍ଭସ୍ଥ ଜଳସ୍ତର ବିପଜ୍ଜନକ ଭାବେ ହ୍ରାସ ପାଉଛି। ସେହି ବ୍ଲକ୍‌ଗୁଡ଼ିକ ହେଲା ତାଳଚେର, ବାଲିଆପାଳ, କୋରେଇ, ଗରଦପୁର, ବୋଲଗଡ଼, ନୂଆପଡ଼ା, ଭୁବନେଶ୍ୱର ଓ ନୟାଗଡ଼। ଏହିସବୁ ବ୍ଲକରେ ଭୂଗର୍ଭ ଜଳ ୭୦ରୁ ୯୦ ପ୍ରତିଶତ ବ୍ୟବହାର କରାଯାଉଛି। ଏହାଛଡ଼ା ୪୪ଟି ବ୍ଲକରେ ଭୂତଳ ଜଳ ସେମି କ୍ରିଟିକାଲ ସ୍ତରକୁ ଯାଉଥିବା ନେଇ ସତର୍କ କରାଯାଇଛି। ଉକ୍ତ ବ୍ଲକଗୁଡ଼ିକରେ ଯଦି ଭୂଗର୍ଭସ୍ଥ ଜଳ ସଞ୍ଚରଣ ବୃଦ୍ଧି ନ ହୁଏ ତେବେ ଆଗାମୀ ଦିନରେ ପାଣି ଟୋପାଏ ପାଇଁ ଡହଳବିକଳ ହେବାକୁ ପଡ଼ିବ।

ଜଳ ସଙ୍କଟ ଜଳଜଳ ହୋଇ ଦିଶିଲାଣି। ମନଇଚ୍ଛା ଭୂଗର୍ଭ ଜଳ ବ୍ୟବହାର ଓ ପ୍ରଦୂଷଣକୁ ନେଇ ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ(ଏନ୍‌ଜିଟି) ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏହାର ସୁରକ୍ଷା ପାଇଁ ସ୍ୱତନ୍ତ୍ର ଆଇନ ଆଣିବାକୁ ଏନ୍‌ଜିଟି ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏନ୍‌ଜିଟି ଛାଟ ପରେ ଜଳସମ୍ପଦ ବିଭାଗ ପକ୍ଷରୁ ଏ ନେଇ ତତ୍ପରତା ପ୍ରକାଶ ପାଇଛି। ରାଜ୍ୟରେ ଖୁବ୍‌ଶୀଘ୍ର ଓଡ଼ିଶା ଭୂତଳ ଜଳ ଅଧିନିୟମ(ରୁଲ୍ସ)-୨୦୨୩ କାର୍ଯ୍ୟକାରୀ ନେଇ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି।

ଆଉ ମନଇଚ୍ଛା ଭୂଗର୍ଭରୁ ପାଣି ଶୋଷି ହେବନି। ଏଥିପାଇଁ ପଞ୍ଜୀକରଣ ବାଧ୍ୟତାମୂଳକ ହେବ। ଶିଳ୍ପ, ବ୍ୟବସାୟିକ, ୱାଟର ପାର୍କ, ବୃହତ୍ ଓ ☞ପୃଷ୍ଠା-୨

## ୨୦ ସୁଦ୍ଧା ଓଡ଼ିଶା ଛୁଇଁପାରେ ମୌସୁମୀ

ଭୁବନେଶ୍ୱର,୧୪ା୬(ଅନିଲ ଦାସ)

ଆସନ୍ତା ୨୦ ତାରିଖ ମଧ୍ୟରେ ରାଜ୍ୟକୁ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ପ୍ରବେଶ କରିବା ସମ୍ଭାବନା ରହିଛି। ଏ ନେଇ ପାଗ ଅନୁକୂଳ ହେଉଛି। ଗତ କିଛିଦିନ ଧରି ରାଜ୍ୟକୁ ଉତ୍ତର-ପୂର୍ବ ଦିଗରୁ ବାୟୁ ପ୍ରବାହ ହେଉଥିବା ବେଳେ ଦୁଇଦିନ ହେବ ଦକ୍ଷିଣ-ପଶ୍ଚିମ ଦିଗରୁ ବହୁଛି। ପାଗ ଅନୁକୂଳ ହେଉଥିବାରୁ ଆସନ୍ତା ୧୮ରୁ ୨୧ ମଧ୍ୟରେ ମୌସୁମୀ ପୂର୍ବ ଭାରତର କିଛି ଅଂଶକୁ ଛୁଇଁବ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଅନ୍ୟପକ୍ଷରେ ରାଜ୍ୟରେ ତାତି ସାମାନ୍ୟ ହ୍ରାସ ପାଇଛି। ଉପକୂଳ ଓଡ଼ିଶାରେ ପାଗ ମେଘୁଆ ରହୁଥିବା ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

**ପ୍ରାଣୀ ଯନ୍ତ୍ରଣାର ତୁଳନା**

# ବିରୋଧୀ ଦମନ ପାଇଁ ଇଡି ଅସ୍ତ୍ର

- **ତାମିଲନାଡୁ ମନ୍ତ୍ରୀ ସେନ୍ଥିଲ ବାଲାଜୀ ଗିରଫ**
- **ହଠାତ୍ ଅସୁସ୍ଥ, ଆଇସିୟୁରେ ଭର୍ତ୍ତି**
- **କେନ୍ଦ୍ରକୁ ଘେରିଲେ ବିରୋଧୀ**

ଚେନ୍ନାଇ/ନୂଆଦିଲ୍ଲୀ,୧୪ା୬
(ପ୍ରସ୍ତୁତି: ଦୁର୍ଯ୍ୟୋଧନ ମିଶ୍ର)

ଦିଲ୍ଲୀ, ମହାରାଷ୍ଟ୍ର, ପଶ୍ଚିମବଙ୍ଗ, ତାମିଲନାଡୁ, କର୍ନାଟକ, ପଞ୍ଜାବ, କେରଳ, ରାଜସ୍ଥାନ, ଛତିଶଗଡ଼, ବିହାର ଓ ଝାଡ଼ଖଣ୍ଡ ସବୁଠି କେନ୍ଦ୍ରୀୟ ଏଜେନ୍ସିଗୁଡ଼ିକର ପ୍ରାଦୁର୍ଭାବ ବଢ଼ିବାରେ ଲାଗିଛି। କେନ୍ଦ୍ରରେ କ୍ଷମତାସୀନ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାର ୨୦୨୪ ଲୋକ ସଭା ନିର୍ବାଚନକୁ ଦୃଷ୍ଟିରେ ରଖି



ଥିରୁ ଭି.ସେନ୍ଥିଲ ବାଲାଜୀ

ଅଣଭାଜପା ଶାସିତ ରାଜ୍ୟଗୁଡ଼ିକରେ ବିରୋଧୀଙ୍କୁ ଦମନ କରିବା ପାଇଁ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ(ସିବିଆଇ) ଏବଂ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି)କୁ ଅସ୍ତ୍ରରୂପେ ବ୍ୟବହାର କରୁଥିବା ଅଭିଯୋଗ ହେଉଛି। ଏହିକ୍ରମରେ ବୁଧବାର ତାମିଲନାଡୁର ବିଦ୍ୟୁତ୍ ଓ ଅବକାରୀ ମନ୍ତ୍ରୀ ତଥା ଡିଏମ୍‌କେ ନେତା ଥିରୁ ଭି. ସେନ୍ଥିଲ

> ସଚିବାଳୟରେ ଇଡି ଚଢ଼ାଉ ଦେଶର ସଂଘୀୟ ସହଯୋଗିତାର ଉଲ୍ଲଂଘନ। ଭାଜପା ନିଜ ବିରୋଧୀଙ୍କୁ ଧମକ ଦେଉଛି। ଏହାର ଦମନମୂଳକ କାର୍ଯ୍ୟାନୁଷ୍ଠାନକୁ ନେଇ ଡିଏମ୍‌କେ ନଇଁଯିବ ନାହିଁ। ଜନ ସାଧାରଣ ସବୁ ଦେଖୁଛନ୍ତି। ୨୦୨୪ ଲୋକ ସଭା ନିର୍ବାଚନରେ ଭାଜପାକୁ ମୁହଁତୋଡ଼ ଜବାବ ଦେବେ।
>
> -ଏମ୍.କେ. ଷ୍ଟାଲିନ୍, ତାମିଲନାଡୁ ମୁଖ୍ୟମନ୍ତ୍ରୀ

ବାଲାଜୀଙ୍କୁ ୧୮ ଘଣ୍ଟା ଜେରା ପରେ ଇଡି ଗିରଫ କରିଛି। ଗିରଫଦାରି ପରେ ସ୍ୱାସ୍ଥ୍ୟ ହଠାତ୍ ବିଗିଡ଼ିଯିବାରୁ ତାଙ୍କୁ ଚେନ୍ନାଇସ୍ଥିତ ଏକ ହସ୍ପିଟାଲରେ ଭର୍ତ୍ତି କରି ଏଞ୍ଜିଓଗ୍ରାମ୍ କରାଯାଇଛି। ଏହି ଗିରଫଦାରିକୁ ବିରୋଧୀ ଦଳଗୁଡ଼ିକ ଦୃଢ଼ ନିନ୍ଦା କରିଛନ୍ତି।

ତାମିଲନାଡୁର ବିଦ୍ୟୁତ୍ ଓ ଅବକାରୀ ମନ୍ତ୍ରୀ ତଥା ଡିଏମ୍‌କେର କରୁର ଜିଲା ସମ୍ପାଦକ ନେତା ଥିରୁ ଭି.ସେନ୍ଥିଲ ବାଲାଜୀଙ୍କୁ ଏକ ☞ପୃଷ୍ଠା-୨

**ସିବିଆଇକୁ ତାମିଲନାଡୁ ମନା**

ତାମିଲନାଡୁ ସରକାର ବୁଧବାର ସିବିଆଇଠାରୁ ସାଧାରଣ ସହମତି ପ୍ରତ୍ୟାହାର କରିଛନ୍ତି। ଏହି କ୍ଷେତ୍ରରେ ତାମିଲନାଡୁ ହେଉଛି ୧୦ମ ରାଜ୍ୟ। ମନ୍ତ୍ରୀ ବାଲାଜୀଙ୍କୁ ଇଡି ଗିରଫ କରିଥିବାବେଳେ ତାମିଲନାଡୁ ସରକାର ଏପରି ନିଷ୍ପତ୍ତି ନେଇଛନ୍ତି। ଏଣିକି ସିବିଆଇକୁ ତାମିଲନାଡୁରେ କୌଣସି ମାମଲାର ତଦନ୍ତ କରିବା ପୂର୍ବରୁ ରାଜ୍ୟ ସରକାରଙ୍କ ଅନୁମତି ନେବ। ପୂର୍ବରୁ ପଶ୍ଚିମବଙ୍ଗ, ଛତିଶଗଡ଼, ତେଲଙ୍ଗାନା, ପଞ୍ଜାବ, ରାଜସ୍ଥାନ, କେରଳ, ଦିଲ୍ଲୀ, ମିଜୋରାମ ଓ ଝାଡ଼ଖଣ୍ଡ ସରକାର ସାଧାରଣ ସହମତି ପ୍ରତ୍ୟାହାର କରିସାରିଛନ୍ତି।

## ଡାକ୍ତର ଜଗନ୍ନାଥ ମହାପାତ୍ରଙ୍କ ପରଲୋକ

ଭୁବନେଶ୍ୱର,୧୪ା୬
(ଅନୁରାଧା ମହାରଣା)

ଭୁବନେଶ୍ୱରର ପୂର୍ବତନ ପୌରାଧ୍ୟକ୍ଷ ତଥା ବିଶିଷ୍ଟ ଡାକ୍ତର ଜଗନ୍ନାଥ ମହାପାତ୍ରଙ୍କ ବୁଧବାର ଶହୀଦନଗରସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ତାଙ୍କୁ ୮୪ ବର୍ଷ ବୟସ ହୋଇଥିଲା। କିଛିଦିନ ହେବ ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ବାସଭବନରେ ଶେଷ ଦର୍ଶନ ପରେ ତାଙ୍କ ପାର୍ଥିବ ଶରୀରକୁ ଜଗନ୍ନାଥ ହସ୍ପିଟାଲ, ବିଏମ୍‌ସି କାର୍ଯ୍ୟାଳୟ ଓ ଶହୀଦନଗର ପୂଜାମଣ୍ଡପକୁ ନିଆଯାଇଥିଲା। ଏହାପରେ ସତ୍ୟନଗର ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା।

ଡା. ମହାପାତ୍ର ୧୯୩୯ ଜାନୟାରୀ ୧୪ରେ ତତ୍କାଳୀନ ଅବିଭକ୍ତ କଟକ ଜିଲାର କରତ ଶାସନରେ ଜନ୍ମ ଗ୍ରହଣ କରିଥିଲେ। ପେସାରେ ଡାକ୍ତର ହୋଇଥିଲେ ମଧ୍ୟ ରାଜନୀତି ଓ ସମାଜସେବାରେ ତାଙ୍କର ଉଲ୍ଲେଖନୀୟ



ଡାକ୍ତର ଜଗନ୍ନାଥ ମହାପାତ୍ର

ଅବଦାନ ରହିଥିଲା। ୧୯୯୭ ମସିହାରେ ସେ ଭୁବନେଶ୍ୱର ମ୍ୟୁନିସିପାଲିଟିର ଶେଷ ଚେୟାରମ୍ୟାନ ହୋଇଥିଲେ। ତାଙ୍କ ସମୟରେ ଅର୍ଥାତ୍ ୨୦୦୦ ମସିହାରେ ଭୁବନେଶ୍ୱର ମ୍ୟୁନିସିପାଲିଟିରୁ ☞ପୃଷ୍ଠା-୨

# ୧୬% ବୟସ୍କା ମହିଳା ଦୁର୍ବ୍ୟବହାରର ଶିକାର

ନୂଆଦିଲ୍ଲୀ,୧୪ା୬

ଦେଶରେ ମହିଳା ନିର୍ଯାତନାକୁ ରୋକିବା ଲାଗି ସରକାରଙ୍କ ପକ୍ଷରୁ ବହୁ ପଦକ୍ଷେପ ଗ୍ରହଣ କରାଯାଇଛି। ମହିଳା ସଶକ୍ତୀକରଣ ପାଇଁ ଅନେକ ଯୋଜନା ଗଠନ ସତ୍ତ୍ୱେ ମହିଳାଙ୍କ ପ୍ରତି ହେଉଥିବା ଅତ୍ୟାଚାର କମିପାରି ନାହିଁ। ଆଜି ବି ଅନେକ ସ୍ଥାନରେ ମହିଳା ନିର୍ଯାତିତା। ଏକ ଅଣସରକାରୀ ସଙ୍ଗଠନ (ଏନ୍‌ଜିଓ) ହେଲ୍ପଏଜ୍ ଇଣ୍ଡିଆ ପକ୍ଷରୁ କରାଯାଇଥିବା ସର୍ଭେ ଅନୁସାରେ ଦେଶରେ ୧୬ ପ୍ରତିଶତ ବୟସ୍କା ମହିଳା ଦୁର୍ବ୍ୟବହାରର ଶିକାର ହେଉଛନ୍ତି।

ଉଭୟ ଶାରୀରିକ ଓ ମାନସିକ ଭାବେ ବୟସ୍କା ମହିଳାଙ୍କୁ ନିର୍ଯାତନା ଦିଆଯାଉଥିବା ସର୍ଭେ ରିପୋର୍ଟରେ ଉଲ୍ଲେଖ କରାଯାଇଛି।



ଜୁନ୍ ୧୫ରେ ପାଳନ ହେଉଥିବା ବିଶ୍ୱ ବୟସ୍କ ଦୁର୍ବ୍ୟବହାର ସଚେତନତା ଦିବସ ଅବସରରେ ଏନ୍‌ଜିଓ ତରଫରୁ ୬୦ରୁ ୯୦ ବୟସ ବର୍ଗର ମହିଳାଙ୍କୁ ନେଇ ଏହି ସର୍ଭେ କରାଯାଇଛି। ମେ'ରୁ ଜୁନ୍ ମାସ ପର୍ଯ୍ୟନ୍ତ ଚାଲିଥିବା ଉକ୍ତ ସର୍ଭେରେ ଉଭୟ ସହରାଞ୍ଚଳ, ଗ୍ରାମାଞ୍ଚଳ ଓ ଦୁଇ କେନ୍ଦ୍ରଶାସିତ ଅଞ୍ଚଳର ମୋଟ ୭,୯୧୧ ଜଣ ମହିଳାଙ୍କୁ ସାମିଲ କରାଯାଇଥିଲା।

ଦୁର୍ବ୍ୟବହାରର ଶିକାର ହେଉଥିବା ମୋଟ ବୟସ୍କ ମହିଳାଙ୍କର ୫୦%ଙ୍କୁ ଶାରୀରିକ ନିର୍ଯାତନା ଦିଆଯାଉଛି। ସେହିପରି ୪୬%ଙ୍କୁ ବେଖାତିର ବ୍ୟବହାର ପ୍ରଦର୍ଶନ କରାଯାଉଥିବାବେଳେ ୪୦%ଙ୍କୁ ମାନସିକ ଏବଂ ଆବେଗ ☞ପୃଷ୍ଠା-୨

# ମଣିପୁର ହିଂସାରେ ୯ ମୃତ, ୧୦ ଆହତ

ଇମ୍ଫାଲ/ନୂଆଦିଲ୍ଲୀ,୧୪ା୬

ଭାଜପା ଶାସନାଧୀନ ମଣିପୁରରେ ମେଇତି ଓ କୁକି ସମ୍ପ୍ରଦାୟ ମଧ୍ୟରେ ମାସାଧିକ କାଳ ଧରି ଚାଲିଥିବା ଜାତିଆଣ ସଂଘର୍ଷ ଥମିବାର ନାଁ ନେଉନାହିଁ। ମଙ୍ଗଳବାର ବିଳମ୍ବିତ ରାତିରେ ଖାମେନ୍‌ଲୋକ ଅଞ୍ଚଳର କୁକି ଗ୍ରାମରେ ବନ୍ଧୁକଧାରୀମାନେ ସ୍ଥାନୀୟ ଲୋକଙ୍କୁ ଆକ୍ରମଣ କରିଛନ୍ତି। ଏହି ହିଂସାରେ ଜଣେ ମହିଳାଙ୍କ ସମେତ ୯ ଜଣଙ୍କ ମୃତ୍ୟୁ ଘଟିଛି। ସାନି ହିଂସା ପରେ ସମ୍ପୃକ୍ତ ଅଞ୍ଚଳରେ ପୁଣି କର୍ଫ୍ୟୁ ଜାରି କରାଯାଇଛି। ରାଜ୍ୟକୁ ଶାନ୍ତି ଫେରାଇ ଆଣିବା ପାଇଁ ମଣିପୁର ଓ କେନ୍ଦ୍ର ସରକାରଙ୍କ ସବୁ ଉଦ୍ୟମ ବିଫଳ ହୋଇଥିବା କୁହାଯାଉଛି। କଂଗ୍ରେସ ବୁଧବାର ମଣିପୁର ସ୍ଥିତିକୁ

**ଶାନ୍ତି ଆଣିବାରେ କେନ୍ଦ୍ର ବିଫଳ**

ନେଇ କେନ୍ଦ୍ରକୁ ଟାର୍ଗେଟ କରିଛି। ଦଳର ସାଧାରଣ ସମ୍ପାଦକ ଜୟରାମ ରମେଶ କହିଛନ୍ତି, ମଣିପୁରରେ ଲୋକଙ୍କ ଦୁର୍ଦ୍ଦଶା ବଢ଼ିବାରେ ଲାଗିଛି। ଏହି ଉତ୍ତର ପୂର୍ବାଞ୍ଚଳ ରାଜ୍ୟକୁ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କ ବିଳମ୍ବିତ ଗସ୍ତର କିଛି ସୁଫଳ ମିଳିନାହିଁ। ଏପରି କି ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ଗତ ସପ୍ତାହରେ ମଣିପୁର ଯାଇ ମୁଖ୍ୟମନ୍ତ୍ରୀ ଏନ୍. ବୀରେନ୍ ସିଂଙ୍କ ସହ ଆଲୋଚନା କରି ସମାଧାନ ଉଦ୍ୟମ କରିଥିଲେ। ହେଲେ ଅଶାନ୍ତି ଦୂର ହୋଇନାହିଁ। ଏସବୁ ସତ୍ତ୍ୱେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନୀରବ ରହିଛନ୍ତି। ମଣିପୁରର ସାମ୍ପ୍ରତିକ ସ୍ଥିତି ପାଇଁ ଭାଜପାର ବିଭାଜନବାଦୀ ରାଜନୀତି ଦାୟୀ ବୋଲି ଜୟରାମ ସମାଲୋଚନା କରିଛନ୍ତି।

ପ୍ରକାଶ ଯେ, ମେଇତି ସମ୍ପ୍ରଦାୟର ଲୋକଙ୍କୁ ଏସ୍‌ଟି ବର୍ଗରେ ସଂରକ୍ଷଣ ଦେବା ପାଇଁ ମଣିପୁର ହାଇକୋର୍ଟଙ୍କ ରାୟ ପରେ ମେ' ୩ରୁ ରାଜ୍ୟରେ ହିଂସା ଲାଗିରହିଛି। ଅଦ୍ୟାବଧି ୧୦୬ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ୩୧୦ ଜଣ ଆହତ ହେଲେଣି। ରାଜ୍ୟର ଶାନ୍ତିଶୃଙ୍ଖଳା ବଜାୟ ରଖିବା ପାଇଁ ସେନା ଓ ଅର୍ଦ୍ଧସାମରିକ ବଳ ଯବାନଙ୍କୁ ମୁତୟନ କରାଯାଇଛି। ୧୬ ଜିଲା ମଧ୍ୟରୁ ୧୧ଟିରେ କର୍ଫ୍ୟୁ ଜାରି କରାଯାଇଛି। ଗୁଜବ ରୋକିବା ପାଇଁ ଇଣ୍ଟରନେଟ୍ ସେବାକୁ ବାତିଲ କରାଯାଇଛି।

**ଆଜିର ମନ୍ତବ୍ୟ**

"ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ତାମିଲନାଡୁ ଗସ୍ତ କରି ଆସନ୍ତା ଲୋକ ସଭା ନିର୍ବାଚନରେ ଭାଜପା ୨୫ ଆସନ ଦଖଲ କରିବ ବୋଲି କହିବା ପରେ ମନ୍ତ୍ରୀଙ୍କୁ ଗିରଫ କରାଯାଇଛି। ଭାଜପା ଇଡି ଜରିଆରେ ଏପରି କାର୍ଯ୍ୟାନୁଷ୍ଠାନ ନେଇ ଆସନ ଜିତିବାକୁ ଲକ୍ଷ୍ୟ ରଖିବା ମୂର୍ଖାମି ବ୍ୟତୀତ କିଛି ନୁହେଁ। ତାମିଲନାଡୁ ଭାଜପାକୁ ବରଦାସ୍ତ କରିବ ନାହିଁ। **–ଡି. ରାଜା, ସିପିଆଇ ସାଧାରଣ ସମ୍ପାଦକ**



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କହି ଜାଣିଲେ କଦଳୀ ମୁଣ୍ଡା ବିକାଯାଏ**
**କହି ନ ଜାଣିଲେ ମାଗୁର ମାଛ ଚାହିଁଥାଏ ।**

ଜଣେ ଯଦି ଭଲ କଥା କହିପାରେ, ତା'ହେଲେ ସେ ଖରାପ ଜିନିଷକୁ ମଧ୍ୟ ଖୁବ୍‌ଶୀଘ୍ର ଉପଯୁକ୍ତ ମୂଲ୍ୟରେ ବିକ୍ରି କରିଦେଇପାରେ। ବ୍ୟବସାୟରେ ସଫଳତା ପାଇଁ ମଧୁର ବଚନ ଓ ଉତ୍ତମ ବ୍ୟବହାରର ଅଧିକ ଗୁରୁତ୍ୱ ରହିଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**କରୁ ଯଦି ଡରୁ କାହିଁକି ?**
**ଡରୁ ଯଦି କରୁ କାହିଁକି ?**

କାର୍ଯ୍ୟ କରିସାରିବା ପରେ ତା'ର ଫଳାଫଳକୁ ନେଇ ମନରେ କୌଣସି ପ୍ରକାର ଦ୍ୱନ୍ଦ୍ୱ ଭାବ ବା ଭୟ ରଖିବା ଅନୁଚିତ। ସେହିପରି କୌଣସି କାର୍ଯ୍ୟ ଆରମ୍ଭ କରିବାରେ ଯଦି ମନରେ କିଛି ଭୟ ରହିଥାଏ ତା'ହେଲେ ସେଭଳି କାର୍ଯ୍ୟଠାରୁ ନିଜକୁ ଦୂରେଇ ରଖିବା ବା ସେଥିରେ ହାତ ନ ଦେବା ଉଚିତ୍ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ**

# କମ୍ପ୍ରୋମାଇଜ୍ ନ କଲେ କାମ ମିଳେନି: ରାଣୀ ପ୍ରିୟଦର୍ଶିନୀ

ଭୁବନେଶ୍ୱର, ୧୪।୬
(ସତ୍ୟଜିତ୍ ରାଉତ)

## ଓଲିଉଡ୍‌ରେ କାଷ୍ଟିଂ କାଉଚ୍ ଝଡ଼



ଓଲିଉଡ୍‌ରେ କାଷ୍ଟିଂ କାଉଚ୍‌କୁ ନେଇ ଲାଗି ରହିଥିବା ବିବାଦ ଦିନକୁ ଦିନ ଘନେଇବାରେ ଲାଗିଛି। ପ୍ରତିଦିନ ଜଣେ ପରେ ଜଣେ ଅଭିନେତ୍ରୀ କାଷ୍ଟିଂ କାଉଚ୍‌କୁ ନେଇ ମୁହଁ ଖୋଲୁଛନ୍ତି। ବୁଧବାର ଅଭିନେତ୍ରୀ ରାଣୀ ପ୍ରିୟଦର୍ଶିନୀ ଏ ପ୍ରସଙ୍ଗରେ ବହୁ କଥା କହିଛନ୍ତି। ଏପରିକି କମ୍ପ୍ରୋମାଇଜ୍ ନ କଲେ ନବାଗତା ଅଭିନେତ୍ରୀମାନଙ୍କୁ କାମ ମିଳେ ନାହିଁ। ଓଲିଉଡ୍‌ରେ କାଷ୍ଟିଂ କାଉଚ୍ ହେଉଛି। ମୁଁ ମଧ୍ୟ କାଷ୍ଟିଂ କାଉଚ୍‌ର ଶିକାର ହୋଇଛି। ଏଠି ଝିଅମାନଙ୍କୁ ଏକ୍ସପୋଜ୍ କରାଯାଉଛି। ନବାଗତା ଅଭିନେତ୍ରୀମାନଙ୍କୁ ହିରୋଇନ୍ କରାଇଦେବା ପାଇଁ ବର୍ଷ ବର୍ଷ ଧରି ୟୁଜ୍ କରାଯାଉଛି। ପ୍ରଥମେ ପାଖରେ ରଖି କମ୍ପ୍ରୋମାଇଜ୍ କରନ୍ତି ଓ ପରେ ସେମାନଙ୍କୁ କାମ ଦିଅନ୍ତି। ବିନା କାଷ୍ଟିଂ କାଉଚ୍ ଓ କମ୍ପ୍ରୋମାଇଜ୍‌ରେ କୌଣସି ପ୍ରଯୋଜକ-ନିର୍ଦ୍ଦେଶକ କାମ ଦିଅନ୍ତି ନାହିଁ। ଯିଏ ବି କାଷ୍ଟିଂ କାଉଚ୍ କରିଛି ବରବାଦ ହୋଇ ଘରେ ବସିଛି। କିନ୍ତୁ ବିନା କମ୍ପ୍ରୋମାଇଜ୍‌ରେ କାମ କରିଥିବା ଅଭିନେତ୍ରୀ ଆଜି ଆଗଧାଡ଼ିରେ ରହି ସୁପରହିଟ୍ ବୋଲି ରାଣୀ କହିଛନ୍ତି। ମଙ୍ଗଳବାର ଅଭିନେତ୍ରୀ ରୂପଶ୍ରୀ ପଣ୍ଡା ମଧ୍ୟ ମୁହଁ ଖୋଲି କହିଥିଲେ, ପ୍ରଯୋଜନା ସଂସ୍ଥାର କଥାରେ ରାଜି ନ ହେବାରୁ ତାଙ୍କୁ ସିରିଏଲ୍‌ରେ ସୁଯୋଗ ଦିଆଯାଇ ନ ଥିଲା। ତେବେ ଏଭଳି ଏକାଧିକ ଅଭିଯୋଗ ପରେ ଓଲିଉଡ୍ ଜଗତକୁ ନେଇ ଚାରିଆଡ଼େ ଚର୍ଚ୍ଚା ସୃଷ୍ଟି ହେଉଛି। ସୂଚନାଯୋଗ୍ୟ, ଫିଲ୍ମରେ କାମ ଦେବାକୁ କହି ପ୍ରଯୋଜକ ସଞ୍ଜୟ ନାୟକ ନବାଗତାଙ୍କୁ ଶୋଷଣ କରିଥିବା ନେଇ ପ୍ରକୃତି ମିଶ୍ର କିଛିଦିନ ତଳେ ଗଣମାଧ୍ୟମରେ ଅଭିଯୋଗ କରିଥିଲେ। ଏହାପରେ କୋର୍ଟରେ ମାନହାନି ମାମଲା କରିବେ ବୋଲି ସଞ୍ଜୟ ଚେତାବନୀ ଦେଇଥିଲେ। ପରେ ପ୍ରକୃତି ଶନିବାର ମୁମ୍ବାଇ ୱେଷ୍ଟ ଅନ୍ଧେରୀସ୍ଥିତ ଦାଦାଭାଇ ନାରୋଜି ନଗର ଥାନାରେ ସଞ୍ଜୟଙ୍କ ବିରୋଧରେ ଏତଲା ଦେବା ପରେ ପୋଲିସ ମାମଲା ରୁଜୁ କରିଛି। ତେବେ ଏହାପରଠାରୁ କାଷ୍ଟିଂ କାଉଚ୍‌କୁ ନେଇ ଓଲିଉଡ୍ ଜଗତରେ ଝଡ଼ ସୃଷ୍ଟି ହୋଇଛି।

# ଆର୍‌ବିଆଇ ନିର୍ଦ୍ଦେଶକୁ କଂଗ୍ରେସର ବିରୋଧ

ନୂଆଦିଲ୍ଲୀ, ୧୪।୬ (କୁଲ୍‌ଦୀପ୍ ସିଂ)

**ଜାଣିଶୁଣି ଖିଲାପକାରୀଙ୍କୁ ବୁଝାମଣା ସୁଯୋଗ ପ୍ରସଙ୍ଗ**

ଜାଣିଶୁଣି ଋଣ ଖିଲାପ କରିଥିବା ବ୍ୟକ୍ତି ଓ ସଂସ୍ଥା ସହ ବୁଝାମଣା କରି ସେମାନଙ୍କ ଋଣକୁ ଫଇସଲା କରିବାକୁ ଗତ ୮ ତାରିଖରେ ଆର୍‌ବିଆଇ ବ୍ୟାଙ୍କ ଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ନିର୍ଦ୍ଦେଶ ବିରୋଧରେ କଂଗ୍ରେସ କେନ୍ଦ୍ର ସରକାରଙ୍କ ଉପରେ ବୁଧବାର ବର୍ଷିଛି। ଆର୍‌ବିଆଇ ଏହି ନିର୍ଦ୍ଦେଶର ତୁରନ୍ତ ପୁନର୍ବିଚାର କରିବା ପାଇଁ ଦଳ ଦାବି କରିଛି। ଏଥିସହ ଖିଲାପକାରୀଙ୍କ ସହ ଆପୋଷ ବୁଝାମଣା କରି କୋଣସି ଋଣ ସମାଧାନ ନ କରିବାକୁ ବ୍ୟାଙ୍କକୁ ନିର୍ଦ୍ଦେଶ ଦେବାକୁ ଦାବି କରାଯାଇଛି। ଏଥିସହ ଆର୍‌ବିଆଇ ଉପରେ ଏହି ନିର୍ଦ୍ଦେଶ ସମ୍ପର୍କିତ କେନ୍ଦ୍ର ସରକାରଙ୍କ ପକ୍ଷରୁ କୌଣସି ଚାପ ରହିଛି କି ସେ ସମ୍ପର୍କରେ ଜଣାଇବାକୁ କଂଗ୍ରେସ ଏମ୍‌ପି ଜୟରାମ୍ ରମେଶ କହିଛନ୍ତି। ଏଥିସହ ଏଭଳି ନିର୍ଦ୍ଦେଶ ଆର୍‌ବିଆଇ କାହିଁକି ଦେଲେ ସେ ସମ୍ପର୍କରେ ଜୟରାମ ଏକ ସ୍ପଷ୍ଟୀକରଣ ମାଗିଛନ୍ତି। ଜୟରାମ କହିଛନ୍ତି ଯେ, ଗତ ୨ବର୍ଷ ତଳେ ଆର୍‌ବିଆଇ ଏକ ସ୍ୱତନ୍ତ୍ର ନିର୍ଦ୍ଦେଶନାମା ଜାରି କରି ଜାଣିଶୁଣି ଖିଲାପ କରୁଥିବା ସଂସ୍ଥା ବା ବ୍ୟକ୍ତି ସହ କୌଣସି ପ୍ରକାରେ ଆପୋଷ ବୁଝାମଣା ନ କରିବା ସହ ସାନି ଋଣ ମଞ୍ଜୁର ନ କରିବାକୁ ବ୍ୟାଙ୍କଗୁଡ଼ିକୁ ନିର୍ଦ୍ଦେଶ ଦେଇଥିଲେ। ଏବେ କିପରି ଆର୍‌ବିଆଇ ନିଜ ନିର୍ଦ୍ଦେଶକୁ ବଦଳାଉଛି ତାହା ଆଶ୍ଚର୍ଯ୍ୟ କରୁଛି ବୋଲି ଜୟରାମ୍ କହିଛନ୍ତି।

# ଉମରକୋଟରେ ଦେଶର ପ୍ରଥମ ପାଇରଲସିସ୍ ପ୍ଲାଣ୍ଟ

ଉମରକୋଟ, ୧୪।୬ (ସନ୍ତୋଷ ଶତପଥୀ)

ନବରଙ୍ଗପୁର ଜିଲା ପ୍ରଶାସନ ଉଦ୍ୟମରେ ଉମରକୋଟ କୃଷି ବିଭାଗ ଫାର୍ମରେ ବୁଧବାର ଭାରତରେ ସର୍ବ ପ୍ରଥମ ପାଇରଲସିସ୍ ପ୍ଲାଣ୍ଟ ସ୍ଥାପିତ ହୋଇଛି । ରାଷ୍ଟ୍ରୀୟ କୃଷି ବିକାଶ ଯୋଜନାରେ ଏହା ସ୍ଥାପନ କରାଯାଇଛି। ଶସ୍ୟ ଅମଳ ପରେ ଚାଷୀ ବର୍ଜ୍ୟବସ୍ତୁକୁ ଫୋପାଡ଼ି ଦିଅନ୍ତି କିମ୍ବା ନିଆଁ ଲଗାଇ ଦେଇ ଥାନ୍ତି। କିନ୍ତୁ ଏହି ପ୍ଲାଣ୍ଟରେ ୨ଟି ୟୁନିଟ ରହିଛି। ଗୋଟିଏକୁ ବାଇଓମାସ୍ ପଲିଟାଇଜର ଓ ଅନ୍ୟଟି ମୋବାଇଲ ପାଇରଲାଇଜର ବୋଲି କୁହାଯାଉଛି। ପ୍ରଥମେ ବାୟୋମାସ୍ ପଲିଟାଇଜର ମେଶିନରେ ନଡ଼ା, କାଠି ଓ ପରିତ୍ୟକ୍ତ ବସ୍ତୁକୁ ଗୁଣ୍ଡ କରିଥାଏ। ଏହାପରେ ଅଳ୍ପ ପାଣି ପକାଇ ତାକୁ ପିଲେଟ ତିଆରି କରାଯାଇଥାଏ। ଏହି ଯନ୍ତ୍ରଟିକୁ ବିଦ୍ୟୁତ୍ ମାଧ୍ୟମରେ ସଞ୍ଚାଳନ କରାଯାଏ।

# ଅକ୍ସିଜେନ୍ ପ୍ଲାଣ୍ଟରୁ ୫-ଟି ବୋର୍ଡ ହଟିଲା

ନବରଙ୍ଗପୁର, ୧୪।୬
(ସଦାଶିବ ପ୍ରହରାଜ)

## ଜଳଶକ୍ତି ମନ୍ତ୍ରୀଙ୍କ ଜିଲା ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ

ମୋଦି ସରକାରଙ୍କ ୯ ବର୍ଷ ପୂର୍ତ୍ତି ପରେ ବିକାଶ ତୀର୍ଥଯାତ୍ରାରେ କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ନବରଙ୍ଗପୁରରେ ବୁଧବାର ଯୋଗ ଦେଇଥିଲେ। ଭାରତମାଳା ସଡକ ନିର୍ମାଣ କାର୍ଯ୍ୟ ଦେଖିବା ଶହ ଭାରତମାଳା ଅସ୍ଥାୟୀ କାର୍ଯ୍ୟାଳୟରେ କିଛି ସମୟ ସମୀକ୍ଷା କରି ସେଠାରୁ ଜିଲା ସଦର ମହକୁମା ଡାକ୍ତରଖାନା ଯାଇ କେନ୍ଦ୍ରୀୟ ଅନୁଦାନରେ ହୋଇଥିବା ଅକ୍ସିଜେନ୍ ପ୍ଲାଣ୍ଟ ଦେଖିଥିଲେ। ସେଠାରେ ୫-ଟି ବୋର୍ଡ ଲାଗିଥିବାରୁ ବିରକ୍ତି ପ୍ରକାଶ କରି ତୁରନ୍ତ ବୋର୍ଡ ହଟାଇବାକୁ ସିଡିଏମ୍‌ଓ କାଳୀ ପ୍ରସାଦ ବେହେରାଙ୍କୁ କହିଥିଲେ। ପରେ ବୋର୍ଡ ହଟାଯାଇଥିଲା। ସେଠାରୁ ଯାଇ ଏକ ଖବରଦାତା ସମ୍ମିଳନୀରେ ଯୋଗଦେଇଥିଲେ। ଏହାପରେ ସ୍ଥାନୀୟ ଏକ ହୋଟେଲରେ ଦଳୀୟ କର୍ମୀମାନଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ପରେ ସାମାଜିକ ଗଣମାଧ୍ୟମ ବ୍ୟକ୍ତିମାନଙ୍କ ସହ ବିଭନ୍ନ ବିଷୟରେ ଆଲୋଚନା କରିଥିଲେ। ସମସ୍ତ କାର୍ଯ୍ୟକ୍ରମ ଶେଷ କରି କେନ୍ଦ୍ରମନ୍ତ୍ରୀ ଟୁଡୁ କୋରାପୁଟ ଯାଇଥିଲେ। କାର୍ଯ୍ୟକ୍ରମରେ ଦଳୀୟ ରାଜ୍ୟ ଉପସଭାପତି ତଥା ପୂର୍ବତନ ଏମ୍‌ପି ବଳଭଦ୍ର ମାଝି ଓ ପର୍ଶୁରାମ ମାଝି, ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ, ଭାଜପା ନବରଙ୍ଗପୁର ଜିଲା ସଭାପତି ଜଗଦୀଶ ବିଷୋୟୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଗୌରୀ ମାଝି ପ୍ରମୁଖ ଯୋଗଦେଇଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ଟିକିଏ କଥାରେ କ୍ରୋଧ ପ୍ରକାଶ କରି ପରିବେଶକୁ ଗମ୍ଭୀର କରିଦେଇପାରନ୍ତି। କର୍ମକ୍ଷେତ୍ରକୁ ଯିବା ବାଟରେ ଅପ୍ରିୟ ସତ୍ୟ କହିବା ସମସ୍ୟା ସୃଷ୍ଟିର କାରଣ ହୋଇପାରେ। ଧନାଧିପ ବଳହୀନ ମଙ୍ଗଳଙ୍କ ସହ ରହିଥିବାରୁ ଅର୍ଥ ସମ୍ପର୍କକୁ ନେଇ ବିବାଦ ଦେଖାଦେବ। ଚୁ-ନାମାକ୍ଷର ବ୍ୟକ୍ତି ଯେଉଁଥିପାଇଁ ଚିନ୍ତା କରୁଥିଲେ ଆଜି ତାହା ପାଇବେ।

**ବୃଷ**
କର୍ମକ୍ଷେତ୍ରରେ ଗୁରୁଦାୟିତ୍ୱ ବହନ କରି ବ୍ୟସ୍ତ ହୋଇପାରନ୍ତି। ବ-ନାମାକ୍ଷର ବ୍ୟକ୍ତିମାନେ ସଭାସମିତିରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭକରି ଖୁସି ରହିବେ। କଳା, ସଙ୍ଗୀତ, ସାହିତ୍ୟ ଚର୍ଚ୍ଚା, ସାମ୍ବାଦିକତା, ସଭାସମିତି, ତର୍କ ବିତର୍କ ଆଲୋଚନାରେ ଭାଗ ନେଇ ପ୍ରଶଂସିତ ହେବେ। ସନ୍ତାନଙ୍କ ବିବାହ ସମସ୍ୟା ନେଇ ପରିବାରରେ ଦୁଶ୍ଚିନ୍ତା ବଢ଼ିପାରେ।

**ମିଥୁନ**
ଆଜି ଘ-ନାମାକ୍ଷର ବ୍ୟକ୍ତିମାନେ ବିଶେଷ ଖର୍ଚ୍ଚାନ୍ତ ହେବା କାରଣରୁ ମନ ଭଲ ରହି ନ ପାରେ। ଏଣେ ସାଧାରଣ କଥାକୁ ନେଇ ବନ୍ଧୁଙ୍କ ସହ ସୁସମ୍ପର୍କ ବ୍ୟାହତ ହେବାର ଆଶଙ୍କା ରହିଛି। ଅବଶ୍ୟ ନୂତନ ଯୋଜନା ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ। ପ୍ରଶାସନିକ ସ୍ତରରେ ଓ ରାଜନୀତି କ୍ଷେତ୍ରରେ ଲୋକସମ୍ପର୍କ ବଢ଼ିବ।

**କର୍କଟ**
ଆଜି ଆପଣଙ୍କର କୌଣସି କାମ ଅଟକିବ ନାହିଁ ଏବଂ ବିଭିନ୍ନ ଦିଗରୁ ପ୍ରୋତ୍ସାହନ ଲାଭ କରିବା ସହ ଅନୁକୂଳ ବାତାବରଣରୁ ଖୁସି ରହିବେ। ବାଣିଜ୍ୟ, ଯାନ୍ତ୍ରିକ ଶିଳ୍ପ ଓ ପରିବହନରେ ଆଶାନୁରୂପ ଫଳ ପାଇବେ। ଶତ୍ରୁ ଚେଷ୍ଟା କଲେ ମଧ୍ୟ କ୍ଷତି କରିପାରିବେ ନାହିଁ। ହେ-ନାମାକ୍ଷର ବ୍ୟକ୍ତିଙ୍କ ଲାଗି ଆର୍ଥିକ ଦିଗଟି ଭଲ ରହିବ।

**ସିଂହ**
ଆଗାମୀ ସମୟକୁ ଆଖିଆଗରେ ରଖି କାମ କରନ୍ତୁ, ସବୁକିଛି ଠିକ୍ ହୋଇଯିବ। ବନ୍ଧୁଙ୍କ ଅର୍ଥ ସାହାଯ୍ୟ ଅଟକି ରହିଯାଇଥିବା କାମକୁ ତ୍ୱରାନ୍ୱିତ କରିବ। ମ-ନାମାକ୍ଷର ବ୍ୟକ୍ତିମାନେ ପଦାଧିକାରୀଙ୍କ ସମ୍ମୁଖରେ ମନର ଭାବକୁ ପ୍ରକାଶ କରିବାରେ ଅସମର୍ଥ ହୋଇପାରନ୍ତି। ବ୍ୟବସାୟ ସମ୍ପର୍କିତ ସମସ୍ୟା ମଧ୍ୟାହ୍ନରେ ଦୂର ହୋଇଯିବ।

**କନ୍ୟା**
ସାଧାରଣ କଥାକୁ କେନ୍ଦ୍ରକରି ମାନସିକ ସ୍ଥିତି ବିଗିଡ଼ିଯାଇପାରେ। ଜମିଜମା କ୍ରୟ ବିକ୍ରୟ କ୍ଷେତ୍ରରେ ଥିବା ଆଶା ମନରେ ଦୁଃଖ ଦେଇପାରେ। ପୂ-ନାମାକ୍ଷର ବ୍ୟକ୍ତିମାନଙ୍କ ଆଜିର ଯାତ୍ରାର ଲକ୍ଷ୍ୟ ପୂରଣ ହେବ କିନ୍ତୁ ବ୍ୟସ୍ତତା ବଢ଼ିଯିବ। ଅବହେଳିତ କାମ କିମ୍ବା ଆଳସ୍ୟ ଯୋଗୁ ବନ୍ଧୁ ମହଲରେ ଅପମାନିତ ହୋଇପାରନ୍ତି।

**ତୁଳା**
ପ୍ରତ୍ୟେକ କ୍ଷେତ୍ରରେ ସଂଯମତା ଅବଲମ୍ବନପୂର୍ବକ କାମ କରିବା ଭଲ ହେବ। ବନ୍ଧୁଙ୍କ ସବୁକଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡ଼ିବେ। ପରିବାରରେ ଛୋଟ ଛୋଟ କଥାକୁ ନେଇ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ। ରୁ-ନାମାକ୍ଷର ବ୍ୟକ୍ତିମାନଙ୍କୁ ସନ୍ତାନଙ୍କ ଶିକ୍ଷା ଓ ସ୍ୱାସ୍ଥ୍ୟ ସକାଶେ ବିଶେଷ ଚିନ୍ତା କରିବାକୁ ପଡ଼ିପାରେ।

**ବିଛା**
ନ-ନାମାକ୍ଷର ବ୍ୟକ୍ତିଙ୍କ ସାଧାରଣ କଥାରେ ଭୁଲ୍ ବୁଝାମଣାଜନିତ ପାରିବାରିକ ସମସ୍ୟା ଦେଖାଦେବ। ସାମାଜିକ ସ୍ତରରେ ଗୁଜବ ମାନସିକ ସ୍ଥିତିକୁ ଦୋହଲାଇ ଦେବ। ପରିବହନରେ ଆଗାମୀ କ୍ଷେତ୍ର ସକାଶେ ନିଜକୁ ପ୍ରସ୍ତୁତ କରିପାରନ୍ତି। ସମସ୍ୟା ରହିଥିଲେ ମଧ୍ୟ କାମ ସମ୍ପାଦନ କରିବାରେ କୌଣସି ଅସୁବିଧା ହେବନାହିଁ।

**ଧନୁ**
ଭି-ନାମାକ୍ଷର ବ୍ୟକ୍ତି ମନ୍ଥର ଗତିରେ କର୍ମକ୍ଷେତ୍ରରେ ଆଶାତୀତ ସଫଳତା ପାଇବେ। ପିଲାଙ୍କ ସଫଳତା, ମୂଲ୍ୟବାନ୍ ଦ୍ରବ୍ୟ ଲାଭ, ନୂତନ ବନ୍ଧୁ ସମ୍ପର୍କ ସ୍ଥାପନ, ଯାତ୍ରାର ସୁଯୋଗ ଲାଭରୁ ଖୁସି ରହିବେ। ଆଜିର ଯାତ୍ରାରେ ଯାନ୍ତ୍ରିକ ତ୍ରୁଟି ଅସୁବିଧାରେ ପକାଇପାରେ। ନୂତନ କାର୍ଯ୍ୟାରମ୍ଭ ସକାଶେ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇପାରନ୍ତି।

**ମକର**
ଏକାଧିକ ଛୋଟ ଛୋଟ କାମ ହାତକୁ ନେଲେ ଦ୍ୱନ୍ଦ୍ୱରେ ପଡ଼ିପାରନ୍ତି। କର୍ମକ୍ଷେତ୍ରରେ ହଠାତ୍ କୌଣସି ଘଟଣା ମନକୁ ବିବ୍ରତ କରିପାରେ। ପାରିବାରିକ ସ୍ତରରେ ଜିଦ୍‌ଖୋର ପ୍ରକୃତିରୁ ଅନର୍ଥ ସୃଷ୍ଟି ହେବ। ଖ-ନାମାକ୍ଷର ବ୍ୟକ୍ତିଙ୍କର ବ୍ୟବସାୟ କ୍ଷେତ୍ରରେ ପ୍ରତିଦ୍ୱନ୍ଦ୍ୱିତା ବୃଦ୍ଧି ପାଇବ।

**କୁମ୍ଭ**
ଯେତେ ପ୍ରତିବନ୍ଧକ ଆସିଲେ ମଧ୍ୟ ଦୃଢ଼ତାର ସହ କାମ ହାସଲରେ ସମର୍ଥ ହେବେ। ଗୋ-ନାମାକ୍ଷର ବ୍ୟକ୍ତିଙ୍କର ସଭାସମିତିରେ ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହେବ। କଳା, ସାହିତ୍ୟ, ସଙ୍ଗୀତ କ୍ଷେତ୍ରରେ ସମସ୍ୟା ସମାଧାନ ହେବ। ଜମିଜମା କାରବାର, ନିର୍ମାଣ, ପ୍ରଶାସନ, ଗଣଯୋଗାଯୋଗ କ୍ଷେତ୍ରରେ ଉନ୍ନତ ଫଳ ପାଇବେ।

**ମୀନ**
ଦ-ନାମାକ୍ଷର ବ୍ୟକ୍ତିମାନଙ୍କର ଆଜିର ପ୍ରତ୍ୟୁଷ ଯାତ୍ରା ଓ ନୂତନ କର୍ମାରମ୍ଭ ପ୍ରୀତିପଦ ରହିବ। ନୂତନ ବନ୍ଧୁ ସମ୍ପର୍କ ଆଜିର ଏକ ଗୁରୁତ୍ୱପୂର୍ଣ୍ଣ କାମକୁ ସାକାର କରିବାରେ ସାହାଯ୍ୟ କରିବ। କର୍ମକ୍ଷେତ୍ରରେ ଆପଣ ଯେତେଟା ପରିସ୍ଥିତିକୁ ଜଟିଳ ମନେକରୁଛନ୍ତି ବାସ୍ତବରେ ସେପରି କିଛି ହେବନି। ଅପରିଚିତ ବ୍ୟକ୍ତିକୁ ବିଶ୍ୱାସ କରି ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିପାରେ।

ଆଜି ରଜ ସଂକ୍ରାନ୍ତି, ଶ୍ରୀମନ୍ଦିରରେ ଅନବସର ଦ୍ୱାଦଶୀ ଗୁରୁବାର, ରାଜପ୍ରାସାଦ ବିଜେ, ଜୁନ୍ ୧୫ ତାରିଖ, ସିଦ୍ଧାନ୍ତ ଦର୍ପଣ ପ୍ରଣେତା ମହାମହୋପାଧ୍ୟାୟ ଚନ୍ଦ୍ରଶେଖର ସିଂହ ସାମନ୍ତଙ୍କ ତିରୋଧାନ ତିଥି, ରାଶି ନକ୍ଷତ୍ର-ଦ୍ୱିଜା/ମେଷ, ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୫।୧୧ମି. ଗତେ ଘ.୦୬।୦୪ମି. ମଧ୍ୟେ, ଘ.୦୯।୩୫ମି. ଗତେ ଘ.୧୧।୨୦ମି. ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୧।୨୬ମି. ଗତେ ଘ.୦୩।୦୪ମି. ମଧ୍ୟେ ରାହୁକାଳ।

## ପ୍ରଥମ ପୃଷ୍ଠାରୁ...

### ମା' ଆଗରେ ପୁଅକୁ ...

ଦିଲୀପ ସେଠୀ, ଏସ୍‌ଡିପିଓ ସନ୍ଧ୍ୟାରାଣୀ ବେଉରିଆ ଓ ଗ୍ରାମାଞ୍ଚଳ ଥାନା ଭାରପ୍ରାପ୍ତ ଅଧିକାରୀ ଅନ୍ତର୍ଯ୍ୟାମୀ ବିଶ୍ୱାଳ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ଦିନ ସାଢେ ଗୋଟାଏ ବେଳେ ରାସ୍ତାରୋକୋ ହଟିଥିଲା।

### ନିମ୍ନମାନର ତାରବାଡ଼ ...

ଅଧିକ ହୋଇଛି । କିନ୍ତୁ ଗତ ୧୦ ବର୍ଷ ମଧ୍ୟରେ ମାତ୍ର ୪୮ ଜଣ ଆହତ ହୋଇଥିବା ଓ ଗତ ୫ ବର୍ଷ ମଧ୍ୟରେ ମାତ୍ର ୩୬ ପ୍ରାଣୀଙ୍କ ଜୀବନ ଯାଇଥିବା ବନବିଭାଗ ଦର୍ଶାଉଛି ବୋଲି ଜେନା କହିଛନ୍ତି।

କୁମ୍ଭୀର ଉପଦ୍ରୁତ ନଦୀ ତଟବର୍ତ୍ତୀ ଗାଧୁଆତୁଠରେ ତାରବାଡ଼ ଘେରାଇବା ପାଇଁ ସ୍ଥାନୀୟ ଅଧିବାସୀ ଦାବି କରିଛନ୍ତି । ଏସମ୍ପର୍କରେ ନିମପୁର ଗ୍ରାମର ରାମନାଥ ଦାସ କୁହନ୍ତି, ଜାତୀୟ ଉଦ୍ୟାନ ଭିତରକନିକା ଓ ସଂରକ୍ଷଣ କେନ୍ଦ୍ରରେ ୧୭୦୦ରୁ ଅଧିକ ଲୁଣା କୁମ୍ଭୀର ଥିବା ବନ ବିଭାଗ ଗଣନା କରିଛି। ବାସ୍ତବରେ ଏମାନଙ୍କ ସଂଖ୍ୟା ଅଧିକ। ଭିତରକନିକା ସଂଲଗ୍ନ ବିଭିନ୍ନ ନଦୀ ଏମାନଙ୍କ ବାସସ୍ଥାନ ହୋଇଛି। କୁମ୍ଭୀର ହାବୁଡରେ ପଡ଼ିବା ଏହି ଉପାନ୍ତ ଅଞ୍ଚଳରେ ଏକ ନିତିଦିନିଆ ଘଟଣା ହୋଇଛି । ଭାଗ୍ୟ ଭଲ ଥିଲେ କୁମ୍ଭୀର ହାବୁଡରୁ ନିସ୍ତାର ମିଳେ। ୨୦୧୭ରେ ଡାଙ୍ଗମାଳ ପଞ୍ଚାୟତ ବାଙ୍କୁଆଳ ଗ୍ରାମର ମମତା ଦଳାଇ ନିଜ ଭଉଣୀକୁ ବଞ୍ଚାଇଥିବାବେଳେ କଣ୍ଡିରା ଗ୍ରାମର ସିତୁ ମଲ୍ଲିକ ୨୦୧୮ରେ ଦାଦାଙ୍କୁ କୁମ୍ଭୀର ମୁହଁରୁ ରକ୍ଷା କରିଥିଲେ। ଏହି ଦୁଇଜଣଙ୍କୁ ଶିଶୁ ସାହସିକତା ପୁରସ୍କାର ମିଳିଥିବା ସେ ପ୍ରକାଶ କରିଛନ୍ତି। କୁମ୍ଭୀର ଆତଯାତ ନଦୀରେ ସ୍ୱତନ୍ତ୍ର ଗାଧୁଆତୁଠ ନିର୍ମାଣ ଦାୟିତ୍ୱ ବନବିଭାଗ ନେଇଛି। ମାତ୍ର ଭିତରକନିକାସ୍ଥିତ ସମସ୍ତ ୪୧୮ ଗ୍ରାମରେ ଗାଠୁଆତୁଠ ନିର୍ମାଣ ହୋଇ ପାରିନାହିଁ। ଚଣ୍ଡିଆଗଡ଼ି ଗ୍ରାମର କିଶୋର ସରକାର କୁହନ୍ତି, କୁମ୍ଭୀର ଉପଦ୍ରବ କରୁଥିବା ନଦୀ ତଟବର୍ତ୍ତୀ ଅଞ୍ଚଳବାସୀଙ୍କ ପାଇଁ ସୁରକ୍ଷିତ ଗାଧୁଆତୁଠ ଆବଶ୍ୟକ। ନଦୀ କୂଳରେ ବହ୍ଲା ଓ ତାରଜାଲି ଦେଇ ଏହି ତୁଠ ହେବା କଥା। ତେବେ କେତେକ ସ୍ଥାନରେ ନିମ୍ନଧରଣର କାର୍ଯ୍ୟ ଯୋଗୁ ଏହି ତାରବାଡ଼ ରହୁନାହିଁ। ଗଡ଼ଗଡ଼ି, ବାଳକାଟି, ପତ୍ରପୁର, ନୂଆଗାଁଠାରୁ ଆରମ୍ଭ କରି ରାଜଗଡ଼, ନଳଦିଆ, ନରେନ୍ଦ୍ରପୁର, ନିମପୁର ଆଦି ନଦୀ ଘାଟ ଜନଜୀବନ ପାଇଁ ଅସୁରକ୍ଷିତ ହୋଇପଡ଼ିଛି। ଅନ୍ୟପକ୍ଷରେ କୁମ୍ଭୀର ଦ୍ୱାରା ମୃତ୍ୟୁ ଘଟିଲେ ୬ ଲକ୍ଷ ଟଙ୍କା ଏବଂ ଆହତଙ୍କୁ ୫୦ ହଜାର ଟଙ୍କା ସରକାରଙ୍କ ପକ୍ଷରୁ ଅନୁକମ୍ପା ରାଶି ପ୍ରଦାନ କରାଯାଉଛି। କିନ୍ତୁ ତାହା ଯଥେଷ୍ଟ ନୁହେଁ ବୋଲି ଲୋକେ କହୁଛନ୍ତି।

ଏ ସମ୍ପର୍କରେ ରାଜକନିକା ରେଞ୍ଜର ମାନସ ଦାଶ କୁହନ୍ତି, କୁମ୍ଭୀର ଆକ୍ରମଣରୁ ବର୍ତ୍ତିବା ପାଇଁ ସଚେତନତା ସୃଷ୍ଟି କରାଯାଉଛି। ବିଭିନ୍ନ ନଦୀତୁଠରେ ସୁରକ୍ଷା ପାଇଁ ଗାଧୁଆ ତୁଠ ନିର୍ମାଣ ହେଉଛି। ମୃତାହତଙ୍କ ଅଭିଯୋଗକୁ ଭିତ୍ତିକରି କ୍ଷତିପୂରଣ ଦିଆଯାଉଥିବା ରେଞ୍ଜର ଦାଶ ପ୍ରକାଶ କରିଛନ୍ତି।

### ବାଧ୍ୟତାମୂଳକ ହେବ ,,,

କ୍ଷୁଦ୍ର ଶିଳ୍ପ, ଆପାର୍ଟମେଣ୍ଟ କ୍ଷେତ୍ରରେ ବୋର୍‌ୱେଲ(ନଳକୂପ) କିମ୍ବା କୂପ ଖୋଳିବା ସକାଶେ ଅନୁମତି ନେବାକୁ ପଡ଼ିବ। ଭୂଗର୍ଭସ୍ଥ ଜଳ ସମ୍ପର୍କିତ ସମସ୍ତ କାର୍ଯ୍ୟ ତଦାରଖ କରିବାକୁ ଓଡ଼ିଶା ଭୂତଳ ଜଳ କର୍ତ୍ତୃପକ୍ଷ (ଓଡ଼ିଶା ଗ୍ରାଉଣ୍ଡ ୱାଟର ଅଥରିଟି) ଗଠନ ହେବ। ଏଥିରେ ଜଳସମ୍ପଦ ବିଭାଗ ସଚିବ ଅଧ୍ୟକ୍ଷ ରହିବେ ଏବଂ ଭୂତଳ ଜଳ ନିର୍ଦ୍ଦେଶାଳୟ ନିର୍ଦ୍ଦେଶକ ମେମ୍ବର କନ୍‌ଭେନର, ଆର୍‌ଡବ୍ଲୁଏସ୍‌ଏସ୍, ଆଇଆଇଟି ବିଶେଷଜ୍ଞ ଏହାର ସଦସ୍ୟ ରହିବେ। ଯେଉଁମାନେ ବୋର୍‌ୱେଲ କରିବାକୁ ଚାହିଁବେ ସେମାନେ କର୍ତ୍ତୃପକ୍ଷଙ୍କ ନିକଟରେ ଆବେଦନ କରିବେ। ଆବେଦନ ପରେ ଏକ ବିଶେଷଜ୍ଞ ଟିମ୍ କ୍ଷେତ୍ର ପରିଦର୍ଶନ କରି ଆବେଦନକାରୀ ବୋର୍‌ୱେଲ ଖନନ ପାଇଁ ଯୋଗ୍ୟ କି ନୁହେଁ ତାହା ଯାଞ୍ଚ କରିବେ। ଯଦି ସମ୍ପୃକ୍ତ ଅଞ୍ଚଳରେ ପାଇପ ଯୋଗେ ପାନୀୟ ଜଳ ସରକାରଙ୍କ ଦ୍ୱାରା ଯୋଗାଇ ଦିଆଯାଉଥିବ ତେବେ ସେ ସବୁ ସ୍ଥାନରେ ବୋର୍‌ୱେଲ କିମ୍ବା ଡଗ୍‌ୱେଲ ପାଇଁ ଅନୁମତି ମିଳିବ ନାହିଁ। ଆବେଦନକାରୀଙ୍କୁ ଏଥିପାଇଁ ଏକ ଫି' ଜମା କରିବାକୁ ପଡ଼ିବ। ପ୍ରାଥମିକ ଭାବେ ୩ ବର୍ଷ ପାଇଁ ଅନୁମତି ଦିଆଯିବ। ରାଜ୍ୟରେ କେତେ ବୋର୍‌ୱେଲ ଅଛି ସେ ନେଇ ଏକ ସର୍ଭେ କରାଯିବ ବୋଲି ବିଭାଗ ପକ୍ଷରୁ ଜାଣିବାକୁ ମିଳିଛି।

ସେହିପରି ବ୍ୟବସାୟିକ, ବୃହତ୍, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ, ଆପାର୍ଟମେଣ୍ଟ ପାଇଁ ଛାତ ଉପର ବର୍ଷା ଜଳ ସଂରକ୍ଷଣ (ରୁଫ୍ ଟପ୍ ରେନ୍‌ୱାଟର ହାର୍ଭେଷ୍ଟିଂ) ବାଧ୍ୟତାମୂଳକ କରାଯିବ। ଏଥିସହିତ ବଡ଼ ବଡ଼ ଶିଳ୍ପାନୁଷ୍ଠାନ ଅବଜରଭେଶନ ୱେଲ୍ ନିର୍ମାଣ କରିବା ଲାଗି ବାଧ୍ୟତାମୂଳକ କରାଯାଇଛି। ଏହାଦ୍ୱାରା ସେମାନେ ନେଉଥିବା ପାଣିକୁ ଭୂତଳ ଜଳ ନିର୍ଦ୍ଦେଶାଳୟ ଅଧିକାରୀ ପ୍ରତି ୩ ମାସରେ ଥରେ ସ୍ଥିତି ଅନୁଧ୍ୟାନ କରିବେ। ଏହି ନିୟମ କାର୍ଯ୍ୟକାରୀ ହେବା ପରେ ସମସ୍ତ ଶିଳ୍ପାନୁଷ୍ଠାନ କେନ୍ଦ୍ରୀୟ ଭୂତଳ ଜଳ ବୋର୍ଡ ପରିବର୍ତ୍ତେ ଅଥରିଟିଠାରୁ ଅନୁମତି ନେବେ। ଅନ୍ୟପକ୍ଷରେ ଭୂତଳ ଜଳ ପ୍ରଦୂଷଣକାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ପାଇଁ ଏହି ରୁଲ୍‌ସରେ ବ୍ୟବସ୍ଥା ରହିଛି। ବିଭିନ୍ନ ଶିଳ୍ପ ସଂସ୍ଥା ପ୍ରଦୂଷିତ ଜଳ ଏବଂ ସ୍ୱେରେଜ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ନ ଥିବା ଆପାର୍ଟମେଣ୍ଟଗୁଡ଼ିକ ରିଭର୍ସ ବୋରିଂ କରି ଭୂତଳ ଜଳକୁ ପ୍ରଦୂଷିତ କରୁଛନ୍ତି। ସେଗୁଡ଼ିକୁ ଯାଞ୍ଚ କରାଯାଇ ଦଣ୍ଡବିଧାନ ବ୍ୟବସ୍ଥା କରାଯିବ। ସ୍ୱେରେଜ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ନ ଥିବା ଆପାର୍ଟମେଣ୍ଟ ବିରୋଧରେ ୧୦ରୁ ୨୦ ଲକ୍ଷ ଯାଏ ଜରିମାନା କରିବା ବ୍ୟବସ୍ଥା ରହିଛି। ତେବେ ଏଥିରେ ଚାଷ ପାଇଁ ବ୍ୟବହୃତ ଗଭୀର ନଳକୂପକୁ ବାଦ୍ ଦିଆଯାଇଛି। ଚିଠା ରୁଲ୍ସକୁ ଆଇନ ବିଭାଗ ଅନୁମୋଦନ ମିଳିସାରିଛି। କ୍ୟାବିନେଟ ଅନୁମୋଦନ ପରେ ଏହାକୁ କାର୍ଯ୍ୟକାରୀ କରାଯିବ ବୋଲି ଜଳସମ୍ପଦ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି।

### ବିରୋଧୀ ଦମନ ...

ମନି ଲଣ୍ଡରିଂ ମାମଲାରେ ବୁଧବାର ଇଡି ଗିରଫ କରିଛି। ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍‌ଙ୍କ ନେତୃତ୍ୱାଧୀନ କ୍ୟାବିନେଟ୍‌ର କୌଣସି ମନ୍ତ୍ରୀଙ୍କ ବିରୋଧରେ କେନ୍ଦ୍ରୀୟ ଏଜେନ୍ସି ଏପରି କାର୍ଯ୍ୟାନୁଷ୍ଠାନ ନେବାରେ ଏହା ହେଉଛି ପ୍ରଥମ ଘଟଣା। ୪୭ ବର୍ଷୀୟ କରୁର ଷ୍ଟ୍ରଙ୍ଗ୍‌ମ୍ୟାନ୍ ବାଲାଜୀ ୨୦୧୪ରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଜେ. ଜୟଲଳିଥାଙ୍କ ଏଆଇଏଡିଏମ୍‌କେ ସରକାର ଅମଳରେ ପରିବହନ ମନ୍ତ୍ରୀ ଥିବାବେଳେ 'ନିଯୁକ୍ତି ପାଇଁ ଟଙ୍କା' ନେଇଥିବା ଅଭିଯୋଗ ହୋଇଥିଲା। ନିକଟରେ ସୁପ୍ରିମକୋର୍ଟ ଏହି ମାମଲାର ତଦନ୍ତ କରିବାକୁ ଇଡିକୁ ଅନୁମତି ଦେଇଥିଲେ। ଇଡି ଅଧିକାରୀମାନେ ମନି ଲଣ୍ଡରିଂ ନିବାରଣ ଆଇନ (ପିଏମ୍‌ଏଲ୍‌ଏ) ବଳରେ ମଙ୍ଗଳବାର ସଚିବାଳୟ, ବାଲାଜୀଙ୍କ ଭାଇ ଓ ସହଯୋଗୀମାନଙ୍କ ଘର ସମେତ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲେ। ଏହା ପରେ ଅଧିକାରୀମାନେ ତାଙ୍କୁ ଦୀର୍ଘ ସମୟ ଧରି ଜେରା କରିବା ପରେ ଗିରଫ କରିଛନ୍ତି। ଗିରଫଦାରି ପରେ ହଠାତ୍ ସ୍ୱାସ୍ଥ୍ୟରେ ଅବନତି ହେବାରୁ ବୁଧବାର ଭୋର ସମୟରେ ତାଙ୍କୁ ଚେନ୍ନାଇର ଏକ ସରକାରୀ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ପୂର୍ବାହ୍ନ ୧୦ଟା ୪୦ର ତାଙ୍କର କୋରୋନାରି ଏଞ୍ଜିଓଗ୍ରାମ କରାଯାଇଛି। ଯଥାଶୀଘ୍ର ସମ୍ଭବ ବାଇପାସ୍ ସର୍ଜରି କରାଇବାକୁ ଡାକ୍ତର ପରାମର୍ଶ ଦେଇଛନ୍ତି। ଗିରଫ ପରେ ବାଲାଜୀଙ୍କୁ ଏକ ସ୍ଥାନୀୟ କୋର୍ଟରେ ହାଜର କରାଯାଇଥିଲା। ଅଦାଲତ ତାଙ୍କୁ ଜୁନ୍ ୨୮ ପର୍ଯ୍ୟନ୍ତ ବିଚାର ବିଭାଗୀୟ ହାଜତକୁ ପଠାଇଦେଇଛନ୍ତି। କୋର୍ଟରେ ତାଙ୍କୁ ହାଜର କରାଇବା ନେଇ ମାଡ୍ରାସ୍ ହାଇକୋର୍ଟରେ ପୃଥକ୍ ଭାବେ ଏକ ହେବିଅସ୍ କର୍ପସ୍ ଦାଖଲ ହୋଇଥିଲା।

ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍ ବାଲାଜୀଙ୍କ ଉପରେ ଇଡି ଚଢ଼ାଉକୁ 'ଦମନମୂଳକ ରାଜନୀତି' କହି ସମାଲୋଚନା କରିଛନ୍ତି। ଷ୍ଟାଲିନ୍ ଓମାଣ୍ଡୁରାର ଏଷ୍ଟେଟ୍‌ସ୍ଥିତ ତାମିଲନାଡୁ ସରକାରୀ ମଲ୍ଟି ସୁପର ସ୍ପେଶାଲିଟି ହସ୍ପିଟାଲରେ ନିଜ କ୍ୟାବିନେଟ୍ ସହଯୋଗୀ ବାଲାଜୀଙ୍କୁ ଭେଟି ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି। ଇଡି ତଦନ୍ତ ନାମରେ ଡ୍ରାମା କରୁଛି। ଅଧିକାରୀମାନେ ବାଲାଜୀଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଛନ୍ତି ବୋଲି ଷ୍ଟାଲିନ୍ ଅଭିଯୋଗ ଆଣିଛନ୍ତି। ସେହିପରି ବାଲାଜୀଙ୍କୁ ଗିରଫ ବେଳେ ଆବଶ୍ୟକ ପ୍ରକ୍ରିୟାର ଉପଯୁକ୍ତ ଅନୁସରଣ କରାଯାଇ ନ ଥିବା ଡିଏମ୍‌କେ କହିଛି। ବାଲାଜୀଙ୍କୁ ନିର୍ଯାତନା ଦିଆଯାଇଥିବା ନେଇ ସଙ୍କେତ ମିଳିଥିବା ରାଜ୍ୟର ମନ୍ତ୍ରୀ ପି.କେ. ସେକାର ବାବୁ ପ୍ରକାଶ କରିଛନ୍ତି। ହସ୍ପିଟାଲକୁ ନିଆଯାଉଥିବାବେଳେ ବାଲାଜୀ ଅସୁସ୍ଥ ହୋଇପଡ଼ି କାନ୍ଦୁଥିବା ଦୃଶ୍ୟ ଟିଭିରେ ଦେଖିବାକୁ ମିଳିଛି। ବର୍ତ୍ତମାନ ତାଙ୍କୁ ଇଣ୍ଟେନ୍‌ସିଭ୍ କେୟାର ୟୁନିଟ୍ (ଆଇସିୟୁ)ରେ ରଖାଯାଇଛି। ବାଲାଜୀଙ୍କ କାନ ପାଖରେ ଫୁଲିଯାଇଛି। ତାଙ୍କୁ ନିର୍ଯାତନା ଦିଆଯାଇଥିବା ନେଇ ଡାକ୍ତର କହିଥିବା ସେକାର ବାବୁ ଗଣମାଧ୍ୟମ ଆଗରେ ପ୍ରକାଶ କରିଛନ୍ତି। ଇତିମଧ୍ୟରେ ଡିଏମ୍‌କେ ନେତୃତ୍ୱାଧୀନ ଧର୍ମନିରପେକ୍ଷ ପ୍ରଗତିଶୀଳ ମେଣ୍ଟ (ଏସ୍‌ପିଏ) କେନ୍ଦ୍ରର ଭାଜପା ସରକାର ଏବଂ ଇଡି ଉପରେ ବର୍ଷିଛି। ଏହି ପ୍ରସଙ୍ଗରେ ଶୁକ୍ରବାର କୋଏମ୍ବାଟୁରରେ ବିଶାଳ ଜନସଭାର ଆୟୋଜନ କରାଯିବ ବୋଲି ଦଳ କହିଛି। ଏସ୍‌ପିଏ ନେତାଙ୍କ ସମେତ ତାମିଲନାଡୁ କଂଗ୍ରେସ କମିଟି ଅଧ୍ୟକ୍ଷ କେ.ଏସ୍. ଆଲାଗିରି, ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇ), ସିପିଆଇ(ମାର୍କ୍ସବାଦୀ) ଓ ଅନ୍ୟ ବିରୋଧୀ ଦଳଗୁଡ଼ିକର ନେତାମାନେ ଏକ ମିଳିତ ବିବୃତିରେ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏକୁ ଜନବିରୋଧୀ ଆଖ୍ୟା ଦେଇଛନ୍ତି। ଗତ ୯ ବର୍ଷ ମଧ୍ୟରେ କେନ୍ଦ୍ର ସରକାର ଲୋକଙ୍କ ପାଇଁ କିଛି କରି ନ ଥିବା ସେମାନେ ସମାଲୋଚନା କରିଛନ୍ତି। ଅନ୍ୟପକ୍ଷେ ବିରୋଧୀ ଦଳ ନେତା ତଥା ଏଆଇଏଡିଏମ୍‌କେ ମୁଖ୍ୟ ଇ.କେ. ପାଲାନିସ୍ୱାମୀ ନୈତିକତା ଦୃଷ୍ଟିରୁ ବାଲାଜୀ ଇସ୍ତଫା ଦେବା ଉଚିତ ବୋଲି କହିଛନ୍ତି। ରାଜ୍ୟ ଭାଜପା ସଭାପତି କେ.ଏ. ଆନ୍ନାମାଲାଇ ଡିଏମ୍‌କେର ଅଭିଯୋଗକୁ ଖଣ୍ଡନ କରି କହିଛି, ଇଡି କାର୍ଯ୍ୟାନୁଷ୍ଠାନ ନିଯୁକ୍ତି ପାଇଁ ଟଙ୍କା ମାମଲାରେ ୫ ବର୍ଷ ଧରି ଚାଲିଥିବା ତଦନ୍ତର ଏକ ଅଂଶ।

ତାମିଲନାଡୁ ଶକ୍ତିମନ୍ତ୍ରୀ ଥିରୁ ଭି. ସେନ୍ଥିଲ ବାଲାଜୀଙ୍କ ଘରେ ଇଡି ଚଢ଼ାଉ ଓ ତାଙ୍କୁ ଗିରଫ କରାଯିବା ଘଟଣାକୁ କଂଗ୍ରେସ ନିନ୍ଦା କରୁଛି। ବିରୋଧୀଙ୍କୁ ଭୟଭୀତ କରିବା ପାଇଁ ଏହା ହେଉଛି ମୋଦି ସରକାରଙ୍କ ଲଜ୍ଜାଜନକ ଉଦ୍ୟମ। ରାଜନୈତିକ ବିରୋଧୀଙ୍କୁ ଚୁପ୍ କରାଇବା ପାଇଁ କେନ୍ଦ୍ରୀୟ ଏଜେନ୍ସିଗୁଡ଼ିକର ଦୁରୁପଯୋଗ ମୋଦି ସରକାର ପରିଚୟ ପାଲଟିଗଲାଣି। କେନ୍ଦ୍ର ବିରୋଧୀ ଅଭିଯାନ ଆହୁରି ମଜଭୁତ କରାଯିବ।
**–ମଲ୍ଲିକାର୍ଜୁନ ଖାର୍ଗେ, କଂଗ୍ରେସ ଅଧ୍ୟକ୍ଷ**

ସିବିଆଇ ଏବଂ ଇଡିର 'ଭାଜପା ସେନା' ନାମକରଣ କରାଯିବା ଉଚିତ। ତାମିଲନାଡୁ ମନ୍ତ୍ରୀଙ୍କ ଘରେ ଚଢ଼ାଉ ଓ ତାଙ୍କ ଗିରଫଦାରିକୁ ଆମେ ନିନ୍ଦା କରୁଛୁ। ଯେପରି ଭାବେ ତାଙ୍କୁ ଗିରଫ କରାଯାଇଛି ତାହା ମଧ୍ୟ ଅତ୍ୟନ୍ତ ଆପତ୍ତିଜନକ।
**–ଅରବିନ୍ଦ କେଜ୍‌ରିୱାଲ, ଦିଲ୍ଲୀ ମୁଖ୍ୟମନ୍ତ୍ରୀ ତଥା ଏଏପି ଆବାହକ**

ଇଡି ଅଧିକାରୀମାନେ ମନ୍ତ୍ରୀ ବାଲାଜୀଙ୍କୁ ଗିରଫ ବେଳେ ଯେପରି ବ୍ୟବହାର ଦେଖାଇଛନ୍ତି ତାହା ଆଦୌ ଗ୍ରହଣୀୟ ନୁହେଁ। କେଉଁ ରାଜ୍ୟରେ ଏପରି ଘଟିନାହିଁ ଏବଂ କେଉଁ ଦଳ ଏହାକୁ ସାମ୍ନା କରିନାହିଁ କୁହନ୍ତୁ। କେନ୍ଦ୍ର ସରକାର ଓ ଏହାର ଏଜେନ୍ସିଗୁଡ଼ିକ ନିଜ ଆଚରଣକୁ ନେଇ ପୁନର୍ବିଚାର କରିବା ଉଚିତ।
**–ଓମାର ଅବ୍‌ଦୁଲ୍ଲା, ଜମ୍ମୁ-କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ନ୍ୟାଶନାଲ କନ୍‌ଫରେନ୍ସ ଉପାଧ୍ୟକ୍ଷ**

### ୨୦ ସୁଦ୍ଧା ଓଡ଼ିଶା ...

ବେଳେ ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାରେ ତାତି ୨ରୁ ୩ ଡିଗ୍ରୀ ସେଲ୍‌ସିୟସ କମିଛି। ଆସନ୍ତା ୫ ଦିନ ଯାଏ ପାଗରେ କୌଣସି ପରିବର୍ତ୍ତନ ହେବ ନାହିଁ ବୋଲି ସୂଚନା ଦିଆଯାଇଛି। ମଙ୍ଗଳବାର ଭଳି ବୁଧବାର ଉପକୂଳ ଜିଲାରେ ତାତି କମିଥିଲେ ମଧ୍ୟ ଗୁଳୁଗୁଳି ଅସ୍ତବ୍ୟସ୍ତ କରୁଛି। ଅଧିକାଂଶ ଜିଲାରେ ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରୀ ସେଲ୍‌ସିୟସ ତଳେ ରହିଛି। ତେବେ ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାର କେତେକ ଜିଲାରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ସୋନପୁରରେ ସର୍ବୋଚ୍ଚ ତାପମାତ୍ରା ୪୪.୧ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ ସମ୍ବଲପୁର ୪୩.୭, ଝାରସୁଗୁଡ଼ା ୪୩.୬, ହୀରାକୁଦ ୪୩.୭, ଭବାନୀପାଟଣା ୪୩, ବୌଦ୍ଧ ୪୨.୮, ବଲାଙ୍ଗୀର ୪୨.୫, ଟିଟିଲାଗଡ଼ ୪୨.୫, ବରଗଡ଼ ୪୨.୨, ମାଲକାନଗିରି ୪୨, ସୁନ୍ଦରଗଡ଼ ୪୧.୩, ନୂଆପଡ଼ା ୪୧, ତାଳଚେର ୪୦.୬, ଅନୁଗୋଳ ୪୦.୧, ରାଉରକେଲା ୪୦, ନୟାଗଡ଼ ୪୦, ଫୁଲବାଣୀରେ ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି।

### ଡାକ୍ତର ଜଗନ୍ନାଥ ...

ମହାନଗର ନିଗମ ହୋଇଥିଲା। ପରେ ସେ ଭୁବନେଶ୍ୱର ମହାନଗର ନିଗମର ପ୍ରଥମ ନନ୍ ଇଲେକ୍‌ଟେଡ୍ ମେୟର ହୋଇଥିଲେ। ଏଥିସହ ଇଣ୍ଡିଆନ ମେଡିକାଲ ଆସୋସିଏଶନ ଓଡ଼ିଶା ଶାଖାର ସେକ୍ରେଟାରି, ଶହୀଦନଗର ଦୁର୍ଗାପୂଜା କମିଟି ଓ ଭୁବନେଶ୍ୱର ଭସାଣୀ ଉତ୍ସବର ପ୍ରତିଷ୍ଠାତା ଥିଲେ। ତାଙ୍କ ଜନ୍ମ କଟକ ମାଟିରେ ହୋଇଥିଲେ ମଧ୍ୟ କର୍ମକ୍ଷେତ୍ର ରାଜଧାନୀ ଭୁବନେଶ୍ୱର ଥିଲା। ବରିଷ୍ଠ ନାଗରିକଙ୍କୁ ମାଗଣାରେ ଚିକିତ୍ସା ଯୋଗାଇ ଦେବାକୁ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରୁଥିଲେ। ଭୁବନେଶ୍ୱରର ଶିଶୁ ଓ ମହିଳାଙ୍କୁ ସୁଲଭ ଦରରେ ଚିକିତ୍ସା ଲାଗି ଶହୀଦନଗରରେ ଜଗନ୍ନାଥ ହସ୍ପିଟାଲ ନାମରେ ଏକ ଡାକ୍ତରଖାନା ମଧ୍ୟ ନିର୍ମାଣ କରିଥିଲେ। ସେ ଏମ୍‌ବିବିଏସ୍ ପରେ ଏମ୍‌ଡି ଡିଗ୍ରୀ କରିଥିଲେ। ତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି। ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ଶେଷ ଦର୍ଶନ କରିବା ସହ ଶୋକ ପ୍ରକାଶ କରିଛନ୍ତି। ଡା. ମହାପାତ୍ରଙ୍କ ସ୍ତ୍ରୀ ଡାକ୍ତର ସଂଘମିତ୍ରା ମିଶ୍ର ହେଉଛନ୍ତି ଜଣେ ବିଶିଷ୍ଟ ସାହିତ୍ୟିକା।

### ୧୬% ବୟସ୍କା ମହିଳା ...

ଜନିତ ନିର୍ଯାତନା ଭୋଗିବାକୁ ପଡୁଛି। ସର୍ଭେ ମୁତାବକ ୪୦% ମହିଳାଙ୍କୁ ସେମାନଙ୍କ ପୁଅ ଦୁର୍ବ୍ୟବହାର ପ୍ରଦର୍ଶନ କରୁଥିବାବେଳେ ୩୧%ଙ୍କୁ ସେମାନଙ୍କ ସମ୍ପର୍କୀୟ ଏବଂ ୨୭% ବୋହୂମାନଙ୍କ ଦ୍ୱାରା ନିର୍ଯାତିତ ହେଉଥିବା ଜଣାପଡ଼ିଛି। ପରିବାର ଲୋକଙ୍କ ଜରିଆରେ ବୟସ୍କା ମହିଳା ନିର୍ଯାତନାର ଶିକାର ହେଉଥିବା ଏକ ଚିନ୍ତାଜନକ ବିଷୟ। ଭୟରେ ଏ ସମ୍ପର୍କରେ ଥାନାରେ କୌଣସି ପୀଡ଼ିତା ଅଭିଯୋଗ କରିନାହାନ୍ତି। ତେବେ ନିର୍ଯାତନା ବିରୋଧରେ ଥିବା ନ୍ୟାୟିକ ବ୍ୟବସ୍ଥା ସମ୍ପର୍କରେ ୬୮% ମହିଳା ଅବଗତ ନୁହନ୍ତି। ସମାଜରେ ଦେଖାଯାଉଥିବା ଏ ପ୍ରକାର ବ୍ୟତିକ୍ରମକୁ ରୋକିବା ପାଇଁ ସରକାରଙ୍କ ତରଫରୁ ବୟସ୍କା ମହିଳାଙ୍କ ପାଇଁ ବିଶେଷ ପ୍ରକାର ସ୍କିମ ପ୍ରସ୍ତୁତ କରିବା ସହ ଏହା ବିରୋଧରେ କଠୋର ଆଇନ ଲାଗୁ କରିବାର ଆବଶ୍ୟକତା ଥିବା ହେଲ୍ପଏଜ୍ ଇଣ୍ଡିଆର ସିଇଓ ରୋହିତ ପ୍ରସାଦ କହିଛନ୍ତି।

## ଜମି ବିବାଦରୁ ଭାଇଙ୍କୁ ଗୁଳିକରି ହତ୍ୟା

**ବଇଣ୍ଡା,୧୪।୬(ପରିକ୍ଷିତ ସାହୁ):** ଜମିବାଡ଼ି ବିବାଦରୁ ଭାଇଙ୍କୁ ଗୁଳି କରି ହତ୍ୟା କରିଛନ୍ତି ଭାଇ। ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା କେଞ୍ଜୁଆନାଳୀ ଗ୍ରାମରେ ବୁଧବାର ଏହି ହତ୍ୟାକାଣ୍ଡ ଘଟିଛି। ମୃତ ଯୁବକ ହେଲେ ତୋଫାନ ଭୋଇ। ତାଙ୍କୁ କକା ପୁଅ ଶ୍ରୀକାନ୍ତ ଭୋଇ ଗୁଳିମାଡ଼ କରିଥିବା ଅଭିଯୋଗ ହୋଇଛି। ଠାକୁରଗଡ଼ ଥାନା ଆଇଆଇସି ପ୍ରିୟବ୍ରତ ଦାସ, ଆଠମଲ୍ଲିକ ଏସ୍‌ଡିପିଓ ବାଳକୃଷ୍ଣ କଅଁର ପହଞ୍ଚି ତଦନ୍ତ ଚଳାଇଛନ୍ତି। ବୁଧବାର ରଜ ପାଇଁ ଘରେ ଗହଳି ଥିବାବେଳେ ସାମାନ୍ୟ କଥାକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ସୃଷ୍ଟି ହୋଇଥିଲା। ଶ୍ରୀକାନ୍ତ ଘରେ ରଖିଥିବା ଦେଶୀ ବନ୍ଧୁକ ଆଣି ତୋଫାନଙ୍କୁ ଗୁଳି କରି ଫେରାର ହୋଇଯାଇଥିଲେ।




# ବିଦ୍ୟୁତ୍ ତାର ସଂସ୍ପର୍ଶରେ ଦନ୍ତାହାତୀର ମୃତ୍ୟୁ

**କନ୍ଧମାଳ,୧୪।୬(ଆଦିତ୍ୟେଶ୍ୱର ମିଶ୍ର):** ବୌଦ୍ଧ ଜିଲା କନ୍ଧମାଳ ବନଖଣ୍ଡ ଘୁଚାଙ୍ଗୀ ଗାଁ ନିକଟ ବିଲରେ ବୁଧବାର ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଏକ ଦନ୍ତାହାତୀର ମୃତ୍ୟୁ ଘଟିଛି। ଗ୍ରାମବାସୀଙ୍କ କହିବା ଅନୁଯାୟୀ ବୁଧବାର ପାହାନ୍ତିଆରେ ଏକ ହାତୀର ଚିତ୍କାର ଶୁଣିଥିଲେ। ସକାଳ ହେବା ପରେ ସେମାନେ ବିଲପଟେ ଯାଇ ସନ୍ଧାନ କରିବାରୁ ଉଚ୍ଚ କ୍ଷମତାସମ୍ପନ୍ନ ବିଦ୍ୟୁତ୍ ତାର ତଳେ ଦନ୍ତାହାତୀ ମରିପଡ଼ିଥିବା ଦେଖିବାକୁ ପାଇଥିଲେ। ଏ ନେଇ ବନ ବିଭାଗକୁ ଖବର ଦେବାପରେ ବିଦ୍ୟୁତ୍ ବିଭାଗ ସହାୟତା ନେଇ ବିଜୁଳି ସଂଯୋଗ କଟାଯାଇଥିଲା। ଘୁଚାଙ୍ଗୀ ଗ୍ରାମ୍ୟ ଜଙ୍ଗଲରେ ଦୀର୍ଘ ୨ମାସ ହେବ ଏକ ହାତୀପଲ ବିଚରଣ କରୁଛନ୍ତି। ଏମାନେ ମଙ୍ଗଳବାର ରାତିରେ ଗାଁ ନିକଟ ତୋଟାରୁ ଆମ୍ବ ଖାଇସାରି ବାଟରେ ଥବୀର ରଣାଙ୍କ ଆଖୁବାଡ଼ିରେ ପଶି ୧ ଏକର ପରିମିତ ଆଖୁ ନଷ୍ଟ କରିଥିଲେ। ସେଠାରୁ ଫେରିବାବେଳେ ବିଲର ହିଡ ଚଢ଼ିବାକୁ ଯାଇ ଦନ୍ତାହାତୀର ଶୁଣ୍ଢ ୧୧କେଭି ବିଦ୍ୟୁତ୍ ତାରରେ ଲାଗିବାରୁ ତା'ର ମୃତ୍ୟୁ ଘଟିଥିବା ସ୍ପଷ୍ଟ ହୋଇଛି। କାରଣ ହାତୀ ଶୁଣ୍ଢରେ ବିଦ୍ୟୁତ୍ ତାର ଲାଗି ପୋଡ଼ାଦାଗ ରହିଛି। ମୃତ ହାତୀଟି ମଧ୍ୟ ବୟସର ହେବ ବୋଲି ବନ ବିଭାଗ ସୂଚନା ଦେଇଛି। ଡିଏଫ୍‌ଓ ଦେବପ୍ରିୟ କମ୍ପ ପୂର୍ବାହ୍ନ ୧୦ଟାରେ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ପ୍ରାଥମିକ ତଦନ୍ତରୁ ବିଦ୍ୟୁତ୍ ଆଘାତରେ ହାତୀର ମୃତ୍ୟୁ ଘଟିଥିବା ସେ ସୂଚନା ଦେବା ସହ ଭୁବନେଶ୍ୱରରୁ ଟିମ୍ ଆସି ତଦନ୍ତ କରିବା ପରେ ଠିକ୍ ତଥ୍ୟ ଜଣାପଡିବ ବୋଲି କହିଛନ୍ତି। କନ୍ଧମାଳରୁ ପ୍ରାଣୀଧନ ଚିକିତ୍ସକ ଭବେଶ କୁମାର ବେହେରା ହାତୀର ମୃତଦେହ ବ୍ୟବଚ୍ଛେଦ କରିବା ପରେ ନିକଟ ଜଙ୍ଗଲରେ ପୋତି ଦିଆଯାଇଛି।


ମୃତ ଦନ୍ତାହାତୀ

# ଆଲୁମିନିୟମ ବୋଝେଇ ଟ୍ରେନ୍ ମଝିରୁ ଅଲଗା ହେଲା

## ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଗଲା

**କେସିଙ୍ଗା,୧୪।୬(ତୁମେଶ୍ୱର ସାହୁ)**

ବାହାନଗା ପରେ ରାଜ୍ୟରେ ଗୋଟିଏ ପରେ ଗୋଟିଏ ଟ୍ରେନ୍ ଦୁର୍ଘଟଣା ରେଳଯାତ୍ରୀଙ୍କୁ ଭୟଭୀତ କରୁଛି। ଏଭଳି ସ୍ଥିତିରେ ବୁଧବାର ସମ୍ବଲପୁର ଡିଭିଜନ ଅନ୍ତର୍ଗତ କେସିଙ୍ଗା ରେଳ ଷ୍ଟେଶନର ୨ ନମ୍ବର ପ୍ଲାଟଫର୍ମରେ ଏକ ଆଲୁମିନିୟମ ବୋଝେଇ ମାଲବାହୀ ଟ୍ରେନ୍‌ର ଏକ ୱାଗନ୍ ମଝି ଭାଗରୁ ଛିଣ୍ଡି ଅଲଗା ହୋଇଯାଇଥିଲା। ତେବେ ଡ୍ରାଇଭରଙ୍କ ଉପସ୍ଥିତ ବୁଦ୍ଧି ଯୋଗୁ ଏକ ବଡ଼ ଦୁର୍ଘଟଣାରୁ ବର୍ତ୍ତିଯାଇଛି। ଖବର ପାଇ ଘଟଣାସ୍ଥଳରେ ସ୍ଥାନୀୟ ରେଳ ବିଭାଗ ଅଧିକାରୀମାନେ ପହଞ୍ଚିଥିଲେ। ଟିଟିଲାଗଡ଼ରୁ ମେକାନିକ ଦଳ ପହଞ୍ଚି ପୋକଲିଂ ସଂଯୋଗ କରିଥିଲେ। ରେଲୱେ ପକ୍ଷରୁ ଯାଞ୍ଚ ପରେ ସାଢ଼େ ୧୨ଟାରେ ଟ୍ରେନ୍ ଛାଡ଼ିଥିଲା।

ସୂଚନାଯୋଗ୍ୟ ଯେ, ଆଲୁମିନିୟମ ବୋଝେଇ ମାଲବାହୀ ଟ୍ରେନ୍ ଦାମନଯୋଡ଼ିରୁ ଅନୁଗୋଳ ଅଭିମୁଖେ ଯାଉଥିଲା। ଟ୍ରେନ କେସିଙ୍ଗା ଷ୍ଟେଶନର ୨ନମ୍ବର ପ୍ଲାଟ ଫର୍ମରେ ଅଟକିଥିଲା। କେସିଙ୍ଗାରୁ ଟିଟିଲାଗଡ଼ ଅଭିମୁଖେ ଯିବା ପାଇଁ ସିଗ୍‌ନାଲ ମିଳିଥିଲା। ଲୋକୋପାଇଲଟ ଟ୍ରେନ୍‌କୁ ଷ୍ଟାର୍ଟ କରିବାରୁ ବଗିର ସଂଯୋଗ ସ୍ଥଳରୁ ପୋକଲିଂ ଛିଣ୍ଡି ଯାଇ ପ୍ରାୟ ୩୦ ମିଟର ଦୂର ବଗି ଅତିକ୍ରମ କରିଯାଇଥିଲା। ଟ୍ରେନ୍ ପାଇଲଟ ନିଜ ଉପସ୍ଥିତ ବୁଦ୍ଧିବଳରେ ଟ୍ରେନ୍‌କୁ ଅଟକାଇଥିଲେ। ସାଙ୍ଗେ ସାଙ୍ଗେ ଷ୍ଟେଶନମାଷ୍ଟରଙ୍କୁ ଜଣାଇଥିଲେ। ଷ୍ଟେଶନମାଷ୍ଟର ଟିଟିଲାଗଡ଼ର ମେକାନିକ ଦଳକୁ ଖବର ଦେଇଥିଲେ। ମେକାନିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ପୋକଲିଂ ସଂଯୋଗ କରିଥିଲେ। ପୋକଲିଂ କିଭଳି ଛିଣ୍ଡିଲା ସେ ନେଇ ବିଭାଗୀୟ ଅଧିକାରୀମାନେ ତଦନ୍ତ କରିଥିଲେ। ରେଳ ବିଭାଗ ପକ୍ଷରୁ ଯାଞ୍ଚ ପରେ ସାଢ଼େ ୧୨ଟାରେ ଟ୍ରେନ୍‌ଟିକୁ ଛାଡ଼ିବା ପାଇଁ ସିଗ୍‌ନାଲ ଦିଆଯାଇଥିଲା। ଏଥିରେ କୌଣସି କ୍ଷୟକ୍ଷତି ହୋଇ ନ ଥିବା ରେଳ ବିଭାଗ ପକ୍ଷରୁ କୁହାଯାଇଛି।


କେସିଙ୍ଗା ଷ୍ଟେଶନରେ ଆଲୁମିନିୟମ ବୋଝେଇ ଟ୍ରେନ୍‌ର ବଗିକୁ ମେକାନିକ ଦ୍ୱାରା ସଂଯୋଗ କରାଯାଉଛି।

### ଟାଟା ଷ୍ଟିଲ କମ୍ପାନୀରେ ବ୍ଲାଷ୍ଟ ଫର୍ନେସ ଷ୍ଟିମ୍ ଲାଇନ୍ ଫାଟିବା ଘଟଣା

# ଓଏଚ୍‌ଆର୍‌ସିରେ ପିଟିଶନ ଦାଏର

## ଗୁରୁତରଙ୍କୁ ୧୫ ଲକ୍ଷ, ସାମାନ୍ୟ ଆହତଙ୍କୁ ୨ ଲକ୍ଷ କ୍ଷତିପୂରଣ ଦେବାକୁ ନିବେଦନ

**କଟକ,୧୪।୬: (କାର୍ତ୍ତିକ ସାହୁ)**

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ନରେନ୍ଦ୍ରପୁରସ୍ଥିତ ଟାଟା ଷ୍ଟିଲ ମେରାମଣ୍ଡଳୀ କମ୍ପାନୀରେ ମଙ୍ଗଳବାର ବ୍ଲାଷ୍ଟ ଫର୍ନେସ ଷ୍ଟିମ୍ ଲାଇନ୍ ଫାଟିବା ଘଟଣାକୁ ନେଇ ଓଡ଼ିଶା ମାନବାଧିକାର ଆୟୋଗ(ଓଏଚ୍‌ଆର୍‌ସି)ରେ ଏକ ପିଟିଶନ ବୁଧବାର ଦାଏର ହୋଇଛି। ଆଇନଜୀବୀ ଶିବଶଙ୍କର ମହାନ୍ତି ଏହି ପିଟିଶନ ଦାଏର କରି ଗୁରୁତରଙ୍କୁ ୧୫ ଲକ୍ଷ ଓ ସାମାନ୍ୟ ଆହତଙ୍କୁ ୨ ଲକ୍ଷ ଟଙ୍କା ଲେଖାଏ କ୍ଷତିପୂରଣ ରାଶି ପ୍ରଦାନ ନିମନ୍ତେ ଟାଟା ଷ୍ଟିଲ କମ୍ପାନୀକୁ ନିର୍ଦ୍ଦେଶ ଦେବାକୁ ନିବେଦନ କରିଛନ୍ତି।

ମଙ୍ଗଳବାର ଅପରାହ୍ନ ପ୍ରାୟ ୧ଟାରେ ଉକ୍ତ କମ୍ପାନୀର ବିଏଫ୍ ପାୱାର ପ୍ଲାଣ୍ଟ-୨ ଷ୍ଟିମ୍ ଲାଇନ୍ ନିରୀକ୍ଷଣ କାର୍ଯ୍ୟ ଚାଲିଥିବାବେଳେ ହଠାତ୍ ପାଇପ୍ ଫାଟି ପ୍ରବଳ ମାତ୍ରାରେ ଉତ୍ତପ୍ତ ବାଷ୍ପ ନିର୍ଗମନ ହୋଇଥିଲା। ଏଥିରେ ଇଞ୍ଜିନିୟର ଓ ଶ୍ରମିକଙ୍କ ସମେତ ୧୯ ଜଣ ଆହତ ହୋଇଥିଲେ। ଓଏଚ୍‌ଆର୍‌ସି ପିଟିଶନ୍‌କୁ ପଞ୍ଜୀକରଣ କରି ଭାରତ ସରକାରଙ୍କ ଇସ୍ପାତ ମନ୍ତ୍ରଣାଳୟର ସଚିବ, ଓଡ଼ିଶା ସରକାରଙ୍କ ଇସ୍ପାତ ଓ ଖଣି ମନ୍ତ୍ରଣାଳୟ, ଢେଙ୍କାନାଳ ଜିଲାପାଳଙ୍କୁ ଦୁର୍ଘଟଣା ସମ୍ପର୍କିତ ବିସ୍ତୃତ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେବେ। ଏଥିସହ ଆହତମାନଙ୍କ ଚିକିତ୍ସା ନିମନ୍ତେ ନିଆଯାଇଥିବା ପଦକ୍ଷେପ ଓ ତଦନ୍ତ ରିପୋର୍ଟ ମଧ୍ୟ ଦାଖଲ କରିବେ। ସେହିପରି ଢେଙ୍କାନାଳ ଏସ୍‌ପି ମଧ୍ୟ ମାମଲା ପଞ୍ଜୀକରଣ ସମ୍ପର୍କିତ ତଥ୍ୟ ଓ ତଦନ୍ତର ବର୍ତ୍ତମାନ ସ୍ଥିତି ଉପରେ ରିପୋର୍ଟ ଦାଖଲ ସହ ଆହତଙ୍କୁ ଉପର ବର୍ଣ୍ଣିତ ମତେ କ୍ଷତିପୂରଣ ରାଶି ପ୍ରଦାନ ପାଇଁ ଆୟୋଗ ନିର୍ଦ୍ଦେଶ ଦେବାକୁ ଆବେଦନକାରୀ ନିବେଦନ କରିଛନ୍ତି। ଏହି ମାମଲାରେ ସେ କେନ୍ଦ୍ର ସରକାର, ଓଡ଼ିଶା ସରକାର, ଢେଙ୍କାନାଳ ଜିଲାପାଳ ଓ ଏସ୍‌ପିଙ୍କୁ ପକ୍ଷଭୁକ୍ତ କରିଛନ୍ତି।

BUYERS REQUIRED FOR VANAMEI SHRIMP
ବନମେଇ ଚିଙ୍ଗୁଡ଼ି ପାଇଁ କ୍ରେତା ଆବଶ୍ୟକ
> ଆମେ ଉଚ୍ଚ ଗୁଣମାନର ବନମେଇ ଚିଙ୍ଗୁଡ଼ି ଚାଷ କରୁଥିବା ଏକ କମ୍ପାନୀ ଅଟୁ
> ଆମେ ବନମେଇ ଚିଙ୍ଗୁଡ଼ି ପାଇଁ ସମ୍ଭାବ୍ୟ କ୍ରେତା ଆବଶ୍ୟକ କରୁଛୁ
> ଚିଙ୍ଗୁଡ଼ିର ଗଣନା 40 -100 ମଧ୍ୟରେ ଅଟେ
> ପରିମାଣ 20 -25 ଟନ୍ ମଧ୍ୟରେ ଅଟେ
> କୌଣସି ମଧ୍ୟସ୍ଥି ରହିବେ ନାହିଁ, ସିଧାସଳଖ ଚାଷୀ ଓ କ୍ରେତାଙ୍କ ମଧ୍ୟରେ ନେଣଦେଣ ସଞ୍ଚାଳିତ ହେବ
> We are a company that is doing high quality farming of VANAMEI SHRIMP
> We require potential buyers of VANAMEI SHRIMP
> Shrimp count ranges between 40 – 100
> Quantity ranges between 20 – 25 TON
> No middlemen is involved, transaction will be done from direct farmer to buyer
Location: CHANDBALI, DISTT. BHADRAK, ODISHA,
ସ୍ଥାନ: ଚାନ୍ଦବାଲି, ଜିଲ୍ଲା: ଭଦ୍ରକ, ଓଡ଼ିଶା CALL +91 – 77357 48087

# ବିଜେଡି କର୍ମୀଙ୍କୁ ଗୁଳିମାଡ଼

**କାମାକ୍ଷାନଗର, ୧୪।୬ (ସୁଧୀର କୁମାର ପରିଡ଼ା)**

ଢେଙ୍କାନାଳ ଜିଲା କାମାକ୍ଷାନଗର ବିଜେଡି କର୍ମୀ ତଥା ଠିକାଦାର କାହ୍ନୁଚରଣ ସାହୁଙ୍କ ଉପରେ ବୁଧବାର ରାତି ପ୍ରାୟ ୧୧ଟା ବେଳେ ଗୁଳିମାଡ଼ ହୋଇଛି। ସେ କାର୍‌ରେ ଫେରୁଥିବାବେଳେ ଘର ସମ୍ମୁଖରେ ଦୁର୍ବୃତ୍ତମାନେ ତାଙ୍କ ଉପରକୁ ଆଖିବୁଜା ଗୁଳି ଚଳାଇ ଫେରାର ହୋଇଯାଇଥିଲେ। ତାଙ୍କ ଡାହାଣ ଜଙ୍ଘ ଏବଂ ଡାହାଣ କହୁଣିରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ଏହି ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।

ଗୁଳିମାଡ଼ର ଶିକାର ହେବା ପରେ କାହ୍ନୁଙ୍କୁ ପ୍ରଥମେ କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଏହାପରେ ତାଙ୍କୁ ଜିଲା ଚିକିତ୍ସାଳୟ ଏବଂ ସେଠାରୁ କଟକ ସ୍ଥାନାନ୍ତର କରାଯାଇଛି। ଏକ ଘରୋଇ ହସ୍ପିଟାଲରେ ତାଙ୍କର ଚିକିତ୍ସା ଚାଲିଥିବା ଜଣାପଡ଼ିଛି। ଏ ସଂକ୍ରାନ୍ତରେ କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟର ଜରୁରିକାଳୀନ ୱାର୍ଡ ଦାୟିତ୍ୱରେ ଥିବା ଡାକ୍ତର ସିଦ୍ଧାର୍ଥ ବେଉରା ସୂଚନା ଦେଇ କହିଛନ୍ତି, କେତେଜଣ ବ୍ୟକ୍ତି ତାଙ୍କୁ ଡାକ୍ତରଖାନାକୁ ଆଣିଥିଲେ। କ୍ଷତରୁ ଏହା ଗୁଳିମାଡ଼ ବୋଲି ସ୍ପଷ୍ଟ ଜଣାପଡୁଛି। ଅଧିକ ଚିକିତ୍ସା ପାଇଁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସୂଚନା ପାଇ କାମାକ୍ଷାନଗର ଥାନା ପୋଲିସ କାହ୍ନୁଙ୍କ ଘର ସମ୍ମୁଖରେ ପହଞ୍ଚିଥିଲା। ତାଙ୍କ ଉପରେ ଆକ୍ରମଣ ହୋଇଛି ଏବଂ ଏ ନେଇ ତଦନ୍ତ କରାଯାଉଥିବା ପୋଲିସ କହିଛି।


କାହ୍ନୁଚରଣ ସାହୁ

ସୂଚନାଯୋଗ୍ୟ, ଖଣିମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକଙ୍କ ଜଣେ ଦୃଢ଼ ସମର୍ଥକ ଭାବେ ପରିଚିତ କାହ୍ନୁଙ୍କ ଉପରେ ଏହା ପ୍ରଥମ ଆକ୍ରମଣ ନୁହେଁ। ଏଥିପୂର୍ବରୁ କାମାକ୍ଷାନଗର ମଡ଼ିସାହିସ୍ଥିତ ତାଙ୍କ ଘର ଉପରକୁ ବୋମାମାଡ଼ ହୋଇଥିଲା। କୌଣସି କାର୍ଯ୍ୟରେ ଢେଙ୍କାନାଳ ପୂର୍ତ୍ତ ବିଭାଗ କାର୍ଯ୍ୟାଳୟକୁ ଆସିଥିବାବେଳେ କେତେଜଣ ବ୍ୟକ୍ତି ତାଙ୍କୁ ଅପହରଣ କରିନେବାକୁ ଉଦ୍ୟମ କରିଥିଲେ। ଏଥିରେ ବିଫଳ ହେବାରୁ କାହ୍ନୁଙ୍କ କାର ଏବଂ ମୋବାଇଲ ଛଡ଼ାଇ ନେଇଥିଲେ। ପୋଲିସ ଘଟଣା ପରଦିନ କାର୍ ଉଦ୍ଧାର କରିଥିଲା। ବୁଧବାର ପୁନର୍ବାର ତାଙ୍କୁ ହତ୍ୟା ଉଦ୍ୟମ କରାଯିବା ଚର୍ଚ୍ଚାର ବିଷୟ ହୋଇଛି। ଏହା ପଛରେ ଠିକାଦାରି ବିବାଦ କିମ୍ବା ରାଜନୈତିକ ଆକ୍ରୋଶ ରହିଥିବା ଆଲୋଚନା ହେଉଛି।

# ଟ୍ରେନ୍ ଧକ୍କାରେ ମା'-ଝିଅ ମୃତ, ପୁଅ ଗୁରୁତର

**ବ୍ରହ୍ମପୁର,୧୪।୬(ସୁବାସ ଚନ୍ଦ୍ର ପାଢ଼ୀ)**

ଆନ୍ଧ୍ରପ୍ରଦେଶର ପଲାସା ଜିଆର୍‌ପି ଥାନା ଅଞ୍ଚଳରେ ବୁଧବାର ଟ୍ରେନ୍ ଧକ୍କାରେ ମା' ଓ ୮ ମାସର ଝିଅଙ୍କ ମୃତ୍ୟୁ ଘଟିଥିବା ବେଳେ ୪ ବର୍ଷୀୟ ପୁଅ ଗୁରୁତର ହୋଇଛନ୍ତି। ସେମାନେ ଏକ ଲେଭଲ୍ କ୍ରସିଂ ପାର୍ ହେଉଥିବା ବେଳେ ଏହି ଦୁର୍ଘଟଣା ଘଟିଛି। ଗଞ୍ଜାମ ଜିଲା ଜରଡ଼ା ଥାନା ଅନ୍ତର୍ଗତ ଚିଡ୍ଡୁପୁଡ଼ି ଗ୍ରାମର ୟୁ. ଶ୍ୟାମଙ୍କ ସ୍ତ୍ରୀ ୟୁ. ଶ୍ରାବଣୀ(୨୫) ତାଙ୍କ ଝିଅ ୟୁ. ଶ୍ରୀ ଓ ପୁଅ ୟୁ. ହର୍ଷିତଙ୍କୁ ଧରି ଅପରାହ୍ନରେ ଇଚ୍ଛାପୁରମ୍ ନିକଟସ୍ଥ ଜଗନ୍ନାଥପୁରମ୍ ରେଲୱେ ଲେଭଲ୍ କ୍ରସିଂ ପାର୍ ହେଉଥିଲେ। ଗେଟ୍ ପଡ଼ିଥିଲେ ମଧ୍ୟ ଶ୍ରାବଣୀ ପିଲାଙ୍କୁ ଧରି ରେଳଧାରଣାରେ ଚାଲିଥିଲେ। ଏହି ସମୟରେ ଆସୁଥିବା ମାଲବାହୀ ଟ୍ରେନ୍ ସେମାନଙ୍କୁ ଧକ୍କା ଦେବାରୁ ଘଟଣାସ୍ଥଳରେ ଶ୍ରାବଣୀ ଓ ତାଙ୍କ ଶିଶୁକନ୍ୟାର ମୃତ୍ୟୁ ଘଟିଥିଲା। ପୁଅ ହର୍ଷିତ ଗୁରୁତର ହୋଇଥିଲେ। ରେଲୱେ ପୋଲିସ ମୃତଦେହ ଜବତ କରିବା ସହ ହର୍ଷିତଙ୍କୁ ଉଦ୍ଧାର କରି ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଯାଇଛି। ଏ ନେଇ ପଲାସା ଜିଆରପି ଥାନା ପୋଲିସ ନଂ.୯୨/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି। ଏହା ଆତ୍ମହତ୍ୟା ନା ଦୁର୍ଘଟଣା ସେ ନେଇ ତଦନ୍ତ ଚାଲିଥିବା ପଲାସା ଜିଆରପି ଥାନା ଏସ୍‌ଆଇ ଶେଖ୍ ସରିଫ ସୂଚନା ଦେଇଛନ୍ତି।

# ନବବଧୂଙ୍କୁ ନେବାକୁ ଶ୍ୱଶୁରଘରେ ପହଞ୍ଚିଲେ ଜ୍ୱାଇଁ

**ଫୁଲବାଣୀ ଅଫିସ୍ /କୋଟଗଡ଼, ୧୪।୬ (ରାକେଶ ରାଉତ/ସରୋଜ ବଳିଆରସିଂ)**

କନ୍ଧମାଳ ଜିଲା କୋଟଗଡ଼ ବ୍ଲକ ପାରିଗଡ଼ ପଞ୍ଚାୟତ ସାରୁପାଟା ଗାଁରେ ଯୌତୁକ ପ୍ରଥାକୁ ବିରୋଧ କରି ନବବିବାହିତା ବାହାଘର ଭାଙ୍ଗିଦେବା ଘଟଣାରେ ବୁଧବାର ଆସିଛି ନୂଆ ମୋଡ଼। ସ୍ୱାମୀ ନବବଧୂଙ୍କ ଘରକୁ ଆସି ଭୁଲ୍ ମାଗିବା ସହ ନିଜ ଘରକୁ ନେବା ପାଇଁ ଅଡ଼ି ବସିଛନ୍ତି। ଯାହା ହୋଇଛି ଭୁଲ୍ ହୋଇଛି, ଚାଲ ଘରକୁ ଯିବା ବୋଲି କହୁଛନ୍ତି। ହେଲେ ଝିଅଘର ପକ୍ଷ ମନା କରିବା ସହ ତୁମ ଗ୍ରାମଲୋକ ଏବଂ ବନ୍ଧୁବାନ୍ଧବ ଆସି ଘଟଣାର ସମାଧାନ କଲେ ଝିଅ ଶାଶୁଘର ଯିବ ବୋଲି କହିଛନ୍ତି। ଅନ୍ୟପଟେ ଜ୍ୱାଇଁଙ୍କୁ ଘରେ ରହିବାକୁ ଶ୍ୱଶୁର ଘର ସ୍ୱୀକୃତି ଦେଇଛନ୍ତି, କିନ୍ତୁ ଜ୍ୱାଇଁଙ୍କୁ ଅଲଗା ଘରେ ରଖିଛନ୍ତି।

ପ୍ରକାଶ ଯେ, ସାରୁପାଟା ଦୁର୍ଗମ ଇଲାକାର ଝିଅ ଦେବକୀ ଦିଗାଲ ଗତ ୯ ତାରିଖରେ ବାଲିଗୁଡ଼ା ଥାନା ବରିକିଆ ଗ୍ରାମର ଅର୍ଜୁନ ଦିଗାଲଙ୍କୁ ବିବାହ କରିଥିଲେ। ପରଦିନ କନ୍ୟାପକ୍ଷ ଲୋକେ ବରଘରକୁ ଆସିଥିବା ସମୟରେ ଯୌତୁକ ବାବଦକୁ ଏକ ମୋଟରସାଇକେଲ ଦେବାକୁ ବର ଦାବି କରିଥିଲେ। କନ୍ୟାପକ୍ଷ ଲୋକେ ବାଇକ୍ ଦେବାକୁ ଅକ୍ଷମ ବୋଲି କହିବାରୁ ଅର୍ଜୁନ ରାଗି



## ବାଇକ୍ ପାଇଁ ବରକୁ ଛାଡ଼ିବା ଘଟଣା

ଯାଇ ତୁମ ଝିଅକୁ ନେଇଯାଅ ବୋଲି ଅତିଥିଙ୍କ ଆଗରେ କହିଥିଲେ। ବରର ଏଭଳି ବ୍ୟବହାର ଦେଖି ନବବଧୂ ଦେବକୀ ଯୌତୁକକୁ ବିରୋଧ କରିବା ସହ ସଭା ମଧ୍ୟରେ ସମସ୍ତଙ୍କ ସମ୍ମୁଖରେ ମଙ୍ଗଳସୂତ୍ର ସହ ଶଙ୍ଖା ଓ ଚୁଡ଼ି ଖୋଲିଦେଇ ବାପଘରକୁ ଚାଲିଯାଇଥିଲେ। ଦେବକୀ ଜଣେ ଅଭାବୀ ଘରର ଝିଅ ହୋଇଥିବା ବେଳେ ଅର୍ଜୁନଙ୍କ ଏଭଳି ଯୌତୁକ ଦାବିକୁ ନବବଧୂ ସହ୍ୟ କରି ନ ପାରି ଏଭଳି ନିଷ୍ପତ୍ତି ନେଇଥିଲେ। ତେବେ ବର ଘର ଲୋକେ ନବବଧୂର ଅଭିଯୋଗକୁ ଖଣ୍ଡନ କରିବା ସହ ଏମିତି ସେମାନେ ଯୌତୁକ ଦାବି କରି ନ ଥିବା କହିଛନ୍ତି। ଖବର ଲେଖାହେବା ସୁଦ୍ଧା ସାରୁପାଟାଗାଁରେ ଦେବକୀ ଓ ଅର୍ଜୁନଙ୍କ ପରିବାର ମଧ୍ୟରେ ଏକ ବୈଠକ ହୋଇଥିଲା। ଏଥିରେ ଦେବକୀଙ୍କ ପରିବାର ଲୋକେ କୋର୍ଟରେ ପୁଣି ବିବାହ ହେଲେ ଝିଅକୁ ଛାଡ଼ିବୁ ବୋଲି କହିଥିବା ବେଳେ ଅର୍ଜୁନଙ୍କ ପରିବାର ରାଜି ହୋଇଛନ୍ତି।



"ନ୍ୟାୟ ଓ ସଦାଚାରର ପୂର୍ଣ୍ଣତା ନିମିତ୍ତ ଜଣେ ସନ୍ଥର ପବିତ୍ରତା ଯେତିକି ଆବଶ୍ୟକ – ଜଣେ ଯୋଦ୍ଧାର ଖଣ୍ଡା ମଧ୍ୟ ସେତିକି ଆବଶ୍ୟକ। ଶିବାଜୀଙ୍କ ବ୍ୟତୀତ ତାଙ୍କର ସନ୍ଥଗୁରୁ ରାମଦାସ ପୂର୍ଣ୍ଣ ହୋଇପାରନ୍ତି ନାହିଁ। ନ୍ୟାୟକୁ ରକ୍ଷା କରିବା ପାଇଁ ଓ ଦୁର୍ବଳକୁ ବଳବାନର ଅତ୍ୟାଚାରରୁ ରକ୍ଷାକରିବା ପାଇଁ କ୍ଷତ୍ରିୟ ବୃତ୍ତିର ସୃଷ୍ଟି ହୋଇଛି। –ଶ୍ରୀଅରବିନ୍ଦ

# ପ୍ରାଣୀ ଯନ୍ତ୍ରଣାର ତୁଳନା



ପିଟର ସିଙ୍ଗର

କିଛି ସପ୍ତାହ ହେଲା ମୁଁ ଆମେରିକା ଓ ବ୍ରିଟେନ ଗସ୍ତରେ ଯାଇ ପ୍ରକାଶ ପାଇବାକୁ ଥିବା ନୂଆ ପୁସ୍ତକ ଆନିମଲ ଲିବରେଶନ (ପ୍ରାଣୀ ମୁକ୍ତି)ର ପ୍ରଚାର କରିଆସୁଛି। ଏଇ ବହିରେ ବିଶେଷକରି କୁକୁଡ଼ା, ଘୁଷୁରି, ମତ୍ସ୍ୟ ପାଳନ କରାଯାଉଥିବା ଫାର୍ମଗୁଡ଼ିକରେ ଅନେକ ପ୍ରାଣୀଙ୍କୁ ଆମେ କିଭଳି ଯନ୍ତ୍ରଣା ଦେଉଛୁ, ସେ ବିଷୟ ସ୍ଥାନିତ ହୋଇଛି। ନିରନ୍ତର ଭାବେ ଏଭଳି ଅତ୍ୟଧିକ ତଥା ଅନାବଶ୍ୟକ ଯନ୍ତ୍ରଣା ଆମ ସମୟର ଏକ ବଡ଼ ନୈତିକ ପ୍ରସଙ୍ଗ। ଏହି ଯୁକ୍ତି ଉପରେ କିଛି ଲୋକ ସନ୍ଦେହ ପ୍ରକାଶ କରିପାରନ୍ତି କାରଣ ସେମାନେ ଭାବନ୍ତି ଯେ ମଣିଷ ପ୍ରାଣୀମାନଙ୍କ ସହ ଅତୁଳନୀୟ ଓ ସେମାନଙ୍କ ତୁଳନାରେ ଏହାର ଗୁରୁତ୍ୱ ଅଧିକ। କିନ୍ତୁ ଏହା ସାଧାରଣରେ ତଥା ନୈତିକତାବାଦୀମାନଙ୍କ ମଧ୍ୟରେ ଅଧିକ ଗ୍ରହଣୀୟ ଯେ, ନୈତିକତା ଦୃଷ୍ଟିରୁ ଯନ୍ତ୍ରଣା ଦୂର କରିବା ଗୁରୁତ୍ୱପୂର୍ଣ୍ଣ, ତାହା ଯେ କୌଣସି ପ୍ରଜାତି ଜୀବର ହେଉ ପଛେ। କିନ୍ତୁ କିଛି ପ୍ରଜାତି ପାଇଁ ଏହି ବିଚାର ଅଧିକ ଜଟିଳ ପ୍ରଶ୍ନ ଉତ୍‌ଥାପନ କରେ। ଆମେ କିଭଳି ବିଭିନ୍ନ ପ୍ରଜାତିର ପ୍ରାଣୀଙ୍କ ଯନ୍ତ୍ରଣାକୁ ତୁଳନା କରିବା? ସୀମିତ ସମୟ ଓ ସଂସାଧନକୁ ଦେଖିଲେ ଜଣେ ମଣିଷକୁ ସାହାଯ୍ୟ କରିବା ବଦଳରେ ଆମେ କେତେ କୁକୁଡ଼ାଙ୍କୁ ସାହାଯ୍ୟ କରିବା ଉଚିତ? ଆମେ ଅନେକ ପ୍ରାଣୀଙ୍କର କ୍ଷତି କରିଚାଲିଥିବାବେଳେ ଘୁଷୁରି ଭଳି ପ୍ରାଣୀର ଯନ୍ତ୍ରଣା ଦୂର କରିବା ନିଷ୍ପତ୍ତି ଉପରେ ସମାନ ପ୍ରକାର ଦ୍ୱନ୍ଦ୍ୱାତ୍ମକ ପ୍ରଶ୍ନ ପଚରାଯାଇପାରେ। ଆମେ ଏହି ପ୍ରାଣୀର ଅତ୍ୟଧିକ କ୍ଷତି କରୁଛୁ। ଉଦାହରଣସ୍ୱରୂପ, ପ୍ରତିବର୍ଷ ଆମେ ଆବଦ୍ଧ ସ୍ଥାନରେ ବଢାଇ ଯନ୍ତ୍ରଣାକୁ ନଦେଖି ସେମାନଙ୍କୁ ହତ୍ୟା କରିଚାଲିଛୁ। ପୃଥିବୀ ଜନସଂଖ୍ୟା ତୁଳନାରେ ୧୫ ଗୁଣ ଅଧିକ ମାଛଙ୍କୁ ହତ୍ୟାକରୁଛୁ। ସେମାନଙ୍କୁ ଯନ୍ତ୍ରଣା ଦେବାର କ'ଣ ନୈତିକ ଆଧାର ରହିଛି? ଏଠାରେ ଆମେ ଗୁରୁତ୍ୱପୂର୍ଣ୍ଣ ଫିଲୋସୋଫିକ(ତାତ୍ତ୍ୱିକ) ଏବଂ ନ୍ୟୁରୋସାଇଣ୍ଟିଫିକ୍ ବିଷୟଗୁଡ଼ିକ ଉପରେ ବିଚାର କରିବା ଦରକାର। ଯନ୍ତ୍ରଣା ସହିବାରେ ଆମ ନିଜସ୍ୱ କ୍ଷମତା କିଭଳି ଏହିସବୁ ପ୍ରାଣୀମାନଙ୍କଠାରୁ ଅଲଗା ଏବଂ ଆମେ କିପରି ବିଭିନ୍ନ ପ୍ରଜାତିର ପ୍ରାଣୀଙ୍କ ଯନ୍ତ୍ରଣା ସହିବାର କ୍ଷମତାକୁ ତୁଳନା କରିପାରିବା? ତେବେ ଯନ୍ତ୍ରଣା ଦୂରକରିବା ଗୁରୁତ୍ୱପୂର୍ଣ୍ଣ ନା ଆଉ କିଛି ବିଷୟ ଯଥା ପ୍ରାଣୀ ପାଳନ ଓ ସେମାନଙ୍କୁ ଯନ୍ତ୍ରଣା ଦେବାରେ ଲୋକମାନଙ୍କ ଭବିଷ୍ୟତର ପସନ୍ଦକୁ ରୋକିବା ଦରକାର, ସେ ବିଷୟରେ ପ୍ରଶ୍ନ କରିବା ଆବଶ୍ୟକ। ଯଦି ଏହି ପସନ୍ଦକୁ ରୋକିବାରେ ଭୁଲ୍ ହୁଏ ତେବେ ମଣିଷ ଓ ଅନ୍ୟ ପ୍ରାଣୀମାନଙ୍କ ମଧ୍ୟରେ ଥିବା ପ୍ରଭେଦ ଅତ୍ୟଧିକ ହୋଇଯିବ।



ଆମେରିକାର ଏକ ଥିଙ୍କ୍ ଟ୍ୟାଙ୍କ୍ ରିଥିଙ୍କ ପ୍ରାୟୋରିଟିଜ୍ ଏହି ସବୁ ପ୍ରଶ୍ନ ଉପରେ ଅନୁଧ୍ୟାନ କରିଆସୁଛି। ପ୍ରାଣୀମାନଙ୍କ ଯନ୍ତ୍ରଣା ସ୍ତରକୁ ମଣିଷଙ୍କ ଯନ୍ତ୍ରଣା ସହ କିଭଳି ତୁଳନା କରିବା ଦରକାର ତାହାର ଆକଳନ ପାଇଁ ଏକ ଆଧାର ଯୋଗାଇଦେବାକୁ ଗବେଷକମାନେ ପ୍ରାଣୀମାନଙ୍କ ଅନୁଭବ ଉପରେ କରାଯାଇଥିବା ଅନୁଧ୍ୟାନଗୁଡ଼ିକର ସମୀକ୍ଷା କରିଥିଲେ। ଏହାକୁ ସରଳ କରିବାକୁ ସେମାନେ ସୁଖକୁ ଉତ୍ସାହିତ କରୁଥିବା ଏବଂ ଯନ୍ତ୍ରଣା ଦୂର କରୁଥିବା ଉପଯୋଗୀ ଦୃଷ୍ଟିକୋଣ ଗ୍ରହଣ କରିଥିଲେ। ସେମାନେ କଳ୍ପନା କରିଥିଲେ ଯେ, ପ୍ରାଣୀଟି ଭୋଗୁଥିବା ଯନ୍ତ୍ରଣା ଉପରେ ଆମେ କମ୍ ଯତ୍ନଶୀଳ ହୋଇଥାଉ କାରଣ ତାହା ମଣିଷ ନୁହେଁ ବୋଲି ଆମ ଚିନ୍ତାଧାରାରେ ରହିଥାଏ। ଗବେଷକମାନେ ଦର୍ଶାଇଥିଲେ ଯେ, ଯନ୍ତ୍ରଣାର ତୀବ୍ରତା ଓ ଅବଧି ସମାନ। ଏଣୁ ପ୍ରାଣୀ ହେଉ କି ମଣିଷ, ସେମାନେ ଭୋଗୁଥିବା ଯନ୍ତ୍ରଣା ପ୍ରତି ଦୃଷ୍ଟିଦେବା ଉଚିତ।

ମଣିଷ ତୁଳନାରେ ପ୍ରାଣୀମାନେ କେତେ ଯନ୍ତ୍ରଣା ଭୋଗନ୍ତି ତାହା ଉପରେ ଅନୁଧ୍ୟାନ କରିବାକୁ ଗବେଷକମାନେ ଏବକାର ବୈଜ୍ଞାନିକ ସିଦ୍ଧାନ୍ତକୁ ଗ୍ରହଣ କରିଥିଲେ। ସେହି ସିଦ୍ଧାନ୍ତ ହେଉଛି ବେସିକ୍ ନ୍ୟୁରୋକେମିଷ୍ଟ୍ରି ଯାହା ଆବେଗିକ ଭାବନାକୁ ପ୍ରକାଶ କରେ। ଏହି ଭାବନା ପ୍ରାୟ ସବୁ ସ୍ତନ୍ୟପାୟୀ ପ୍ରାଣୀଙ୍କ ମଧ୍ୟରେ ସମାନ। ଗବେଷକମାନେ ମଧ୍ୟ ବିଭିନ୍ନ ପ୍ରଜାତିର ପ୍ରାଣୀଙ୍କ ଯନ୍ତ୍ରଣାର ଉଭୟ ବ୍ୟବହାରଗତ ଓ ମନସ୍ତାତ୍ତ୍ୱିକ ପ୍ରାମାଣିକ ତଥ୍ୟ ଉପରେ ଅନୁଧ୍ୟାନ କରିଥିଲେ। 'ଅନିମଲ ଲିବରେଶନ'ରେ ବ୍ୟବହାରଗତ ପ୍ରାମାଣିକ ତଥ୍ୟର ଏକ ସ୍ପଷ୍ଟ ଉଦାହରଣ ଉପରେ ଆଲୋଚନା କରାଯାଇଛି। ବ୍ୟବସାୟିକ ଉଦ୍ଦେଶ୍ୟରେ ପାଳନ କରାଯାଉଥିବା କୁକୁଡ଼ାଗୁଡ଼ିକୁ ଶୀଘ୍ର ବଢାଯାଉଛି। ଫଳରେ କୁକୁଡ଼ାଗୁଡ଼ିକର ପୂର୍ଣ୍ଣ ବିକାଶିତ ହୋଇ ନ ଥିବା ଗୋଡ଼ ସେମାନଙ୍କ ଓଜନ ସମ୍ଭାଳି ପାରୁନାହିଁ। ଏହାଦ୍ୱାରା ସେମାନେ ଛୋଟା ହୋଇଯାଆନ୍ତି। ଗବେଷକମାନେ କରିଥିବା ଏକ ଅନୁଧ୍ୟାନରେ ବ୍ୟବସାୟିକ ଉଦ୍ଦେଶ୍ୟରେ ପାଳନ କରାଯାଉଥିବା କୁକୁଡ଼ାଙ୍କୁ ଦୁଇପ୍ରକାର ରଙ୍ଗିନ ଖାଦ୍ୟ ଦିଆଯାଏ। ସେଥି ମଧ୍ୟରୁ ଗୋଟିକରେ ଆଣ୍ଟି ଇନଫ୍ଲାମାଟୋରି ଉଗ୍ର ଥାଏ। ଛୋଟେଇ ଚାଲୁଥିବା କୁକୁଡ଼ାଗୁଡ଼ିକ ଏହି ଉଗ୍ର ମିଶା ଖାଦ୍ୟକୁ ବେଶି ଖାଇବାକୁ ପସନ୍ଦ କରନ୍ତି ଏବଂ ସେମାନେ ଖାଦ୍ୟରେ ଗ୍ରହଣ କରୁଥିବା ଉଗ୍ର ଡୋଜ୍ ଅନୁପାତରେ ସେମାନଙ୍କ ଛୋଟାପଣ କମିଯାଏ। ଏହା ସୂଚିତ କରେ ଯେ,ଛୋଟା କୁକୁଡ଼ାଗୁଡ଼ିକ ଚାଲିବାବେଳେ ଅଧିକ ଯନ୍ତ୍ରଣା ଭୋଗିଥାନ୍ତି ଏବଂ ଏହା ଦର୍ଶାଏ ଯେ, ଉଗ୍ରର ପ୍ରଭାବରେ ମଣିଷର ଯେଭଳି ଯନ୍ତ୍ରଣା ଉପଶମ ହୁଏ ସମାନୁପାତିକ ଭାବେ ସେମାନଙ୍କର ଯନ୍ତ୍ରଣା କମିଥାଏ।

ଅନ୍ୟ ବ୍ୟବହାରଗତ ପ୍ରମାଣ ଦର୍ଶାଏ ଯେ ଯନ୍ତ୍ରଣା ହୃଦ୍‌ସ୍ପନ୍ଦନ, ରକ୍ତଚାପ, ହର୍ମୋନ ସ୍ତର, ସ୍ୱେଦ ନିର୍ଗମନ, ଚକ୍ଷୁପଟଳ ବୃଦ୍ଧି ଓ ଶରୀରରେ ରାସାୟନିକ କାର୍ଯ୍ୟକଳାପରେ ପରିବର୍ତ୍ତନ କରେ। ବ୍ୟବସାୟିକ ଉଦ୍ଦେଶ୍ୟରେ ଶୀଘ୍ର ବଢ଼ାଯାଉଥିବା କୁକୁଡ଼ାକୁ ଏକ ଉଦାହରଣ ଭାବେ ନିଆଯାଇପାରେ। କୁକୁଡ଼ାମାନଙ୍କ ଠାରେ ଫୁସ୍‌ଫୁସ୍, ହାର୍ଟ ଏବଂ ଅସ୍ଥି ସମସ୍ୟା ଦେଖାଯାଏ, ଯାହା ସେମାନଙ୍କ ଯନ୍ତ୍ରଣାର ଏକ ପ୍ରମାଣ। ଏହି ପ୍ରମାଣକୁ ଆଧାରକରି ରିଥିଙ୍କ ପ୍ରାୟୋରିଟିଜର ଗବେଷକମାନେ ଅନେକ ଆକଳନଭିତ୍ତିକ ଆଲେଖ୍ୟ ପ୍ରସ୍ତୁତ କରିଛନ୍ତି। କିଛି ପ୍ରାଣୀଙ୍କ ଯନ୍ତ୍ରଣାର ଭାଲ୍ୟୁ ବା ମୂଲ୍ୟାଙ୍କନ ସମ୍ପର୍କରେ ଏଥିରେ ଦର୍ଶାଯାଇଛି। ଯଦି ଯନ୍ତ୍ରଣାର ମୂଲ୍ୟାଙ୍କନ ମଣିଷ ପାଇଁ ୧.୦୦ ହୁଏ ତେବେ ଗବେଷକମାନଙ୍କ ଆକଳନ ଦର୍ଶାଏ ଯେ,ଏହା ଘୁଷୁରିର ୦.୫୨, କୁକୁଡ଼ା ପାଇଁ ୦.୩୩ ଏବଂ ଅକ୍ଟୋପସ ପାଇଁ ୦.୨୧ ବୋଲି ଗ୍ରହଣ କରିବାକୁ ପଡ଼ିବ। ସେମାନେ ଯନ୍ତ୍ରଣାର ମୂଲ୍ୟାଙ୍କନ କରି ମାଛର ୦.୧ରୁ କମ୍, କାର୍ପ (ରୋହି ଭାକୁର ଆଦି ମାଛ)ର ୦.୦୯ ଏବଂ ସାଲ୍‌ମନକୁ ୦.୦୬ ର୍‍ୟାଙ୍କରେ ରଖିଛନ୍ତି। କୌତୂହଳର ବିଷୟ, ମହୁମାଛିର ଏହା ୦.୦୭ ଥିବାବେଳେ କାର୍ଟଫିସର ୦.୦୪ରୁ କମ୍ ର୍‍ୟାଙ୍କରେ ରଖାଯାଇଛି। ଏହା ସ୍ପଷ୍ଟ ଯେ, ବିଭିନ୍ନ ପ୍ରଜାତିର ଏବଂ ଏପରିକି ବିଭିନ୍ନ ବର୍ଗର ପ୍ରାଣୀମାନଙ୍କ ଯନ୍ତ୍ରଣା ସହିବା କ୍ଷମତା ତୁଳନା କରିବାରେ କରାଯାଇଥିବା ଗବେଷଣାତ୍ମକ ପ୍ରୟାସକୁ ନେଇ ଆହ୍ୱାନ ଆସିବାରେ। କିନ୍ତୁ ଏହି ପ୍ରୟାସର ଗୁରୁତ୍ୱ ରହିଛି ଓ ଏହା ସମ୍ପୂର୍ଣ୍ଣ ନିର୍ବିବାଦୀୟ। ଏହାକୁ ଗ୍ରହଣ କରିବା ଆମ ନିଜ ନୈତିକ ଅଗ୍ରଗତି ଉପରେ ନିର୍ଭର କରେ।

**ପ୍ରାଧ୍ୟାପକ, ବାୟୋଏଥିକ୍ସ, ପ୍ରିନ୍ସଟନ୍ ୟୁନିଭର୍ସିଟି**

## ନାନା ମୁନି, ନାନା ମତ



ଅନୀତା ପଟ୍ଟନାୟକ

ବେଦରେ ସୁନ୍ଦର ଭାବରେ ବର୍ଣ୍ଣନା କରି କୁହାଯାଇଛି ଯେ – 'ଏକଂ ସତ୍ ବିପ୍ରା ବହୁଧା ଭବନ୍ତି' ଏହାର ଅର୍ଥ ସତ୍ୟ ହିଁ ଏକ କିନ୍ତୁ ଜ୍ଞାନୀ ବା ପଣ୍ଡିତମାନେ ଏହାକୁ ବିଭିନ୍ନ ପ୍ରକାର ବର୍ଣ୍ଣନା କରିଛନ୍ତି। ସମସ୍ତଙ୍କୁ ଗଳ୍ପ ପଢ଼ିବାକୁ ଭାରି ଭଲ ଲାଗେ। ସବୁ ବର୍ଗର ଲୋକଙ୍କୁ କ୍ଷୁଦ୍ରଗଳ୍ପ ଖୁବ୍ ସୁନ୍ଦର ଓ ମଧୁର ଲାଗେ। ସେଥିପାଇଁ ଯୋଗୀ ସନ୍ନ୍ୟାସୀ, ଅବତାରୀ ପୁରୁଷମାନେ ପରମ ସତ୍ୟକୁ ବୁଝାଇବା ସମୟରେ ମୂଲ୍ୟବୋଧଭିତ୍ତିକ ଗଳ୍ପର ସାହାଯ୍ୟ ନେଇଥାନ୍ତି। ଦିନେ ଆମକୁ ଦର୍ଶନଶାସ୍ତ୍ର ଶିକ୍ଷା ଦେଉଥିବା ଶିକ୍ଷକ ଆମ ଶ୍ରେଣୀଗୃହରେ 'ଆମେ କେଉଁଠାରୁ ଆସିଛୁ? କେଉଁଠାକୁ ଯିବୁ? ଆମର ଜୀବନର ଉଦ୍ଦେଶ୍ୟ କ'ଣ?' ବିଷୟଟିକୁ ଉପସ୍ଥାପନ କଲେ। ଆମଠାରୁ ପ୍ରଶ୍ନୋତ୍ତର ମାଧ୍ୟମରେ ସେ ଉତ୍ତର ଆଦାୟ କରିବାକୁ ଚେଷ୍ଟା କରି ପରବର୍ତ୍ତୀ କ୍ଲାସ୍‌ରେ ଏହାର ଉତ୍ତର ଦେବାକୁ କହିଥିଲେ। କିନ୍ତୁ ଭାଗ୍ୟର ବିଡ଼ମ୍ବନା ଏହାଥିଲା ଯେ ସେ ପରବର୍ତ୍ତୀ କ୍ଲାସ ନେବା ପୂର୍ବରୁ ତାଙ୍କର ବଦଳି ହୋଇଯାଇଥିଲା। କିନ୍ତୁ ଶ୍ରେଣୀଗୃହରେ ସେ ଯେଉଁ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ରଖିଥିଲେ ତାହା ଆଜି ବି ମୋର ମନେଅଛି। ସେହି ପୂଜ୍ୟ ଗୁରୁଙ୍କର ପ୍ରଶ୍ନ ଓ ଉତ୍ତର ମୁଁ ଆନନ୍ଦର ସହ ନିମ୍ନରେ ବର୍ଣ୍ଣନା କରୁଛି। ପାଠିକା ପାଠକମାନଙ୍କୁ ଅନୁରୋଧ ଏହି ପ୍ରଶ୍ନୋତ୍ତର ପଢ଼ି କେଉଁଟି ଠିକ୍ ଉତ୍ତର ତାହା ଜଣାଇଲେ ମୁଁ ଆନନ୍ଦିତ ହେବି।

ଶିକ୍ଷକ ସେହିଦିନ କହିଥିଲେ ଯେ ଜ୍ଞାନୀ ଗୁଣୀ ଲୋକମାନେ ଚିରନ୍ତନ ସତ୍ୟର ଅନୁସନ୍ଧାନକୁ ସେମାନଙ୍କର ମାନସିକ ଚିନ୍ତାଧାରା ସ୍ତରକୁ ନେଇ ପରିପ୍ରକାଶିତ କରିଥାନ୍ତି। ଶିକ୍ଷକ ଏହିପରି ଭାବରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ କରିଥିଲେ। ଶ୍ରେଣୀଗୃହର ସବୁଠାରୁ ଭଲପିଲା ସଞ୍ଜୟକୁ ଆମ ଶ୍ରେଣୀର ଧୃତରାଷ୍ଟ୍ର ବୋଲି ଏକ ପିଲାକୁ ଏହି ପ୍ରଶ୍ନ ପଚାରିବାକୁ କହିଲେ ଯଥା – ସେ କେଉଁଠାରୁ ଆସିଛି? କେଉଁଠାକୁ ଯିବ ଓ ତା'ର ଜୀବନର ଉଦ୍ଦେଶ୍ୟ କ'ଣ? ଧୃତରାଷ୍ଟ୍ର ଉତ୍ତର ଦେଲା – 'ମୁଁ ମାମୁଘରୁ ଆସିଛି। ବଜାରକୁ ଯିବି, ଫଳ କିଣିବା ମୋର ଉଦ୍ଦେଶ୍ୟ'। ଶିକ୍ଷକ ଏଥର ଶ୍ରେଣୀର ଅନ୍ୟ ଜଣେ ଛାତ୍ର ଅର୍ଜୁନକୁ ଶ୍ରେଣୀର – ଅନ୍ୟ ଏକ ଛାତ୍ର ଭୀଷ୍ମଙ୍କୁ ପ୍ରଶ୍ନ ପଚାରିବାକୁ କହିଲେ। ଭୀଷ୍ମ ନିଜର ଉତ୍ତର ରଖି କହିଲା – 'ମୁଁ ମା'ବାପାଙ୍କ ପାଖରୁ ଆସିଛି। ମୋର ଜୀବନ ମୋର ଭାଗ୍ୟକୁ ନେଇ ଚାଲିଛି। ମୋର ଜୀବନର ଲକ୍ଷ୍ୟ ହେଉଛି ଯେ ମୁଁ ଏ ସଂସାରରେ ଯାହା ପାଇଛି ବା ପାଇବି ତା'ଠାରୁ ଅଧିକ କିଛି ଏ ସଂସାରକୁ ଦେବି। ମୋ ଜୀବନର ଲକ୍ଷ୍ୟ।' ଏଥର ଶିକ୍ଷକ ଶ୍ରେଣୀର ଛାତ୍ର ପଦ୍ମପାଦକୁ ସେହି ଶ୍ରେଣୀର ଛାତ୍ର ଶଙ୍କରକୁ ଅନୁରୂପ ପ୍ରଶ୍ନ ପଚାରିବାକୁ କହିଲେ। ପଦ୍ମପାଦ ଅତ୍ୟନ୍ତ ନମ୍ରତାର ସହିତ ଉତ୍ତର ଦେଇ କହିଲା 'ମୁଁ ପୂର୍ଣ୍ଣତାରୁ ଆସିଛି। ପୂର୍ଣ୍ଣତା ଆଡ଼କୁ ଯାଉଛି। ମୁଁ ବର୍ତ୍ତମାନ ପୂର୍ଣ୍ଣତାକୁ ଉପଲବ୍ଧି କରୁଛି। ଏହା ହିଁ ମୋର ଦୈନନ୍ଦିନ ଜୀବନ ଯାତ୍ରାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ।' ଏଥର ଶିକ୍ଷକ ସେହି ପ୍ରଶ୍ନଟିକୁ ଆମ ଶ୍ରେଣୀର ଅନ୍ୟ ଜଣେ ଛାତ୍ର ବିବେକାନନ୍ଦକୁ ବୁଦ୍ଧ ନାମକ ଅନ୍ୟ ଏକ ଛାତ୍ରକୁ ପଚାରିବାକୁ କହିଲେ। ବୁଦ୍ଧ ମୁଦ୍ରିତ ଚକ୍ଷୁରେ ଉତ୍ତର ରଖି କହିଲା 'ମୁଁ ଶୂନ୍ୟତାରୁ ଆସିଛି। ଶୂନ୍ୟତା ଆଡ଼କୁ ଯାଉଛି ଓ ଶୂନ୍ୟତା ହିଁ ମୋ ଜୀବନର ଏକ ମାତ୍ର ଲକ୍ଷ୍ୟ।' ଏଥର ଶିକ୍ଷକ ଶ୍ରେଣୀର ଅନ୍ୟ ଜଣେ ଛାତ୍ର ହସ୍ତାମଳକକୁ ତ୍ରୋଟକ ନାମକ ଏକ ଛାତ୍ରକୁ ଏହି ପ୍ରଶ୍ନ ପଚାରିବାକୁ କହିଲେ। ତ୍ରୋଟକ ପ୍ରେମପୂର୍ଣ୍ଣ ଭାବେ ଉତ୍ତର ଦେଇ କହିଲେ 'ମୁଁ ଆସିନାହିଁ। ମୁଁ କେଉଁଠାକୁ ଯାଉନାହିଁ। ତେଣୁ ମୋର ଜୀବନର ଲକ୍ଷ୍ୟ ନାହିଁ।' ଏଥର ଶିକ୍ଷକ ଆମ ଶ୍ରେଣୀର ସତ୍ୟବନ୍ତ ଓ ଧୀରସ୍ଥିର ଛାତ୍ର ଯୁଧିଷ୍ଠିରକୁ ସେହି ଶ୍ରେଣୀର ଅନ୍ୟ ଜଣେ ଛାତ୍ର କୃଷ୍ଣକୁ ଅନୁରୂପ ପ୍ରଶ୍ନ ପଚାରିବାକୁ କହିଲେ। କୃଷ୍ଣ ଉତ୍ତର ଦେବା ଭଙ୍ଗୀରେ ଠିଆ ହେଲେ। କିନ୍ତୁ ଏ କ'ଣ? ତାଙ୍କର କୌଣସି ଉତ୍ତର ନ ଥିଲା। କେବଳ ଥିଲା 'ସ୍ମିତହାସ୍ୟ' ଶିକ୍ଷକ କହିଲେ କୃଷ୍ଣ ଏହି ପ୍ରଶ୍ନର ଉତ୍ତର କ'ଣ କେବଳ ସ୍ମିତହାସ୍ୟ। ସେ ଉତ୍ତର ଦେଇଥିଲେ 'ହଁ ସାର୍'।

ଏଥର ପଲ୍ଲବୀକୁ ମତେ ସେହି ପ୍ରଶ୍ନ ପଚାରିବାକୁ କହିଲେ, ମୁଁ ଉତ୍ତରରେ କହିଲି 'ମୁଁ ନିରାକାର ଥିଲି, ମାତୃଗର୍ଭରେ ଧୀରେ ଧୀରେ ମୁଁ ଆକାର ନେଲି। ପ୍ରତିଦିନ ମୋର ଚେଷ୍ଟା ହେଉଛି ମୋର ଏହି ଆକାରକୁ ଛାଡ଼ି ମୁଁ କିପରି ନିରାକାର ହୋଇଯିବି। ମୋର ଜୀବନର ଲକ୍ଷ୍ୟ ହେଉଛି ଯେ କିପରି ମତେ ଆଉଥରେ ଆକାର ନେବାକୁ ପଡ଼ିବ ନାହିଁ।'

ଦୁଃଖର ବିଷୟ ଶ୍ରେଣୀର ଦର୍ଶନଶାସ୍ତ୍ରର ଶିକ୍ଷକ ବଦଳି ହୋଇଯିବାରୁ ଆଜି ପର୍ଯ୍ୟନ୍ତ ଠିକ୍ ଉତ୍ତର ପାଇପାରିନାହିଁ। କେଉଁଟି ଠିକ୍ ଉତ୍ତର ଜଣାଇଲେ ମୁଁ ଚିରୋପକୃତ ହେବି।

**ଅବସରପ୍ରାପ୍ତ ପ୍ରାଧ୍ୟାପିକା,**
**ସେକ୍ଟର–୧୦, ସିଡିଏ, କଟକ**
**ମୋ: ୯୬୯୨୯୮୦୦୨୬**

## ଏଇ ଭାରତରେ

ଗ୍ରୀନ୍ ହାଉସ ଗ୍ୟାସ୍ ବା ସବୁଜ ଗୃହ ବାଷ୍ପ ବିଶ୍ୱତାପନ ବୃଦ୍ଧିର କାରଣ ପାଲଟୁଛି। ଏହାର ନିର୍ଗମନ କମ୍ କରିବା ପାଇଁ ବିଶ୍ୱରେ ପ୍ରୟାସ ଜାରି ରହିଥିବା ବେଳେ ବେଙ୍ଗାଲୁରୁର ଡ. ଏଜିହିଲ ସୁବିୟାନ ମିଥେନ ଗ୍ୟାସ୍‌କୁ ଏକ ସଂସାଧନ ଭାବେ ବ୍ୟବହାର କରି ବିଭିନ୍ନ ଉତ୍ପାଦ ପ୍ରସ୍ତୁତ କରୁଛନ୍ତି। ଏହା ପରିବେଶ ଉପଯୋଗୀ ଖାଦ୍ୟ ଓ ଗୋଖାଦ୍ୟ (ବିଭିନ୍ନ ପ୍ରକାର ଘାସ) ଉତ୍ପାଦନରେ ଚାଷୀମାନଙ୍କୁ ସାହାଯ୍ୟ କରୁଛି। ସୁବିୟାନ ଷ୍ଟ୍ରିଙ୍ଗ୍ ବାୟୋ ଷ୍ଟାର୍ଟଅପ୍ ମାଧ୍ୟମରେ ଏହି କାର୍ଯ୍ୟ କରୁଛନ୍ତି। ୨୦୧୩ରେ ସେ ଏହା ଆରମ୍ଭ କରିଥିଲେ। ବହୁ ଗବେଷଣା ପରେ ସେ ପରିବେଶ ଉପଯୋଗୀ ଉତ୍ପାଦ ପ୍ରସ୍ତୁତ କରିବାକୁ ସକ୍ଷମ ହୋଇଛନ୍ତି। ଏହା ପରିବେଶ ଉପଯୋଗୀ କୃଷିକୁ ଉତ୍ସାହିତ କରିପାରିଛି। ଷ୍ଟ୍ରିଙ୍ଗ୍ ବାୟୋର ଉତ୍ପାଦକୁ ଏବେ ସୁଦ୍ଧା ୨୫୦ କୃଷକ ବ୍ୟବହାର କରିସାରିଲେଣି। ଏହାକୁ ବ୍ୟବହାର କଲେ କୃଷିରୁ କମ୍ ମିଥେନ ନିର୍ଗମନ ହେଉଛି। ପ୍ରସ୍ତୁତ କରାଯାଇଥିବା ଉତ୍ପାଦଗୁଡ଼ିକ ମଧ୍ୟରୁ ୧୫ଟିକୁ ପ୍ୟାଟେଣ୍ଟ ମିଳିସାରିଛି ଓ ଆଉ ୪୦ଟି ପାଇଁ ଆବେଦନ କରାଯାଇଛି। ପ୍ୟାଟେଣ୍ଟ ପାଇଥିବା ଉତ୍ପାଦ ବ୍ୟବହାର କରି କୃଷକମାନେ ଲାଭବାନ ହେବା ଯେତିକି ଗୁରୁତ୍ୱପୂର୍ଣ୍ଣ, ମିଥେନ୍ ଗ୍ୟାସର ବ୍ୟବହାର ବିଶ୍ୱତାପନ ହ୍ରାସରେ ସୁବିୟାନଙ୍କ ଚେଷ୍ଟା ସେତିକି ମହତ୍ତ୍ୱପୂର୍ଣ୍ଣ।

## ୨୫ ବର୍ଷ ତଳର ଧରିତ୍ରୀ

୧୫ ଜୁନ୍ ୧୯୯୮

- ଦ୍ୱୀପାଞ୍ଚଳ ରାଷ୍ଟ୍ର ଗିନିଆ ବିସାଓରେ ସରକାରୀ ସୈନ୍ୟ ଓ ବିଦ୍ରୋହୀଙ୍କ ମଧ୍ୟରେ ଲାଗିଥିବା ଘମାଘୋଟ ଲଢ଼େଇ ଭୟରେ ଦେଶ ଛାଡ଼ି ଚାଲିଯାଉଥିବା ବେଳେ ନୌକା ବୁଡ଼ିଯିବାରୁ ୨୦୦ ମୃତ।
- ଭାରତ–ପାକିସ୍ତାନ ପ୍ରସଙ୍ଗ ନେଇ ଶିଳ୍ପ ସମୃଦ୍ଧ ୮ଟି ରାଜ୍ୟଗୋଷ୍ଠୀ (ଜି–୮)ର ପରାମର୍ଶକୁ ଭାରତର ଅଗ୍ରାହ୍ୟ।
- ଅଜ୍ଞାତ ଆତତାୟୀଙ୍କ ଗୁଳିମାଡ଼ରେ ବିହାର ବିଧାନସଭାର ସିପିଏମ୍ ବିଧାୟକ ଅଜିତ କୁମାର ସରକାରଙ୍କ ମୃତ୍ୟୁ।

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 8 | 7 | | | | 2 | | 4 |
| | | | | | 9 | | 6 | |
| | | | | 7 | 4 | 3 | | |
| | 7 | | 6 | | | | 5 | |
| | | 5 | | 2 | | | | |
| | | 6 | | | 8 | | | 2 |
| | | 1 | 3 | | | 5 | | |
| | | | 4 | 8 | | 9 | | 3 |
| | | | 9 | | 2 | 4 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 7 | 9 | 4 | 2 | 5 | 8 | 6 | 1 |
| 1 | 6 | 4 | 8 | 7 | 9 | 3 | 2 | 5 |
| 2 | 8 | 5 | 6 | 3 | 1 | 7 | 4 | 9 |
| 5 | 2 | 3 | 1 | 9 | 7 | 4 | 8 | 6 |
| 4 | 1 | 6 | 2 | 8 | 3 | 5 | 9 | 7 |
| 8 | 9 | 7 | 5 | 4 | 6 | 1 | 3 | 2 |
| 9 | 4 | 8 | 7 | 5 | 2 | 6 | 1 | 3 |
| 6 | 5 | 2 | 3 | 1 | 4 | 9 | 7 | 8 |
| 7 | 3 | 1 | 9 | 6 | 8 | 2 | 5 | 4 |

ଗତକାଲିର ଉତ୍ତର

# ରାଜନୀତିର ଭାଗ୍ୟରେଖା



ମାୟାଧର ନାୟକ

ବହୁ ପ୍ରାର୍ଥୀ, ବହୁ କ୍ଷମତାପ୍ରାର୍ଥୀ, ବହୁ ଲାଳସୀବିଳାସୀବର୍ଗଙ୍କର ବ୍ୟକ୍ତିଗତ ଭାଗ୍ୟରେଖାର ବିରାଟ ମିଶାଣଫଳ ହୋଇଯାଇଛି ଭାରତୀୟ ରାଜନୀତିର ଭାଗ୍ୟରେଖା। ଆମେ ଯେତେବେଳେ ଅସଲ ରାଜନୀତିର ଭାଗ୍ୟରେଖା ଖୋଜୁଛେ ସେତେବେଳେ ମହା ମହା ଜ୍ୟୋତିଷୀମାନେ ବି ବାଟବଣା। ସେମାନେ ଯେତେବେଳେ ଭାରତୀୟ ରାଜନୀତିର ଭାଗ୍ୟରେଖା ଚିହ୍ନଟ କରନ୍ତି ସେତେବେଳେ ସେମାନଙ୍କୁ ଦିଶେ – ପ୍ରତ୍ୟେକ ରାଜନୈତିକ ଦଳର ମୁଣ୍ଡିଆଳମାନଙ୍କ ଭବିଷ୍ୟତ ଆକଳନର ସମ୍ଭାବନା। ତା' ଅର୍ଥ– ଯଦି ଗୋଟାଏ ସମୟରେ ଆମେ ଶୁଣୁଥିଲୁ 'ଇନ୍ଦିରା ଇଜ୍ ଇଣ୍ଡିଆ' ଇନ୍ଦିରା ହେଉଛନ୍ତି ଭାରତ। ଏବେ ଶୁଣୁଛୁ ମୋଦି ହେଉଛନ୍ତି ମହାଭାରତ ବିଶ୍ୱଗୁରୁ। ଅବଶ୍ୟ ଚାଇନା ରାଷ୍ଟ୍ରପତି ପୃଥିବୀର ଏକନମ୍ବର ନେତା ବୋଲି ତାଙ୍କ ମନ୍ତ୍ରୀମାନେ କହିଲେଣି। ଉତ୍ତରକୋରିଆର କିମ୍ ପ୍ରଚାର କରୁଛନ୍ତି, ସେ ଏ ବିଶ୍ୱର ସର୍ବଶ୍ରେଷ୍ଠ ଯୁବନେତା। ରୁଷିଆର ପୁଟିନ୍ ଯୁଦ୍ଧ ଜିତିଲେ ସେ ପୃଥିବୀର ରାଜା ହୋଇଯିବେ। ହିଟଲର ଦିନେ ପୃଥିବୀର ହିରୋ ହେବାକୁ ଚାହିଁଥିଲେ। ଯୁଦ୍ଧରେ ପରାସ୍ତ ହୋଇ ଆତ୍ମହତ୍ୟା କଲେ। ଆଲେକଜାଣ୍ଡାର ବିଶ୍ୱ ଜୟ କରିବାକୁ ଯାଇ ୩୩ବର୍ଷରେ ନିଃସ୍ୱ ମଣିଷ ହୋଇ ମରିଗଲେ। ଏଇଭଳି ବହୁ ଇତିହାସ ରହିଛି। ଏ ତ ଶେଷରେ ଚାଲିଛି ଏମିତିଗୁଡିଏ କ୍ଷମତାପ୍ରାର୍ଥୀମାନଙ୍କର ଝିମିଟିଖେଳ। ଆଜି ଭାରତୀୟ ରାଜନୀତି ଭାଗ୍ୟରେଖା କହିଲେ ମନେହୁଏ ଏକ ଅର୍ଦ୍ଧଜ୍ୱଳନ୍ତ ବିଷୁବରେଖାର ଅନ୍ଧକାର ଅଂଶ, ଯେଉଁଠି ଏ ଗ୍ରୀଷ୍ମପ୍ରଧାନ ଦେଶର ଜନଗଣ ଲୁଚକାଠର ଛାଗଛାଗୀ।

ଭାରତ ଏକ ବିଚିତ୍ର ଦେଶ। ଏଠି ସବୁଧର୍ମ, ସବୁଜାତି, ଉପଜାତି, ନାନା ଭାଷା, ନାନା ପରିଧାନ ଅଛି। ତଥାପି ଆମେ ଭାରତୀୟ ବୋଲି ଗର୍ବ କରୁ। ଏଠି କେନ୍ଦ୍ରଠୁ ଆରମ୍ଭକରି ରାଜ୍ୟ ପର୍ଯ୍ୟନ୍ତ ଆଇନକାନୁନ ସମ୍ବିଧାନ ଅଛି। ଶାସକମାନଙ୍କ ସୁବିଧା ଅନୁଯାୟୀ ସମ୍ବିଧାନ–ଆଇନକାନୁନ ବଦଳାଯାଏ। ଏବେ ଆମେ ପୃଥିବୀରେ ଜନସଂଖ୍ୟାରେ ଏକନମ୍ବର। ଆମ ଦେଶ ଗଣତାନ୍ତ୍ରିକ। ଏଠି ଗଣମାନଙ୍କ ଭୋଟରେ ସରକାର ନିର୍ବାଚିତ ହୁଅନ୍ତି। ନିର୍ବାଚିତ ସରକାର ପ୍ରଥମେ ସମ୍ବିଧାନ–ଆଇନକାନୁନକୁ ଭାଙ୍ଗନ୍ତି। ମନଇଚ୍ଛା ବହୁମତରେ ଜିତିଥିବାରୁ ସମ୍ବିଧାନ ବଦଳାନ୍ତି। ସମ୍ବିଧାନ ଯେତେ ମୋଟା ହୋଇଚାଲିଛି– ଆମ ଗଣତନ୍ତ୍ର ସେତେ ଛୋଟା ହୋଇଯାଉଛି। ସମ୍ବିଧାନର ମୁଖଶାଳାରେ ଜାତି–ଧର୍ମ–ବର୍ଣ୍ଣ ନିର୍ବିଶେଷରେ ଭାରତ ଏକ ଗଣତାନ୍ତ୍ରିକ ରାଷ୍ଟ୍ର– ପରେ ସମାଜତନ୍ତ୍ର ଯୋଡ଼ାଯାଇଛି। ଆମ ଶାସକମାନେ କେହି ସମ୍ବିଧାନକୁ ମାନୁନାହାନ୍ତି। ଜାତି–ଧର୍ମ ନାଁରେ ଏଠି ରାଜନୀତି ଚାଲେ।

ଏଇ ଲୋକଙ୍କ ଭିତରୁ ତ ଜନପ୍ରତିନିଧି। ସମସ୍ତେ ପ୍ରାୟ ଭାଗ୍ୟରେଖାରେ ବେଶି ବିଶ୍ୱାସ କରନ୍ତି। ସେଥିପାଇଁ ଆମର ମଠ, ମନ୍ଦିର ଯେତେ ଅଛି – ସ୍କୁଲ, କଲେଜ, ଡାକ୍ତରଖାନା ସେତେ ନ ଥିବ। ଏପରିକି ଗଛରେ ସିନ୍ଦୂରମାରି ଲାଲ୍‌କନା ଗୁଡ଼ାଇ ମଧ୍ୟ ଆମେ ପୂଜାକରୁ। କେହିକେହି ସୂର୍ଯ୍ୟ, ତୁଳସୀ ଚଉଁରାକୁ ପୂଜା କରନ୍ତି। ସତ୍ୟ–ତ୍ରେତୟା–ଦ୍ୱାପର ଯୁଗର ଦେବଦେବୀ–ଭଗବାନମାନଙ୍କୁ ମନ୍ଦିର–ଫଟୋରେ ପୂଜାକରୁ। ଏ ଘୋର କଳି ଯୁଗରେ ଲୋକମାନେ ବେଶି ଠାକୁରପୂଜା କରୁଛନ୍ତି। ଏଥିପାଇଁ ଆମ ଶାସକମାନେ ମଠମନ୍ଦିର ପାଇଁ ରାଜକୋଷରୁ ଟଙ୍କା ଖର୍ଚ୍ଚ କରୁଛନ୍ତି। ଗୋଟିଏ ଗୋଟିଏ ଛୋଟ ଗାଁରେ ମଧ୍ୟ ଆଉ କିଛି ନ ଥାଉ ପଛେ ମନ୍ଦିର କିମ୍ବା ଗ୍ରାମଦେବତୀ କିଛି ନ ହେଲେ ବୃକ୍ଷଦେବୀ ନିଶ୍ଚୟ ଥିବେ। ସବୁ ଧର୍ମବିଶ୍ୱାସୀ ଲୋକେ ଏତେ ଠାକୁର ପୂଜାକରି ମଧ୍ୟ ଭାଗ୍ୟରେଖା ପାଇଁ ଜ୍ୟୋତିଷୀ, ବାବା, ସନ୍ନ୍ୟାସୀ, ଗୁଣିଆ, କାଳିଶି ପାଖକୁ ଯାଆନ୍ତି। ସେମାନେ ଜାତକ, ହସ୍ତରେଖା, ପାପୁଲି ଦେଖି ଗଣନାକରି ପ୍ରତିକାର ବ୍ୟବସ୍ଥା କହନ୍ତି। ରାଶିଫଳ କ୍ୟାଲେଣ୍ଡର ପ୍ରାୟ ଘରେ ଘରେ ଥିବ। ଖବରକାଗଜରେ ମଧ୍ୟ ରାଶିଫଳ ପ୍ରତିଦିନ ପ୍ରକାଶ ପାଏ। ବହୁ ଲୋକ ରାଶିଫଳ ଦେଖନ୍ତି। ପୃଥିବୀରେ ଯେତେ ଲୋକ ଅଛନ୍ତି ସେମାନଙ୍କର ବାରୋଟି ରାଶି ମଧ୍ୟରୁ ଗୋଟିଏ ନିଶ୍ଚୟ କାହାର ନା କାହାର ହୋଇଥିବ। ରାଶିମାନଙ୍କରେ କ'ଣ ସବୁ ଭଲମନ୍ଦ ଅଛି ସେଇ ଅନୁସାରେ କାମ କରନ୍ତି। ଗଣନାକାରୀ ରାଶିଫଳ ଦେଖି ଯଦି ଆପଣଙ୍କୁ ଡରାଇଦିଏ, ତା'ହେଲେ ଆପଣ ଛାନିଆ ହୋଇଯାଆନ୍ତି। ପ୍ରତିକାର ଯେତେ ବ୍ୟୟବହୁଳ ହେଲେ ବି କରନ୍ତି। ଆଜିକାଲି ରାଜଧାନୀ ଓ ସହରଗୁଡ଼ିକରେ ଜ୍ୟୋତିଷୀମାନେ ପାଣ୍ଡିଧରି ପସରା ମେଲାଇଛନ୍ତି। ଆପଣମାନେ ଜାତକ, ହାତଦେଖାଇ କିଛି ଉପଦେଶ ପାଇଁ ପକେଟରୁ କିଛି ଟଙ୍କା ଗଣନ୍ତି।



ଥରେ ସୁକିନ୍ଦା ଖଣିଅଞ୍ଚଳରେ ଜଣେ ଠିକାଦାର ଆଦିବାସୀ ଶ୍ରମିକବହୁଳ ଗାଁରେ ଶିବମନ୍ଦିର ତୋଳାଇ ପ୍ରତିଷ୍ଠା କରାଇବା ଦିନ ପୂଜାପାଠ କଲେ, ସମସ୍ତଙ୍କୁ ଭୋଜନ ବ୍ୟବସ୍ଥା କରାଇଥିଲେ। ସେଇ ରାସ୍ତାରେ ଏ ଅଧମ ଗଲାବେଳେ ଦଣ୍ଡେ ଠିଆହୋଇ ନିରୀକ୍ଷଣ କଲି ସେଠି ପୂଜକ ମାଇକରେ ମନ୍ତ୍ର ବୋଲୁଛି, ଠିକାଦାର ପାଳି ଧରୁଛି, ମଝିରେ ମାଇକ ବନ୍ଦକରି କହୁଛି ତା' କର୍ମଚାରୀକୁ ୧୦ ଟ୍ରିପ ସେଠିକି ପଠାଇଦେବ। ସେ ନେତା ଆସିଲେ ତାକୁ ଯାହା କହିଥିଲ ଦେଇଦେବ। ତା'ପରେ ପୁଣି ମାଇକ ସାଉଣ୍ଡ ଦେଇ ମନ୍ତ୍ର ଉଚ୍ଚାରଣ କରିବାକୁ ଲାଗିଲେ। ଭାବିଲି ଏ ମନ୍ଦିରଫନ୍ଦିର, ପୂଜାପାଠ କିଛି ନୁହେଁ, ବେପାରୀ ଲୋକ ଲାଭର ଲୋଭରେ ପାଗଳ। ଆଦିବାସୀମାନଙ୍କୁ ଭୁଲାଇବା ପାଇଁ ଏ କାଣ୍ଡ। ଏ ମାଲିକ ମଧ୍ୟ ଭୋଟ ବେଳେ ତାଙ୍କ ପୋଷାନେତା କେମିତି ଜିତିବେ ସେ ବନ୍ଦୋବସ୍ତ କରନ୍ତି। ଶେଷରେ ଠାକୁରଙ୍କ ରାଣ ପକାଇ ଭୋଟଦେବାକୁ ମତାନ୍ତି।

ସାଧାରଣ ମଣିଷ–କୁଲିମୂଲିଆ ଧର୍ମଭୀରୁ। ଭାଗ୍ୟବାଦୀ। ସେମାନେ ଥରେ ଶପଥ କଲେ ଭାଙ୍ଗନ୍ତି ନାହିଁ। ଦଳ–ନେତାମାନେ ଏତେ ଧର୍ମରାଣ ଦେଇ ମଧ୍ୟ ମନରେ ଦ୍ୱନ୍ଦ୍ୱ ରହିଯାଏ। କାଳେ ଲୋକେ ଭୋଟ ନ ଦେବେ ସେଥିପାଇଁ ସେମାନଙ୍କ ପାଇଁ ରାଜକୋଷରୁ ଟଙ୍କା ବରାଦ କରି ନିଜ ଦଳ ଶାସନ ନାଁରେ ମାହାଳିଆ ସବୁ ବାଣ୍ଟନ୍ତି। ଧର୍ମସଂସ୍କୃତି ଭିତରେ ମାଗଣା ସଂସ୍କୃତି ଓଜନିଆ ପଡ଼ିଯାଏ। ମାଗଣାଖିଆମାନେ ମାତିଯାଆନ୍ତି। ସେଇ ରାଜନୈତିକ ନେତାମାନଙ୍କର ଭାଗ୍ୟରେଖାରେ ସୂର୍ଯ୍ୟୋଦୟ ହୁଏ। କେବେ ଅସ୍ତ ହେବ ତା' ମା' ଗଙ୍ଗେଇ ଜାଣନ୍ତି। ଏତିକିରେ ନେତାମାନେ ଭରସା ପାଆନ୍ତି ନାହିଁ। ଯେଉଁ ଶିଳ୍ପପତିଙ୍କୁ ଦେଶର ଜମି, ଖଣି, ପାଣି, ଜଙ୍ଗଲ, ବନ୍ଦର, ରାସ୍ତାକାମ ଟେକି ଦେଇଥାନ୍ତି ବିକାଶରେ ଯେଉଁ କାର୍ଯ୍ୟ ହେବ ସେମାନଙ୍କ ଦ୍ୱାରା କରାନ୍ତି। ପୁଣି ସେସବୁ କାମରେ ନିଜ ଦଳୀୟ ସମର୍ଥକ ଠିକାଦାର ହୁଅନ୍ତି। ସେଇ ଶିଳ୍ପପତି, ଠିକାଦାରମାନେ ଦେଶର ସାଧାରଣ ଲୋକଙ୍କ ଟିକସରେ ଭର୍ତ୍ତି ରାଜକୋଷରୁ ପ୍ରାୟ ଅଧାଅଧି ମାରିନିଅନ୍ତି। ସେମାନେ ଭୋଟ୍ ବେଳେ ଦଳ ଓ ନେତାମାନଙ୍କୁ କୋଟି କୋଟି ଟଙ୍କା ଚାନ୍ଦା ଆକାରରେ ଏବଂ କୋଟି କୋଟି ଟଙ୍କା ଲୁଚାଛପାରେ ଦେଇଥାନ୍ତି। ସେ ଟଙ୍କାରୁ ଏତେ ମାଗଣା ଦେଇ ଭଗବାନ ରାଣ ପକାଇଥିଲେ ମଧ୍ୟ ଭୋଟ୍ ପିଛା ଏକହଜାରରୁ ଦଶହଜାର ଟଙ୍କା ପର୍ଯ୍ୟନ୍ତ ଲାଞ୍ଚ ଦିଅନ୍ତି। ଏ ନେତାମାନେ ଲୋକଙ୍କୁ ମାଗଣାଖିଆ ଭିକାରି କରିଦେଇ ଶେଷରେ ଲାଞ୍ଚୁଆ କରିଦେଉଛନ୍ତି। ଏଇତ ଭାରତୀୟ ରାଜନୀତିର ଭାଗ୍ୟରେଖା। ଭୋକିଲା ପଟୁଆର ଏମିତି ଚାଲିଛି ରାସ୍ତାରେ ସେ ରାସ୍ତା କୁଆଡେ ଗୋଟେ ଭଙ୍ଗା ବତିଖୁଣ୍ଟ ପାଖେଥିବା ସେଇ ଦେଶୀ ମଦଭାଟି ଆଡେ।

**ଯାଜପୁର ରୋଡ, ଯାଜପୁର**
**ମୋ : ୯୮୬୧୩୪୧୬୩**

## ଚିରନ୍ତନୀ

ଜଳେ ପୁଣି ସିନ୍ଧୁ ବକ୍ଷେ
ଗିରି ଚୂଳେ କାଳାନଳ ସମ!
ଜଡ଼ରୂପୀ ହେ ଅନଳ ଅଗ୍ନି!
ତବ ପଦେ ନମୋନମ!
(ଜଡ଼–ଦର୍ଶନ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଏଲ୍‌ଇଡି ବଲ୍‌ବ କୁଆଡ଼େ ଗଲା

ମହାଶୟ,

ଓଡ଼ିଶା ଶାସନର ମୋ ସରକାର ଜନଗଣଙ୍କ ହିତାର୍ଥେ ବିନା ମୂଲ୍ୟରେ ଏଲ୍‌ଇଡି ବଲ୍‌ବ ମାଗଣାରେ ଯୋଗାଇ ଦେଇଥିଲେ। ପ୍ରତ୍ୟେକ ପଞ୍ଚାୟତର ପଲ୍ଲୀକୁ ଏହି ବଲ୍‌ବ ଯୋଗାଇ ଦିଆଯାଇଥିଲା। ତେବେ ଉକ୍ତ ବଲ୍‌ବ ସମସ୍ତ ଜନତା ପାଇପାରିଲେନାହିଁ କାହିଁକି? ଏହାର ପ୍ରକୃତ ଅନୁସନ୍ଧାନ କରାଯାଉ। ପରିତାପର ବିଷୟ ରାଜ୍ୟର ଏକାଧିକ ଗ୍ରାମାଞ୍ଚଳରେ ଉକ୍ତ ଇଲେକ୍ଟ୍ରି ବଲ୍‌ବ ଜନସାଧାରଣଙ୍କୁ ଦିଆଯାଇନାହିଁ। ମୋ ସରକାରଙ୍କ ଏଭଳି ପକ୍ଷପାତ ନୀତି ଭବିଷ୍ୟତରେ କଳଙ୍କର କାଳିମା ସଦୃଶ ହେବ। ଏକାଧିକ ପଞ୍ଚାୟତର ପୂର୍ବତନ ସରପଞ୍ଚ ଓ ଦଲାଲମାନେ ଏଥିରେ ଦୁର୍ନୀତି କରିଛନ୍ତି। ସେମାନଙ୍କୁ ତଦନ୍ତ ପରିସରଭୁକ୍ତ କରାଯାଉ। ଉକ୍ତ ବଲ୍‌ବ କୁଆଡ଼େ ଗଲା। ରାଜ୍ୟ ସରକାର ଏ ଘଟଣାର ଉପଯୁକ୍ତ ତଦନ୍ତ କଲେ ବହୁ ରହସ୍ୟ ଉଦ୍‌ଘାଟନ ହେବ।

**–ଆଦିକନ୍ଦ ସାହୁ, କେନ୍ଦ୍ରାପଡ଼ା**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ‘ଦର ହ୍ରାସ ନ କଲେ ରାଜ୍ୟବ୍ୟାପୀ ପ୍ରତିବାଦ ଚେତାବନୀ’

ଭୁବନେଶ୍ୱର, ୧୪।୬(ସୁନିତ୍ ମିଶ୍ର)

ରନ୍ଧନ ଗ୍ୟାସ୍ ଦର ବୃଦ୍ଧି ପ୍ରତିବାଦରେ ବିଜେଡି ପକ୍ଷରୁ ବୁଧବାର ରାଜଭବନ ସମ୍ମୁଖରେ ଧାରଣା ଦିଆଯାଇଛି। ଗ୍ୟାସ୍ ଦର ନ କମିବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ମଧ୍ୟ ଶାସକ ଦଳର ନେତାମାନେ ଚେତାବନୀ ଦେଇଛନ୍ତି। ବିଜେଡି ପକ୍ଷରୁ କରାଯାଇଥିବା ଏହି ଆନ୍ଦୋଳନରେ ଶତାଧିକ ମହିଳା, ଯୁବ, ଛାତ୍ର ନେତା ଓ କର୍ମୀମାନେ ଏକାଠି ହୋଇଥିଲେ। ସମସ୍ତେ ଗ୍ୟାସ୍ ଦର ବୃଦ୍ଧି ପ୍ରତିବାଦରେ ସ୍ଲୋଗାନ ଦେବା ସହ କେନ୍ଦ୍ର ସରକାର ବିରୋଧରେ ଗର୍ଜିଥିଲେ। ଏଠାରେ ମହିଳାମାନେ ଗ୍ୟାସ୍ ସିଲିଣ୍ଡର ଥୋଇବା ସହ ଚୁଲି ଜାଳି ପ୍ରତିବାଦ କରିଥିଲେ। ଯଦି କେନ୍ଦ୍ର ସରକାର ଗ୍ୟାସ୍ ଦର ତୁରନ୍ତ ହ୍ରାସ ନ କରନ୍ତି ତେବେ ଆଗାମୀ ଦିନରେ ବିଜେଡି ଏହି ପ୍ରତିବାଦ ରାଜ୍ୟର ସମସ୍ତ ଆର୍‌ଡିସି, ଜିଲାପାଳ, ବ୍ଲକ, ପଞ୍ଚାୟତ ଏବଂ ଗ୍ରାମାଞ୍ଚଳ ସ୍ତରରେ କରିବ ବୋଲି ଚେତାବନୀ ଦିଆଯାଇଛି।

ବିଜେଡି ଅଭିଯୋଗ କରିଛି, କେନ୍ଦ୍ର ସରକାରଙ୍କ ଉଜ୍ଜ୍ୱଳା ଯୋଜନା ଏବେ ଅନ୍ଧାର ଯୋଜନାରେ ପରିଣତ ହୋଇଛି। ୨୦୧୪ରେ ଯେଉଁ ରନ୍ଧନ ଗ୍ୟାସ୍ ସିଲିଣ୍ଡର ପିଛା ଦର ୪୧୦ ଟଙ୍କା ଥିଲା ତାହା ଏବେ ୧୧୩୦ ଟଙ୍କାରେ ପହଞ୍ଚିଛି। ଗତ ୯ ବର୍ଷ ମଧ୍ୟରେ ଏଲ୍‌ପିଜି ଦର ୩ ଗୁଣା ବୃଦ୍ଧି ପାଇସାରିଲାଣି। ଫଳରେ ଓଡ଼ିଶାର ଅନେକ ପରିବାର ଏବେ ସେମାନଙ୍କ ଉଜ୍ଜ୍ୱଳା ସିଲିଣ୍ଡର ଫେରାଇବାକୁ ଲାଗିଲେଣି। ରାଜ୍ୟର ମହିଳାମାନଙ୍କ ସ୍ୱାର୍ଥ ଦୃଷ୍ଟିରୁ ସବୁବେଳେ କାମ କରିଆସୁଥିବା ବିଜେଡି ତୁରନ୍ତ ଏଲ୍‌ପିଜି ଦର ହ୍ରାସ କରିବା ପାଇଁ ଦାବି କରିଆସୁଛି। ହେଲେ କେନ୍ଦ୍ର ସରକାର ଏଥିପ୍ରତି କର୍ଣ୍ଣପାତ କରୁନାହାନ୍ତି। କେନ୍ଦ୍ର ସରକାରଙ୍କ ଏଭଳି ଦରବୃଦ୍ଧି ପ୍ରତ୍ୟେକ ମହିଳାଙ୍କ ହାଣ୍ଡିଶାଳ ଉପରକୁ ମାଡ଼। ରାଜ୍ୟର ସମସ୍ତ ଅତ୍ୟାବଶ୍ୟକ ସାମଗ୍ରୀର ଦରବୃଦ୍ଧି ରାଜ୍ୟର ସାଢେ ୪ କୋଟି ଲୋକଙ୍କ ଯନ୍ତ୍ରଣା ସୃଷ୍ଟି କରିଛି। ୨୦୨୨ରେ ବର୍ଷରେ ୩ ଗୁଣା ଗ୍ୟାସ୍ ଦର ବୃଦ୍ଧି ମଧ୍ୟ ଗ୍ରହଣଯୋଗ୍ୟ ନୁହେଁ। ଏହି ଦରବୃଦ୍ଧି କାରଣରୁ ରାଜ୍ୟର ୯୦ ଲକ୍ଷ ମହିଳା ଗ୍ୟାସ୍ ରିଫିଲ୍ କରିପାରୁ ନାହାନ୍ତି। ନ୍ୟାଶନାଲ ଫ୍ୟାମିଲି ହେଲ୍‌ଥ ସର୍ଭେ(ଏନ୍‌ଏଫ୍‌ଏଚ୍‌ଏସ୍) ମୁତାବକ ବହୁ ମାତ୍ରାରେ ଏଲ୍‌ପିଜି ସିଲିଣ୍ଡର ବ୍ୟବହାର ଛାଡ଼ି ଦେଇଛନ୍ତି। ତେଣୁ ମହିଳାଙ୍କ ପାଇଁ କରାଯାଇଥିବା ଉଜ୍ଜ୍ୱଳା ଯୋଜନା ଫେଲ୍ ମାରିଥିବା ଜଣାପଡ଼ିଛି। ଦେଶର ୯୮ ପ୍ରତିଶତ ଘରେ ଏଲ୍‌ପିଜି ସିଲିଣ୍ଡର ବ୍ୟବହାର ହୋଇଥିବା କେନ୍ଦ୍ରସରକାର ଦାବି କରୁଥିବା ବେଳେ ସିଏଜି ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନାର ଅଡିଟ୍ କରି ଏହି ଯୋଜନାରେ ହିତାଧିକାରୀ ସେମିତି ଅଧିକ ନ ଥିବାବେଳେ ଯେତିକି ଲୋକ ଗ୍ୟାସ୍ ସଂଯୋଗ ନେଇଛନ୍ତି ସେମାନେ ରିଫିଲିଂ ମଧ୍ୟ ଠିକ୍ ଭାବେ କରୁନାହାନ୍ତି। କହିବାକୁ ଗଲେ ଦେଶରେ ଉଜ୍ଜ୍ୱଳା ଯୋଜନାର ପ୍ରଦର୍ଶନ ସେତେଟା ଆଖିଦୃଶିଆ ନୁହେଁ ବୋଲି ରପୋର୍ଟରେ ପ୍ରକାଶ କରିଛନ୍ତି। ଉଜ୍ଜ୍ୱଳା ଗ୍ୟାସ୍ ଦର ଯେପରି ଦିନକୁ ଦିନ ବୃଦ୍ଧି ପାଇବାରୁ ଗରିବ ଲୋକଙ୍କ ପାଇଁ ପୁନଃ ରିଫିଲିଂ ସହଜ ହେଉ ନାହିଁ । ଫଳରେ ଏବେ ପ୍ରାୟ ଗ୍ୟାସ୍ ସିଲିଣ୍ଡର ଫେରାଇବାରେ ଲାଗିଛନ୍ତି। ହେଲେ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାର ଉପରେ ଏହାର କିଛି ଫରକ ପଡୁନାହିଁ। ଦର ହ୍ରାସ କ୍ଷେତ୍ରରେ କେନ୍ଦ୍ର ସରକାର ତୁରନ୍ତ ନିଷ୍ପତ୍ତି ନେଲେ ରାଜ୍ୟର ବହୁ ମହିଳା ରକ୍ଷା ପାଇଯିବେ।

ଅନ୍ୟପଟେ ବିଜେଡିର ଏକ ପ୍ରତିନିଧି ଦଳ ଭୁବନେଶ୍ୱର ଜିଲା ସଭାପତି ସୁଶାନ୍ତ ରାଉତଙ୍କ ନେତୃତ୍ୱରେ ରାଜ୍ୟପାଳଙ୍କୁ ଭେଟି ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସେଥିରେ ସେମାନେ ଉଲ୍ଲେଖ କରିଛନ୍ତି, ବିଜେଡି ସବୁବେଳେ ରାଜ୍ୟର ସାଢେ ୪ କୋଟି ଲୋକଙ୍କ ସାଙ୍ଗରେ ଅଛି। ତେଣୁ କେନ୍ଦ୍ର ସରକାର ଗ୍ୟାସ୍ ଦର ବୃଦ୍ଧିକରି ଯେଉଁ ଅଧିକ ଟଙ୍କା ନେଇଛନ୍ତି ତାକୁ ଲୋକମାନଙ୍କୁ ଫେରାନ୍ତୁ। ଉକ୍ତ ଟଙ୍କା ଡିବିଟି ମାଧ୍ୟମରେ ମହିଳାମାନଙ୍କ ବ୍ୟାଙ୍କ ଖାତାକୁ ଫେରାନ୍ତୁ ନଚେତ୍ ସେମାନଙ୍କୁ ମାଗଣା ଗ୍ୟାସ୍ ପ୍ରଦାନ କରନ୍ତୁ। ଲୋକମାନେ ଯେଉଁ ଦର ଦେଇ ଗ୍ୟାସ୍ କିଣିପାରିବେ ସେତିକି ଟଙ୍କା ଗ୍ୟାସ୍ ସିଲିଣ୍ଡର ପିଛା କରିବାକୁ ବିଜେଡି ପକ୍ଷରୁ ଦାବି କରାଯାଇଛି।




ରନ୍ଧନ ଗ୍ୟାସ୍ ଦର ବୃଦ୍ଧି ପ୍ରତିବାଦରେ ବିଜେଡି ପକ୍ଷରୁ ବୁଧବାର ରାଜଭବନ ସମ୍ମୁଖରେ ଦିଆଯାଇଥିବା ଧାରଣାରେ ଦଳର ନେତା ଓ କର୍ମୀ ।

## ଗ୍ୟାସ୍ ଦର ବୃଦ୍ଧି ପ୍ରତିବାଦରେ ଗର୍ଜିଲା ବିଜେଡି

# ୧୭ରେ ଓଡ଼ିଶା ଆସିବେନି ଶାହ, ୨୨ରେ ଆସିବେ ନଡ୍ଡା

ଭୁବନେଶ୍ୱର, ୧୪।୬(ସୁନିତ୍ ମିଶ୍ର)



ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହଙ୍କ ଆସନ୍ତା ୧୭ରେ ଓଡ଼ିଶା ଗସ୍ତ କାର୍ଯ୍ୟକ୍ରମ ସ୍ଥିର ହୋଇଥିଲା। ହେଲେ ଏବେ ତାହା ବାତିଲ କରିଦିଆଯାଇଛି। ପୂର୍ବରୁ ମଧ୍ୟ ଶାହଙ୍କ ଭଦ୍ରକ ଆସିବା ସମ୍ପର୍କିତ ଖବର ଦଳ ପକ୍ଷରୁ ଦିଆଯାଇଥିବା ବେଳେ ତାକୁ ମଧ୍ୟ ପରବର୍ତ୍ତୀ ସମୟରେ ସ୍ଥଗିତ ରଖାଯାଇଥିଲା। ଆରବ ସାଗରରେ ସୃଷ୍ଟି ହୋଇଥିବା ବାତ୍ୟା ‘ବିପର୍ଯ୍ୟୟ’ ଗୁରୁବାର ଗୁଜରାଟର ଉପକୂଳବର୍ତ୍ତୀ ସ୍ଥଳଭାଗ ଛୁଇଁବା ସହ ବ୍ୟାପକ ମାତ୍ରାରେ କ୍ଷୟକ୍ଷତି ଘଟାଇବାର ସମ୍ଭାବନା ରହିଥିବା ଭାରତୀୟ ପାଣିପାଗ ବିଭାଗ ଆକଳନ କରିଛି। ଏହି ବିପର୍ଯ୍ୟୟ ସ୍ଥିତିର ମୁକାବିଲା କରିବା ସହ ଧନଜୀବନ କ୍ଷୟକ୍ଷତିକୁ ହ୍ରାସ କରିବା ପାଇଁ କେନ୍ଦ୍ର ସରକାରଙ୍କ ତରଫରୁ ବ୍ୟାପକ ପ୍ରସ୍ତୁତ କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଶାହା ମିଳିତ ଭାବେ ପାଣିପାଗ ବିଭାଗ, ଏନ୍‌ଡିଆରଏଫ୍ ସହ ମିଶି ପ୍ରତି ମୁହୂର୍ତ୍ତରେ ସ୍ଥିତିର ସମୀକ୍ଷା କରୁଛନ୍ତି। ପାଖାପାଖି ୪୦ ହଜାରରୁ ଉର୍ଦ୍ଧ୍ୱ ଲୋକ ସ୍ଥାନାନ୍ତରିତ ହୋଇସାରିଛନ୍ତି। ବିପର୍ଯ୍ୟୟ ବାତ୍ୟାର ଭୟାବହତାକୁ ଉପଲବ୍ଧି କରିବା ସହ ସ୍ଥିତିର ମୁକାବିଲା କରିବା ଦୃଷ୍ଟିକୋଣରୁ ଶାହାଙ୍କ ୧୭ ତାରିଖ ଓଡ଼ିଶା ଗସ୍ତ କାର୍ଯ୍ୟକ୍ରମକୁ ସାମୟିକ ଭାବେ ସ୍ଥଗିତ ରଖାଯାଇଥିବା ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଏହି ସଙ୍କଟ ଟଳିବା ପରେ ଖୁବ୍‌ଶୀଘ୍ର ଶାହାଙ୍କ ଓଡ଼ିଶା ଗସ୍ତ କାର୍ଯ୍ୟକ୍ରମର ତାରିଖ ଧାର୍ଯ୍ୟ ହେବ। ଅପରପକ୍ଷରେ ଆସନ୍ତା ୨୨ ତାରିଖରେ ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡାଙ୍କ କଳାହାଣ୍ଡି ଗସ୍ତ କାର୍ଯ୍ୟକ୍ରମରେ କୌଣସି ପରିବର୍ତ୍ତନ ହୋଇନାହିଁ ବୋଲି ପୃଥ୍ୱୀରାଜ ସୂଚନା ଦେଇଛନ୍ତି।

# ୫ ବର୍ଷ ପରେ ପାଚିକା, ସହାୟିକାଙ୍କ କଥା ମନେପଡ଼ିଲା: ଭାଜପା

ଭୁବନେଶ୍ୱର, ୧୪।୬(ସୁନିତ୍ ମିଶ୍ର)

ଓଡିଶା ସରକାର ରାଜ୍ୟ ବିଦ୍ୟାଳୟଗୁଡିକରେ ନିୟୋଜିତ ହୋଇଥିବା ୧ ଲକ୍ଷ ୯ ହଜାର ପାଚିକା ଏବଂ ସହାୟିକାଙ୍କୁ ଶାଢୀ ପାଇଁ ତାଙ୍କ ବ୍ୟାଙ୍କ ଆକାଉଣ୍ଟକୁ ୫୦୦ ଟଙ୍କା ପ୍ରଦାନ କରିଛନ୍ତି। ୨୦୧୭-୧୮ରେ ସ୍କୁଲରେ ନିୟୋଜିତ ମହିଳାଙ୍କ ପାଇଁ ଶାଢୀ ଭତ୍ତା ବାବଦରେ ୨୫୦ ଟଙ୍କା ଲେଖାଏ ପ୍ରଦାନ କରିଥିଲେ। ଦୀର୍ଘ ୫ ବର୍ଷ ପରେ ରାଜ୍ୟ ସରକାରଙ୍କୁ ସେମାନଙ୍କ କଥା ମନେ ପଡ଼ିଛି ବୋଲି ଭାଜପା ରାଜ୍ୟ ମହିଳା ମୋର୍ଚ୍ଚା ସଭାନେତ୍ରୀ ସ୍ମୃତି ପଟ୍ଟନାୟକ କହିଛନ୍ତି।

ସ୍ମୃତି ଟୁଇଟ୍ କରି କହିଛନ୍ତି, ରାଜ୍ୟ ସରକାର ପାଚିକା ଓ ସହାୟିକାଙ୍କ ସେବା ଏବଂ ଦାୟିତ୍ୱକୁ ନ ବୁଝି ଏଭଳି ତାଙ୍କ ସହ ପ୍ରତାରଣା କରିଛନ୍ତି। ଅନ୍ୟ ରାଜ୍ୟଗୁଡିକରେ ପାଚିକା ଏବଂ ସହାୟିକାମାନେ ଅଧିକ ସହାୟତା ରାଶି ପାଉଥିବା ବେଳେ ଓଡିଶାରେ କିନ୍ତୁ ଏହାର ବ୍ୟତିକ୍ରମ ଦେଖାଯାଇଛି। ଭାରତ ସରକାର ୧୦୦୦ ଟଙ୍କା ପ୍ରଦାନ କରୁଥିବା ବେଳେ ରାଜ୍ୟ ସରକାର ମାତ୍ର ୪୦୦ ଟଙ୍କା ମାସିକ ପ୍ରଦାନ କରୁଛନ୍ତି। ପିଏମ ପୋଷଣ ଯୋଜନାରେ କାର୍ଯ୍ୟରତ ପାଚିକା ଏବଂ ସହାୟିକାମାନଙ୍କୁ ପୁଡୁଚେରୀ ସରକାରଙ୍କ ଦ୍ୱାରା ମାସିକ ୧୦,୦୦୦ ଟଙ୍କା, ହରିୟାଣାରେ ୭୦୦୦ ଟଙ୍କା, ଉତ୍ତରାଖଣ୍ଡରେ ୩୦୦୦ ଟଙ୍କା, ଗୁଜରାଟରେ ୨୫୦୦ ଟଙ୍କା, ସେହିପରି ଉତ୍ତରପ୍ରଦେଶ ଓ ମଧ୍ୟପ୍ରଦେଶରେ ୨୦୦୦ ଟଙ୍କା ପ୍ରଦାନ କରାଯାଉଛି। ସରକାର ରାଜ୍ୟର ୫୦,୮୬୨ଟି ବିଦ୍ୟାଳୟର ନିୟୋଜିତ ଥିବା ୧.୦୯ ଲକ୍ଷ ପାଚିକା ଏବଂ ସହାୟିକାଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସେମାନଙ୍କୁ ଅନ୍ୟ ରାଜ୍ୟ ତୁଳନାରେ ଅତିରିକ୍ତ ସହାୟତା ପ୍ରଦାନ କରନ୍ତୁ ବୋଲି ସ୍ମୃତି କହିଛନ୍ତି।

# ସାଧାରଣ ଲୋକ ହଇରାଣ ହେଲେ ସେମାନଙ୍କର କିଛି ଯାଏ ଆସେ ନାହିଁ: ପୃଥ୍ୱୀରାଜ




ବିଦ୍ୟୁତ୍ କାଟ ପ୍ରତିବାଦରେ ବୁଧବାର କଟକ ଟିପିସିଓଡିଏଲ୍ କାର୍ଯ୍ୟାଳୟ ସମ୍ମୁଖରେ ଭାଜପା ପକ୍ଷରୁ ଦିଆଯାଇଥିବା ଧାରଣା ।

## ଟାଟା ପାୱାର କାର୍ଯ୍ୟାଳୟ ଆଗରେ ପ୍ରତିବାଦକଲା ଭାଜପା

ଭୁବନେଶ୍ୱର, ୧୪।୬(ସୁନିତ୍ ମିଶ୍ର)

ଖରାଦିନରେ ବିଜୁଳି କାଟ ଲୋକମାନଙ୍କୁ ବହୁ ବାଧୁଛି। ହେଲେ ଏହାର କିଛି ସମାଧାନ ନାହିଁ। ଯେତେ ଯାହା ହେଲେ ମଧ୍ୟ ପ୍ରତ୍ୟେକ ଦିନ ଗାଁଠାରୁ ସହର ପର୍ଯ୍ୟନ୍ତ ସବୁଠି ବାରମ୍ବାର ବିଜୁଳି କାଟ ହେଉଥିବା ଦେଖିବାକୁ ମିଳୁଛି। ତେବେ ଅଘୋଷିତ ବିଜୁଳି କାଟକୁ ନେଇ ଭାଜପା ସବୁ ଟାଟା ପାୱାର ଅଫିସ୍ ଆଗରେ ପ୍ରତିବାଦ କରିଛି। ଭାଜପା ପକ୍ଷରୁ ହେବାକୁ ଥିବା ୨ ଦିନିଆ ପ୍ରତିବାଦ ସଭା ମଧ୍ୟରୁ ପ୍ରଥମ ଦିନରେ କଟକ ଟାଟା ପାୱାର କାର୍ଯ୍ୟାଳୟ ଆଗରେ ବିଞ୍ଚଣାରେ ବିଞ୍ଚିହୋଇ ବିରୋଧୀ ଦଳର ନେତାମାନେ ବିକ୍ଷୋଭ କରିଛନ୍ତି। ଦଳ ପକ୍ଷରୁ ଗୁରୁବାର ରାଜ୍ୟର ସବୁ ଟାଟା ପାୱାର କାର୍ଯ୍ୟାଳୟ ଆଗରେ ମଧ୍ୟ ଏଭଳି ପ୍ରତିବାଦ କରାଯିବ। ତେବେ ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ବିଜୁଳି ବିଭ୍ରାଟକୁ ନେଇ ଭାଜପା ଆନ୍ଦୋଳନ କରିଛି। ଏହାକୁ କାଉଣ୍ଟର କରିବା ଲାଗି ବିଜେଡି ଗ୍ୟାସ୍ ଦର ବୃଦ୍ଧି କଥା ଉଠାଉଛି। ଏକ ମସ୍ତବଡ଼ ଭୁଲ୍ କରୁଛନ୍ତି। ଓଡ଼ିଶାର ଲୋକଙ୍କ ଆଗରେ ପ୍ରମାଣିତ କରୁଛନ୍ତି ଯେ ସେମାନେ କମ୍ପାନୀ ପ୍ରୀତିରେ ଅଛନ୍ତି। ବିଦ୍ୟୁତ୍ ବିଭ୍ରାଟ ଯୋଗୁ ସାଧାରଣ ଲୋକ ହଇରାଣ ହେଲେ ମଧ୍ୟ ସେମାନଙ୍କର କିଛି ଯାଏ ଆସେ ନାହିଁ ବୋଲି ଭାଜପା ପକ୍ଷରୁ କୁହାଯାଇଛି।

# ବିଦ୍ୟୁତ୍ କାଟ ପ୍ରତିବାଦରେ ୧୯ରେ ଗ୍ରୀଡ୍‌କୋ ଅଫିସ୍ ଘେରିବ କଂଗ୍ରେସ

ଭୁବନେଶ୍ୱର, ୧୪।୬(ସୁନିତ୍ ମିଶ୍ର)

ବାରମ୍ବାର ବିଦ୍ୟୁତ୍ କାଟ ଏବଂ ଅହେତୁକ ବିଦ୍ୟୁତ୍ ଦର ବୃଦ୍ଧି ପ୍ରତିବାଦରେ ଆସନ୍ତା ୧୯ରେ ରାଜ୍ୟ ଗ୍ରୀଡ୍‌କୋ ଅଫିସ ସମ୍ମୁଖରେ କଂଗ୍ରେସ ପକ୍ଷରୁ ବିକ୍ଷୋଭ କରାଯିବା ଲାଗି ନିଷ୍ପତ୍ତି ନିଆଯାଇଛି। ବକେୟା ବିଲ୍ ଉପରେ ସୁଧ କଷି ଲୋକଙ୍କୁ ଲୁଣ୍ଠନ କରିବା କାମରୁ ଟାଟା ପାୱାର ନିବୃତ୍ତ ରୁହନ୍ତୁ। ବାରମ୍ବାର ପ୍ରତିଶ୍ରୁତି ଦେବା ସତ୍ତ୍ୱେ ବିଜେଡି ସରକାର ଗୋଟିଏ ବି କଥା ପାଳନ କରିପାରିଲେ ନାହିଁ। ଜନଶୋଷଣ ଏ ସରକାରର ମୂଳମନ୍ତ୍ର ପାଲଟିଛି। ମୁଖ୍ୟମନ୍ତ୍ରୀ, ବିଭାଗୀୟ ମନ୍ତ୍ରୀ ଓ ସଚିବମାନେ ବାରମ୍ବାର କହୁଛନ୍ତି, ଓଡ଼ିଶା ଏକ ବିଦ୍ୟୁତ୍ ବଳକା ରାଜ୍ୟ। କିନ୍ତୁ କାହିଁକି ଏଠି ବିଦ୍ୟୁତ୍ ଦାମ ୟୁନିଟ୍ ପିଛା ଏତେ ଅଧିକ ବୋଲି ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକ ପ୍ରଶ୍ନ କରିଛନ୍ତି।

କଂଗ୍ରେସ ଭବନଠାରେ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଶରତ କହିଛନ୍ତି, ରାଜ୍ୟ ସରକାର ୨୦ ହଜାର କୋଟି ଟଙ୍କା ବିଦ୍ୟୁତ୍ ଭିତ୍ତିଭୂମିର ଉନ୍ନତୀକରଣ କରିବା ପାଇଁ ଗତ ୧୦ ବର୍ଷ ଭିତରେ ଖର୍ଚ୍ଚ କରିଥିବା ଦାବି କରୁଛନ୍ତି। ହେଲେ ଏହି ଟଙ୍କା ମଧ୍ୟରୁ ୫ ହଜାର କୋଟି ଟଙ୍କା ଟାଟା ପାୱାରକୁ ଭିତ୍ତିଭୂମି ସଜାଡ଼ିବା ଓ ଉନ୍ନତୀକରଣ କରିବା ପାଇଁ ଦିଆଯାଇଥିବା କୁହାଯାଇଛି। ତେବେ ବାକି ୧୫ ହଜାର କୋଟି ଟଙ୍କା କେଉଁ କ୍ଷେତ୍ରରେ ଖର୍ଚ୍ଚ ହୋଇଛି ଏବଂ କେଉଁ ବର୍ଷରେ କେତେ ଯାଇଛି ତାହାର ଏକ ସମ୍ପୂର୍ଣ୍ଣ ହିସାବ ରାଜ୍ୟ ସରକାର ଦିଅନ୍ତୁ। ଯଦି ରାଜ୍ୟ ସରକାରଙ୍କ ସ୍ୱଚ୍ଛତା ପ୍ରତି ବିଶ୍ୱାସ ଅଛି ତେବେ ଅବିଳମ୍ବେ ଏକ ଶ୍ୱେତପତ୍ର ପ୍ରକାଶ କରନ୍ତୁ ବୋଲି ସେ ଦାବି କରିଛନ୍ତି। ରାଜ୍ୟରେ ଲୋ ଭୋଲ୍‌ଟେଜ୍ ଯୋଗୁ ଆଲୁଅ ଥାଇ ମଧ୍ୟ ଜନସାଧାରଣ ଅନ୍ଧାରର କଷ୍ଟ ପାଉଛନ୍ତି। ଟାଟା ପାୱାର ପାଖରେ ଏ ସରକାର ସମ୍ପୂର୍ଣ୍ଣ ବନ୍ଧା ପଡ଼ିଛନ୍ତି। ରାଜନୈତିକ ପାଣ୍ଠି ଆଦାୟ ଯୋଗୁ ବର୍ତ୍ତମାନ ଏ ପରିସ୍ଥିତି ସୃଷ୍ଟି ହୋଇଛି। ଟାଟା ପାୱାରର ଗୁଣ୍ଡାମି ଓ ଜୁଲମ ଓଡ଼ିଶାରେ ଚଳିବ ନାହିଁ ବୋଲି ଶରତ କହିଛନ୍ତି।

# ବିହନ ଗ୍ରାମ ଯୋଜନା ଫେଲ୍ ମାରିଛି : କଂଗ୍ରେସ

ଭୁବନେଶ୍ୱର,୧୪।୬(ଅନିଲ ଦାସ)

## ବିହନ ପାଇଁ ଚିନ୍ତାରେ ଚାଷୀ

ପ୍ରତିବର୍ଷ ବିହନ ଗ୍ରାମ ଯୋଜନାରେ ରାଜକୋଷରୁ ବହୁ କୋଟି ଟଙ୍କା ବ୍ୟୟ କରାଯାଉଛି। ଆଜି ପର୍ଯ୍ୟନ୍ତ ଫସଲର ଉତ୍ପାଦନ ଓ ଉତ୍ପାଦକତା ବୃଦ୍ଧି ପାଇଁ ଆବଶ୍ୟକ ବିହନର ପ୍ରତିବଦଳ ହାର ବୃଦ୍ଧି କରାଗଲା ନାହିଁ। ସରକାରଙ୍କ ବିହନ ଗ୍ରାମ ଯୋଜନା ସମ୍ପୂର୍ଣ୍ଣ ଫେଲ୍ ମାରିଛି । ଚଳିତବର୍ଷ ଚାଷୀ ବିହନ ପାଇବାରେ ଘୋର ସମସ୍ୟାର ସମ୍ମୁଖୀନ ହେଉଛନ୍ତି ବୋଲି ଓଡ଼ିଶା ପ୍ରଦେଶ କିଷାନ କଂଗ୍ରେସ ଅଧ୍ୟକ୍ଷ ଅମିୟ ପଟ୍ଟନାୟକ କହିଛନ୍ତି। ଏଥିପାଇଁ ସେ ରାଜ୍ୟ ସରକାରଙ୍କୁ ଦାୟୀ କରିଛନ୍ତି। ଗତ ୨ ବର୍ଷ ହେଲା ସରକାର ଚାଷୀଙ୍କୁ ରିହାତି ମୂଲ୍ୟରେ ବିହନ ଯୋଗାଇବାରେ ଯେଉଁ ଓଟିପି ବ୍ୟବସ୍ଥା କରିଛନ୍ତି ଭିତ୍ତିଭୂମି ନ ଥିବା ହେତୁ ଚାଷୀ ବିହନ ପାଇବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାଜ୍ୟ ସରକାର ଯେଉଁ ଓଟିପି ବ୍ୟବସ୍ଥା କରିଛନ୍ତି, ତାହା ସ୍ମାର୍ଟଫୋନ୍ ନ ଥିବା ଅଞ୍ଚଳରେ ଚାଷୀଙ୍କ ନିକଟରେ ପହଞ୍ଚି ପାରିନାହିଁ । ଗ୍ରାମାଞ୍ଚଳର ସବୁ ସ୍ଥାନକୁ ଇଣ୍ଟରନେଟ୍ ପହଞ୍ଚି ପାରୁନାହିଁ। ଏବେ ସୁଦ୍ଧା ରାଜ୍ୟର ୫ ହଜାର ଗ୍ରାମକୁ ମଧ୍ୟ ମୋବାଇଲ ଟାୱାର ସଂଯୋଗ କରାଯାଇ ନାହିଁ। ଏବେ ରାଜ୍ୟରେ ମୌସୁମୀର ପ୍ରାକ୍ ସୂଚନା ଜଣାପଡ଼ିଥିଲେ ମଧ୍ୟ ସରକାର ଚାଷୀଙ୍କୁ ସରକାରୀ ବିହନ ଯୋଗାଇପାରୁ ନାହାନ୍ତି। କେବଳ ପ୍ରଚାର ଓ ପ୍ରସାର ସର୍ବସ୍ୱ ହୋଇଛି। ବାସ୍ତବତା ଦୃଷ୍ଟିରୁ ଚାଷୀ ଏବେ ବିହନ ପାଉନାହିଁ। ଚାଷୀଙ୍କ ନିକଟରେ କିପରି ସହଜ ଉପାୟରେ ଉନ୍ନତମାନର ବିହନ ପହଞ୍ଚା ଯାଇପାରିବ ଏବଂ ଓଡ଼ିଶାରେ ବିହନ ପ୍ରତିବଦଳ ହାର ଅଭିବୃଦ୍ଧି କରାଯାଇ ପାରିବ ସେ ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ କଂଗ୍ରେସ ପକ୍ଷରୁ ଦାବି କରାଯାଇଛି।


**MCL** ମହାନଦୀ କୋଲ୍‌ଫିଲଡ୍‌ସ ଲିମିଟେଡ୍
(କୋଲ୍ ଇଣ୍ଡିଆ ଲିମିଟେଡ୍‌ର ଏକ ସହାୟକ କମ୍ପାନୀ)
ଜାଗୃତି ବିହାର, ବୁର୍ଲା- ୭୬୮୦୨୦, ଜିଲ୍ଲା- ସମ୍ବଲପୁର, ଓଡ଼ିଶା
ଫୋନ୍ ନଂ- (ଇପିଏବିଏକ୍ସ)- ୦୬୬୩-୨୫୪୨୪୬୧ ରୁ ୪୬୯,
ୱେବସାଇଟ୍ : www.mahanadicoal.in

**ବିଜ୍ଞପ୍ତି**

“ସାମଗ୍ରୀଗୁଡ଼ିକର କ୍ରୟ, କାର୍ଯ୍ୟ ଏବଂ ସେବା ନିମନ୍ତେ ସିଆଇଏଲ୍ ଏବଂ ଏହାର ସହାୟକ କମ୍ପାନୀଗୁଡ଼ିକ ଦ୍ୱାରା ଜାରି ସମସ୍ତ ଟେଣ୍ଡରଗୁଡ଼ିକ କୋଲ୍ ଇଣ୍ଡିଆ ଲିମିଟେଡ୍‌ର ୱେବ୍‌ସାଇଟ୍ www.coalindia.in/ ସମ୍ପୃକ୍ତ ସହାୟକ କମ୍ପାନୀ (MCL, www.mahanadicoal.in), ସିଆଇଏଲ୍ ଇ-କ୍ରୟ ପୋର୍ଟାଲ https://coalindiatenders.nic.in ଏବଂ କେନ୍ଦ୍ରୀୟ ସାର୍ବଜନିକ କ୍ରୟ ପୋର୍ଟାଲ https://eprocure.gov.in ରେ ଉପଲବ୍ଧ ତଥା ଏହା ବ୍ୟତୀତ, GeM portal https://gem.gov.in ଜରିଆରେ ମଧ୍ୟ କ୍ରୟ ସମ୍ପାଦନ କରାଯାଏ ।”

R-5154



**ଡାକ ବିଭାଗ (ସିଭିଲ ୱିଙ୍ଗ୍)**

**ଶତକଡ଼ା ଦର ଇ-ଟେଣ୍ଡର ଆମନ୍ତ୍ରଣକାରୀ ପ୍ରେସ୍ ବିଜ୍ଞପ୍ତି**

ଭାରତର ରାଷ୍ଟ୍ରପତିଙ୍କ ତରଫରୁ ନିର୍ବାହୀ ଯନ୍ତ୍ରୀ (ସି), ଡାକ ସିଭିଲ ଡିଭିଜନ, ଭୁବନେଶ୍ୱର ନିମ୍ନଲିଖିତ କାର୍ଯ୍ୟ ପାଇଁ ଅନ୍‌ଲାଇନ ଶତକଡ଼ା ଦର କମ୍ପୋଜିଟ୍ ଟେଣ୍ଡର ଆମନ୍ତ୍ରଣ କରୁଛନ୍ତି:

୧. ଏନ୍‌ଆଇଟି ନଂ.୬/ସିଡିବି/୨୦୨୩-୨୪। କାର୍ଯ୍ୟର ନାମ: ଭଦ୍ରକ ଡିଭିଜନ ଅଧୀନରେ ସିମୁଳିଆଠାରେ ମଲ୍ଟି ହ୍ୟାଣ୍ଡେଡ୍ ସ୍ମଲ୍ ପୋଷ୍ଟ ଅଫିସ୍‌ର ନିର୍ମାଣ । ଅଟକଳ ମୂଲ୍ୟ: ଟ.୭୯,୪୧,୨୮୪.୦୦ । ଅମାନତ ରାଶି: ଟ.୧,୫୮,୮୨୬.୦୦ । ସମାପ୍ତି ଅବଧି: ୧୮୦ (ଏକଶହ ଅଶୀ) ଦିନ । ବିଡ୍ ଦାଖଲର ଶେଷ ତାରିଖ ଓ ସମୟ: ତା୨୩।୦୬।୨୦୨୩ରିଖ, ୧୨.୦୦ ଘଟିକା ପର୍ଯ୍ୟନ୍ତ ।

୨. ଏନ୍‌ଆଇଟି ନଂ.୭/ସିଡିବି/୨୦୨୩-୨୪। କାର୍ଯ୍ୟର ନାମ: ମୟୂରଭଞ୍ଜ ଡିଭିଜନ ଅଧୀନରେ କରଞ୍ଜିଆଠାରେ ମଲ୍ଟି ହ୍ୟାଣ୍ଡେଡ୍ ସ୍ମଲ୍ ସାଇଜ୍ ପୋଷ୍ଟ ଅଫିସ୍‌ର ନିର୍ମାଣ । ଅଟକଳ ମୂଲ୍ୟ: ଟ.୬୩,୨୧,୧୨୨.୦୦ । ଅମାନତ ରାଶି: ଟ.୧,୨୬,୪୨୨.୦୦ । ସମାପ୍ତି ଅବଧି: ୧୮୦ (ଏକଶହ ଅଶୀ) ଦିନ । ବିଡ୍ ଦାଖଲର ଶେଷ ତାରିଖ ଓ ସମୟ: ତା୨୩।୦୬।୨୦୨୩ରିଖ, ୧୨.୦୦ ଘଟିକା ପର୍ଯ୍ୟନ୍ତ ।

୩. ଏନ୍‌ଆଇଟି ନଂ.୮/ସିଡିବି/୨୦୨୩-୨୪। କାର୍ଯ୍ୟର ନାମ: ବଲାଙ୍ଗୀର ଡିଭିଜନ ଅଧୀନରେ ବଲାଙ୍ଗୀର କୋର୍ଟ ସ୍ମଲ୍ ପୋଷ୍ଟ ଅଫିସ୍‌ର ନିର୍ମାଣ । ଅଟକଳ ମୂଲ୍ୟ: ଟ.୪୨,୭୩,୪୨୮.୦୦ । ଅମାନତ ରାଶି: ଟ.୮୫,୪୬୯.୦୦ । ସମାପ୍ତି ଅବଧି: ୧୫୦ (ଏକଶହ ପଚାଶ) ଦିନ । ବିଡ୍ ଦାଖଲର ଶେଷ ତାରିଖ ଓ ସମୟ: ତା୨୩।୦୬।୨୦୨୩ରିଖ, ୧୨.୦୦ ଘଟିକା ପର୍ଯ୍ୟନ୍ତ ।

୪. ଏନ୍‌ଆଇଟି ନଂ.୯/ସିଡିବି/୨୦୨୩-୨୪। କାର୍ଯ୍ୟର ନାମ: ଭୁବନେଶ୍ୱର ଡିଭିଜନ ଅଧୀନରେ ଆଇଆର୍‌ସି ଭିଲେଜ୍, ଭୁବନେଶ୍ୱରଠାରେ ସ୍ମଲ୍ ପୋଷ୍ଟ ଅଫିସ୍‌ର ନିର୍ମାଣ । ଅଟକଳ ମୂଲ୍ୟ: ଟ.୫୩,୩୮,୨୪୦.୦୦ । ଅମାନତ ରାଶି: ଟ.୧,୦୬,୭୬୫.୦୦ । ସମାପ୍ତି ଅବଧି: ୧୮୦ (ଏକଶହ ଅଶୀ) ଦିନ । ବିଡ୍ ଦାଖଲର ଶେଷ ତାରିଖ ଓ ସମୟ: ତା୨୩।୦୬।୨୦୨୩ରିଖ, ୧୨.୦୦ ଘଟିକା ପର୍ଯ୍ୟନ୍ତ ।

ବିଡ୍ ଫର୍ମ ଏବଂ ଅନ୍ୟାନ୍ୟ ବିବରଣୀ ୱେବ୍‌ସାଇଟ୍ https://dopcivil.euniwizarde.comରୁ ହାସଲ କରାଯାଇପାରିବ।

ସ୍ୱା./- ନିର୍ବାହୀ ଯନ୍ତ୍ରୀ (ସି)
ଡାକ ସିଭିଲ ଡିଭିଜନ, ଭୁବନେଶ୍ୱର



**कार्यपालक अभियंता का कार्यालय**
पथ निर्माण विभाग, पथ प्रमंडल, जामताड़ा

**ई-प्रोक्योरमेंट सूचना सं०-02 / 2023—24**

ई—निविदा प्रसंग— RCD/JAMTARA/ 548 दिनांक 12.06.2023

| | | |
|---|---|---|
| 1 | कार्य का नाम | Construction of ROB in lieu of Existing Level Crossing No.13/B/E 266.650 Km at Jamtara-Karmatand Laharjori Road (MDR) under Setu Bandhan Sub Scheme (CRIF) in Jamtara District for the year 2023-24 |
| 2 | प्राक्कलित राशि | रू 5395.00 लाख (तिरपन करोड़ पंचानबे लाख) |
| 3. | कार्य पूर्ण करने की अवधि | 24 महीना |
| 4. | ई—निविदा प्राप्त करने की अंतिम तिथि एंव समय | 22.07.2023 के दोपहर 12:00 बजे तक |
| 5 | ई—निविदा का वेबसाईट पर प्रकाशन की तिथि एंव समय | 23.06.2023 के अपराहन 4:30 बजे से |
| 6. | ई—निविदा आमंत्रित करने वाले कार्यालय का नाम एंव पता | कार्यपालक अभियंता, पथ प्रमंडल, जामताड़ा। |
| 7. | ई—प्रोक्यूरमेंट अधिकारी का संपर्क नं0 / मोबाईल नं0 | 8210084525 |
| 8. | ई—प्रोक्यूरमेंट सेल का संपर्क सहायता नम्बर | 0651-2401010 |

नोटः— प्राक्कलित राशि घट—बढ़ सकती हैं। निविदा संबंधी अन्य जानकारी http://jharkhandtenders.gov.in पर देखा जा सकता है।

ह0 / — कार्यपालक अभियंता
पथ निर्माण विभाग, पथ प्रमंडल, जामताड़ा

PR 299908 Road (23-24)_D



**IIIT Bhubaneswar**
Imagine, Innovate, Inspire
(A University established by Government of Odisha)

**Admission Announcement**
**B.Tech. Programme**

IIIT Bhubaneswar reserves 50% seats for Odisha category candidates and the counseling for admission shall be done by the Institute directly. The admission for the rest of the seats shall be done by JoSAA 2023.
Applications are invited for admission to B.Tech. Programme under **Odisha category** in the following disciplines :

- Computer Science & Engineering
- Electronics & Telecommunication Engineering
- Electrical & Electronics Engineering
- Information Technology
- Computer Engineering

Admission to the above disciplines shall be strictly done only through JEE (Main) 2023 Rank.
For Admission Bulletin and more details visit the following link : **https://www.iiit-bh.ac.in/admission**

**Phone : 0674-2653305**
**E-mail : btechadmission@iiit-bh.ac.in, Home page : www.iiit-bh.ac.in**
IIIT Bhubaneswar, Gothapatna, PO: Malipada, Bhubaneswar-751003, India



**ODISHA SUB-ORDINATE STAFF SELECTION COMMISSION**
ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ
ବ୍ଲକ ନଂ-3 ଏବଂ 5, ୟୁନିଟ-1, ଭୁବନେଶ୍ୱର-751009
ଦୂରଭାଷ-0674-2597149, 2597152 (ଅଫିସ), ଫାକ୍ସ-0674-2597155, ୱେବସାଇଟ:www.osssc.gov.in

**BIDDING**

No.IIE-26/2023-1055/OSSSC Date:13.06.2023

**FOR SELECTION OF SERVICE PROVIDERS FOR SERVICES RELATING TO RECRUITMENT EXAMINATIONS**

**No.T:**The Odisha Sub-ordinate Staff Selection Commission, Bhubaneswar, set up by the Government of Odisha to conduct recruitment examinations for District Cadre Group- B & C Civil posts, invites Bid for selection of Service Providers for the following examination related services.
1. **Examination**:- DTP Typing (bilingual - English/ Odia), designing, printing and supply of Question Booklets and Two Part Carbonless blank OMR Answer Sheets.
2. **Post Examination**:- Scanning of OMR Answer Sheets, validation of data, evaluation, verification and authentication of roll numbers, processing, preparation of merit list of all candidates along with district-wise, category-wise break up.

The selection will remain valid for the next 5 years unless otherwise found wanting in performance. The Commission reserves the right to select up to three service providers, i.e. L1, L2 and L3 bidders for this service provided the L2 and L3 bidders agree to provide the services at L1 rate. In case the Commission selects two or three service providers, the work will be allocated to the service providers on rotation basis as will be decided by the Commission from time to time.

The terms of reference, detailed scope of work, eligibility criteria etc. are available in the full document hosted in the Commission's web portal **www.osssc.gov.in.** BID complete in all respect with documents indicated in the proper proforma should reach **“The Secretary, Odisha Sub-ordinate Staff Selection Commission, Block No.3 & 5, Unit I, Bhubaneswar-751009”** by Registered/Speed Post or private courier in a sealed envelope superscribed on the Top cover **“BID FOR SELECTION OF RECRUITMENT SERVICE PROVIDERS”** latest by 05.00 PM on 20.07.2023.
a) Pre-Bid meeting will be held at 04.00 PM on 21.06.2023 in virtual mode. Agencies/parties, if interested to participate in the pre-bid meeting will have to submit their willingness by Email osssc.od@nic.in to the Commission on or before 19.06.2023. The link to join Pre-Bid meeting will be made available to the parties in advance.
b) After the Pre-Bid meeting required modification, if any, will be incorporated in the document and will be finally published on 26.06.2023.
c) The bidding process will start from 26.06.2023 and close at 05.00 PM on 20.07.2023.
d) The Technical BIDs will be opened at 11.00 AM on 21.07.2023 at OSSSC and Financial bid will be opened at a later date which will be intimated to the parties who qualify in Technical Bid.

The OSSSC, Bhubaneswar reserves rights to cancel or reject any or all the BIDs without assigning any reason thereof.

OIPR-09007/11/0007/2324 **Sd./- Secretary**

# ଥାନା ସମ୍ମୁଖ ଝୁମ୍ପୁଡ଼ିରେ ଯୁବକଙ୍କ ମୃତଦେହ

■ ମୁହଁରୁ ଝରୁଛି ରକ୍ତର ଧାର, ମିଳିନି ପରିଚୟ
■ ହତ୍ୟା ସନ୍ଦେହ, ଆଜି ହେବ ବ୍ୟବଚ୍ଛେଦ

ସତ୍ୟଜିତ୍ ରାଉତ
ଭୁବନେଶ୍ୱର, ୧୪।୬

ଭୁବନେଶ୍ୱର ମଞ୍ଚେଶ୍ୱର ଥାନା ସାମ୍ନାରେ ବୁଧବାର ଜଣେ ଯୁବକଙ୍କ ସନ୍ଦେହଜନକ ଅବସ୍ଥାରେ ମୃତ୍ୟୁ ହୋଇଛି। ଥାନା ନିକଟରୁ ପ୍ରାୟ ୩୦ ମିଟର ଦୂର ରାସ୍ତା କଡ଼ରେ ଥିବା ଏକ ଝୁମ୍ପୁଡ଼ି ଘର ଭିତରୁ ପୋଲିସ ମୃତଦେହ ଜବତ କରି କ୍ୟାପିଟାଲ ହସ୍ପିଟାଲ ପଠାଇଛି। ତେବେ ମୃତ ଯୁବକଙ୍କ ପରିଚୟ ମିଳି ନ ଥିବାରୁ ପୋଲିସ ଅଡୁଆରେ ପଡ଼ିଛି। ଯୁବକଙ୍କ ମୁହଁରୁ ରକ୍ତ ଝରୁଥିବା ଦେଖିବାକୁ ମିଳିଛି। ଏହି ରକ୍ତ ତାଙ୍କ ନାକରୁ ଝରୁଥିବା କୁହାଯାଉଛି। ତେବେ କେଉଁ ପରିସ୍ଥିତିରେ ଯୁବକଙ୍କ ମୃତ୍ୟୁ ହୋଇଛି ତାହା ଜଣାପଡ଼ିନାହିଁ। ଗୁରୁବାର ମୃତଦେହର ବ୍ୟବଚ୍ଛେଦ ହେବ, ଏହାର ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ


ଘଟଣାସ୍ଥଳରେ ପୋଲିସ ତଦନ୍ତ କରୁଛି।

ବୋଲି ପୋଲିସ ପକ୍ଷରୁ କୁହାଯାଇଛି। ଏ ସଂକ୍ରାନ୍ତରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଅନ୍ୟପକ୍ଷରେ ମୃତଦେହ ମିଳିଥିବା ସ୍ଥାନକୁ ପୋଲିସ ସିଲ୍ କରି ନିଷିଦ୍ଧାଞ୍ଚଳ ବୋଲି ଘୋଷଣା କରିଛି। ଗୁରୁବାର ସକାଳେ ସେଠାରେ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ନମୁନା ସଂଗ୍ରହ କରିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି। ମୃତବ୍ୟକ୍ତିଜଣକ କୌଣସି ଗାଡିର କର୍ମଚାରୀ ହୋଇଥିବା ସନ୍ଦେହ କରାଯାଉଛି।

ସୂଚନା ଅନୁଯାୟୀ, ଥାନା ନିକଟରେ ଟ୍ରକ୍ ପାର୍କିଂ କରୁଥିବା ଡ୍ରାଇଭର ଓ ହେଲ୍‌ପରମାନେ ରାସ୍ତା କଡ଼ରେ ଏକ ଅସ୍ଥାୟୀ ଝୁମ୍ପୁଡ଼ି ଘର ନିର୍ମାଣ କରିଛନ୍ତି। ସେଠାରେ ବହୁ ସମୟରେ ଡ୍ରାଇଭର ଓ ହେଲ୍‌ପରମାନେ ବିଶ୍ରାମ କରିବା ସହ ଖଟି ମଧ କରନ୍ତି। ତେବେ ଉକ୍ତ ଘରେ ଏକ ପ୍ଲାଇ ଓ ବାଉଁଶ ଦ୍ୱାରା ହୋଇଥିବା ଅସ୍ଥାୟୀ ଟେବୁଲ ଉପରେ ଯୁବକ ଜଣଙ୍କ ଶୋଇଥିବା ସନ୍ଧ୍ୟା ସମୟରେ ସ୍ଥାନୀୟ ଅଞ୍ଚଳର ଲୋକମାନେ ଦେଖିବାକୁ ପାଇଥିଲେ। ଯୁବକ ଜଣଙ୍କ ଏକ ଫୁଲ୍ ସ୍ପୋର୍ଟ୍ସ ପ୍ୟାଣ୍ଟ ପିନ୍ଧିଥିବା ବେଳେ ମୁଣ୍ଡ ତଳେ ଏକ ଗାମୁଛା ଥିଲା। ଏଥିସହ ଏକ ନାଲି ବ୍ୟାନିଅନ୍ ତାଙ୍କ ମୁଣ୍ଡ ଉପରେ ଘୋଡ଼ା ହୋଇଥିଲା। ଲୋକମାନେ ତାଙ୍କୁ ଡାକିବାରୁ ସେ ଶୁଣି ନ ଥିଲେ। ତେଣୁ ଯୁବକଙ୍କ ମୃତ୍ୟୁ ହୋଇଥିବା ସନ୍ଦେହ କରି ସେମାନେ ଥାନାକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରି ହସ୍ପିଟାଲ ପଠାଇଥିଲା। ତେବେ ମୃତଦେହ ମିଳିଥିବା ସ୍ଥାନରେ ମଦ ବୋତଲ ଓ ପାଣି ବୋତଲ ଆଦି ପଡ଼ିଥିବାରୁ ଏହାକୁ ନେଇ ଅଧିକ ଚର୍ଚ୍ଚା ସୃଷ୍ଟି ହୋଇଛି। ଏପରିକି ସେଠାରେ ଅସାମାଜିକ ଯୁବକମାନେ ମଦ୍ୟପାନ କରୁଥିବା ସ୍ଥାନୀୟ ଲୋକେ କହିଛନ୍ତି। ତେଣୁ କୌଣସି କାରଣକୁ ନେଇ ସମ୍ପୃକ୍ତ ଯୁବକଙ୍କ ମୁହଁକୁ କପଡ଼ାରେ ଭିଡ଼ି ହତ୍ୟା କରାଯାଇଥିବା ମଧ ସନ୍ଦେହ କରାଯାଉଛି। ଏପଟେ ଯୁବକଙ୍କ ପରିଚୟ ପାଇବା ପାଇଁ ପୋଲିସ ସ୍ଥାନୀୟ ଅଞ୍ଚଳରେ ପଚରାଉଚରା ଜାରି ରଖିଛି।

# ମୃତଦେହ ଚିହ୍ନଟ ପାଇଁ ପର୍ଯ୍ୟାପ୍ତ ସମୟ ମିଳିବ

ଅଭିଜିତ ଦାସ
ଭୁବନେଶ୍ୱର, ୧୪।୬

**ବାହାନଗା ଟ୍ରେନ୍ ଦୁର୍ଘଟଣା**
ଚିହ୍ନଟ ସମ୍ଭବ ନ ହେଲେ ଗଣଦାହ

ବାହାନଗା ରେଳ ଦୁର୍ଘଟଣାରେ ମୃତକଙ୍କ ସଂଖ୍ୟା ୨୮୯ରେ ପହଞ୍ଚିଛି। ତେବେ ଚିହ୍ନଟ ଲାଗି ବିଭିନ୍ନ ପର୍ଯ୍ୟାୟରେ ୧୬୨ ମୃତଦେହ ଏମ୍‌ସକୁ ଆସିଥିବାବେଳେ ୮୧ ମୃତଦେହକୁ ସେମାନଙ୍କ ପରିବାରକୁ ହସ୍ତାନ୍ତର କରାଯାଇଛି ଓ ଅବଶିଷ୍ଟ ୮୧ଟି ମୃତଦେହର ଚିହ୍ନଟ ପ୍ରକ୍ରିୟା ଏବେବି ଜାରି ରହିଛି। ଅଧିକାଂଶ ମୃତଦେହ କ୍ଷତବିକ୍ଷତ ହେବାସହ କଦାକାର ହୋଇଥିବାବେଳେ ଗୋଟିଏ ମୃତଦେହର ଏକାଧିକ ଦାବିଦାର ରହିବା ଓ ଡିଏନ୍ଏ ରିପୋର୍ଟ ଆସିବାରେ ବିଳମ୍ବ ହେଉଛି। ତେଣୁ ମୃତଦେହର ଚିହ୍ନଟ ଲାଗି ମୃତକଙ୍କ ପରିବାର ବା ସମ୍ପର୍କୀୟଙ୍କୁ ପର୍ଯ୍ୟାପ୍ତ ସମୟ ଦିଆଯିବ ବୋଲି ଏମ୍‌ସ ପରିସରରେ ଅନୁଷ୍ଠିତ ବୈଠକରେ ନିଷ୍ପତ୍ତି ହୋଇଛି।

ଗତ ୫ ତାରିଖରେ ଏମ୍‌ସ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଆଶୁତୋଷ ବିଶ୍ୱାସ କହିଥିଲେ, ମୃତକଙ୍କ ଚିହ୍ନଟ ପ୍ରକ୍ରିୟାରେ ଅସୁବିଧା ଯୋଗୁ ଡିଏନ୍ଏ ଟେଷ୍ଟିଂକୁ ଶେଷ ବିକଳ୍ପ ଭାବେ ଗ୍ରହଣ କରିଛୁ। ୪ରୁ ୫ ଦିନ ମଧ୍ୟରେ ଡିଏନ୍ଏ ଟେଷ୍ଟିଂ ରିପୋର୍ଟ ଆସିବ ବୋଲି ଦିଲ୍ଲୀସ୍ଥିତ ଏମ୍‌ସକୁ ଅନୁରୋଧ କରିଛୁ। ତେବେ ୮୧ ମୃତଦେହ ମଧ୍ୟରୁ ୭୫ଟିର ଡିଏନ୍ଏ ନମୁନା ସଂଗ୍ରହ କରାଯାଇ ଟେଷ୍ଟିଂ ନିମନ୍ତେ ଦିଲ୍ଲୀ ପଠାଯାଇଛି। ତେବେ ଡିଏନ୍ଏ ଟେଷ୍ଟିଂର ରିପୋର୍ଟ ଆସିବାରେ ବିଳମ୍ବ ହେତୁ ମୃତଦେହକୁ ନେଇ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହେବାରୁ ଏନେଇ ସେ କହିଛନ୍ତି, ମୃତଦେହ ନେବା ଲାଗି ଡିଏନ୍ଏ ରିପୋର୍ଟକୁ ଅପେକ୍ଷା କରିବାକୁ ପଡିବ। ଏହାସହ ଚିହ୍ନଟ ଲାଗି ମୃତକଙ୍କ ପରିବାରକୁ ପର୍ଯ୍ୟାପ୍ତ ସମୟ ମିଳିବ। କିନ୍ତୁ ଏହାପରେ ରହିଯାଇଥିବା ଅଚିହ୍ନା ମୃତଦେହଗୁଡ଼ିକୁ ଏକାଠି ଗଣଦାହ କରିବାକୁ ଯୋଜନା କରାଯାଇଛି। ଏନେଇ ସରକାରଙ୍କ ପକ୍ଷରୁ ସଙ୍କେତ ମିଳିଲେ ଶବଦାହ ପ୍ରକ୍ରିୟା ଆରମ୍ଭ ହେବ। ବିଏମ୍‌ସି ପକ୍ଷରୁ ଶବଦାହ ଲାଗି ସମସ୍ତ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ରାଜଧାନୀର ୫ଟି ଶ୍ମଶାନରେ ସ୍ଥାନ ଚିହ୍ନଟ କରାଯାଇଛି। ଶ୍ମଶାନରେ ମହଜୁଦ ପରିମାଣର କାଠ ରଖାଯାଇଛି ବୋଲି ବିଶ୍ୱାସ ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ହାଇୱା ପଛକୁ ପିଟିଲା କାର୍, ୪ ଗୁରୁତର

ବାରଙ୍ଗ,୧୪।୬(ଲିଙ୍ଗରାଜ ରାଉତ): ବାରଙ୍ଗ ଥାନା ଅନ୍ତର୍ଗତ ତ୍ରିଶୁଳିଆ ଛକ ନିକଟରେ ବୁଧବାର ଅପରାହ୍ନରେ ଗୋଟିଏ କାର୍ ହାଇୱା ପଛକୁ ଧକ୍କା ଦେବାରୁ କାର୍‌ରେ ଥିବା ୪ଜଣ ଗୁରୁତର ହୋଇଛନ୍ତି। ସେମାନେ ସମସ୍ତେ ଗଞ୍ଜାମ ଅଞ୍ଚଳର ବୋଲି ସୂଚନା ମିଳିଛି। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ୪ ଗୁରୁତରଙ୍କୁ ଡାକ୍ତରଖାନା ପଠାଇଛି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ଅପରାହ୍ନ ପ୍ରାୟ ୨.୩୦ ସମୟରେ ଭୁବନେଶ୍ୱରରୁ କଟକ ଅଭିମୁଖେ ଆସୁଥିବା ନଂ.ଓଡି-୩୩-ଟି-୪୬୫୬ ବିଶିଷ୍ଟ ଏକ ମାରୁତି କାର୍ ତ୍ରିଶୂଳିଆ ଛକ ନିକଟରେ ଥିବା ହମ୍ପସ୍‌ରେ ହଠାତ୍ ଭାରସାମ୍ୟ ହରାଇ ଏକ ହାଇୱା ପଛକୁ ଧକ୍କା ଦେଇଥିଲା। ଏଥିରେ କାର୍‌ର ସମ୍ମୁଖ ଭାଗ ସମ୍ପୂର୍ଣ୍ଣ ଚୂରମାର ହୋଇଯାଇଥିବା ବେଳେ ସେଥିରେ ଥିବା ୪ଜଣ ଗୁରୁତର ହୋଇଥିଲେ। ଘଟଣା ପରେ ହାଇୱା ଚାଳକ ଗାଡ଼ି ନେଇ ଫେରାର ହୋଇଯାଇଥିଲେ। ପରେ ବାରଙ୍ଗ ଥାନା ଏସ୍‌ଆଇ ହେମନ୍ତ ସେଠୀ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହଯୋଗରେ ୪ ଜଣ ଗୁରୁତର ଆହତଙ୍କୁ ଚିକିତ୍ସା ପାଇଁ କଟକ ବଡ଼ ଡାକ୍ତରଖାନାକୁ ପଠାଇଥିଲେ। ବାରଙ୍ଗ ଅଞ୍ଚଳର ଥିବା ବିଭିନ୍ନ ହମ୍ପସ ପୂର୍ବରୁ କୌଣସି ସାଙ୍କେତିକ ଚିହ୍ନ କିମ୍ବା ରଙ୍ଗ ଲଗାଯାଇ ନାହିଁ। ଆଉ ଯେଉଁ କେତୋଟି ସ୍ଥାନରେ ରଙ୍ଗ ଲଗାଯାଇଥିଲା ତାହା ଲିଭି ଯିବାରୁ ଗାଡ଼ି ଚାଳକଙ୍କୁ ଦୂରରୁ ଦେଖା ନଯିବାରୁ ବାରମ୍ବାର ଉକ୍ତ ସ୍ଥାନରେ ଦୁର୍ଘଟଣାମାନ ଘଟୁଛି।

### ରକ୍ତଦାତା ଦିବସରେ ରକ୍ତଦାତାଙ୍କୁ ସମ୍ବର୍ଦ୍ଧନା

ଭୁବନେଶ୍ୱର,୧୪।୬(ଅଭିଜିତ ଦାସ): ବିଶ୍ୱ ରକ୍ତଶ୍‌ଦାତା ଦିବସରେ ବୁଧବାର କ୍ୟାପିଟାଲ ହସ୍ପିଟାଲ ବ୍ଲଡ୍ ବ୍ୟାଙ୍କ ପରିସରରେ ଏକ ସମ୍ବର୍ଦ୍ଧନା ଉତ୍ସବ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ହସ୍ପିଟାଲର ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଧନଞ୍ଜୟ ଦାସ, କ୍ୟାପିଟାଲ ହସ୍ପିଟାଲର ବ୍ଲଡ଼ ବ୍ୟାଙ୍କ ଅଧିକାରୀ ଡକ୍ଟର ଦେବାଶିଷ ମିଶ୍ର ଓ ଅନ୍ୟ ଅତିଥି ମାନଙ୍କ ଦ୍ୱାରା ଏକ ମାନବ ଚେନ କରାଯାଇଥିଲା। ନିୟମିତ ଭାବେ ସ୍ୱଇଚ୍ଛାରେ ରକ୍ତଦାନ କରୁଥିବା ରକ୍ତଦାତା ତଥା ବିଭିନ୍ନ ସଙ୍ଗଠନଗୁଡ଼ିକୁ ସମ୍ମାନିତ କରିବା ସହ ରକ୍ତଦାନର ବିଭିନ୍ନ ଉପକାରିତା ସମ୍ବନ୍ଧରେ ଆଲୋଚନା କରାଯାଇଥିଲା।

### ଚୋରା ମୋବାଇଲ ବିକ୍ରି ବେଳେ ୨ ଗିରଫ

ଭୁବନେଶ୍ୱର ୧୪।୬(ସତ୍ୟଜିତ୍ ରାଉତ): ଚୋରା ମୋବାଇଲ ବିକ୍ରି କରିବା ଅଭିଯୋଗରେ ବୁଧବାର ୨ ଯୁବକଙ୍କୁ ଶହୀଦନଗର ଥାନା ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତଦ୍ୱୟ ହେଲେ ଖାରବେଳନଗର ଥାନା ଅନ୍ତର୍ଗତ ସୀତାପୁର ବସ୍ତିରେ ରହୁଥିବା ଶାନ୍ତନୁ ନାୟକ ଓ କ୍ୟାପିଟାଲ ଥାନା ଅନ୍ତର୍ଗତ ରାଧାକୃଷ୍ଣ ବସ୍ତିରେ ରହୁଥିବା ସୁର ଘଡ଼େଇ। ଅଭିଯୁକ୍ତଙ୍କ ପାଖରୁ ପୋଲିସ ୫ଟି ଚୋରା ମୋବାଇଲ ଜବତ କରିଛି। ସୂଚନା ଅନୁଯାୟୀ, ଯୁବକଦ୍ୱୟ ଶାନ୍ତିପଲ୍ଲି ଓଭରବ୍ରିଜ ନିକଟ ରାସ୍ତାରେ ସକାଳ ପ୍ରାୟ ୬ଟା ବେଳେ ଲୋକମାନଙ୍କୁ ଚୋରି ମୋବାଇଲ ବିକ୍ରି କରୁଥିବା ପୋଲିସ ସୂଚନା ପାଇ ଚଢ଼ଉ କରିଥିଲା। ଅଭିଯୁକ୍ତଦ୍ୱୟ ଧରାପଡ଼ିବା ପରେ ଭୁବନେଶ୍ୱରର ବିଭିନ୍ନ ଅଞ୍ଚଳରୁ ମୋବାଇଲଗୁଡ଼ିକ ଚୋରି କରିଥିବା ପୋଲିସକୁ କହିଥିଲେ।

### ଇସ୍କନ ରଥଟଣା ବେଳେ ନୟାପଲ୍ଲୀ ଓଭରବ୍ରିଜ୍‌ରେ ଯିବନାହିଁ ଗାଡ଼ି

ଭୁବନେଶ୍ୱର, ୧୪।୬(ବନ୍ଦନା ସେଠୀ): ଭୁବନେଶ୍ୱରସ୍ଥିତ ଇସ୍କନ ମନ୍ଦିରରେ ରଥଯାତ୍ରା କିପରି ସୁରୁଖୁରୁରେ ସମ୍ପନ୍ନ ହେବ ସେ ନେଇ ବିଏମ୍‌ସି ଏବଂ ଇସ୍କନ ମନ୍ଦିର ପ୍ରଶାସନ ମଧ୍ୟରେ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଇସ୍କନ ମନ୍ଦିର ପାଖରେ ଥିବା ତେଲ ଟାଙ୍କି ନିକଟରେ ରହିଥିବା ଗାଡ଼ି ଗୁଡ଼ିକୁ ହଟାଯାଇ ସେଠାରେ ଗାଡ଼ି ପାର୍କିଂ ବ୍ୟବସ୍ଥା କରାଯିବ। ଏଥିସହ ଲେବର ଅଫିସ ପାଖରେ ଥିବା ବସ୍ତି ନିକଟରେ ଏବଂ ନୟାପଲ୍ଲୀ ଦୁର୍ଗାପୂଜା ମଣ୍ଡପରେ ଗାଡ଼ି ପାର୍କିଂ କରାଯିବ। ସେହିପରି ରଥଟଣା ଆରମ୍ଭ ହେବା ସମୟରେ ଯାନବାହନକୁ ଫାୟାରଷ୍ଟେଶନ ପାଖରୁ ଡାଇଭର୍ଟ କରାଯିବ। ତଳରାସ୍ତାରେ କୌଣସି ଗାଡ଼ିକୁ ଛଡାଯିବ ନାହିଁ। ମନ୍ଦିରରୁ ରଥ ବାହାରି ସିଆର୍‌ପି ଦେଇ ଯିବାବେଳେ କୌଣସି ଗାଡ଼ି ଓଭରବ୍ରିଜ୍ ଉପରେ ଯିବନାହିଁ। ଯାତ୍ରାର ଦୁଇଦିନ ପୂର୍ବରୁ ରାସ୍ତା କଡ଼ ଗଛର ଡାଳଗୁଡିକୁ କଟାଯିବ। ମେୟର ସୁଲୋଚନା ଦାସଙ୍କ ଅଧକ୍ଷତାରେ ଆୟୋଜିତ ଏହି ବୈଠକରେ ବିଧାୟକ ସୁଶାନ୍ତ ରାଉତ, କର୍ପୋରେଟର ମାନସୀ ସୁନ୍ଦରାୟ, କ୍ୟାପିଟାଲ ହସ୍ପିଟାଲ ନିର୍ଦ୍ଦେଶକ ଡା. ଲକ୍ଷ୍ମୀଧର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



କ୍ୟାପିଟାଲ ହସ୍ପିଟାଲ ବ୍ଲଡ୍ ବ୍ୟାଙ୍କ୍‌ଠାରେ ବୁଧବାର ବିଶ୍ୱ ରକ୍ତଦାତା ଦିବସ ପାଳନ ଅବସରରେ ଆୟୋଜିତ ମାନବ ଶୃଙ୍ଖଳ।

# ଲୋକକଳା ମାଧ୍ୟମରେ ଘରେ ଘରେ ପହଞ୍ଚିବ ସରକାରୀ ଯୋଜନା

ଭୁବନେଶ୍ୱର,୧୪।୬ (ଶର୍ମିଷ୍ଠା ପାଣିଗ୍ରାହୀ)

**୫ ମାର୍ଗଦର୍ଶିକା ଜାରି**

ଲୋକକଳା ମାଧ୍ୟମରେ ସରକାରଙ୍କ ଯୋଜନାର ପ୍ରଚାର ପ୍ରସାର ହେବା ସହ ଘରେ ଘରେ ପହଞ୍ଚିବ। ଏ ନେଇ ଓଡ଼ିଆ ଭାଷା,ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ବୁଧବାର ୫ ମାର୍ଗଦର୍ଶିକା ଜାରି କରାଯାଇଛି। ସରକାରଙ୍କ ସମସ୍ତ ଯୋଜନାକୁ ସମାଜର ସବୁ ସ୍ତରରେ ଓ ସବୁ ଅଞ୍ଚଳରେ ପହଞ୍ଚାଇବା ପାଇଁ ପରାମର୍ଶ ଦିଆଯାଇଛି। ଏଥିସହ ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ଏନେଇ ସମସ୍ତ ଜିଲାପାଳଙ୍କୁ ଚିଠି ଲେଖି ଜଣାଇଛନ୍ତି। ରାଜ୍ୟରେ ଲୋକକଳା ଓ ଲୋକ କଳାକାରଙ୍କ ଉନ୍ନତି, ରକ୍ଷଣାବେକ୍ଷଣା, ପ୍ରଚାରପ୍ରସାର, ପ୍ରତିପୋଷଣ ଓ ସୁଦୃଢ଼ୀକରଣ ନିମନ୍ତେ ମଣ୍ଡଳ ସ୍ତରୀୟ, ଜିଲା ସ୍ତରୀୟ ଓ ରାଜ୍ୟ ସ୍ତରୀୟ ସଂଘ ରହିଛି। ତେବେ ବିଭାଗ ସ୍ତରରେ ୫ଟି ମାର୍ଗଦର୍ଶିକା ପ୍ରକାଶ କରାଯାଇଛି। ସମସ୍ତ ବିଭାଗର ଯୋଜନାଗୁଡ଼ିକର ସଫଳ ରୂପାୟନ ସମ୍ବନ୍ଧରେ ସୂଚନା, ଶିକ୍ଷା ଓ ସଞ୍ଚାରର ସିଧାସଳଖ ପ୍ରଚାର ପ୍ରସାର ପାଇଁ ବିଭାଗ ସହ ଆଦାନ ପ୍ରଦାନ କରିବେ, ଯୋଜନାଗୁଡ଼ିକର ରୂପରେଖ ପ୍ରସ୍ତୁତି ସମୟରେ କେଉଁ ଉପାୟ ଓ କେଉଁ ମାଧ୍ୟମରେ ପ୍ରଚାର ପ୍ରସାର କରିବେ ତାହା ସ୍ପଷ୍ଟ କରିବେ, ଲୋକଙ୍କ ପାଖରେ ସିଧାସଳଖ ପହଞ୍ଚିବାକୁ ଥିବା ବାର୍ତ୍ତା, ସୂଚନା ଓ ବିବରଣୀଗୁଡ଼ିକର ରୂପରେଖ ଯଥାସମ୍ଭବ ମନୋରଞ୍ଜନ ଧର୍ମୀ, ସରଳ ଓ କଥିତ ଭାଷାରେ ପ୍ରସ୍ତୁତ କରିବେ, ସ୍ଥାନୀୟ ଅଞ୍ଚଳର ପାରମ୍ପରିକ କଳା, କଳାକାର, ଭାଷା, କଥିତ ଶବ୍ଦ ବ୍ୟବହାର କରି ଯୋଜନାର ପ୍ରଚାର ପାଇଁ ବ୍ୟବସ୍ଥା ଓ ବ୍ୟୟ ଅଟକଳ କରିବାକୁ ଉଲ୍ଲେଖ ରହିଛି।

# ଉତ୍କଳ ବିଶ୍ୱବିଦ୍ୟାଳୟରେ ଚାକିରି ଦେବା ଆଳରେ ଠକେଇ

**ଅଭିଯୁକ୍ତ ଗିରଫ, ଅଭିଯୋଗ ତାଲିକା ବଢ଼ିବା ଆଶଙ୍କା**

ସତ୍ୟଜିତ୍ ରାଉତ
ଭୁବନେଶ୍ୱର ୧୪।୬

ଉତ୍କଳ ବିଶ୍ୱବିଦ୍ୟାଳୟରେ ଚାକିରି ଦେବା ଆଳରେ ୧.୩୭ ଲକ୍ଷ ଟଙ୍କା ଠକିବା ଅଭିଯୋଗରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଚନ୍ଦ୍ରଶେଖରପୁର ଥାନା ପୋଲିସ ବୁଧବାର ଗିରଫ କରିଛି। ସେ ହେଲେ ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ଚକେଇସିଆଣିରେ ରହୁଥିବା ଗଞ୍ଜାମ ଜିଲା ଗୋଳନ୍ଥରା ଥାନା ଅଞ୍ଚଳର ଗୌରାଙ୍ଗ ସାହୁ (୩୦)। ଗୌରାଙ୍ଗଙ୍କୁ କୋର୍ଟଚାଲାଣ କରାଯିବା ପରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ଠକେଇର ଶିକାର ହୋଇଛନ୍ତି ଚନ୍ଦ୍ରଶେଖରପୁର ଥାନାଞ୍ଚଳରେ ରହୁଥିବା ବଡ଼ମ୍ବା ଅଞ୍ଚଳର ଶ୍ରୀକାନ୍ତ ସାହୁ। ସେ ଏକ ଘରୋଇ ସଂସ୍ଥାରେ ସିକ୍ୟୁରିଟି ଗାର୍ଡ ଭାବେ ଚାକିରି କରିବା ସହ ପାର୍ଟ ଟାଇମ୍ ଭାବରେ ରାପିଡୋ ବାଇକ୍ ଚଳାନ୍ତି। ଅଭିଯୁକ୍ତ ଗୌରାଙ୍ଗ ଗତ ଏପ୍ରିଲରେ ଚକେଇସିଆଣିରୁ ଶ୍ରୀକାନ୍ତଙ୍କୁ ରାପିଡୋରେ ନେଇ ଉତ୍କଳ ବିଶ୍ୱବିଦ୍ୟାଳୟରେ ଛାଡ଼ିଥିଲେ। ସେହି ସମୟରେ ଗୌରାଙ୍ଗ ନିଜକୁ ଉତ୍କଳ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ଲାଇବ୍ରେରିଆନ୍ ବୋଲି ପରିଚୟ ଦେଇଥିଲେ। ଏଥିସହ ବିଭିନ୍ନ କଥା କହି ବିଶ୍ୱାସ ଜନ୍ମାଇବା ପରେ ଶ୍ରୀକାନ୍ତଙ୍କୁ ଉତ୍କଳ ବିଶ୍ୱବିଦ୍ୟାଳୟରେ ଆସିଷ୍ଟାଣ୍ଟ ଲାଇବ୍ରେରିଆନ୍ ପୋଷ୍ଟରେ ଚାକିରି କରାଇଦେବାର ପ୍ରତିଶ୍ରୁତି ଦେଇଥିଲେ। ଏଥିପାଇଁ ଗୌରାଙ୍ଗ ଟଙ୍କା ମାଗିବାରୁ ଶ୍ରୀକାନ୍ତ ତାଙ୍କୁ ବିଭିନ୍ନ ପର୍ଯ୍ୟାୟରେ ମୋଟ ୧ ଲକ୍ଷ ୩୭ ହଜାର ଟଙ୍କା ଦେଇଥିଲେ। ସେହିଭଳି ରଞ୍ଜନ କୁମାର ଦାସ ନାମକ ଜଣେ ସାଙ୍ଗଙ୍କୁ ଶ୍ରୀକାନ୍ତ ପରିଚୟ କରାଇବା ପରେ ଗୌରାଙ୍ଗ ତାଙ୍କୁ ମଧ ସମାନ ଭାବେ ଠକି


ଅଭିଯୁକ୍ତ ଗୌରାଙ୍ଗ ସାହୁ।

୪୦ ହଜାର ନେଇଯାଇଥିଲେ। ତେବେ ଶ୍ରୀକାନ୍ତ ଠକେଇର ଶିକାର ହୋଇଥିବା ଜାଣିବା ପରେ ଥାନାରେ ଏତଲା ଦେଇଥିଲେ। ମଙ୍ଗଳବାର ପୋଲିସ ଏକ ମାମଲା (ନଂ.୨୮୫/୨୦୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତେବେ ଗୌରାଙ୍ଗ ଏଭଳି ଅନ୍ୟବ୍ୟକ୍ତିଙ୍କୁ ମଧ ଠକିଥିବା ପାଲିସ ସନ୍ଦେହ କରୁଛି। ତେଣୁ ଅଭିଯୋଗ ତାଲିକା ବଢ଼ିବା ନେଇ ପୋଲିସ ଆଶଙ୍କା କରି ଅଧିକ ତଦନ୍ତ ଜାରି ରଖିଛି।

### ଏସ୍‌ସିବିରେ ବାହାନଗା ରେଳ ଦୁର୍ଘଟଣାରେ ଆହତଙ୍କୁ ଭେଟିଲେ ବିଶ୍ୱଭୂଷଣ

କଟକ,୧୪।୬(କାର୍ତ୍ତିକ ସାହୁ)

ଏସ୍‌ସିବି ମେଡିକାଲରେ ଚିକିତ୍ସିତ ହେଉଥିବା ବାହାନଗା ରେଳ ଦୁର୍ଘଟଣା ଆହତଙ୍କୁ ଛତିଶଗଡ଼ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ ବୁଧବାର ଭେଟିଛନ୍ତି। କଡ଼ା ସୁରକ୍ଷା ମଧ୍ୟରେ ବିଶ୍ୱଭୂଷଣ ପହଞ୍ଚିବା ପରେ ଚକ୍ଷୁ ବିଭାଗର ତୃତୀୟ ମହଲାରେ ଚିକିତ୍ସିତ ହେଉଥିବା ଆହତଙ୍କ ନିକଟକୁ ଯାଇଥିଲେ। ସେଠାରେ ଆହତମାନଙ୍କୁ ସ୍ୱାସ୍ଥ୍ୟାବସ୍ଥା ଓ ଚିକିତ୍ସା ସମ୍ପର୍କରେ ପଚାରି ବୁଝିଥିଲେ। ଏସ୍‌ସିବି ମେଡିକାଲ ଅଧୀକ୍ଷକ ଡା. ସୁଧାଂଶୁ ଶେଖର ମିଶ୍ର ଆହତମାନଙ୍କୁ ଯୋଗାଇ ଦିଆଯାଉଥିବା ଚିକିତ୍ସା ସୁବିଧା ବିଷୟରେ ରାଜ୍ୟପାଳଙ୍କୁ ସୂଚନା ଦେଇଥିଲେ। ଆହତମାନଙ୍କୁ ଚିକିତ୍ସା କରୁଥିବା ଡାକ୍ତର, ବରିଷ୍ଠ ପଦାଧିକାରୀଙ୍କ ସମେତ କଟକ ନଗର ଭାଜପା ସଭାପତି ଲଲାଟେନ୍ଦୁ ବଡୁ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଏବେ ଏସ୍‌ସିବି ମେଡିକାଲରେ ୫୬ଜଣ ରେଳ ଦୁର୍ଘଟଣା ଆହତ ଚିକିତ୍ସାଧୀନ ଅଛନ୍ତି।

# 'ବନ୍ଦେ ଶ୍ରୀକ୍ଷେତ୍ର' ଉନ୍ମୋଚିତ


'ବନ୍ଦେ ଶ୍ରୀକ୍ଷେତ୍ର'କୁ ରାଜ୍ୟପାଳ ପ୍ରଫେସର ଗଣେଶୀଲାଲ ଉନ୍ମୋଚନ କରୁଛନ୍ତି।

ଶର୍ମିଷ୍ଠା ପାଣିଗ୍ରାହୀ
ଭୁବନେଶ୍ୱର,୧୪।୬

ଶ୍ରୀକ୍ଷେତ୍ର ମହିମାକୁ ନେଇ ଭକ୍ତିଗୀତ 'ବନ୍ଦେ ଶ୍ରୀକ୍ଷେତ୍ର' ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କ ଦ୍ୱାରା ବୁଧବାର ଉନ୍ମୋଚିତ ହୋଇଯାଇଛି। ଗୀତିକାର ଗୁରୁ ଶତପଥୀଙ୍କ ଦ୍ୱାରା ଏହା ରଚନା ହୋଇଥିବା ବେଳେ ସଙ୍ଗୀତ ନିର୍ଦ୍ଦେଶନା କାର୍ତ୍ତିକ କୁମାର ଓ ସଙ୍ଗୀତ ପରିଚାଳନାରେ ପ୍ରଫୁଲ୍ଲ ବେହେରା ରହିଛନ୍ତି। କଣ୍ଠଦାନ କରିଛନ୍ତି କଣ୍ଠଶିଳ୍ପୀ ସତ୍ୟଜିତ୍ ପ୍ରଧାନ। ବୈଭବ ଅଗ୍ରୱାଲ ଓ ଖୁସବୁ ଅଗ୍ରୱାଲଙ୍କ ଦ୍ୱାରା ଗୀତଟି ପ୍ରଯୋଜିତ ଏବଂ ହରିମାଲ ମ୍ୟୁଜିକ ୟୁଟ୍ୟୁବ ଚ୍ୟାନେଲରେ ଗୀତଟି ଉପଲବ୍ଧ।

# ନନ୍ଦନକାନନ ଟ୍ରାନ୍ସଫର୍ମର ଫାଟିବା ଘଟଣାର ତଦନ୍ତ ଆରମ୍ଭ



ବାରଙ୍ଗ,୧୪।୬(ଲିଙ୍ଗରାଜ ରାଉତ)

ପ୍ରାଣୀ ଉଦ୍ୟାନ ନନ୍ଦନକାନନରେ ରୋପ୍‌ୱେ ପାଇଁ ଥିବା ଟ୍ରାନ୍ସଫର୍ମର ଫାଟିବା ଘଟଣାର ବୁଧବାର ତଦନ୍ତ ଆରମ୍ଭ ହୋଇଛି। ଟ୍ରାନ୍ସଫର୍ମର କେମିତି ଫାଟିଲା ସେନେଇ ତନାଘନା ଜୋର୍‌ଦାର ଚାଲିଛି। ବୁଧବାର ବିଦ୍ୟୁତ୍ ବିଭାଗର ୪ଜଣିଆ ଦଳ ନନ୍ଦନକାନନ ପରିଭ୍ରମଣ କରି ଫେରିଛନ୍ତି। ତଦନ୍ତ ପରେ ପ୍ରକୃତ କାରଣ ଜଣାପଡ଼ିବ ବୋଲି ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ସୂଚନା ଥାଉକି ଯେ, ରୋପ୍‌ୱେ ପୁନଃକାର୍ଯ୍ୟକ୍ଷମ ପାଇଁ ନୂତନ ଟ୍ରାନ୍ସଫର୍ମରକୁ ୩୧କେଭି ବିଦ୍ୟୁତ୍ ସଂଯୋଗ କରାଯାଇଥିଲା। ମଙ୍ଗଳବାର ଡିସିବି ୟୁନିଟ ବିଦ୍ୟୁତ୍ ପରୀକ୍ଷାବେଳେ କୌଣସି କାରଣରୁ ଟ୍ରାନ୍ସଫର୍ମର ଫାଟିଯାଇଥିଲା। ଟ୍ରାନ୍ସଫର୍ମର ତଳେ କାର୍ଯ୍ୟରତ ୩ କର୍ମଚାରୀଙ୍କ ଉପରେ ନିଆଁ ଓ ତେଲ ପଡି ଗୁରୁତର ହୋଇଥିଲେ। ଗୁରୁତର ଅବସ୍ଥାରେ କର୍ତ୍ତୃପକ୍ଷ ତରଫରୁ ଚିକିତ୍ସା ନିମନ୍ତେ ସେମାନଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେମାନେ ଏବେ ସାମାନ୍ୟ ସୁସ୍ଥ ଥିବା ସୂଚନା ମିଳିଛି।

# ୭୦ ଯୁକ୍ତ ୨ ରେସିଡେନ୍ସିଆଲ ସ୍କୁଲକୁ ମିଳିଲା ଅନୁମତି

ଅନୁରାଧା ମହାରଣା
ଭୁବନେଶ୍ୱର,୧୪।୬

ରାଜ୍ୟରେ ୨୦୬୫ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଥିବା ବେଳେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ପୁଣି ୭୦ଟି ରେସିଡେନ୍ସିଆଲ ବା ଆବାସିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଖୋଲିବାକୁ ଅନୁମତି ପ୍ରଦାନ କରାଯାଇଛି। ଅନୁଗୁଳରେ ୯ଟି ନୂଆ ଆବାସିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଖୋଲିବାକୁ ଅନୁମତି ମିଳିଥିବା ବେଳେ ବରଗଡରେ ୩ଟି, ଭଦ୍ରକରେ ୫, ବଲାଙ୍ଗୀରରେ ୬, ବୌଦ୍ଧରେ ୩, ଢେଙ୍କାନାଳରେ ୪, ଝାରସୁଗୁଡାରେ ୨, କଳାହାଣ୍ଡିରେ ୫, କେନ୍ଦୁଝରରେ ୫, କୋରାପୁଟରେ ୩, ମାଲକାନଗିରିରେ ୨, ମୟୂରଭଞ୍ଜରେ ୩, ନବରଙ୍ଗପୁରରେ ୪, ରାୟଗଡାରେ ୮ ଓ ସୋନପୁରରେ ୮ଟି ନୂଆ ଆବାସିକ ଉଚ୍ଚ ମାଧ୍ୟମିକ ଖୋଲିବାକୁ ଅନୁମତି ମିଳିଛି। ତେବେ ଯେଉଁସବୁ ଆବାସିକ ଉଚ୍ଚ ମାଧ୍ୟମିକ ଖୋଲିବାକୁ କର୍ତ୍ତୃପକ୍ଷ ଆବେଦନ କରିଥିଲେ, ସମ୍ପୃକ୍ତ ଅନୁଷ୍ଠାନରେ ପାଠାଗାର, ଲ୍ୟାବ ଲାଗି କିପରି ବ୍ୟବସ୍ଥା ରହିଛି, ପାଠପଢ଼ା ଲାଗି ଆବଶ୍ୟକ ବ୍ୟବସ୍ଥା ରହିଛି କି ନାହିଁ, ଅଧ୍ୟାପକଙ୍କ ସଂଖ୍ୟା, ସେହିପରି ଯେଉଁସବୁ ନୂଆ ଅନୁଷ୍ଠାନକୁ ଅନୁମତି ମିଳିଲା ସେ ସବୁ ନିର୍ଦ୍ଦେଶକ, ଉଚ୍ଚ ମାଧ୍ୟମିକ ନିର୍ଦ୍ଦେଶାଳୟଙ୍କ ପାଖରେ ୧୦ ବର୍ଷ ଲାଗି ୨୦ଲକ୍ଷ କିମ୍ବା ୧୦ଲକ୍ଷ (କେବିକେ, ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ) ଟଙ୍କା ଜମା କରିବା ସହ କଲେଜ ନାମରେ କରେଣ୍ଟ ଆକାଉଣ୍ଟସରେ ୮ଲକ୍ଷ କିମ୍ବା ୪ଲକ୍ଷ (ଯଦି କେବିକେ, ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ)ଲାଗି ଜମା କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

ଅନ୍ୟପଟେ ସଂପୃକ୍ତ ବିଦ୍ୟାଳୟଗୁଡ଼ିକର ଭିତ୍ତିଭୂମି ଯାଞ୍ଚ ନେଇ ପ୍ରଶ୍ନ ଉଠିଛି। ବିଭାଗୀୟ କୌଣସି ଅଧିକାରୀ ସମ୍ପୃକ୍ତ ଶିକ୍ଷାନୁଷ୍ଠାନ ପରିଦର୍ଶନ ନକରି ତଥା ବିନା ଯାଞ୍ଚ ରିପୋର୍ଟରେ ଅନୁମତି ପ୍ରଦାନ କରାଯାଇଥିବା ସାଧାରଣରେ ଅଭିଯୋଗ ହୋଇଛି। ବିଶେଷକରି ରାଜ୍ୟରେ ଥିବା ସରକାରୀ ତଥା ଅନୁଦାନପ୍ରାପ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସିଟ୍ ବୃଦ୍ଧି ନକରି ଆବାସିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଖୋଲିବାକୁ ଗଣଶିକ୍ଷା ବିଭାଗର ନିଷ୍ପତ୍ତିକୁ ଅନେକ ଶିକ୍ଷାବିତ୍ ସମାଲୋଚନା କରୁଛନ୍ତି। ରାଜ୍ୟରେ ବିଜେବି, ରେଭେନ୍‌ଶା, ରମାଦେବୀ, ବେସିକସାଇନସ୍, ସାମନ୍ତଚନ୍ଦ୍ରଶେଖର, ଶୈଳବାଳା ମହିଳା କଲେଜ, ଏସ୍‌ସିଏସ୍ କଲେଜ, ଏସ୍‌ଭିଏମ୍ ପରି ପ୍ରତିଷ୍ଠିତ ସରକାରୀ କଲେଜ ଏବଂ ଅନେକ ଅନୁଦାନପ୍ରାପ୍ତ ଜୁନିୟର କଲେଜ ରହିଛି। ଏପରି କଲେଜରେ ପିଲାମାନେ ପଢ଼ିବାକୁ ଆଗ୍ରହ ପ୍ରକାଶ କରୁଥିବା ବେଳେ ପ୍ରତିବର୍ଷ ଏପରି ସବୁ କଲେଜରେ ସିଟ୍ ପୂରଣ ହୋଇଯାଉଥିବାରୁ ଅନେକ ଛାତ୍ରୀଛାତ୍ର ନାମଲେଖାଇବାରୁ ବଞ୍ଚିତ ମଧ ହୋଇଥାନ୍ତି। ଏହାବ୍ୟତୀତ ଅନେକ ରେସିଡେନ୍ସିଆଲ ବା ଆବାସିକ କଲେଜ ରହିଛି। ସେଥିରୁ ହାତଗଣତି କିଛି କଲେଜକୁ ବାଦ୍ ଦେଲେ ଅବଶିଷ୍ଟ କଲେଜରେ ଅନେକ ସିଟ୍ ଖାଲି ପଡିଥାଏ। ରାଜ୍ୟରେ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଭିତ୍ତିଭୂମି ଏବଂ ଶିକ୍ଷାଦାନ ବ୍ୟବସ୍ଥା ଉନ୍ନତମାନର ରହିଥିବା ବେଳେ ନାମଲେଖା ଫି' ଖୁବ କମ୍ ରହିଥାଏ। ଫଳରେ ଗରିବ ପିଲାମାନେ ନାମଲେଖାଇବାରେ ବିଶେଷ ସମସ୍ୟା ହୋଇନଥାଏ। ମାତ୍ର ରାଜ୍ୟର ସରକାରୀ ବା ଅନୁଦାନପ୍ରାପ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସିଟ୍ ସଂଖ୍ୟା ବୃଦ୍ଧି ନକରି ପୁଣି ନୂଆ ଆବାସିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଖୋଲିବା ପଛରେ କାହାର ସ୍ୱାର୍ଥ ରହିଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ତେବେ ଏ ସମ୍ପର୍କରେ ଅଧିକ ତଥ୍ୟ ପାଇଁ ଗଣଶିକ୍ଷା ବିଭାଗର କିଛି ଅଧିକାରୀଙ୍କୁ ଯୋଗାଯୋଗ କରିଥିଲେ ହେଁ ତାହା ସମ୍ଭବ ହୋଇପାରି ନଥିଲା।

## ଆଜିଠୁ ବରୁଣେଇ ରଜ ମହୋତ୍ସବ

ଖୋର୍ଦ୍ଧା,୧୪।୬: (ପ୍ରଭାତ ପାଣିଗ୍ରାହୀ):

ଗୁରୁବାରଠାରୁ ୧୫ତମ ବରୁଣେଇ ରଜ ମହୋତ୍ସବ ଆରମ୍ଭ ହେବ। ଏହା ୩ ଦିନ ଚାଲିବ। ସାଂସ୍କୃତିକ ଅନୁଷ୍ଠାନ ଦିଶାନ୍ତ ଏବଂ ଜିଲା ପ୍ରଶାସନର ସହଭାଗିତାରେ ଆୟୋଜିତ ହେଉଥିବା ଏହି ମହୋତ୍ସବରେ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ବିଭିନ୍ନ ପ୍ରତିଯୋଗିତା ଏବଂ ଅପରାହ୍ନ ୫ଟାରୁ ରାତି ୮ଟା ପର୍ଯ୍ୟନ୍ତ ସଭା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ହେବ। ପିଲାଙ୍କ ମଧ୍ୟରେ ଦୋଳି, ରଜପାନ ଭଙ୍ଗା, ହୁଳହୁଳି, ପୁଚି, କବାଡ଼ି, ପଶା ପ୍ରଭୃତି ପ୍ରତିଯୋଗିତା କରାଯିବ। ସାଂସ୍କୃତିକ ସନ୍ଧ୍ୟାରେ ଛଉ, ଗୋଟି ପୁଅ, ଓଡ଼ିଶୀ ଏବଂ ଆଧୁନିକ ନୃତ୍ୟ ସମେତ ମେଲୋଡି, ଭଜନ ସମାରୋହ ପରିବେଷଣ କରାଯିବ। କଣ୍ଠଶିଳ୍ପୀ ଲୋପାମୁଦ୍ରା ଦାଶ, ଅମ୍ରିତା ନାୟକ, ସୋନାଲି ନନ୍ଦ ଏବଂ ରେଶମ ମାଞ୍ଜଲି ସାହୁ ସଙ୍ଗୀତ ପରିବେଷଣ କରିବେବୋଲି ଦିଶାନ୍ତ ସଭାପତି ତଥା ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ଏବଂ ସମ୍ପାଦକ ଦିଲୀପ ପରିଡା କହିଛନ୍ତି।

# ରଜପର୍ବ, ବରୁଣେଇ ମେଳା ଆରମ୍ଭ

ଖୋର୍ଦ୍ଧା,୧୪।୬: (ପ୍ରଭାତ ପାଣିଗ୍ରାହୀ):

ପହିଲି ରଜରେ ବୁଧବାର ଖୋର୍ଦ୍ଧା ଉପକଣ୍ଠ ବରୁଣେଇ କରୁଣେଇ ପୀଠ ଚଳଚଞ୍ଚଳ ହୋଇ ଉଠିଛି। ବରୁଣେଇ ପୀଠରେ ୩ଦିନ ବ୍ୟାପୀ ରଜ ଉତ୍ସବ ଅବସରରେ ଠାକୁରାଣୀଙ୍କର ସ୍ୱତନ୍ତ୍ର ରୀତିନୀତି ହେବ। ଖୋର୍ଦ୍ଧା ରାଜାଙ୍କ ଅଧିଷ୍ଠାତ୍ରୀ ଦେବୀ ଭାବେ ପରିଚିତ ବରୁଣେଇ ଓ କରୁଣେଇ ଭଗ୍ନୀ ଦ୍ୱୟ କଳା ଓ ଧଳା ଶାଢ଼ି ପରିଧାନ କରି ପୂଜା ପାଉଛନ୍ତି। ଏଠାକାର ଐତିହାସିକ ପାଣ୍ଡବ ଗୁମ୍ଫା, ଦିଗବାରେଣୀ ପାହାଡ଼ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରେ। ସବୁଜିମା ପରିବେଶ ଓ ଆଧ୍ୟାତ୍ମିକ ବାତାବରଣ ମଧ୍ୟରେ ମା'ଙ୍କ ମହିମା ଭକ୍ତଙ୍କୁ ଏଠାକୁ ଟାଣିଆଣେ। ପାହାଡ଼ର ଆଭ୍ୟନ୍ତରରୁ ଚିରସ୍ରୋତା ଝରଣା ବାହାରି ଦେବୀଙ୍କ ନାଭିସ୍ଥଳ ଦେଇ ପାଦଦେଶକୁ ବୋହିଯାଇଛି। ଏହି ଝରଣାକୁ 'ସ୍ୱର୍ଣ୍ଣଗଙ୍ଗା' କୁହାଯାଏ।

**ଦେବୀଙ୍କ ସ୍ୱତନ୍ତ୍ର ରୀତିନୀତି:**

ପହିଲି ରଜ ଅବସରରେ ବୁଧବାର ଠାକୁରାଣୀଙ୍କ ସ୍ୱତନ୍ତ୍ର ନୀତି ସମ୍ପନ୍ନ ପରେ ସକାଳ ୭ଟାରୁ ଦର୍ଶନ ଆରମ୍ଭ ହୋଇଥିଲା। ଖୋର୍ଦ୍ଧା ସମେତ ଆଖପାଖ ଅଞ୍ଚଳରୁ ଏଠାକୁ ଲୋକଙ୍କ ସୁଅ ଛୁଟିଛି। ମାଜଣା ପରେ ନୂତନ ବସ୍ତ୍ର ପରିଧାନ କରି ଚନ୍ଦନଲାଗି ବେଶରେ ଦେବୀ ରଜ ତିନି ଦିନ ଧରି ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଉଥାନ୍ତି। ଏହି ପୀଠରେ ରଜ ପର୍ବ ନିଆରା ଢଙ୍ଗରେ ପାଳନ କରାଯାଏ।

**ଏଣ୍ଡୁରି ପିଠା ଓ ଖିରି ସ୍ୱତନ୍ତ୍ର:**

ପୀଠରେ ଦେବୀଙ୍କୁ ନୈବେଦ୍ୟ ଅର୍ପଣର ଏକ ବିଶେଷତା ରହିଛି। ପଣସପତ୍ର ଠୋଲାରେ ଅରୁଆ ଚାଉଳରେ ପ୍ରସ୍ତୁତ ଖିରି, ନଡ଼ିଆ ଓ ଗୁଡ଼ରେ ପୁରଦିଆ ଏଣ୍ଡୁରି ପିଠା ଭୋଗଲାଗି କରାଯାଏ। ମା'ଙ୍କ ଦର୍ଶନ ସହ ଏହି ଭୋଗ ପାଇଁ ଭକ୍ତଙ୍କ ଆଗ୍ରହ ରହିଥାଏ।

**ମେଳାରେ ଖାଦ୍ୟ ଷ୍ଟଲ୍ ସହ ବିଭିନ୍ନ ପସରା:**

ରଜପର୍ବ ସହିତ ବରୁଣେଇ ପୀଠରେ ବରୁଣେଇ ମେଳା ଆରମ୍ଭ ହୋଇଛି। ଏହା ସ୍ଥାନୀୟ ଅଞ୍ଚଳର ସବୁଠୁ ବଡ଼ମେଳା ବୋଲି କୁହାଯାଉଥିବାବେଳେ ୩ଦିନ ଧରି ଚାଲିବ। ପାହାଡ଼ ପାଦଦେଶରୁ ପାର୍କ ପର୍ଯ୍ୟନ୍ତ ରାସ୍ତା ପାର୍ଶ୍ୱରେ ଭଳିକି ଭଳି ପସରା ମେଲାଇଛନ୍ତି ବ୍ୟବସାୟୀ। ଘରକରଣା ସାମଗ୍ରୀ ସହିତ, ଟେରାକୋଟା, ଖେଳଣା, ଘରୋଇ ସାଜସଜ୍ଜା ପ୍ରଭୃତି ବିଭିନ୍ନ ପ୍ରକାର ସାମଗ୍ରୀ ମିଳୁଛି। ବରୁଣେଇ ବୁଲାବୁଲି ସହ ମେଳାର ମଜା ନେଉଛନ୍ତି ଲୋକେ। ଏଥିସହିତ ରଜପାନ, ଫାଷ୍ଟଫୁଡ, ଦହିବରା, ଗୁପ୍‌ଚୁପ୍, ଆଳୁଦମ୍ ଚାଟ୍, ଆଇସକ୍ରିମ ପ୍ରଭୃତି ଖାଦ୍ୟ ଷ୍ଟଲ୍ ପଡ଼ିଛି। ସେଗୁଡ଼ିକରେ ଲୋକଙ୍କ ଭିଡ଼ ଜମୁଛି।

**୩ ପ୍ଲାଟୁନ ଫୋର୍ସ ମୁତୟନ:**

ବରୁଣେଇ ପୀଠରେ ପହିଲି ରଜରେ ପ୍ରବଳ ଜନସମାଗମକୁ ଦୃଷ୍ଟିରେ ରଖି ପୋଲିସ ପକ୍ଷରୁ ୩ ପ୍ଲାଟୁନ ଫୋର୍ସ, ୮ଜଣ ଅଫିସର ନିୟୋଜିତ ଅଛନ୍ତି। ଟ୍ରାଫିକ ଓ ଭିଡ଼ ନିୟନ୍ତ୍ରଣ ଉପରେ ଗୁରୁତ୍ୱ ଦିଆଯାଇଛି। ପାହାଡ଼ ପାଦଦେଶରେ ଅସ୍ଥାୟୀ ପୋଲିସ କ୍ୟାମ୍ପ କରାଯାଇଛି ବୋଲି ସଦର ଏସ୍‌ଡିପିଓ ଦିଲୀପ ଦାସ ସୂଚନା ଦେଇଛନ୍ତି।

## ରଜ ଉତ୍ସବରେ ବିଭିନ୍ନ ପ୍ରତିଯୋଗିତା


ରଜ ମହୋତ୍ସବ ଅବସରରେ ଜଣେ ବାଳିକା ସଙ୍ଗୀତ ପରିବେଷଣ କରୁଛନ୍ତି।

ଖୋର୍ଦ୍ଧା,୧୪।୬: (ପ୍ରଭାତ ପାଣିଗ୍ରାହୀ):

କଳା ଓ ସଂସ୍କୃତି ବିକାଶ ପରିଷଦ, ଖୋର୍ଦ୍ଧା ଆନୁକୂଲ୍ୟରେ ଦ୍ୱିଦିବସୀୟ ରଜ ଉତ୍ସବ ସ୍ଥାନୀୟ ଗୀତାଭବନରେ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ପ୍ରଥମ ଦିବସରେ ପିଲାମାନଙ୍କ ମଧ୍ୟରେ ବକ୍ତୃତା, ଶଙ୍ଖବାଦନ, ଝୋଟି, ଏକକ ନୃତ୍ୟ (ଓଡ଼ିଶୀ, ସମ୍ବଲପୁରୀ ଓ ଭଜନ ନୃତ୍ୟ) ପ୍ରତିଯୋଗିତା ହୋଇଥିଲା। ସେହିପରି କଣ୍ଠସଙ୍ଗୀତରେ ଓଡ଼ିଶୀ ଛାନ୍ଦ, ଚମ୍ପୁ, ପାରମ୍ପରିକ ଭଜନ ଓ ଜଣାଣ ପ୍ରଭୃତି ପ୍ରତିଯୋଗିତା ହୋଇଥିଲା। ଏଥିରେ ଶତାଧିକ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ପ୍ରତି ବିଭାଗରେ ପ୍ରଥମ ଶ୍ରେଷ୍ଠ ୩ ସ୍ଥାନ ହାସଲ କରିଥିବା କୃତୀ ପ୍ରତିଯୋଗୀଙ୍କୁ ଗୁରୁବାର ଉଦଯାପନୀ ଉତ୍ସବରେ ପୁରସ୍କୃତ କରାଯିବ।

ବକ୍ତୃତାରେ ବିଚାରକ ଭାବେ ଡ. ସୁରେଶ ଛୋଟରାୟ, ସମରଜିତ ପଟ୍ଟନାୟକ ଓ ପ୍ରଭାତ ପାଣିଗ୍ରାହୀ, ସଙ୍ଗୀତରେ ମନ୍ଦାକିନି ତ୍ରିପାଠୀ, ବିଷ୍ଣୁପ୍ରିୟା ଚହଟାରାୟ, ନୃତ୍ୟରେ ସାଗରିକା ମଙ୍ଗରାଜ ଓ କଳ୍ପନା ପ୍ରଧାନ ଏବଂ ଶଙ୍ଖନାଦ, ପୁଚି ଓ ହୁଳହୁଳିରେ ପୁଷ୍ପାଞ୍ଜଳି ମହାପାତ୍ର, ଝୋଟିରେ ଅନୁପମ ମହାନ୍ତି, ବିରଞ୍ଚି ଚହଟାରାୟ ଯୋଗଦେଇ ମୂଲ୍ୟାଙ୍କନ କରିଥିଲେ। ପରିଷଦ ସଭାପତି ଶକ୍ତିଶଙ୍କର ମିଶ୍ର, ସମ୍ପାଦକ ଜ୍ଞାନରଞ୍ଜନ ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବ୍ରଜସୁନ୍ଦର ସାହୁ, ନିକୁଞ୍ଜ ପଟ୍ଟନାୟକ, କ୍ଷୀତିଶ ମୋହନ ଦାସ, ଶୋଭନ ଷୋଷ, ମିହିର ବିଧାର, ସୃଜନ ମିଶ୍ର ଏବଂ ବିମଳ ଷଡ଼ଙ୍ଗୀ ପ୍ରମୁଖ ସହଯୋଗ କରିଥିଲେ।

## ପହିଲି ରଜରେ ମା'ଉଗ୍ରତାରାଙ୍କୁ ସ୍ୱତନ୍ତ୍ର ଭୋଗ



ଖୋର୍ଦ୍ଧା(ପ୍ରଭାତ ପାଣିଗ୍ରାହୀ)/ ନିରାକାରପୁର, ୧୪।୬ (ମାନସ ଚନ୍ଦ୍ର ପଟ୍ଟନାୟକ )

ଖୋର୍ଦ୍ଧା ଜିଲା ରାଉତପଡା ପଞ୍ଚାୟତ ମୁଳିଝରଗଡ଼ ହଟିଆଶୁଣି ପାହାଡ଼ ପାଦଦେଶରେ ଅବସ୍ଥିତ ମା' ଉଗ୍ରତାରାଙ୍କ ପୀଠରେ ସପ୍ତାହ ବ୍ୟାପୀ ରଜ ମହୋତ୍ସବ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଏହି ରଜ ଚାରିଦିନ ମା'ଙ୍କ ପାଖରେ ଏକ ସ୍ୱତନ୍ତ୍ର ଭୋଗ ଲାଗି କରାଯାଇଥାଏ।

ପହିଲି ରଜରେ ମା'ଙ୍କ ଦର୍ଶନ ପାଇଁ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥିଲା। ଶୃଙ୍ଖଳିତ ଦର୍ଶନ ଲାଗି ମନ୍ଦିର ପରିଚାଳନା କମିଟି ଓ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଶ୍ରଦ୍ଧାଳୁମାନେ ଲମ୍ବା ଧାଡିରେ ରହି ମା'ଙ୍କ ଦର୍ଶନ କରିଥିଲେ। ରଜର ଚାରିଦିନ ମାଆଙ୍କ ସ୍ୱତନ୍ତ୍ର ରୀତିନୀତିରେ ପୂଜା ପାଇଥାନ୍ତି। ଏହି ସମୟରେ ମାଆ ଲକ୍ଷ୍ମୀ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଥାନ୍ତି। ଅନ୍ୟ ଦିବସ ଅପେକ୍ଷା ମାଆଙ୍କ ଭୋରୁ ଦ୍ୱାରଫିଟା ପରେ ଅନ୍ୟ ନୀତି ବଢି ଦର୍ଶନ ଆରମ୍ଭ ହୋଇଥିଲା। ଏହି ସମୟରେ ଗୋଲାପ ଜଳ, ଗଙ୍ଗା ଜଳ, କର୍ପୁର, ଜାଇଫଳ ଓ ଚନ୍ଦନ ଭଳି ବିଭିନ୍ନ ସୁଗନ୍ଧଜାତ ଦ୍ରବ୍ୟ ଯୁକ୍ତ ଜଳରେ ସ୍ନାନ କରାଯାଏ। ପରେ ସୁଗନ୍ଧ ପୁଷ୍ପମାଲ୍ୟରେ ସଜାଯାଇ ନୂତନ ବସ୍ତ୍ର ପିନ୍ଧାଯାଇଥିଲା। ଏହି ସମୟରେ ମାଆ ଉଗ୍ରତାରଙ୍କର ଏକ ସ୍ୱତନ୍ତ୍ର ନିୟମ ରହିଛି। ଏହି ସମୟରେ ମାଆଙ୍କ ନିକଟରେ ଅନ୍ନ ଭୋଗ ଲାଗି ହୁଏନି, କେବଳ ଶୁଖିଲି ଭୋଗ ଯେପରି ଚୁଡ଼ା ଓ ବିଭିନ୍ନ ଫଳମୂଳ ଇତ୍ୟାଦି ଲାଗି ହୁଏ ବୋଲି ପୂଜକ ମନୋରଞ୍ଜନ ସାମନ୍ତରାୟ କହିଥିଲେ। ଭକ୍ତମାନେ ହଜାର ହଜାର ସଂଖ୍ୟାରେ ମାଆଙ୍କ ଦର୍ଶନ, ଭୋଗଲାଗି ପରେ ଯାତ୍ରାର ମଜା ଉଠାଉଛନ୍ତି। ସେହିପରି ପହିଲି ରଜ ଅବସରରେ ମନ୍ଦିର ପରିସରରେ ଖୋର୍ଦ୍ଧା ଉପଜିଲାପାଳ ଦୀପ୍ତିରଞ୍ଜନ ସେଠୀ, ଭୁବନେଶ୍ୱର ଉପଜିଲାପାଳ ଦେବପ୍ରସାଦ ସାହୁ, ସ୍ଥାନୀୟ ତହସିଲଦାର ଓ ବରିଷ୍ଠ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ। ଏହି ଯାତ୍ରାରେ ବିଭିନ୍ନ ଘରକରଣା, ସାଜସଜ୍ଜା, ଲୁଗାପଟା, ଖେଳଣା ସାମଗ୍ରୀ ପସରା ମେଲିଛି। ମିନାବଜାର ସହ ଚଟପଟି ଖାଦ୍ୟର ପସରା ମେଲିଛି। ଶ୍ରଦ୍ଧାଳୁଙ୍କ ପାଇଁ ଜିଲା ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ଟ୍ରାଫିକ ବ୍ୟବସ୍ଥା କରାଯାଇଥିବା ବେଳେ ପାନୀୟଜଳର ବ୍ୟବସ୍ଥା ହୋଇଛି। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା।


କୃଷ୍ଣପ୍ରସାଦ ବ୍ଲକର ଏକ ଗ୍ରାମରେ ଗ୍ରୀନ ପାରିକୁଦ ପକ୍ଷରୁ ଅନୁଷ୍ଠିତ ରଜ ମହୋତ୍ସବରେ ଦୋଳି ଖେଳ ଚାଲିଛି।

## ଦୋଳିକୁ ନେଇ ଚାରା ରୋପଣର ସଚେତନତା

କୃଷ୍ଣପ୍ରସାଦ(କୈଳାସଚନ୍ଦ୍ର ପଟ୍ଟନାୟକ)/ବେଗୁନିଆ,୧୪।୬ (ହରପ୍ରସନ୍ନ ପଣ୍ଡା)

କୃଷ୍ଣପ୍ରସାଦ ବ୍ଲକର ବିଭିନ୍ନ ଗ୍ରାମରେ ରଜ ମହୋତ୍ସବ ନିଆରା ଢଙ୍ଗରେ ପାଳିତ ହୋଇଛି। ଗ୍ରୀନ ପାରିକୁଦର ସଦସ୍ୟା ଅମିତା ତରେଇଙ୍କ ଦ୍ୱାରା ମହିଳା, ଶିଶୁଙ୍କୁ ନେଇ ଦୋଳି, ପୁଚି, ମ୍ୟୁଜିକ ଚେୟାର ଆଦି ପ୍ରତିଯୋଗିତା କରିଥିଲେ। ଏଥିସହ ସେ ଦୋଳି ଖେଳକୁ ନେଇ ଚାରା ରୋପଣର ନାରା ଦେଇ ଉଦାହରଣ ସୃଷ୍ଟି କରିଛନ୍ତି। ଏ ନେଇ ସଦସ୍ୟା ଅମିତା କହିଥିଲେ, ଗଛ ନାହିଁ ତ ଦୋଳି ନାହିଁ, ବୃକ୍ଷ ହିଁ ଜୀବନ ଗଛ ଲଗାନ୍ତୁ ଜୀବନ ବଞ୍ଚାନ୍ତୁ ଆଦି କହି ସଚେତନ କରିଛନ୍ତି। ଗ୍ରୀନ ପାରିକୁଦ ସଂଗଠନର ମିନାରାଣୀ ସାହୁ, ବିଷ୍ଣୁ ଚରଣ ବେହେରା, ନକୁଳ ସୁନ୍ଦର, ପ୍ରଭାତୀ ପାହାଣ ସହଯୋଗ କରିଥିଲେ। କୃଷ୍ଣପ୍ରସାଦ ବ୍ଲକର ପିଟି ଶାଳ, ପଥରକଟା, ଝାରକାଟ, ଗୌରୀସାହି ଓ ସିପିଆ ଗାଁରେ ରଜ ମହୋତ୍ସବ ପାଳିତ ହୋଇଛି। ସେହିପରି ବେଗୁନିଆ ବ୍ଲକରେ ଉତ୍ସାହର ସହ ରଜପର୍ବ ପାଳିତ ହୋଇଯାଇଛି। କଣ୍ଟାବାଡ, ତୁଳସୀପୁର, ଗୁଡୁମ, ଡାଳତୋଳା, ଗଡମାଣତୀର, ରାଉତପଡା ଆଦି ବିଭିନ୍ନ ଗ୍ରାମ ସମେତ ବେଗୁନିଆ ସଦର ମହକୁମାସ୍ଥିତ ପ୍ରଭୁ ଦଧିବାମନ ଦେବଙ୍କ ଆମ୍ରକାନନ ପରିସରରେ ରଜ ମହୋତ୍ସବ ପାଳିତ ହୋଇଥିଲା। ବେଗୁନିଆ ଗ୍ରାମ୍ୟ କମିଟିର ସଭାପତି ଲାଲା ଦିଲୀପ କୁମାର ରାୟ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଶିକ୍ଷାବିତ ଭାଗୀରଥି ପରିଡା ବକ୍ତା ଭାବେ ଏବଂ ମହୋତ୍ସବ କମିଟିର ସଭାପତି ହିମାଂଶୁ ଭୂଷଣ ଦାଶ, ସମ୍ପାଦକ ଗଙ୍ଗାଧର ମାର୍ଥା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ରଜରାଣୀ ଶ୍ରାବଣୀ ପ୍ରିୟଦର୍ଶିନୀ ଓଡ଼ିଶୀ ସଙ୍ଗୀତ ପରିବେଷଣ କରିବା ପରେ ସଭାକାର୍ଯ୍ୟ ଶୁଭାରମ୍ଭ ହୋଇଥିଲା। ଆୟୋଜକ କମିଟିର ଉପଦେଷ୍ଟା ଦିବାକର ସାହୁ ଧନ୍ୟବାଦ ଦେଇଥିଲେ। ପରେ ଝିଅଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ହୋଇଥିବାବେଳେ ସନ୍ଧ୍ୟାରେ ନାଚଗୀତ ପରିବେଷଣ କରାଯାଇଥିଲା। ବର୍ଷା ପ୍ରିୟଦର୍ଶିନୀ ବିଷୋୟୀ ଏବଂ ତାଙ୍କ ସାଥୀମାନଙ୍କ ଦ୍ୱାରା ଓଡ଼ଶୀ ନୃତ୍ୟ ପରିବେଷଣ ଦର୍ଶକଙ୍କର ମନ ଜିଣିଥିଲା।

## ଦୋଳି ଖେଳି, ପିଠା ଖାଇ ରଜ ପାଳିଲେ

ବାଲୁଗାଁ(ସଂଗ୍ରାମପାଇକରାୟ)/ ନିରାକାରପୁର(ମାନସଚନ୍ଦ୍ର ପଟ୍ଟନାୟକ)/ ଜଟଣୀ,୧୪।୬ (ରବୀନ୍ଦ୍ରନାଥ ମହାକୁଡ଼)

ଚଳିତବର୍ଷ ବାଲୁଗାଁ ନିକଟସ୍ଥ ବଡ଼କୁଳ ପାନ୍ଥନିବାସରେ ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ବୁଧବାର ପହିଲି ରଜ ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବାଲୁଗାଁ ଏସ୍‌ଡିପିଓ ଶୁଭ୍ରାଂଶୁ ଶେଖର ମିଶ୍ର ଯୋଗଦେଇ ଏହି ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ଓଡ଼ିଆ ଜାତିର




ପାରମ୍ପରିକ ରଜ ଉତ୍ସବରେ ସୁସଜ୍ଜିତ ଦୋଳିର ବ୍ୟବସ୍ଥା କରାଯାଇଥିବା ବେଳେ ପାନ୍ଥନିବାସ ପକ୍ଷରୁ ପ୍ରସ୍ତୁତି କରାଯାଇଥିବା ଆରିସା, କାକରା, ମଣ୍ଡା, ପୋଡ଼ପିଠା, ଛେନାପୋଡ଼, ଭଜା ମଣ୍ଡା ପିଠା, ସିଜାପୁର ମଣ୍ଡା, ରଜ ପାନ ଆଦି ବିଭିନ୍ନ ପ୍ରକାର ସୁସ୍ୱାଦୁ ପିଠାକୁ ପର୍ଯ୍ୟଟକମାନେ ଖାଇ ମଜା ନେଇଥିଲେ। ଏହି ଉତ୍ସବକୁ ଉପଭୋଗ କରିବା ପାଇଁ ପାନ୍ଥନିବାସରେ ସକାଳ ସମୟରୁ ପର୍ଯ୍ୟଟକଙ୍କ ଭିଡ଼ ଲାଗିରହିଥିଲା। ଆସନ୍ତା ୧୬ ତାରିଖ ପର୍ଯ୍ୟନ୍ତ ଏହି ଉତ୍ସବ ଲାଗି ରହିବ ବୋଲି ପାନ୍ଥନିବାସ ପରିଚାଳକ ସବ୍ୟସାଚି କହିଛନ୍ତି। ସେହିପରି ବାଲୁଗାଁସ୍ଥିତ ଉତ୍ତରାୟଣୀ ପୀଠ ଓ ମାମୁ ଭଣଜା ପାହାଡ ଶ୍ରୀର୍ଷରେ ଅବସ୍ଥାପିତ ସୀତା ମା'ଙ୍କ ମନ୍ଦିରରେ ସମେତ ବିଭିନ୍ନ ପୁରପଲ୍ଲୀରେ ରଜ ଉତ୍ସବ ପାଳିତ ହେଉଛି। ସେହିପରି ନିରାକାରପୁରର ବିଭିନ୍ନ ଅଞ୍ଚଳରେ ରଜ ଉତ୍ସବ ପାଳିତ ହୋଇଛି। ପ୍ରତିଟି ଜାଗାରେ ଦୋଳି ସହ ପୋଡ଼ପିଠା, ଏଣ୍ଡୁରି ବିଭିନ୍ନ ପିଠାର ବାସ୍ନାରେ ଗାଁଦାଣ୍ଡ ମହକି ଉଠିଥିଲା। ଆଜି ପହିଲି ରଜରେ ଗୃହିଣୀମାନେ ନିଜ ବାରିକୁ ଧୁଆ ଲିପା କରି ଝୋଟି, ଚିତା ଆଙ୍କିଥିଲେ। ମା'ଙ୍କ ଉଦ୍ଦେଶ୍ୟରେ ଶୀଳ, ଘୋରଣା ନିକଟରେ ବିଭିନ୍ନ ଫଳମୂଳ ପୂଜାର୍ଚ୍ଚନା କରିଥିଲେ। ଯୁବତୀମାନେ ନୂତନ ବସ୍ତ୍ର ପିନ୍ଧି ପାନ ଖାଇ ଦୋଳି ଖେଳିଥିଲେ। ଯୁବକମାନେ କବାଡି, ଡାଳ ଆଙ୍କୁଡ଼ି ଖେଳରେ ମାତିଥିବା ବେଳେ ବୟୋଜ୍ୟେଷ୍ଠ ଲୋକେ ପଶା, ଲୁଡୁ ଖେଳିଥିଲେ। ସେହିଭଳି ଜଟଣୀର ଉତ୍ତରାୟଣୀ କ୍ଲବ ଓ ଡିଭାଇନ ପକ୍ଷରୁ ଉତ୍ତରାୟଣୀ ମନ୍ଦିର ପରିସରରେ ରଜ ଉତ୍ସବ ହୋଇଛି। ଏହି ପରିପ୍ରେକ୍ଷୀରେ ରଜ ଦୋଳି, ରଜ ପାନ, ରଜ ପିଠା ଠାରୁ ଆରମ୍ଭକରି ବିଭିନ୍ନ ଖେଳକୁଦ, ସଙ୍ଗୀତର ଆୟୋଜନ ହୋଇଛି। ମଦନପୁରରେ ଛେନୁ ପଟ୍ଟନାୟକ ଏବଂ ଆୟୋଜକ କମିଟିର ସଦସ୍ୟଙ୍କ ଦ୍ୱାରା ୧୦୦ଟି ଦୋଳି ବନ୍ଧା ଯାଇଥିଲା। ଉତ୍ସବରେ ମୁଖ୍ୟ ଅତିଥି ରୂପେ ବିଜେଡି ନେତା ସନ୍ତୋଷ ଜେନା ଏବଂ ପୂର୍ବତନ ଜିଲା ପରିଷଦ ବିନତି ଜେନା ଯୋଗଦେଇଥିଲେ।


ଖୋର୍ଦ୍ଧା ଉପକଣ୍ଠ ଏକ ଗ୍ରାମରେ ରଜ ଦୋଳି କାର୍ଯ୍ୟକ୍ରମ ଚାଲିଛି।

## ମଉଜମସ୍ତିରେ କଟିଲା ପହିଲି ରଜ

ଖୋର୍ଦ୍ଧା,୧୪।୬: (ପ୍ରଭାତ ପାଣିଗ୍ରାହୀ):

ଉତ୍କଳୀୟ ସଂସ୍କୃତି ଓ ପରମ୍ପରାର ପ୍ରତୀକ ହେଉଛି ରଜ ପର୍ବ। ବୁଧବାରଠାରୁ ତିନିଦିନିଆ ରଜ ପର୍ବ ଆରମ୍ଭ ହୋଇଛି। ସହରଠୁ ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ସବୁଠି ଆନନ୍ଦ ଉଲ୍ଲାସ ଦେଖିବାକୁ ମିଳୁଛି। ଘରେ ଘରେ ପିଠାପଣା ମହକୁଛି। କୁମାରୀମାନେ ପାଦରେ ଅଳତା, ହାତରେ ମେହେନ୍ଦି ଲଗାଇ ସଜବାଜ ହୋଇ ରଜପାନ ଖାଇ ସାଙ୍ଗସାଥୀଙ୍କ ମେଳରେ ଦୋଳି ଖେଳି ମଜା ଉଠାଇଥିଲେ। କଲୋନୀଠୁ ବସ୍ତି ପର୍ଯ୍ୟନ୍ତ ସବୁଠି ଜମିଥିଲା ରଜଖଟି। ଘରେ ଘରେ ତାସ୍, ଲୁଡୁ, କ୍ୟାରମ ଖେଳ ଚାଲିଥିଲା। ଖୋର୍ଦ୍ଧା ସହର ସମେତ ଆଖପାଖ ଅଞ୍ଚଳରେ ଦେଖିବାକୁ ମିଳିଥିଲା ଏଭଳି ଦୃଶ୍ୟ। ଏହି ଅବସରରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ରଜ ମହୋତ୍ସବ ଆୟୋଜନ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଛି।

## 'ପରସ୍ପରକୁ ଭାଇଚାରା ବାନ୍ଧି ରଖିଛି'

**ଶ୍ରୀ ଶାଳେଶ୍ୱର ରଜ ମହୋତ୍ସବ ଉଦ୍‌ଘାଟିତ**

ଖୋର୍ଦ୍ଧା,୧୪।୬: (ପ୍ରଭାତ ପାଣିଗ୍ରାହୀ):

ଖୋର୍ଦ୍ଧା ଉପକଣ୍ଠ ଅଣ୍ଡା ଗ୍ରାମରେ ବୁଧବାରଠାରୁ ସାମାଜିକ ସାଂସ୍କୃତିକ ଅନୁଷ୍ଠାନ 'ତପସ୍ୟା' ପକ୍ଷରୁ ଶ୍ରୀ ଶାଳେଶ୍ୱର ରଜ ମହୋତ୍ସବ ଆରମ୍ଭ ହୋଇଛି। ସକାଳେ ପିଲାଙ୍କ ମଧ୍ୟରେ ପୁଚିଖେଳ, ରଜଦୋଳି, ଝୋଟି, ମ୍ୟୁଜିକ ଚେୟାର, ପିରାମିଡ୍, ଗ୍ଲାସ ସଜ୍ଜା, ବାଟିଚାମଚ, ଲୁଡୁଖେଳ ପ୍ରତିଯୋଗିତା ହୋଇଥିଲା। ନିଜିଗଡ଼ ତାପଙ୍ଗ ସରପଞ୍ଚ ରଶ୍ମିତା ବ୍ରହ୍ମା, ହରେକୃଷ୍ଣ ଚମ୍ପତି, ବିପିନ ବରାଳ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଚଳିତ ବର୍ଷ ୩୧ଟି ଦୋଳି ପଡ଼ିଛି। ପିଲାମାନେ ପ୍ରତିଯୋଗିତାରେ ଭାଗନେଇ କଳା ପ୍ରଦର୍ଶନ ସହ ଦୋଳି ଖେଳର ମଜା ନେଇଥିଲେ।

ସନ୍ଧ୍ୟାରେ ମହିଳା ବିଜେଡି ଉପସଭାନେତ୍ରୀ ବାସନ୍ତୀ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ ଯେ, ରଜ ହେଉଛି ଉତ୍କଳୀୟ ସଂସ୍କୃତିର ଅନନ୍ୟ ପରମ୍ପରା। ପରସ୍ପରକୁ ଭାଇଚାରା, ସ୍ନେହର ବନ୍ଧନରେ ବାନ୍ଧି ରଖିଛି। ଓଡ଼ିଶାର ସଂସ୍କୃତିର ବାର୍ତ୍ତାବହ ଭାବେ ଏହି ମହୋତ୍ସବ ପାରମ୍ପରିକ ଲୋକକଳାକୁ ଉଜ୍ଜୀବିତ କରି ରଖିପାରିଛି। ସେହିପରି ସମ୍ମାନିତ ଅତିଥି ଭାବେ ପୂର୍ବତନ ପ୍ରଶାସନିକ ଅଧିକାରୀ ଦେବରାଜ ସେନାପତି କହିଲେ ଯେ, ରଜ ଏକ କୃଷିଭିତ୍ତିକ ପର୍ବ। ଓଡ଼ିଶାର୍‌ର ପୁରପଲ୍ଲୀରେ ଏହି ସଂସ୍କୃତି, ପରମ୍ପରା ଉଜ୍ଜୀବିତ ରହିଛି। ଏହି ଉତ୍ସବରେ ଅନ୍ୟତମ ଅତିଥି ଭାବେ ଜଗଦୀଶ ପ୍ରସାଦ ଅଗ୍ରୱାଲ, ଗୋପବନ୍ଧୁ ସ୍ୱାଇଁ, ସନ୍ତୋଷ ମହାନ୍ତି, ସୁଧୀର ଚନ୍ଦ୍ର ପ୍ରହରାଜ, ବିଶ୍ୱନାଥ ଜେନା ପ୍ରମୁଖ ଯୋଗଦେଇଥିଲେ। ଅନୁଷ୍ଠାନ ସମ୍ପାଦକ ପବିତ୍ର କୁମାର ବରାଳ କାର୍ଯ୍ୟକ୍ରମ ସଂଯୋଜନା ଏବଂ ମାନସ ବରାଳ, ସୁଦୀପ୍ତ ବରାଳ, ସୁରେନ୍ଦ୍ର ବରାଳ ପ୍ରମୁଖ ସହଯୋଗ କରିଥିଲେ।


ଖୋର୍ଦ୍ଧା ଉପକଣ୍ଠ ଅଣ୍ଡା ଗ୍ରାମରେ ଶ୍ରୀ ଶାଳେଶ୍ୱର ରଜ ମହୋତ୍ସବ ଉଦ୍‌ଘାଟନ ଅବସରରେ ଉପସ୍ଥିତ ଅତିଥିଙ୍କ ଗହଣରେ ପୁରସ୍କୃତ ଛାତ୍ରୀଛାତ୍ର।

## ସାରୁଅ ବଜାରରେ ମନ ପସନ୍ଦର ରଜପାନ



**ଦାମ୍ ରହିଛି ୧୦ରୁ ୫୦ ଟଙ୍କା**

- ଖୋଲିଛି ୧୫ରୁ ଊର୍ଦ୍ଧ୍ୱ ଦୋକାନ
- ଚକ୍‌ଲେଟ୍, ବଟରଫ୍ଲାଏ, ଫାୟାର ପାନର ଚାହିଦା

ଖୋର୍ଦ୍ଧା,୧୪।୬: (ପ୍ରଭାତ ପାଣିଗ୍ରାହୀ):

ରଜରେ ପାନର ରହିଛି ଏକ ସ୍ୱତନ୍ତ୍ରତା। ପୋଡ଼ପିଠା ବିନା ଯେପରି ରଜ ଅଧୁରା, ସେମିତି ପାନ ବିନା ଫିକା। ରଜପାନ ଖଣ୍ଡେ ପାଇଁ ପିଲାଠାରୁ ବୃଦ୍ଧାବୃଦ୍ଧଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ଆଶା ରହିଥାଏ। ବର୍ଷସାରା ପାନଠାରୁ ଦୂରେଇ ରହିଥିବା ବ୍ୟକ୍ତିଟିଏ ମଧ୍ୟ ରଜରେ ପାନ ଖଣ୍ଡିଏ ଖାଇ ପାଟି ନାଲି କରିବାକୁ ମନ ବଳାଇଥାଏ। ଏଣୁ ରଜରେ ରଜପାନର ଚାହିଦା ବଢିଥାଏ। ସହରଠାରୁ ଗାଁ ସବୁଠି ରଜପାନ ପସରା ମେଲିଥାଏ।

ଖୋର୍ଦ୍ଧା-ନୟାଗଡ ଜାତୀୟ ରାଜପଥ ପାର୍ଶ୍ୱସ୍ଥ ସାରୁଅ ବଜାର ରଜପାନ ଲାଗି ଜଣାଶୁଣା। ରଜ ଆସିଲେ ସାରୁଅ ବଜାର ଚଳଚଞ୍ଚଳ ହୋଇଉଠେ। ଖୋର୍ଦ୍ଧାରୁ ନୟାଗଡ଼ ଏବଂ ନୟାଗଡ଼ରୁ ଭୁବନେଶ୍ୱର ଦେଇ ଯାଉଥିବା ଲୋକେ ସାରୁଅରେ ଅଟକି ରଜପାନ କିଣିଥାନ୍ତି। ଖୋର୍ଦ୍ଧା ସମେତ ଆଖପାଖ ଅଞ୍ଚଳରୁ ମଧ ଏଠାରେ ଗ୍ରାହକଙ୍କ ଭିଡ଼ ଜମେ। ଏହାକୁ ଦୃଷ୍ଟିରେ ରଖି ପାନ ବ୍ୟବସାୟୀଙ୍କ ପକ୍ଷରୁ ବିଭିନ୍ନ ପାନର ବ୍ୟବସ୍ଥା କରାଯାଇଛି। ଚଳିତବର୍ଷ ସାରୁଅ ବଜାରରେ ୧୫ରୁ ଊର୍ଦ୍ଧ୍ୱ ଦୋକାନରେ ରଜପାନ ବିକ୍ରି ହେଉଛି। ଗ୍ରାହକଙ୍କୁ ଆକୃଷ୍ଟ କରିବା ଲାଗି ବ୍ୟବସାୟୀମାନେ ଦୋକାନକୁ ସଜାଇଛନ୍ତି। ରଜରେ ବ୍ୟବସାୟୀମାନେ ଭଲ ରୋଜଗାର କରିଥାନ୍ତି। ବିଭିନ୍ନ ଭେରାଇଟ ମିଠାପାନ ଏଠାରେ ମିଳିଥାଏ। ଗ୍ରାହକଙ୍କ ଚାହିଦା ଅନୁସାରେ ୧୫ ପ୍ରକାର ପାନ ଭଙ୍ଗାଯାଇଥାଏ। ବନାରସୀ ମିଠାପତ୍ର ପାନ, ପ୍ରଜାପତି, ସିଙ୍ଗଡ଼ା, କୋନ୍, କୁଲଫି, କାକରା ଏବଂ ଫାୟାର ପାନର ଚାହିଦା ରହିଛି। ବିଶେଷତଃ ବନାରସୀ ଓ ଫାୟାର ପାନ ଗ୍ରାହକଙ୍କ ଅଧିକ ପସନ୍ଦ।




ବୁଧବାର ପହିଲି ରଜରେ ସାରୁଅ ପାନବଜାର ଭିଡ଼ ରହିଥିଲା। ଖୋର୍ଦ୍ଧା ଗୁରୁଜଙ୍ଗର ହରିହର ଖାଡ଼ଙ୍ଗା କହିଛନ୍ତି, ପ୍ରତିବର୍ଷ ରଜ ଆସିଲେ ପାନ ପାଇଁ ସକାଳୁ ସାରୁଅରେ ପହଞ୍ଚିଯାଉ। ସାରୁଅ ରଜପାନ ପ୍ରତି ରହିଥିବା ଆଗ୍ରହ ଏଠାକୁ ଟାଣି ଆଣିଥାଏ। ସେହିପରି ପାନ ବ୍ୟବସାୟୀ ସରୋଜ ଗିରି, ଜ୍ୟୋତିରଞ୍ଜନ ସାହୁ ଏବଂ ପ୍ରକାଶ କୁମାର ଦାଶ କହିଛନ୍ତି, ଏଠାରେ ପ୍ରାୟ ୧୫ପ୍ରକାର ପାନ ବିକ୍ରି କରାଯାଏ। ଖଣ୍ଡିଏ ପାନର ଦାମ୍ ୧୦ରୁ ୫୦ ଟଙ୍କା ପର୍ଯ୍ୟନ୍ତ ରହିଛି। ଚଳିତବର୍ଷ ବେପାର ଭଲ ହେବ ବୋଲି ଆଶା ରହିଛି। ବ୍ୟବସାୟୀ ମନୋଜ ରଞ୍ଜନ ସାହୁ କହିଛନ୍ତି, ୧୫ବର୍ଷ ଧରି ବେପାର କରି ଆସୁଛି। ରଜ ୩ ଦିନ ଫୁରସତ ମିଳେନାହିଁ। ରଜ ଆଗରୁ ଗ୍ରାହକଙ୍କ ବରାଦ ଆସିଥାଏ। ଏଠାକୁ ବିଭିନ୍ନ ସ୍ଥାନରୁ ଲୋକେ ଆସି ପାନ ନେଇଯାଉଛନ୍ତି। ଗ୍ରାହକଙ୍କ ଆଗ୍ରହ ଅନୁସାରେ ପାନ ଭଙ୍ଗା ଯାଇଥାଏ। ଆମର ଚକଲେଟ ପାନର ଚାହିଦା ରହିଛି। ସେହିପରି ବ୍ୟବସାୟୀ ଭାସ୍କର ଚନ୍ଦ୍ର ସାହୁ, ସୁଦର୍ଶନ ସାହୁ ଏବଂ ସରୋଜ କୁମାର ସାହୁ କହିଛନ୍ତି, ବନାରସୀ ମିଠାପତ୍ର, ବଟରଫ୍ଲାଏ, ଷ୍ଟ୍ରବେରୀ, ସ୍ୱତନ୍ତ୍ର ବନାରସୀ ପାନ ଗ୍ରାହକ ଖୋଜୁଛନ୍ତି। ଅନ୍ୟ ଜଣେ ବ୍ୟବସାୟୀ ସୁକାନ୍ତ ସୁବୁଦ୍ଧି କହିଛନ୍ତି, ରଜ ଆସିବାର ଏକ ମାସ ପୂର୍ବରୁ କୋଲକାତା, ଭୁବନେଶ୍ୱର, ବ୍ରହ୍ମପୁର ଯାଇ ଆବଶ୍ୟକ ସାମଗ୍ରୀ ଆଣିବାକୁ ପଡ଼େ। ଚଳିତବର୍ଷ ବନାରସୀ ପାନପତ୍ର ସହିତ ଅନ୍ୟ ସାମଗ୍ରୀର ଦର ବୃଦ୍ଧି ପାଇଛି। ପାନରେ ସାଧାରଣତଃ ଖଜୁରି, ନଛା, ସିମାଇ, ଗୁଆ, ନଡ଼ିଆଭଜା, ମିକ୍ସର (ପାନମଧୁରୀ ପ୍ରଭୃତି) ସହିତ ଅନ୍ୟାନ୍ୟ ସାମଗ୍ରୀ ବ୍ୟବହୃତ କରାଯାଇଥାଏ।

## ଉତ୍ତମ ସ୍ୱାସ୍ଥ୍ୟସେବା ପାଇଁ ୟୁପିଏଚ୍‌ସି ପୁଣି ସମ୍ମାନିତ

କଟକ,(ସୁପ୍ରିୟା ପ୍ରିୟଦର୍ଶିନୀ): କଟକ ସହରରେ ଲୋକଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ପ୍ରଦାନ କରି ସିଏମ୍‌ସିର ବିଡାନାସୀ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର(ୟୁପିଏଚ୍‌ସି) ପୁଣି କେନ୍ଦ୍ର ସରକାରଙ୍କ ଦ୍ୱାରା ସମ୍ମାନିତ ହୋଇଛି। ଚଳିତବର୍ଷ ଏହି ସ୍ୱାସ୍ଥ୍ୟକେନ୍ଦ୍ର ୯୧.୭% ନମ୍ବର ରଖି ନ୍ୟାଶନାଲ କ୍ୱାଲିଟି ଆସ୍ୟୁରାନ୍ସ ଷ୍ଟାଣ୍ଡାର୍ଡସ୍ ଦ୍ୱାରା ସାର୍ଟିଫିକେଟ୍ ହାସଲ କରିବାରେ ସମର୍ଥ ହୋଇଛି। ସୂଚନାଯୋଗ୍ୟ, ୨୦୨୧-୨୨ରେ ଉକ୍ତ ଅନୁଷ୍ଠାନ ପ୍ରଥମଥର ପାଇଁ ଏହି ସମ୍ମାନ ହାସଲ କରିଥିଲା।

## ସଂକ୍ଷେପରେ

### ଗଣ୍ଡଗୋଳ, ୩ ଗିରଫ

କଟକ ସଦର,୧୪।୬(ସୁଶାନ୍ତ ଜେନା): କିଶନନଗର ଥାନା ଅନ୍ତର୍ଗତ ଯଶପଡ଼ା ନାଥସାହିରେ ଜମିବାଡ଼ିକୁ କେନ୍ଦ୍ର କରି ଦୁଇ ପକ୍ଷ ମଧ୍ୟରେ ଗଣ୍ଡଗୋଳ ଘଟିଥିଲା। ଏ ନେଇ ଉଭୟ ପକ୍ଷ ଅଭିଯୋଗ କରିବା ପରେ ପୋଲିସ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସରୋଜ ନାଥଙ୍କ ଅଭିଯୋଗକ୍ରମେ ମାନସ ନାଥ ଓ ପ୍ରକାଶ ନାଥଙ୍କୁ ଗିରଫ କରାଯାଇଛି। ସେହିପରି ମାନସ ନାଥଙ୍କ ଅଭିଯୋଗକ୍ରମେ ସରୋଜ ନାଥଙ୍କୁ ଗିରଫ କରାଯାଇଛି। ବୁଧବାର ସକାଳେ ଉଭୟ ପକ୍ଷ ମଧ୍ୟରେ ଜମି ବଣ୍ଟନ ଓ ବାଡ଼ ବୁଜିବାକୁ ନେଇ ମାରପିଟ୍ ହୋଇଥିଲା। ଏ ନେଇ ଉଭୟ ପକ୍ଷରୁ ଅଭିଯୋଗ ହେବା ପରେ ଥାନାରେ ଦୁଇଟି ମାମଲା(ନଂ.୧୧୫, ୧୧୬/୨୩) ରୁଜୁ ହୋଇଛି।

### ନାବାଳିକା ବଳାତ୍କାର ଅଭିଯୋଗରେ ଯୁବକ ଗିରଫ

କଟକ ସଦର,୧୪।୬(ସୁଶାନ୍ତ ଜେନା): ନାବାଳିକା ବଳାତ୍କାର ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେ ହେଲେ ଆଠଗଡ଼ ଥାନା ଅଧୀନ ଜେନାପଡ଼ା ଗ୍ରାମର ସତ୍ୟବ୍ରତ ରଣା। ପୋଲିସ ସୂତ୍ରରୁ ପ୍ରକାଶ, ୨୦୧୯ରେ ୪୨ ମୌଜା ଅଞ୍ଚଳର ଜଣେ ନାବାଳିକାଙ୍କୁ ଅପହରଣ ପରେ ବଳାତ୍କାର କରାଯାଇଥିଲା। ଏ ନେଇ ନାବାଳିକାଙ୍କ ପରିବାର ଲୋକେ ଅଭିଯୋଗ କରିବା ପରେ କଟକ ସଦର ଥାନାରେ ଏକ ମାମଲା(ନଂ.୧୯୧/୧୯) ରୁଜୁ ହୋଇଥିଲା। ଘଟଣା ପରଠାରୁ ଅଭିଯୁକ୍ତ ଫେରାର ଥିଲେ। ମଙ୍ଗଳବାର ଜେନାପଡା ଗ୍ରାମରେ କଟକ ସଦର ପୋଲିସ ଓ ୪୨ ମୌଜା ଥାନା ପୋଲିସ ମିଳିତ ଭାବେ ଚଢ଼ାଉ କରି ଅଭିଯୁକ୍ତଙ୍କୁ କାବୁ କରିଥିଲା।

### ଯୁବ ସଂଗଠକଙ୍କ ପରଲୋକ

ଚୌଦ୍ୱାର,୧୪।୬(ଆଶୁତୋଷ ଦାସ): ବିଜେଡିର ଯୁବ ସଂଗଠକ, ଚୌଦ୍ୱାର



ପୌରପାଳିକା ୧୯ନଂ ୱାର୍ଡର ଦଳୀୟ ସଭାପତି, ରେଭେନ୍ସା ବିଶ୍ୱବିଦ୍ୟାଳୟର ପୂର୍ବତନ ଛାତ୍ର ନେତା, ଚୌଦ୍ୱାର କେମିଷ୍ଟ ଆଣ୍ଡ୍ ଡ୍ରଗିଷ୍ଟ ଆସୋସିଏଶନର ସମ୍ପାଦକ ମାନସ ରଞ୍ଜନ ସାମନ୍ତରାୟ(୫୬)ଙ୍କ ବୁଧବାର ପରଲୋକ ହୋଇଯାଇଛି। ହୃଦ୍‌ଘାତ ହେବାରୁ ତାଙ୍କୁ କଟକର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ପରେ ମରଶରୀରକୁ ତାଙ୍କ ବାସଭବନକୁ ନିଆଯାଇଥିଲା। ବିଧାୟକ ସୌଭିକ୍ ବିଶ୍ୱାଳ, ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ, ପୌରାଧକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, ନଗର ସଭାପତି ବିଷ୍ଣୁଚରଣ ପରିଡା, ପ୍ରେମଚାନ୍ଦ ନାୟକ, କାଉନସିଲର ବିଜୟ ମଲ୍ଲିକ, ସୁବ୍ରତ ସାମଲଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ପରେ ତାଙ୍କ ମରଶରୀରକୁ ୱାର୍ଡ ପରିକ୍ରମା କରାଯାଇ ପୁରୀ ସ୍ୱର୍ଗଦ୍ୱାରରେ ଅନ୍ତିମ ସଂସ୍କାର କରାଯାଇଥିଲା। ସାନଭାଇ ଦୀପ୍ତି ରଞ୍ଜନ ମୁଖାଗ୍ନି ଦେଇଥିଲେ।

# ‘ପୂଜ୍ୟପୂଜା ଆମ ସଂସ୍କୃତିର ପରମ୍ପରା’

କଟକ,୧୪।୬(କାର୍ତ୍ତିକ ସାହୁ)

ପହିଲି ରଜ ଅବସରରେ ଓଡ଼ିଶା ରାଜ୍ୟ କଳା ଗବେଷଣା ପରିଷଦ ପକ୍ଷରୁ କଟକ ସହିଦ ଭବନଠାରେ ରାଜ୍ୟସ୍ତରୀୟ ସମ୍ବର୍ଦ୍ଧନା ଓ ସମ୍ମାନ ପ୍ରଦାନ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି ଭାବେ ଅବସରପ୍ରାପ୍ତ ବିଚାରପତି ବାସୁଦେବ ପାଣିଗ୍ରାହୀ ଯୋଗଦେଇ ପୂଜ୍ୟପୂଜା ଆମ ସଂସ୍କୃତିର ଏକ ପରମ୍ପରା ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟତମ ଅତିଥି ଅଭିନେତା ଶ୍ରୀତମ ଦାସ ସମ୍ବର୍ଦ୍ଧନା ଏକ ସାମାଜିକ ସ୍ୱୀକୃତି ବୋଲି କହିଥିଲେ। ଡ. ଗୋପାଳ ଚନ୍ଦ୍ର କର, ଚିଦାତ୍ମିକା ଖଟୁଆ, ଅକ୍ଷୟ କୁମାର ଷଡ଼ଙ୍ଗୀ ଅତିଥି ଭାବେ ଯୋଗଦେଇ କୃତୀ ବ୍ୟକ୍ତିମାନଙ୍କୁ




ଉତ୍ସବରେ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ବ୍ୟକ୍ତିବୃନ୍ଦ।

ସମ୍ବର୍ଦ୍ଧିତ କରିଥିଲେ। ପ୍ରଶାସକ ଭାବେ ଆର୍‌ଡିସି ଡ. ସୁରେଶ ଚନ୍ଦ୍ର ଦଳାଇ, ଶିକ୍ଷା କ୍ଷେତ୍ରରେ ଡ. ସନ୍ତୋଷ କୁମାର ରାଉତ, ଡ. ପ୍ରିୟଦର୍ଶିନୀ ରଥ, ପୋଲିସ ପ୍ରଶାସନିକ କ୍ଷେତ୍ରରେ ରଶ୍ମିରଞ୍ଜନ ମହାପାତ୍ର, ଚିକିତ୍ସା କ୍ଷେତ୍ରରେ ଡା. ଶଶିଭୂଷଣ ମହାପାତ୍ର, ଡା. ମୋନାଲିସା ପଟ୍ଟନାୟକଙ୍କ ସମେତ ରମେଶ ପ୍ରଧାନ, ସୁବାସ କର, ଇଂ. ପ୍ରତାପ କୁମାର ଚୌଧୁରୀଙ୍କୁ ସ୍ମାର୍ଟ ନବରତ୍ନ ସମ୍ମାନରେ ସମ୍ମାନିତ କରାଯାଇଥିଲା। ସଙ୍ଗଠନର ମୁଖ୍ୟ ପ୍ରଶାନ୍ତ କରଙ୍କ ଅଧ୍ୟକ୍ଷତାରେ ଉତ୍ସବ ପରିଚାଳିତ ହୋଇଥିଲା। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ପ୍ରକାଶିତ ସ୍ମରଣିକା ଉନ୍ମୋଚିତ ହୋଇଥିଲା। ଅନୁଷ୍ଠାନର ସମ୍ପାଦକ ନରେନ୍ଦ୍ର ନାଥ ଓଝା ଧନ୍ୟବାଦ ଦେଇଥିଲେ।

**ରାଜ୍ୟସ୍ତରୀୟ ସମ୍ବର୍ଦ୍ଧନା ଉତ୍ସବ**




ବିଶ୍ୱ ରକ୍ତଦାତା ଦିବସ ପାଳନ ଅବସରରେ ବୁଧବାର ଏସ୍‌ସିବି ମେଡିକାଲ ଡିପାର୍ଟମେଣ୍ଟ ଅଫ୍ ଟ୍ରାନ୍ସଫ୍ୟୁଜନ ମେଡିସିନି ଆଣ୍ଡ୍ ବ୍ଲଡ୍ ସେଣ୍ଟର ପକ୍ଷରୁ ପ୍ରିନ୍ସପାଲଙ୍କ କାର୍ଯ୍ୟାଳୟ ନିକଟରୁ ବାହାରିଥିବା ଶୋଭାଯାତ୍ରା।

# ଏସ୍‌ସିବିରେ ଆହତଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିଲେ ବିଶ୍ୱଭୂଷଣ



ଛତିଶଗଡ଼ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ ଏସ୍‌ସିବିରେ ଆହତଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝୁଛନ୍ତି।

କଟକ,୧୪।୬(କାର୍ତ୍ତିକ ସାହୁ)

**ବାହାନଗା ରେଳ ଦୁର୍ଘଟଣା**

ଏସ୍‌ସିବି ମେଡିକାଲରେ ଚିକିତ୍ସିତ ହେଉଥିବା ବାହାନଗା ରେଳ ଦୁର୍ଘଟଣା ଆହତଙ୍କୁ ଛତିଶଗଡ଼ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ ବୁଧବାର ଭେଟିଛନ୍ତି। କଡ଼ା ସୁରକ୍ଷା ମଧ୍ୟରେ ବିଶ୍ୱଭୂଷଣ ପହଞ୍ଚିବା ପରେ ଚକ୍ଷୁ ବିଭାଗର ତୃତୀୟ ମହଲାରେ ଚିକିତ୍ସିତ ହେଉଥିବା ଆହତଙ୍କ ନିକଟକୁ ଯାଇଥିଲେ। ସେଠାରେ ଆହତମାନଙ୍କୁ ସ୍ୱାସ୍ଥ୍ୟାବସ୍ଥା ଓ ଚିକିତ୍ସା ସମ୍ପର୍କରେ ପଚାରି ବୁଝିଥିଲେ। ଏସ୍‌ସିବି ମେଡିକାଲ ଅଧୀକ୍ଷକ ଡା. ସୁଧାଂଶୁ ଶେଖର ମିଶ୍ର ଆହତମାନଙ୍କୁ ଯୋଗାଇ ଦିଆଯାଉଥିବା ଚିକିତ୍ସା ସୁବିଧା ବିଷୟରେ ରାଜ୍ୟପାଳଙ୍କୁ ସୂଚନା ଦେଇଥିଲେ। ଆହତମାନଙ୍କୁ ଚିକିତ୍ସା କରୁଥିବା ଡାକ୍ତର, ବରିଷ୍ଠ ପଦାଧିକାରୀଙ୍କ ସମେତ କଟକ ନଗର ଭାଜପା ସଭାପତି ଲଲାଟେନ୍ଦୁ ବଡୁ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଏବେ ଏସ୍‌ସିବି ମେଡିକାଲରେ ୫୬ଜଣ ରେଳ ଦୁର୍ଘଟଣା ଆହତ ଚିକିତ୍ସାଧୀନ ଅଛନ୍ତି।

# ବିଦ୍ୟୁତ୍ କାର୍ଯ୍ୟାଳୟ ସମ୍ମୁଖରେ ଭାଜପାର ବିକ୍ଷୋଭ

**ବିଞ୍ଚଣା, ଲଣ୍ଠନ ଦେଖାଇ ଅଭିନବ ପ୍ରତିବାଦ**

କଟକ,୧୪।୬(କାର୍ତ୍ତିକ ସାହୁ)

ଅଘୋଷିତ ବିଦ୍ୟୁତ୍ କାଟ୍‌କୁ ନେଇ ବୁଧବାର ରାଣୀହାଟସ୍ଥିତ ଟାଟା ପାୱାର କାର୍ଯ୍ୟାଳୟ ସମ୍ମୁଖରେ ଭାଜପା ପକ୍ଷରୁ ବିଞ୍ଚଣା ଓ ଲଣ୍ଠନ ଦେଖାଇ ଅଭିନବ ଢଙ୍ଗରେ ପ୍ରତିବାଦ କରାଯାଇଥିଲା। ଭାଜପା କଟକ ନଗର ସଭାପତି ଲଲାଟେନ୍ଦୁ ବଡୁଙ୍କ ନେତୃତ୍ୱରେ କର୍ମୀମାନେ ରାଣୀହାଟ ଘଣ୍ଟାଘର ଛକ ନିକଟରେ ଏକତ୍ରିତ ହୋଇଥିଲେ। ସେଠାରୁ ସେମାନେ ଶୋଭାଯାତ୍ରାରେ ଯାଇ ରାଣୀହାଟସ୍ଥିତ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରିଥିଲେ। ରାଜ୍ୟରେ ଗ୍ରୀଷ୍ମପ୍ରବାହ ଜାରି ରହିଥିବାବେଳେ ବାରମ୍ବାର ବିଦ୍ୟୁତ୍ କାଟ୍ ଜନଜୀବନକୁ ଅସ୍ତବ୍ୟସ୍ତ କରୁଛି। ବିଦ୍ୟୁତ୍ ଉତ୍ପାଦନରେ ଓଡ଼ିଶା ବଳକା ରାଜ୍ୟ ହୋଇ ମଧ୍ୟ ସାଧାରଣ ଲୋକେ ହଇରାଣ ହେଉଛନ୍ତି। ଏହାର ସମାଧାନ ପାଇଁ ଲୋକେ ବାରମ୍ବାର ଟାଟା ପାୱାର ଅଫିସକୁ ଦୌଡ଼ି ନୟାନ୍ତ ହେବା ସତ୍ତ୍ୱେ ସୁଫଳ ମିଳୁନାହିଁ। ତେଣୁ ମୁଖ୍ୟମନ୍ତ୍ରୀ ଓ ଶକ୍ତିମନ୍ତ୍ରୀ ଏହାର ଜବାବ ଦେବାକୁ କାର୍ଯ୍ୟକର୍ତ୍ତାମାନେ କହିଥିଲେ। କଟକରେ ନାହିଁ ନ ଥିବା ବିଦ୍ୟୁତ୍ ସମସ୍ୟାର ସମାଧାନ ପାଇଁ ନିର୍ବାହୀ ଯନ୍ତ୍ରୀ ସଞ୍ଜୟ ମହାନ୍ତିଙ୍କ ସହ କଥା ହେବାକୁ କାର୍ଯ୍ୟକର୍ତ୍ତାମାନେ ଜିଦ୍ ଧରିଥିଲେ। ରଜ ଛୁଟିରେ ଥିବା ମହାନ୍ତି ଏ ବାବଦରେ ଜାଣିବା ପରେ ବିକ୍ଷୋଭ ସ୍ଥଳକୁ ଆସି ସମସ୍ତ ଦାବି ପୂରଣ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ନୟନ କିଶୋର ମହାନ୍ତି, ସିକନ୍ଦର ଅଲ୍ଲୀ, ବ୍ରଜେନ୍ଦ୍ର ରାୟ, ଲକ୍ଷ୍ମୀଧର ପ୍ରଧାନ, ବିଶ୍ୱରଞ୍ଜନ ମିଶ୍ର, ଭାଗୀରଥି ଦଳେଇ, ମନମୋହନ ଉପାଧ୍ୟାୟ, କଲ୍ୟାଣୀ ମହଲା, ନମିତା ମିଶ୍ରଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଏଥିରେ ସାମିଲ ହୋଇଥିଲେ।

# ରଥଯାତ୍ରା ପ୍ରସ୍ତୁତି ବୈଠକ

ଚୌଦ୍ୱାର,୧୪।୬(ଆଶୁତୋଷ ଦାସ)

ଚୌଦ୍ୱାର ପୌରପାଳିକା ଅଧୀନ ଚାରବାଟିଆସ୍ଥିତ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରାର ସୁପରିଚାଳନା ଓ ସମନ୍ୱୟ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ପୌର ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ବିଧାୟକ ସୌଭିକ୍ ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ, ପୌରାଧକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ପୌର ନିର୍ବାହୀ ଅଧିକାରୀ ସଞ୍ଜୀବ ମହାପାତ୍ର, ଆଇଆଇସି ବିରଞ୍ଚି ନାରାୟଣ ପତି, ଦିଲ୍ଲୀପ ମର୍ଦ୍ଦରାଜ ଭୂୟାଁ, ବିରଜା ପ୍ରସାଦ ପ୍ରଧାନ, ଶମ୍ଭୁନାଥ ସେଠୀ, ବସନ୍ତ ବେହେରା, ପୂର୍ଣ୍ଣଚନ୍ଦ୍ର ମହାନ୍ତି, ଇମ୍ପାର ଲୋକସମ୍ପର୍କ ଅଧିକାରୀ ଧ୍ରୁବଚରଣ ରାଉତ, ସନ୍ତୋଷ କୁମାର ଧର, ସୁବ୍ରତ ସାମଲ ପ୍ରମୁଖ ଅତିଥି ଭାବେ ଯୋଗଦେଇ ରଥଯାତ୍ରାକୁ ସୁପରିଚାଳନା ନିମନ୍ତେ ସମସ୍ତ ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। କାଉନସିଲର ବିଜୟ କୁମାର ମଲ୍ଲିକ, ମୀନକେତନ ପଣ୍ଡା, ରଞ୍ଜନ ସାହୁ, ରଞ୍ଜନ ବାରିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ‘ଅନ୍ନଦା ପ୍ରସାଦ ଥିଲେ ମାନବବାଦୀ ଲେଖକ’

କଟକ, ୧୪।୬(ପ୍ରସନ୍ନ କୁମାର ପାଢ଼ୀ)

ପ୍ରବୀଣ ସାରସ୍ୱତ ସାଧକ, ରାଜନୀତିଜ୍ଞ ଓ ସାମାଜିକ କର୍ମୀ ଅନ୍ନଦା ପ୍ରସାଦ ରାୟଙ୍କ ସପ୍ତମ ଶ୍ରାଦ୍ଧବାର୍ଷିକୀ କଟକ ବଙ୍ଗାଳିସାହିସ୍ଥିତ ରାମକୃଷ୍ଣ କୁଟୀର ପରିସରରେ ବୁଧବାର ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଓଡ଼ିଶା ପ୍ରତିଭା ପୂଜା ସଂସଦ ଆନୁକୂଲ୍ୟରେ ଆୟୋଜିତ ସ୍ମୃତିସଭାକୁ ଜଷ୍ଟିସ ଚୌଧୁରୀ ପ୍ରତାପ କେଶରୀ ମିଶ୍ର ଉଦ୍‌ଘାଟନ କରି ଅନ୍ନଦା ପ୍ରସାଦ ରାୟ ଜଣେ ମାନବବାଦୀ ଲେଖକ ଥିଲେ ବୋଲି କହିଥିଲେ। ସଂସଦର ସଭାପତି ଡ. ସତ୍ୟ ରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସିଏମ୍‌ସି ମେୟର ସୁବାସ ସିଂ, ବିଧାୟକ ମହମ୍ମଦ ମୋକିମ, ଡ. ସୁଲୋଚନା ଦାସ, ଶ୍ରମିକ ନେତା ରାମଚନ୍ଦ୍ର ଖୁଣ୍ଟିଆ ଅତିଥି ଭାବେ ଯୋଗଦେଇ ରାୟ ଜଣେ ମଣିଷ ଭଳି ମଣିଷ ଥିଲେ ବୋଲି କହିଥିଲେ। ଏହି ଅବସରରେ ହୃଦ୍‌ରୋଗ ବିଶେଷଜ୍ଞ ଡା. ଜେ. ପି. ଦାସଙ୍କୁ ଭକ୍ତିଲତା ରାୟ ଚିକିତ୍ସା ସେବାରତ୍ନ ସମ୍ମାନ, ପଣ୍ଡିତ ପ୍ରବୋଧ କୁମାର ମିଶ୍ରଙ୍କୁ ଅନ୍ନଦା ପ୍ରସାଦ ରାୟ ସାରସ୍ୱତ ସମ୍ମାନ, ରାମଚନ୍ଦ୍ର ଖୁଣ୍ଟିଆ ଓ ସାବିତ୍ରୀ ଚୌଧୁରୀଙ୍କୁ ଅନ୍ନଦା ପ୍ରସାଦ ରାୟ ସେବା ରତ୍ନ ସମ୍ମାନ ପ୍ରଦାନ କରାଯାଇଥିଲା। ଡା. ଜ୍ଞାନରଞ୍ଜନ ମହାନ୍ତି, ଗୋକୁଳାନନ୍ଦ ପଟ୍ଟନାୟକ, ଡ. ବାବାଜୀ ଚରଣ ପଟ୍ଟନାୟକ, ଲକ୍ଷ୍ମୀ ମିଶ୍ର, ଇଂ. କୃଷ୍ଣ କୁମାର ଦାସବର୍ମା, କର୍ପୋରେଟର ବନଲତା ପ୍ରଧାନ, ଶ୍ରମିକ ନେତା ଉତ୍କଳ ଭୂଷଣ ରାଉତରାୟ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଅନୁଷ୍ଠାନର ସାଧାରଣ ସମ୍ପାଦକ ଦିଲ୍ଲୀପ କୁମାର ଦାସ ପ୍ରାରମ୍ଭିକ ସୂଚନା, ବିଦ୍ୟୁତ୍ କୁମାରୀ ଲାଲା ମାନପତ୍ର ପାଠ ଓ ଭୁବନାନନ୍ଦ ମହାନ୍ତି ଧନ୍ୟବାଦ ଦେଇଥିଲେ।

# କୃତୀ ଛାତ୍ରୀଛାତ୍ର ସମ୍ବର୍ଦ୍ଧିତ




ସଭାରେ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ହୋଇଥିବା କୃତୀ ଛାତ୍ରୀଛାତ୍ର।

ମଙ୍ଗୁଳି-ଜଗତପୁର,୧୪।୬ (ମାନସ ସାମଲ)

ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି(ଏନ୍‌ଟିଏ) ପକ୍ଷରୁ ଜାତୀୟ ଯୋଗ୍ୟତା ଓ ପ୍ରବେଶିକା ପରୀକ୍ଷା(ନିଟ୍)-୨୦୨୩ ୟୁଜିର ଫଳାଫଳ ମଙ୍ଗଳବାର ପ୍ରକାଶ ପାଇଛି। ଏଥିରେ ଟାଙ୍ଗୀସ୍ଥିତ ଟେଟ୍ରାହେଡେନ୍ ଗ୍ରୁପ ଅଫ୍ ଇନ୍‌ଷ୍ଟିଚ୍ୟୁଟ୍‌ର ୪୧ଜଣ ଛାତ୍ରୀଛାତ୍ର ୬୦୦ରୁ ଊର୍ଦ୍ଧ୍ୱ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। ଆଶୀର୍ବାଦ ବିଶ୍ୱାଳ(୬୭୫), ଅନୁପମ ନାୟକ(୬୭୦), ଶକ୍ତି ମିଶ୍ର(୬୬୫), ଅଭିପ୍ସା ସ୍ୱାଇଁ(୬୬୩), ବିଶ୍ୱଜିତ୍ ସାମଲ(୬୬୧), ଅମ୍ରିତାଂଶୁ ଜେନା ଏବଂ ହିମାଂଶୁ ଶେଖର ରାଉତ ଯୁଗ୍ମ ଭାବେ ୬୬୦ ନମ୍ବର ରଖି କଲେଜର ଗୌରବ ଆଣିଛନ୍ତି। ଏହି ପରିପ୍ରେକ୍ଷୀରେ ଇନ୍‌ଷ୍ଟିଚ୍ୟୁଟ୍‌ର ପ୍ରତିଷ୍ଠାତା ଅଧ୍ୟକ୍ଷ ତ୍ରିଦେବ ବେହେରାଙ୍କ ପୌରୋହିତ୍ୟରେ ବୁଧବାର ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପ୍ରାଧ୍ୟାପକ କୈଳାସ ରାଉତ, ବୈକୁଣ୍ଠ ନାରାୟଣ ଦାସ, ଭାଗୀରଥି ମଲ୍ଲିକ, ଅଶୋକ ରାଉଳ, ମିଲନ ସାମଲ, କମଳାକାନ୍ତ ସାହୁ, ଅମିତାଭ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ବିଦ୍ୟୁତ୍ ବିଭ୍ରାଟ, ବଢୁଛି ଜନ ଅସନ୍ତୋଷ

ଖୁଣ୍ଟୁଣୀ,୧୪।୬(ସଚ୍ଚିଦାନନ୍ଦ ପଣ୍ଡା)

ଆଠଗଡ଼ ବ୍ଲକ ନଦୀକୂଳ ଅଞ୍ଚଳରେ ବାରମ୍ବାର ଅଘୋଷିତ ବିଦ୍ୟୁତ୍ କାଟ୍‌କୁ ନେଇ ଜନ ଅସନ୍ତୋଷ ବୃଦ୍ଧି ପାଉଛି। ମଙ୍ଗଳବାର ବିଦ୍ୟୁତ୍ ବିଭ୍ରାଟ ପ୍ରତିବାଦରେ ଶ୍ରୀରାମ ବରିଷ୍ଠ ନାଗରିକ ସଂଘ ନଦୀକୂଳ ପକ୍ଷରୁ ମଞ୍ଜେଶ୍ୱର ପଞ୍ଚାୟତ ନାରଙ୍ଗବସ୍ତସ୍ଥିତ ଟିପିସିଓଡିଏଲ୍‌ର ବିଦ୍ୟୁତ୍ ସବ୍‌ଷ୍ଟେଶନ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଖବରପାଇ ଆଠଗଡ଼ ଓ ଖୁଣ୍ଟୁଣୀ ବିଦ୍ୟୁତ୍ ବିଭାଗର ବରିଷ୍ଠ ଅଧିକାରୀ ପହଞ୍ଚି ଏବେଠାରୁ ଆଉ ବିଦ୍ୟୁତ୍ କାଟ୍ ହେବ ନାହିଁ ବୋଲି ବିକ୍ଷୋଭକାରୀମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ହେଲେ ପ୍ରତିଶ୍ରୁତିର ୧୨ ଘଣ୍ଟା ନ ପୂରୁଣୁ ପୁଣି ବିଦ୍ୟୁତ୍ ବିଭ୍ରାଟ୍ ଦେଖାଦେଇଛି। ଏ ନେଇ ବୁଧବାର ଅପରାହ୍ନରେ ବରିଷ୍ଠ ନାଗରିକ ସଂଘ ପକ୍ଷରୁ କଖଡ଼ି ଗାନ୍ଧୀ ହାଟଠାରେ ଏକ ଜରୁରୀ ବୈଠକ ସଭାପତି ଭାଗୀରଥି ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଆସନ୍ତା ଶୁକ୍ରବାର ଓ ଶନିବାର ଦୁଇଦିନ ମଧ୍ୟରେ ଯଦି ବିଦ୍ୟୁତ୍ ବିଭ୍ରାଟ ହେବ ତା'ହେଲେ ଆଠଗଡ଼ ବିଦ୍ୟୁତ୍ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଏବଂ ଭୁବନେଶ୍ୱରସ୍ଥିତ ଟିପିସିଓଡିଏଲ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରାଯିବ ବୋଲି ସଂଘ ସମ୍ପାଦକ କିରଣ ବିହାରୀ ଖଟୁଆ ସୂଚନା ଦେଇଛନ୍ତି। ଏହି ବୈଠକରେ ସଂଘ ସମ୍ପାଦକ କିରଣ ବିହାରୀ ଖଟୁଆ, କାର୍ଯ୍ୟକାରୀ ସଭାପତି ବେଣୁଧର ମହାନ୍ତି, ଭାଗୀରଥି ସାହୁ, ପ୍ରଫୁଲ୍ଲ ଖଟୁଆ, ମିହିର ଶତପଥୀ, ବ୍ରଜରାଜ ଖଟୁଆ, ଚନ୍ଦ୍ରଶେଖର ପରିଡା ଓ ବିବେକାନନ୍ଦ ସ୍ୱାଇଁଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ଅନୁରାଧାଙ୍କୁ ବୀଣାପାଣି ମହାନ୍ତି ସ୍ମୃତି ସମ୍ମାନ

କଟକ, ୧୪।୬(ପ୍ରସନ୍ନ କୁମାର ପାଢ଼ୀ)

**ବୀଣାପାଣି ମହାନ୍ତିଙ୍କ ଜୟନ୍ତୀ ଉତ୍ସବ**

ସ୍ୱନାମଧନ୍ୟ ଶାସ୍ତ୍ରୀୟ ସିତାର ବାଦିକା, ସଙ୍ଗଠିକା ବୀଣାପାଣି ମହାନ୍ତିଙ୍କ ଜୟନ୍ତୀ ଉତ୍ସବ କଟକ କଳା ବିକାଶ କେନ୍ଦ୍ର ପ୍ରେକ୍ଷାଳୟରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବୀଣାପାଣି ମହାନ୍ତି ଫାଉଣ୍ଡେଶନ ପକ୍ଷରୁ ଆୟୋଜିତ ଏହି ଉତ୍ସବକୁ ସଙ୍ଗୀତଜ୍ଞ ପଦ୍ମବିଭୂଷଣ ପଣ୍ଡିତ ହରିପ୍ରସାଦ ଚୌରାସିଆ ଉଦ୍‌ଘାଟନ କରିଥିଲେ। କଣ୍ଠଶିଳ୍ପୀ ସଙ୍ଗୀତା ଗୋସାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଫାଉଣ୍ଡେଶନ ଆବାହକ ପ୍ରସେନଜିତ୍ ମହାନ୍ତି ସ୍ୱାଗତ ଭାଷଣ, ସାଧାରଣ ସମ୍ପାଦକ ରଣଜିତ୍ ମହାନ୍ତି ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ସେହିପରି ସମ୍ମାନିତ ବକ୍ତା ଭାବେ ଗୀତିକାର ଗୌର ପଟ୍ଟନାୟକ ଓ ପଦ୍ମଶ୍ରୀ ପ୍ରିୟମ୍ବଦା ମହାନ୍ତି ହେଜମାଦି ଯୋଗଦେଇଥିଲେ। ଏହି ଅବସରରେ ଆକାଶବାଣୀର କଣ୍ଠଶିଳ୍ପୀ ଅନୁରାଧା ଚୌରାସିଆଙ୍କୁ ବୀଣାପାଣି ମହାନ୍ତି ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏଥିସହ ସମ୍ବିଧାନ ମହାନ୍ତିଙ୍କ ସମ୍ପାଦନାରେ ପ୍ରସ୍ତୁତ ବୀଣାପାଣି ମହାନ୍ତିଙ୍କ ସମ୍ପର୍କରେ ଏକ ପ୍ରାମାଣିକ ଭିଡିଓ ଚିତ୍ର ପ୍ରଦର୍ଶିତ ହୋଇଥିଲା। ଏହାପରେ ମିନାଶ୍ରୀ ମହାନ୍ତିଙ୍କ ନିର୍ଦ୍ଦେଶନାରେ ସ୍ୱାଗତମ୍ ମେଳ ନୃତ୍ୟ, ଦଶ ଅବତାର ସମବେତ ନୃତ୍ୟ, ଶ୍ରାବଣୀ ରାୟ ମିତ୍ରଙ୍କ ନିର୍ଦ୍ଦେଶନାରେ ଆଙ୍ଗିକ ଅନୁଷ୍ଠାନ ଛାତ୍ରୀଙ୍କ ଦ୍ୱାରା ସମବେତ ରଜଦୋଳି ନୃତ୍ୟ, ମଧୁରାଷ୍ଟାକମ୍ ନୃତ୍ୟ, କଣ୍ଠଶିଳ୍ପୀ ଭାରତୀ ଭୂୟାଁଙ୍କ ଦ୍ୱାରା ଭକ୍ତି ସଙ୍ଗୀତ, ଗୁରୁ ଏ. ମହେଶ୍ୱର ରାଓଙ୍କ ନିର୍ଦ୍ଦେଶନାରେ ନାଦନିନାଦ ଅନୁଷ୍ଠାନର ଶିଳ୍ପୀଙ୍କ ଦ୍ୱାରା ସମବେତ କଣ୍ଠରେ ଛାନ୍ଦ, ଚମ୍ପୂ ଗାୟନ ଅତି ଚିତ୍ତାକର୍ଷକ ହୋଇଥିଲା। ଗୀତାଞ୍ଜଳି ପଣ୍ଡା କାର୍ଯ୍ୟକ୍ରମ ଉପସ୍ଥାପନ କରିଥିଲେ।



ଉତ୍ସବରେ କଣ୍ଠଶିଳ୍ପୀ ଅନୁରାଧା ଚୌରାସିଆଙ୍କୁ ବୀଣାପାଣି ମହାନ୍ତି ସ୍ମୃତି ସମ୍ମାନ ପ୍ରଦାନ କରାଯାଉଛି।

# ‘କର୍ତ୍ତବ୍ୟ ନିଷ୍ଠାର ସହ କଲେ ସଫଳ ବ୍ୟକ୍ତି ହେବ’

ମାହାଙ୍ଗା :୧୪।୬(ଯଯାତି ସିଂହ)

କଟକ ଜିଲା ମାହାଙ୍ଗା ବ୍ଲକ ଅନ୍ତର୍ଗତ ଭଞ୍ଜ ମଣ୍ଡପ ଗୋକନଠାରେ ମାହାଙ୍ଗା କେନ୍ଦ୍ରୀୟ ସାଂସ୍କୃତିକ ସଂସଦ ଆନୁକୂଲ୍ୟରେ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ଜୟନ୍ତୀ, ରଜ ଉତ୍ସବ ଓ ମାହାଙ୍ଗା ମହୋତ୍ସବର ସୁବର୍ଣ୍ଣ ଜୟନ୍ତୀ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଗୋପବନ୍ଧୁ ରିସର୍ଚ୍ଚ ଚେୟାର ପ୍ରଫେସର ଡ. ବିଜୟାନନ୍ଦ ସିଂହ ଅଧ୍ୟକ୍ଷତା କରି ରଜ ଉତ୍ସବ ଓ ଉପେନ୍ଦ୍ର ଭଞ୍ଜ କାବ୍ୟ କବିତା ଉପରେ ଆଲୋଚନା କରିଥିଲେ। ଏହି ଅନୁଷ୍ଠାନ ପୂର୍ବତନ ମନ୍ତ୍ରୀ ସେକ୍ ମତଲୁବ ଅଲ୍ଲୀଙ୍କ ଦ୍ୱାରା ଆରମ୍ଭ କରାଯାଇ ୫୦ ବର୍ଷରେ ପହଞ୍ଚିଛି।

ଉତ୍ସବରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପୋଲିସ ମହାନିର୍ଦ୍ଦେଶକ ରତ୍ନାକର ବରାଳ ଯୋଗଦେଇ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ନିଜର କର୍ତ୍ତବ୍ୟକୁ ନିଷ୍ଠାର ସହ ପାଳନ କଲେ ସମାଜରେ ଜଣେ ସଫଳ ବ୍ୟକ୍ତି ଭାବେ ପ୍ରତିଷ୍ଠିତ ହୋଇପାରିବେ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଆକାଶବାଣୀ ଓ ଦୂରଦର୍ଶନର ପୂର୍ବତନ ନିର୍ଦ୍ଦେଶକ ଡ. ଶାନ୍ତନୁ କୁମାର ରଥ, ବକ୍ତାଭାବେ ଡ. କାର୍ତ୍ତିକେଶ୍ୱର ସାହୁ, ଡ. କାର୍ତ୍ତିକ ଚନ୍ଦ୍ର



କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ବକ୍ତିବୃନ୍ଦ।

**ଭଞ୍ଜ ଜୟନ୍ତୀ, ରଜ ଉତ୍ସବ, ମାହାଙ୍ଗା ମହୋତ୍ସବ ସୁବର୍ଣ୍ଣ ଜୟନ୍ତୀ**

ବରାଳ, ସେକ୍ ମସୁଦ ଅଲ୍ଲୀ ଓ ଶିକ୍ଷାବିତ୍ ଦୀନବନ୍ଧୁ ପାତ୍ର ରଜପର୍ବ ଓ ଭଞ୍ଜଙ୍କ ସମ୍ପର୍କରେ ଆଲୋକପାତ କରିଥିଲେ। ଅନୁଷ୍ଠାନର ପରମ୍ପରା ଅନୁଯାୟୀ ଚଳିତବର୍ଷ ଅବସରପ୍ରାପ୍ତ ପୋଲିସ ମହାନିର୍ଦ୍ଦେଶକ ରତ୍ନାକର ବରାଳଙ୍କୁ ମାହାଙ୍ଗା ଗୌରବ ସମ୍ମାନ, ସମ୍ମାନିତ ଅତିଥି ଭଞ୍ଜ ସାହିତ୍ୟ ଗବେଷକ ଓ ପ୍ରବକ୍ତା ଡ. ଶାନ୍ତନୁ କୁମାର ରଥଙ୍କୁ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ସମ୍ମାନରେ ଭୂଷିତ କରାଯାଇଥିଲା। ଏହି ଅବସରରେ ହାଇସ୍କୁଲ ଓ ଉଚ୍ଚ ମାଧ୍ୟମିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରୀଛାତ୍ରଙ୍କୁ ମାହାଙ୍ଗା ମେଧା ଶ୍ରେଷ୍ଠ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏଥିସହ ଭଞ୍ଜ ସଙ୍ଗୀତ, ରଜଦୋଳି ଗୀତ, ପୁଚି ଓ ଖେଟି ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀମାନଙ୍କୁ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରାଯାଇଥିଲା। ପ୍ରାରମ୍ଭରେ ଅଞ୍ଚଳର ସାମାଜିକ କର୍ମୀ ପ୍ରଶାନ୍ତ କୁମାର କାନୁନ୍‌ଗୋଙ୍କ ବିୟୋଗରେ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ସଂସଦର ସଭାପତି ଦୀନବନ୍ଧୁ ପାତ୍ର ପ୍ରାରମ୍ଭିକ ସୂଚନା, ପଣ୍ଡିତ ପ୍ରଭାତ କର ଅତିଥି ପରିଚୟ, ସଂସଦର ସାଧାରଣ ସମ୍ପାଦକ ନଳିନୀକାନ୍ତ ନାୟକ ବିବରଣୀ ପାଠ କରିଥିବାବେଳେ ସଂସଦର ଉପସଭାପତି କ୍ଷୀରୋଦ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ସଂସଦର ସମ୍ପାଦକ ଆଇନଜୀବୀ ଦୀପକ କୁମାର ମହାନ୍ତି ପରିଚାଳନା କରିଥିଲେ। ମନ୍ମଥ ଖଟୁଆ, କୈବଲ୍ୟ ମହାନ୍ତି, ବ୍ରଜକିଶୋର ମହାନ୍ତି, ରବି ନାରାୟଣ ସାହୁ, ଅରକ୍ଷିତ ପ୍ରଧାନ ଯୁବ ସଙ୍ଗଠକ ସୌକତ ଅଲ୍ଲୀ, ଶିକ୍ଷାବିତ୍ ପ୍ରଫୁଲ୍ଲ ସାହୁ, ସଂଗ୍ରାମ ସାମଲ, ସୁକାନ୍ତ ନନ୍ଦ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ସଂକ୍ଷେପରେ

### ଶ୍ରୀମନ୍ଦିର ପାର୍ଶ୍ୱ ଅଞ୍ଚଳ ବୁଲି ସମୀକ୍ଷା କଲେ ଏସ୍‌ପି

ପୁରୀ, ୧୪।୬(ଅଜିତ୍ ମହାନ୍ତି): ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରାକୁ ଆଉ ୫ଦିନ ବାକି ଥିବାବେଳେ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଉଛି। ଏହି ପରିପ୍ରେକ୍ଷୀରେ ବୁଧବାର ଏସ୍‌ପି କନୱର ବିଶାଲ ସିଂହ ଶ୍ରୀମନ୍ଦିର ନିକଟକୁ ଯାଇ ସ୍ଥିତିର ସମୀକ୍ଷା କରିଛନ୍ତି। ନବଯୌବନ ଦିନ ଶ୍ରୀବିଗ୍ରହମାନେ ଭକ୍ତଙ୍କୁ ଦର୍ଶନ ଦେବେ ଓ ପରଦିନ ରଥାରୂଢ଼ ହୋଇ ଶ୍ରୀଗୁଣ୍ଡିଚା ମନ୍ଦିରକୁ ଯାତ୍ରା କରିବେ। ମହାପ୍ରଭୁଙ୍କ ଦର୍ଶନ ପାଇଁ ପୁରୀରେ ଭକ୍ତଙ୍କ ପ୍ରବଳ ସମାଗମ ହେବ। ଶୃଙ୍ଖଳିତ ଦର୍ଶନ, ଜନସାଧାରଣଙ୍କ ଯାତାୟତ ସୁବିଧା ଏବଂ ପାର୍କିଂ ବ୍ୟବସ୍ଥା ନେଇ ଏସ୍‌ପି ସମୀକ୍ଷା କରିଛନ୍ତି। ଭକ୍ତ କେଉଁପଟେ ପ୍ରବେଶ ଓ ପ୍ରସ୍ଥାନ କରିବେ, ବ୍ୟାରିକେଡ ନିର୍ମାଣ ଆଦି ସମ୍ପର୍କରେ ବିଭାଗୀୟ ଅଧିକାରୀମାନଙ୍କ ସହିତ ଆଲୋଚନା କରିଛନ୍ତି। ସମୀକ୍ଷା ସମୟରେ ବରିଷ୍ଠ ପୋଲିସ ଅଧିକାରୀ ଏବଂ ଓବିସିସିର ଅଧିକାରୀ ଉପସ୍ଥିତ ଥିଲେ।

### ରାଜସ୍ୱ ନିରୀକ୍ଷକଙ୍କୁ ଆକ୍ରମଣ, ହତ୍ୟା ଧମକ

ନିମାପଡ଼ା,୧୪।୬(ବିଚିତ୍ରାନନ୍ଦ ସାହୁ): ନିମାପଡ଼ା ତହସିଲ ଅନ୍ତର୍ଗତ ହଂସପଡ଼ା ରାଜସ୍ୱ ସର୍କଲର ରାଜସ୍ୱ ନିରୀକ୍ଷକ ରାଜୀବଲୋଚନ ସାହୁଙ୍କୁ ମାଡ଼, ଆକ୍ରମଣ ହୋଇଥିବା ମଙ୍ଗଳବାର ଥାନାରେ ଅଭିଯୋଗ ହୋଇଛି। ଏଥିସହ ତାଙ୍କୁ ଜୀବନରୁ ମାରି ଦେବାକୁ ଧମକ ଦେଇଥିବା ନିରୀକ୍ଷକ ସାହୁ ସ୍ଥାନୀୟ ତହସିଲଦାରଙ୍କୁ ଅବଗତ କରିଛନ୍ତି। ଏନେଇ ପୋଲିସ ଆକ୍ରମଣକାରୀ ଏହି ଥାନା ଅନ୍ତର୍ଗତ ଦହିଜଙ୍ଗ ଗ୍ରାମର ଜଗନ୍ନାଥ ସ୍ୱାଇଁଙ୍କ ବିରୋଧରେ କେସ୍ ନଂ. ୧୯୯/୨୩ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଅଭିଯୋଗ ମୁତାବକ, ନିରୀକ୍ଷକ ସାହୁ ଓ ଅଫିସର, ପିଅନ ବୃନ୍ଦାବନ ନାୟକ ଏକ ବେଆଇନ ମାଟି ଉଠା ଘଟଣାର ତଦନ୍ତ ପାଇଁ ତହସିଲ କାର୍ଯ୍ୟାଳୟରୁ ହଂସପଡ଼ା ଅଞ୍ଚଳକୁ ଯାଇଥିଲେ। ସେଠାରେ ସରକାରୀ ଜମିରୁ କିଛି ଲୋକ ବେଆଇନ ଭାବେ ଗୋଟିଏ ଜେସିବି ଓ ୫ଟି ନମ୍ବର ବିହୀନ ଟ୍ରାକ୍ଟରରେ ମାଟି ଉଠାଇ ନେଉଥିବାର ଦେଖି ଗାଡ଼ିର ଫଟୋ ଉଠାଇବାବେଳେ ଜଗନ୍ନାଥ ସ୍ୱାଇଁ କ୍ରୋଧାନ୍ୱିତ ହୋଇ ଖରାପ ଭାଷାରେଗାଳିଗୁଲଜ କରିଥିଲେ। ଏଥିସହ ମୋବାଇଲକୁ ଛଡାଇ ନେବାକୁ ଉଦ୍ୟମ କରି ଜୀବନରୁ ମାରି ଦେବାକୁ ଧମକ ଦେଇଥିଲେ। ଜଣେ କର୍ତ୍ତବ୍ୟରତ ସରକାରୀ କର୍ମଚାରୀଙ୍କୁ ସର୍ବ ସମ୍ମୁଖରେ ମାଡ଼ ମରାଯିବା, ଦୁର୍ବ୍ୟବହାର ପ୍ରଦର୍ଶନ କରାଯିବା ଘଟଣାକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି। ଆକ୍ରମଣକାରୀଙ୍କୁ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ବହୁ ଆରଆଇ ପୋଲିସ ନିକଟରେ ଦାବି କରିଛନ୍ତି।

# ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ଲାଗିହେଲା ଖଳି

ପୁରୀ, ୧୪।୬(ଅଜିତ୍ ମହାନ୍ତି)

ପବିତ୍ର ଆଷାଢ଼ ମାସ କୃଷ୍ଣପକ୍ଷ ଏକାଦଶୀ ବା ଖଳିଲାଗି ଏକାଦଶୀ ବୁଧବାର ଅବସରରେ ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କ ଖଳିଲାଗି ନୀତି ସମ୍ପନ୍ନ ହୋଇଛି। ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ଖଳି ଲାଗି କରାଯାଇଛି। ସେହିପରି ରାଜବୈଦ୍ୟଙ୍କ ଦ୍ୱାରା ପ୍ରସ୍ତୁତ ହୋଇ ଦଶମୀ ତିଥିରେ ଶ୍ରୀମନ୍ଦିରକୁ ଆସିଥିବା ଦଶମୂଳ ମୋଦକ ମହାପ୍ରଭୁଙ୍କୁ ଅର୍ପଣ କରାଯାଇଛି। ଅପରପକ୍ଷରେ ମହାପ୍ରଭୁ ସୁସ୍ଥ ଅନୁଭବ କରିଥିବାରୁ ତୁଳସୀ ଓ ବାରଲାଗି ଖଣ୍ଡୁଆ ଲାଗି ହୋଇଛନ୍ତି।

ସୂଚନାଯୋଗ୍ୟ, ଜ୍ୟେଷ୍ଠ ପୂର୍ଣ୍ଣିମାରେ ସ୍ନାନବେଦିରେ ଶ୍ରୀବିଗ୍ରହମାନେ ୧୦୮ ଗରା ସୁବାସିତ ଜଳରେ ସ୍ନାନ କରିବା ପରେ ଜ୍ୱରରେ ପୀଡ଼ିତ ହୋଇ ଅଣସର ପିଣ୍ଡିରେ ଚିକିତ୍ସିତ ହେଉଛନ୍ତି। ମହାପ୍ରଭୁଙ୍କ ଶ୍ରୀଅଙ୍ଗଲାଗି

### ଆଜି ରାଜପ୍ରାସାଦ ବିଜେ

ଦଇତାପତି ଓ ପତିମହାପାତ୍ର ଏହି ଗୁପ୍ତ ସେବା କରୁଛନ୍ତି। ପର୍ଯ୍ୟାୟକ୍ରମେ ଅଣସରର ପଞ୍ଚମୀ ତିଥୀରେ ବଡ଼ଓଡିଆ ମଠରୁ ଆସିଥିବା ଫୁଲୁରିତେଲ ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ଲାଗିହେବା ପରେ ଶୁଦ୍ଧସୁଆର ସେବକମାନେ ଦେଇଥିବା ଓଷ ତିନିଦିନ ଧରି ଲାଗି କରାଯାଇଥିଲା। ପରେ ଦଶମ ତିଥିରେ ଶ୍ରୀବିଗ୍ରହମାନଙ୍କ ଚକାବିଜେ ନୀତି ସମ୍ପନ୍ନ ହୋଇଥିଲା। ସେହିପରି ବୈଦ୍ୟଙ୍କ ଦ୍ୱାରା ପ୍ରସ୍ତୁତ ଦଶମୂଳ ମୋଦକ ଶ୍ରୀମନ୍ଦିରରେ ପହଞ୍ଚିଥିଲା। ତେବେ ବୁଧବାର ଅଣସର ଗୃହରେ ବିରାଜିତ ଶ୍ରୀବିଗ୍ରହମାନଙ୍କୁ ଖଳିଲାଗି ଓ ତୁଳସୀ ଲାଗି କରାଯାଇଛି। ଏଥିସହ ମହାପ୍ରଭୁଙ୍କୁ ଦଶମୂଳ ମୋଦକ ଲାଗି କରାଯାଇଛି। ଉକ୍ତ ନୀତି ପାଇଁ ଶ୍ରୀମନ୍ଦିର ପଟିଦିଅଁଙ୍କ ନିକଟରେ ମଧ୍ୟାହ୍ନ ଧୂପ ଓ ଦକ୍ଷିଣୀଘର ଭୋଗ ବଢ଼ିବା ପରେ ଜୟବିଜୟ ଦ୍ୱାର ବନ୍ଦ ହୋଇ ବେହେରଣ ଦ୍ୱାର ଖୋଲିଥିଲା। ପରେ ଅଣସର ଗୃହରେ ଦଇତାପତି ଏବଂ ପତି ମହାପାତ୍ର ପ୍ରବେଶ କରିଥିଲେ। ଅଣସର ଗୃହରେ ଥିବା ଦାରୁବିଗ୍ରହଙ୍କ ଅଣସର ନୀତି ଆରମ୍ଭ ହୋଇଥିଲା। ଶୁଦ୍ଧସୁଆରଙ୍କ ଘରୁ ଖଳି ଆସି ଠାକୁରଙ୍କୁ ଲାଗି କରାଯିବା ସହିତ ରକ୍ତବସ୍ତ୍ର ଲାଗି କରାଯାଇଥିଲା। ଚକଟା ଭୋଗ ଓ ପଣାଭୋଗ ପରେ ବେହେରଣ ଦ୍ୱାର ବନ୍ଦ କରାଯାଇଥିଲା। ଜୟବିଜୟ ଦ୍ୱାର ଖୋଲାଯାଇ ପଟିଦିଅଁଙ୍କ ନୀତି ଆରମ୍ଭ ହୋଇଥିଲା। ସନ୍ଧ୍ୟା ଆଳତି ଓ ସନ୍ଧ୍ୟା ଧୂପ ବଢ଼ିବା ପରେ ବେହେରଣ ଦ୍ୱାର ଖୋଲିଥିଲା। ପଟିଦିଅଁଙ୍କ ସର୍ବାଙ୍ଗ ହେବା ସହିତ ଅଣସରଗୃହରେ ଥିବା ଶ୍ରୀବିଗ୍ରହମାନଙ୍କ ସର୍ବାଙ୍ଗ ନୀତି ଅନୁଷ୍ଠିତ ହୋଇଥିଲା। ସର୍ବାଙ୍ଗ ବଢ଼ିବା ପରେ ଚତୁର୍ଦ୍ଧାବିଗ୍ରହଙ୍କୁ ବାରଲାଗି ଖଣ୍ଡୁଆ, ରଙ୍ଗିନ ସୁଗନ୍ଧିତ ପୁଷ୍ପ ଏବଂ ତୁଳସୀ ଲାଗି କରାଯାଇଥିଲା। ଅଣସର ଗୃହରେ ଚତୁର୍ଦ୍ଧାବିଗ୍ରହ ପ୍ରଥମ ତୁଳସୀ ଧାରଣ କରିଥିଲେ। ବୈଦ୍ୟ ସେବକଙ୍କ ଘରୁ ଆସିଥିବା ଦଶମୂଳକୁ ପତିମହାପାତ୍ର ସେବକ ସଂସ୍କାର କରିବା ପରେ ଦଇତାପତିମାନେ ମହାପ୍ରଭୁଙ୍କୁ ଲାଗି କରାଇଥିଲେ। ସ୍ନାନପୂର୍ଣ୍ଣିମା ଠାରୁ ବନ୍ଦ ଥିବା ଘଣ୍ଟ, କାହାଳୀ, ବାଦ୍ୟ ଶବ୍ଦ ପୁଣି ଶ୍ରୀମନ୍ଦିରରେ ଶୁଣିବାକୁ ମିଳିଛି। ଗୁରୁବାର ଦ୍ୱାଦଶୀ ତିଥିରେ ରାଜପ୍ରସାଦ ବିଜେ ନୀତି ଅନୁଷ୍ଠିତ ହେବ। ସ୍ନାନପୂର୍ଣ୍ଣିମାଠାରୁ ଅସୁସ୍ଥ ଥିବା ଶ୍ରୀବିଗ୍ରହମାନେ ସୁସ୍ଥ ହୋଇଥିବା ଖବର ଦଇତାପତିମାନେ ଦ୍ୱାଦଶୀ ତିଥିରେ ରାଜନଅରକୁ ଯାଇ ଆଦ୍ୟସେବକ ଗଜପତି ମହାରାଜାଙ୍କୁ ଜଣାଇବେ। ସେହିପରି ରଥଯାତ୍ରା ସମ୍ପର୍କରେ ମଧ୍ୟ ଗଜପତି ମହାରାଜାଙ୍କୁ ସୂଚନା ପ୍ରଦାନ କରିବେ।

## ତିନିରଥରେ ରକ୍ଷିପଟା ବାଡ଼ିଆ ସରିଲା



ପୁରୀ,୧୪।୬ (ଅଜିତ ମହାନ୍ତି)

### ରଥଖଳାରୁ ...

ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା ପାଇଁ ଶ୍ରୀନଅରସ୍ଥିତ ଅସ୍ଥାୟୀ ରଥଖଳାରେ ରଥ ନିର୍ମାଣ କାର୍ଯ୍ୟ ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ତିନିରଥର ପ୍ରଥମ ଭୂଇଁ ଉପରେ 'କନକ ମୁଣ୍ଡି' ସଂସ୍ଥାପନ କରାଯାଇଥିଲା। ବୁଧବାର ତିନିରଥରେ ରକ୍ଷିପଟା ବାଡ଼ିଆ କାର୍ଯ୍ୟ ସମ୍ପନ୍ନ ହୋଇଛି। ଏହି ରକ୍ଷିପଟା ପୋଟଳ ନିମ୍ନ ଭାଗରୁ ତୃତୀୟ ଭୂଇଁ ଶେଣୀ ଚାରିପାର୍ଶ୍ୱରେ ଦୁଇଟି ଲେଖାଏ ୮ଟି ରକ୍ଷିପଟା ବାଡ଼ିଆଯାଇଛି। ଏଥିସହ ତିନିରଥର ୪ଟି ଲେଖାଏ 'ଦୁଆରବେଢ଼ା' ରଥ ଚାରିପାର୍ଶ୍ୱରେ ଲାଗିଛି। ଭୋଇ ସର୍ଦ୍ଦାରଙ୍କ ତତ୍ତ୍ୱାବଧାନରେ ତିନିରଥର ଭୋଇ ସେବକମାନେ ମିଳିତ ଭାବେ ମୋଟ ୧୨ଟି ଦୁଆରବେଢ଼ାକୁ ସାଙ୍ଗି ତଥା ବାଉଁଶ ଡେଣ୍ଟିଆ ସହାୟତାରେ ଟେକି ନାଟଗୋଡ଼ରେ ସଂଯୋଗ କରି ରଥରେ ସଂସ୍ଥାପନ କରିଛନ୍ତି। ମହାରଣା ସେବକମାନେ ତିନି ରଥର ବେଦିରେ ପଟାବାଡ଼ିଆ କାର୍ଯ୍ୟ ଏବଂ ରଥ ଚାରିପାର୍ଶ୍ୱରେ ପଟାବାଡ଼ିଆ ଶେଷ କରିଛନ୍ତି। ଗୁରୁବାର ରଥ କୋଣଗୁଡ଼ିକରେ ପଟାବାଡ଼ିଆ କାର୍ଯ୍ୟ ସମ୍ପନ୍ନ ହେବ। ରୂପକାର ସେବକମାନଙ୍କ ଦ୍ୱାରା ତିନି ରଥର ପ୍ରଭାରେ ରାହୁ ରୂପ, ମଗର ମୁଖ ଏବଂ ଡାଳିଲତା ଖୋଦେଇ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ପ୍ରଭାରେ ରୂପ ଖୋଦେଇ କାର୍ଯ୍ୟ ସରିବା ପରେ ଚିତ୍ରକାର ସେବକମାନେ ଖୋଦିତ ରୂପରେ ରଙ୍ଗ ଦେବେ। ଚିତ୍ରକାର ସେବକମାନେ ତିନିରଥର ୬ଟି ଅଁଳା, ୩ଟି କଳସ, ୬ଟି ଓଲଟ ଶୁଆ, ୨୪ଟି ନାଟଗୋଡ଼, ୨୭ଟି ଶିଖର ଡମ୍ବରୁ, ୨୪ଟି ରକ୍ଷିପଟା, ୩୬ଟି କନ୍ୟାପଟା,୨୮ଟି ଲେଖାଏ ହଂସପଟା, ୩ଟି ଦଧିନଉତି ପିତ୍ତଳ କଳସ, ୧୨ଟି ଘଣ୍ଟି, ୨୭ ପାର୍ଶ୍ୱ ଦେବଦେବୀ, ୬ ଦ୍ୱାରପାଳ ରଙ୍ଗ କାର୍ଯ୍ୟ ସାରିଥିବାବେଳେ ତିନିରଥର ସାରଥି ରଙ୍ଗ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ରଥ ଉପର ବେଦି ତିନିପାର୍ଶ୍ୱରେ ଗାଈଆଳ ମାଳ ଚିତ୍ର, ପ୍ରଭାରେ ରଙ୍ଗ କାର୍ଯ୍ୟ, ଘୋଡ଼ା ଏବଂ ଚଉଦ ନାହାକାରେ ରଙ୍ଗ କାର୍ଯ୍ୟ ବାକି ରହିଛି। ଦୋଳବେଦି କମାରଶାଳରେ ଓଝା ସେବକମାନେ କୋଠଭୋଗ ରୋଷଘର ପାଇଁ ପନିକି ଏବଂ କୋରଣା ନିର୍ମାଣ କରି ଯୋଗାଇବା ସହ ତିନିରଥର ଦୁଆର ବେଢ଼ା ଫିଟିଂ ପାଇଁ ୧୨ଟି ଧ୍ୱଜବତା କଣ୍ଟା ଶେଷ କରି ପ୍ରଭା କଣ୍ଟା ଏବଂ ଧୂଳିଦଣ୍ଡା କଣ୍ଟା ନିର୍ମାଣ କରୁଛନ୍ତି। ଦରଜି ସେବକମାନେ ତିନିରଥର ବତା କନାରେ ଲେସ୍ କାମ, ଚନ୍ଦ୍ର ଶାଳୀ ସମେତ ଦୁଆର ବେଢାରେ ଲେସ୍ ତଥା ସିଲଭର ଫୁଲ ପକା କାର୍ଯ୍ୟ ସାରି ପୋଟଳ,ଅଳାଶ୍ରୀ ଏବଂ ପୋଲ ମୁଦ୍ରା ଚାଦର କାର୍ଯ୍ୟ ଜାରି ରଖିଛନ୍ତି।



ସତ୍ୟବାଦୀ ସେବାଟ୍ରଷ୍ଟ ପକ୍ଷରୁ ବିଶ୍ୱ ରକ୍ତଦାତା ଦିବସ ପାଳନ ଅବସରରେ ରକ୍ତଦାତା ନିହାର ରଞ୍ଜନ ସ୍ୱାଇଁଙ୍କୁ ଅତିଥି ମାନପତ୍ର ପ୍ରଦାନ କରୁଛନ୍ତି।

## ଅଭାବ ରକ୍ତ ପାଇଁ ବଡ଼ ଭିତ୍ତିଭୂମି ଆବଶ୍ୟକ

ସାକ୍ଷୀଗୋପାଳ,୧୪।୬ (ପ୍ରଶାନ୍ତ ବାରିକ/କିଶୋର ମହାପାତ୍ର)

ସତ୍ୟବାଦୀ ସେବାଟ୍ରଷ୍ଟ ପକ୍ଷରୁ ସତ୍ୟବାଦୀ ସାକ୍ଷୀଗୋପାଳ ମନ୍ଦିର ପାନ୍ଥଶାଳା ପରିସରରେ ବିଶ୍ୱ ରକ୍ତଦାତା ଦିବସ ବୁଧବାର ପାଳନ ହୋଇଯାଇଛି। ମଣିଷ ସ୍ୱତଃ ରକ୍ତଦାନ କରି ଅନ୍ୟ ଜଣେ ମଣିଷର ଜୀବନ ବଞ୍ଚାଇ ସଚେତନତା ସୃଷ୍ଟି କରିବା ହେଉଛି ଏହି ଦିବସର ମୁଖ୍ୟ ଲକ୍ଷ୍ୟ। ଏହି ଉତ୍ସବକୁ ଏମ୍ବର ପୂର୍ବତନ ଅଧକ୍ଷ ଡା. ଅଶୋକ ମହାପାତ୍ର ସଭାପତିତ୍ୱ କରିଥିଲେ। ଭାରତରେ ବର୍ଷକୁ ହାରାହାରି ୪ ଲକ୍ଷ ୫୦ ହଜାର ୟୁନିଟ୍ ରକ୍ତର ଆବଶ୍ୟକତା ରହିଥିବାବେଳେ ୫୦ରୁ ୬୦ ପ୍ରତିଶତ ରକ୍ତ, ରକ୍ତଦାତା ଓ ଅନ୍ୟାନ୍ୟ ସୂତ୍ରରୁ ମିଳିଥାଏ। ଆଉ ପ୍ରାୟ ୪୦ ପ୍ରତିଶତ

### ୬୦ ସ୍ୱେଚ୍ଛାକୃତ ରକ୍ତଦାତା ସମ୍ବର୍ଦ୍ଧିତ

ରକ୍ତ ଅଭାବ ଯୋଗୁ ବହୁ ଲୋକଙ୍କ ଜୀବନ ଯାଇଥାଏ। ତେବେ ରକ୍ତର ଆବଶ୍ୟକତା ନିମନ୍ତେ ବଡ଼ ଧରଣର ସଚେତନତା କରାଯିବା ଆବଶ୍ୟକତା ରହିଛି। ଯୁବତୀ ଯୁବକଙ୍କୁ ରକ୍ତଦାନ ପାଇଁ ଉତ୍ସାହିତ କରିବାକୁ ସରକାରୀ ସ୍ତରରେ ଏକ ବ୍ୟବସ୍ଥା କରାଗଲେ ରକ୍ତର ଅଭାବ ଆଉ ରହିବନି। ଏଥିପାଇଁ ବଡ଼ ଭିତ୍ତିଭୂମିର ଆବଶ୍ୟକତା ରହିଛି ବୋଲି ଡା. ମହାପାତ୍ର କହିଥିଲେ। ପୁରୀର ବରିଷ୍ଠ ଖବରଦାତା ଓ ସହିତ୍ୟିକ ବଦ୍ରୀ ମିଶ୍ର କହିଥିଲେ, କେବଳ ଗୋଟେ ଦିନରେ ନୁହେଁ ପ୍ରତ୍ୟେକ ଦିନ କିଛି କିଛି ଲୋକ ରକ୍ତଦାନ କଲେ ରକ୍ତର ଅଭାବ ରହିବନି। ଖବରଦାତା ମଧୁସୂଦନ ମିଶ୍ରଙ୍କ କହିବା ଅନୁସାରେ, ସମସ୍ତ ଜିଲା ଓ ବ୍ଲକ ସ୍ତରରେ ବ୍ଲଡ଼ ବ୍ୟାଙ୍କ ରହିଲେ ରକ୍ତର ଅଭାବ ପୂରଣ ହେବ। କାର୍ଯ୍ୟକ୍ରମରେ ରାଜେଶ ମିଶ୍ର, ଆଇନଜୀବୀ ରାମଶଙ୍କର ନନ୍ଦ, ଡା. ସୁଦର୍ଶନ ବେହେରା, ଡା. ବାଗ, ଜିଲା ପରିଷଦ ସଭ୍ୟ ରତିକାନ୍ତ ମିଶ୍ର, ସ୍ଥାନୀୟ ସରପଞ୍ଚ ଚିନ୍ମୟୀ ରାଉତ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଟ୍ରଷ୍ଟ ପକ୍ଷରୁ ନୀହାର ରଞ୍ଜନ ସ୍ୱାଇଁ, ଯଯାତି ବିଶ୍ୱାଳ, ଆଲୋକ ମହାପାତ୍ର, ନୀଳକଣ୍ଠ ବାରିକ, ମଞ୍ଜୁଲତା ପ୍ରଧାନ ପ୍ରମୁଖ ୬୦ ଜଣ ସ୍ୱେଚ୍ଛାକୃତ ରକ୍ତଦାତାଙ୍କୁ ଅତିଥିମାନେ ମାନପତ୍ର ପ୍ରଦାନ କରିଥିଲେ। ଟ୍ରଷ୍ଟ ସଭାପତି ସୁଦର୍ଶନ ପ୍ରଧାନ, ଉପସଭାପତି ଗିତା ତ୍ରିପାଠୀ, କୋଷାଧ୍ୟକ୍ଷ ଉପେନ୍ଦ୍ର ବିଶ୍ୱାଳ ପ୍ରମୁଖ ଏଥିରେ ସହଯୋଗ କରିଥିଲେ। ଅନୁଷ୍ଠାନ ସମ୍ପାଦକ ସୁଶାନ୍ତ ରଥ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସମର ଥିଏଟର ଫେଷ୍ଟିଭାଲ୍‌ରେ ନାଟକ 'ଅନ୍ଧାଯୁଗ୍' ମଞ୍ଚସ୍ଥ

ପୁରୀ, ୧୪।୬(ଅଜିତ୍ ମହାନ୍ତି)

ଦିଲ୍ଲୀସ୍ଥିତ ରାଷ୍ଟ୍ରୀୟ ନାଟ୍ୟ ବିଦ୍ୟାଳୟର 'ରଙ୍ଗମଣ୍ଡଳ', ପୁରୀ ଜିଲା ପ୍ରଶାସନ ଏବଂ ରଙ୍ଗଶାଳା ଅନୁଷ୍ଠାନର ମିଳିତ ସହଯୋଗରେ ପୁରୀରେ ପ୍ରଥମ ଥର ପାଇଁ ସମର ଥିଏଟର ଫେଷ୍ଟିଭାଲ-୨୦୨୩ ଆରମ୍ଭ ହୋଇଛି। ବୁଧବାର ଫେଷ୍ଟିଭାଲର ଦ୍ୱିତୀୟ ସନ୍ଧ୍ୟାରେ ଧର୍ମବୀର ଭାରତୀଙ୍କ ଦ୍ୱାରା ରଚିତ ଏବଂ ରାମ ଗୋପାଲ ବଜାଜ୍‌ଙ୍କ ଦ୍ୱାରା ନିର୍ଦ୍ଦେଶିତ ହିନ୍ଦୀ ନାଟକ 'ଅନ୍ଧାଯୁଗ୍' ମଞ୍ଚସ୍ଥ ହୋଇଥିଲା। ଏହି ନାଟକର କାହାଣୀ ମହାଭାରତର ଶେଷ ଦିନର ଘଟଣାବଳୀ ଉପରେ ଆଧାରିତ। ଦେଶ ବିଭାଜନ ପରେ ଲିଖିତ ଏହି ନାଟକ ହିଂସା ଓ ରକ୍ତପାତର ରାଜନୀତି ଉପରେ ଆଲୋକପାତ କରେ।

ଫେଷ୍ଟିଭାଲର ଦ୍ୱିତୀୟ ସନ୍ଧ୍ୟାରେ ଅତିଥି ଭାବେ ନାଟ୍ୟ ନିର୍ଦ୍ଦେଶକ ତଥା ଅଭିନେତା ଲକ୍ଷ୍ମୀଧର ମିଶ୍ର, ରବିନାରାୟଣ ତ୍ରିପାଠୀ, ମଧୁସୂଦନ ପୂଜାପଣ୍ଡା ଏବଂ ଅ ଆ ଅନୁଷ୍ଠାନର ମୁଖ୍ୟ ଗୋବିନ୍ଦ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ରଙ୍ଗଶାଳାର ନିର୍ଦ୍ଦେଶକ ବିକ୍ରମ କୁମାର ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅତିଥିମାନେ ନିଜ ନିଜ ଅଭିଭାଷଣରେ ଏପରି ନାଟକ ଫେଷ୍ଟିଭାଲର ପ୍ରଶଂସା କରିବା ସହ ଏହା ସମାଜକୁ ଏକ ନୂତନ ଦିଗଦର୍ଶନ ଦେବ ବୋଲି କହିଥିଲେ। ମଧୁସ୍ମିତା ସାହୁ ମଞ୍ଚ ପରିଚାଳନା ଏବଂ ସମୀର ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ।

## ମୋ ବସ୍ ଚାଳକ, କଣ୍ଡକ୍ଟରଙ୍କୁ ମରଣାନ୍ତକ ଆକ୍ରମଣ

ନିମାପଡ଼ା,୧୪।୬(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଥାନା ଅଧୀନ ଧିରପୁର ଛକ ନିକଟରେ ବୁଧବାର ସନ୍ଧ୍ୟାରେ ମୋ ବସ୍ ଚାଳକ ଓ କଣ୍ଡକ୍ଟରଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଥିବା ଥାନାରେ ଅଭିଯୋଗ ହୋଇଛି। ପୋଲିସ ଏନେଇ ୪ ଜଣଙ୍କ ବିରୋଧରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ସେମାନଙ୍କ ପରିଚୟ ମିଳି ପାରିନାହିଁ। ବସ୍ ଚାଳକ ଆହତ ହୋଇ ନିମାପଡ଼ା ମେଡିକାଲରେ ଚିକିତ୍ସିତ ହେଉଥିବାବେଳେ କଣ୍ଡକ୍ଟର ସାମାନ୍ୟ ଆହତ ହୋଇଛନ୍ତି। ସୂଚନା ମୁତାବକ, ବୁଧବାର ଅପରାହ୍ନ ସାଢେ ୫ଟା ବେଳେ ଓଡ଼ି ୦୨ବିଜେ୯୪୧୫ ନମ୍ବର

### ଚାଳକ ନିମାପଡ଼ା ମେଡିକାଲରେ ଚିକିତ୍ସିତ

ବିଶିଷ୍ଟ ମୋ ବସ୍ ଭୁବନେଶ୍ୱର ବରମୁଣ୍ଡାରୁ କୋଣାର୍କ ଅଭିମୁଖେ ଯାଉଥିଲା। ଧୀରପୁର ଛକଠାରେ ହଠାତ୍ ଏକ ଅଟୋ ଚାଳକ ବସ୍ ଆଗରେ ଅଟୋ ଅଟକାଇ ଚାଳକ ଓ କଣ୍ଡକ୍ଟରଙ୍କୁ ଗାଳିଗୁଲଜ କରିଥିଲେ। ଅଟୋ ଚାଳକ ଜଣଙ୍କ ସେହି ଛକରୁ ତାଙ୍କ ୩ ସହଯୋଗୀଙ୍କୁ ଡାକି ବସ୍ ଚାଳକଙ୍କୁ ବସ୍‌ରୁ ଭିଡି ଆଣି ସଂଘବଦ୍ଧ ଭାବେ ମାଡ଼ ମାରିଥିଲେ। ଏହି ରୁଟ୍‌ରେ ଆସିଲେ ଜୀବନରୁ ମାରିଦେବେ ବୋଲି ଧମକ ଦେଇଥିଲେ। କଣ୍ଡକ୍ଟର ଏଥିରେ ପ୍ରତିବାଦ କରିବାରୁ ଆକ୍ରମଣକାରୀ ୪ ଜଣ କଣ୍ଡକ୍ଟରଙ୍କୁ ମଧ ମାଡ଼ ମାରିଥିଲେ।

## ପାରମ୍ପରିକ କଳା ପ୍ରଦର୍ଶନ, ବିଭିନ୍ନ ପ୍ରତିଯୋଗିତା



କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ପାରମ୍ପରିକ କଳାକାରମାନେ।

ପୁରୀ, ୧୪।୬ (ଅଜିତ ମହାନ୍ତି)

### ଜିଲାସ୍ତରୀୟ ଲୋକକଳା ଦିବସ

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ପୁରୀ ସଦର ବ୍ଲକ ପ୍ରଶାସନର ମିଳିତ ଆନୁକୂଲ୍ୟରେ ବୁଧବାର ସଂସ୍କୃତି ଭବନରେ ଜିଲାସ୍ତରୀୟ ଲୋକକଳା ଦିବସ ପାଳିତ ହୋଇଯାଇଛି। ସଦର ବିଡିଓ ସମ୍ବିତ କୁମାର ଶତପଥୀ ଏହାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ ପ୍ରକାଶ ସେଠୀ ଏବଂ ଜିଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା ଯୋଗଦେଇ ରଜ ପର୍ବ ଓ ଲୋକକଳା ଦିବସ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋପାତ କରିଥିଲେ। ଝିଅ ଓ ମହିଳାମାନଙ୍କ ମଧ୍ୟରେ ହୁଳହୁଳି, ପୁଚି, ଝୋଟି, ମୁରୁଜ ଓ ପିଠା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଏହି ଅବସରରେ ପାଲା, ସଂକୀର୍ତ୍ତନ, ଗୋଟିପୁଅ, ଗୀତିନାଟ୍ୟ ଇତ୍ୟାଦି ପାରମ୍ପରିକ କଳା ପ୍ରଦର୍ଶନ ସହ କଳାକାରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କଳାକାର ଲକ୍ଷ୍ମୀଧର ସ୍ୱାଇଁ ମଞ୍ଚ ପରିଚାଳନା କରିଥିବାବେଳେ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ମନୋଜ କୁମାର ବେହେରା ଧନ୍ୟବାଦ ଦେଇଥିଲେ। ଶେଷରେ ସମସ୍ତଙ୍କୁ ପିଠା ଓ ପାନ ପ୍ରଦାନ କରାଯାଇଥିଲା।

## ସାରଙ୍ଗଯୋଡ଼ିରେ କଳାକାରଙ୍କ ପାଇଁ ହେବ ଘର

ସାକ୍ଷୀଗୋପାଳ,୧୪।୬(ଭରତ ରାଉତ)

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ବୁଧବାର ଲୋକକଳା ଦିବସ ଓ ରଜ ମହୋତ୍ସବ ପାଳିତ ହୋଇଯାଇଛି। ସତ୍ୟବାଦୀ ବ୍ଲକ କଳାସଂସ୍କୃତି ସଂଘ ଆନୁକୂଲ୍ୟରେ ପେଣ୍ଠପଡ଼ା ପଞ୍ଚାୟତ କଲ୍ୟାଣ ମଣ୍ଡପରେ ଏହା ଆୟୋଜିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ବ୍ଲକ ଅଧକ୍ଷ ସୁନୀଲ ପଣ୍ଡା ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ବିଡିଓ ତଥା ବ୍ଲକ କଳା ସଂସ୍କୃତି ସଂଘ ସଭାପତି ଲୋଚନ ଦାସଙ୍କ ପକ୍ଷରୁ ଏବିଡିଓ ଅରକ୍ଷିତ ପ୍ରଧାନ, ପେଣ୍ଠପଡ଼ା ସରପଞ୍ଚ ଚିନ୍ମୟ ରାଉତ, ଶ୍ରୀରାମଚନ୍ଦ୍ରପୁର ସରପଞ୍ଚ ଜିତେନ୍ଦ୍ର ବେହେରା ଓ ରାୟଖଣ୍ଡି ସରପଞ୍ଚ ସତ୍ୟନାରାୟଣ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଲୋକକଳାର ଉନ୍ନତି ନେଇ ଆଲୋଚନା ହୋଇଥିଲା। ସଂଘ ସମ୍ପାଦକ ଉତ୍ସବର ତଦାରଖ କରିଥିଲେ। ଗାୟକ ବିଜୟ ପଟ୍ଟନାୟକ ପାଲା, ଗାୟକ ଭାସ୍କର ସ୍ୱାଇଁ ଦାସକାଠିଆ ଏବଂ ପୂର୍ଣ୍ଣଚନ୍ଦ୍ର ବାରିକ ହରିନାମ ସଂକୀର୍ତ୍ତନ ପରିବେଷଣ କରିଥିଲେ। ଗୁରୁ ଉପେନ୍ଦ୍ର ବିଶ୍ୱାଳ ଧନ୍ୟବାଦ ଦେଇଥିଲେ। ସଂଘ ଉପସଭାପତି ତଥା ମୃଦଙ୍ଗ ଗୁରୁ ରମେଶଚନ୍ଦ୍ର ପଲେଇ ଉତ୍ସବ ପରିଚାଳନା କରିଥିଲେ। ଲୋକକଳା ଗ୍ରାମ ସାରଙ୍ଗଯୋଡ଼ିରେ କଳାକାରଙ୍କ ପାଇଁ ଏକ ଘର ନିର୍ମାଣ ଲାଗି ବ୍ଲକ ଅଧକ୍ଷ ପଣ୍ଡା ସହାୟତା କରିବାକୁ ପ୍ରତିଶ୍ରୁତି ଦେଇଥିଲେ।

## ପାଲା,ସଂକୀର୍ତ୍ତନ ଓଡ଼ିଆ ଭାଷା, ସାହିତ୍ୟକୁ ବଞ୍ଚାଇ ରଖିଛି

ଡେଲାଙ୍ଗ,୧୪।୬(ରଶ୍ମିରଞ୍ଜନ ପ୍ରଧାନ)

ଡେଲାଙ୍ଗ ବ୍ଲକ ଡେଲାଙ୍ଗ- କୋଠବାଡ଼ ଗ୍ରାମପଞ୍ଚାୟତ ପରିସରରେ ବ୍ଲକସ୍ତରୀୟ ଲୋକକଳା ଦିବସ ବୁଧବାର ପାଳିତ ହୋଇଯାଇଛି। ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶକ୍ରମେ ବ୍ଲକ କଳା ସଂସ୍କୃତି ବିଭାଗ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବ୍ଲକ ଖାଉଟି ଯୋଗାଣ ଅଧିକାରୀ ଅକ୍ଷୟ ସେଠୀ ଏହାକୁ ସଭାପତିତ୍ୱ କରିଥିଲେ। ପଞ୍ଚାୟତ ସମିତି ଅଧକ୍ଷା ବାସନ୍ତୀ ସାହୁ, ଉପାଧକ୍ଷ ଦୁର୍ବାସା ନିଶଙ୍କ, ବ୍ଲକ ଉନ୍ନୟନ ଅଧିକାରୀ ଲାବଣ୍ୟେନ୍ଦୁ ମହାନ୍ତି, ସ୍ଥାନୀୟ ସରପଞ୍ଚ ଦୀପକ ସାହୁ, ସମବାୟ ବ୍ୟାଙ୍କ ସଭାପତି ଚିତ୍ରସେନ ନିଶଙ୍କ, ବରିଷ୍ଠ



ସଂକୀର୍ତ୍ତନ ମଣ୍ଡଳୀ ଓ ପାଲାକାର ଶୋଭାଯାତ୍ରାରେ ଯାଉଛନ୍ତି।

ଖବରଦାତା ପ୍ରସନ୍ନ ତ୍ରିପାଠୀ, ଡେଲାଙ୍ଗ ବ୍ଲକ କଳା ସଂସ୍କୃତି ସଂଘ ଉପସଭାପତି ସରୋଜ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଓଡ଼ିଆ ଭାଷା ଓ ସାହିତ୍ୟକୁ ସଂକୀର୍ତ୍ତନ, ପାଲା, ଦାସକାଠିଆ, ଓଡ଼ିଶୀ ନୃତ୍ୟ ଓ ଆଧାତ୍ମିକ ଭଜନ ଆଦି ଲୋକକଳା ବଞ୍ଚାଇ ରଖିଛି। ଏହି ଅବସରରେ ଡେଲାଙ୍ଗ ହାଟ ବଜାରସ୍ଥିତ ମା' ଗେଲବାଇ ମନ୍ଦିର ପ୍ରାଙ୍ଗଣରୁ ସଂକୀର୍ତ୍ତନ ମଣ୍ଡଳୀ ଓ ପାଲାକାର ଏକ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା ସହିତ ଓଡ଼ିଶା କଳାସଂସ୍କୃତି ସମ୍ପର୍କରେ ସଚେତନ କରାଇଥିଲେ। କାର୍ଯ୍ୟକ୍ରମରେ ପାଲା ଗାୟକ ପ୍ରମୋଦ ଜେନା, ବଟକୃଷ୍ଣ ମହାପାତ୍ର, ଅର୍ଜୁନ ବେହେରା, ଗାୟିକା ବିଶ୍ୱଜିତା ପ୍ରଧାନ, ସଂକୀର୍ତ୍ତନ ଗାୟକ ଅକ୍ଷୟ ମହାନ୍ତି, ପ୍ରଭଞ୍ଜନ ଭୋଳ, ଲଳିତ ସାହୁ, ସଦାଶିବ ସାହୁ, ଦାଶରଥି ପ୍ରଧାନ, ଶ୍ରୀଧର ବେହେରା ଓ ଦାସକାଠିଆରେ ବେଣୁଧର ରଣା ଓ ସାଥୀଙ୍କ ଦ୍ୱାରା ଲୋକକଳା ପ୍ରଦର୍ଶନ କରାଯାଇଥିଲା। ସମସ୍ତ ପାଲା, ସଂକୀର୍ତ୍ତନ ମଣ୍ଡଳୀ, ଓଡ଼ିଶୀ ନୃତ୍ୟ ଓ ଆଧାତ୍ମିକ ଭଜନ ପରିବେଷଣ କରିଥିବା କଳାକାରଙ୍କୁ ମାନପତ୍ର ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା।

## ପାରମ୍ପରିକ ଲୋକକଳା ଉଜ୍ଜୀବିତ ଉପରେ ଗୁରୁତ୍ୱ

ନିମାପଡ଼ା,୧୪।୬(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ବ୍ଲକ କଳା ସଂସ୍କୃତି ସଂଘ ପକ୍ଷରୁ ବ୍ଲକସ୍ତରୀୟ ଲୋକକଳା ଦିବସ ପଞ୍ଚାୟତ ସମିତି କାର୍ଯ୍ୟାଳୟ ସଭା କକ୍ଷରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ବିଧାୟକ ସମୀର ରଞ୍ଜନ ଦାଶ, ବିଡିଓ ବସନ୍ତ ମଲ୍ଲିକ, ପଞ୍ଚାୟତ ସମିତି ଅଧକ୍ଷ ଶଙ୍କର ଭୋଇ, ଉପାଧକ୍ଷ ଅନସୂୟା ମହାନ୍ତି, ସଂଘ ଉପସଭାପତି ପବିତ୍ର ପ୍ରଧାନ, ସମ୍ପାଦକ ଆଦିତ୍ୟ ରଥ, ପରିଚାଳନା କମିଟି ସଭ୍ୟ ତପନ ବରିହା, ଜଗଦୀଶ ମହାରଣା, କୁଞ୍ଜବିହାରୀ



ସଭାସ୍ଥଳରେ କଳାକାରମାନେ ସଂକୀର୍ତ୍ତନ କରୁଛନ୍ତି।

ବେଉରା, ରାଧାଶ୍ୟାମ ନାୟକ ପ୍ରମୁଖ ଯୋଗଦେଇ ଲୋକକଳା ଦିବସର ଲକ୍ଷ୍ୟ, ଉଦ୍ଦେଶ୍ୟ, ତାତ୍ପର୍ଯ୍ୟ ଦିଗରେ ଗୁରୁତ୍ୱାରୋପ କରିଥିଲେ। ଓଡ଼ିଶାର ପାରମ୍ପରିକ ଲୋକକଳାକୁ ଉଜ୍ଜୀବିତ କରି ରଖିବା, କଳା, ସଂସ୍କୃତି, ଐତିହ୍ୟ, ପରମ୍ପରାକୁ ବିଶ୍ୱ ଦରବାରରେ ବିଦିତ କରିବା, ଏଥିପାଇଁ କଳାକାରଙ୍କ ନିଷ୍ଠା ପ୍ରୟାସ ଜାରି ରହିବା ଅପରିହାର୍ଯ୍ୟ ବୋଲି ଅତିଥିମାନେ କହିଥିଲେ। ସଭା ମଞ୍ଚରେ କଳାକାରଙ୍କ ଦ୍ୱାରା ପରିବେଶିତ ସଂକୀର୍ତ୍ତନ, ନୃତ୍ୟ ସଙ୍ଗୀତରେ ଅତିଥିଙ୍କ ସମେତ ବ୍ଲକ ପ୍ରଶାସକ, ନିର୍ବାଚିତ ଲୋକପ୍ରତିନିଧିମାନେ ନାଚିଥିଲେ। ସମାରୋହରେ ମହିଳା, ପୁରୁଷ କଳାକାର ଯୋଗଦେଇଥିଲେ।

## ସଂକ୍ଷେପରେ

### ରଜ ମହୋତ୍ସବ ଉଦ୍‌ଘାଟନ

ପୁରୁଣା ଭୁବନେଶ୍ୱର,୧୪।୬ (ସୁବାସ ଚନ୍ଦ୍ର ପ୍ରଧାନ)

ଧଉଳି ପଞ୍ଚାୟତର ଗୋପୀନାଥପୁର ମେଳନ ପଡ଼ିଆରେ ମା' ଦକ୍ଷିଣ ଚଣ୍ଡୀ ମହିଳା ମହାସଂଘ, କଳିଙ୍ଗ ସଂସ୍କୃତି ଓ ଐତିହ୍ୟ ସୁରକ୍ଷା ମଞ୍ଚ(କାପୋକ)ର ମିଳିତ ଆନୁକୂଲ୍ୟରେ ୭ମ ରଜ ମହୋତ୍ସବ -୨୦୨୩ ବୁଧବାର ଉଦ୍‌ଘାଟନ ହୋଇଯାଇଛି। ମହାସଂଘର ସମ୍ପାଦିକା ରଶ୍ମିପ୍ରଭା ସାମନ୍ତରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ କାପୋକର ଅଧ୍ୟକ୍ଷ ତଥା ଓଡ଼ିଶା ଖଦି ଓ ଗ୍ରାମୋଦ୍ୟୋଗ ବୋର୍ଡର ସଭାପତି ସଂଗ୍ରାମ କେଶରୀ ପାଇକରାୟ, ମୁଖ୍ୟ ବକ୍ତା ଭାବେ ଓଡ଼ିଶା କ୍ଷୁଦ୍ର ଶିଳ୍ପ ନିଗମ ଅଧ୍ୟକ୍ଷ ଚିନ୍ମୟ ସାହୁ, ଭୁବନେଶ୍ୱର ବ୍ଲକ ଅଧ୍ୟକ୍ଷା ନିରୂପମା ସାହୁ, ସାଇ ଶକ୍ତି ମହିଳା ସଂଗଠନ ସଭାପତି ସସ୍ମିତା ମଙ୍ଗରାଜ ପ୍ରମୁଖ ଯୋଗଦେଇ ଦୋଳି ଉଦ୍‌ଘାଟନ କରିଥିଲେ। ଏହାପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ଓଡ଼ିଶାର ସମସ୍ତ ପର୍ବ ମଧ୍ୟରେ ରଜ ପର୍ବ ଅତ୍ୟନ୍ତ ନିଆରା ବୋଲି ଅତିଥିମାନେ କହିଥିଲେ। ଏହି ଅବସରରେ ଉକ୍ତ ପଞ୍ଚାୟତର ସମସ୍ତ ଝିଅ, ମହିଳାଙ୍କୁ ନେଇ ବିଭିନ୍ନ ପ୍ରକାର ପ୍ରତିଯୋଗିତା ଦୋଳି, ପୁଚି, ଚନ୍ଦନ ପାଟି, ଅଳତା, ମେହେନ୍ଦି, ମ୍ୟୁଜିକ ଚେୟାର, ଚିତ୍ରାଙ୍କନ, ଡ୍ୟାନ୍ସ ଆଦି ହୋଇଥିଲା। ଏଥିରେ ପ୍ରଥମ, ଦ୍ୱିତୀୟ, ତୃତୀୟ ହୋଇଥିବା ପ୍ରତିଯୋଗୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଏଥିସହିତ ରଜ ପାନ ଓ ବିଭିନ୍ନ ପ୍ରକାର ପିଠା ପଣା ଦିଆଯାଇଥିଲା। ଶେଷରେ ସଂଘ ସମ୍ପାଦିକା ସାମନ୍ତରାୟ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ମହିଳା ସଂଗଠନ ସଦସ୍ୟ ରାନୁ ପଟ୍ଟନାୟକ, ପ୍ରାଚୀ ମହାପାତ୍ର, ସ୍ନିଗ୍ଧାମୟୀ ସାମନ୍ତରାୟ, ସୁନୀତା ପଣ୍ଡା, ଶୁଭଦ୍ରା ଦାସ, ଅନୀ ପୂଜାପଣ୍ଡା ପ୍ରମୁଖ ସହଯୋଗ କରିଥିଲେ।

### ରାଜ୍ୟ ସଂଗ୍ରହାଳୟରେ ଲୋକକଳା ଦିବସ, ରଜ ମହୋତ୍ସବ

**ପହିଲି ରଜରେ ୧.୩୭ ଲକ୍ଷରୁ ଊର୍ଦ୍ଧ୍ୱ ଦର୍ଶକ**

ଭୁବନେଶ୍ୱର,୧୪।୬(ଶର୍ମିଷ୍ଠା ପାଣିଗ୍ରାହୀ)

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ରାଜ୍ୟ ସଂଗ୍ରହାଳୟ ପକ୍ଷରୁ ଲୋକକଳା ଦିବସ ଓ ରଜ ମହୋତ୍ସବ ବୁଧବାରଠାରୁ ଆରମ୍ଭ ହୋଇଛି। ସଂଗ୍ରହାଳୟ ପରିସରରେ ଏହା ୩ଦିନ ଧରି ଚାଲିବ। ବିଶେଷକରି ରଜ ମହୋତ୍ସବକୁ ଅଧିକ ଆକର୍ଷଣୀୟ କରାଯାଇଥିବାବେଳେ ଦର୍ଶକଙ୍କ ପ୍ରବଳ ସମାଗମ ଯୋଗୁ ସଂଗ୍ରହାଳୟ ଚଳଚଞ୍ଚଳ ହୋଇଉଠିଛି। ବିଭିନ୍ନ ସ୍ଥାନରେ ସୁସଜ୍ଜିତ ଦୋଳି ଲଗାଯାଇଛି। ଉଦ୍ୟାନ ମଝିରେ ମହାପ୍ରଭୁଙ୍କ ରଥ ଚକା ଓ ଚତୁର୍ଦ୍ଧା ମୂର୍ତ୍ତି ପରିବେଶକୁ ଆହୁରି ଆକର୍ଷିତ କରୁଛି। ସେହିପରି ଓଡ଼ିଶୀ ନୃତ୍ୟ ସାଙ୍ଗକୁ ପୁରୀର ସାହିଯାତ, ସମ୍ବଲପୁରୀ, ଯୋଡ଼ି ମହୁରୀ ଆଦି ମଞ୍ଚରେ ମନୋରଞ୍ଜନର ଖୋରାକ ଯୋଗାଇଛି। ଲୋକେ ଦିନ ତମାମ ଦୋଳି ଖେଳର ମଜା ନେବା ସହିତ ପିଠା ଖାଇ ପହିଲି ରଜକୁ ପାଳନ କରିଥିଲେ। ସେହିପରି ସଂଗ୍ରହାଳୟର ସବୁ ଗ୍ୟାଲେରିରେ ରଜଦୋଳି ଗୀତର ଗୁଞ୍ଜରଣ ଲୋକଙ୍କ ମନରେ ରଜର ଉତ୍ସାହକୁ ବହୁଗୁଣିତ କରୁଥିଲା। ଏଥିସହ ମିଲେଟ ମିଶନ ପକ୍ଷରୁ ବିଭିନ୍ନ ଖାଦ୍ୟ ଷ୍ଟଲ୍ ପଡ଼ିଥିବାବେଳେ ପିଠା ଖାଇବା ସହ ଗରମରୁ ରକ୍ଷା ପାଇବା ପାଇଁ ଶୀତତାପ ନିୟନ୍ତ୍ରିତ କୋଠରିରେ ବସିବାର ବ୍ୟବସ୍ଥା କରାଯାଇଥିଲା। ସକାଳେ ଅତିଥିଭାବେ ମେୟର ସୁଲୋଚନା ଦାସ, ଶ୍ରୀମୟୀ ମିଶ୍ର, ସଂସ୍କୃତି ବିଭାଗ ନିର୍ଦ୍ଦେଶକ ଦିଲୀପ ରାଉତରାଏ, ସଂଗ୍ରହାଳୟ ଅଧୀକ୍ଷକ ଭାଗ୍ୟଲିପି ମଲ୍ଲ ପ୍ରମୁଖ ଉପସ୍ଥିତ ଥିଲେ। ରଜ ଉତ୍ସବର ପ୍ରଥମ ଦିନରେ ପ୍ରାୟ ୧.୩୭ ଲକ୍ଷ ଦର୍ଶକ ପରିଦର୍ଶନ କରିଥିବା ମଲ୍ଲ ସୂଚନା ଦେଇଛନ୍ତି।

# 'ଲୋକକଳାର ଲୋକପ୍ରିୟତା ବଜାୟ ରହୁ'

**ରାଜ୍ୟସ୍ତରୀୟ ଲୋକକଳା ଦିବସ ଓ ରଜ ମହୋତ୍ସବ ଉଦ୍‌ଘାଟିତ**

ଭୁବନେଶ୍ୱର,୧୪।୬ (ଶର୍ମିଷ୍ଠା ପାଣିଗ୍ରାହୀ)



ରାଜ୍ୟସ୍ତରୀୟ ଲୋକକଳା ଦିବସ ଓ ରଜ ମହୋତ୍ସବ ଉଦ୍‌ଘାଟନ ଅବସରରେ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ଓ ଅନ୍ୟ ଅତିଥିମାନେ।

ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଭଞ୍ଜକଳା ମଣ୍ଡପଠାରେ ୨ ଦିନିଆ ରାଜ୍ୟସ୍ତରୀୟ ଲୋକକଳା ଦିବସ ଓ ରଜ ମହୋତ୍ସବ ବୁଧବାର ଉଦ୍‌ଘାଟିତ ହୋଇଛି। ବିଭାଗୀୟ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ଏହାକୁ ଉଦ୍‌ଘାଟନ କରି କହିଲେ, ଲୋକକଳାର ପରମ୍ପରା ଏବେ ମଧ୍ୟ ଅକ୍ଷୁଣ୍ଣ ରହିଛି। ଓଡିଶାର ଭାଷା,ସାହିତ୍ୟ ସଂସ୍କୃତି ଓ ପରମ୍ପରା ସହ ଲୋକକଳା ଓତପ୍ରୋତ ଭାବେ ଜଡିତ। ଏହାର ଲୋକପ୍ରିୟତା ବଜାୟ ରଖିବାର ସମୟ ଆସିଛି। ସେହିଭଳି ଗଣପର୍ବ ରଜ ମଧ୍ୟ ମୌଳିକତା ହରାଇ ନ ଥିବା ମନ୍ତ୍ରୀ ପାତ୍ର ମତବ୍ୟକ୍ତ କରିଥିଲେ। ମୁଖ୍ୟ ଅତିଥି ଭାବେ ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନା କହିଲେ, ଆଧୁନିକତାର ଚାକଚକ୍ୟରେ ଲୋକକଳା ଏହାର ମୌଳିକତା ଅକ୍ଷୁଣ୍ଣ ରଖିବାରେ ସଫଳ ହୋଇଛି। ଲୋକକଳାର ସୁରକ୍ଷା ଓ ଏହାକୁ ଲୋକାଭିମୁଖୀ କରିବା ପାଇଁ ଭବିଷ୍ୟତ ପିଢି ପ୍ରୟାସୀ ହେବା ଆବଶ୍ୟକତା ରହିଛି। କଳାକାରଙ୍କ ପ୍ରତିଭା ଚିହ୍ନଟ କରି ସେମାନଙ୍କୁ ଉପଯୁକ୍ତ ସମ୍ମାନ ପ୍ରଦାନ କରିବା ନିମନ୍ତେ ରାଜ୍ୟ ସରକାର ସମସ୍ତ ପଦକ୍ଷେପ ଗ୍ରହଣ କରିଛନ୍ତି। ବିଭାଗୀୟ ଅତିରିକ୍ତ ଶାସନ ସଚିବ ସତ୍ୟବ୍ରତ ସାହୁ ବିଭାଗର ବିଭିନ୍ନ କାର୍ଯ୍ୟଶୈଳୀ ଉପରେ ଆଲୋକପାତ କରିଥିଲେ। ଓଡିଶା ପର୍ଯ୍ୟଟନ ଉନ୍ନୟନ ନିଗମ ଅଧ୍ୟକ୍ଷ ଡ. ଲେନିନ ମହାନ୍ତି ମଧ୍ୟ ନିଜ ମତ ପ୍ରଦାନ କରିଥିଲେ। ବିଭାଗୀୟ ନିର୍ଦ୍ଦେଶକ ଦିଲୀପ ରାଉତରାଏ ସ୍ୱାଗତ ଭାଷଣ ଓ ଉପନିର୍ଦ୍ଦେଶିକା ସୁଚିସ୍ମିତା ମନ୍ତ୍ରୀ ଧନ୍ୟବାଦ ଦେଇଥିଲେ। ହି ଅବସରରେ ସମ୍ବଲପୁରର ଲହରୀ ଅନୁଷ୍ଠାନ ପକ୍ଷରୁ ସମ୍ବଲପୁରୀ ଲୋକନୃତ୍ୟ, କଟକର ପଦ୍ମଶ୍ରୀ ଉତ୍ସବ ଚରଣ ଦାସଙ୍କ ଦ୍ୱାରା ଘୋଡାନାଚ ପରିବେଷଣ କରାଯାଇଥିଲା। ଏହି ଅବସରରେ ବିଭାଗୀୟ ବରିଷ୍ଠ ଅଧିକାରୀ, ପ୍ରମୁଖ ଅଧିକାରୀ, ବୁଦ୍ଧିଜୀବୀ ପ୍ରମୁଖ ଉପସ୍ଥିତ ଥିଲେ। ସୁଚେତା ପ୍ରିୟଦର୍ଶିନୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ମଶାଲ ପକ୍ଷରୁ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ବୁଧବାର ଆୟୋଜିତ ରାଜ୍ୟସ୍ତରୀୟ ରଜ ମହୋତ୍ସବରେ ପରିବେଷିତ ସାଂସ୍କୃତି କାର୍ଯ୍ୟକ୍ରମ।



ବରମୁଣ୍ଡାରେ ରଜ ଉତ୍ସବ।

# ଦୋଳିରେ ଝୁମିଲେ ବନବାସୀ



କନ୍ଦଲେଇଠାରେ ଆୟୋଜିତ ରଜ ଉତ୍ସବ।

ପୁରୁଣା ଭୁବନେଶ୍ୱର,୧୪।୬(ସୁବାସ ଚନ୍ଦ୍ର ପ୍ରଧାନ)

ସମାଜର ଦର୍ପଣ ହେଲ୍‌ପ ଗ୍ରୁପ୍' ପକ୍ଷରୁ ଆଦିବାସୀ ପଲ୍ଲୀ କନ୍ଦଲେଇଠାରେ ରଜ ଉତ୍ସବ ପାଳିତ ହୋଇଯାଇଛି। ଦାରିଦ୍ର୍ୟ ସୀମାରେଖା ତଳେ ରହିଥିବା ପଲ୍ଲୀର କୁନି ପିଲାଙ୍କ ପାଇଁ ଅନୁଷ୍ଠାନ ପକ୍ଷରୁ ନୂଆ ପୋଷାକ, ଅଳତା, ସିଙ୍ଗାର, ଟିକିଲି, ପିଠା ଇତ୍ୟାଦି ସାମଗ୍ରୀ ଦିଆଯାଇଥିଲା। କୁମାରୀମାନେ ଭୋଜି ଭାତ ଖାଇ, ଦୋଳି ଖେଳି, ପିଠା ଖାଇ ମଉଜ ମସ୍ତିରେ ପାଳନ କରିଛନ୍ତି ରଜ ପର୍ବ। ସୂଚନାଯୋଗ୍ୟ, ରାଜଧାନୀଠାରୁ ୨୫ କି.ମି. ଦୂରରେ ଥିବା ଛତାବର ପଞ୍ଚାୟତ ଅଧୀନ ଚନ୍ଦକା-ଡମପଡା ହସ୍ତୀ ଅଭୟାରଣ୍ୟ ଘେର ମଧ୍ୟରେ ଏହି ପଲ୍ଲୀଟି ଅବସ୍ଥିତ। ଆଜକୁ ୬ବର୍ଷ ହେଲା ଉକ୍ତ ଅନୁଷ୍ଠାନ ପକ୍ଷରୁ ଏହି ରଜ ଉତ୍ସବ ଏଠାରେ ପାଳିତ ହେଉଛି। ଏହି ଉତ୍ସବକୁ ଅନୁଷ୍ଠାନ ସଭାପତି ପ୍ରଶାନ୍ତ ସେନାପତି, ସମ୍ପାଦକ ଚନ୍ଦନ ସ୍ୱାଇଁ, ସଦସ୍ୟ ଜ୍ୟୋତିରଞ୍ଜନ ରାୟ, ବିଶ୍ୱଜିତ୍ ରାୟ ମହାପାତ୍ର, ବିଜୟ ଖୁଣ୍ଟିଆ, ଚିଣ୍ଟୁ ବେହେରା, ଆଲୋକ ସାହୁ, ସୁଶାନ୍ତ ସାହୁ, ତ୍ରିଲୋଚନ ବେଉରା, ସନ୍ତୋଷୀ ଜୈନ, ପ୍ରଦୀପ୍ତ ରଞ୍ଜନ ରାଉତ ପ୍ରମୁଖ ସହଯୋଗ କରିଥିଲେ। ଉତ୍ସବରେ ସରପଞ୍ଚ ବିଷ୍ଣୁପ୍ରସାଦ ଡେଙ୍ଗ ଅତିଥି ରୂପେ ଯୋଗଦେଇ ଅନୁଷ୍ଠାନକୁ ସାଧୁବାଦ ଜଣାଇଥିଲେ।

### ନୟାପଲ୍ଲୀ ରଜ ମହୋତ୍ସବରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ

ଭୁବନେଶ୍ୱର,୧୪।୬(ଶର୍ମିଷ୍ଠା ପାଣିଗ୍ରାହୀ)

ଏଥର ରଜ ପାଇଁ ନୟାପଲ୍ଲୀରେ ଆୟୋଜିତ ହୋଇଛି ଅନେକ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ। ଗୀତ ନାଚ ସାଙ୍ଗକୁ ରାମଦୋଳିର ମଜାନେଉଛନ୍ତି ସହରବାସୀ। ନୟାପଲ୍ଲୀ କଳିଙ୍ଗ କ୍ରୀଡା ଓ ବିକାଶ ପରିଷଦ ପକ୍ଷରୁ ରଜ ମହୋତ୍ସବ ୨୦୨୩ ପାଇଁ ବିରାଟ ଆୟୋଜନ କରାଯାଇଛି। ପହିଲି ରଜ ଦିନ ପାଇକ ଆଖଡ଼ା ସହ ସମ୍ବଲପୁରୀ ନୃତ୍ୟ ଏବଂ ଓଡ଼ିଶୀ ନୃତ୍ୟର ତାଳେ ତାଳେ ଆରମ୍ଭ ହୋଇଥିଲା ସାଂସ୍କୃତିକ ସନ୍ଧ୍ୟା। ଏଥିସହ ଗାୟିକା ଯାଜ୍ଞସେନୀ ଓ ଗାୟକ ଅବିନାଶ କୁମାରଙ୍କ ଦମ୍‌ଦାର୍ ପ୍ରଦର୍ଶନ ଲୋକଙ୍କ ମନରେ ଉତ୍ସାହ ଭରିଦେଇଥିଲା। ଗୁରୁବାର କଣ୍ଠଶିଳ୍ପୀ ଇରା ମହାନ୍ତି, ଅବିନାଶ ଦାଶ, କମେଡିଆନ ପପୁ, ଗୋଟିପୁଅ ନୃତ୍ୟ ସହ ଆର୍‌ଏଡ୍‌ଏକ୍ସ ଗ୍ରୁପ୍ ପକ୍ଷରୁ ଧମାକାଦାର ନୃତ୍ୟ ପରିବେଷିତ ହେବ। ଏଥିସହ ରଜ ଗୃହିଣୀ ପ୍ରତିଯୋଗିତା କରାଯିବ।

# କଳାକାରମାନେ ପାଳିଲେ ଲୋକକଳା ଦିବସ

ବାରଙ୍ଗ,୧୪।୬(ଲିଙ୍ଗରାଜ ରାଉତ)

ବାରଙ୍ଗ ବ୍ଲକ କଳା ସଂସ୍କୃତି ସଂଘ ପକ୍ଷରୁ ବୁଧବାର ଲୋକକଳା ଦିବସ ପାଳିତ ହୋଇଯାଇଛି। ସଂଘର ଉପାଧ୍ୟକ୍ଷ ଗୁରୁଚରଣ ଷଡ଼ଙ୍ଗୀ ଓ କୋଷାଧ୍ୟକ୍ଷ ହୃଦାନନ୍ଦ ବେଉରାଙ୍କ ନେତୃତ୍ୱରେ ବାରଙ୍ଗ ଅଞ୍ଚଳର କଳାକାରମାନେ କନକ ଦୁର୍ଗାମନ୍ଦିରରେ ଏକାଠି ହୋଇଥିଲେ। ସେଠାରେ କଳାକାରମାନଙ୍କର ଭବିଷ୍ୟତ ଜୀବନ ଜୀବିକାକୁ ନେଇ ଆଲୋଚନା କରାଯାଇଥିଲା। ପରେ ୧୦୦ରୁ ଊର୍ଦ୍ଧ୍ୱ କଳାକାରମାନେ ଏକାଠି ହୋଇ ଏକ ଶୋଭାଯାତ୍ରାରେ ବାହାରି ମନ୍ଦିରଠାରୁ ବାରଙ୍ଗ ବ୍ଲକ ପର୍ଯ୍ୟନ୍ତ ଯାଇଥିଲେ। କଳା ବଞ୍ଚିଲେ କଳାକାର ବଞ୍ଚିବେ ସ୍ଲୋଗାନ ଦେଇ ବିଭିନ୍ନ ଲୋକକଳା ମାଧ୍ୟମରେ ସେମାନଙ୍କ ଦାବି ଉପସ୍ଥାପିତ କରିଥିଲେ। ପହିଲି ରଜରେ ବାରଙ୍ଗ ରାସ୍ତାରେ ସଂକୀର୍ତ୍ତନ, ପାଲା, ଘୋଡ଼ାନାଚ ଓ ଦାସକାଠିଆ ଆଦିର ଦୃଶ୍ୟ ଦେଖିବା ପାଇଁ ଦେଖଣାହାରୀଙ୍କ ଭିଡ଼ ଲାଗିରହିଥିଲା।

# କେଶୁରାରେ ରଜ ଉତ୍ସବ



ରଜ ମହୋତ୍ସବରେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ।

ପୁରୁଣା ଭୁବନେଶ୍ୱର,୧୪।୬(ସୁବାସ ଚନ୍ଦ୍ର ପ୍ରଧାନ)

କେଶୁରାରେ ଆରମ୍ଭ ହୋଇଛି ତିନି ଦିନିଆ ରଜ ଉତ୍ସବ। ନବଜ୍ୟୋତି ମିଶନ ଶକ୍ତି ମହାସଂଘ ଆନୁକୁଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଯୋଗଦେଇ ଓଡିଶାର କୃଷିଭିତ୍ତିକ ପର୍ବ ରଜର ମାହାତ୍ମ୍ୟ ବିଷୟରେ କହିଥିଲେ। ଏଥିରେ ଅଞ୍ଚଳର ୭୦ଟି ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ୭୦ଟି ଷ୍ଟଲ ପଡିଛି। ଶିବ ଶକ୍ତି ସ୍ୱୟଂସହାୟକ ଗୋଷ୍ଠୀ ଦ୍ୱାରା ମାଣ୍ଡିଆ (ମିଲେଟ୍)ରେ ତିଆରି ସାମଗ୍ରୀ ଯଥା ରାଗି ପୋଡ ପିଠା, କରଞ୍ଜି , ଆରିସା, ଲିଟଲ ମିଲେଟର ଷ୍ଟଲ ଆକର୍ଷଣର କେନ୍ଦ୍ର ଥିଲା। ଜିଲା ପରିଷଦ ସୁବାସ ସୁନ୍ଦରରାୟ, ବାସୁଅଘାଇ ସରପଞ୍ଚ ବିକ୍ରମ କେଶରୀ ସେଠି, ଗ୍ରାମ ସଭାପତି ସୁକଦେବ ସ୍ୱାଇଁ, ଲିଲା ଭଞ୍ଜ, କୃତାର୍ଥ ପ୍ରଧାନ, ବିଜୟ ପ୍ରଧାନ, ରାଜ ଯୋଗିନୀ ତପସ୍ୱିନୀ ଉପସ୍ଥିତ ଥିଲେ। ମହାସଙ୍ଘ ସଭାନେତ୍ରି ସସ୍ମିତା ବସ୍ତିଆ ଅତିଥି ପରିଚୟ ଦେଇଥିବା ବେଳେ ସମ୍ପାଦିକା ସୁଲୋଚନା ଦାସ ଧନ୍ୟବାଦ ଦେଇଥିଲେ।

# ପହିଲି ରଜରେ ୧୨,୮୩୬ ପର୍ଯ୍ୟଟକ ବୁଲିଲେ ନନ୍ଦନକାନନ

**ଗତବର୍ଷଠାରୁ କମିଲେ**

ବାରଙ୍ଗ,୧୪।୬(ଲିଙ୍ଗରାଜ ରାଉତ)

ବୁଧବାର ପହିଲି ରଜରେ ନନ୍ଦନକାନନରେ ପର୍ଯ୍ୟଟକ ସମାଗମ ଲାଗିରହିଥିଲା। ହେଲେ ଗତବର୍ଷ ତୁଳନାରେ ଚଳିତବର୍ଷ ପର୍ଯ୍ୟଟକଙ୍କ ସଂଖ୍ୟା କମିଥିବା ଦେଖିବାକୁ ମିଳିଥିଲା। ପୂର୍ବରୁ ରଜ ପାଇଁ ସଜେଇ ହୋଇରହିଥିଲା ନନ୍ଦନକାନନ। ସକାଳୁ ସକାଳୁ ନନ୍ଦନକାନନ ଖୋଲାହେବା ପରେ ଧୀରେ ଧୀରେ ପର୍ଯ୍ୟଟକଙ୍କ ଭିଡ଼ ରହିଥିଲା। ପ୍ରାଣୀଉଦ୍ୟାନ ଭିତରେ ବାଘ, ସିଂହ, ଭାଲୁ, ଜିରାଫ, ସିମ୍ପାଜି, ପାଦଚଲା ବିହଙ୍ଗ ସରଣୀ ସହ ୪ ସଫାରିର ମଜା ଉଠାଇଥିଲେ ପର୍ଯ୍ୟଟକ। ହେଲେ ବୋଟିଂ ବନ୍ଦ ରହିଥିବା ଦେଖି ନିରାଶରେ ଫେରିଥିଲେ ପର୍ଯ୍ୟଟକ। ଅନ୍ୟପଟେ ବ୍ୟାଟେରିଚାଳିତ ଗାଡ଼ି ଓ ଶିଶୁରେଲଗାଡି ପାଇଁ ପର୍ଯ୍ୟଟକଙ୍କ ଭିଡ଼ ଲାଗିଥିବା ଦେଖିବାକୁ ମିଳିଥିଲା। ମାଛଘର ଓ ଶିଶୁଉଦ୍ୟାନରେ ଦୋଳି ପାଇଁ ପିଲାମାନଙ୍କର ଗହଳି ଲାଗି ରହିଥିଲା। ଉଦ୍ୟାନ ଭିତରେ ପର୍ଯ୍ୟଟକଙ୍କୁ ସୁପରିଚାଳନା ପାଇଁ ପ୍ରଥମଥର ପାଇଁ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଦ୍ୱାରା ପରିଚାଳନା କରାଯାଉଥିଲା। ଯାନବାହନ ନିୟନ୍ତ୍ରଣ ପାଇଁ ନନ୍ଦନକାନନ ଥାନା ପୋଲିସ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯିବା ସହିତ ଅଗ୍ନିଶମ ବିଭାଗକୁ ନିୟୋଜିତ କରାଯାଇଥିଲା। ରାଜ୍ୟ ଉଦ୍ଭିଦ ଉଦ୍ୟାନ କାଞ୍ଜିଆହ୍ରଦ ସଂଯୋଗୀକରଣ ରାସ୍ତାକୁ ନନ୍ଦନକାନନ ପାଖରୁ ବନ୍ଦ କରାଯାଇଥିଲା। ତା'ସହିତ ଦାରୁଠେଙ୍ଗ ପଟ ୧ନମ୍ବର ଫାଟକ ବନ୍ଦ ଥିବାବେଳେ ଉଦ୍ୟାନ ଭିତରକୁ ଯାନବାହନ ବନ୍ଦ ରହିଥିଲା। ପହିଲି ରଜରେ ନନ୍ଦନକାନନକୁ ୧୨,୮୩୬ ଜଣ ପର୍ଯ୍ୟଟକ ବୁଲିବାକୁ ଆସିଥିଲେ। ସେମାନଙ୍କ ମଧ୍ୟରେ ଅଫ୍‌ଲାଇନରେ ୧୨,୫୮୯ ପର୍ଯ୍ୟଟକ ଟିକଟ ନେଇଥିବାବେଳେ ଅନ୍‌ଲାଇନ ମାଧ୍ୟମରେ ୨୩୫ଜଣ ପର୍ଯ୍ୟଟକ ଟିକଟ ସଂଗ୍ରହ କରିଥିଲେ। ସେହିପରି ୧୨ଜଣ ଦିବ୍ୟାଙ୍ଗ ମାଗଣାରେ ପ୍ରବେଶ କରିଥିଲେ। ଗତବର୍ଷ ପ୍ରଥମ ରଜରେ ୨୧ହଜାର ୧୨୬ଜଣ ପର୍ଯ୍ୟଟକ ନନ୍ଦନକାନନ ଆସିଥିଲେ। ସେମାନଙ୍କ ମଧ୍ୟରେ ଅଫଲାଇନରେ ୨୦ହଜାର ୭୧୬ ଓ ଅନଲାଇନରେ ୪୧୦ଜଣ ପର୍ଯ୍ୟଟକ ଟିକଟ ସଂଗ୍ରହ କରିଥିଲେ। ଗତବର୍ଷଠାରୁ ୮୨୯୦ ଜଣ ପର୍ଯ୍ୟଟକ କମ ଆସିଥିଲେ। ସେହିପରି ରାଜ୍ୟ ଉଦ୍ଭିଦ ଉଦ୍ୟାନକୁ ରଜରେ ୭୬୨ଜଣ ପର୍ଯ୍ୟଟକ ଆସିଥିଲେ। ୨୦୦ ଦୁଇଚକିଆ ଯାନ, ଗୋଟିଏ ତିନି ଚକିଆ ଯାନ, ୧୮ଟି ୪ଚକିଆ ଯାନ ଓ ୬ଟି ଡିଜିଟାଲ କ୍ୟାମେରା ଟିକଟ କରି ଭିତରକୁ ଯାଇଥିଲେ। ପର୍ଯ୍ୟଟକ ଓ ଯାନବାହନ ବାବଦରେ ମୋଟ ୨୩ଲକ୍ଷ ୧୯୦ ଟଙ୍କା ରାଜସ୍ୱ ଆଦାୟ ହୋଇଥିବା କର୍ତ୍ତୃପକ୍ଷଙ୍କଠାରୁ ସୂଚନା ମିଳିଛି।

# ରଥିଜେମା, ହୀରାପୁର, ଜାସୁଆପୁରରେ ରଜ ଉତ୍ସବ





ଅରୁଣଲୋକ କ୍ଲବ ପକ୍ଷରୁ କୁଆଖାଇ ନଦୀପଠାରେ ଆୟୋଜିତ ରଜ ମହୋତ୍ସବ।

ବାଲକାଟୀ,୧୪।୬(ମନୋଜ ମଣ୍ଡଳ)

ରାଜଧାନୀ ଉପକଣ୍ଠରେ ପହିଲି ରଜ ପାଳିତ ହୋଇଯାଇଛି। ପ୍ରଥମଥର ପାଇଁ ବାଲକାଟୀ ରଥିଜେମା ଗ୍ରାମର ଅରୁଣଲୋକ କ୍ଲବ ଆନୁକୂଲ୍ୟରେ ସ୍ଥାନୀୟ କୁଆଖାଇ ନଦୀପଠାରେ ଆୟୋଜିତ ହୋଇଥିଲା ରଜ ମହୋତ୍ସବ କାର୍ଯ୍ୟକ୍ରମ। ଶଙ୍କର ସାହୁଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବିଧାୟକ ଡ. ଅରବିନ୍ଦ ଢାଲି ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜଲିଉଡ ଅଭିନେତା ବାପି ପଣ୍ଡା, ଖଳନାୟକ କିରଣ ଦାଶ ଯୋଗ ଦେଇଥିଲେ। ସେହିପରି ହୀରାପୁର ଗ୍ରାମରେ ମା ଚଉଷଠି ଯୋଗିନୀଙ୍କ ପୀଠରେ ଗ୍ରାମ କମିଟି ପକ୍ଷରୁ ଆୟୋଜିତ ରଜ ମହୋତ୍ସବରେ ମୁଖ୍ୟ ଅତିଥି ଭାବେ ସିନେ ପ୍ରଯୋଜକ ସତ୍ୟପ୍ରିୟ ବେହେରା ଯୋଗଦେଇ ପରମ୍ପରାକୁ ବଞ୍ଚାଇ ରଖିବା ପାଇଁ ଗ୍ରାମ୍ୟ କମିଟି ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ସେହିପରି ଜାସୁଆପୁର ଗ୍ରାମରେ ଗ୍ରୀନ ଜୟଦେବ ଫାଉଣ୍ଡେଶନ ପକ୍ଷରୁ ଦ୍ୱିତୀୟ ରଜ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଜାସୁଆପୁର ଗ୍ରାମ ସ୍କୁଲ ପଡିଆରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଜୟଦେବ ବିଧାୟକ ଡ. ଅରବିନ୍ଦ ଢାଲି, ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ ଦିଲୀପ ଶ୍ରୀଚନ୍ଦନ, ସରପଞ୍ଚ ରମାଲତା ନାୟକ, ସମିତି ସଭ୍ୟ ରଞ୍ଜନ ମହାପାତ୍ର ଯୋଗଦେଇଥିଲେ। ଏହି ଅବସରରେ କ୍ରୀଡା, ସଙ୍ଗୀତ ଏବଂ ନୃତ୍ୟ ଆଦି ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରଥିବା ପ୍ରତିଭାମାନଙ୍କୁ ପୁରସ୍କୃତ କରଯାଇଥିଲା। କାର୍ଯ୍ୟକ୍ରମକୁ ଅନୁଷ୍ଠାନର ଟ୍ରଷ୍ଟି ଦୀନବନ୍ଧୁ ଭୋଇ ପରିଚାଳନା କରିଥିଲେ।

# କରୁଣା, ସମ୍ବେଦନଶୀଳତା କବିତାର ଭୂଷଣ

**ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଭବ୍ୟ କବିତା ପାଠୋତ୍ସବ**

ଭୁବନେଶ୍ୱର,୧୪।୬(ଶର୍ମିଷ୍ଠା ପାଣିଗ୍ରାହୀ)



କବିତା ପାଠୋତ୍ସବକୁ କବି ଜୟନ୍ତ ମହାପାତ୍ର ଉଦ୍‌ଘାଟନ କରୁଛନ୍ତି।

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ବୁଧବାର ରାଜ୍ୟସ୍ତରୀୟ ଲୋକକଳା ଦିବସ ଓ ରଜ ମହୋତ୍ସବ ଅବକାଶରେ ରାଜ୍ୟସ୍ତରୀୟ କବିତା ପାଠୋତ୍ସବ ସଂସ୍କୃତି ଭବନ ସମ୍ମିଳନୀ କକ୍ଷରେ ଆୟୋଜିତ ହୋଇଯାଇଛି। ଖ୍ୟାତନାମା କବି ଜୟନ୍ତ ମହାପାତ୍ର ଏହାକୁ ଉଦ୍‌ଘାଟ କରି କହିଛନ୍ତି, କରୁଣା ଓ ସମ୍ବେଦନଶୀଳତା ହେଉଛି କବିତାର ପ୍ରଧାନଭୂଷଣ। ଆଜିର ଏହି ଭବ୍ୟ କବିତା ଓ ଗୀତିକବିତା ପାଠୋତ୍ସବ ହେଉଛି ସମାଜକୁ ଏହି ବାର୍ତ୍ତାର ଅନୁପ୍ରେରଣା। ଏକାଡେମୀ ସଭାପତି ଡ. ହୃଷୀକେଶ ମଲ୍ଲିକ କହିଛନ୍ତି, ସାହସର ସହ କବିତା ଲେଖୁଥିବା କବି ଜୀବନରେ କଦାପି ପ୍ରତାରିତ ବା ହତାଶ ହୁଏନାହିଁ। ସଂପ୍ରତି ନାନା ଘନ୍‌ଘଟାରେ ପରିପୂର୍ଣ୍ଣ ପୃଥିବୀର ମହତ୍ୱର ବିକାଶରେ ଆଜିର କବିତା ପାଠୋତ୍ସବ ନିଶ୍ଚୟ ସହାୟକ ହେବ। ସଚିବ ପ୍ରବୋଧ ରାଉତ କହିଲେ, ଆଜିର ଉତ୍ସବରେ କେବଳ ନିମନ୍ତ୍ରିତ କବିମାନଙ୍କୁ ମଞ୍ଚାସୀନ କରି ଏକାଡେମୀ ଯେଉଁ ବାଣୀପୂଜାର ନିଆରା ଉଦାହରଣ ସୃଷ୍ଟି କରିଛି ଏକାଡେମୀ ଇତିହାସରେ ଏହା ଅଭିନବ। ଉପ ସଭାପତି ଡ. ସଂଗ୍ରାମ ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ରାଜ୍ୟର ବହୁ ବରିଷ୍ଠ ଓ ପ୍ରତିଷ୍ଠିତ କବି ସୀତାକାନ୍ତ ମହାପାତ୍ର, ବଂଶୀଧର ଷଡ଼ଙ୍ଗୀ, ସୌଭାଗ୍ୟ କୁମାର ମିଶ୍ର, ଫନୀ ମହାନ୍ତି, ପ୍ରତିଭା ଶତପଥୀ, ଆଶୁତୋଷ ପରିଡ଼ା, ଅମରେଶ ପଟ୍ଟନାୟକ, ଭଗବାନ ଜୟସିଂହ, ବିପିନ ନାୟକ, ଶତ୍ରୁଘ୍ନ ପାଣ୍ଡବ, ରଞ୍ଜିତା ନାୟକ, ସୌଭାଗ୍ୟବନ୍ତ ମହାରଣା, ପୀତାମ୍ବର ତରାଇ, ପ୍ରବାସିନୀ ମହାକୁଡ଼, ବିମଳ ଜେନା ଓ ସୁଚେତା ମିଶ୍ର ପ୍ରମୁଖ ଯୋଗଦେଇ ସ୍ୱରଚିତ କବିତା ପାଠ କରିଥିଲେ। ସେହିପରି ଦେବେନ୍ଦ୍ର ଦାସ, ସୁବାସ କର, ଗୌର ପଟ୍ଟନାୟକ, ଅଲେଖଚନ୍ଦ୍ର ପଢ଼ିଆରୀ, ମନୋଜ ପଟ୍ଟନାୟକ, ହୃଦାନନ୍ଦ ପାଣିଗ୍ରାହୀ, ମନୋଜ ମହାନ୍ତି ଓ ସଛି ମହାନ୍ତି ସ୍ୱରଚିତ ଗୀତିକବିତା ପାଠ କରିଥିଲେ। ଏକ ସ୍ୱତନ୍ତ୍ର ଅଧିବେଶନରେ ଏକାଡେମୀର ସଭ୍ୟାସଭ୍ୟମାନେ ସ୍ୱରଚିତ କବିତା ପାଠ କରିଥିଲେ।

**ବିଶିଷ୍ଟ ରାମଲୀଳା ଗୁରୁଙ୍କ ପରଲୋକ**

ଆଠଗଡ଼, (ସତ୍ୟ ପ୍ରକାଶ ରଥ) : ରଘୁନାଥଜୀଉ ରାମଲୀଳା ନାଟ୍ୟସଂଘର ଆଠଗଡ଼ର ପ୍ରତିଷ୍ଠାତା ସଭ୍ୟ କଳାକାର ଗୁରୁ ଅଭିରାମ ବେହେରା ଓରଫ ଡାହୁକ (୮୦)ଙ୍କ ସ୍ଥାନୀୟ ସହର ଜେଲରୋଡସ୍ଥିତ ବାସଭବନରେ ବୁଧବାର ପରଲୋକ ଘଟିଛି। ଅଭିରାମ ୧୯୭୦-୮୦ଦଶକରେ ରାମଲୀଳାରେ ନିଖୁଣ ନାରୀ ଚରିତ୍ରରେ ଅଭିନୟ କରି ସୁନାମ ଅର୍ଜନ କରିଥିଲେ। ମୃତ୍ୟୁ ପର୍ଯ୍ୟନ୍ତ ନିର୍ଦ୍ଦେଶନା, ସାଜସଜ୍ଜା ଆଦିରେ ନିଜକୁ ନିୟୋଜିତ କରିଥିଲେ। ତାଙ୍କ ପରଲୋକରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ମୃତ୍ୟୁ ଶଯ୍ୟା ନିକଟରେ ୪ ବୋହୂପୁଅ ଉପସ୍ଥିତ ଥିଲେ। ଖବରପାଇ ଆଠଗଡ଼ର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ରାମଲୀଳା ଅନୁଷ୍ଠାନର କର୍ମକର୍ତ୍ତା ଶେଷ ଦର୍ଶନ କରିଥିଲେ। ଆଠଗଡ଼ ଶଶ୍ମାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ବଡ଼ପୁଅ ପର୍ଶୁରାମ ମୁଖାଗ୍ନି ଦେଇଥିଲେ।

## ସଂକ୍ଷେପରେ

### ୩ ଦିନିଆ ପାଞ୍ଚଗାଁ ରଜ ମହୋତ୍ସବ ଉଦ୍‌ଘାଟିତ

**ତିଗିରିଆ,୧୪।୬ (ଜାଫର ଖାଁ):** ତିଗିରିଆ ବ୍ଲକ ଅନ୍ତର୍ଗତ ପଞ୍ଚାନନେଶ୍ୱରଙ୍କ ମନ୍ଦିର ପ୍ରାଙ୍ଗଣରେ ପାଞ୍ଚଗାଁ ଯୁବକ ସଂଘ ଦ୍ୱାରା ଆୟୋଜିତ ୩ ଦିନିଆ ରଜ ମହୋତ୍ସବ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସୁପ୍ରିମକୋର୍ଟର ଆଇନଜୀବୀ ଆଦିତ୍ୟ ପ୍ରତାପ ସ୍ୱାଇଁ ଯୋଗଦେଇ ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ପ୍ରଫେସର ନାରାୟଣ ପଣ୍ଡା, ସମ୍ମାନିତ ଅତିଥି ଭାବେ ଆଠଗଡ଼ ବ୍ଲକ ଅଧକ୍ଷା ସସ୍ମିତା ରାଉତ, ଆଠଗଡ଼ର ପୂର୍ବତନ ଉପଜିଲାପାଳ ହେମନ୍ତ କୁମାର ସ୍ୱାଇଁ, ତିଗିରିଆ ଜିଲା ପରିଷଦ ସଭ୍ୟା ସସ୍ମିତା ରାଉତ, ସ୍ତମ୍ଭକାର ରଶ୍ମିରଞ୍ଜନ ସାହାଣୀ, ଖବରଦାତା ଶ୍ୱେତକାନ୍ତ ବେହେରା, ଆଠଗଡ଼ ବ୍ଲକ ଜିଲା ପରିଷଦ ସଭ୍ୟ ଶାନ୍ତିଲତା ବେହେରା ପ୍ରମୁଖ ଯୋଗଦେଇ କୃଷିଭିତ୍ତିକ ଗଣପର୍ବ ରଜ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ପ୍ରଶାନ୍ତ ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ଆୟୋଜକ ସଂଘର ସଭାପତି ସଞ୍ଜୟ ମଲ୍ଲିକ ଓ ସମ୍ପାଦକ ସୁଜିତ ବାରିକ ଉପସ୍ଥିତ ରହି ସହଯୋଗ କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏଥିସହ ମହିଳା ଗୋଷ୍ଠୀ ପକ୍ଷରୁ ବିଭିନ୍ନ ପ୍ରକାର ପିଠାର ଷ୍ଟଲ ଲାଗିଥିଲା।

### ବାଇକ୍- କାର୍ ମୁହାଁମୁହିଁ ଧକ୍କା: ୨ ଯୁବକ ମୃତ

**ଆଠଗଡ଼,୧୪।୬ (ସତ୍ୟ ପ୍ରକାଶ ରଥ):** ଆଠଗଡ଼ ଥାନା ନଡୁଆପଡ଼ା ଛକଠାରେ ବାଇକ୍ ସହିତ କାରର ମୁହାଁମୁହିଁ ଧକ୍କା ଫଳରେ ୨ ଯୁବକଙ୍କ ମୃତ୍ୟୁ ହୋଇଛି। ବୁଧବାର ଅପରାହ୍ନ ୩ଟାରେ ପୁରୁଣା କଟକ-ସମ୍ବଲପୁର ରାସ୍ତା ନଡୁଆପଡା ଛକଠାରେ ଢେଙ୍କାନାଳ ପଟୁ ବାଇକ୍‌ରେ ଆସୁଥିବା ମାଣିପୁରର ଓମ୍ ବେହେରା (୨୦), ପପୁ ସାହୁ (୨୦) ବିପରୀତ ଦିଗରୁ ଆସୁଥିବା ଏକ କାର ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଦୁର୍ଘଟଣା ଘଟାଇ କାରଟି ପଳାଇ ଯାଇଥିବା ବେଳେ ଗୁରୁତର ଆହତ ଅବସ୍ଥାରେ ଯୁବକ ଦ୍ୱୟଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଆଠଗଡ଼ ଡ଼ାକ୍ତରଖାନାକୁ ପଠାଇଥିଲେ। ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ହେବାରୁ ସେମାନଙ୍କୁ କଟକ ବଡ଼ ଡ଼ାକ୍ତରଖାନାକୁ ପଠାଯାଇଥିଲା। ବାଟରେ ଯାଉଥିବା ବେଳେ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ଅନ୍ୟଜଣଙ୍କର କଟକ ବଡ଼ ଡ଼ାକ୍ତରଖାନାରେ ମୃତ୍ୟୁ ହୋଇଛି।

### ପୂର୍ବତନ ସରପଞ୍ଚଙ୍କ ବିୟୋଗ

**ସାଲେପୁର,୧୪।୬(ଅରବିନ୍ଦ ଭୂୟାଁ):** ସାଲେପୁର ବ୍ଲକ ସଉରୀ ପଞ୍ଚାୟତର ପୂର୍ବତନ ସରପଞ୍ଚ ବସନ୍ତ ଭୂୟାଁଙ୍କ ବୁଧବାର ବିୟୋଗରେ ଶୋକ ପ୍ରକାଶ ପାଇଛି। ସେ ଅସୁସ୍ଥ ହୋଇ ଏକ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ସେ ୪ଥର ସରପଞ୍ଚ ଭାବେ ନିର୍ବାଚିତ ହୋଇ ପଞ୍ଚାୟତର ବିକାଶ ଦିଗରେ କାର୍ଯ୍ୟ କରିଛନ୍ତି। ସେ ଭାଜପାର ବ୍ଲକ କାର୍ଯ୍ୟକାରିଣୀ ସଦସ୍ୟ ଭାବେ କାର୍ଯ୍ୟକରି ଆସୁଥିଲେ। ତାଙ୍କ ପରଲୋକରେ ସାଲେପୁରର ବିଧାୟକ ପ୍ରଶାନ୍ତ ବେହେରା, ପୂର୍ବତନ ବିଧାୟକ ତଥା କଟକ ଜିଲା ଭାଜପା ସଭାପତି ପ୍ରକାଶ ବେହେରା, ଜିଲା ଉପସଭାପତି ରାମନାରାୟଣ ମହାନ୍ତି, ସାଲେପୁର ବ୍ଲକ ଅଧକ୍ଷ ରାମଚନ୍ଦ୍ର ଭୋଇ, ଉପାଧକ୍ଷ ପୁଷ୍ପାଞ୍ଜଳି ବିଶ୍ୱାଳ, ଆମ୍ବାର ସଭାପତି ଦିଲୀପ କୁମାର ଦାଶ, ପୂର୍ବତନ ଜିଲା ପରିଷଦ ସଭ୍ୟ ଚିରଞ୍ଜନ ମହାନ୍ତି, ଜିଲା ଯୁବ ବିଜେଡି ସାଧାରଣ ସମ୍ପାଦକ ବିରଞ୍ଚି ନାରାୟଣ କର, ରାମକୃଷ୍ଣପୁର ସରପଞ୍ଚ ବିଶ୍ୱଜିତ ଦାଶ, ସାରସ୍ୱତ ସମାରୋହ ସମିତିର ସଭାପତି ଅକ୍ଷୟ କୁମାର ଦାଶ ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି।

# ସବୁଠି ପହିଲି ରଜର ମଜା

## ଗାଁଠାରୁ ସହର ଯାଏଁ ପିଠା, ପାନ, ପୋଡ଼ପିଠାର ବାସ୍ନା

**କଟକ,୧୪।୬(ସୁପ୍ରିୟା ପ୍ରିୟଦର୍ଶିନୀ)**

ବୁଧବାର ପହିଲି ରଜ ପାଇଁ ଉତ୍ସବ ମୁଖର ହୋଇଥିଲା କଟକ ଜିଲା। ଗାଁଠୁ ସହର ସବୁଠି ଦେଖିବାକୁ ମିଳିଥିଲା ଉତ୍ସବର ମାହୋଲ। ସକାଳୁ ଯୁବତୀମାନେ ନୂଆ ପୋଷାକ ପିନ୍ଧି ପାଦରେ ଅଳତା ଲଗାଇବା ସହ ପାନ ଓ ପୋଡପିଠା ଖାଇଥିଲେ। ଏଥିସହ ରଜଦୋଳି ଖେଳି ପହିଲି ରଜର ଭରପୁର ମଜା ଉଠାଇଥିଲେ।

କଟକ ମହାନଗର ନିଗମ (ସିଏମ୍‌ସି) ପକ୍ଷରୁ ସ୍ଥାନୀୟ ବିକାଶଭବନରେ ରଜ ଉତ୍ସବ ପାଳନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସିଏମ୍‌ସି ମେୟର ସୁବାସ ସିଂ ଯୋଗଦେଇ ସ୍ୱପ୍ନ ଦେଖି ତାହାକୁ ସାକାର କରିବା ପାଇଁ ଛୋଟ ପିଲାମାନଙ୍କୁ ପରାମର୍ଶ ଦେଇଥିଲେ। ଏଥିରେ ବସ୍ତିଅଞ୍ଚଳର ଛୋଟ ପିଲାଙ୍କ ପାଇଁ ରଙ୍ଗାରଙ୍ଗ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ସେମାନେ ବିଭିନ୍ନ ପ୍ରକାରର ନୃତ୍ୟ ପରିବେଷଣ କରିଥିଲେ। ଏଥିସହ ସୁସ୍ୱାଦୁ ପିଠା ଓ ରଜ ପାନ ଖାଇ ଦୋଳିରେ ଝୁଲିଥିଲେ। ଏହି ପରିପ୍ରେକ୍ଷୀରେ ସେମାନଙ୍କୁ କାହାଣୀ ପୁସ୍ତକ ଓ ୫୦୦ ଟଙ୍କାର ଗିଫ୍ଟ ଭାଉଚର୍



ବଳଭଦ୍ରପୁର ଜୟ ମହାବୀର ଫାଉଣ୍ଡେଶନ ପକ୍ଷରୁ ମହିଳା, ପିଲା ଦୋଳି ଖେଳୁଛନ୍ତି।

ପ୍ରଦାନ କରାଯାଇଥିଲା। ପରେ ମେୟର ସିଂ ଏବଂ ଡେପୁଟି କମିଶନର ଶ୍ୱେତପଦ୍ମା ଡି. ଶତପଥୀ ବାଦାମବାଡ଼ିସ୍ଥିତ ଏକ ମଲ୍‌କୁ ପିଲାମାନଙ୍କୁ ନେଇ ୫୦୦ ଟଙ୍କା ଗିଫ୍ଟ ଭାଉଚରରେ ସେମାନଙ୍କ ମନ ପସନ୍ଦର ଜିନିଷ କିଣାଇଥିଲେ। ପୂର୍ବାହ୍ନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଧାୟକ ଇଂ. ମହମ୍ମଦ ମୋକିମ, ସୌଭିକ୍ ବିଶ୍ୱାଳ, ଡେପୁଟି ମେୟର ଦମୟନ୍ତୀ ମାଝି, ପ୍ରଳୟା ବେଉରା, ମୋନାଲିସା ଦାସ ଓ ଦିପ୍ତୀମୟୀ ମୁଳିଆଙ୍କ ସମେତ ସିଏମ୍‌ସିର ସମସ୍ତ କର୍ପୋରେଟର ଯୋଗଦେଇଥିଲେ।

### ପିଠା ଖୁଆଖୁଇ ହେଲେ ସୁବାସ-ମୋକିମ

ବିକାଶଭବନରେ ଅନୁଷ୍ଠିତ ରଜ ଉତ୍ସବରେ ଏକ ରୋଚକ ଦୃଶ୍ୟ ଦେଖିବାକୁ ମିଳିଥିଲା। କିଛିଦିନ ହେବ ଚର୍ଚ୍ଚାରେ ରହିଥିବା ବାରବାଟୀ-କଟକ ବିଧାୟକ ଇଂ. ମହମ୍ମଦ ମୋକିମ ଏବଂ ସିଏମ୍‌ସି ମେୟର ସୁବାସ ସିଂ ଏଠାରେ ଏକାଠି ହୋଇ ପରସ୍ପରକୁ ପିଠା ଖୁଆଇଥିଲେ। କିଛିଦିନ ପୂର୍ବରୁ ପେଟା ନାଳ ପ୍ରସଙ୍ଗକୁ ନେଇ ସେମାନଙ୍କ ମଧ୍ୟରେ ବିବାଦୀୟ ପରିସ୍ଥିତି ଦେଖିବାକୁ ମିଳିଥିଲା।

### ମିଶନ ଶକ୍ତି ବଜାରରେ ସ୍ପେଶାଲ ପିଠା



ସତୀଚୌରାସ୍ଥିତ ମିଶନ ଶକ୍ତି ବଜାରରେ ବିକ୍ରି ହେଉଥିବା ପିଠା।

**କଟକ,୧୪।୬(ସୁପ୍ରିୟା ପ୍ରିୟଦର୍ଶିନୀ)**

ରଜରେ ଘରେ ଘରେ ବିଭିନ୍ନ ପ୍ରକାରର ପିଠା ପ୍ରସ୍ତୁତ ହୋଇଥାଏ। ହେଲେ ଏବେ ଲୋକମାନେ ବ୍ୟସ୍ତବହୁଳ ଜୀବନରୁ ସମୟ ବାହାର କରି ପିଠା ପ୍ରସ୍ତୁତ କରିପାରୁନାହାନ୍ତି। ତେଣୁ ଏହାକୁ ଦୃଷ୍ଟିରେ ରଖି କଟକ ସତୀଚୌରାସ୍ଥିତ ମିଶନ ଶକ୍ତି ବଜାରରେ ୨ଟି ମହିଳା ଗ୍ରୁପ ପକ୍ଷରୁ କାକରା, ଆରିସା ଓ ପୋଡ଼ ପିଠା ପ୍ରସ୍ତୁତ କରାଯାଇଛି। ଏହାର ମୂଲ୍ୟ ୧୦ ଟଙ୍କାରୁ ଆରମ୍ଭ କରି ୨୫୦ ଟଙ୍କା ପର୍ଯ୍ୟନ୍ତ ରହିଛି। ଗୋଟା ପୋଡ଼ପିଠାର ମୂଲ୍ୟ ୨୫୦ ଟଙ୍କା ଥିବାବେଳେ ଖଣ୍ଡେ ପୋଡ଼ପିଠାର ମୂଲ୍ୟ ୧୦ ଟଙ୍କା ରହିଛି। ସେହିପରି ଛେନା ପୋଡ଼ପିଠା ଖଣ୍ଡକୁ ୫୦ଟଙ୍କା, କାକରା ଗୋଟାକୁ ୫ ଟଙ୍କା, ମୁଆଁ ପିଠା ଗୋଟିଏର ଦାମ୍ ୧୫୦ଟଙ୍କା ରହିଛି। ଏଥିସହ ଲୋକଙ୍କ ପସନ୍ଦକୁ ଦେଖି

**୧୦ରୁ ୨୫୦ ପର୍ଯ୍ୟନ୍ତ ଦାମ୍ ରହିଛି**

ଏଠାରେ ଦହିବରା ମଧ୍ୟ ଉପଲବ୍ଧ ରହିଛି। ଜୟ ହନୁମାନ ଏବଂ ମା' ମଙ୍ଗଳା ସ୍ୱୟଂ ସହାୟିକା ଗୋଷ୍ଠୀ(ଏସ୍‌ଏଚ୍‌ଜି) ପକ୍ଷରୁ ଏହାକୁ ପ୍ରସ୍ତୁତ କରାଯାଇଛି। ଏ ନେଇ ଏସ୍‌ଏଚ୍‌ଜି ସଦସ୍ୟା ସୌଭାଗ୍ୟ ମଞ୍ଜରୀ ମହାନ୍ତି କହିଛନ୍ତି, ଅଧୁନିକତା ଚାପରେ ପରମ୍ପରା ହଜିଯାଉଛି। ସହରରେ ଅନେକ ଲୋକ ପିଠା ଖାଇବାକୁ ପସନ୍ଦ କରୁଥିଲେ ମଧ୍ୟ ସମୟ ଅଭାବରୁ କରିପାରୁନାହାନ୍ତି। ସେଥିପାଇଁ ସେମାନଙ୍କ ପସନ୍ଦକୁ ଦୃଷ୍ଟିରେ ରଖି ଚଳିତବର୍ଷ ପ୍ରଥମ ଥର ପାଇଁ ପିଠା ତିଆରି କରି ବିକ୍ରି କରୁଛୁ। ପ୍ରଥମ ଦିନରେ ବ୍ୟବସାୟ ସେତେ ଭଲ ହୋଇ ନ ଥିଲେ ମଧ୍ୟ ଆଗାମୀ ୨ ଦିନରେ ଭଲ ବେପାର ହେବ ବୋଲି ଆଶା ରହିଛି।

## ରଜଦୋଳିର ମଜା ଉଠାଇଲେ ପିଲା

**ସାଲେପୁର,୧୪।୬(ଅରବିନ୍ଦ ଭୂୟାଁ)**

ଗଣପର୍ବ ରଜ ଅବସରରେ ସାଲେପୁର ଅଞ୍ଚଳରେ ଗ୍ରାମଠାରୁ ପଲ୍ଲୀ ପର୍ଯ୍ୟନ୍ତ ଉତ୍ସବ ମୁଖର ହୋଇଉଠିଛି। ରଜପାନଠାରୁ ଆରମ୍ଭ କରି ବିଭିନ୍ନ କିସମର ପିଠାପଣା ଓ କୁଆଁରୀ ଝିଅଙ୍କର ରଜଦୋଳି ଖେଳ ଗାଁ ପରିବେଶକୁ ଦ୍ୱିଗୁଣିତ କରିଛି। ଏହି ଅବସରରେ ସାଲେପୁର ବ୍ଲକ୍ ଅଞ୍ଚଳର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ରଜ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଭାତପଡ଼ା ଗ୍ରାମ ବିକାଶ ପରିଷଦ ପକ୍ଷରୁ ରଜ ମହୋତ୍ସବ ବୁଧବାର ପାଳନ କରାଯାଉଛି। ଏହି ଅବସରରେ ବିଭିନ୍ନ କିସମର ଦୋଳି ମୁଖ୍ୟ ଆକର୍ଷଣ ପାଲଟିଥିଲା। ଏଥିସହ କବାଡ଼ି, ମ୍ୟୁଜିକ୍ ଚେୟାର, ତାସ୍ ଖେଳ, ମହିଳାମାନଙ୍କ ମଧ୍ୟରେ ବିଭିନ୍ନ ପ୍ରକାର ପ୍ରତିଯୋଗିତା ମୁଖ୍ୟ ଆକର୍ଷଣ ପାଲଟିଥିଲା। ଉତ୍ସବକୁ ନାଦୋଳ ସରପଞ୍ଚ



ଜ୍ଞାନରଞ୍ଜନ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଓଡ଼ିଆ ଚଳଚ୍ଚିତ୍ରର ନିର୍ଦ୍ଦେଶକ ଦେବୀପ୍ରସାଦ ଲେଙ୍କା ଓ ଭାତପଡ଼ା ବିକାଶ ପରିଷଦର ଉପଦେଷ୍ଟା ଶିଶିର କୁମାର ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଦିନକୁ ଦିନ ଓଡ଼ିଆ ସଂସ୍କୃତି ଓ ପରମ୍ପରା ବିଲୀନ ହେବାକୁ ବସିଥିବାବେଳେ ଏହି ପରମ୍ପରାକୁ ବଞ୍ଚାଇ ରଖିବା ଉଦ୍ଦେଶ୍ୟରେ ବିକାଶ ପରିଷଦର ସଦସ୍ୟମାନେ ଏଭଳି ପଦକ୍ଷେପ ଗ୍ରହଣ କରିଥିବା ଯୁବନେତା ଯଶୋବନ୍ତ ରାଉତ ପ୍ରକାଶ କରିଛନ୍ତି। ସେହିପରି ସାଲେପୁର ବ୍ଲକର ନଈଗୁଆଁ, ଛାଣିପୁର, ପିକୋଳ, କାଠାହାର, ପାଟପୁର, ଉରବଟେଶ୍ୱର ସମେତ ବିଭିନ୍ନ ସ୍ଥାନରେ ଗ୍ରାମ କମିଟି ପକ୍ଷରୁ ରଜ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି।

### ରଜ ଉତ୍ସବରେ ପ୍ରତିଯୋଗିତା

**ଫୁଲନଖରା,୧୪।୬ (ସତ୍ୟରଞ୍ଜନ ଦାଶ ମହାପାତ୍ର) :** କଟକ ମହାନଗର ନିଗମ ଅଧୀନ ତେଲେଙ୍ଗାପେଣ୍ଠସ୍ଥିତ ଗାନ୍ଧୀ ସ୍ମୃତିପୀଠରେ ରଜ ଉତ୍ସବ ଅବସରରେ ବୁଧବାର ଏକ ପ୍ରତିଯୋଗିତା 'ବରଷକେ ଥରେ ଆସିଛି ରଜ' ଅନୁଷ୍ଠିତ ହୋଇଯାଇଛି। କଟକ ସଦର ସାମାଜିକ ଓ ସାଂସ୍କୃତିକ ସଂସଦ ପକ୍ଷରୁ ଏହି କାର୍ଯ୍ୟକ୍ରମ ୨ ଦିନ ଧରି ଅନୁଷ୍ଠିତ ହେବ। କଟକ ସଦର ବିଧାୟକ ଚନ୍ଦ୍ରସାରଥି ବେହେରାଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ କଟକ ସଦର ଅଞ୍ଚଳର ବହୁ ପ୍ରତିଯୋଗୀ ଏଥିରେ ଭାଗ ନେଇଛନ୍ତି। ପ୍ରଥମ ଦିନରେ ଅନେକ କଣ୍ଠଶିଳ୍ପୀ ସେମାନଙ୍କ ପ୍ରତିଭା ପ୍ରଦର୍ଶନ କରିଥିଲେ। ସେହିପରି ଗୁରୁବାର ନୃତ୍ୟ ଓ କଳାକୃତୀ ଉପରେ ପ୍ରତିଯୋଗିତା ଅନୁଷ୍ଠିତ ହେବ ବୋଲି ସଂସଦ ପକ୍ଷରୁ ଜଣାପଡିଛି।

## ରଜ ମହୋତ୍ସବ ଉଦ୍‌ଘାଟିତ

**କଟକ ସଦର,୧୪।୬ (ସୁଶାନ୍ତ ଜେନା):** କଟକ ସଦର ବ୍ଲକ ଅନ୍ତର୍ଗତ ଦଧିବାମନପୁର ମା' ଭୁଆସୁଣୀ ପୀଠରେ ଉତ୍କଳ ମହିଳା ଅଧିକାର ଅଭିଯାନ ପକ୍ଷରୁ ରଜ ମହୋତ୍ସବ ବୁଧବାର ସ୍ୱାମୀ ଅମୃତାନନ୍ଦ ସରସ୍ୱତୀ ଉଦ୍‌ଘାଟନ କରିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ଜୟ ଭାରତ ଟ୍ରଷ୍ଟର ଅଧକ୍ଷ ସୁରେନ୍ଦ୍ର ନାଥ ପଣ୍ଡା, ସାମାଜିକ କର୍ମୀ ପୁଷ୍ପିତା ମହାପାତ୍ର, ସତ୍ୟଭାମା ଦେବତା, ୪୨ ମୌଜା ଥାନା ଅଧିକାରୀ ଗିରିଶ ଚନ୍ଦ୍ର ମହାରଣା, ଗ୍ରାମ ମୁରବି କୃଷ୍ଣଚନ୍ଦ୍ର ଦାଶ ଓ ଦୁର୍ଯ୍ୟୋଧନ ପଣ୍ଡା ଯୋଗଦେଇଥିଲେ। ଅଧାପକ ଗଣେଶ୍ୱର ଦାଶ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ମହିଳା ଅଧିକାର ଅଭିଯାନର ମୁଖ୍ୟ ସବିତାରାଣୀ ଦାଶ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ନୃତ୍ୟ, ଗୀତ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା।

## ପୋଡ଼ପିଠା, ପାନ ଖାଇ ଝିଅମାନେ ରଜ ପାଳିଲେ



**ନିଶ୍ଚିନ୍ତକୋଇଲି,୧୪।୬ (ଅଶୋକ କୁମାର ମହାପାତ୍ର)**

ଓଡ଼ିଶାର ଗଣପର୍ବ ରଜ। ପହିଲି ରଜରେ ନିଶ୍ଚିନ୍ତକେଶଇଲି ବ୍ଲକର ପଞ୍ଚାୟତରେ ରଜ ମହୋତ୍ସବ ଉଦ୍‌ଘାଟିତ ହୋଇଛି। ରଜଦୋଳିସାଙ୍ଗକୁ ପାନଓ ପୋଡ଼ପିଠାର ମଜା ଝିଅମାନେ ନେଉଥିବା ଦେଖିବାକୁ ମିଳିଛି। କେନ୍ଦୁପାଟଣା, ବଡ଼ଖିର, ନିଶ୍ଚିନ୍ତକୋଇଲି, ସରପଡ଼ା, କେରିଲୋ, ବୁହାଲୋ ପଞ୍ଚାୟତରେ ରଜ ଦୋଳି ସାଙ୍ଗକୁ ରଜ ମହୋତ୍ସବ ପାଳନ କରାଯାଉଛି। ଦିନରେ ଦୋଳି ଓ ପ୍ରତିଯୋଗିତା ହେଉଥିବା ବେଳେ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖିବାକୁ ମିଳିଛି। ମାହାଙ୍ଗା ବିଧାୟକ ପ୍ରତାପ ଜେନା ଚଳିତବର୍ଷ ବିଭିନ୍ନ ପଞ୍ଚାୟତ ଯାଇ କୁନି ଝିଅମାନଙ୍କ ସହ ରଜ ଉତ୍ସବ ପାଳନ କରିଥିବା ଦେଖିବାକୁ ମିଳିଛି। ଏହି ଅବସରରେ ନିଶ୍ଚିନ୍ତକୋଇଲି ମା' ବେଲେଶ୍ୱରୀ ସାଂସ୍କୃତିକ ସଂସଦ ଆନୁକୂଲ୍ୟରେ ସ୍ଥାନୀୟ ଅହମ୍ମଦ ବକ୍ସ ଉଚ୍ଚ ବିଦ୍ୟାଳୟ ପରିସରରେ ପହିଲି ରଜ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ସ୍ଥାନୀୟ ଅଞ୍ଚଳର ମହିଳା ଓ ଯୁବତୀମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସେହିପରି ସରପଡ଼ା ସହ ବିଭିନ୍ନ ପଞ୍ଚାୟତରେ ମଧ୍ୟ ଅନୁରୂପ ଭାବେ ରଜ ଉତ୍ସବ ପାଳିତ ହୋଇଯାଇଛି।

## ରଜ ମହୋତ୍ସବ ଭାଇଚାରାର ଅନନ୍ୟ ନିଦର୍ଶନ

### ଗୋପମଥୁରା ଦ୍ୱିତୀୟ ବାର୍ଷିକ ରଜ ମହୋତ୍ସବ ଉଦ୍‌ଘାଟିତ



ମହୋତ୍ସବରେ ନୂପୁର ଡ୍ରାନ୍ସଗ୍ରୁପ ପକ୍ଷରୁ ନୃତ୍ୟ ପରିବେଷଣ କରାଯାଉଛି।

**ବଡ଼ମ୍ବା,୧୪।୬(ମାୟାଧର ମଲ୍ଲିକ)**

ବଡ଼ମ୍ବା ବ୍ଲକ ଅନ୍ତର୍ଗତ ଗୋପମଥୁରା ଦ୍ୱିତୀୟ ବାର୍ଷିକ ରଜ ମହୋତ୍ସବ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧକ୍ଷ ରଘୁପତି ମହାନ୍ତି ଯୋଗଦେଇ ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ରଜ ମହୋତ୍ସବ ଭାଇଚାରାର ଅନନ୍ୟ ନିଦର୍ଶନ ବୋଲି ସେ ବକ୍ତବ୍ୟରେ ପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଭାବେ ବ୍ଲକ ପୂର୍ବତନ ଉପାଧକ୍ଷ ସଦାନନ୍ଦ ସ୍ୱାଇଁ ଯୋଗଦେଇ ଗୋପମଥୁରା ଗ୍ରାମର ଐତିହ୍ୟ, କଳା, ସଂସ୍କୃତି ଉପରେ କହିଥିଲେ। ସମ୍ମାନିତ ଅତିଥି ଭାବେ ଗୋପମଥୁରା ପଞ୍ଚାୟତ ସମିତିସଭ୍ୟ ନାରାୟଣ ଜେନା, ଗ୍ରାମ ସମ୍ପାଦକ ଅଭିମନ୍ୟୁ ସାହୁ ପ୍ରମୁଖ ଯୋଗଦେଇଥିଲେ। ମହୋତ୍ସବ କମିଟି ଆବାହକ ତଥା ଗୋପମଥୁରା ପଞ୍ଚାୟତ ସରପଞ୍ଚ ଅଶୋକ କୁମାର ଜଗଦେବଙ୍କ ପୌରୋହିତ୍ୟ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅକ୍ଷୟ କୁମାର ବଳବନ୍ତରାୟ, ମହୋତ୍ସବ କମିଟି ସଭାପତି ଜ୍ଞାନରଞ୍ଜନ ମଲ୍ଲିକ (ଆଲୋକ), କର୍ମକର୍ତ୍ତା ଦୟାନିଧି ଲେଙ୍କା, ବସୁଦେବ ମଲ୍ଲିକ, ଭଗବାନ ରାଉତ, ସଞ୍ଜୟ କୁମାର ନାୟକ, ହରିହର ରାଉତ, ପ୍ରମୋଦ କୁମାର ଦଳବେହେରାଙ୍କ ସମେତ ଯୁବଗୋଷ୍ଠୀ ଉପସ୍ଥିତ ଥିଲେ। ଏହି ଅବସରରେ ଭୁବନେଶ୍ୱରସ୍ଥିତ ନୂପୁର ଡ୍ୟାନ୍ସ ଏକାଡେମୀ ଗୁରୁ ନିରଞ୍ଜନ ରାଉତ ଓ ଗବେଷକ ଡ଼. ମିଳନଙ୍କ ସଂଯୋଜନାରେ ଓଡ଼ିଶୀ ନୃତ୍ୟ ପରିବେଷଣ ହୋଇଥିଲା। ଓଡ଼ିଶୀ ନୃତ୍ୟ ଦର୍ଶକଙ୍କ ମନ ମୋହିଥିଲା। ପରେ ମା' କଳାପାଟ ଅନୁଷ୍ଠାନ, ଭୁବନେଶ୍ୱର କଳାକାରଙ୍କ ଭଜନ ପରିବେଷଣ ବେଶ୍ ମନଲୋଭା ହୋଇଥିଲା। ରଜ ମହୋତ୍ସବ ୪ ଦିନ ଧରି ଚାଲିବାକୁ ଥିବାବେଳେ ଏହା ଶନିବାର ଉଦ୍‌ଯାପିତ ହେବ ବୋଲି ରଜ ମହୋତ୍ସବ କମିଟି କର୍ମକର୍ତ୍ତାଙ୍କଠାରୁ ପ୍ରକାଶ। ସମସ୍ତ କାର୍ଯ୍ୟକ୍ରମକୁ ମହୋତ୍ସବ କମିଟି କର୍ମକର୍ତ୍ତା ପରିଚାଳନା କରିଥିଲେ।

# ସହରାଞ୍ଚଳ ପାର୍କର ସୁବିଧା ଏବେ ଗାଁରେ

### ୫୦ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ବିଜୁ ପାର୍କ ଲୋକାର୍ପିତ

**ନିଶ୍ଚିନ୍ତକୋଇଲି,୧୪।୬ (ଅଶୋକ କୁମାର ମହାପାତ୍ର)**

ଲୁଣା-ଚିତ୍ରୋତ୍ପଳା ଦୁଇ ନଦୀର ସଙ୍ଗମସ୍ଥଳ ନିଶ୍ଚିନ୍ତକୋଇଲି ବ୍ଲକ ବୁହାଲୋ ପଞ୍ଚାୟତ ବରପଡ଼ା ଗ୍ରାମରେ ୫୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ବିଜୁ ପାର୍କକୁ ମାହାଙ୍ଗା ବିଧାୟକ ପ୍ରତାପ ଜେନା ବୁଧବାର ଲୋକାର୍ପଣ କରିଛନ୍ତି। ଏହି ପାର୍କ ପହିଲି ରଜରେ ଲୋକାର୍ପଣ ହେବା ପରେ ବହୁ ମହିଳା ଓ ଝିଅମାନେ ବୁଲି ମଜା ନେଇଛନ୍ତି। ସହରାଞ୍ଚଳର ପାର୍କ ସୁବିଧା ଏବେ ଗ୍ରାମାଞ୍ଚଳରେ ଉପଲବ୍ଧ ହେବ ବୋଲି ବିଧାୟକ ଜେନା କହିଥିଲେ। ଏହି ଅବସରରେ ଅନୁଷ୍ଠିତ ସାଂସ୍କୃତିକ ଉତ୍ସବରେ ବିଧାୟକ ଜେନା ମୁଖ୍ୟ ଅତିଥି ରୂପେ ଯୋଗଦାନ କରିଥିବା ବେଳେ





ବିଧାୟକ ପ୍ରତାପ ଜେନା ଓ ଅତିଥିମାନେ ବିଜୁ ପଟ୍ଟନାୟକ ପାର୍କକୁ ଉଦ୍‌ଘାଟନ କରୁଛନ୍ତି।

ବ୍ଲକ ବିଜେଡି ସଭାପତି ତଥା ବୁହାଲୋ ସରପଞ୍ଚ ରମାକାନ୍ତ ମହାନ୍ତି ସଭାପତିତ୍ୱ କରିଥିଲେ। ଏଥିରେ ବ୍ଲକ ଅଧକ୍ଷା ରୋଜି ସେଠୀ, ଉପାଧକ୍ଷ ଅଶୋକ କୁମାର ଓଝା, ପୂର୍ବତନ ବ୍ଲକ ଅଧକ୍ଷ ଗିରିଶ ରଞ୍ଜନ ମହାପାତ୍ରଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ। ତେବେ ସହରାଞ୍ଚଳ ପରି ଗ୍ରାମାଞ୍ଚଳରେ ଲକ୍ଷାଧିକ ଟଙ୍କା ବ୍ୟୟରେ ନିର୍ମିତ ଏହି ପାର୍କରେ ସମସ୍ତ ସୁବିଧା ସୁଯୋଗ ମିଳିପାରିବ ବୋଲି ସରପଞ୍ଚ ମହାନ୍ତି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ସ୍ଥାନୀୟ ମହିଳା ଓ ବ୍ୟବସାୟୀ ସଂଘ ପକ୍ଷରୁ ବିଧାୟକଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା।

# ଚାଷୀଙ୍କୁ ଋଣ ପ୍ରଦାନରେ ଆନ୍ତରିକତା ଅଭାବ

**ରଘୁନାଥପୁର,୧୪।୬ (ରାଜେନ୍ଦ୍ର ନାରାୟଣ ସିଂ)**

- ବଳରାମ ଯୋଜନା ଦିଗହରା
- ୧୦୨ ଗ୍ରୁପ୍‌ରୁ ମିଳିଛି ମାତ୍ର ୨୩

ଜଗତ୍‌ସିଂହପୁର ଜିଲା ରଘୁନାଥପୁର ବ୍ଲକରେ ଚାଷୀଙ୍କ ପାଇଁ ଉଦ୍ଦିଷ୍ଟ ବଳରାମ ଯୋଜନା ଦିଗହରା ହୋଇପଡ଼ିଛି। ଏହି ଯୋଜନାରେ ଚାଷୀଙ୍କୁ ଋଣ ଦେବାପାଇଁ ଆନ୍ତରିକତା ପ୍ରକାଶ କରୁନାହାନ୍ତି ବ୍ୟାଙ୍କ ସମୂହ। ଫଳରେ ଖରିଫ ଓ ରବି ଫସଲ ଚାଷ ପାଇଁ ବାରମ୍ବାର ଆବେଦନ କରି ଚାଷୀମାନେ ନିରାଶ ହେଉଥିବା କହିଛନ୍ତି।

ଭୂମିହୀନ ଚାଷୀଙ୍କୁ ସରକାର ବଳରାମ ଯୋଜନାରେ ବିଭିନ୍ନ ବ୍ୟାଙ୍କ ଜରିଆରେ ଋଣ ପ୍ରଦାନ କରିବାକୁ ବ୍ୟବସ୍ଥା କରିଛନ୍ତି। ଏହି ଋଣ କେତେଜଣ ଚାଷୀଙ୍କୁ ମିଳିତ ଭାବେ ପ୍ରଦାନ କରାଯାଉଛି। ଅଧିକରୁ ଅଧିକ ଚାଷୀ ଯେପରି ଏଥିରେ ଉପକୃତ ହୋଇପାରିବେ ସେଥିପାଇଁ ବ୍ଲକ କୃଷି ସୂଚନା ଓ ପରାମର୍ଶ ବିଭାଗ ଉପରେ ଦାୟିତ୍ୱ ନ୍ୟସ୍ତ କରାଯାଇଛି। ଏ ନେଇ ବିଭାଗ ପକ୍ଷରୁ ବିଭିନ୍ନ ଗ୍ରାମରେ ଭୂମିହୀନ ଚାଷୀଙ୍କୁ ସଚେତନ ମଧ୍ୟ କରାଯାଉଛି। ୫ରୁ୧୦ ଜଣ ଚାଷୀଙ୍କୁ ନେଇ ଗୋଷ୍ଠୀ ଗଠନ କରି ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇ ଋଣ ନେବାକୁ ସେମାନଙ୍କୁ ସମସ୍ତ ପ୍ରକାର ସହଯୋଗ କରାଯାଉଛି ବୋଲି ପ୍ରଶାସନ ପକ୍ଷରୁ କୁହାଯାଉଛି। ମାତ୍ର ଏହାର ଲାଭ ବହୁ ଚାଷୀଙ୍କୁ ମିଳିପାରୁନାହିଁ। ୨୦୨୨-୨୩ ଆର୍ଥିକ ବର୍ଷରେ ବ୍ଲକ କୃଷି କାର୍ଯ୍ୟାଳୟ ଜରିଆରେ ୧୦୨ ଚାଷୀ ଗ୍ରୁପ୍ ବିଭିନ୍ନ ବ୍ୟାଙ୍କରେ ଋଣ ପାଇଁ ଆବେଦନ କରିଥିଲେ। ସେମାନଙ୍କ ମଧ୍ୟରୁ ମାତ୍ର ୨୩ଟି ଗ୍ରୁପ୍‌କୁ ଏହି ଯୋଜନାରେ ଋଣ ପ୍ରଦାନ କରାଯାଇଛି।

ରେଣ୍ଡୁଆ ଅଞ୍ଚଳର ଚାଷୀ ଅଜୟ ସାମଲ, ସାଦେଇପୁରର ଆର୍ତ୍ତତ୍ରାଣ ପଣ୍ଡା, ତଅଁରା ରାମଚନ୍ଦ୍ରପୁରର ରଞ୍ଜନ ସେଠୀ, ତାରପୁରର ଧୀରେନ୍ଦ୍ର କୁମାର ରାଉତ ଓ ରମେଶ ସ୍ୱାଇଁ, ସ୍ୱର୍ଗବ୍ରହ୍ମପୁରର ନିତେସ କୁମାର ଦାସ, ସାଦେଇପୁରର ରତ୍ନାକର ଭୋଇ, ରଘୁନାଥପୁରର କିଶୋର କୁମାର ଭୋଇ ଓ ରଞ୍ଜନ କୁମାର ବେହେରା ପ୍ରମୁଖ ଏହି ଋଣ ପାଇବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବୋଲି କହିଛନ୍ତି।

ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଋଣ ଦିଆ ନ ଯାଇ ପୁନର୍ବାର ଆବେଦନ କରିବାକୁ କୁହାଯାଉଛି ବୋଲି କେତେଜଣ ଚାଷୀ କ୍ଷୋଭର ସହ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ବ୍ଲକ କୃଷି ଅଧିକାରୀ ଜ୍ଞାନେନ୍ଦ୍ର କୁମାର ଦଳେଇଙ୍କୁ ପଚାରିବାରେ ବ୍ୟାଙ୍କଗୁଡ଼ିକ ଚାଷୀଙ୍କ ଋଣ ପରିଶୋଧ କରିବା କ୍ଷମତାକୁ ଆକଳନ କରି ସେମାନଙ୍କୁ ଋଣ ପ୍ରଦାନ ପାଇଁ ଇଚ୍ଛା ପ୍ରକାଶ କରୁନାହାନ୍ତି। ଋଣ ନେଇଥିବା ୨୩ ଗ୍ରୁପ୍ ମଧ୍ୟରୁ ୧୮ଟି ଗ୍ରୁପ ନିୟମିତ କିସ୍ତି ଦେଇ ଚାଲିଥିବାବେଳେ ୫ଟି ଗ୍ରୁପ୍ ଋଣ ଅର୍ଥ ପରିଶୋଧ କରିବାରେ ଖିଲାପ କରିଛନ୍ତି। ଏ ନେଇ ବ୍ୟାଙ୍କ ପକ୍ଷରୁ ଅଧିକ ସତର୍କତା ଅବଲମ୍ବନ କରାଯାଉଥିବାରୁ ଚାଷୀମାନେ ବାରମ୍ବାର ଦୌଡ଼ି ନିରାଶ ହେଉଛନ୍ତି। ଅନ୍ୟମାନଙ୍କ ଉପରେ ଏହାର ପ୍ରଭାବ ପଡୁଛି ବୋଲି ସେ କହିଛନ୍ତି। ଅନ୍ୟପକ୍ଷେ ଏହି ଯୋଜନାର ମନିଟରିଂ ଦାୟିତ୍ୱରେ ଥିବା ୟୁକୋ ବ୍ୟାଙ୍କ ଏଲ୍‌ଡିଏମ୍ ଚିନାରୀ ବାପୁଜି ସୁବୁଦ୍ଧି କୁହନ୍ତି, ବଳରାମ ଯୋଜନାରେ ଚାଷୀଙ୍କୁ ଋଣ ପ୍ରଦାନ ଠିକ୍ ରହିଛି। କିଛି କ୍ଷେତ୍ରରେ ଚାଷୀମାନେ ଆବଶ୍ୟକ ଡକ୍ୟୁମେଣ୍ଟ ଦେଉ ନ ଥିବାରୁ ଋଣ ପ୍ରଦାନରେ ବିଳମ୍ବ ହେଉଛି ବୋଲି ସେ ପ୍ରକାଶ କରିଛନ୍ତି। ଅପରପକ୍ଷେ ଚାଷୀଙ୍କ ଡକ୍ୟୁମେଣ୍ଟକୁ ଚିକିନିଖି ତନଖି କରାଯାଇ ବ୍ୟାଙ୍କକୁ ପଠାଯାଉଛି ବୋଲି କୃଷି ଅଧିକାରୀ ଦଳେଇ ସ୍ପଷ୍ଟ କରିଛନ୍ତି। ଏହାର ବାସ୍ତବତା ସମ୍ପର୍କରେ ତଦନ୍ତ କରାଯାଇ ଯୋଗ୍ୟ ଚାଷୀଙ୍କୁ ଋଣ ପ୍ରଦାନ ପାଇଁ ଜିଲାପାଳଙ୍କ ନିକଟରେ ଦାବି କରାଯାଇଛି।

## ସଂକ୍ଷେପରେ

### ସୋଲରୀ ଷ୍ଟେଶନ ନିକଟରୁ ଯୁବକଙ୍କ ମୃତଦେହ ଜବତ

**ବାଲୁଗାଁ,୧୪।୬(ସଂଗ୍ରାମ ପାଇକରାୟ):** ବାଲୁଗାଁ ନିକଟ ସୋଲରୀ ଷ୍ଟେଶନର ରେଳଧାରଣା ପାର୍ଶ୍ୱରୁ ଜଣେ ଯୁବକଙ୍କ ମୃତଦେହକୁ ବୁଧବାର ରେଳବାଇ ପୋଲିସ ଜବତ କରିଛି। ସେ ହେଲେ ବାଣପୁର ଅଞ୍ଚଳର ଅସିତ ଆଚାର୍ଯ୍ୟ(୨୦)। ଅସିତ୍ ଦିଲ୍ଲୀରେ କୌଣସି ଏକ କମ୍ପାନୀରେ ରହି କାର୍ଯ୍ୟ କରୁଥିବା ବେଳେ କିଛି ଦିନ ହେଲା ଗ୍ରାମକୁ ଫେରିଥିଲେ। ମଙ୍ଗଳବାର ଅପରାହ୍ନରେ ଭୁବନେଶ୍ୱର ଯିବା ପାଇଁ ଘରୁ ବାହାରିଥିବା ବେଳେ ରାତ୍ରିରେ କୌଣସି ଟ୍ରେନରୁ ଖସି ପଡ଼ିଥିବା ଅନୁମାନ କରାଯାଇଛି। ଷ୍ଟେଶନ କର୍ତ୍ତୃପକ୍ଷ ଷ୍ଟେଶନ ନିକଟ ରେଳଧାରଣାରେ ଏକ ମୃତଦେହ ପଡ଼ିଥିବା ଦେଖିଥିଲେ। ଖବରପାଇ ଖୋର୍ଦ୍ଧା ଜିଆରପି ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ନିମନ୍ତେ ପଠାଇଛନ୍ତି। ଅସିତ୍‌ଙ୍କ ମୃତ୍ୟୁ ଖବର ପ୍ରଘଟ ହେବାରେ ପରିବାର ଆତ୍ମୀୟସ୍ୱଜନ ଓ ସମଗ୍ର ବାଣପୁର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

### ଝରକା ଗ୍ରୀଲ ତାଡ଼ି ଟଙ୍କା, ସୁନା ଚୋରି

**ବୋଲଗଡ଼,୧୪।୬(ଦେବବ୍ରତ ହୋତା):** ବୋଲଗଡ଼ ଥାନା ଅଧୀନ ଚୂଡ଼ା ଗ୍ରାମରେ ବୁଧବାର ଦୁର୍ବୃତ୍ତମାନେ ଏକ ଘରର ଝରକା ଗ୍ରୀଲ ତାଡ଼ି ନଗଦ ୪ଲକ୍ଷ ଟଙ୍କା ସମେତ ୨୦ ଭରି ସୁନା ଗହଣା ଓ ୨୦ ଭରି ରୁପା ଚୋରି କରିନେଇଥିବା ଅଭିଯୋଗ ହୋଇଛି। ଏ ନେଇ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୁଚନା ମୁତାବକ, ସ୍ଥାନୀୟ ମେଡିକାଲ ଛକରେ ଇଲିୟାସ ଖାଁଙ୍କ ଏକ ଔଷଧ ଦୋକାନ ରହିଛି। ଚୂଡ଼ାସ୍ଥିତ ତାଙ୍କ ଘର ଥିବାବେଳେ ପରିବାର ଲୋକେ କିଛିଦିନ ହେଲା ଅନ୍ୟତ୍ର କୁଆଡ଼େ ଯାଇଥିଲେ। ସେ ସକାଳ ୭ଟା ସମୟ ରେ ଘର ଓ ମୁଖ୍ୟ ଫାଟକରେ ତାଲା ପକାଇ ଔଷଧ ଦୋକାନକୁ ଆସିଥିଲେ। ତେବେ ଅପରାହ୍ନ ୧ଟା ସମୟରେ ମଧ୍ୟାହ୍ନଭୋଜନ ପାଇଁ ଘରକୁ ଫେରି ଦେଖିବା ବେଳେ ତାଙ୍କ ଶୟନକକ୍ଷର ଝରକା ସହ ଗ୍ରୀଲ ତଡା ଯାଇ ଭିତରେ ଥିବା ଆଲମିରା ଭାଙ୍ଗି ଟଙ୍କା ଓ ସୁନାରୁପା ଚୋରି ହୋଇଯାଇଥିଲା। ଏ ନେଇ ଥାନାର ଦ୍ୱାରସ୍ଥ ହେବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ବିଭିନ୍ନ ଦିଗରୁ ତଦନ୍ତ ଚଳାଇଛି। ଅପରପକ୍ଷେ ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଏହି ଗୋଟିକିଆ ଘରୁ କେହି ନ ଥିବାର ସୁଯୋଗ ନେଇ ଦୁର୍ବୃତ୍ତମାନେ ଚୋରି କରିଥିବା ପୋଲିସ ଅନୁମାନ କରୁଛି। ସେହିପରି ଘର ଆଗରେ ଗୋଟିଏ ଅଟୋ ରହିଥିବା ଏବଂ ସେଥିରେ କେହି ନ ଥିବା ନେଇ ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ତବେ ସିସିଟିଭି କ୍ୟାମେରା ଯାଞ୍ଚ କରାଯାଇ ଅଟୋଟିକୁ ଠାବ କରାଗଲେ ଜଣାପଡ଼ିବ ବୋଲି ପୋଲିସ କହିଛନ୍ତି।

### ସ୍ୱାସ୍ଥ୍ୟସେବା ଶିବିର

**ଜଟଣୀ,୧୪।୬(ରବୀନ୍ଦ୍ରନାଥ ମହାକୁଡ଼):** ପହିଲି ରଜ ଅବସରରେ ଜଟଣୀ ପୌରାଞ୍ଚଳ କୁଦିଆରୀ ଗ୍ରାମରେ ଏକ ନିଃଶୁଳ୍କ ସ୍ୱାସ୍ଥ୍ୟ ସେବା ଶିବିର ଆୟୋଜିତ କରାଯାଇଥିଲା। ସ୍ଥାନୀୟ ହରିହର କ୍ଲବ ପରିସରରେ ରୋଟାରି କ୍ଲବ ଜଟଣୀ ଏବଂ ଭୁବନେଶ୍ୱରର ଏକ ଘରୋଇ ମେଡିକାଲ ଟ୍ରିନିଟିର ମିଳିତ ସହଯୋଗରେ ଉକ୍ତ ଶିବିର ଆୟୋଜିତ ହୋଇଥିଲା। ଏହି ଶିବିରରେ ସ୍ନାୟୁରୋଗ, ସ୍ନାୟୁ ଶଲ୍ୟ ବିଭାଗ, ଔଷଧ ବିଭାଗ, ମଧୁମେହ ଓ ଅସ୍ଥିଶଲ୍ୟ ବିଭାଗ ଆଦିରେ ସ୍ଥାନୀୟ ଜନସାଧାରଣଙ୍କୁ ଚିକିତ୍ସା ଏବଂ ସ୍ୱାସ୍ଥ୍ୟ ପରାମର୍ଶ ଦିଆଯାଇଥିଲା। ଡା. ଲକ୍ଷ୍ମୀକାନ୍ତ ଦେବତା, ଡା.ଅଦସ୍ୟା ସୌମ୍ୟ ଦୀପ୍ତା ଏବଂ ଡା. ଜି. ଏସ.ଦାସଙ୍କ ତତ୍ତ୍ୱାବଧାନରେ ମୋଟ ୫୫ଜଣ ମହିଳା ଏବଂ ପୁରୁଷ ନିଜ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଏହି କାର୍ଯ୍ୟକ୍ରମରେ ରୋଟାରିଆନ ପଦାରବିନ୍ଦ ସାହୁ, ରାଧାମୋହନ ପଟନାୟକ, ସୁନୀଲ ଅଗ୍ରୱାଲ, ରସିକ ପଟେଲ ଏବଂ ରୋଟାରୀଆନ ଜଗଦେବ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଶିବିରରେ ଟ୍ରିନିଟି ହସ୍ପିଟାଲର ଚାର୍ଟର୍ଡ ଆକାଉଣ୍ଟାଣ୍ଟ ଯାମିନୀମୋହନ ପଟନାୟକ, ହରିହର କ୍ଲବ ସମ୍ପାଦକ ମନମୋହନ ମହାପାତ୍ର, ପ୍ରମୋଦ ସାହାଣୀ ପ୍ରମୁଖ ଯୋଗଦେଇଥିଲେ।

### ବାଇକ୍ ଦୁର୍ଘଟଣା; ୩ ଗୁରୁତର

**କୃଷ୍ଣପ୍ରସାଦ,୧୪।୬(କୈଳାସଚନ୍ଦ୍ର ପଟ୍ଟନାୟକ):** ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ଚାରିଛକରୁ କିଛି ଦୂରରେ ଏକ ବାର୍‌ହା ସହ ଗୋଟିଏ ବାଇକ ଧକ୍କା ହେବାରୁ ୩ଜଣ ଗୁରୁତର ଆହତ ହୋଇଛନ୍ତି। ଆହତ ୩ଜଣ ଗଞ୍ଜାମ ଜିଲା ରମ୍ଭାର ବୋଲି ଜଣାପଡିଛି। ଉକ୍ତ ରାସ୍ତା ଦେଇ ସ୍ଥାନୀୟ ଅଞ୍ଚଳର ସାମାଜିକ କର୍ମୀ ବିଷ୍ଣୁଚରଣ ବେହେରା ଆସୁଥିବା ବେଳେ ଆହତ ୩ ଜଣଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସରେ ମେଡିକାଲ ପଠାଇଛନ୍ତି । ସେମାନେ ଗୋଟିଏ ପରିବାରର ହୋଇଥିବା ବେଳେ ରମ୍ଭାରୁ ଆମ୍ବ ଆଣି କୃଷ୍ଣପ୍ରସାଦରେ ବିକ୍ରି କରୁଥିଲେ। ବିକ୍ରିକରି ବାଇକ୍‌ରେ ଫେରୁଥିବା ବେଳେ ଏକ ବାର୍‌ହା ସହ ହଠାତ୍ ସାମ୍ନାରେ ଆସିଯିବାରୁ ଧକ୍କା ହୋଇଯାଇଥିଲା।

# 'ସଂସ୍କୃତିକୁ ସମୃଦ୍ଧ କରିଛି ଲୋକକଳା'

## ବ୍ଲକସ୍ତରୀୟ ଲୋକକଳା ଉତ୍ସବ

**ଖୋର୍ଦ୍ଧା,୧୪।୬ (ପ୍ରଭାତ ପାଣିଗ୍ରାହୀ)**


ବ୍ଲକସ୍ତରୀୟ ଲୋକକଳା ମହୋତ୍ସବରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସହଯୋଗରେ ବୁଧବାର ଖୋର୍ଦ୍ଧା ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଲୋକକଳା ଉତ୍ସବ ଓ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀଙ୍କ କଳାକାର ଯୋଜନାରେ ସାମିଲ ହୋଇଥିବା ଖୋର୍ଦ୍ଧା ବ୍ଲକ ଓ ପୌରାଞ୍ଚଳର ୨୧୯ଜଣ କଳାକାର ଉପସ୍ଥିତ ରହି କଳା ନୈପୁଣ୍ୟତା ପ୍ରଦର୍ଶନ କରିଥିଲେ। ଦଳଗତ ଭାବେ ପାଇକ ଆଖଡ଼ା, ଖଣ୍ଡା, ଢାଲ, ପାଲା, ଦାସକାଠିଆ, ନାମ ସଂକୀର୍ତ୍ତନ ଏବଂ ଲୋକନୃତ୍ୟ ପରିବେଷଣ କରିଥିଲେ। ସେହିପରି ପିଠାପଣାରେ ସମ୍ମିଳନୀ କକ୍ଷ ମହକି ଥିଲା। ଏଣ୍ଡୁରି, କାକରା, ଆରିସା, ମଣ୍ଡା ପ୍ରଭୃତି ପିଠା ଆକର୍ଷଣ ସାଜିଥିଲା। ସମସ୍ତେ ଏହି ଅବସରରେ ରଜ ପର୍ବର ଶୁଭେଚ୍ଛା ଜଣାଇବା ସହ ପିଠାପଣା ଖାଇ ଆନନ୍ଦିତ ହୋଇଥିଲେ। ବ୍ଲକ ଅଧ୍ୟକ୍ଷା ଶ୍ରୀମୟୀ ପ୍ରିୟଦର୍ଶିନୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ବିଡିଓ କ୍ଷୀରାବ୍ଧି ତନୟା ସାହୁ, ଜିଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ସାମାଜିକ ସୁରକ୍ଷା ଅଧିକାରୀ ସନ୍ଦୀପ ପାଣିଗ୍ରାହୀ, ପ୍ରିୟଙ୍କା ବଡଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ନିଖିଳ ଉତ୍କଳ ପାଲା ଗାୟକ ପରିଷଦ ସଦସ୍ୟ ସାରଙ୍ଗଧର ମହାପାତ୍ର, ସରସ୍ୱତୀ ବେହେରା, ପ୍ରହ୍ଲାଦ ପରିମାଣିକ, ସୁଶାନ୍ତ ହରିଚନ୍ଦନ, ପାଇକ ଆଖଡା କଳାକାର କୈଳାସ ବଳିଆରସିଂ, ଉପେନ୍ଦ୍ର ରାଉତ, ନୀଳମଣି ଶତ୍ରୁଶଲ୍ୟ, କବିରାଜ ପ୍ରଧାନ ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ।

ଏହି ଅବସରରେ କଳାକାରଙ୍କୁ ଦିଆଯାଉଥିବା ପ୍ରୋତ୍ସାହନ ରାଶି ୧୨ଶହ ଟଙ୍କାକୁ ୩ହଜାର ଟଙ୍କା ବୃଦ୍ଧି ଲାଗି ଦାବି ଉପସ୍ଥାପନ କରାଯାଇଥିଲା। ଜିଲା ସଂସ୍କୃତି ଅଧିକାରୀ ଦାସ କହିଲେ ଯେ, ଲୋକକଳା ହେଉଛି ଗୋଟିଏ ଜାତିର ପରିଚୟ। ଖୋର୍ଦ୍ଧା ଜିଲାର କଳା ସଂସ୍କୃତି ଅନନ୍ୟ। ଏହି ଜିଲା ଲୋକକଳାରେ ପରିପୂର୍ଣ୍ଣ। ସାଧାରଣ ଜୀବନଶୈଳୀକୁ ଲୋକକଳା ସମୃଦ୍ଧ କରିଛି। ସେହିପରି ବିଡିଓ ସାହୁ କହିଲେ, କଳା, ସାହିତ୍ୟ, ସଂସ୍କୃତି, ଭାସ୍କର୍ଯ୍ୟ, ସ୍ଥାପତ୍ୟ ଆଦି କ୍ଷେତ୍ରରେ ଉତ୍କଳ ବିଶ୍ୱରେ ଉତ୍କର୍ଷତା ଲାଭ କରିଛି। ଲୋକକଳା ସମ୍ପର୍କରେ ବହୁ ବରିଷ୍ଠ କଳାକାର ନିଜ ମତ ଉପସ୍ଥାପନ କରିଥିଲେ। ପାଲା ଜନମାନସକୁ ସଂସ୍କୃତି, ପରମ୍ପରା ସମ୍ପର୍କରେ ଶିକ୍ଷା ପ୍ରଦାନ କରିଥାଏ। ଲୋକକଳା ସଂସ୍କୃତିର ପରିଚୟ ବହନ କରେ। ପାଇକ ଆଖଡ଼ା ଏକ ସମର କଳା। ଏହା ଜାତୀୟତା ଓ ଦେଶ ମାତୃକାର ଭାବକୁ ଜାଗ୍ରତ କରେ। ଘୋଡ଼ାନାଚ ବା ଚଇତି ଘୋଡ଼ା ନୃତ୍ୟ ବେଶ୍ ଲୋକପ୍ରିୟ। ଏହାର ତାଳ, ଲୟ, ଛାନ୍ଦ ଦର୍ଶକଙ୍କୁ ଆକର୍ଷିତ କରେ ବୋଲି ସଭାରେ ମତ ପ୍ରକାଶ ପାଇଥିଲା।



ବିଶ୍ୱ ରକ୍ତଦାତା ଦିବସରେ ଆଇଟିବିପି ଯବାନମାନେ ଖୋର୍ଦ୍ଧାର ଶରଧାପୁର ଗ୍ରାମରେ ଶୋଭାଯାତ୍ରାରେ ବାହାରି ଲୋକଙ୍କୁ ସଚେତନ କରୁଛନ୍ତି।

# +୨ରେ ମାୟାବତୀ ପାତ୍ର ବ୍ଲକ ଟପ୍ପର

**ବୋଲଗଡ,୧୪।୬(ଦେବବ୍ରତ ହୋତା)**



ବୋଲଗଡ ବ୍ଲକ ଗୋପାଳପୁର ପଞ୍ଚାୟତ ଦେଉଳିସ୍ଥିତ ଶ୍ରୀ ରାଧାମାଧବ ସଂସ୍କୃତ ମହାବିଦ୍ୟାଳୟର ଛାତ୍ରୀ ମାୟାବତୀ ପାତ୍ର ଚଳିତଥର +୨ ଉପଶାସ୍ତ୍ରୀ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖି ବ୍ଲକ ଟପ୍ପର ହୋଇଛନ୍ତି। ସେ ସମୁଦାୟ ୭୦୦ ମାର୍କରୁ ୫୨୮ ନମ୍ବର ରଖିଛନ୍ତି। ତେବେ ବୋଲଗଡ ବ୍ଲକ ଅଞ୍ଚଳରେ ଏହି ଏକମାତ୍ର ସଂସ୍କୃତ କଲେଜରୁ ସମୁଦାୟ ୧୦୩ଜଣ ଛାତ୍ରୀଛାତ୍ର ଉପଶାସ୍ତ୍ରୀ ପରୀକ୍ଷା ଦେଇଥିବା ବେଳେ ପ୍ରଥମ ଶ୍ରେଣୀରେ ୭୮ଜଣ ଓ ଦ୍ୱିତୀୟରେ ୨୪ଜଣ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ଜଣେ ଅକୃତକାର୍ଯ୍ୟ ହୋଇଛନ୍ତି। ପରୀକ୍ଷା ଦେଇଥିବା ବିଦ୍ୟାର୍ଥୀମାନଙ୍କ ମଧ୍ୟରେ ଛାତ୍ରୀମାନେ ଉତ୍ତମ ନମ୍ବର ରଖି ପାସ କରିଥିବା ବେଳେ ପଦ୍ମିନୀ ସାହୁ (୫୧୮), ଲକ୍ଷ୍ମୀପ୍ରୀୟା ବେହେରା (୫୧୨), ଦେବସ୍ମିତା ଦେହୁରି (୫୧୧), ମାନିନୀ ମଲ୍ଲିକ (୫୧୦)ଆଦି ଛାତ୍ରୀମାନେ ଯଥାକ୍ରମେ ଦ୍ୱିତୀୟରୁ ପଞ୍ଚମସ୍ଥାନ ଅଧିକାର କରି କଲେଜର ନାମକୁ ଖୋର୍ଦ୍ଧା ଜିଲାରେ ଗୌରବାନ୍ୱିତ କରିଥିବାରୁ ଭାରପ୍ରାପ୍ତ ଅଧ୍ୟକ୍ଷ ଅଧାପିକା ଓ ଅଧ୍ୟାପକମାନେ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଛନ୍ତି।

# ରାସ୍ତା ନିର୍ମାଣ କାର୍ଯ୍ୟର ଶୁଭାରମ୍ଭ କଲେ ଜଟଣୀ ବିଧାୟକ


ବିଧାୟକ ସୁରେଶ କୁମାର ରାଉତରାୟ ରାସ୍ତା କାର୍ଯ୍ୟର ଶୁଭାରମ୍ଭ କରୁଛନ୍ତି।

**ଜଟଣୀ,୧୪।୬(ରବୀନ୍ଦ୍ରନାଥ ମହାକୁଡ଼)**

ଜଟଣୀର ବହୁ ପ୍ରତିକ୍ଷୀତ ବେଣାପଞ୍ଜରି- ଅଁଳାଯୋଡ଼ି- ଛତିପୁର ରାସ୍ତା କାର୍ଯ୍ୟର ଉଦ୍‌ଘାଟନ ବୁଧବାର ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟଙ୍କ ଦ୍ୱାରା ହୋଇଯାଇଛି। ବେଣାପଞ୍ଜରି ଗ୍ରାମର ସାମାଜିକ କର୍ମୀ ମହମ୍ମଦ ହଜବୁଦ୍ଦିନ ନଡ଼ିଆ ଭାଙ୍ଗି ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲାବେଳେ ବିଧାୟକ ରାଉତରାୟ ରାସ୍ତା କାମର ଶୁଭାରମ୍ଭ କରିଥିଲେ। ଉକ୍ତ ରାସ୍ତା କାର୍ଯ୍ୟ ପାଇଁ ୧କୋଟି ୫୨ଲକ୍ଷ ଟଙ୍କା ବ୍ୟୟ ମଞ୍ଜୁର ହୋଇଥିବା ବେଳେ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ନିର୍ମାଣ କରାଯିବ। ଏହି ରାସ୍ତା କାମ ଏକ ବର୍ଷ ମଧ୍ୟରେ ସରିବ ବୋଲି ବିଧାୟକ ଘୋଷଣା କରିଛନ୍ତି। ଏହି ରାସ୍ତାଟି ସମ୍ପୂର୍ଣ୍ଣ ହେଲେ ୮ଟି ପଞ୍ଚାୟତ ଓ ୩ଟି ଜିଲାକୁ ଗମନାଗମନ ପାଇଁ ସୁବିଧା ହେବ ବୋଲି ବିଧାୟକ କହିଥିଲେ। ପ୍ରକାଶ ଥାଉ କି, ଉକ୍ତ ରାସ୍ତା ନିର୍ମାଣ ନେଇ ଦୀର୍ଘ ବର୍ଷ ଧରି ଦାବି ହେଉଥିଲେ ମଧ୍ୟ କୌଣସି କାରଣରୁ ହୋଇପାରୁ ନ ଥିଲା। ଫଳରେ ଗ୍ରାମର ହଜାର ହଜାର ଜନସାଧାରଣ ବର୍ଷ ବର୍ଷ ଧରି ଯାତାୟାତରେ ହଇରାଣ ହେଉଥିଲେ। ଜନସାଧାରଣଙ୍କ ଦୀର୍ଘ ବର୍ଷର ଦାବିକୁ ଦୃଷ୍ଟିରେ ରଖି ଗତ ୧୦ ତାରିଖରେ ପୁରୀ ଜିଲା ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ ଅଁଳାଯୋଡି ପ୍ରାଥମିକ ବିଦ୍ୟାଳୟରେ ଅଁଳାଯୋଡ଼ି -ଛତିପୁର ଏବଂ ବେଣାପଞ୍ଜରୀ ରାସ୍ତାର ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। କୌଣସି କାର୍ଯ୍ୟରୁ ରାସ୍ତାର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇପାରୁ ନ ଥିଲା। ତେବେ ସବୁ ପ୍ରକାର ଆଲୋଚନା ସରିବା ପରେ ବୁଧବାର ଉକ୍ତ ରାସ୍ତାର ନିର୍ମାଣ କାର୍ଯ୍ୟ ଆରମ୍ଭ କରିଛନ୍ତି ଜଟଣୀ ବିଧାୟକ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କ୍ୟାପଟେନ ମନ୍ମଥ ରାଉତରାୟ, ଅଶୋକ ମଙ୍ଗରାଜ, ପ୍ରଶାନ୍ତ ବଳିଆରସିଂ, ଶେଖ ଯୁମା, ବେଣୁଧର ପାଇକରାୟ, ସୁରେଶ ମହାନା ପ୍ରମୁଖଙ୍କ ସହିତ ଶତାଧିକ କଂଗ୍ରେସ ନେତା ଓ କର୍ମୀ ତଥା ସ୍ଥାନୀୟ ବାସିନ୍ଦା ଯୋଗଦେଇଥିଲେ।

## ୭୦ ଯୁକ୍ତ ୨ ରେସିଡେନ୍ସିଆଲ ସ୍କୁଲକୁ ମିଳିଲା ଅନୁମତି

**ଭୁବନେଶ୍ୱର,୧୪।୬(ଅନୁରାଧା ମହାରଣା)**

ରାଜ୍ୟରେ ୨୦୬୫ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଥିବାବେଳେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ପୁଣି ୭୦ଟି ରେସିଡେନ୍ସିଆଲ ବା ଆବାସିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଖୋଲିବାକୁ ଅନୁମତି ଦିଆଯାଇଛି। ଅନୁଗୋଳରେ ୯ଟି ନୂଆ ରେସିଡେନ୍ସିଆଲ ସ୍କୁଲ ଖୋଲିବାକୁ ଅନୁମତି ମିଳିଥିବା ବେଳେ ବରଗଡରେ ୩, ଭଦ୍ରକରେ ୫, ବଲାଙ୍ଗୀରରେ ୬, ବୌଦ୍ଧରେ ୩, ଢେଙ୍କାନାଳରେ ୪, ଝାରସୁଗୁଡାରେ ୨, କଳାହାଣ୍ଡିରେ ୫, କେନ୍ଦୁଝରରେ ୫, କୋରାପୁଟରେ ୩, ମାଲକାନଗିରିରେ ୨, ମୟୂରଭଞ୍ଜରେ ୩, ନବରଙ୍ଗପୁରରେ ୪, ରାୟଗଡାରେ ୮ ଓ ସୋନପୁରରେ ୮ଟି ନୂଆ ଆବାସିକ ଉଚ୍ଚ ମାଧ୍ୟମିକ ଖୋଲିବାକୁ ଅନୁମତି ମିଳିଛି। ଯେଉଁସବୁ ଆବାସିକ ଉଚ୍ଚ ମାଧ୍ୟମିକ ଖୋଲିବାକୁ କର୍ତ୍ତୃପକ୍ଷ ଆବେଦନ କରିଥିଲେ, ସମ୍ପୃକ୍ତ ଅନୁଷ୍ଠାନରେ ପାଠାଗାର, ଉଚ୍ଚ ମାଧ୍ୟମିକ ନିର୍ଦ୍ଦେଶାଳୟଙ୍କ ପାଖରେ ୧୦ ବର୍ଷ ଲାଗି ୨୦ କିମ୍ବା ୧୦ଲକ୍ଷ (କେବିକେ, ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ) ଟଙ୍କା ଜମା କରିବା ସହ କଲେଜ ନାଁରେ କରେଣ୍ଟ ଆକାଉଣ୍ଟରେ ୮ଲକ୍ଷ କିମ୍ବା ୪ଲକ୍ଷ (ଯଦି କେବିକେ, ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ)ଲାଗି ଜମା କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

# ରୋଗୀଙ୍କ ମୁହଁରେ ହସ ଫୁଟାଏ ବିନ୍ଦୁଏ ରକ୍ତ

## ୧୦ ରକ୍ତଦାତା ସମ୍ବର୍ଦ୍ଧିତ

**ଖୋର୍ଦ୍ଧା,୧୪।୬ (ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ଜିଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ଜିଲା ମୁଖ୍ୟ ଚିକିତ୍ସାଳୟ କାର୍ଯ୍ୟାଳୟ ପ୍ରଶିକ୍ଷଣ କକ୍ଷରେ ବୁଧବାର ବିଶ୍ୱ ରକ୍ତଦାତା ଦିବସ ପାଳିତ ହୋଇଯାଇଛି। ଏଡିପିଏଚ୍‌ଓ (ପରିବାର କଲ୍ୟାଣ) ଡା. ରଘୁନାଥ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ରକ୍ତଭଣ୍ଡାର ଅଧିକାରୀ ସୌରଭ ରାୟ ଯୋଗଦେଇଥିଲେ। ଡିପିଏଚ୍‌ଓ ପ୍ରସନ୍ନ କୁମାର ମହାପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

ଏହି ଅବସରରେ ଏଡିପିଏଚ୍‌ଓ(ପରିବାର କଲ୍ୟାଣ) ନାୟକ କହିଲେ ଯେ, ଜୀବନ ଧାରଣ ଲାଗି ରକ୍ତର ଆବଶ୍ୟକତା ରହିଛି। ଶରୀରର ସମସ୍ତ ଆଭ୍ୟନ୍ତରୀଣ ଅଙ୍ଗପ୍ରତ୍ୟଙ୍ଗକୁ ରକ୍ତ ସଞ୍ଚାଳିତ ହୋଇଥାଏ। ଚିକିତ୍ସା ବିଜ୍ଞାନ ଆଶାତୀତ ସଫଳତା ହାସଲ କରିଥିଲେ ମଧ୍ୟ ବିଶେଷଜ୍ଞମାନେ ବିନ୍ଦୁଏ ରକ୍ତ ତିଆରି ଲାଗି ସକ୍ଷମ ହୋଇପାରିନାହାନ୍ତି। ଏହାର ଏଯାବତ ବିକଳ୍ପ ବାହାରି ପାରିନାହିଁ। କୌଣସି ବ୍ୟକ୍ତିଙ୍କୁ ଦୁର୍ଘଟଣା ଅଥବା ଚିକିତ୍ସା ସମୟରେ ଜଣେ ସୁସ୍ଥ ବ୍ୟକ୍ତିଙ୍କଠାରୁ ରକ୍ତ ନେବାକୁ ପଡ଼ିଥାଏ। ଯଥା ସମୟରେ ରକ୍ତ ନ ମିଳିଲେ, ରୋଗୀର ଜୀବନ ମଧ୍ୟ ଚାଲିଯାଏ। ଏଣୁ ଯେଉଁମାନେ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରି ରୋଗୀର ଜୀବନ ବଞ୍ଚାଉଛନ୍ତି, ସେମାନେ ହେଉଛନ୍ତି ଦେବଦୂତ ସଦୃଶ। ପ୍ରତ୍ୟେକ ଦିନ ୧୧ଶହରୁ ଉର୍ଦ୍ଧ୍ୱ ଗୁରୁତର ରୋଗୀଙ୍କ ପାଇଁ ରକ୍ତ ଆବଶ୍ୟକ ପଡ଼ିଥାଏ। ପ୍ରତିବର୍ଷ ଭାରତ ବର୍ଷରେ ୨.୬ଲକ୍ଷଙ୍କ ଗୁରୁତର ଦୁର୍ଘଟଣା ଘଟୁଥିବା ବେଳେ ସେହି ତୁଳନରେ ଜନ୍ମ ମଧ୍ୟ ହୋଇଥାଏ। ୧.୫ ଥାଲାସେମିଆ ରୋଗୀଙ୍କୁ ଦୈନିକ ରକ୍ତର ଆବଶ୍ୟକ ପଡ଼ିଥାଏ। ଗ୍ରୀଷ୍ମ ଦିନ ଆସିଲେ ଆବଶ୍ୟକତାଠାରୁ ୫୦ ପ୍ରତିଶତ ରକ୍ତ ଅଭାବ ରହିଥାଏ। ଏଣୁ ସ୍ୱେଚ୍ଛାକୃତ ରକ୍ତଦାନର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ।

ସେହିପରି ରକ୍ତ ଭଣ୍ଡାର ଅଧିକାରୀ ରାୟ କହିଲେ, ରକ୍ତଦାନ ଏକ ମହତ ଦାନ। ୧୮ ବର୍ଷରୁ ଉର୍ଦ୍ଧ୍ୱ ପ୍ରତ୍ୟେକ ସୁସ୍ଥ ବ୍ୟକ୍ତି ରକ୍ତ ଦେଇପାରିବେ। ଗୋଟିଏ ବିନ୍ଦୁ ରକ୍ତ ଅନେକ ରୋଗୀଙ୍କ ମୁଖରେ ହସ ଫୁଟାଇପାରିବ। ବାହାନଗା ରେଳ ଦୁର୍ଘଟଣାର ଆହତଙ୍କ ଲାଗି ଅନେକ ବ୍ୟକ୍ତି ସ୍ୱେଚ୍ଛାକୃତ ରକ୍ତଦାନ କରି ସମାଜରେ ଉଦାହରଣ ସୃଷ୍ଟି କରିଛନ୍ତି। ରକ୍ତଦାନ ଲାଗି ପ୍ରତ୍ୟେକ ବ୍ୟକ୍ତି ଆଗେଇ ଆସିଲେ, ରକ୍ତଭଣ୍ଡାରରେ ରକ୍ତର ଅଭାବ ରହିବ ନାହିଁ ବୋଲି ସେ କହିଥିଲେ। ଏହି ଅବସରରେ କ୍ରମାଗତ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରୁଥିବା ଜଣେ ଦିବ୍ୟାଙ୍ଗ ଯୁବତୀଙ୍କ ସମେତ ୧୦ଜଣ ରକ୍ତଦାତାଙ୍କୁ ମାନପତ୍ର ଓ ଟ୍ରଫି ଦେଇ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ରକ୍ତଦାତାମାନେ ସେମାନଙ୍କ ଅନୁଭୂତି ବ୍ୟକ୍ତ କରିଥିଲେ। ରକ୍ତଭଣ୍ଡାରର ଅରୁଣ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ଅନ୍ୟ କର୍ମଚାରୀମାନେ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ଆଶାକର୍ମୀ, ଅଙ୍ଗନୱାଡ଼ି କର୍ମୀ, ଏକାଧିକ ରକ୍ତଦାତା, ସାମାଜିକ ଅନୁଷ୍ଠାନର କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ।


ଅଧିକାରୀମାନେ ଜଣେ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

# ଟାଙ୍ଗୀରେ ରଜ ଉତ୍ସବ ଉଦ୍‌ଘାଟିତ

**ଟାଙ୍ଗୀ(ଖୋର୍ଦ୍ଧା),୧୪।୬(ରଘୁନାଥ ସାହୁ)**


ସାହିତ୍ୟ ଘର ତରଫରୁ ଅନୁଷ୍ଠିତ ରଜ ମହୋତ୍ସବରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

ଟାଙ୍ଗୀରେ ପ୍ରଥମଥର ପାଇଁ ସାହିତ୍ୟ ଘର ତରଫରୁ ମା ରତ୍ନମାଳି ମନ୍ଦିର ପରିସରରେ ରଜ ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି। ସାହିତ୍ୟ ଘର ସଭାପତି ବିଜୟ କୁମାର ରାଉତ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥି ଭାବେ ସରପଞ୍ଚ କିଶୋର କୁମାର ବେହେରା, ସମ୍ମାନିତ ଅତିଥି ଭାବେ ବିଜେଡି ଯୁବ ସଭାପତି ଚିନ୍ମୟ ପୃଷ୍ଟି, ଶ୍ରୀ ଜଗନ୍ନାଥ ସଂସ୍କୃତି ଗବେଷକ ଡ.ଚନ୍ଦ୍ରଶେଖର ଦାଶ, ବରିଷ୍ଠ କବି ବାସୁଦେବ ସିଂ, କାହ୍ନୁଚରଣ ମିଶ୍ର ପ୍ରମୁଖ ଯୋଗଦେଇ ରଜ ଉତ୍ସବର ମାହାତ୍ମ୍ୟ ବିଷୟରେ ମତବ୍ୟକ୍ତ କରିଥିଲେ। ସମ୍ପାଦକ ରବୀନ୍ଦ୍ର କୁମାର ନାୟକ ଅତିଥି ପରିଚୟ ଓ ଉଦେଶ୍ୟ ଜ୍ଞାପନ କରିଥିଲେ। ମୁଖ୍ୟ ଅତିଥି ବେହେରା ରଜଦୋଳି ଉଦ୍‌ଘାଟନ କରିବା ପରେ ବାଳିକାମାନେ ଆଗ୍ରହର ସହ ଗୀତ ଗାଇ ଦୋଳି ଖେଳିଥିଲେ। ଏହି ଅବସରରେ କୁଇଜ, ହୁଳହୁଳି, ଦଉଡ଼ି ଡିଆଁ, ରଜଦୋଳି, ଗୀତ ଆଦି ପ୍ରତିଯୋଗିତା ହୋଇଥିଲା। ୧୦୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ପ୍ରତିଯୋଗିତାରେ ଭାଗ ନେଇଥିଲେ। ବିଚାରକ ଭାବେ ବାସୁଦେବ ସିଂ, ବିକ୍ରମାଦିତ୍ୟ ବାରିକ, ମାଧବ ମହାରଣା, କୁନ୍ତଳା ସାହୁ, ସଂଘମିତ୍ରା ସାହୁ, ବିଜୟିନୀ ସୁଦକ୍ଷିଣା ଦାଶ ଯୋଗଦେଇଥିଲେ। ସଭ୍ୟ ପ୍ରଦୀପ କୁମାର ସାହୁ, ବୀରେନ ସାହୁ, ଉମେଶ ପ୍ରସାଦ ଧଳ, ଲିଙ୍ଗରାଜ ସାହୁ, ସୁଶୀଲ ମହାପାତ୍ର, ନନ୍ଦ କିଶୋର ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ରକ୍ତଦାନ କଲେ ଅନ୍ୟର ଜୀବନ ବଞ୍ଚିଥାଏ

## ବିଶ୍ୱ ରକ୍ତଦାତା ଦିବସରେ ୭୨ ୟୁନିଟ୍ ରକ୍ତ ସଂଗ୍ରହ

**ବେଗୁନିଆ,୧୪।୬(ହରପ୍ରସନ୍ନ ପଣ୍ଡା)**

ଖୋର୍ଦ୍ଧା ଜିଲା ବେଗୁନିଆ ସଦର ମହକୁମାସ୍ଥିତ ଆଦର୍ଶ କ୍ଲବ ଆନୁକୂଲ୍ୟରେ ବୁଧବାର ବିଶ୍ୱ ରକ୍ତଦାତା ଦିବସ ପାଳିତ ହୋଇଯାଇଛି। ନୟାଗଡ଼ ରକ୍ତ ଭଣ୍ଡାରର ଡା. ସତ୍ୟପ୍ରକାଶ ସାହୁ, ଲ୍ୟାବ ଟେକ୍ନିସିଆନ ପ୍ରକାଶ କୁମାର ପାଣିଗ୍ରାହୀ, ରବୀନ୍ଦ୍ର ନାଥ ସାହୁ, ମାନସ କୁମାର ବେହେରା, ସସ୍ମିତା ଦାସ ଓ ସହାୟକ ପଞ୍ଚୁ ଦଳେଇ ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ। ଶିବିରରେ ସମୁଦାୟ ୭୨ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି। ପରେ ଆୟୋଜକ କ୍ଲବ ସଭାଗୃହ ପରିସରରେ ସଭାପତି ସୂର୍ଯ୍ୟକାନ୍ତ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ବିଶିଷ୍ଟ ଭାଷାବିତ ପଦ୍ମଶ୍ରୀ ଡ. ଦେବୀପ୍ରସନ୍ନ ପଟ୍ଟନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ବରିଷ୍ଠ ନାଗରିକ ଡ. ହରିପ୍ରସାଦ ଦାସ, ନାଟ୍ୟକାର ଡ. ବନବିହାରୀ ମହାପାତ୍ର ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ। ପ୍ରଫେସର ରବୀନ୍ଦ୍ର ନାଥ ପାଣିଗ୍ରାହୀ କାର୍ଯ୍ୟକ୍ରମ ସଂଯୋଜନା କରିବା ସହ ରକ୍ତଦାନ ସମ୍ପର୍କିତ ସଚେତନତା ସଙ୍ଗୀତ ଗାନ କରିଥିଲେ। ଉପସ୍ଥିତ ସ୍ୱେଚ୍ଛାସେବୀମାନେ ରକ୍ତଦାନ ପାଇଁ ସେଠାରେ ସଂକଳ୍ପ ନେଇଥିଲେ। ସମ୍ପାଦକ ରାମଚନ୍ଦ୍ର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ରକ୍ତ ଦାନ କଲେ ଅନ୍ୟର ଜୀବନ ବଞ୍ଚାଇବାରେ ସହାୟକ ହୁଏ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ସ୍ୱେଚ୍ଛାକୃତ ରକ୍ତଦାନ କରିଥିବା ଅବସରରେ ସାମାଜିକ କର୍ମୀ ପବିତ୍ର ମୋହନ ପରିଡାଙ୍କୁ ମାନପତ୍ର ସହ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ସୁଧାକର ସାମନ୍ତରାୟ ସୁଶ୍ରୀ ସଂଘମିତ୍ରା ରଥ, ଶିକ୍ଷାବିତ ଶରତ ପଣ୍ଡା ଓ ସୁରେନ୍ଦ୍ର ସୁବୁଦ୍ଧି ପ୍ରମୁଖ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଶେଷରେ କବି ପ୍ରସନ୍ନ ମଣ୍ଡଳ ଉଦ୍‌ଯାପନୀ ସଙ୍ଗୀତ ଗାନ କରିଥିବାବେଳେ ଶିକ୍ଷୟିତ୍ରୀ ପ୍ରତିମା ପ୍ରଧାନ ଧନ୍ୟବାଦ ଦେଇଥିଲେ।

# ପ୍ରତିବାଦରେ ଜଟଣୀ କଂଗ୍ରେସର ଥାନା ଘେରାଉ

## ମହିଳାଙ୍କୁ ଦୁର୍ବ୍ୟବହାର, ସ୍ୱାମୀଙ୍କୁ ଛୁରାମାଡ଼ ଘଟଣା

■ ସପ୍ତାହେ ହେଲାଣି ଅଭିଯୁକ୍ତଙ୍କୁ ଧରିପାରୁନି ପୋଲିସ

**ଜଟଣୀ,୧୪।୬(ରବୀନ୍ଦ୍ରନାଥ ମହାକୁଡ଼)**


ପୋଲିସ କାର୍ଯ୍ୟ ବିରୋଧରେ ବୁଧବାର ଜଟଣୀ କଂଗ୍ରେସ ପକ୍ଷରୁ ଥାନା ଘେରାଉ କରାଯାଇଛି।

ଜଟଣୀ ବ୍ଲକ ଅଧୀନ ପଦନପୁର ପଞ୍ଚାୟତରେ ଜଣେ ମହିଳାଙ୍କୁ ଦୁର୍ବ୍ୟବହାର ଏବଂ ସ୍ୱାମୀଙ୍କୁ ଛୁରିମାଡ଼ ଘଟଣାକୁ ୭ଦିନ ବିତିଯାଇଥିଲେ ମଧ୍ୟ ପୋଲିସ ପକ୍ଷରୁ ଆକ୍ରମଣକାରୀଙ୍କୁ ଧରିପାରୁ ନାହିଁ। ଏହାର ପ୍ରତିବାଦରେ ବୁଧବାର ସ୍ଥାନୀୟ ଗ୍ରାମବାସୀଙ୍କ ସହିତ ଜଟଣୀ କଂଗ୍ରେସ ପକ୍ଷରୁ ଜଟଣୀ ଥାନା ଘେରାଉ କରାଯାଇଥିଲା। ଅଭିଯୋଗ ଅନୁଯାୟୀ, ଉକ୍ତ ପଞ୍ଚାୟତ ଉପରବସ୍ତ ଗ୍ରାମରେ ଗତ ୯ତାରିଖରେ ୧୮ ନମ୍ବର ୱାର୍ଡର ୱାର୍ଡମେମ୍ବର ସାଗର ମାହାନାଙ୍କ ଘରକୁ ସେହି ଗ୍ରାମର ଜଣେ ଦୁର୍ବୃତ୍ତ ଯାଇ କୌଣସି କାରଣକୁ ନେଇ ସାଗରଙ୍କୁ ଖୋଜିଥିଲା ଏବଂ ସେ ଘରେ ନଥିବାରୁ ତାଙ୍କ ସ୍ତ୍ରୀଙ୍କୁ ଟଣା ଓଟରା କରି ଦୁର୍ବ୍ୟବହାର କରିଥିଲା। ସେଠାରୁ ଆସି ଗାଁ ମଝିରେ ଥିବା ଏକ ଚା' ଦୋକାନରେ ସାଗର ଥିବା ଜାଣି ତାଙ୍କୁ ୩ଥର ଛୁରାମାଡ଼ କରିଥିଲା। ଗୁରୁତର ସାଗରଙ୍କୁ ପ୍ରଥମେ ଜଟଣୀ ସ୍ୱାସ୍ଥ୍ୟକେନ୍ଦ୍ର ପରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଏନେଇ ସାଗରଙ୍କ ସ୍ତ୍ରୀ ଥାନାରେ ଅଭିଯୋଗ କରିଥିଲେ। ହେଲେ ପୋଲିସ କେବଳ ମାମଲା ରୁଜୁ କରି ଚୁପ ବସିଯାଇଛି। ଅଭିଯୋଗକୁ ସପ୍ତାହେ ବିତି ଯାଇଥିଲେ ସୁଦ୍ଧା ପୋଲିସ ଅଭିଯୁକ୍ତଙ୍କୁ ଧରିବାରେ ସକ୍ଷମ ହୋଇନାହିଁ। ପୋଲିସର ଏଭଳି ନିଷ୍କ୍ରିୟତାକୁ ପ୍ରତିବାଦ କରି ଜଟଣୀ କଂଗ୍ରେସ ପକ୍ଷରୁ ଏହି ଧାରଣା ଦିଆଯାଇଥିଲା. ପୀଡିତ ୱାର୍ଡମେମ୍ବରଙ୍କ ପରିବାର ସହ ବିଧାୟକ ସୁର ରାଉତରାୟଙ୍କ ସାନପୁଅ ମନ୍ମଥ ରାଉତରାୟ, ଜଟଣୀ ନଗର କଂଗ୍ରେସ ସଭାପତି ଅଶୋକ ମଙ୍ଗରାଜ, ସୁନୀଲ ରାଉତରାୟ, ନୌସର ଅଲ୍ଲୀ, କଳିଙ୍ଗ ସାହୁ, ପଦନପୁର ସରପଞ୍ଚ ଅହଲ୍ୟା ନାୟକ ଏବଂ ଅନ୍ୟମାନେ ଧାରଣା ଦେଇଥିଲେ। ତେବେ ଧାରଣା ପାଇଁ ଦୀର୍ଘ ସମୟ ଧରି ଜଟଣୀ ପିପିଲି ଏବଂ ଖୋର୍ଦ୍ଧାକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାରେ ଯାତାୟାତରେ ଅସୁବିଧା ଦେଖା ଦେଇଥିଲା। ପରେ ଥାନାଧିକାରୀ ଆସି ଧାରଣାକାରୀଙ୍କ ସହ ଆଲୋଚନା କରିବା ସହ ଦୋଷୀଙ୍କୁ ଖୁବଶୀଘ୍ର ଧରାଯିବ ବୋଲି ପ୍ରତିଶ୍ରୁତି ଦେବାରୁ ଧାରଣା ହଟିଥିଲା। ଏହାପରେ ଯାତାୟାତ ସ୍ୱାଭାବିକ ହୋଇଥିଲା।

## ସଂକ୍ଷେପରେ

### ଯୁବତୀଙ୍କୁ ପ୍ରତାରଣା, ଯୁବକ ଗିରଫ

**ଗୋପ,୧୪।୬ (ଭାରତୀ ଭୂଷଣ ଉପାଧ୍ୟାୟ):** ଯୁବତୀଙ୍କୁ ପ୍ରତାରଣା କରିବା ଅଭିଯୋଗରେ ଗୋପ ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରିବୁଧବାର କୋର୍ଟ ଚାଲାଣ କରିଛି। ସେ ହେଲେ ନିମାପଡ଼ା ଥାନା ଅନ୍ତର୍ଗତ ଆମରଙ୍ଗ ଗ୍ରାମର ଜଗବନ୍ଧୁ ସ୍ୱାଇଁ (୩୬)। ମାନ୍ୟବର କୋର୍ଟ ଅଭିଯୁକ୍ତଙ୍କ ଜାମିନ ନାମଞ୍ଜୁର କରି ଜେଲ ହାଜତକୁ ପଠାଇ ଦେଇଛନ୍ତି। ଏ ନେଇ ପୋଲିସ ଏକ ମାମଲା(ନଂ.୨୭୫/୨୩) ରୁଜୁ କରି ତଦନ୍ତ ଚଳାଇଛି। ଏପଟେ ଅଭିଯୁକ୍ତ ଯୁବକଙ୍କ ସହିତ ଯୁବତୀଙ୍କ ଡାକ୍ତରୀ ମାଇନା କରାଯାଇଛି। ପ୍ରକାଶ ଯେ, ଯୁବକ ଜଣଙ୍କ ଏକ ବେସରକାରୀ ସଂସ୍ଥାରେ ଚାକିରି କରିବା ସମୟରେ ଗୋପ ଥାନା ଅଞ୍ଚଳର ଯୁବତୀଙ୍କୁ ଭଲ ପାଇବା ସହିତ ବିବାହ ପ୍ରତିଶ୍ରୁତି ଦେଇଥିଲା। ଦୀର୍ଘଦିନ ଧରି ମିଥ୍ୟା ପ୍ରଲୋଭନ ଦେଖାଇ ଯୁବତୀଙ୍କ ସହିତ ଶାରୀରିକ ସମ୍ପର୍କ ରଖିଥିଲା। କିଛି ଦିନ ପୂର୍ବେ ଯୁବକ ଜଣଙ୍କ ଯୁବତୀର ଅଗୋଚରରେ ବିବାହ କରିବା ଖବର ଯୁବତୀ ଜାଣିଥିଲେ। ଫଳରେ ଯୁବକ ଜଣକ ପ୍ରତାରଣା କରିଥିବା ନେଇ ନ୍ୟାୟ ପାଇବା ନିମନ୍ତେ ଗୋପ ଥାନାରେ ଯୁବତୀ ଅଭିଯୋଗ କରିଥିଲେ। ଅଭିଯୋଗକ୍ରମେ ପୋଲିସ ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲେ। ଦଳିତ ସମ୍ପ୍ରଦାୟର ଯୁବତୀ ଜଣଙ୍କ ହୋଇଥିବାରୁ ପୁରୀ ମହିଳା ଡିଏସ୍‌ପି ତାରା ଗୁଡିଆ ମାମଲା ନେବା ସହ ଗୋପ ଥାନାରେ ପହଞ୍ଚି ତଦନ୍ତ କରୁଥିବା ଜଣାପଡିଛି।

### ଟ୍ରକ୍-କାର୍ ଧକ୍କା: ୭ ଆହତ



**କଣାସ,୧୪।୬(ବିଭୂତି ଭୂଷଣ ତ୍ରିପାଠୀ):** କଣାସ ଥାନା ଅନ୍ତର୍ଗତ ନୂଆଜଗନ୍ନାଥ ସଡ଼କର ଜଙ୍କିଆ ବଜାର ନିକଟରେ କାର୍ ଓ ଟ୍ରକ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଫଳରେ ଇଟିକାରେ ଥିବା ୭ଜଣ ବ୍ୟକ୍ତି ଆହତ ହୋଇଛନ୍ତି। ସେମାନଙ୍କୁ କଣାସ ପରେ ଭୁବନେଶ୍ୱର ଡାକ୍ତରଖାନାକୁ ନିଆଯାଇଥିବା ଜଣାପଡିଛି। ସୂଚନା ମୁତାବକ, ବ୍ରହ୍ମଗିରି ଅଞ୍ଚଳର ୭ଜଣ କାର୍‌ରେ ବାଲୁଗାଁଠାରୁ ବ୍ରହ୍ମଗିରିକୁ ଯାଉଥିଲେ। ପୁରୀରୁ ନିରାକାରପୁର ଯାଉଥିବା ଏକ ଟ୍ରକ (ନଂ. ଓଆର୧୬ଡି୦୬୬୮) ସହ କାର୍ ମୁହାଁମୁହିଁ ଧକ୍କା ହୋଇଥିଲା। ଆହତ ରଶ୍ମିତା ପ୍ରଧାନ, ପ୍ରହ୍ଲାଦ ହାବୁଡାସିଂ, ଝିଲି ହାବୁଡାସିଂ ପ୍ରମୁଖ ୭ ଜଣଙ୍କୁ କଣାସ ଡାକ୍ତରଖାନାକୁ ଚିକିତ୍ସା ନିମନ୍ତେ ନିଆଯାଇଥିଲା। ସେମାନଙ୍କ ମଧ୍ୟରୁ ୨ ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡିଯିବାରୁ ଦୁହିଁଙ୍କୁ ଭୁବନେଶ୍ୱର ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଘଟଣାସ୍ଥଳରେ କିଛି ସମୟ ଧରି ସ୍ଥାନୀୟ ଲୋକ ରାସ୍ତାରୋକ କରିଥିଲେ। କଣାସ ଥାନା ଆଇଆଇସି ସୁଜିତ୍ ଦାସ ଘଟଣାସ୍ଥଳରେ ପହଞ୍ଚି ଉତ୍ତେଜିତ ଲୋକଙ୍କୁ ବୁଝାଶୁଝା କରିବା ପରେ ରାସ୍ତାରୋକ ହଟିଥିଲା। ଆକାଶ କୁମାର ଟ୍ରକ୍ ଧକ୍କା କରିଥିବା ନେଇ କଣାସ ଥାନାରେ ଏକ ଏତଲା ହୋଇଥିବା ଜଣାପଡିଛି। ଏତଲାକୁ ଭିତ୍ତିକରି ଏକ ମକଦ୍ଦମା ରୁଜୁ କରି ଆଇଆଇସି ତଦନ୍ତ ଚଳାଇଛନ୍ତି।

# ରଜଦୋଳିର ମଜା ନେଲେ ପର୍ଯ୍ୟଟକ



କୋଣାର୍କରେ ମନ୍ତ୍ରୀ ତୁଷାରକାନ୍ତି ବେହେରା ଦୋଳି ଖେଳୁଛନ୍ତି।



ପିପିଲିରେ ପିଲାମାନଙ୍କୁ ସଜ୍ଜିତ କରାଯାଉଛି।



ଡେଲାଙ୍ଗରେ ଆୟୋଜିତ ରଜ ମହୋତ୍ସବ।

**କୋଣାର୍କ,୧୪।୬ (ଜ୍ୟୋତିରାଜ ମହାନ୍ତି) /ପିପିଲି (ଦୁର୍ଗାମାଧବ ମିଶ୍ର)/ ଡେଲାଙ୍ଗ (ରଶ୍ମିରଞ୍ଜନ ପ୍ରଧାନ)**

## ଯୁବତୀ, ଯୁବକ, ମହିଳାଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା

ବିଶ୍ୱ ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ କୋଣାର୍କସ୍ଥିତ ଯାତ୍ରୀ ନିବାସଠାରେ ଓଡ଼ିଶାର ଗଣପର୍ବ ରଜ ଉତ୍ସବ ପହିଲି ରଜ ବୁଧବାର ମହାସମାରୋହରେ ପାଳିତ ହୋଇଯାଇଛି। ରଜ ହେଉଛି କୃଷିର ପର୍ବ ଓ ଏହାର ପରମ୍ପରା ଅତି ପ୍ରାଚୀନ। କୋଣାର୍କ ପର୍ଯ୍ୟଟନ ଅଧିକାରୀ ଅମିୟ ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରଜ ଉତ୍ସବ ସମାରୋହରେ ଅତିଥି ଭାବେ କୋଣାର୍କ ଏନ୍‌ଏସି ଅଧ୍ୟକ୍ଷା ସୁଶ୍ରୀ ସଂଯୁକ୍ତା ତ୍ରିପାଠୀ, ଉପାଧ୍ୟକ୍ଷ ସୁରେଶ ଚନ୍ଦ୍ର ରାଉତରାୟ, କୋଣାର୍କ ଥାନା ଅଧିକାରୀ ପଞ୍ଚାନନ ପରିଡ଼ା, ବରିଷ୍ଠ ନାଗରିକ ହରିଶ୍ଚନ୍ଦ୍ର ଦାଶ ଓ ଶିକ୍ଷାବିତ୍ ରବୀନ୍ଦ୍ର ନାଥ ବାହିନୀପତି ପ୍ରମୁଖ ଯୋଗଦେଇ ଗଣପର୍ବ ରଜର ମହତ୍ତ୍ୱ, ସଂସ୍କୃତି ଓ ପରମ୍ପରା ଉପରେ ଆଲୋକପାତ କରିଥିଲେ। ଏହି ଉପଲକ୍ଷେ ପର୍ଯ୍ୟଟକ ଓ ସ୍ଥାନୀୟ ଅଞ୍ଚଳର କୁଆଁରୀ ଝିଅ ରଜ ଦୋଳିର ମଜା ନେଇଥିଲେ। ଓଡ଼ିଆ ପରମ୍ପରାର ପୋଡ଼ ପିଠା, ଘିଅ ପିଠା, ଆରିଷା ପିଠା, କାକରା ପିଠା, ମଣ୍ଡା ପିଠା ସମେତ ବିଭିନ୍ନ ପ୍ରକାର ବ୍ୟଞ୍ଜନର ଷ୍ଟଲ ଖୋଲାଯାଇଥିଲା। କୋଣାର୍କସ୍ଥିତ ଭଗବତୀ ପୀଠଠାରେ ୨୪ତମ ରଜ ଉତ୍ସବକୁ ରାଜ୍ୟ କ୍ରୀଡ଼ା ଓ ଯୁବ ସେବା ମନ୍ତ୍ରୀ ତୁଷାରକାନ୍ତି ବେହେରା ଓ ଜଗତ୍‌ସିଂହପୁର ଏମ୍‌ପି ଡା. ରାଜଶ୍ରୀ ମଲ୍ଲିକ ଶୁଭାରମ୍ଭ କରି ରଜ ଦୋଳିର ମଜା ନେଇଥିଲେ। କୋଣାର୍କ ନାଟ୍ୟ ମଣ୍ଡପ କଳାକାରଙ୍କ ଦ୍ୱାରା ଗୋଟିପୁଅ ନୃତ୍ୟ ସମେତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

ସେହିପରି ପିପିଲି ଗ୍ରାମାଞ୍ଚଳରେ ଗଣପର୍ବ ରଜକୁ ଝିଅ ଓ ମହିଳାମାନେ ପାଳିଛନ୍ତି। ଗହଳିଚହଳି ଲାଗି ରହିଥିବା ସହ ହସ ଖୁସିରେ ନାଚରେ ଗାଁ ଦାଣ୍ଡ ଦୁଲୁକୁଛି। ଗାଁ ତୋଟାରେ ଦିନ ତମାମ କବାଡ଼ି ଖେଳ, ଲୁଡୁ, ତାସ ପାଳିର ଆସର ଜମୁଛି। ରଜ ଦୋଳି ସହିତ ପୁଚିର ମଜା ଉଠାଇବା ସହିତ ପରସ୍ପରକୁ ରଜ ପାନ ଖୁଆଖୋଇ ରଜ ପର୍ବର ମଜା ନେଉଛନ୍ତି। ଘରେ ପ୍ରସ୍ତୁତ ପିଠାପଣାକୁ ଆଣି ସମସ୍ତେ ଏକାଠି ହୋଇ ଖାଇଥିଲେ। ଗତ ୨ ବର୍ଷ ଧରି କୋଭିଡ କଟକଣା ପାଇଁ ଫିକା ପଡ଼ିଥିବା ରଜକୁ ପୁଣି ସମସ୍ତେ ଏକାଠି ହୋଇ ପାଳନ କରି ବେଶ ଉତ୍ସାହିତ ହୋଇଥିଲେ। ଓଡ଼ିଆଙ୍କ ଅନେକ ପର୍ବ ମଧ୍ୟରେ ରଜ ପର୍ବର ବିଶେଷତ୍ୱ ରହିଥିବାବେଳେ ରଜକୁ ସବୁବର୍ଗ ଓ ଧର୍ମାବଲମ୍ବୀ ପାଳନ କରି ଖୁସି ମନାଇଥାନ୍ତି।

ଡେଲାଙ୍ଗ ବ୍ଲକ ଗଡ଼ମୋଟରୀ ପଞ୍ଚାୟତ ଅନ୍ତର୍ଗତ ବିଶ୍ୱନାଥ ଦେବ ଉଚ୍ଚ ବିଦ୍ୟାଳୟ ପରିସରରେ ଡେଲାଙ୍ଗ ଶିଶୁ ସାହିତ୍ୟ ସଂସଦ ଆନୁକୂଲ୍ୟରେ ରଜ ମହୋତ୍ସବ ପାଳିତ ହୋଇଯାଇଛି। ଅନୁଷ୍ଠାନର ପ୍ରତିଷ୍ଠାତା କବୟିତ୍ରୀ ଲକ୍ଷ୍ମୀପ୍ରିୟା ଦାଶଙ୍କ ଆବାହକତ୍ୱରେ ଅନୁଷ୍ଠିତ ଉତ୍ସବରେ ବିଶିଷ୍ଟ ଅତିଥି ଭାବେ ଗାଳ୍ପିକ ତଥା ଶିଶୁ ସାହିତ୍ୟିକ ପ୍ରଶାନ୍ତ ମଙ୍ଗରାଜ, ମୁଖ୍ୟ ଅତିଥି ଭାବେ ଗାନ୍ଧିତତ୍ତ୍ୱ ପ୍ରଚାରକ ଅନାମ ମଲ୍ଲିକ, ମୁଖ୍ୟବକ୍ତା ଶ୍ୟାମସୁନ୍ଦର, ପାଠାଗାରର ପ୍ରତିଷ୍ଠାତା ତଥା କବି କାଶୀନାଥ ମହାପାତ୍ର, ବରିଷ୍ଠ ଖବରଦାତା ପ୍ରସନ୍ନ ତ୍ରିପାଠୀ, ଶିକ୍ଷକ ପର୍ଶୁରାମ ଜେନା, ପ୍ରଦୀପ ସେଠୀ ପ୍ରମୁଖ ଯୋଗଦେଇ ରଜପର୍ବର ସାଂସ୍କୃତିକ, ସାମାଜିକ କୃଷିଭିତ୍ତିକ ଓ ଆଧ୍ୟାତ୍ମିକ ପୃଷ୍ଠଭୂମି ସମ୍ପର୍କରେ ଆଲୋକପାତ କରିଥିଲେ। ଗୋଦାସାହି ବିଦ୍ୟାଳୟ ପ୍ରଧାନଶିକ୍ଷକ ଗୋପାଳଚନ୍ଦ୍ର ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହା ପାଳନ କରାଯାଇଥିଲା। ବିଭିନ୍ନ ପାରମ୍ପରିକ ପିଠାପଣା, ପୋଡ଼ପିଠା, ମିଠା, ଶୃଙ୍ଗାର ଦ୍ରବ୍ୟ ପ୍ରଦର୍ଶନୀ କରାଯାଇଥିଲା। ଯୁବତୀଙ୍କ ମଧ୍ୟରେ ପୁଚି, ଦୋଳି, ରଙ୍ଗୋଲି, ଅଳତାଲଗା, ରଜ କବିତା ଆବୃତ୍ତି ଓ ନୃତ୍ୟ ପ୍ରତିଯୋଗିତା କରାଯାଇଥିଲା। କୃତିତ୍ୱ ଅର୍ଜନ କରିଥିବା ଯୁବତୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ଅଭୟ ଚରଣ ସାହୁ ମଞ୍ଚ ପରିଚାଳନା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷକ ଦିଲୀପ ବେହେରା, ନୂତନ ପାଟଯୋଶୀ, ନରେନ୍ଦ୍ର ପୃଷ୍ଟି, ଲକ୍ଷ୍ମୀପ୍ରିୟା ଜୟସିଂ, ବିଜୟ ଲକ୍ଷ୍ମୀଜେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଓଟିଡିସି ପକ୍ଷରୁ ପାନ୍ଥ ନିବାସରେ ରଜ ଉତ୍ସବ

**ପୁରୀ, ୧୪।୬ (ଅଜିତ ମହାନ୍ତି)**

ରଜ ଆମ ଓଡ଼ିଆଙ୍କର ବଡ଼ ପର୍ବ। ଏହି ଗଣପର୍ବରେ ଘରେ ଘରେ ପିଠାପଣାର ଆସର ଜମେ। ଦୋଳି, କବାଡ଼ି, ଲୁଡୁ, ତାସ୍ ଇତ୍ୟାଦି ଖେଳ ମଧ୍ୟ ଆନନ୍ଦ ଦେଇଥାଏ। ବୁଧବାର ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ (ଓଟିଡିସି) ପକ୍ଷରୁ ପୁରୀ ପାନ୍ଥନିବାସରେ ରଜ ଉତ୍ସବ ପାଳନ କରାଯାଇଛି। ଉତ୍ସବରେ ଅତିଥି ଭାବେ ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ କୁମାର ସାହୁ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ମହାପାତ୍ର ଓ ପୌର ନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ ଯୋଗଦେଇଥିଲେ। ଛୋଟ ପିଲାମାନଙ୍କୁ ଦୋଳିରେ ବସାଇ ଅତିଥିମାନେ ଝୁଲାଇ ଥିଲେ। ପରେ ପାରମ୍ପରିକ ପୋଡ଼ପିଠା, ମଣ୍ଡା, କାକରା, ଆରିସା ଇତ୍ୟାଦି ସହ ପାନ ବ୍ୟବସ୍ଥାକୁ ଅତିଥିମାନେ ଉଦ୍‌ଘାଟନ କରିଥିଲେ। ପର୍ଯ୍ୟଟନ ସହକାରୀ ନିର୍ଦ୍ଦେଶକ ସରୋଜକାନ୍ତ ପ୍ରଧାନ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ଏବଂ ପୁରୀ ପାନ୍ଥନିବାସ ପରିଚାଳକ ଚନ୍ଦ୍ରକାନ୍ତ ଦାସ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।



ପୁରୀ ପାନ୍ଥ ନିବାସ ପରିସରରେ ଅତିଥିମାନେ ଦୋଳିରେ ଜଣେ ଝିଅକୁ ଝୁଲାଉଛନ୍ତି।

# ରଜ ମହୋତ୍ସବରେ ମନ ମୋହିଲା ନୃତ୍ୟ, ଗୀତ



ପୁରୀ ମୁକ୍ତାକାଶ ରଙ୍ଗମଞ୍ଚରେ ନୀଳାଦ୍ରି କଲ୍‌ଚରାଲ ଏକାଡେମୀ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି।

**ପୁରୀ ଅଫିସ, ୧୪।୬(ଅଜିତ୍ ମହାନ୍ତି)**

ନୀଳାଦ୍ରି କଲ୍‌ଚରାଲ ଏକାଡେମୀ ପକ୍ଷରୁ ମୁକ୍ତାକାଶ ରଙ୍ଗମଞ୍ଚରେ ବୁଧବାର ୨୧ ତମ ରଜ ମହୋତ୍ସବ ପାଳିତ ହୋଇଛି। ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୁରୀ ଜିଲା ବିଜେଡି ସଭାପତି ମହେଶ୍ୱର ମହାନ୍ତି ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ନଗରପାଳ ଶାନ୍ତିଲତା ପ୍ରଧାନ, ଓଡ଼ିଶା ବସ୍ ମାଲିକ ସଂଘ ସଭାପତି ଲୋକନାଥ ପାଣି, ନଗର ସଭାପତି ସବ୍ୟସାଚୀ ମହାପାତ୍ର, ସଙ୍ଗଠନର ସଭାପତି ପ୍ରଦ୍ୟୁମ୍ନ କୁମାର ମିଶ୍ର, ସମ୍ପାଦକ ପ୍ରମୋଦ କୁମାର ଜେନା, ଘରୋଇ ବସ ମାଲିକ ସଂଘ ଯୁଗ୍ମ ସମ୍ପାଦକ କୃଷ୍ଣଚନ୍ଦ୍ର ସେନାପତି, ଶ୍ରୀକ୍ଷେତ୍ର ଘରୋଇ ବସ୍ ମାଲିକ ସଂଘ ସଭାପତି ଚଣ୍ଡୀପ୍ରସାଦ ସିଂ, ସମ୍ପାଦକ ଲିଙ୍ଗରାଜ ପ୍ରଧାନ, ପୂର୍ବତନ ପୌର ସଦସ୍ୟ ପ୍ରଦୀପ କୁମାର ନାୟକ, ଯଜ୍ଞେଶ୍ୱର ମହାନ୍ତି, ସୁଧାଂଶୁବାଳା ପ୍ରଧାନ, ସାମାଜିକ କର୍ମୀ ହରିହର ପାଢ଼ୀ, ସ୍ମୃତି ରଞ୍ଜନ ଦାସ ଏବଂ ଯୁବନେତା ବସନ୍ତ କୁମାର ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ। ଓଡ଼ିଶାର ଗଣପର୍ବ ଭାବେ ପରିଚିତ 'ରଜ' ଆମ ସଂସ୍କୃତି ଓ ପରମ୍ପରାକୁ ଉଜ୍ଜୀବିତ ରଖିଛି ବୋଲି ଅତିଥିମାନେ କହିଥିଲେ। ପୂର୍ବରୁ ଅନୁଷ୍ଠିତ ହୋଇଥିବା ଝୋଟି, ନୃତ୍ୟ, ଶଙ୍ଖ, ହୁଳହୁଳି, ମ୍ୟୁଜିକ ଚେୟାର ପ୍ରତିଯୋଗିତାର ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ହାସଲ କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ମା' ମଙ୍ଗଳା ନୃତ୍ୟ ଏକାଡେମୀ, ନୀଳାଦ୍ରି ୟୁଥ୍ କଲ୍‌ଚରାଲ ଏକାଡେମୀ, ନଟରାଜ ଡ୍ୟାନ୍ସ ଏକାଡେମୀ, ସରସ୍ୱତୀ କଲ୍‌ଚରାଲ ଏକାଡେମୀ, ମହାବୀର ଡ୍ୟାନ୍ସ ଏକାଡେମୀର କଳାକାରଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା। ସଙ୍ଗଠନର ସମ୍ପାଦକ ପ୍ରମୋଦ କୁମାର ଜେନା ଧନ୍ୟବାଦ ଦେଇଥିଲେ।

## ପହିଲି ରଜରେ ହରଚଣ୍ଡୀ ହେଲେ କୁମାରୀ ବେଶ

**ବ୍ରହ୍ମଗିରି,୧୪।୬ (ସ୍ୱାଧୀନ ଚମ୍ପତିରାୟ)**

ବ୍ରହ୍ମଗିରି ପ୍ରସିଦ୍ଧ ବାଲି ହରଚଣ୍ଡୀ ପୀଠରେ ପହିଲି ରଜ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପହିଲି ରଜରେ ମା' କୁମାରୀ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି। ଓଡ଼ିଶାରେ ଥିବା ଶକ୍ତି ପୀଠଗୁଡ଼ିକ ମଧ୍ୟରୁ ବାଲି ହରଚଣ୍ଡୀ ପୀଠ ଅନ୍ୟତମ। ଧରିତ୍ରୀ ମା' ଯେତେବେଳେ ରଜସ୍ୱଳା ହୋଇଥାନ୍ତି, ସେହି ସମୟରେ ଓଡ଼ିଶାର ପୁରପଲ୍ଲୀରେ ରଜପର୍ବ ପାଳନ ହୋଇଥାଏ। ସେ ସମୟରେ ପୀଠରେ ରଜ ଉତ୍ସବ ମହାସମାରୋହରେ ୪ ଦିନ ଧରି ପାଳନ କରାଯାଏ। ରଜର ପ୍ରଥମ ଦିନ ପହିଲି ରଜରେ ମା' ବାଲିହରଚଣ୍ଡୀ କୁମାରୀ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ସକାଳର ସମସ୍ତ ନୀତିକାନ୍ତି ସରିବା ପରେ ଓଡ଼ିଆ ଘରର ରଜସ୍ୱଳା ନାରୀ ପରି ମା' ରଜସ୍ୱଳା ହୋଇଥିଲେ। ମା'ଙ୍କ ଏହି ବେଶ ଦେଖିବାକୁ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିଲା। ପୀଠରେ ରଜମଉଜ କରିବାକୁ ବ୍ରହ୍ମଗିରି, କୃଷ୍ଣପ୍ରସାଦ, ପୁରୀ ସଦର ବ୍ଲକର ଗ୍ରାମବାସୀ ଏଠାରେ ଅସ୍ଥାୟୀ ତମ୍ବୁ ଘର ନିର୍ମାଣ କରି ରଜମଉଜ କରିବାରେ ବ୍ୟସ୍ତ ହୋଇଯାଇଥିଲେ। ଏହି ରଜମଉଜ ଏ ଅଞ୍ଚଳରେ ଏକ ଭାଇଚାର ପ୍ରତୀକରୂପେ ଦେଖିବାକୁ ମିଳିଥାଏ।

# ରଜ ମହୋତ୍ସବ ଉଦ୍‌ଘାଟିତ

**ନିମାପଡ଼ା,୧୪।୬ (ବିଚିତ୍ରାନନ୍ଦ ସାହୁ)**

## ଦୋଳି ଖେଳିଲେ ବିଧାୟକ

ନିମାପଡ଼ା ବ୍ଲକ ଅନ୍ତର୍ଗତ ଭିଲିଗ୍ରାମ ପଞ୍ଚାୟତ ପକ୍ଷରୁ ୩ ଦିନିଆ ପଞ୍ଚାୟତସ୍ତରୀୟ ୬ଷ୍ଠ ରଜ ମହୋତ୍ସବ ବିଷ୍ଣୁପୁର ନୋଡାଲ ଉଚ୍ଚ ବିଦ୍ୟାଳୟଠାରେ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ମହୋତ୍ସବକୁ ବିଧାୟକ ସମୀର ରଞ୍ଜନ ଦାଶ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ରଜ ମହୋତ୍ସବ କମିଟି ସଭାପତି ସୀମାନ୍ତ ଶେଖର ରଥ, ସମ୍ପାଦକ ରବୀନ୍ଦ୍ର ନାୟକ, ଏମ୍‌ପିଙ୍କ ପ୍ରତିନିଧି ସୁଧୀର ରଞ୍ଜନ ଦାଶ, କମିଟି ବରିଷ୍ଠ ସଦସ୍ୟ ପୂର୍ଣ୍ଣଚନ୍ଦ୍ର ନାୟକ, ରତ୍ନାକର ମହାପାତ୍ର, ପୂର୍ଣ୍ଣଚନ୍ଦ୍ର ରଥ, ବାଳକୃଷ୍ଣ ଓଝା, ରଞ୍ଜନ ନାୟକ, ପ୍ରବୋଧ ପ୍ରଧାନ ପ୍ରମୁଖ ଯୋଗଦେଇ ଉତ୍ସବର ସଫଳ କାମନା କରିଥିଲେ। ଓଡ଼ିଶାର କଳା, ଐତିହ୍ୟ, ସଂସ୍କୃତି, ପରମ୍ପରାକୁ ଉଜ୍ଜୀବିତ ରଖିବା ସହ ପରମ୍ପରାକୁ ବିଶ୍ୱ ଦରବାରରେ ପରିଚିତ କରିବା ଏହି ରଜ ମହୋତ୍ସବର ମୂଳମନ୍ତ୍ର ବୋଲି ମୁଖ୍ୟ ଅତିଥି ଦାଶ କହିଥିଲେ। ମହୋତ୍ସବ ସ୍ଥଳରେ କିଏ ହେବ ରଜ କୁମାରୀ, ଶଙ୍ଖ ବାଦନ, ହୁଳହୁଳି, ପୁଚିଖେଳ, କାନ୍ଦଣା, ଝୋଟିପକା, ଡଗଡମାଳି, ଗୋଷ୍ଠୀ ନୃତ୍ୟ, ଡୁଏଟ ନୃତ୍ୟ, ତାସ ଖେଳ, ଏକକ ଅଭିନୟ, କଣ୍ଠ ସଙ୍ଗୀତ ଆଦି କାର୍ଯ୍ୟକ୍ରମ ଓ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଶତାଧିକ ମହିଳା, କୁଆଁରୀ ଝିଅ, ଯୁବତୀ ଯୁବକ ଅଂଶଗ୍ରହଣ କରିଥିଲେ। ମହୋତ୍ସବରେ ବିଧାୟକ ଦାଶ ବିଭୋର ହୋଇ ରଜ ଦୋଳି ଖେଳିଥିଲେ। ଉତ୍ସବସ୍ଥଳରେ ଶତାଧିକ ମହିଳା, ଯୁବତୀଙ୍କ ସମାଗମ ହୋଇଥିବାବେଳେ ଆୟୋଜିତ ସାଂସ୍କୃତିକ ଧମାକାରେ ଉତ୍ସବସ୍ଥଳ ପ୍ରକମ୍ପିତ ହୋଇ ଉଠିଥିଲା। ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କୁ ବେଶ ବିମୋହିତ କରିଥିଲା।



ମହୋତ୍ସବରେ ବିଧାୟକ ସମୀର ରଞ୍ଜନ ଦାଶ ଏବଂ ଅନ୍ୟମାନେ।

## ସ୍ୱର୍ଣ୍ଣ ରୌପ୍ୟ ଶିଳ୍ପୀ ମହାସଂଘ ପକ୍ଷରୁ କ୍ୟାଣ୍ଡେଲ ଶୋଭାଯାତ୍ରା

**ପୁରୀ, ୧୪।୬ (ଅଜିତ ମହାନ୍ତି)**

ବାଲେଶ୍ୱର ବାହାନଗା ରେଳ ଦୁର୍ଘଟଣାରେ ମୃତକଙ୍କୁ ଶ୍ରଦ୍ଧାଞ୍ଜଳି ଓ ଆହତ ଚିକିତ୍ସିତଙ୍କ ଆଶୁ ଆରୋଗ୍ୟ କାମନା କରି ଓଡିଶା ସ୍ୱର୍ଣ୍ଣ ରୌପ୍ୟ ଶିଳ୍ପୀ ମହାସଂଘ ପକ୍ଷରୁ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ଏହି ଶୋଭାଯାତ୍ରା ଚନ୍ଦନପୁର ମହାବୀର ମନ୍ଦିରଠାରୁ ଚନ୍ଦନପୁର ବୁଢାଲିଙ୍ଗ ପୀଠ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ମହାସଂଘର କର୍ମମତ୍ତାମାନେ ନୀରବ ପ୍ରାର୍ଥନା କରାଯିବା ସହ ବୁଢାଲିଙ୍ଗ ପୀଠରେ ଦୀପଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଓଡିଶା ସ୍ୱର୍ଣ୍ଣ ରୋପ୍ୟ ଶିଳ୍ପୀ ମହାସଂଘର ସଭାପତି ରମେଶ ଚନ୍ଦ୍ର ସେଠୁଆ ଓ ସମ୍ପାଦକ ଅକ୍ଷୟ କୁମାର ସେଠୁଆଙ୍କ ସମେତ ଚନ୍ଦନପୁର ଯୁବ ସଂଗଠକ ସଞ୍ଜୀୟ କୁମାର ଦାସ, ଏକାଧିକ ଶିଳ୍ପୀ ଏବଂ କାରିଗର ଯୋଗଦାନ କରିଥିଲେ।

# ବଳରାମ ଦାସଙ୍କ ସମାଧି ପୀଠ ଆମ ପାଇଁ ଗର୍ବ

**ଗୋପ,୧୪।୬ (ଭାରତୀ ଭୂଷଣ ଉପାଧ୍ୟାୟ)**

ମହାପ୍ରଭୁ ଶ୍ରୀଜଗନ୍ନାଥ ଆମ ଓଡ଼ିଆ ଜାତିର ଗର୍ବ ହୋଇଥିବା ବେଳେ ତାଙ୍କ ସେବକ ତଥା ପଞ୍ଚସଖା ଯୁଗର ଅନ୍ୟତମ ଭାବର ଭକ୍ତ ବଳରାମ ଦାସଙ୍କ ପୀଠ ଆମ ଲାଗି ଗର୍ବ ବୋଲି ବୁଧବାର ବଳରାମ ଦାସଙ୍କ ସମାଧି ପୀଠରେ ଆୟୋଜିତ ତାଙ୍କ ଜନ୍ମଜୟନ୍ତୀ ଅବସରରେ ଯୋଗଦେଇ ଶିଶୁ ସାହିତ୍ୟିକ ପ୍ରକାଶ ଚନ୍ଦ୍ର ଖଟୋଇ କହିଥିଲେ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସେବକ ତଥା କବି ଭକ୍ତ ବଳରାମ ଦାସ ପହଲିରଜରେ ଜନ୍ମ ଗ୍ରହଣ କରିଥିବାରୁ ପ୍ରଥମଥର ପାଇଁ ଏହି ଜନ୍ମ ଜୟନ୍ତୀ ପାଳନ କରାଯାଇଥିଲା। କାର୍ଯ୍ୟକ୍ରମରେ ପଞ୍ଚସଖା ଭକ୍ତ ବଳରାମ ଦାସ ସମାଧୀ ପୀଠ ସୁରକ୍ଷା ସମିତିର ଉପସଭାପତି ପ୍ରଦୀପ୍ତ କୁମାର ପାଢ଼ୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ କୋଣାର୍କ ଐତିହ୍ୟ ପରିଷଦର ସମ୍ପାଦକ ସଞ୍ଜୀୟ କୁମାର ବରାଳ, ସୋଲାର ସ୍ୱେଚ୍ଛାସେବୀ ସଂଗଠନର ସମ୍ପାଦକ ହରିଶ୍ଚନ୍ଦ୍ର ଦାଶ, ମଠାଧୀଶ ବେନା ବାବା, ଲକ୍ଷ୍ମୀଧର ବେହେରା, ଜଗନ୍ନାଥ ସଂସ୍କୃତି ଗବେଷକ ଗୋପୀନାଥ ମୁଦୁଲି ପ୍ରମୁଖ ଯୋଗଦେଇ ସମାଧୀ ପୀଠର ସୁରକ୍ଷା ସହିତ ଐତିହ୍ୟସ୍ଥଳୀର ଉନ୍ନତି ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ସୁରକ୍ଷା ସମିତିର ନୂତନ କାର୍ଯ୍ୟାଳୟକୁ ଉଦ୍‌ଘାଟନ କରାଯାଇଥିବା ବେଳେ ପ୍ରତ୍ୟେକ ବର୍ଷ ଗୁପ୍ତ ଶ୍ରୀକ୍ଷେତ୍ର ମହୋତ୍ସବ ପାଳନ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ସୂଚନାଯୋଗ୍ୟ, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସଖା କୁହାଯାଉଥିବା ଭକ୍ତ କବି ବଳରାମ ଦାସଙ୍କ ଜନ୍ମପୀଠ ଓ ସମାଧି ପୀଠ ପ୍ରତି ରାଜ୍ୟ ସରକାର ଗୁରୁତ୍ୱ ଦେବାକୁ ମଧ୍ୟ ଦାବି କରାଯାଇଥିଲା।



ଭକ୍ତ ବଳରାମ ଦାସଙ୍କ ସାଧନା ପୀଠରେ ସମାଧି ପୀଠ ସୁରକ୍ଷା ସମିତିର କର୍ମକର୍ତ୍ତା ଏବଂ ଅନ୍ୟମାନେ।

# ଅଘୋଷିତ ବିଦ୍ୟୁତ୍ କାଟ୍‌କୁ କଂଗ୍ରେସର ବିରୋଧ

**ପୁରୀ, ୧୪।୬ (ଅଜିତ ମହାନ୍ତି)**

## ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର

ପୁରୀରେ ବିଦ୍ୟୁତ୍‌କାଟ୍ ଓ ଟାଟା ପାୱରର ମନମୁଖି କାର୍ଯ୍ୟକଳାପକୁ ପୁରୀ ଜିଲା କଂଗ୍ରେସ କମିଟି ପକ୍ଷରୁ ବିରୋଧ କରାଯାଇଛି। ଏନେଇ ବୁଧବାର ମୁଖ୍ୟମନ୍ତ୍ରୀ ଏବଂ ମୁଖ୍ୟ ଶାସନ ସଚିବଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ତାଙ୍କ ଆବାସିକ କାର୍ଯ୍ୟାଳୟରେ ଦାବିପତ୍ର ଦିଆଯାଇଛି। ଦାବିପତ୍ରରେ ଉଲ୍ଲେଖ ରହିଛି ଯେ, ରାଜ୍ୟ ସରକାର ୪ଟି ବିଦ୍ୟୁତ୍ ବିତରଣ ସଂସ୍ଥାକୁ ଟାଟା ପାୱାର କର୍ପୋରେଶନ ହାତକୁ ଟେକି ଦେଇଛନ୍ତି। ଟାଟା ପାୱାର ପାଖରେ ୫୧% ଅଂଶଧନ ରହିଥିବାରୁ କମ୍ପାନୀ ମନମୁଖି କାର୍ଯ୍ୟକଳାପ ଚଳାଇଛି। ଓଡ଼ିଶା ବିଦ୍ୟୁତ୍ ଉତ୍ପାଦନ କ୍ଷେତ୍ରରେ ବଳକା ରାଜ୍ୟ ହୋଇଥିବା ସତ୍ତ୍ୱେ କରୋନା ମହାମାରୀ ପରଠାରୁ ବିଦ୍ୟୁତ ଦର ଦୁଇଥର ବଢ଼ିବା ନିଶ୍ଚିତ ରାଜ୍ୟ ସରକାରଙ୍କ କମ୍ପାନୀ ପ୍ରୀତି ଦର୍ଶାଉଛି। ଅପର ପକ୍ଷରେ ବର୍ତ୍ତମାନ ଅଘୋଷିତ ବିଦ୍ୟୁତ୍ କାଟ୍ ରାଜ୍ୟର ପ୍ରମୁଖ ସମସ୍ୟା ଭାବେ ଉଭା ହୋଇଛି। ପ୍ରବଳ ଗ୍ରୀଷ୍ମପ୍ରବାହ ସମୟରେ ଅଘୋଷିତ ବିଦ୍ୟୁତ କାଟ୍ ଯୋଗୁ ଲୋକଙ୍କୁ ଏକପ୍ରକାର ନିର୍ଯାତନା ଭୋଗିବାକୁ ପଡୁଛି।

ଏ ନେଇ ଉପଭୋକ୍ତା ଅଭିଯୋଗ କଲେ ମଧ୍ୟ କର୍ମଚାରୀ ଶୁଣୁନାହାନ୍ତି। ଏପରିକି କାର୍ଯ୍ୟାଳୟର ଲ୍ୟାଣ୍ଡଲାଇନ୍ ଫୋନ କାଢି ତଳେ ଥୋଇ ଦିଆଯାଉଛି। ଅନ୍ୟପକ୍ଷେ ଡେଲି ପେମେଣ୍ଟ ସର୍ଚ୍ଚାର୍ଜ ନାମରେ ୧ ହଜାର ଟଙ୍କା ମୂଳ ବିଲ୍‌ରେ ୧୦ରୁ ୧୫ ହଜାର ଟଙ୍କା ଜବରଦସ୍ତି ଆଦାୟ କରାଯାଉଛି। ଉପଭୋକ୍ତାଙ୍କୁ ଓଟିଏସ୍ ସହଜରେ ଉପଲବ୍ଧ କରାଯାଉନାହିଁ। ସେହିପରି ବିନା ଲାଞ୍ଚରେ ବିଦ୍ୟୁତ ସଂଯୋଗ ଦିଆଯାଉନାହିଁ। ସ୍ୱଳ୍ପ ବକେୟା ଥାଇ ମଧ୍ୟ ବିନା ନୋଟିସ୍‌ରେ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରିଦିଆଯାଉଛି। ୨୦୧୫ ନବକଳେବର ସମୟରେ ପୁରୀରେ ବିଦ୍ୟୁତ ଭିତ୍ତିଭୂମି ସୁଦୃଢ଼ କରିବା ପାଇଁ ୩୦୦ କୋଟି ଟଙ୍କା ଖର୍ଚ୍ଚ କରାଯାଇଥିଲା।

ପ୍ରତିବର୍ଷ ରଥଯାତ୍ରା ପୂର୍ବରୁ ବିଦ୍ୟୁତ ମରାମତି ହେଉଥିଲା। ମାତ୍ର ଏବେ ତାହା ଠିକ୍ ଭାବେ କରାଯାଉ ନାହିଁ। ଏଥିଯୋଗୁ ଉପଭୋକ୍ତାଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି। ସରକାର ତୁରନ୍ତ ଏହି ସମସ୍ୟାର ସ୍ଥାୟୀ ସମାଧାନ ନ କଲେ ଜିଲା କଂଗ୍ରେସ ସମସ୍ତ ବ୍ଲକ, ପୌରାଞ୍ଚଳ ଓ ଗାଁରେ ଆନ୍ଦୋଳନକୁ ତ୍ରୀବ କରିବ ବୋଲି କହିଛି। ଦାବିପତ୍ର ପ୍ରଦାନ ସମୟରେ ଜିଲା କଂଗ୍ରେସ କମିଟି ସଭାପତି ଜୟନାରାୟଣ ପଟ୍ଟନାୟକ, ନିରଞ୍ଜନ ମିଶ୍ର, ମାର୍କଣ୍ଡ ମହାନ୍ତି, ସରୋଜ କୁମାର ଜେନା, ବିଦ୍ୟୁଲତା ଆଚାର୍ଯ୍ୟ, ଅବିନାଶ ମିଶ୍ର, ଅମୀୟ କୁମାର ମହାପାତ୍ର, ପ୍ରେମଜିତ୍ ମହାନ୍ତି ଏବଂ ସୁଜିତ୍ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।



ପୁରୀ ଜିଲା କଂଗ୍ରେସ କମିଟି ପକ୍ଷରୁ ଜିଲାପାଳ ସମର୍ଥ ବର୍ମାଙ୍କୁ ଦାବିପତ୍ର ଦିଆଯାଉଛି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୪।୬।୨୦୨୩

| ୨,୧୪,୯୮୪ ଟଙ୍କା | |
|---|---|
| ସୁନା | ୨୧୦ ମିଲିଗ୍ରାମ୍ |
| ରୁପା | ୨୧.୪୩୦ ଗ୍ରାମ୍ |

## ଆଜି କ’ଣ କେଉଁଠି

ଭୁବନେଶ୍ୱର

- ସେବା ରତ୍ନ ସମ୍ମାନ, ଉତ୍କଳ ରଙ୍ଗମଞ୍ଚ, ସକାଳ ୯ଟା ୩୦।
- ପୁସ୍ତକ ଉନ୍ମୋଚନ, ରାଜ୍ୟ ସଂଗ୍ରହାଳୟ, ପୂର୍ବାହ୍ନ ୧୦ଟା।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ରାଜ୍ୟସ୍ତରୀୟ ଲୋକକଳା ଦିବସ ଓ ରଜ ମହୋତ୍ସବ, ସଂସ୍କୃତି ଭବନ ସମ୍ମିଳନୀ କକ୍ଷ, ପୂର୍ବାହ୍ନ ୧୦ଟା ୩୦।
- ରାଜ୍ୟସ୍ତରୀୟ ହସ୍ତତନ୍ତ ମେଳା, ଏକାମ୍ର ହାଟ, ପୂର୍ବାହ୍ନ ୧୧ଟା।
- ବ୍ୟାସକବି ଫକୀରମୋହନ ସେନାପତିଙ୍କ ୧୦୫ତମ ଶ୍ରାଦ୍ଧବାର୍ଷିକୀ, ଫକୀରମୋହନ ଭବନ, ପ୍ଲଟ୍ ନଂ. ୮୮୦ (ଅଂଶ), ନୂଆପଲ୍ଲୀ, ପୂର୍ବାହ୍ନ ୧୧ଟା।
- ‘ଉତ୍କଳ ସମ୍ମିଳନୀ ସମାଚାର’ ଉନ୍ମୋଚନ, ବୀର ସୁରେନ୍ଦ୍ର ସାଏ ନଗର ଦୁର୍ଗାପୂଜା ମଣ୍ଡପ, ଅପରାହ୍ନ ୪ଟା ୩୦।
- ଭୀମେଶ୍ୱର ଶିଶୁ ଉଦ୍ୟାନ ସୁରକ୍ଷା କମିଟି ପକ୍ଷରୁ ରଜ ଉତ୍ସବ, ଭୀମେଶ୍ୱର ଶିଶୁ ଉଦ୍ୟାନ ପରିସର, ଭୀମଟାଙ୍ଗି, ଅପରାହ୍ନ ୪ଟା ୩୦।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଲୋକକଳା ଦିବସ ଓ ରଜ ମହୋତ୍ସବ, ସଂସ୍କୃତି ଭବନ ପରିସର, ଅପରାହ୍ନ ୫ଟା ୩୦।
- ରାମକୃଷ୍ଣ ପତିଙ୍କ ୩୭ତମ ରାଜ୍ୟସ୍ତରୀୟ ସ୍ମୃତି ବାର୍ଷିକୀ ଓ ସମ୍ବର୍ଦ୍ଧନା ଉତ୍ସବ, ଭଗବତୀ ଭବନ, ଅପରାହ୍ନ ୫ଟା ୩୦।
- ଆଜିର ସୃଜନୀର ରଜ ମହୋତ୍ସବ, ଭଞ୍ଜକଳା ମଣ୍ଡପ, ସନ୍ଧ୍ୟା ୬ଟା ୩୦।
- ନୀଳାଚଳ କଲ୍‌ଚରାଲ ଆସୋସିଏଶନ ପକ୍ଷରୁ ରଜ ମହୋତ୍ସବ ‘ସ୍ମୃତିରେ ଅକ୍ଷୟ’, ଉତ୍କଳ ହାଇଟ୍‌ସ, ସନ୍ଧ୍ୟା ୭ଟା।

ବାଲିଅନ୍ତା

- ରଜ ମହୋତ୍ସବ ପାଳନ ଅବସରରେ ଚଇତାଳି ଘୋଡ଼ାନାଚ ପରିବେଷଣ, ଭୁବନପୁର ମା’ ଉତ୍ତରମୁଖୀ ମନ୍ଦିର ପରିସର, ସକାଳ ୯ଟା।

# ପୋଖରୀରୁ ମସ୍ତକବିହୀନ ବୁଦ୍ଧ ମୂର୍ତ୍ତି ଠାବ

- ଖନନବେଳେ ଗ୍ରାମବାସୀଙ୍କ ନଜରକୁ ଆସିଲା
- ମୂର୍ତ୍ତି ଗଠନ ନବମ ଶତାବ୍ଦୀରେ ହୋଇଥାଇପାରେ: ଦୀପକ
- ପୂର୍ବରୁ ମିଳିଥିବା ମୂର୍ତ୍ତିକୁ ନେଇ ସଂଗ୍ରହାଳୟ ହେଉ: ଅନିଲ

ଟାଙ୍ଗୀ(ଖୋର୍ଦ୍ଧା),୧୪।୬(ରଘୁନାଥ ସାହୁ)

ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ ଅନ୍ତର୍ଗତ ଲେଣ୍ଡୋ ଗ୍ରାମରେ କିଛିଦିନ ତଳେ ଏକ ପୋଖରୀ ଖନନ କାର୍ଯ୍ୟ ଚାଲିଥିବା ବେଳେ ବୌଦ୍ଧ ପ୍ରତ୍ନତାତ୍ତ୍ୱିକ ଅବଶେଷ ମିଳିଛି। ଏହା ମଧ୍ୟରେ ରହିଛି ଏକ ମସ୍ତକବିହୀନ ବୁଦ୍ଧ ମୂର୍ତ୍ତି, ବୌଦ୍ଧ ସ୍ତୁପ, ପୁରାତନ ମନ୍ଦିରର ଶିଳାଖଣ୍ଡ ଇତ୍ୟାଦି। ପୋଖରୀର ଖନନ କାର୍ଯ୍ୟ ଏକ ଜେସିବି ଦ୍ୱାରା ଚାଲୁଥିବା ସମୟରେ ଏହି ପ୍ରାଚୀନ କୀର୍ତ୍ତିରାଜି ସବୁ ନଜରକୁ ଆସିଥିଲା, ପରେ ସ୍ଥାନୀୟ ଅଧିବାସୀ ସୁଶାନ୍ତ ବିଶ୍ୱାଳ ଓ ମହେନ୍ଦ୍ର ବିଶ୍ୱାଳଙ୍କ ଉଦ୍ୟମ କ୍ରମେ ଏସବୁକୁ ପାଣି ଭିତରୁ ବାହାର କରି ସୁରକ୍ଷିତ ରଖାଯାଇଥିଲା। ଏହି ପୋଖରୀଟି ଗ୍ରାମର ପ୍ରାଚୀନ ଲଡୁକେଶ ମହାଦେବଙ୍କ ମନ୍ଦିରରୁ ଅନତି ଦୂର ଭୁଜବଳପଡ଼ା ନିକଟରେ ଅବସ୍ଥିତ।

ଲେଣ୍ଡୋ ଗ୍ରାମବାସୀଙ୍କଠାରୁ ସୂଚନା ପାଇ ଉକ୍ତ ସ୍ଥାନରେ ଐତିହ୍ୟ ଗବେଷକ ଦୀପକ ନାୟକ ପହଞ୍ଚି ଏହି ସବୁ ପ୍ରତ୍ନତାତ୍ତ୍ୱିକ ଅବଶେଷର ଅନୁଧ୍ୟାନ କରିଥିଲେ। ମୂର୍ତ୍ତିଗୁଡ଼ିକୁ ପରଖି ସେ କହିଛନ୍ତି, ଏହି ଅଞ୍ଚଳ ପ୍ରତ୍ନତାତ୍ତ୍ୱିକ ବିଭବରେ ପରିପୂର୍ଣ୍ଣ ଏକ ଐତିହାସିକ ଅଞ୍ଚଳ। ଲଡୁକେଶ ମହାଦେବଙ୍କ ବର୍ତ୍ତମାନର ମନ୍ଦିର ପୁରାତନ ମନ୍ଦିରର ଭଗ୍ନାବଶେଷ ଉପରେ ନୂତନ ଭାବରେ ନିର୍ମାଣ କରାଯାଇଛି। ଏହି ମନ୍ଦିର ପରିସରରେ ଶ୍ରୀଗଣେଶ, କାର୍ତ୍ତିକେୟ, ଶ୍ରୀବିଷ୍ଣୁ ଆଦି ବ୍ରାହ୍ମଣ ଧର୍ମମତର ଅନେକ ଦେବଦେବୀଙ୍କ ମୂର୍ତ୍ତି ଦେଖିବାକୁ ମିଳେ। ଏହା ବ୍ୟତୀତ ଏହି ସ୍ଥାନରୁ ଆମକୁ ଏକାଧିକ ବୀରଶିଳା (ହିରୋଷ୍ଟୋନ) ଦେଖିବାକୁ ମିଳିଥିଲା। ଅତୀତରେ ଗଙ୍ଗବଂଶୀ ଓ ସୂର୍ଯ୍ୟବଂଶୀ ଗଜପତିମାନଙ୍କ ଶାସନ କାଳରେ ଏ ଅଞ୍ଚଳରେ ଅନେକ ପାଇକ ଯୋଦ୍ଧା ବସବାସ କରୁଥିଲେ। ଏହି ବୀରଶୀଳା ସବୁର ଉପସ୍ଥିତି ଅଞ୍ଚଳରେ ସାମରିକ ଘଟଣାବଳୀର ପ୍ରତୀକ। ତେବେ ମିଳିଥିବା ମୂର୍ତ୍ତିଗୁଡ଼ିକ ଏସବୁଠାରୁ ଆହୁରି ପୁରାତନ ସମୟର ବୋଲି ଅନୁମେୟ। ଦୟା ଓ ମନ୍ଦାକିନୀ ନଦୀ ଅବବାହିକାରେ ଲେଣ୍ଡୋର ନିକଟବର୍ତ୍ତୀ ଅଞ୍ଚଳରେ ପୂର୍ବରୁ ଅନେକ ବୌଦ୍ଧ ଅବଶେଷର ସନ୍ଧାନ ମିଳିସାରିଛି। ଯାହା ପ୍ରମାଣିତ କରେ ଯେ, ଏ ଅଞ୍ଚଳରେ ଏକଦା ବୌଦ୍ଧ ଧର୍ମବିଶ୍ୱାସର ଗଭୀର ପ୍ରଭାବ ଥିଲା। ଧ୍ୟାନମୁଦ୍ରାରେ ଥିବା ସେହି ମସ୍ତକବିହୀନ ବୁଦ୍ଧମୂର୍ତ୍ତିର ଗଠନକାଳ ନବମ ଶତାବ୍ଦୀରୁ ପୂର୍ବ ସମୟର ହୋଇପାରେ ବୋଲି ଗବେଷକ ଦୀପକ ନାୟକ ମତବ୍ୟକ୍ତ କରିଛନ୍ତି। ଅପରପକ୍ଷେ ଇନ୍‌ଟାକ ଓଡ଼ିଶାର ସହ-ଆବାହକ ଅନୀଲ ଧୀରଙ୍କ ମତରେ ଲେଣ୍ଡୋ ଗ୍ରାମରେ ଏକ ପ୍ରତ୍ନତାତ୍ତ୍ୱିକ ସଂଗ୍ରହାଳୟ କରିବାର ଆବଶ୍ୟକତା ରହିଛି। ଲେଣ୍ଡୋ ବ୍ୟତିରେକେ ଅଂଜିରା, ନିରାକାରପୁର, ଡିଆ, ଗଡ଼ବଳଭଦ୍ରପୁର, ରାମେଶ୍ୱର, ମାଳିସାହି ଆଦି ଗ୍ରାମରେ ଏପରି ଅନେକ ପ୍ରାଚୀନ କୀର୍ତ୍ତିରାଜି ସବୁ ଅବହେଳିତ ଅବସ୍ଥାରେ ପଡି ରହିଛି। ସେସବୁକୁ ଏକତ୍ର କରି ଗୋଟିଏ ସଂଗ୍ରହାଳୟରେ ରଖାଯାଇପାରିଲେ, ଏହି ଅଞ୍ଚଳର ପ୍ରତ୍ନତାତ୍ତ୍ୱିକ ଓ ଐତିହାସିକ ଗୁରୁତ୍ୱ ବୃଦ୍ଧି ପାଇପାରିବ। ତେବେ ବୁଦ୍ଧ ମୂର୍ତ୍ତି ମିଳିବା ସମ୍ପର୍କରେ ଇନ୍‌ଟାକ ତରଫରୁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ସୂଚିତ କରାଯିବ ବୋଲି ଧୀର କହିଛନ୍ତି।



ପୋଖରୀରୁ ଉଦ୍ଧାର ହୋଇଥିବା ମୁଣ୍ଡବିହୀନ ବୁଦ୍ଧ ମୂର୍ତ୍ତି।

# ୩ ଛାତ୍ରୀଙ୍କ ଉଚ୍ଚଶିକ୍ଷା ଖର୍ଚ୍ଚ ବହନ କରିବ କିଟ୍





ସହାୟତା ଘୋଷଣା ଅବସରରେ ଛାତ୍ରୀଙ୍କ ସହ ଟ୍ରଷ୍ଟ ସମ୍ପାଦିକା ସନ୍ଧ୍ୟାରାଣୀ ମଲ୍ଲିକ ଓ ଅନ୍ୟମାନେ।

ଭୁବନେଶ୍ୱର,୧୪।୬(ଅନୁରାଧା ମହାରଣା)

### ପହିଲି ରଜ ଉପହାର

କଟକ ଜିଲା ସାଲେପୁର ସତ୍ୟଭାମାପୁରସ୍ଥିତ କସ୍ତୁରବା ଗାନ୍ଧୀ ନ୍ୟାଶନାଲ ମେମୋରିଆଲ ଟ୍ରଷ୍ଟର ୩ ଛାତ୍ରୀଙ୍କୁ ଶିକ୍ଷା ସହାୟତା ପ୍ରଦାନ ପାଇଁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ଘୋଷଣା କରିଛନ୍ତି। ବୁଧବାର ପହିଲି ରଜ ଅବସରରେ ଡ. ସାମନ୍ତ ଟ୍ରଷ୍ଟ ପରିଦର୍ଶନ କରିବା ସହ କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡଷ୍ଟ୍ରିଆଲ ଟେକ୍ନୋଲୋଜି (କିଟ୍) ପକ୍ଷରୁ ଏହା ପହିଲି ରଜ ଉପହାର ବୋଲି କହିଛନ୍ତି। ଗତ ମେ ୧୭ରେ ଅନ୍ତର୍ଜାତୀୟ ଆର୍ଟ ଅଫ୍ ଗିଭିଂ ଦିବସ ଅବସରରେ ଡ. ସାମନ୍ତ କସ୍ତୁରବା ଟ୍ରଷ୍ଟ ପରିଦର୍ଶନ କରିଥିଲେ। ସେହି ସମୟରେ ଟ୍ରଷ୍ଟର ଛାତ୍ରୀଙ୍କୁ ବିନାଦେୟରେ କିଟ୍‌ରେ ଉଚ୍ଚଶିକ୍ଷା ପ୍ରଦାନ ନିମନ୍ତେ ସେ ପ୍ରତିଶ୍ରୁତି ଦେଇଥିଲେ। ଏହି ଅନୁସାରେ, ଟ୍ରଷ୍ଟରୁ ମାଟ୍ରିକ ପାସ୍ କରିଥିବା ୩ଜଣ ଛାତ୍ରୀଙ୍କୁ କିଟ୍ ପଲିଟେକ୍ନିକ୍‌ରେ ନାମ ଲେଖାଇବା ପାଇଁ ସାମନ୍ତ ଘୋଷଣା କରିଛନ୍ତି। ଏହି ଛାତ୍ରୀମାନେ କିଟ୍‌ରେ ଡିପ୍ଲୋମା ପାଠ୍ୟକ୍ରମ ପଢ଼ିବେ। ଏଥିପାଇଁ ସମସ୍ତ ଖର୍ଚ୍ଚ କିଟ୍ ବହନ କରିବ। ଭବିଷ୍ୟତରେ ପାଠ ପଢ଼ିବା ପାଇଁ ଆବଶ୍ୟକ ସହାୟତା ମଧ୍ୟ କିଟ୍ ପକ୍ଷରୁ ଯୋଗାଇ ଦିଆଯିବ ବୋଲି ଡ. ସାମନ୍ତ କହିଛନ୍ତି। ଗଣପର୍ବ ରଜ ଅବସରରେ ଡ. ସାମନ୍ତ ଭୁବନେଶ୍ୱରରୁ ନେଇଥିବା ଫଳ ଓ ନୂତନ ବସ୍ତ୍ର ଟ୍ରଷ୍ଟର ଛାତ୍ରୀମାନଙ୍କୁ ବଣ୍ଟନ କରିଥିଲେ। ଟ୍ରଷ୍ଟ ପରିସରସ୍ଥିତ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ସେ ମାଲ୍ୟାର୍ପଣ କରିବା ସହ ଟ୍ରଷ୍ଟ ଦ୍ୱାରା ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଟ୍ରଷ୍ଟ ସମ୍ପାଦକ ସନ୍ଧ୍ୟାରାଣୀ ମଲ୍ଲିକ ମଧ୍ୟ ଉପସ୍ଥିତ ଥିଲେ।

# ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ଉଦ୍ୟାନ କୃଷି ବିଭାଗର ୧୦ ଲକ୍ଷ ସହାୟତା

ଭୁବନେଶ୍ୱର,୧୪।୬(ଅନିଲ ଦାସ)

ବାଲେଶ୍ୱର ବାହାନଗାଠାରେ ଘଟିଥିବା ମର୍ମନ୍ତୁଦ ରେଳ ଦୁର୍ଘଟଣାରେ ମୃତାହତ ଯାତ୍ରୀ ଏବଂ ତାଙ୍କ ପରିବାରବର୍ଗଙ୍କୁ ସାହାଯ୍ୟ ଉଦ୍ଦେଶ୍ୟରେ ରାଜ୍ୟ ଉଦ୍ୟାନ କୃଷି ବିଭାଗ ସରକାରଙ୍କୁ ସହଯୋଗର ହାତ ବଢ଼ାଇଛି। ବିଭାଗ ପକ୍ଷରୁ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିକୁ ୧୦ ଲକ୍ଷ ୮୦ ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଛି। ଉଦ୍ୟାନକୃଷି ଅଧିକାରୀ ସେବା ସଂଘର ସଭାପତି ସୂଚନା ସ୍ୱସ୍ତିକା, ଯୁଗ୍ମ ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ମେହେର, ତିର୍ଯ୍ୟକ୍ କୁମାର ଦାସ ଓ ସଂଘ ସଦସ୍ୟ ସୌମ୍ୟ ରଞ୍ଜନ ସେଠୀ ମଙ୍ଗଳବାର ଲୋକସେବା ଭବନଠାରେ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନାଙ୍କୁ ସହାୟତା ରାଶିର ଚେକ୍ ପ୍ରଦାନ କରିଛନ୍ତି। ରାଜ୍ୟର ଯେ କୌଣସି ବିପର୍ଯ୍ୟୟ ସମୟରେ ଉଦ୍ୟାନକୃଷି ବିଭାଗ ସରକାରଙ୍କୁ ଯଥାସାଧ୍ୟ ସହାୟତା ଯୋଗାଇ ଦେବା ପାଇଁ ସର୍ବଦା ପ୍ରସ୍ତୁତ ବୋଲି ସଂଘ ସଭାପତି କହିଛନ୍ତି। ଏଥିସହିତ ଖୁବ୍ କମ୍ ସମୟ ମଧ୍ୟରେ ଏହି ପାଣ୍ଠି ଏକଜୁଟ କରି ପାରିଥିବାରୁ ବିଭାଗର ସମସ୍ତ ଅଧିକାରୀ ତଥା କ୍ଷେତ୍ର କର୍ମଚାରୀଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ପ୍ରତିଶ



@ ମାମୁନି



@ ରାକେଶ



@ ଜ୍ୟୋତିରଞ୍ଜନ



@ ସୁଦାମ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

## ଜଗନ୍ନାଥ ମହାପାତ୍ରଙ୍କ ବିୟୋଗରେ ଶୋକ

# ଜଣେ ଉଦାର, ବହୁମୁଖୀ ପ୍ରତିଭାର ବ୍ୟକ୍ତିତ୍ୱ ଥିଲେ



ଜଗନ୍ନାଥ ମହାପାତ୍ର

ଭୁବନେଶ୍ୱର,୧୪।୬(ଅନୁରାଧା ମହାରଣା)

ଭୁବନେଶ୍ୱରର ପୂର୍ବତନ ପୌରାଧକ୍ଷ ଡା. ଜଗନ୍ନାଥ ମହାପାତ୍ର କେବଳ ଜଣେ ଚିକିତ୍ସକ ନ ଥିଲେ ବରଂ ଜଣେ ବିଶିଷ୍ଟ ରାଜନୀତିଜ୍ଞ, ସମାଜସେବୀ ଓ ଉଦାର ବ୍ୟକ୍ତିତ୍ୱ। ତାଙ୍କର ବିୟୋଗ ରାଜ୍ୟ ପାଇଁ ଏକ ଅପୂରଣୀୟ କ୍ଷତି। ତାଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ବିଭିନ୍ନ ମହଲରେ ଶୋକ ପ୍ରକାଶ କରାଯାଇଛି।

ଭୁବନେଶ୍ୱରର ପୂର୍ବତନ ଅଧକ୍ଷ ଡା. ଜଗନ୍ନାଥ ମହାପାତ୍ରଙ୍କ ଆଜି ଶେଷ ଦର୍ଶନ କରିଲି। ମୁଁ ଯେତେବେଳେ ଭୁବନେଶ୍ୱର ମ୍ୟୁନିସିପାଲିଟିର ଉପାଧକ୍ଷା ଥିଲି ଜଗା ଭାଇ ମୋତେ ବିଭିନ୍ନ କ୍ଷେତ୍ରରେ ଦିଗ୍‌ଦର୍ଶନ ଦେଇଥିଲେ। ମନ୍ଦିରମାଳିନୀ ସହର ଭୁବନେଶ୍ୱରର ଉନ୍ନତୀକରଣ କ୍ଷେତ୍ରରେ ଆମେ ଏକାଠି ଅନେକ କାର୍ଯ୍ୟ କରିଥିଲୁ।

**–ହରପ୍ରିୟା ପାତ୍ର, ପୂର୍ବତନ ଉପାଧକ୍ଷା, ଭୁବନେଶ୍ୱର ମ୍ୟୁନିସିପାଲିଟି**

ଭୁବନେଶ୍ୱରର ପୂର୍ବତନ ପୌରାଧକ୍ଷ ଡା. ଜଗନ୍ନାଥ ମହାପାତ୍ରଙ୍କ ବିୟୋଗ ଖବର ଶୁଣି ଦୁଃଖିତ ଓ ମର୍ମାହତ। ଭୁବନେଶ୍ୱରର ବିକାଶ ଓ ଲୋକ କଲ୍ୟାଣ ଦିଗରେ ସେ କରିଥିବା କାର୍ଯ୍ୟ ସ୍ମରଣୀୟ ହୋଇ ରହିବ। ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ଶୋକ ସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଉଛି।

**– ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ର ଶିକ୍ଷାମନ୍ତ୍ରୀ**

ଡାକ୍ତର ଜଗନ୍ନାଥ ମହାପାତ୍ରଙ୍କ ବିୟୋଗରେ ଗଭୀର ଶୋକ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି। ମହାନଗର ନିଗମର ପ୍ରଥମ ଅଣ ନିର୍ବାଚିତ ମେୟର, ଭୁବନେଶ୍ୱର ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ପ୍ରିୟ ପରିଚିତ ଡାକ୍ତର ଭାବେ ପ୍ରସିଦ୍ଧି ହାସଲ କରିଥିବା ସ୍ୱର୍ଗତ ମହାପାତ୍ରଙ୍କ ସହିତ ଆମ ପରିବାରର ଥିଲା ନିବିଡ଼ ଆତ୍ମୀୟତାର ସମ୍ବନ୍ଧ। ସେ କେବଳ ଜଣେ ଯଶସ୍ୱୀ ଚିକିତ୍ସକ ବା ରାଜନୀତିରେ ବାସ୍ତୁନିଷ୍ଠ ଆଗ୍ରହ ରଖିଥିବା ବ୍ୟକ୍ତି ନ ଥିଲେ, ସେ ଥିଲେ ସାମାଜିକ ଆନନ୍ଦ ଉଲ୍ଲାସ ଓ ଉତ୍ସବର ଉତ୍ସାହୀ ଅଧିନାୟକ। ଶହୀଦନଗର ଦୁର୍ଗାପୂଜାକୁ ଏକ ଆଧ୍ୟାତ୍ମିକ ଅନୁଷ୍ଠାନରେ ପରିଣତ କରିବା ଦିଗରେ ତାଙ୍କର ଆନ୍ତରିକ ଅବଦାନ ତାଙ୍କୁ ସବୁଦିନ ସ୍ମରଣୀୟ କରି ରଖିବ। ଦିବଂଗତ ଆତ୍ମାକୁ ପ୍ରଣାମ କରୁଛି।

**– ଅତନୁ ସବ୍ୟସାଚୀ ନାୟକ, ଉଚ୍ଚଶିକ୍ଷା ମନ୍ତ୍ରୀ**

ଡା. ଜଗନ୍ନାଥ ମହାପାତ୍ରଙ୍କ ବିୟୋଗରେ ଆମେ ଆମ ମୁଖ୍ୟ ପରାମର୍ଶଦାତାଙ୍କୁ ହରାଇଛୁ। ସେ ସବୁବେଳେ ଆମ ସ୍ମୃତିରେ ଜୀବିତ ରହିବେ। ତାଙ୍କର ଅମର ଆତ୍ମାର ସଦ୍‌ଗତି ହେଉ। ପରିବାରବର୍ଗଙ୍କୁ ସମବେଦନା ଜଣାଉଛି।

**– ରୁଦ୍ରନାରାୟଣ ସାମନ୍ତରାୟ, ପ୍ରତିଷ୍ଠାତା ଜୟ ଓଡ଼ିଶା**

ଜଗନ୍ନାଥ ମହାପାତ୍ର ଜଣେ ଭଲ ମଣିଷ ଥିଲେ। ଭୁବନେଶ୍ୱର ଶହୀଦନଗର ଦୁର୍ଗାପୂଜା ସେ ଆରମ୍ଭ କରିଥିଲେ। ଏମିତିକି ଶହୀଦନଗରରେ ପ୍ରଥମ ରାବଣପୋଡ଼ି ତାଙ୍କ ଉଦ୍ୟମରେ ହୋଇଥିଲା। ଜଣେ ଉଦାର ଚିକିତ୍ସକ ଭାବେ ମଧ୍ୟ ସେ ବେଶ୍ ପରିଚିତ ଥିଲେ। ଗରିବ ଲୋକଙ୍କ ପାଖରୁ ଫିସ୍ ନେଉ ନ ଥିଲେ। ତାଙ୍କ ଦୁଆର ସମସ୍ତଙ୍କ ପାଇଁ ସବୁବେଳେ ଖୋଲା ରହୁଥିଲା। ଶହୀଦନଗରକୁ ଏକ ସାଂସ୍କୃତିକ କେନ୍ଦ୍ର କରିବାରେ ତାଙ୍କ ପ୍ରଚେଷ୍ଟା ବେଶି ଥିଲା। ତାଙ୍କ ସହ ମୋର ୪୦ବର୍ଷର ସମ୍ପର୍କ। ଭୁବନେଶ୍ୱରରେ ବାଲିଯାତ୍ରା କରିବା ପାଇଁ ଯେବେ ତାଙ୍କ ପାଖକୁ ଯାଇଥିଲୁ ସେ ବହୁତ ପ୍ରୋତ୍ସାହିତ କରିଥିଲେ। ସମଗ୍ର ଭୁବନେଶ୍ୱରରେ ସାଂସ୍କୃତିକ ଜାଗରଣ ସୃଷ୍ଟି କରି ଏକ ଭାଇଚାରାରେ ବାନ୍ଧି ରଖିଥିଲେ। ଜଗା ଭାଇନା ନାମରେ ସେ ପୂରା ଭୁବନେଶ୍ୱରରେ ପରିଚତ ଥିଲେ।

**– ଲକ୍ଷ୍ମୀଧର ବେହେରା, ସଂସ୍କୃତି ବିଭାଗର ପୂର୍ବତନ ଅନୁଶାସନ ସଚିବ**



ବିଏମ୍‌ସି କାର୍ଯ୍ୟାଳୟ ପରିସରରେ ଜଗନ୍ନାଥ ମହାପାତ୍ରଙ୍କ ମରଶରୀରକୁ ଶ୍ରଦ୍ଧାଞ୍ଜଳି ଦିଆଯାଉଛି।

# ଖଗେଶ୍ୱରଙ୍କ ଜାମିନ ଆବେଦନ ଖାରଜ

### ବହୁଚର୍ଚ୍ଚିତ ହନିଟ୍ରାପ୍ ଓ ବେଆଇନ ଅର୍ଥ କାରବାର ମାମଲା

ଭୁବନେଶ୍ୱର ୧୪।୬(ସତ୍ୟଜିତ୍ ରାଉତ)

ବହୁଚର୍ଚ୍ଚିତ ହନିଟ୍ରାପ୍ ଓ ବେଆଇନ ଅର୍ଥ କାରବାର ମାମଲାରେ ଅର୍ଚ୍ଚନା ନାଗ, ସ୍ୱାମୀ ଜଗବନ୍ଧୁ ଚାନ୍ଦ ଓ ବ୍ୟବସାୟିକ ସହଯୋଗୀ ଖଗେଶ୍ୱର ବେହେରା ଦୀର୍ଘଦିନ ହେବ ଝାରପଡ଼ା ଜେଲରେ ରହିଛନ୍ତି।ତେବେ ଅନ୍ୟମାନଙ୍କ ଭଳି ଖଗେଶ୍ୱରଙ୍କ ପାଇଁ ମଧ୍ୟ ଦିନକୁ ଦିନ ଅଡୁଆ ବଢ଼ିବାରେ ଲାଗିଛି। ମା’ଙ୍କ ଦେହ ଅସୁସ୍ଥ ଦର୍ଶାଇ ଖଗେଶ୍ୱରଙ୍କ ପକ୍ଷରୁ ହୋଇଥିବା ୧୫ଦିନିଆ ଜାମିନ ଆବେଦନକୁ ଭୁବନେଶ୍ୱର ସିବିଆଇ କୋର୍ଟ ବୁଧବାର ଖାରଜ କରିଦେଇଛନ୍ତି। ଅପରପକ୍ଷରେ ଇଡି ମାମଲାରେ ଅର୍ଚ୍ଚନାଙ୍କ ପକ୍ଷରୁ ହାଇକୋର୍ଟରେ ହୋଇଥିବା ଜାମିନ ଆବେଦନର ଶୁଣାଣି ତାରିଖ ଆଗାମୀ ଜୁନ ୨୬ରେ ରହିଛି। ସେହିପରି ଜଗବନ୍ଧୁଙ୍କ ପକ୍ଷରୁ ହାଇକୋର୍ଟରେ ହୋଇଥିବା ଜାମିନ ଆବେଦନର ଶୁଣାଣି ମଧ୍ୟ ବାକି ରହିଛି। ସେପଟେ ଇଡି ମାମଲାରେ ଅନ୍ୟତମ ଅଭିଯୁକ୍ତ ଶ୍ରଦ୍ଧାଞ୍ଜଳିଙ୍କ ନାଁରେ କୋର୍ଟ ଜାମିନବିହୀନ ଗିରଫ ପରୱାନା ଜାରି କରିଥିଲେ ମଧ୍ୟ ସେ ଦୀର୍ଘଦିନ ହେବ ଫେରାର ଅଛନ୍ତି। ଶ୍ରଦ୍ଧାଞ୍ଜଳିଙ୍କୁ ଇଡି ଖୋଜି ପାଉ ନ ଥିବା ସୂଚନା ମିଳିଛି।



କଳିଙ୍ଗ ଷ୍ଟାଡିୟମ୍‌ରେ ଜାତୀୟ ଆନ୍ତଃ ରାଜ୍ୟ ଆଥ୍‌ଲେଟିକ୍ସ ମିଟ୍‌ର ପ୍ରସ୍ତୁତି ସମ୍ପର୍କରେ ସମୀକ୍ଷା କରୁଛନ୍ତି କ୍ରୀଡ଼ା ସଚିବ ଆର୍. ଭିନିଲ କ୍ରିଷ୍ଣା।

# ବାଲି ବୋହୁଛନ୍ତି ଦୃଷ୍ଟିବାଧିତ ଖେଳାଳି ରଘୁରାମ

**ନନ୍ଦପୁର, ୧୪।୬**
**(ଶଙ୍କର ପୂଜାରୀ)**



ଟ୍ରାକ୍ଟରରେ ବାଲି ଲୋଡ୍ କରୁଛନ୍ତି ରଘୁରାମ।

ଉଚ୍ଚଶିକ୍ଷିତ ତଥା ଅନ୍ତଃରାଷ୍ଟ୍ରୀୟ ଦୃଷ୍ଟିହୀନ କ୍ରିକେଟ ଖେଳରେ କୋରାପୁଟ ଜିଲା ତଥା ଓଡ଼ିଶାର ପ୍ରତିନିଧିତ୍ୱ କରି ଗୋଲୁର ପଞ୍ଚାୟତ ପୋଡ଼େଇସିଂ ଗ୍ରାମର ଯୁବକ ରଘୁରାମ ନାୟକ ଦିନେ ନନ୍ଦପୁର ବ୍ଲକ ପାଇଁ ଆଣିଥିଲେ ଗୌରବ। ଏବେ ସେ ଜାତୀୟ ସ୍ତରରେ ହୋଇଛନ୍ତି ସମ୍ମାନିତ। ଭାରତୀୟ ଦୃଷ୍ଟିହୀନ କ୍ରିକେଟ ଆସୋସିଏଶନ (ସିଏବିଓ୍ୱାଇ) ପକ୍ଷରୁ ଆୟୋଜିତ ଅନ୍ତଃରାଷ୍ଟ୍ରୀୟ ନାଗେଶ କ୍ରିକେଟ ଟୁର୍ନାମେଣ୍ଟରେ ଭାଗନେଇ ରଘୁରାମ ରାଜ୍ୟକୁ ୨୦୨୦ରେ ଚାମ୍ପିୟନ, ୨୦୨୧ ଓ ୨୦୨୨ରେ ଉପବିଜେତା କରିବାରେ ପ୍ରମୁଖ ଭୂମିକା ନେଇଥିଲେ। ବର୍ତ୍ତମାନ ମଧ୍ୟ ସେ ରାଜ୍ୟ ତଥା ଜିଲା ଦୃଷ୍ଟିବାଧିତ କ୍ରିକେଟ ଟିମ୍‌ର ସଦସ୍ୟ ଅଛନ୍ତି। ନିଜ ଗୁଜୁରାଣ ମେଣ୍ଟାଇବାକୁ ରଘୁରାମ ନନ୍ଦପୁର ବ୍ଲକ ଅନ୍ତର୍ଗତ ଡୁରୁବା-ଗାଲଗାଣ୍ଡା ବାଲି ସଇରାତର ବାଲିବୁହା ଟ୍ରାକ୍ଟରରେ ଏବେ ଶ୍ରମିକ ଭାବେ କାର୍ଯ୍ୟ କରୁଛନ୍ତି। ଓଡ଼ିଶା ପରି କ୍ରୀଡ଼ାଭିତ୍ତିକ ରାଜ୍ୟରେ ଦିବ୍ୟାଙ୍ଗ ଆଦିବାସୀ ଖେଳାଳିଙ୍କୁ ପ୍ରୋତ୍ସାହନ ମିଳୁ ନ ଥିବା ଅଭିଯୋଗ କରିଛନ୍ତି ରଘୁରାମ।

କୋରାପୁଟ ଦୃଷ୍ଟିହୀନ ବିଦ୍ୟାଳୟରେ ଦଶମ ଓ କୋରାପୁଟ ଡିଏଭି କଲେଜରେ ସ୍ନାତକ ହାସଲ କରିଥିବା ରଘୁରାମ ୨୦୧୬ରେ ଦଶମ ଶ୍ରେଣୀ ପଢୁଥିବା ସମୟରେ ତାଙ୍କର କ୍ରିକେଟ ଖେଳ ପ୍ରତି ଥିବା ଆଗ୍ରହକୁ ଚିହ୍ନଟ କରିଥିଲେ ଗୁରୁ ଚନ୍ଦ୍ରଶେଖର ପଟ୍ଟନାୟକ। ପ୍ରଥମେ ଜିଲା ଦୃଷ୍ଟିହୀନ କ୍ରିକେଟ ଟିମ୍ ପରେ ରାଜ୍ୟ ଦୃଷ୍ଟିହୀନ କ୍ରିକେଟ ଟିମ୍‌କୁ ସେ ମନୋନୀତ ହୋଇ ଗତ ୬ବର୍ଷ ହେଲା ନିୟମିତ ସଦସ୍ୟ ଅଛନ୍ତି। ଅନ୍ତର୍ଜାତୀୟ କ୍ରିକେଟର ସୁଖରାମଙ୍କୁ ନିଜ ଆଦର୍ଶ ବୋଲି ମାନିଥିବା କହନ୍ତି ରଘୁରାମ। ରାଜ୍ୟ ପକ୍ଷରୁ ୩ଟି ଜାତୀୟ ନାଗେଶ ଟ୍ରଫି ପ୍ରତିଯୋଗିତାରେ ଖେଳି ସେ ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ରାଜ୍ୟ ସରକାର ଓ ଜିଲା ପ୍ରଶାସନ କିମ୍ବା କୌଣସି ବେସରକାରୀ ଅନୁଷ୍ଠାନ ପକ୍ଷରୁ ତାଙ୍କୁ କୌଣସି ପ୍ରୋତ୍ସାହନ ମିଳୁ ନ ଥିବା କହନ୍ତି ସେ। କ୍ରିକେଟ୍ ଟୁର୍ନାମେଣ୍ଟ ସମୟରେ ଡାକ ଓ ମେଲ୍ ଯୋଗେ ଗୋଟେ ଚିଠି ଆସେ। ସେ ଭୁବନେଶ୍ୱର ଯାଆନ୍ତି। ଯାତାୟାତ ଖର୍ଚ୍ଚ ଓ ଖେଳିବା ସମୟର ଖାଦ୍ୟପେୟ ବ୍ୟବସ୍ଥା ରାଜ୍ୟ ଦୃଷ୍ଟିହୀନ କ୍ରିକେଟ ସଂଘ ବହନକରେ। ଜାତୀୟ ସ୍ତରର ପ୍ରତିଯୋଗିତାରେ ଅଂଶଗ୍ରହଣ କଲେ ମ୍ୟାଚ ପିଛା ମାତ୍ର ୬ଶହ ଟଙ୍କା ମିଳୁଥିବା କହିଛନ୍ତି ରଘୁରାମ। ଏବେ ସେ ନିଜ ଗାଁ ପୋଡ଼େଇସିଂରେ ବୃଦ୍ଧ ବାପା ସାଧୁ ନାୟକ, ମା' ପାର୍ବତୀ, ୪ଭାଇ ନରସିଂହ, ରଘୁରାମ, ସୁନ୍ଦରାୟ, ଶୁକଦେବଙ୍କ ସହ ରହୁଛନ୍ତି। ପାରିବାରିକ ସ୍ଥିତି ଦୁର୍ବଳ ଯୋଗୁ ସ୍ନାତକ ପରେ ପାଠପଢ଼ାରେ ଡୋରି ବାନ୍ଧିଛନ୍ତି ଏହି ଖେଳାଳି। ସରକାରଙ୍କ ପକ୍ଷରୁ ତାଙ୍କୁ ଉପଯୁକ୍ତ ପ୍ରୋତ୍ସାହନ ଯୋଗାଇଦେବାକୁ ସାଧାରଣରେ ମତ ପ୍ରକାଶ ପାଉଛି। ନିଜ ସଫଳତାର ଶ୍ରେୟ ସେ ଦୃଷ୍ଟିହୀନ କ୍ରିକେଟ ସଂଘ ସମ୍ପାଦକ ମହମ୍ମଦ ଜାଫର ଇକ୍‌ବାଲ ଓ ଜାତୀୟ ସିଏବିଓ୍ୱାଇ ସମ୍ପାଦକ ଜହନ ଡେଭିଡ୍‌ଙ୍କୁ ଶ୍ରେୟ ଦେଇଛନ୍ତି।

# ଭାରତୀୟ ଦଳରେ ଓଡ଼ିଶାର ୪

## ଆଇବିଏସ୍‌ଏ ଓ୍ୱାର୍ଲ୍ଡ ଗେମ୍ସ ପାଇଁ ଦୃଷ୍ଟିବାଧିତ ମହିଳା କ୍ରିକେଟ ଦଳ ଘୋଷଣା



ଝିଲି ବିରୁଆ



ଫୁଲ ସୋରେନ



ବାସନ୍ତି ହାଁସଦା



ପଦ୍ମିନୀ ଟୁଡୁ

**ଭୁବନେଶ୍ୱର, ୧୪।୬**
**(ତପନ ସ୍ୱାଇଁ)**

ଅନ୍ତର୍ଜାତୀୟ ବ୍ଲାଇଣ୍ଡ ସ୍ପୋର୍ଟ୍ସ ଫେଡେରେଶନ (ଆଇବିଏସ୍‌ଏ) ଆନୁକୂଲ୍ୟରେ ଓ୍ୱାର୍ଲ୍ଡ ଗେମ୍ସ-୨୦୨୩ ଆସନ୍ତା ଅଗଷ୍ଟ ୧୮ରୁ ୨୭ ପର୍ଯ୍ୟନ୍ତ ବର୍ମିଂହାମଠାରେ ଅନୁଷ୍ଠିତ ହେବ। ଏଥିରେ ପ୍ରଥମଥର ପାଇଁ ଦୃଷ୍ଟିବାଧିତ କ୍ରିକେଟକୁ ସାମିଲ କରାଯାଇଛି। ତେଣୁ ଏହି ପ୍ରତିଯୋଗିତା ପାଇଁ କ୍ରିକେଟ ଆସୋସିଏଶନ ଫର ଦି ବ୍ଲାଇଣ୍ଡ ଇନ୍ ଇଣ୍ଡିଆ (ସିଏବିଆଇ) ପକ୍ଷରୁ ବୁଧବାର ବେଙ୍ଗାଲୁରୁଠାରେ ଭାରତୀୟ ମହିଳା ଦଳ ଘୋଷଣା କରାଯାଇଛି। ୧୬ ଜଣିଆ ଭାରତୀୟ ଦଳରେ ଓଡ଼ିଶାର ୪ ଜଣ ସାମିଲ ହୋଇଛନ୍ତି। ସେମାନେ ହେଲେ ବାସନ୍ତି ହାଁସଦା (ବି-୨), ପଦ୍ମିନୀ ଟୁଡୁ (ବି-୧), ଝିଲି ବିରୁଆ ଓ ଫୁଲ ସୋରେନ (ଉଭୟେ ବି-୩)। ଭାରତୀୟ ଦଳରେ ବି-୧ ଓ ବି-୩ ବର୍ଗରେ ୬ ଜଣ ଲେଖାଏ ଏବଂ ବି-୨ ବର୍ଗରେ ୪ ଖେଳାଳି ରହିଛନ୍ତି। ଭାରତୀୟ ଦଳର ଖେଳାଳିମାନେ ଓ୍ୱାର୍ଲ୍ଡ ଗେମ୍ସ ପାଇଁ ପ୍ରସ୍ତୁତି ହେବାକୁ ନିକଟରେ କାଠମାଣ୍ଡୁରେ ନେପାଳ ବିପକ୍ଷରେ ୫ ମ୍ୟାଚ ବିଶିଷ୍ଟ ଦ୍ୱିପାକ୍ଷିକ ସିରିଜ ଖେଳିଥିଲେ।

# ପୂର୍ବାଞ୍ଚଳ ଦଳରେ ଓଡ଼ିଶାର ଶାନ୍ତନୁ

**ଭୁବନେଶ୍ୱର, ୧୪।୬**
**(ତପନ ସ୍ୱାଇଁ)**

ଘରୋଇ କ୍ରିକେଟର ଅନ୍ୟତମ ସମ୍ମାନଜନକ ପ୍ରତିଯୋଗିତା ଦୁଲୀପ ଟ୍ରଫି କ୍ରିକେଟ ଚଳିତ ମାସ ୨୮ରୁ ଜୁଲାଇ ୧୬ ପର୍ଯ୍ୟନ୍ତ ବେଙ୍ଗାଲୁରୁଠାରେ ଅନୁଷ୍ଠିତ ହେବ। ଏଥିପାଇଁ ବୁଧବାର ଘୋଷିତ ପୂର୍ବାଞ୍ଚଳ ଦଳରେ ଓଡ଼ିଶାର ଶାନ୍ତନୁ ମିଶ୍ର ସ୍ଥାନ ପାଇଛନ୍ତି। ଅନ୍ୟତମ ଓଡ଼ିଆ ଖେଳାଳି ସୂର୍ଯ୍ୟକାନ୍ତ ପ୍ରଧାନଙ୍କୁ ଷ୍ଟାଣ୍ଡବାଇଭାବେ ନିଆ ଯାଇଛି।

ପୂର୍ବାଞ୍ଚଳ ଦଳ: ଅଭିମନ୍ୟୁ ଈଶ୍ୱରନ (ଅଧିନାୟକ), ସୁଦୀପ ଘରାମି, ରିୟାନ ପରାଗ, ଅନୁଷ୍ଟୁପ ମଜୁମଦାର, ବିପିନ ସୌରଭ, ଅଭିଷେକ ପୋରେଲ (ଉଇକେଟ କିପର), କୁମାର କୁଶାଗ୍ର (ଉଇକେଟ କିପର), ଶାହାବାଜ ନଦୀମ (ଉପ-ଅଧିନାୟକ), ଶାହାବାଜ ଅହମଦ, ମୁକେଶ କୁମାର, ଆକାଶ ଦୀପ୍, ଅନୁକୁଳ ରାୟ, ମଣିଶଙ୍କର ମୁରା ସିଂ, ଇଶାନ ପୋରେଲ।

# ସ୍ପେନରେ ଫୁଟବଲ୍ ତାଲିମ୍ ନେବେ ଓଡିଏମ୍ ଗ୍ଲୋବାଲ୍ ସ୍କୁଲର ୨ବିଦ୍ୟାର୍ଥୀ




ସ୍ପେନ୍‌ରେ ଖେଳିବାକୁ ମନୋନୀତ ଓଡିଏମ୍‌ର ଦୁଇ ବିଦ୍ୟାର୍ଥୀ।

**ଭୁବନେଶ୍ୱର, ୧୪।୬ (ଅଭୟ ଦାଶ)**

ରାଜ୍ୟର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ ଓଡିଏମ୍ ଗ୍ଲୋବାଲ୍ ସ୍କୁଲର ୨ଜଣ ବିଦ୍ୟାର୍ଥୀ ସ୍ପେନରେ ଫୁଟବଲ୍ ତାଲିମ୍ ପାଇବା ପାଇଁ ମନୋନୀତ ହୋଇଛନ୍ତି। ଆର୍ଡେର ଫୁଟବଲ୍ ଏକାଡେମୀ (ଏଏଫଏ) ଦ୍ୱାରା ଓଡିଶାରୁ ଆଶାୟୀ ଫୁଟବଲ ଖେଳାଳି ଚୟନ ପାଇଁ ଏକ ଶିବିରର ଆୟୋଜନ କରିଥିଲା। ଉକ୍ତ ଶିବିରରୁ ଓଡିଏମ୍ ଗ୍ଲୋବାଲ୍ ସ୍କୁଲର ୨ଜଣ ବିଦ୍ୟାର୍ଥୀ ଶ୍ରୀଜାଲ୍ କିସ୍କୁ (ବାଳକ) ଏବଂ ସୁଲେଖା କାନହର (ବାଳିକା) ସ୍ପେନରେ ଫୁଟବଲ୍ ତାଲିମ୍ ପାଇବା ପାଇଁ ମନୋନୀତ ହୋଇଛନ୍ତି। ଓଡ଼ିଏମର ପ୍ରତିଷ୍ଠାତା ତଥା ଅଧ୍ୟକ୍ଷ ଡ଼ଃ ସତ୍ୟବ୍ରତ ମୀନକେତନ, ମୁଖ୍ୟ କାର୍ଯ୍ୟକାରିଣୀ ଅଧିକାରୀ ସ୍ୱୟନ୍ ସତ୍ୟେନ୍ଦୁ, ବିତ୍ତ ଏବଂ ପ୍ରଶାସନିକ ନିର୍ଦ୍ଦେଶିକା ଇନ୍ଦୁମତୀ ରାୟ ଏବଂ ଅଧ୍ୟକ୍ଷା ଶୈଳେନ୍ଦ୍ର କୁମାରୀ ଖେଳାଳିଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

## କିଟ୍ ଅନ୍ତର୍ଜାତୀୟ ଚେସ୍ ଫେଷ୍ଟିଭାଲ

# 'ବି' ବର୍ଗରେ ଶାମ୍ ଆର୍. ଚାମ୍ପିୟନ

**ଭୁବନେଶ୍ୱର, ୧୪।୬**
**(ତପନ ସ୍ୱାଇଁ)**



ଚାମ୍ପିୟନ ଶାମ୍ ଆର୍.ଙ୍କୁ ଅତିଥିମାନେ ପୁରସ୍କୃତ କରୁଛନ୍ତି।

କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଚାଲିଥିବା ଅନ୍ତର୍ଜାତୀୟ ଚେସ୍ ଫେଷ୍ଟିଭାଲର 'ବି' ବର୍ଗ ଟୁର୍ନାମେଣ୍ଟ ବୁଧବାର ଶେଷ ହୋଇଛି। ୧୦ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ତାମିଲନାଡୁର ଶାମ୍ ଆର. ୮.୫ ପଏଣ୍ଟ ପାଇ ଚାମ୍ପିୟନ ହୋଇଛନ୍ତି। ଆନ୍ଧ୍ର ପ୍ରଦେଶର ଜ୍ଞାନ ସାଇ ସନ୍ତୋଷ ଏମ୍. ଓ ପଶ୍ଚିମବଙ୍ଗର ବସକ ବିଶାଲ ସମାନ ୮.୫ ପଏଣ୍ଟ ଲେଖାଏ ପାଇଥିଲେ ହେଁ ବୁକୋଲଜରେ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି। ପୁରସ୍କାର ଆକାରରେ ଏହି ୩ ପ୍ରତିଯୋଗୀଙ୍କୁ ଟ୍ରଫି ସହ ୬୦,୦୦୦, ୪୫,୦୦୦ ଓ ୩୫,୦୦୦ ଟଙ୍କା ପ୍ରଦାନ କରାଯାଇଛି। 'ବି' ବର୍ଗ ପ୍ରତିଯୋଗିତାରେ ୬ ଲକ୍ଷ ଟଙ୍କାର ପୁରସ୍କାର ରାଶିକୁ ୯୭ କୃତୀ ପ୍ରତିଯୋଗୀଙ୍କୁ ପ୍ରଦାନ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ କିଟ୍ ଇଣ୍ଟରନ୍ୟାଶନାଲ ସ୍କୁଲ୍‌ର ଚେୟାରପର୍ସନ ମୋନାଲିସା ବଳ, ସର୍ବଭାରତୀୟ ଚେସ୍ ଫେଡେରେଶନ (ଏଆଇସିଏଫ୍)ର କୋଷାଧ୍ୟକ୍ଷ ନରେଶ ଶର୍ମା, ଯୁଗ୍ମ ସମ୍ପାଦକ ରଞ୍ଜନ ମହାନ୍ତି, ମୁଖ୍ୟ ଆର୍ବିଟର ନୀତୀନ ଶେଣଭି, ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ (ଏଓସିଏ) ସଭାପତି ଜି.ସି. ମହାପାତ୍ର ପ୍ରମୁଖ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

## ଫୁରସତ୍

# ସବୁଜ ଶକ୍ତି ହିଁ ସର୍ବୋତ୍ତମ



## ବିଶ୍ୱ ପବନ ଦିବସ

ବିଶ୍ୱରେ ପ୍ରଦୂଷଣ ମାତ୍ରା ବଢ଼ିଚାଲିଛି। ଶିଳ୍ପାୟନର ଦ୍ରୁତ ବିକାଶ ସହିତ ପ୍ରଦୂଷଣମୁକ୍ତ ଶକ୍ତିର ଚାହିଦା ବଢ଼ିବାରେ ଲାଗିଛି। ପୃଥିବୀକୁ ଆସନ୍ତା ପିଢ଼ିଙ୍କ ଲାଗି ଜୀବିତ ରଖିବା ପାଇଁ ସବୁଜ ଶକ୍ତି ଉତ୍ସ ଉପରେ ଗୁରୁତ୍ୱାରୋପ କରାଯାଉଛି। ସବୁଜ ଶକ୍ତି ମଧ୍ୟରେ ପବନ ଶକ୍ତି ବିଶେଷ ଆଦୃତି ଲାଭ କରିପାରିଛି। ପବନ ଶକ୍ତି ସମ୍ପର୍କରେ ସଚେତନତା ସୃଷ୍ଟି ଲାଗି ପ୍ରତିବର୍ଷ ଜୁନ୍ ୧୫ ରେ 'ବିଶ୍ୱ ପବନ ଦିବସ' ପାଳନ କରାଯାଇଥାଏ।

ଜାତୀୟ ପବନ ଶକ୍ତି ସଙ୍ଗଠନ ଏବଂ ପବନ ଶକ୍ତି ଉତ୍ପାଦନରେ ଜଡ଼ିତ କମ୍ପାନୀଗୁଡିକ ମିଳିତ ଭାବେ ବିଶ୍ୱର ଅନେକ ଦେଶରେ ଏହି ଦିବସ ପାଳନ ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରିଥାନ୍ତି। ୨୦୧୧ରେ, ୪ଟି ମହାଦେଶର ୩୦ଟି ଦେଶରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏସବୁ କାର୍ଯ୍ୟକ୍ରମରେ ଉପକୂଳ ଏବଂ ଅଫ୍‌ଶୋର ପବନ ଫାର୍ମ ପରିଦର୍ଶନ, ସୂଚନା ଅଭିଯାନ, ସହରରେ ସ୍ଥାପିତ ଟର୍ବାଇନ୍ ପ୍ରଦର୍ଶନୀ, ପବନ କର୍ମଶାଳା ଏବଂ ପବନ ପରେଡ ଅନ୍ତର୍ଭୁକ୍ତ ଥିଲା।

୨୦୦୭ ମସିହାରେ ପ୍ରଥମଥର ପାଇଁ ୟୁରୋପୀୟ ପବନ ଶକ୍ତି ସଂଘ (ଇଡବ୍ଲୁଇଏ) ଦ୍ୱାରା ଆନୁଷ୍ଠାନିକ ଭାବେ ସଂଗଠିତ ହୋଇଥିଲା। ୨୦୦୭ରେ, ୟୁରୋପରେ ପ୍ରଥମଥର ପାଇଁ ପବନ ଦିବସ ପାଳନ କରାଯାଇଥିଲା। ପବନ ଶକ୍ତିର ଉପଯୋଗିତା ଏବଂ ଏକ ସ୍ଥାୟୀ ଉତ୍ସ ଭାବରେ ଏହାର ଅପାର ପରିସର ହୃଦୟଙ୍ଗମ ହୋଇପାରିଥିଲା। ୨୦୦୯ରେ ଗ୍ଲୋବାଲ ପବନ ଶକ୍ତି ପରିଷଦ(ଜିଇଡବ୍ଲୁଇସି) ଏବଂ ୟୁରୋପୀୟ ପବନ ଶକ୍ତି ସଂଘ ବିଶ୍ୱ ପବନ ଦିବସକୁ ଏକ ବିଶ୍ୱସ୍ତରୀୟ କାର୍ଯ୍ୟକ୍ରମ କରିବା ପାଇଁ ସହଯୋଗ କରିଥିଲେ । ୨୦୧୨ରେ ବିଭିନ୍ନ ଦେଶରେ ପ୍ରାୟ ୨୫୦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଶ୍ୱ ପବନ ଦିବସ ଏକ ଗୁରୁତ୍ୱପୂର୍ଣ୍ଣ ଅନ୍ତର୍ଜାତୀୟ ଦିବସ ଭାବେ ଏକ ଜରୁରୀ ପ୍ରାକୃତିକ ସମ୍ପଦ ରୂପେ ପବନ ଶକ୍ତି ବିଷୟରେ ସଚେତନତା ସୃଷ୍ଟି କରିଥାଏ। ପବନ ଭଳି ନବୀକରଣଯୋଗ୍ୟ ସବୁଜ ଶକ୍ତି ଉତ୍ସଗୁଡ଼ିକ ଅତ୍ୟନ୍ତ ମୂଲ୍ୟବାନ୍। ସେଗୁଡ଼ିକ ମୁକ୍ତ ଏବଂ ପରିବେଶ ପାଇଁ ମଧ୍ୟ କ୍ଷତିକାରକ ନୁହେଁ। ଏହି ପ୍ରଦୂଷଣମୁକ୍ତ ସର୍ବୋତ୍ତମ ସବୁଜ ଶକ୍ତି ଉତ୍ସର ବିକାଶ ପାଇଁ ଏହି ଦିବସ ପାଳନ ଅବସରରେ ଉଦ୍ୟମ ହୋଇଥାଏ।

# ବିଜୟଙ୍କ ସହ ନଜର ଆସିବେ ମୃଣାଳ

**ମୁମ୍ବାଇ**



ମୃଣାଳ ଠାକୁର୍

ଅଭିନେତ୍ରୀ ମୃଣାଳ ଠାକୁର୍‌ଙ୍କ ତେଲୁଗୁ ଫିଲ୍ମ 'ସୀତାରାମମ୍' ଜରିଆରେ ସେ ଦର୍ଶକଙ୍କ ଅଧିକ ପସନ୍ଦ ହୋଇପାରିଛନ୍ତି। ସେବେଠାରୁ ତାଙ୍କୁ ଅନେକ ଫିଲ୍ମ ପାଇଁ ଅଫର ଆସୁଛି। ତେବେ ଅଭିନେତ୍ରୀ ମୃଣାଳ ଓ ଅଭିନେତା ବିଜୟ ଦେବରକୋଣ୍ଡା ଏକାଠି ନଜର ଆସିବାକୁ ଯାଉଛନ୍ତି। ଦୁହିଁଙ୍କୁ ପ୍ରଥମ ଥର ପାଇଁ ଷ୍ଟେଜ୍‌ରେ ଦେଖିବାକୁ ମିଳିବ। ନିକଟରେ ଫିଲ୍ମ ଶୁଟିଂ ଆରମ୍ଭ ହେବାର ସମୟ ଧାର୍ଯ୍ୟ ହୋଇଯାଇଛି। ଚଳଚ୍ଚିତ୍ର ନାମ ଜଣାପଡି ନ ଥିବାବେଳେ ତାହା ଖୁବ୍‌ଶୀଘ୍ର ସମସ୍ତଙ୍କ ସାମ୍ନାକୁ ଆସିଯିବ। ଭେଙ୍କଟେଶ୍ୱର କ୍ରିଏଶନ ମାଧ୍ୟମରେ ମୁଭିକୁ ପରଶୁରାମ ପେଟ୍‌ଲା ପ୍ରଯୋଜନା କରିବେ। ବିଜୟ ବର୍ତ୍ତମାନ ଫିଲ୍ମ 'ଖୁସି'ରେ ବ୍ୟସ୍ତ ରହିଛନ୍ତି, ଯାହା ଏକ ରୋମାଣ୍ଟିକ୍ କମେଡି ମୁଭି। ତେବେ ମୃଣାଳ ୨୦୧୪ରେ ତାଙ୍କ ମରାଠୀ ଫିଲ୍ମ 'ଭିଟି ଦଣ୍ଡୁ' ଜରିଆରେ କ୍ୟାରିୟର ଆରମ୍ଭ କରିଥିଲେ। ସେ ସାଉଥ୍ ଇଣ୍ଡଷ୍ଟ୍ରିରେ ଅନେକ ଫିଲ୍ମ କରିଥିବାବେଳେ 'ସୀତାରାମମ୍'ରେ ଚର୍ଚ୍ଚାକୁ ଆସିଥିଲେ। ଆଗକୁ ତାଙ୍କ ହାତରେ ଆହୁରି ଅନେକ ଫିଲ୍ମ ରହିଛି। ଯେଉଁଥିପାଇଁ ସେ ବ୍ୟସ୍ତ ଅଛନ୍ତି। ଏଥିସହ ସେ ଟେଲିଭିଜନର ଅନେକ ସିରିଏଲରେ ମଧ୍ୟ କାମ କରିଛନ୍ତି।

# ୧ ମିନିଟ୍‌ରେ ପିଗି ବ୍ୟାଙ୍କରେ ୨୩ ମୁଦ୍ରା ଭର୍ତ୍ତି କଲେ

**ଲଣ୍ଡନ:** ୨ ବର୍ଷର କୁକୁର ନିକଟରେ ପିଗି ବ୍ୟାଙ୍କରେ ଟଙ୍କା ଭର୍ତ୍ତି କରି ଗିନିଜ୍ ଓ୍ୱାର୍ଲ୍ଡ ରେକର୍ଡ କରିଛି। ବ୍ରିଟେନର ଆବେରଡିନ୍ ଅଞ୍ଚଳର କୁକୁର ଲିଓ ସ୍ପାସ୍‌ଡ ୧ ମିନିଟ୍ ଭିତରେ ପିଗି ବ୍ୟାଙ୍କରେ ୨୩ଟି ମୁଦ୍ରା ଭର୍ତ୍ତି କରିଛି। ଏହା ପୂର୍ବରୁ ୨ ବର୍ଷର କକ୍କର ସ୍ପାନିଏଲ ନାମକ କୁକୁର ୧ ମିନିଟ୍‌ରେ ପିଗି ବ୍ୟାଙ୍କରେ ମୁଦ୍ରା ଭର୍ତ୍ତି କରି ଏହି ରେକର୍ଡ କରିଥିଲା। ତେବେ ଲିଓକୁ ତା' ମାଲିକ ଏମିଲି ଆଣ୍ଡରସନ୍ ଦେଢ ବର୍ଷ ହେବ ଟ୍ରେନିଂ ଦେଉଛନ୍ତି।





# ଚାକିରି ଛାଡ଼ି ଟ୍ରକ୍‌ରେ ରହୁଛନ୍ତି ମହିଳା

**ଓ୍ୱାଶିଂଟନ:** ଯୁଆଡ଼େ ଗଲେ ବି ଘରେ ହିଁ ସବୁଠୁ ଭଲ ନିଦ ହୋଇଥାଏ। ଏଠାରେ ଜଣେ ମହିଳା ତାଙ୍କ ଚାକିରି ଛାଡ଼ି ଟ୍ରକ୍‌ରେ ରହୁଥିବା କହିଛନ୍ତି। ଆମେରିକାର ବାସିନ୍ଦା ମୋଲି ୨ ବର୍ଷ ପୂର୍ବେ କର୍ପୋରେଟର ଚାକିରି ଛାଡ଼ି ଉତ୍ତର ଆମେରିକାର ବିଭିନ୍ନ ସ୍ଥାନକୁ ବୁଲିବାକୁ ବାହାରିଲେ। ସେଥିପାଇଁ ସେ ଏକ ଟ୍ରକ୍‌କୁ ବ୍ୟବହାର କଲେ। ସେଥିରେ ବିଭିନ୍ନ ସ୍ଥାନ ବୁଲିବା ସହ ଟ୍ରକ୍‌ରେ ହିଁ ରହିବାକୁ ଲାଗିଲେ। ତାଙ୍କସହ ତାଙ୍କ ସ୍ୱାମୀ କେନ୍ ଓ ପାଳିତ କୁକୁର ବି ଥିଲେ। ପ୍ରଥମେ ମୋଲିଙ୍କୁ ଲାଗୁଥିଲା କି ଲକ୍ଷେ ଟଙ୍କାର ଦରମା ମିଳିଲେ ଜୀବନ ଶାନ୍ତି ଲାଗିବ। ସେ ତାଙ୍କ ଚାକିରିରେ ଖୁସି ସହ ସନ୍ତୁଷ୍ଟ ବି ଥିଲେ। ହେଲେ ତାଙ୍କୁ ତାଙ୍କ ଜୀବନରେ କିଛି ଅଧା ରହିଗଲା ଭଳି ଲାଗୁଥିଲା। ସେଥିପାଇଁ ସେ ଚାକିରି ଛାଡ଼ି ଜୀବନର ପ୍ରତ୍ୟେକଟି ମୁହୂର୍ତ୍ତକୁ ଭଲରେ ବଞ୍ଚିବାକୁ ନିଷ୍ପତ୍ତି ନେଲେ। ସେ ଟ୍ରକ୍‌ରେ ସ୍ୱାମୀ ଓ ପାଳିତ କୁକୁରଙ୍କ ସହିତ ବୁଲିବାକୁ ଯିବା ସହ ଟ୍ରକ୍‌କୁ ତାଙ୍କ ଘର କରିସାରିଲେଣି। ଟ୍ରକ୍‌ରେ ରୋଷେଇ, ଖଟ, ରୁମ୍ ସବୁ ରହିଛି। ଫଳରେ ଟ୍ରକ୍‌ଟି ପୂରା ଘର ଭଳି ଦେଖାଯାଉଛି। ସେ ସୋସିଆଲ ମିଡିଆରେ ଲୋକଙ୍କୁ ଅଧିକାଂଶ ସମୟ ବୁଲିବାକୁ ପରାମର୍ଶ ମଧ୍ୟ କରିଥାନ୍ତି।



ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପଠାରେ ରାଜ୍ୟସ୍ତରୀୟ ରଜ ମହୋତ୍ସବ ପାଳନ ଅବସରରେ ଖୋଲାଯାଇଥିବା ପାନ ପସରା।



କଟକ ବଳଭଦ୍ରପୁର ଜୟମହାବୀର ଫାଉଣ୍ଡେସନ ପକ୍ଷରୁ ଆୟୋଜିତ ରଜ ମହୋତ୍ସବରେ ଯୁବତୀମାନେ ପୋଡ଼ପିଠା ଖୁଆଇ ରଜ ଉତ୍ସବ ପାଳନ କରୁଛନ୍ତି।

**ଗଣପର୍ବ ରଜ ପାଇଁ ରାଜଧାନୀ ଭୁବନେଶ୍ୱର ସମେତ ରାଜ୍ୟର ଗାଁ ଓ ସହର ସବୁଠି ଉତ୍ସବର ମାହୋଲ୍ ଆରମ୍ଭ ହୋଇଛି। ବୁଧବାର ପହିଲି ରଜରେ ପିଠା, ମିଠା, ପାନ ସାଙ୍ଗକୁ ଦୋଳି ଖେଳରେ ମଜି ଯାଇଛନ୍ତି ଛୋଟ ପିଲାଙ୍କଠାରୁ ଆରମ୍ଭ କରି ଝିଅ, ବୋହୂମାନେ। ବିଶେଷକରି ତରୁଣୀମାନେ ସଜବାଜ ହୋଇ ସାଙ୍ଗସାଥୀଙ୍କ ମେଳରେ ବୁଲାବୁଲି କରିବା ସହ ବିଭିନ୍ନ କାର୍ଯ୍ୟକ୍ରମରେ ସାମିଲ ହୋଇ ରଜର ମଜା ନେଉଛନ୍ତି। ସହରର ବିଭିନ୍ନ ହୋଟେଲ, ଅନୁଷ୍ଠାନ, କ୍ଲବ୍ ଓ ଘରୋଇ ଭାବେ ସ୍ୱତନ୍ତ୍ର ରଜ ଉତ୍ସବର ଆୟୋଜନ କରାଯାଇଥିବାବେଳେ ରଜଦୋଳି, ଝୋଟି, ରଙ୍ଗୋଲି, ସାଜସଜ୍ଜା, ରଜକୁମାରୀ ପ୍ରତିଯୋଗିତା ସହ ନାଚଗୀତର ଆସର ଖୁବ୍ ଜମୁଛି।**

# ଜମିଲା ପହିଲି ରଜ

## ଓଡ଼ିଆଣୀଙ୍କ ରଜମଉଜ

''ବନସ୍ତେ ଡାକିଲା ଗଜ ବରଷକେ ଥରେ ଆସିଛି ରଜ...'' ଭଳି ରଜଗୀତର ମୂର୍ଚ୍ଛନାରେ ସଭିଏଁ ହୋଇ ଉଠୁଥିଲେ ଉତ୍ସବ ମୁଖର। ଅବସର ଥିଲା ଓଡ଼ିଶାର ପ୍ରମୁଖ ତଥା ଆଦିପର୍ବ ରଜ ଉତ୍ସବ ଉପଲକ୍ଷେ ପହିଲି ରଜ ସନ୍ଧ୍ୟାରେ ସଂଭାବନା ଓଡ଼ିଆଣୀ ସମିତି ପକ୍ଷରୁ ସୂଚନା ଭବନଠାରେ ଓଡ଼ିଆଣୀଙ୍କୁ ନେଇ ଆୟୋଜିତ 'ରଜ ମଉଜ'। ସ୍ରଷ୍ଟି ସ୍ମୃତି ମହାନ୍ତିଙ୍କ ପରିଚାଳନାରେ ପୋଡ଼ପିଠା ଓ ରଜ ପାନର ପ୍ରଦର୍ଶନ ସହ ଦର୍ଶକମାନଙ୍କୁ ପରିବେଷଣ ଏବଂ କବିତା ପାଠୋତ୍ସବ, ସଙ୍ଗୀତ ଗାନ ଓ ନୃତ୍ୟ ଆଦିରେ ଉପସ୍ଥିତ ଓଡ଼ିଆଣୀମାନେ ଭାଗ ନେଇ ଚମତ୍କାର ପ୍ରଦର୍ଶନ କରିଥିଲେ। ଅତିଥି ଭାବେ ବିଧାୟକ ସମୀର ରଞ୍ଜନ ଦାସ, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ସାହିତ୍ୟିକ ଦାଶ ବେନହୁର, କଣ୍ଠଶିଳ୍ପୀ ପ୍ରଣବ କିଶୋର ପଟ୍ଟନାୟକ, ୨୦୨୩ ଶ୍ରେଷ୍ଠ ଓଡ଼ିଆଣୀ ସୌଭାଗ୍ୟଲକ୍ଷ୍ମୀ ମହାନ୍ତି, ସମାଜସେବୀ କସ୍ତୁରିକା ପଟ୍ଟନାୟକ, ଅନୁଷ୍ଠାନର ସମ୍ପାଦକ ଦେବ ପ୍ରସାଦ ପରିଜା, ଓଡ଼ିଆଣୀ ସମିତିର ସଭାନେତ୍ରୀ ସୌଦାମିନୀ ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ଚଳିତବର୍ଷ ପ୍ରଥମଥର ପାଇଁ ଅନୁଷ୍ଠାନ ପକ୍ଷରୁ ପରିବେଶ ଲାଗି ଉତ୍ସର୍ଗୀକୃତ କାର୍ଯ୍ୟ ପାଇଁ ବିଶିଷ୍ଟ ପରିବେଶବିତ୍ ଡ. ସୁନ୍ଦର ନାରାୟଣ ପାତ୍ରଙ୍କୁ 'ବାଙ୍କବିହାରୀ ପରିବେଶ ସମ୍ମାନ ୨୦୨୩' ପ୍ରଦାନ କରାଯାଇଥିଲା।

## ଆଜି 'ସ୍ମୃତିରେ ଅକ୍ଷୟ'

ଭୁବନେଶ୍ୱର ଉପକଣ୍ଠ ପାହାଲ ଉତ୍କଳ ହାଇଟ୍ସସ୍ଥିତ କଲ୍‌ଚରାଲ୍ ଆସୋସିଏଶନ ପକ୍ଷରୁ ରଜ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଏହା ୩ ଦିନ ଧରି ଚାଲିବ। ମହୋତ୍ସବର ପ୍ରଥମ ଦିନରେ ଏକାଗ୍ରତା ଡ୍ୟାନ୍ସ ଫାଉଣ୍ଡେଶନ ଏବଂ ଉତ୍କଳ ହାଇଟ୍ସ ପରିବାର ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ନୃତ୍ୟାଞ୍ଜଳୀ ଆୟୋଜନ କରାଯାଇଥିଲା। ଅନ୍ନପୂର୍ଣ୍ଣା ମହିଳା ଗୋଷ୍ଠୀଙ୍କ ବିଭିନ୍ନ ସୁସ୍ୱାଦୁ ଓଡ଼ିଆ ଖାଦ୍ୟର ଷ୍ଟଲ, ରଜ ପାନ ଓ ରଜ ଦୋଳିର ବ୍ୟବସ୍ଥା କରାଯାଇଛି। ଶତାଧିକ ମହିଳାଙ୍କ ସହ ବିଭିନ୍ନ ବର୍ଗର ଲୋକେ ଯୋଗଦେଇଥିଲେ। ଗୁରୁବାର 'ସ୍ମୃତିରେ ଅକ୍ଷୟ' କାର୍ଯ୍ୟକ୍ରମ ରହିଛି।

**-ଶର୍ମିଷ୍ଠା ପାଣିଗ୍ରାହୀ, ଭୁବନେଶ୍ୱର**

## ରାଜଧାନୀର ଗାଁ ଗାଁରେ ରଜ

ରାଜଧାନୀର ବିଭିନ୍ନ ଗାଁରେ ପହିଲି ରଜର ଆସର ଜମିଛି। ବରମୁଣ୍ଡା, ଘାଟିକିଆ, ପାତ୍ରପଡ଼ା, ନୟାପଲ୍ଲୀ ଆଦି ଗାଁର ବିଭିନ୍ନ ଆଞ୍ଚଳିକ କମିଟି ପକ୍ଷରୁ ରଜ ମହୋତ୍ସବ ଆୟୋଜନ କରାଯାଇଛି। ପଡ଼ିଆରେ ରଜଦୋଳି ଗୀତ ଗୁଞ୍ଜରିତ ହୋଇଥିବାବେଳେ ମିଠାପାନ ସହ ଭଳିକି ଭଳି ଖାଦ୍ୟ ପସରାର ମଜା ନେଇଛନ୍ତି ସହରବାସୀ।

ପାତ୍ରପଡ଼ା ଗାଁରେ ସକାଳରୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ଭିଡ଼ ଜମିଥିଲା। ମହାରାଜା କ୍ରିକେଟ୍ ଆସୋସିଏଶନ ଓ ପାତ୍ରପଡ଼ା- ଭଗବାନପୁର ଯୁବ ବାହିନୀ ପକ୍ଷରୁ ଆୟୋଜିତ ୧୩ତମ ରଜ ମହୋତ୍ସବରେ ସାରା ସହର ତଥା ସହର ବାହାରୁ ଲୋକମାନେ ଯୋଗ ଦେଇଥିଲେ। ଖରାକୁ ଖାତିର ନ କରି କୁନି କୁନି ପିଲାଙ୍କଠାରୁ ବୟସ୍କମାନେ ରଜ ପର୍ବର ମଜା ନେଇଛନ୍ତି। ଦିନ ତମାମ ନେତା, ଅଭିନେତା ଓ ଅଭିନେତ୍ରୀ ଏଠାରେ ପହଞ୍ଚି ଲୋକଙ୍କ ସହ ରଜ ପାଳନ କରୁଥିବା ଦେଖିବାକୁ ମିଳିଥିଲା। ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ଦୋଳିରେ ରାଧାକୃଷ୍ଣଙ୍କୁ ଝୁଲାଇଥିଲେ। ଅପରାହ୍ନରେ ଓଲିଉଡ୍ ଅଭିନେତ୍ରୀ ଏଲିନା ସାମନ୍ତରାୟ ପହଞ୍ଚି ରଜ ଉତ୍ସବରେ ନିଜକୁ ସାମିଲ କରିଥିଲେ। ରଜ ଗୀତ ଗାଇ ପ୍ରିୟ ଅଭିନେତ୍ରୀଙ୍କ ସହ ସେଲ୍‌ଫି ନେବାର ସୁଯୋଗକୁ ପ୍ରଶଂସକ ହାତଛଡ଼ା କରିନ ଥିଲେ। ସନ୍ଧ୍ୟାରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଅତିଥି ଭାବେ ବିଧାୟକ ଅନନ୍ତ ନାରାୟଣ ଜେନା, ବିଧାୟକ ସୁଶାନ୍ତ ରାଉତ, ମେୟର ସୁଲୋଚନା ଦାସ ପ୍ରମୁଖ ଯୋଗଦେଇଥିଲେ। ସେହିପରି ନୟାପଲ୍ଲୀରେ ଓଲିଉଡ଼ର ବିଶିଷ୍ଟ କଳାକାରମାନେ ଦର୍ଶକଙ୍କ ମନୋରଞ୍ଜନ କରିଥିଲେ। ଘାଟିକିଆ ମେଳଣ ପଡ଼ିଆରେ ଆୟୋଜିତ ରଜ ମହୋତ୍ସବରେ ମଧ୍ୟ ଅନୁରୂପ କାର୍ଯ୍ୟକ୍ରମରେ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା।

**-ଅନୁରାଧା ମହାରଣା, ଭୁବନେଶ୍ୱର**



କଟକ ବଳଭଦ୍ରପୁର ଜୟମହାବୀର ଫାଉଣ୍ଡେସନ ପକ୍ଷରୁ ଆୟୋଜିତ ରଜ ମହୋତ୍ସବରେ ଯୁବତୀମାନେ ସେଲ୍‌ଫି ନେଉଛନ୍ତି।



କଟକ ବିକାଶ ଭବନରେ ଅନୁଷ୍ଠିତ ରଜ ମହୋତ୍ସବରେ ଜଣେ ଯୁବତୀ ଦୋଳି ଖେଳୁଛନ୍ତି।



ଭୁବନେଶ୍ୱର କଳ୍ପନା ଛକସ୍ଥିତ ରାଜ୍ୟ ସଂଗ୍ରହାଳୟରେ ଆୟୋଜିତ ରଜ ଉତ୍ସବରେ ପାରମ୍ପରିକ ନୃତ୍ୟ ପରିବେଷଣ।



ଭୁବନେଶ୍ୱର ରାଜ୍ୟ ସଂଗ୍ରହାଳୟରେ ଆୟୋଜିତ ରଜ ଉତ୍ସବରେ ଅନ୍ୟମାନଙ୍କ ସହ ଭୁବନେଶ୍ୱର ମେୟର ସୁଲୋଚନା ଦାସ, ଶ୍ରୀମୟୀ ମିଶ୍ର ଦୋଳି ଖେଳୁଛନ୍ତି।



କଟକ ବିକାଶ ଭବନରେ ବୁଧବାର ଅନୁଷ୍ଠିତ ରଜ ମହୋତ୍ସବ ତଥା ଲୋକକଳା ଉତ୍ସବ ଅବସରରେ ଯୁବତୀମାନେ ପରସ୍ପରକୁ ପାନ ଖୁଆଉଛନ୍ତି।



କଟକ ବିକାଶ ଭବନରେ ଆୟୋଜିତ ରଜ ମହୋତ୍ସବରେ କଟକ ମେୟର ସୁବାସ ସିଂ କଟକ-ବାରବାଟୀ ବିଧାୟକ ମହମ୍ମଦ ମୋକିମଙ୍କୁ ପୋଡ଼ପିଠା ଖୁଆଇ ଦେଉଛନ୍ତି। ନିକଟରେ ଅଛନ୍ତି କଟକ-ଚୌଦ୍ୱାର ବିଧାୟକ ସୌଭିକ୍ ବିଶ୍ୱାଳ।



ଧଉଳି ଗୋପୀନାଥପୁର ମେଳଣ ପଡ଼ିଆରେ ମା' ଦକ୍ଷିଣଚଣ୍ଡୀ ମହିଳା ମହାସଂଘ ପକ୍ଷରୁ ଅନୁଷ୍ଠିତ ୭ମ ରଜ ଉତ୍ସବରେ ଜଣେ ମହିଳା ଦୋଳି ଖେଳୁଛନ୍ତି।



ଭୁବନେଶ୍ୱର ପାତ୍ରପଡ଼ାଠାରେ ଆୟୋଜିତ ରଜ ମହୋତ୍ସବରେ ଯୋଗଦେଇ ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତିକୁ ଦୋଳିରେ ଝୁଲାଉଛନ୍ତି।

# ମନେ ରହିବ 'ଲଷ୍ଟ'

ଚଳିତ ବର୍ଷ ଫେବୃୟାରୀ ୧୬ରେ ପ୍ରେକ୍ଷାଳୟରେ ମୁକ୍ତିଲାଭ କରିଥିଲା ହିନ୍ଦୀ ସିନେମା 'ଲଷ୍ଟ'। ଏଥିରେ ମୁଖ୍ୟ ଭୂମିକାରେ ଅଭିନୟ କରିଥିଲେ ୟାମି ଗୌତମ। ରୋଲ୍‌ଟି ଥିଲା ବିଧି ସାହାଣୀ। ଆମର ହଜିଯାଉଥିବା ପରମ୍ପରାକୁ କିପରି ରକ୍ଷା କରାଯାଇପାରିବ ସେଥିଲାଗି ଜଣେ ନାରୀ କିପରି ଅଣ୍ଟା ଭିଡ଼ିଛି, ତାହା ଏହି ଫିଲ୍ମରେ ଦେଖିବାକୁ ମିଳିଛି। ଏଥିରେ ନିଜ ଭୂମିକାକୁ ଠିକ୍ ଭାବେ ତୁଲାଇ ୟାମି ସାଉଁଟି ଚାଲିଛନ୍ତି ପ୍ରଶଂସା। ଏ ସମ୍ପର୍କରେ ସେ କହନ୍ତି, 'ଯେତେବେଳେ ଏହି ଅଫରଟି ମୋତେ ମିଳିଲା ଆଉ ଫିଲ୍ମର କାହାଣୀ ଏବଂ ମୋ ଭୂମିକା ବିଷୟରେ ଏହାର ନିର୍ଦ୍ଦେଶକ ଅନିରୁଦ୍ଧ ରାୟ ଚୌଧୁରୀ ମୋତେ ସୂଚନା ଦେଲେ ସେତେବେଳେ ମୁଁ ଭାବିଥିଲି ସିନେମାଟି ନିଶ୍ଚୟ ଦର୍ଶକଙ୍କ ମନକୁ ଛୁଇଁବ। ଆଉ ଶେଷରେ ତାହା ହିଁ ହୋଇଥିଲା। କିନ୍ତୁ ବଡ଼ ପରଦାରେ ରିଲିଜ୍ ହେବା ପୂର୍ବରୁ ଗତବର୍ଷ ସେପ୍ଟେମ୍ବର ୨୨ରେ ଅନୁଷ୍ଠିତ ଚିକାଗୋ ସାଉଥ୍ ଏସିଆନ୍ ଫିଲ୍ମ ଫେଷ୍ଟିଭାଲ ଏବଂ ଗୋଆରେ ଆୟୋଜିତ ୫୩ତମ ଇଣ୍ଟରନ୍ୟାଶନାଲ ଫିଲ୍ମ ଫେଷ୍ଟିଭାଲ ଅଫ୍ ଇଣ୍ଡିଆରେ ପ୍ରଦର୍ଶିତ ହୋଇ ପ୍ରଶଂସିତ ହୋଇଥିଲା। ଏହି ଫିଲ୍ମଟି ମୋ କ୍ୟାରିୟରକୁ ବେଶ୍ ମାଇଲେଜ୍ ଦେଇଛି।' ୟାମିଙ୍କ କ୍ୟାରିୟର ଆରମ୍ଭ ହୋଇଥିଲା ଛୋଟ ପରଦାରୁ। 'ଚାନ୍ଦ୍ କି ପାର୍ ଚଲୋ' ଧାରାବାହିକରେ ସେ ଅଭିନୟ କରିଥିଲେ। କନ୍ନଡ ଫିଲ୍ମ 'ଉଲ୍ଲାସ ଉତ୍ସାହ'ରୁ ତାଙ୍କର ବଡ଼ ପରଦା କ୍ୟାରିୟର ଆରମ୍ଭ ହୋଇଥିଲା। ଏହାବ୍ୟତୀତ ସେ ତାମିଲ, ତେଲୁଗୁ, ମାଲାୟାଲମ, ପଞ୍ଜାବୀ ଫିଲ୍ମରେ ମଧ୍ୟ ଅଭିନୟ କରିଛନ୍ତି। ୟାମି ଅଭିନୟ କରିଥିବା ପ୍ରମୁଖ ହିନ୍ଦୀ ସିନେମାଗୁଡ଼ିକ ହେଲା-'ଭିକି ଡୋନର', 'ଆକ୍ସନ ଜ୍ୟାକ୍‌ସନ', 'ବଦ୍‌ଲାପୁର', 'ସନମ୍ ରେ', 'ସରକାର-୩', 'ବାଲା', 'ଗିନ୍ନି ୱେଡ୍‌ସ ସନ୍ନି', 'ଭୂତ ପୋଲିସ୍' ଏବଂ 'ଏ ଥର୍ସ ଡେ'।


ୟାମି

# ଜହ୍ନ ରାତିର ସାଥୀ


ସମ୍ବିତ୍

କୋଟିପତି ସତ୍ୟଜିତ ପଟ୍ଟନାୟକ ନିଜ ବ୍ୟବସାୟକୁ ନେଇ ବ୍ୟସ୍ତ। ଜମିଦାର ଭବାନୀ ଶଙ୍କର ରାୟ ଚୌଧୁରୀଙ୍କ ସହ ସୃଷ୍ଟି ହୁଏ ବନ୍ଧୁତା। ସମୟକ୍ରମେ ଦୁହେଁ ଏକାଠି ବିଜନେସ୍ କରିବାକୁ ସ୍ଥିର କରନ୍ତି। ଏହାଭିତରେ ସତ୍ୟଜିତଙ୍କ ଏକମାତ୍ର ଝିଅ ନେହାର ଭବାନୀଙ୍କ ପୁତୁରା ଅମିତ୍ ସହ ପ୍ରେମସମ୍ପର୍କ ଗଢ଼ିଉଠେ। ଏକ ଘଟଣାକ୍ରମରେ ନେହା ଜଙ୍ଗଲରେ ହଜିଯିବା ପରେ ପ୍ରେମ କାହାଣୀ ନିଏ ନୂଆ ମୋଡ଼। ସୁନୟନା ନାମ୍ନୀ ଜଣେ ଯୁବତୀ (ଯାହାର ଆତ୍ମା ଅତୃପ୍ତ ରହିଛି) ସଂସ୍ପର୍ଶରେ ଆସିବା ପରେ କାହାଣୀରେ ଆସେ ରୋଚକ ପରିବର୍ତ୍ତନ। ତେବେ ସୁନୟନା ଆତ୍ମା କାହିଁକି ଅତୃପ୍ତ ରହିଛି ଏବଂ ପରବର୍ତ୍ତୀ ସମୟରେ ଅମିତ-ନେହାର ପ୍ରେମ କିପରି ଆଗକୁ ଆଗଉଛି ଆଉ ସତ୍ୟଜିତ ଏବଂ ଶଙ୍କରଙ୍କ ଭିତରେ ଥିବା ବନ୍ଧୁତା ଅତୁଟ ରହେ କି ନାହିଁ ତାହାର ଉତ୍ତର ସିନେମାଟି ଦେଖିଲେ ହିଁ ଜାଣିପାରିବେ। ହଁ, ଏଭଳି ଏକ ରହସ୍ୟ, ରୋମାଞ୍ଚଭରା କାହାଣୀକୁ ନେଇ ପ୍ରସ୍ତୁତ ହୋଇଛି ଓଡ଼ିଆ ସିନେମା 'ଜହ୍ନ ରାତିର ସାଥୀ'। ଫିଲ୍ମଟିର ପ୍ରଯୋଜନା କରିଛନ୍ତି ଅଜୟ କୁମାର ରାଉତ। କାର୍ଯ୍ୟନିର୍ବାହୀ ପ୍ରଯୋଜକ ଅଛନ୍ତି ବିକାଶ କୁମାର ରାଉତ। ଏଥିରେ ସମରେଶ ରାଉତରାୟ ଗୁଣିଆ ଚରିତ୍ରରେ ଅବତୀର୍ଣ୍ଣ ହୋଇଛନ୍ତି। ଜିତେନ୍ଦ୍ର ଜେନାଙ୍କ ନିର୍ଦ୍ଦେଶନାରେ ଏହାର ବିଭିନ୍ନ ଭୂମିକାରେ ସିଦ୍ଧାନ୍ତ ମହାପାତ୍ର, ସମ୍ବିତ ଆଚାର୍ଯ୍ୟ, ଶୀତଲ ପାତ୍ର, ପୁନମ ମିଶ୍ର, ପ୍ରଜ୍ଞା ଖଟୁଆ, ପୃଥ୍ୱିରାଜ ନାୟକ, ନୈନା ଦାଶ ଏବଂ ଚୌଧୁରୀ ଜୟପ୍ରକାଶ ଦାସ ପ୍ରମୁଖ କଳାକାର। ଚିତ୍ରଟିର ସେନ୍‌ସର କାମ ଶେଷ ହୋଇଛି ଏବଂ ଏହା ଖୁବ୍‌ଶୀଘ୍ର ରିଲିଜ୍ ହେବ ବୋଲି ସୂଚନା ଦେଇଛନ୍ତି ପ୍ରଯୋଜକ।

ପରଦାରେ

# ଆଦିପୁରୁଷ


'ଆଦିପୁରୁଷ' ଫିଲ୍ମରେ ପ୍ରଭାସ ଏବଂ କ୍ରିତି

ରାମାୟଣ କଥାବସ୍ତୁକୁ ଆଧାର କରି ନିର୍ମିତ ହୋଇଛି 'ଆଦିପୁରୁଷ'। ଉଭୟ ହିନ୍ଦୀ ଏବଂ ତେଲୁଗୁ ଭାଷାରେ ଏହାକୁ ପ୍ରସ୍ତୁତ କରାଯାଇଛି। ଖାସ୍ କଥା ହେଲା ଫିଲ୍ମଟି ଆସନ୍ତାକାଲି ଅର୍ଥାତ୍ ୧୬ ତାରିଖରେ ମୁକ୍ତିଲାଭ କରିବାକୁ ଯାଉଛି। ଏହାର ପ୍ରାରମ୍ଭିକ କାମ ଆରମ୍ଭ ବେଳଠାରୁ ଏହାକୁ ନେଇ ଚର୍ଚ୍ଚା ଲାଗି ରହିଛି। କେତେକ ସିନେ ସମୀକ୍ଷକ ଆକଳନ କରିଛନ୍ତି ଯେ, ଚଳିତ ବର୍ଷ ଏହା ସବୁଠାରୁ ଅଧିକ ଆୟକାରୀ ଫିଲ୍ମ ଭାବରେ ପରିଗଣିତ ହେବ। ଏଥିରେ ରାମ ଭୂମିକାରେ ସାଉଥ୍ ଷ୍ଟାର ପ୍ରଭାସ, ରାବଣ ଚରିତ୍ରରେ ସୈଫ ଅଲ୍ଲୀ ଖାଁ ଏବଂ ସୀତା ରୋଲ୍‌ରେ କ୍ରିତି ସାନନ୍ ଅଭିନୟ କରିଛନ୍ତି। ଫିଲ୍ମଟିର କାହାଣୀ ରଚନା ସହ ନିର୍ଦ୍ଦେଶନାଭାର ତୁଲାଇଛନ୍ତି ଓମ୍ ରାଓ୍ୱତ। ପ୍ରଯୋଜନା କରିଛନ୍ତି ଟି-ସିରିଜ୍ ଏବଂ ରେଟ୍ରୋଫିଲିସ୍। ଅତ୍ୟାଧୁନିକ ଟେକ୍ନୋଲୋଜିରେ ଏହାର ଶୁଟିଂ କରାଯାଇଛି। ଫିଲ୍ମଟିର ବଜେଟ୍ ରହିଛି ୭୦୦ କୋଟି। ୧୯୯୨ରେ ରିଲିଜ୍ ହୋଇଥିବା ଜାପାନୀ ଫିଲ୍ମ 'ରାମାୟଣ : ଦ ଲିଜେଣ୍ଡ ଅଫ୍ ପ୍ରିନ୍ସ ରାମ'କୁ ଦେଖିବା ପରେ 'ଆଦିପୁରୁଷ' ନିର୍ମାଣ କରିବାକୁ ମନ ବଳାଇଥିଲେ ଓମ୍। ଫିଲ୍ମଟିର ଟିଜର ରିଲିଜ୍ ହେବା ପରେ ତାହା ଏତେ ଲୋକପ୍ରିୟ ହେଲା ଯେ ପୂର୍ବ ବଜେଟ୍ ୪୦୦ କୋଟିକୁ ଟପି ଏହା ୭୦୦ କୋଟିରେ ପହଞ୍ଚି ଯାଇଥିଲା। ଏ ନେଇ ଓମ୍ କୁହନ୍ତି, 'ଏଥିରେ ରାମ-ସୀତା-ରାବଣ ଚରିତ୍ର ନାମକୁ ବଦଳାଇ 'ରାଘବ-ଜାନକୀ-ଲଙ୍କେଶ' ରଖାଯାଇଛି। ଆଦିପୁରୁଷ ଅର୍ଥ ହେଲା ପ୍ରଥମ ପୁରୁଷ। କିନ୍ତୁ ଏହି ଟାଇଟଲର ଅର୍ଥ ହେଉଛି ବେଷ୍ଟ ମ୍ୟାନ୍ ବା ଶ୍ରେଷ୍ଠ ପୁରୁଷ। ସୀତା ଭୂମିକା ପାଇଁ କ୍ରିତିଙ୍କୁ ସାଇନ୍ କରିବା ପୂର୍ବରୁ ଆଉ କେତେଜଣ ଅଭିନେତ୍ରୀ-ଅନୁଷ୍କା ସେଟ୍ଟି, ଅନୁଷ୍କା ଶର୍ମା, କିଆରା ଆଡ୍‌ୱାନୀ ଏବଂ କୀର୍ତ୍ତି ସୁରେଶଙ୍କ ନାମ ବିଚାରକୁ ନିଆଯାଇଥିଲା।' ଏହି ଫିଲ୍ମରେ ଅଭିନୟ କରିବା ଲାଗି ପ୍ରଭାସ ପାରିଶ୍ରମିକ ଆକାରରେ ୧୫୦ କୋଟି ନେଇଛନ୍ତି।

# ଶିବ ଅବତାର


'ଓଏମ୍‌ଜି-୨' ଫିଲ୍ମରେ ଅକ୍ଷୟ

ଖିଲାଡି ମାଷ୍ଟର ଅକ୍ଷୟ କୁମାର ଖୁବ୍ ଶୀଘ୍ର ଏକ ନୂଆ ଗେଟ୍‌ଅପ୍‌ରେ ଦର୍ଶକଙ୍କ ସାମ୍‌ନାକୁ ଆସିବେ। ଅବଶ୍ୟ ଏହା ତାଙ୍କ ପାଇଁ ନୂଆ ନୁହେଁ। ପୂର୍ବରୁ ଅନେକ ଭିନ୍ନ ଭୂମିକା ତାଙ୍କୁ ଚର୍ଚ୍ଚିତ କରିବା ସହ ଦର୍ଶକଙ୍କ ନିକଟତର କରାଇବାରେ ସାହାଯ୍ୟ କରିଛି। ଏଥରର ନୂଆ ଅବତାର ହେଲା ଶିବ ଆଉ ସିନେମାଟି ହେଉଛି 'ଓଏମ୍‌ଜି ୨'। ଏହାପୂର୍ବରୁ ୨୦୧୨ରେ ତାଙ୍କ ଅଭିନୀତ 'ଓଏମ୍‌ଜି' (ଓ ମାଇଁ ଗଡ୍) ହିଟ୍ ସାବ୍ୟସ୍ତ ହୋଇଥିଲା। ସେଥିରେ ଅକ୍ଷୟଙ୍କ ବ୍ୟତୀତ ପରେଶ ରାଓ୍ୱଲ, ମିଥୁନ ଚକ୍ରବର୍ତ୍ତୀ, ଗୋବିନ୍ଦ ନାମଦେବ ମଧ୍ୟ ଅଭିନୟ କରିଥିଲେ। ୨୦୨୧ରେ ଏହାର ସିକ୍ୱେଲ ନିର୍ମାଣ କରିବାକୁ ଚିନ୍ତା କରିଥିଲେ ଅକ୍ଷୟ ଆଉ ଏବେ ତାଙ୍କର ସେହି ସ୍ୱପ୍ନ ସାକାର ହୋଇଛି। ବର୍ତ୍ତମାନର ଶିକ୍ଷା ବ୍ୟବସ୍ଥା ଉପରେ କାହାଣୀ ଗତି କରିଛି। ଫିଲ୍ମଟିର ପ୍ରଯୋଜନା କରିଛନ୍ତି ଭିପୁଲ ଡି. ଶାହା, ରାଜେଶ ବହଲ ଏବଂ ଅଶ୍ୱିନୀ ବର୍ଦ୍ଦେ। ଅମିତ ରାଇଙ୍କ ନିର୍ଦ୍ଦେଶିତ 'ଓଏମ୍‌ଜି ୨'ରେ ଅକ୍ଷୟଙ୍କ ବ୍ୟତୀତ ପଙ୍କଜ ତ୍ରିପାଠୀ, ୟାମି ଗୌତମ, ଅରୁଣ ଗୋଭିଲଙ୍କୁ ମଧ୍ୟ ଦେଖିବାକୁ ମିଳିବ। ତେବେ ଏହି ଫିଲ୍ମଟି ଦର୍ଶକଙ୍କୁ କେତେ ପ୍ରଭାବିତ କରୁଛି ତାହା ରିଲିଜ୍ ପରେ ହିଁ ଜଣାପଡ଼ିବ।

# କାରଣ ଖୋଜୁଛନ୍ତି ନୁସ୍‌ରତ

ନୁସ୍‌ରତ ଭରୁଚା କେତେ ଆଶା ରଖିଥିଲେ। ଯାହା ହେଉ ପୁଣି ଏକ ଅଫର ମିଳିଛି। ଏପରି କି ନୂଆ ସିନେମାଟିରେ ଅଭିନୟ କରିବାକୁ ସେ ନିଜର ସମ୍ମତି ଜଣାଇ ସାରିଥିଲେ। କିନ୍ତୁ ରାତାରାତି କ'ଣ ହେଲା କେଜାଣି, ଦେଖିଲା ବେଳକୁ ନୁସ୍‌ରତଙ୍କୁ ଫାଇନାଲ କାଷ୍ଟିଂରୁ ଆଉଟ୍ କରିଦିଆଯାଇଥିଲା। ଏହା ପଛରେ କି କାରଣ ରହିଛି ତାହାର ଖିଅ ଏଯାଏ ସେ ଖୋଜି ପାଉନାହାନ୍ତି। ତାଙ୍କ ସ୍ଥାନରେ ଅନନ୍ୟା ପାଣ୍ଡେଙ୍କୁ ସାଇନ୍ କରାଯାଇଥିଲା। ଏଭଳି ଘଟଣା ସମ୍ପର୍କରେ ନୁସ୍‌ରତ କହନ୍ତି, 'ମୋତେ କାହିଁକି ଶେଷକୁ କାଷ୍ଟିଂରୁ ବାଦ୍ ଦିଆଗଲା, ତାହା ମୁଁ ଜାଣିପାରୁନି। ଅବଶ୍ୟ ଏହି ଫିଲ୍ମରେ ଆକ୍ଟିଂ କରିବାକୁ ମୁଁ ରାଜି ହୋଇଥିଲି, କିନ୍ତୁ ସାଇନିଂ ଆମାଉଣ୍ଟ ନେଇ ନ ଥିଲି। ପ୍ରଯୋଜନା ସଂସ୍ଥା ମୋ ବଦଳରେ ଅନନ୍ୟାଙ୍କୁ ନେଇଛି। ଏହାକୁ ମୁଁ ଅଧିକ ତର୍ଜମା କରିବାକୁ ଚାହୁଁନାହିଁ। କାରଣ ଆକ୍ଟିଂ ଲାଇନ୍‌ରେ ଏମିତି ଅନେକ ଘଟଣା ଘଟିଥାଏ।' ହଁ, ଏହି ଫିଲ୍ମଟିର ଟାଇଟଲ ରହିଛି 'ଡ୍ରିମ୍ ଗର୍ଲ-୨'। ଚିତ୍ରଟି ଚଳିତ ମାସ ୨୩ରେ ପରଦା ଉପରକୁ ଆସୁଛି। ଏଥିରେ ଅନନ୍ୟାଙ୍କ ନାୟକ ସାଜିଛନ୍ତି ଆୟୁଷ୍ମାନ୍ ଖୁରାନା।


ନୁସ୍‌ରତ

ରିଲିଜ୍ ଅପେକ୍ଷାରେ

# ଶଙ୍କର

ଆକ୍ସନ, ରୋମାଣ୍ଟିକ୍ ଓ ସସ୍‌ପେନ୍ସ ଭରା ତଥା ଏକ ଭିନ୍ନ ଧରଣର କାହାଣୀକୁ ନେଇ ନିର୍ମିତ ହୋଇଛି ଓଡ଼ିଆ ସିନେମା 'ଶଙ୍କର'। ନାୟକ (ଦେବା) ନିଶାକୁ ଜୀବନର ସର୍ବସ୍ୱ ଭାବି ଚାଲୁଥିବା ବେଳେ ଦେଖାହୁଏ ଆଉ ଜଣେ ସୁନ୍ଦରୀ (ଦିବ୍ୟା) ସହ। ଦୁହେଁ ଦୁହିଙ୍କୁ ଭଲ ପାଇ ବସନ୍ତି। ତା'ପରେ କ'ଣ ଘଟେ ତାହା ସିନେମାରେ ଦେଖିବାକୁ ପାଇବେ। ଚିତ୍ରର ବିଭିନ୍ନ ଭୂମିକାରେ ଦେବା, ସିଦ୍ଧାନ୍ତ ମହାପାତ୍ର, ଶିବା, ଦିବ୍ୟା, କୁନା ତ୍ରିପାଠୀ, କେକେ, କାଳୀ, ବିଜୁ ବଡ଼ଜେନା, ଦୀପ୍ତିରେଖା ପଣ୍ଡା, ସୁପ୍ରିୟା, ମିତା ଚକ୍ରବର୍ତ୍ତୀ, ନୂପୁର ଘୋଷ୍ ପ୍ରମୁଖ କଳାକାର ଅଭିନୟ କରିଛନ୍ତି। ସାଇ ଦରବାର ଫିଲ୍ମସ ବ୍ୟାନରରେ ଏହାର କାହାଣୀ, ଚିତ୍ରନାଟ୍ୟ ରଚନା କରିବା ସହ ନିର୍ଦ୍ଦେଶନା ଦେଇଛନ୍ତି ଏନ୍. ପାଢ଼ୀ। ଗୀତଗୁଡ଼ିକୁ ସ୍ୱରରେ ସଜାଇଛନ୍ତି ବୈଦ୍ୟନାଥ ଦାଶ। "ରଜ ଅବସରରେ ସମସ୍ତଙ୍କୁ ଶୁଭେଚ୍ଛା ଜଣାଉଛି। ଭିନ୍ନ ଧରଣର କାହାଣୀକୁ ଆଧାର କରି ନିର୍ମିତ ଏହି ଫିଲ୍ମଟି ଖୁବ୍‌ଶୀଘ୍ର ପରଦା ଉପରକୁ ଆସିବ। ଦର୍ଶକ ଏଥିରୁ ଶତ ପ୍ରତିଶତ ମନୋରଞ୍ଜନ ପାଇବେ ଏହା ମୋର ଦୃଢ଼ ବିଶ୍ୱାସ ବୋଲି କୁହନ୍ତି ଏହାର ପ୍ରଯୋଜକ ଅରବିନ୍ଦ ସାହୁ।"


'ଶଙ୍କର' ଫିଲ୍ମରେ (ବାମରୁ) ଦେବା, ସିଦ୍ଧାନ୍ତ, ଶିବା

# ଅତୀତରୁ


ଚିନ୍ମୟୀ

- ଉଦୟ ପିକ୍‌ଚର୍ସ, କଟକ ବ୍ୟାନରରେ ପ୍ରସ୍ତୁତ ହୋଇଥିଲା ଓଡ଼ିଆ ସିନେମା 'ସୂର୍ଯ୍ୟମୁଖୀ'। ପ୍ରଫୁଲ୍ଲ ସେନ୍‌ଗୁପ୍ତାଙ୍କ ନିର୍ଦ୍ଦେଶନାରେ ଏହାର ବିଭିନ୍ନ ଭୂମିକାରେ ସୌମେନ୍ଦ୍ର, ମିନତି, ଅନନ୍ତ ଏବଂ ସୁଖଲତା ପ୍ରମୁଖ କଳାକାର ଅଭିନୟ କରିଥିଲେ।
- ଶ୍ରୀନିବାସ ପାଇକରାୟଙ୍କ ପ୍ରଯୋଜିତ ଏବଂ ପ୍ରଭାତ ମୁଖାର୍ଜୀଙ୍କ ନିର୍ଦ୍ଦେଶିତ 'ଜୀବନସାଥୀ'ର ଗୀତଗୁଡ଼ିକୁ ସ୍ୱର ଦେଇଥିଲେ ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ବାଳକୃଷ୍ଣ ଦାଶ। ଏଥିରେ ଶରତ ପୂଜାରୀ, ଗୀତା, ସାମୁଏଲ ସାହୁ (ବାବି) ପ୍ରମୁଖ କଳାକାରଙ୍କୁ ଦେଖିବାକୁ ମିଳିଥିଲା।
- ଓଡ଼ିଆ ସିନେମା 'ଅମଡ଼ାବାଟ'ର ପ୍ରଯୋଜନା କରିଥିଲେ ବାବୁଲାଲ ଦୋଷୀ। ଉମାକାନ୍ତ, ଅକ୍ଷୟ, ଝରଣା ଦାସ, ଗୀତା ପ୍ରମୁଖ କଳାକାର ଏଥିରେ ଅଭିନୟ କରିଥିଲେ।
- ରାଜାରାଣୀ ଫିଲ୍ମସ, କଟକ ବ୍ୟାନରରେ ନିର୍ମିତ 'ବନ୍ଧନ'ର ନାୟକ ସାଜିଥିଲେ ପ୍ରଶାନ୍ତ ନନ୍ଦ। ଏଥିରେ ଗୀତାଞ୍ଜଳି, ଗୋବିନ୍ଦ, ଧୀର ବିଶ୍ୱାଳ ପ୍ରମୁଖ କଳାକାରଙ୍କୁ ଦେଖିବାକୁ ମିଳିଥିଲା।
- 'ଅଶାନ୍ତ ଗ୍ରହ' ଫିଲ୍ମର ପ୍ରଯୋଜନା କରିଥିଲେ ତୋଫାନ ତ୍ରିପାଠୀ ଏବଂ ନିର୍ଦ୍ଦେଶନା ଦେଇଥିଲେ ଶରତ ପୂଜାରୀ। ଏହି ଚିତ୍ରରେ ଶରତଙ୍କ ବ୍ୟତୀତ ଉତ୍ତମ ମହାନ୍ତି, ମହାଶ୍ୱେତା ରାୟ ମଧ୍ୟ ଅଭିନୟ କରିଥିଲେ।
- ରାହାସ ବିହାରୀ ପଣ୍ଡାଙ୍କ ପ୍ରଯୋଜନାରେ ପ୍ରସ୍ତୁତ 'ସମର୍ପଣ'ର ବିଭିନ୍ନ ଭୂମିକାରେ ଶରତ ପୂଜାରୀ, ଗିରିଶ, ତନ୍ଦ୍ରା, ନିହାରିକା ପ୍ରମୁଖ କଳାକାର ଅଭିନୟ କରିଥିଲେ।
- କେ.ଏଚ୍.ଡି. ରାଓଙ୍କ ନିର୍ଦ୍ଦେଶନାରେ ନିର୍ମିତ 'ଝିଲି ମିଲି'ରେ ଶ୍ରୀରାମ ପଣ୍ଡା ଏବଂ ମହାଶ୍ୱେତା ରାୟ ମୁଖ୍ୟ ଭୂମିକାରେ ଅଭିନୟ କରିଥିଲେ।
- ଓଡ଼ିଆ ସିନେମା 'ତଅପୋଇ'ର ପ୍ରଯୋଜନା କରିଥିଲେ ସୁବୋଧ ଚନ୍ଦ୍ର ସାମଲ ଏବଂ ନିର୍ଦ୍ଦେଶନା ଦେଇଥିଲେ ଶରତ ପୂଜାରୀ। ଏହାର ବିଭିନ୍ନ ଭୂମିକାରେ ପ୍ରଶାନ୍ତ ନନ୍ଦ, ସାମୁଏଲ ସାହୁ (ବାବି), ଧୀର ବିଶ୍ୱାଳ, କ୍ଷଣପ୍ରଭା ପ୍ରମୁଖ କଳାକାର ଅଭିନୟ କରିଥିଲେ।

# ଅପେକ୍ଷାରେ ଚିନ୍ମୟୀ

ନବାଗତା ଚିନ୍ମୟୀ ମଲ୍ଲ ଓରଫ ରାନୀ। ପାଠପଢ଼ା ସହିତ ମଡେଲିଂ ସହ ଜଡ଼ିତ। ହେଲେ ତା' ଭିତରେ ବଡ଼ ପରଦାରେ ନାୟିକା ସାଜିବାର ଆଶା ରଖିଛନ୍ତି। ଅବଶ୍ୟ ୟା ଭିତରେ ତାଙ୍କୁ କେତୋଟି ଅଫର ମିଳିଛି। ନିଜର ଆକ୍ଟିଂ କ୍ୟାରିୟର ସମ୍ପର୍କରେ ସେ କହନ୍ତି, 'ଯେତେବେଳେ ସ୍କୁଲରେ ପଢୁଥିଲି ସେତେବେଳେ ଡ୍ରାମାରେ ଅଭିନୟ କରୁଥିଲି। ଡ୍ୟାନ୍ସ ଥିଲା ମୋର ଆଉ ଏକ ରୁଚି। ଏବେ ପାଠ ପଢ଼ିବା ସହ ମଡେଲିଂ ଚାଲିଛି। ବର୍ତ୍ତମାନ ଅଭିନୟକୁ କ୍ୟାରିୟର କରିବାକୁ ଆଶା ରଖିଛି। ଏ ନେଇ ତରବର ହେଲେ ତ ହେବ ନାହିଁ। ଅପେକ୍ଷା କରିବାକୁ ପଡ଼ିବ। କାରଣ ବଡ଼ ପରଦାରେ କୌଣସି ନୂଆ ଅଫର ଗ୍ରହଣ କରିବା ପୂର୍ବରୁ ମୋତେ ଗମ୍ଭୀରତା ସହ ଚିନ୍ତା କରିବାକୁ ପଡ଼ିବ। ବାକି ରହିଲା ରୋଲ୍ କଥା। ଜଣେ କଳାକାର ସବୁପ୍ରକାର ଭୂମିକା ତୁଲାଇ ପାରୁଥିବା ଦରକାର, ଆଉ ସେ ଆତ୍ମବିଶ୍ୱାସ ନିଜ ଉପରେ ରହିଛି।' ବଲିଉଡ୍‌ରେ ଶାହରୁଖ, ସଲ୍‌ମାନ ଏବଂ ଓଲିଉଡ୍‌ରେ ବାବୁସାନ୍, ଅର୍ଚ୍ଚିତା ହେଉଛନ୍ତି ତାଙ୍କ ମନପସନ୍ଦର କଳାକାର। ଇତିମଧ୍ୟରେ ସେ 'ଆଖି ପଲକରେ ତୁ' ନାମକ ଏକ ମ୍ୟୁଜିକ୍ ଆଲବମ୍‌ରେ ମଧ୍ୟ ଅଭିନୟ କରିଛନ୍ତି। ତେବେ କଟକ ଜିଲା ସାଲେପୁରରେ ଜନ୍ମିତା ଚିନ୍ମୟୀଙ୍କ ବଡ଼ ପରଦା ଆଶା କେବେ ପୂରଣ ହେଉଛି ତାହା ଜାଣିବାକୁ ଅପେକ୍ଷା କରିବାକୁ ହିଁ ପଡ଼ିବ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ନିଟ୍ (ୟୁଜି) ୨୦୨୩ ରେ ଆକାଶ ବାଇଜୁସ୍‌ର ବାଜିମାତ୍

## ଭୁବନେଶ୍ୱର ସେଣ୍ଟରର ସ୍ୱୟଂଶକ୍ତି ତ୍ରିପାଠୀ ଓଡ଼ିଶା ଟପ୍ପର

ଭୁବନେଶ୍ୱର,୧୪।୬
(ଅଭୟ ଦାଶ)

ଦେଶର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ ତଥା ପ୍ରବେଶିକା ପରୀକ୍ଷା ପ୍ରସ୍ତୁତକାରୀ କୋଚିଂ ଅନୁଷ୍ଠାନ ଆକାଶ ବାଇଜୁସ୍ ନିଟ୍ (ୟୁଜି) ୨୦୨୩ ଫଳାଫଳରେ ବାଜିମାତ୍ କରିଛି। ଏପରିକି ଆକାଶ ବାଇଜୁସ୍ ପ୍ରତି ବର୍ଷ ପରି ଚଳିତ ମଧ୍ୟ ଉଲ୍ଲେଖନୀୟ ସଫଳତା ହାସଲ କରିଛି। ସେହିଭଳି ଆକାଶ ବାଇଜୁସ୍‌ର ଭୁବନେଶ୍ୱର ସେଣ୍ଟର ମଧ୍ୟ ନିଟ୍ (ୟୁଜି) ୨୦୨୩ ରେ ପୂର୍ବ ସଫଳତାକୁ ପଛରେ ପକାଇ ଦେଇଛି। ଉକ୍ତ ସେଣ୍ଟରର ଛାତ୍ର ସ୍ୱୟଂଶକ୍ତି ତ୍ରିପାଠୀ ମୋଟ ୭୨୦ରୁ ୭୧୫ ସ୍କୋର (ନମ୍ବର) କରି ସର୍ବଭାରତୀୟ ସ୍ତରରେ (ଏଆଇଆର୍-୮) ୮ମ ସ୍ଥାନ ହାସଲ କରିବା ସହିତ ଏନ୍‌ଇଇଟି ୟୁଜି ୨୦୨୩ରେ ଓଡ଼ିଶା ଟପ୍ପର ହୋଇଛନ୍ତି।


ଆକାଶ ବାଇଜୁସ୍‌ର ଭୁବନେଶ୍ୱର ସେଣ୍ଟର ପକ୍ଷରୁ ବୁଧବାର ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ବିଶେଷକରି ନିଟ୍ (ୟୁଜି) ୨୦୨୩ ଫଳାଫଳରେ ସଫଳତା ଲାଭ କରିଥିବା ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି। ଏହି ଅବସରରେ ଆକାଶ ବାଇଜୁସ୍‌ର ବରିଷ୍ଠ ଅଧିକାରୀ ବିକାଶ ଦାସ,ସନ୍ଦୀପ ବର୍ମା, ସୂର୍ଯ୍ୟଭାନୁ ସିଂହ ଏବଂ ମୁରଲୀ କ୍ରିଷ୍ଣା ମେଡସେଟ୍ଟୀ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

ଏ ସମ୍ପର୍କରେ ଆକାଶ ବାଇଜୁସ୍‌ର ସିଇଓ ଅଭିଷେକ ମାହେଶ୍ୱରୀ କହିଛନ୍ତି, ଆମର ଲକ୍ଷ୍ୟ ହେଉଛି,ଦେଶର ପ୍ରତ୍ୟେକ କୋଣ ଅନୁକୋଣରୁ ସମ୍ଭାବନାକୁ ଚିହ୍ନଟ କରିବା ଏବଂ ସେହି ଛାତ୍ରୀଛାତ୍ରଙ୍କୁ ସେମାନଙ୍କ ପ୍ରସ୍ତୁତିରେ ପୂର୍ଣ୍ଣାଙ୍ଗ ସମର୍ଥନ ଯୋଗାଇଦେବା। ସ୍ୱୟଂଶକ୍ତିଙ୍କ ପାଇଁ ଆମେ ଅତ୍ୟନ୍ତ ଆନନ୍ଦିତ ଯେ ସେ ଅନ୍‌ଲାଇନ କ୍ଲାସ୍‌ରୁ ରୂପାନ୍ତରଣ ପରବର୍ତ୍ତୀ ସମୟରେ କ୍ଲାସ୍‌ରୁମ୍ ପରିବେଶ ଅଧିକ ଲାଭଜନକ ବୋଲି ଲକ୍ଷ୍ୟ କରିଥିଲେ। ଆମେ ତାଙ୍କ ପ୍ରଦର୍ଶନ ନେଇ ଆନନ୍ଦିତ ଏବଂ ତାଙ୍କର ଭବିଷ୍ୟତ ପ୍ରଚେଷ୍ଟାଗୁଡିକରେ ତାଙ୍କର ସର୍ବସଫଳତା କାମନା କରୁଛୁ। ସେହିଭଳି ଆକାଶ ବାଇଜୁସ୍‌ର ରିଜିଓନାଲ ଡାଇରେକ୍ଟର ଅଜୟ ବାହାଦୁର ସିଂ କହିଛନ୍ତି, ଛାତ୍ରୀଛାତ୍ରୀଙ୍କୁ ସେମାନଙ୍କର ଅନନ୍ୟ ସଫଳତା ପାଇଁ ଆମେ ଆମର ହାର୍ଦ୍ଦିକ ଅଭିନନ୍ଦନ ଜ୍ଞାପନ କରୁଛୁ। ଏପରିକି ଶ୍ରେଷ୍ଠ ସ୍କୋରଧାରୀ ଭାବେ ସେମାନଙ୍କର ଉଲ୍ଲେଖନୀୟ ସଫଳତା ଓ ସେମାନଙ୍କ ନିରଳସ କଠିନ ପରିଶ୍ରମ ଏବଂ ଏକନିଷ୍ଠ ଉତ୍ସର୍ଗୀକୃତ ଭାବର ନିଦର୍ଶନ ହୋଇଛି। ସେମାନଙ୍କର ଭବିଷ୍ୟତ ପ୍ରୟାସଗୁଡିକରେ ଆମେ ଆନ୍ତରିକତାର ସହିତ ସେମାନଙ୍କ ସର୍ବୋତ୍ତମ ସଫଳତା କାମନା କରୁଛୁ। ଆକାଶ ବାଇଜୁସ୍‌ରେ ଥିବା ଅଧ୍ୟାପନା ମଣ୍ଡଳୀଙ୍କୁ ମଧ୍ୟ ଆମେ ଆମ ଅନ୍ତରର ଗଭୀରତମ ପ୍ରଦେଶରୁ ପ୍ରଶଂସା କରୁଛୁ, ଯେଉଁମାନେ ଛାତ୍ରୀଛାତ୍ରଙ୍କୁ ନିରଳସ ଭାବେ ସମର୍ଥନ ଯୋଗାଇଦେଇ ସେମାନଙ୍କ ମନରେ ଥିବା ସମସ୍ତ ସନ୍ଦେହ ଓ ପ୍ରଶ୍ନର ସମାଧାନ କରିଛନ୍ତି। ପରିଶେଷରେ ଆକାଶ ବାଇଜୁସ୍ ପକ୍ଷରୁ ଯୋଗାଇ ଦିଆଯାଉଥିବା ସଫଳ ପାଠ୍ୟକ୍ରମ ସହିତ ଛାତ୍ରୀଛାତ୍ରଙ୍କ ପାଇଁ ଆମର ଦୃଢ ପ୍ରତିବଦ୍ଧତା ଏହି ସଫଳତା କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି।

# ଶକ୍ତିକାନ୍ତଙ୍କୁ ଗଭର୍ଣ୍ଣର ଅଫ୍ ଦି ଇୟର୍ ପୁରସ୍କାର

ଲଣ୍ଡନ,୧୪।୬

ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)ର ଗଭର୍ଣ୍ଣର ଶକ୍ତିକାନ୍ତ ଦାସଙ୍କୁ ଚଳିତବର୍ଷର 'ଗଭର୍ଣ୍ଣର ଅଫ୍ ଦି ଇୟର୍'ପୁରସ୍କାର ପ୍ରଦାନ କରାଯାଇଛି। ଲଣ୍ଡନର ସେଣ୍ଟ୍ରାଲ୍ ବ୍ୟାଙ୍କି ଆୱାର୍ଡ଼ସ ୨୦୨୩ ସମାରୋହରେ ପ୍ରଦାନ କରାଯାଇଥିବା ଏହି ପୁରସ୍କାର ସମ୍ପର୍କରେ ଗତ ମାର୍ଚ୍ଚରେ ଘୋଷଣା କରାଯାଇଥିଲା। ନ୍ୟାଶନାଲ ବ୍ୟାଙ୍କ ଅଫ୍ ୟୁକ୍ରେନ୍‌କୁ ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଦି ଇୟର୍ ପୁରସ୍କାର ଦିଆଯାଇଥିବାବେଳେ ଓଡ଼ିଶାରେ ଜନ୍ମିତ ଶକ୍ତିକାନ୍ତଙ୍କୁ ବିଶ୍ୱର ସର୍ବଶ୍ରେଷ୍ଠ କେନ୍ଦ୍ରୀୟ ବ୍ୟାଙ୍କ ଗଭର୍ଣ୍ଣର ଘୋଷଣା କରାଯାଇଥିଲା। କୋଭିଡ୍-୧୯ ସଂକ୍ରମଣ, ରୁଷିଆ, ୟୁକ୍ରେନ୍ ଯୁଦ୍ଧ ଏବଂ ପରବର୍ତ୍ତୀ ସମୟରେ ମୁଦ୍ରାସ୍ଫୀତି ବିରୋଧରେ ଲଢ଼େଇରେ ତାଙ୍କ ଭୂମିକାକୁ ସ୍ୱୀକୃତି ଦିଆଯାଇଛି। ମୁଦ୍ରାସ୍ଫୀତିକୁ ନିୟନ୍ତ୍ରଣକୁ ଆଣି ଅଭିବୃଦ୍ଧି ସମ୍ଭାବନା ଉଜ୍ଜ୍ୱଳ କରିପାରିଥିବା କେତେକ ରାଷ୍ଟ୍ର ମଧ୍ୟରେ ଭାରତର ସ୍ଥାନ ପ୍ରଥମରେ ରହିଛି।


ଶକ୍ତିକାନ୍ତ ଦାସ

# ମେ'ରେ ପାଇକାରୀ ମୁଦ୍ରାସ୍ଫୀତି -୩.୪୮%

ନୂଆଦିଲ୍ଲୀ,୧୪।୬

ବିଗତ କିଛି ମାସ ହେବ ପାଇକାରୀ ମୁଦ୍ରାସ୍ଫୀତି ହାରରେ ହ୍ରାସ ଘଟୁଛି। ଏପରିକି ୨୦୨୩ ମେ ମାସରେ ପାଇକାରୀ ମୁଦ୍ରାସ୍ଫୀତି ହାର ବିଯୁକ୍ତ ୩.୪୮% ରେ ପହଞ୍ଚିଛି ବୋଲି ବୁଧବାର ବାଣିଜ୍ୟ ଓ ଉଦ୍ୟୋଗ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ସରକାରୀ ତଥ୍ୟ ଅନୁସାରେ ୨୦୨୩ ମେ ମାସରେ ଖାଦ୍ୟପଦାର୍ଥ ମୁଦ୍ରାସ୍ଫୀତି ହ୍ରାସ ହୋଇ ୧.୫୧%କୁ ଖସିଆସିଛି, ଯାହା ୨୦୨୩ ଏପ୍ରିଲରେ ୩.୫୪%ରେ ଥିଲା। ବିଶେଷକରି ଶକ୍ତି କ୍ଷେତ୍ର (ଏନର୍ଜି ସେଗ୍‌ମେଣ୍ଟ)ରେ ମୁଦ୍ରାସ୍ଫୀତି ହାର ହ୍ରାସ ହୋଇ -୯.୧୭% କୁ ପହଞ୍ଚିଛି। ୨୦୨୩ ଏପ୍ରିଲରେ ଏହା ୦.୯୩% ଥିଲା। ଉତ୍ପାଦନ କ୍ଷେତ୍ର (ମାନୁଫାକ୍ଚରିଂ ପ୍ରଡକ୍ଟସ)ର ମୁଦ୍ରାସ୍ଫୀତି ହାର ମେ ମାସରେ ଶୂନରୁ ୨.୯୭% ତଳେ ରହିଛି, ଯାହା ୨୦୨୩ ଏପ୍ରିଲରେ ମଧ୍ୟ -୨.୪୨% ତଳେ ରହିଥିଲା। ପାଇକାରୀ ମୂଲ୍ୟ ସୂଚକାଙ୍କ ଆଧାରିତ ମୁଦ୍ରାସ୍ଫୀତି ହାର ଲଗାତର ଦ୍ୱିତୀୟ ମାସରେ ଶୂନରୁ ତଳକୁ ରହିଛି। ୨୦୨୩ ଏପ୍ରିଲରେ ଏହା - ୦.୯୨% ଥିଲା। ସେହିପରି ୨୦୨୨ ସମାନ ଅବଧି ମଧ୍ୟରେ ପାଇକାରୀ ମୁଦ୍ରାସ୍ଫୀତି ୧୬.୬୩%ରେ ଥିଲା।



# ନିଟ୍ ଫଳାଫଳରେ ଓଡିଏମ୍ ପବ୍ଲିକ୍ ସ୍କୁଲର ସଫଳତା

ଭୁବନେଶ୍ୱର,୧୪।୬

ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଓଡିଏମ୍ ପବ୍ଲିକ୍ ସ୍କୁଲ ନିଟ୍-୨୦୨୩ ଫଳାଫଳରେ ଉଲ୍ଲେଖନୀୟ ସଫଳତା ସହ ପୁଣିଥରେ ବାଜିମାତ୍ କରିଛି। ଏପରିକି ସଦ୍ୟ ପ୍ରକାଶିତ ନିଟ୍-୨୦୨୩ ପରୀକ୍ଷାରେ ଓଡିଏମ୍ ପବ୍ଲିକ୍ ସ୍କୁଲର ଛାତ୍ରୀଛାତ୍ରମାନେ ଅଭୂତ ପୂର୍ବ ସଫଳତାର ସହ କୃତିତ୍ୱ ହାସଲ କରିଛନ୍ତି। ସେହିଭଳି ସ୍କୁଲର ସର୍ବମୋଟ ୧୭୮ ଛାତ୍ରୀଛାତ୍ର ନିଟ୍-୨୦୨୩ ଚୟନ ତାଲିକାରେ ରହିଥିବା ବେଳେ ଦିପ୍ତେଶ କୁମାର ବେହେରା ସର୍ବଭାରତୀୟ ସ୍ତରରେ ୫୭୧ ତମ ସ୍ଥାନ ହାସଲକରି ବିଦ୍ୟାଳୟକୁ ଗୌରବମଣ୍ଡିତ କରିଛନ୍ତି। ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟର ଅଧକ୍ଷ ଡ. ସତ୍ୟବ୍ରତ ମୀନକେତନ, ନିର୍ଦ୍ଦେଶିକା (ବିତ୍ତ ଓ ପ୍ରଶାସନ) ତଥା ପ୍ରବନ୍ଧିକା ଇନ୍ଦୁମତୀ ରାୟ ଏବଂ ମୁଖ୍ୟ ସଞ୍ଚାଳନ ଅଧିକାରୀ ସ୍ୱୟନ୍ ସତ୍ୟେନ୍ଦୁ ସ୍କୁଲର ସମସ୍ତ କୃତୀ ଛାତ୍ରୀଛାତ୍ର ଓ ତାଙ୍କର ଅଭିଭାବକ ଏବଂ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।



# ତନିସ୍କର ସ୍ୱତନ୍ତ୍ର ଅଳଙ୍କାର ସମ୍ଭାର 'ଦିବ୍ୟାନି'



ଭୁବନେଶ୍ୱର,୧୪।୬

ଦେଶର ପ୍ରମୁଖ ଅଳଙ୍କାର ପ୍ରତିଷ୍ଠାନ ତନିସ୍କର ବହୁ ପ୍ରତୀକ୍ଷିତ ତଥା ସ୍ୱତନ୍ତ୍ର ଅଳଙ୍କାର ସମ୍ଭାର 'ଦିବ୍ୟାନି'କୁ ବୁଧବାର ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରାଯାଇଛି। ଚଳିତବର୍ଷ ରଥଯାତ୍ରା ଉପଲକ୍ଷେ ତନିସ୍କର ସ୍ୱତନ୍ତ୍ର ଅଳଙ୍କାର ସମ୍ଭାର 'ଦିବ୍ୟାନି'ର ଉନ୍ମୋଚନ ସମ୍ପର୍କରେ ଘୋଷଣା କରାଯାଇଛି। ଏହି ପରିପ୍ରେକ୍ଷୀରେ ତନିସ୍କର ରିଟେଲ ମୁଖ୍ୟ ବିଜେଶ ରାଜନ, ଟାଇଟାନ୍ କମ୍ପାନୀର ଆଞ୍ଚଳିକ ବ୍ୟବସାୟ ମୁଖ୍ୟ-ପୂର୍ବ ସୋମପ୍ରଭ ସିଂହ ଓ ତନିସ୍କର ଆଞ୍ଚଳିକ ବ୍ୟବସାୟ ମୁଖ୍ୟ-ପୂର୍ବ ଆଲୋକ ରଞ୍ଜନ ଉକ୍ତ ସମ୍ଭାରକୁ ଉନ୍ମୋଚନ କରିଛନ୍ତି। ଏପରିକି ଗ୍ରାହକଙ୍କ ଉତ୍ସବ ଖୁସିକୁ ବହୁଗୁଣିତ କରିବା ଲାଗି ତନିସ୍କ ପକ୍ଷରୁ ଚଳିତ ରଥଯାତ୍ରାରେ ସ୍ୱତନ୍ତ୍ର ଅଫର ମଧ୍ୟ ଘୋଷଣା କରାଯାଇଛି। ତନିସ୍କ ପକ୍ଷରୁ ପ୍ରତି କିଣାକିଣି ଉପରେ ମାଗଣା ସୁନା କଏନ୍ କିମ୍ବା ହୀରା ମୂଲ୍ୟ ଓ ସୁନା ଗହଣାର ଗଢ଼ା ମୂଲ୍ୟ ଉପରେ ୨୦% ପର୍ଯ୍ୟନ୍ତ ରିହାତି ପ୍ରଦାନ କରାଯାଉଛି। ଏହି ଅଫର ଜୁନ୍ ୧୮ ପର୍ଯ୍ୟନ୍ତ ଓଡ଼ିଶାର ସମସ୍ତ ତନିସ୍କ ଷ୍ଟୋରରେ ବୈଧ ରହିବ। ତନିସ୍କର ନୂଆ ରଥଯାତ୍ରା ସମ୍ଭାର ଓଡ଼ିଶାର ସମୃଦ୍ଧ ସଂସ୍କୃତି ଓ ପରମ୍ପରାକୁ ଅନୁପ୍ରାଣିତ ହୋଇଛି ଏବଂ ଓଡ଼ିଶାର ମହିଳାମାନଙ୍କ ପିନ୍ଧିବା ପାଇଁ ହାତରେ ତିଆରି କରାଯାଇଛି। ଏ ସମ୍ପର୍କରେ ତନିସ୍କର ପୂର୍ବ ଆଞ୍ଚଳିକ ବ୍ୟବସାୟ ମୁଖ୍ୟ ଆଲୋକ ରଞ୍ଜନ କହିଛନ୍ତି,ଓଡ଼ିଶାର ମହିଳାମାନଙ୍କ ପରିଧାନ ପାଇଁ ହାତ ତିଆରି ଅଳଙ୍କାର 'ଦିବ୍ୟାନି' ରଥଯାତ୍ରା ଅଳଙ୍କାର ସମ୍ଭାରକୁ ଆମେ ଗର୍ବର ସହିତ ଉପସ୍ଥାପନ କରୁଥିବା ବେଳେ ଆସନ୍ତୁ ପ୍ରାଚୀନ ମନ୍ଦିର ଓ ଅସୀମ କାରିଗରିର ମିଶ୍ରଣ ଥିବା ଏକ ଦୁନିଆରେ ପ୍ରବେଶ କରନ୍ତୁ। ଆମର ସମ୍ଭାର ଓଡ଼ିଶାର ପରମ୍ପରା ଓ ସଂସ୍କୃତିରୁ ଅନୁପ୍ରାଣିତ କରିବ। ଏହି ମୂଲ୍ୟବାନ୍ ଅଳଙ୍କାର ପିନ୍ଧିବା ସହ ଏକ ସମ୍ପ୍ରଦାୟର ଅଂଶ ବୋଲି ଆପଣ ହୃଦୟରେ ଗର୍ବିତ ଓ ଉଲ୍ଲସିତ ମନେକରନ୍ତୁ, ଯାହା ସୀମା ଭିତରେ ବାନ୍ଧିହୋଇ ରହି ନାହିଁ। ଆମ ରଥଯାତ୍ରା ସମ୍ଭାରର ଯାଦୁକୁ ଅନୁଭବ କରନ୍ତୁ ଏବଂ ଓଡ଼ିଶାର ସୌନ୍ଦର୍ଯ୍ୟ ଉପଭୋଗ କରନ୍ତୁ।

# ୧୬ରୁ ୩ ଦିନିଆ ଜୋୟା ଅଳଙ୍କାର ପ୍ରଦର୍ଶନୀ

ଭୁବନେଶ୍ୱର,୧୪।୬

ଜୋୟା ଦେଶର ପ୍ରମୁଖ ବାଣିଜ୍ୟିକ ପ୍ରତିଷ୍ଠାନ। ଟାଟା ଗ୍ରୁପ୍‌ର ସହଯୋଗୀ ପ୍ରତିଷ୍ଠାନ ତଥା ଟାଟା ହାଉସର ସୂକ୍ଷ୍ମ ହୀରା ବୁଟିକ୍ ଜୋୟାର ବିରଳ ଓ ପ୍ରିମିୟମ ଅଳଙ୍କାର ପ୍ରଦର୍ଶନୀ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ୨୦୨୩ ଜୁନ୍ ୧୬ରୁ ୩ ଦିନିଆ ଜୋୟା ଅଳଙ୍କାର ପ୍ରଦର୍ଶନୀ ଭୁବନେଶ୍ୱରର ଏକ ଘରୋଇ ହୋଟେଲରେ ଆୟୋଜିତ ହେବାକୁ ଯାଉଛି। ବିଶେଷକରି ଭୁବନେଶ୍ୱରରେ ଜୋୟାର ପ୍ରଥମ ଟ୍ରଙ୍କ୍ ଶୋ' ପ୍ରଦର୍ଶିତ ହେବ ବୋଲି ବ୍ରାଣ୍ଡ ପକ୍ଷରୁ ସୂଚନା ଦିଆଯାଇଛି। ସେହିଭଳି ଏହି ଶୋ' ଗ୍ଲାମର ମହିଳାମାନଙ୍କ ପାଇଁ ଏକ ସୁଯୋଗ ପ୍ରଦାନ କରୁଛି। ଏପରିକି



ଉତ୍କର୍ଷ ତଥା ଆଖି, ସୌନ୍ଦର୍ଯ୍ୟତା ଏବଂ ଜୋୟା ସାରେଜେୱେଲାରୀ ଅନ୍ୱେଷଣର ଏକ ବ୍ୟାପକ ସମ୍ଭାର ପ୍ରଦର୍ଶିତ ଏବଂ ବିକ୍ରୟ ହେବ। ବିଶେଷକରି ଜୋୟାର ସୂକ୍ଷ୍ମ ଅଳଙ୍କାରର ବ୍ୟାପକ ଅନୁଭୂତିକୁ ସବୁସ୍ତରରେ ଗ୍ରାହକମାନେ ନିର୍ଣ୍ଣୟ କରୁଛନ୍ତି। ଫଳରେ ସମସାମୟିକ ତଥା କ୍ଲାସିକ୍ ଶୈଳୀରେ ଜୋୟାର ଅବିସ୍ମରଣୀୟ ଅଳଙ୍କାର ଉଭୟ ଦେଶର ଓ ବିଦେଶର ମହିଳାଙ୍କ ଚାହିଦା ଓ ଆଗ୍ରହକୁ ପୂରଣ କରିବାକୁ ପ୍ରତିଶ୍ରୁତି ଦେଇଥାଏ। ଉଲ୍ଲେଖଯୋଗ୍ୟ, ଏହି ପ୍ରଦର୍ଶନୀ ୨୦୨୩ ୧୬ ଜୁନ୍‌ରୁ ୧୮ ପର୍ଯ୍ୟନ୍ତ ପ୍ରତ୍ୟହ ସକାଳ ୧୦ ଘଣ୍ଟିକାରୁ ରାତ୍ର ୮ ଘଣ୍ଟିକା ପର୍ଯ୍ୟନ୍ତ ଜାରି ରହିବ। ଅପରପକ୍ଷରେ ଏକ କପ୍ ଚା କିମ୍ବା କଫି ସହିତ ଜୋୟାର ସୁନ୍ଦର ସଂଗ୍ରହକୁ ଅନୁସନ୍ଧାନକରି କିଛି ଅନିଚ୍ଛାକୃତ 'ସମୟ' ବିତାନ୍ତୁ। ଏପରିକି ଭାରତର ପ୍ରାଚୀନ ଷ୍ଟେପ୍‌ୱେଲସ ଦ୍ୱାରା ଅନୁପ୍ରାଣିତ ଗୋଲାପ ଏବଂ ଧଳା ସୁନାରେ ଏକ ଅଟୋଗ୍ରାଫ୍ ସଂଗ୍ରହ ସହ ପାଟେଣ୍ଟେଡ ଜୋୟା ବାଓଲି' ସେଟିଂ ଆର୍ଟେର୍ନା, ପାଟେଣ୍ଟେଡ ଆଦିର ପଥର କଟିଂ ପ୍ରଦର୍ଶିତ ଏବଂ ବ୍ୟକ୍ତିଗତ ଭାବେ ଷ୍ଟାକ୍ କିମ୍ବା ପିନ୍ଧାଯାଇପାରିବ।

# ବାହାନଗା ରେଳ ଦୁର୍ଘଟଣା ପୀଡ଼ିତଙ୍କ ପିଲାଙ୍କୁ ନିଷ୍ଟର ସହାୟତା

ଭୁବନେଶ୍ୱର,୧୪।୬

ରାଜ୍ୟର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ ନିଷ୍ଟ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି (ଏନ୍‌ଆଇଏସ୍‌ଟି), ବ୍ରହ୍ମପୁର ପକ୍ଷରୁ ବାଲେଶ୍ୱର ବାହାନଗା ରେଳ ଦୁର୍ଘଟଣା ପୀଡ଼ିତଙ୍କ ପିଲାମାନଙ୍କ ପାଇଁ ଏକ ବଡ଼ ଘୋଷଣା କରାଯାଇଛି। ଏ ନେଇ ଅନୁଷ୍ଠାନ ପକ୍ଷରୁ ଏକ ଖବରଦାତା ସମ୍ମିଳନୀର ଆୟୋଜନ କରାଯାଇଥିଲା। ଉକ୍ତ ସମ୍ମିଳନୀରେ ଅନୁଷ୍ଠାନ ରେଳ ଦୁର୍ଘଟଣା ପୀଡ଼ିତଙ୍କ ପିଲାମାନଙ୍କୁ ମାଗଣାରେ ପାଠ ପଢ଼ାଇବା ସହ ଅନ୍ୟାନ୍ୟ ସୁବିଧା ପ୍ରଦାନ କରିବା ଲାଗି ଘୋଷଣା କରିଥିବା ବେଳେ ନିଷ୍ଟର ପ୍ରତିଷ୍ଠାତା ଡ. ସୁକାନ୍ତ ମହାପାତ୍ର ରେଳ ଦୁର୍ଘଟଣାରେ ପ୍ରଭାବିତ ପରିବାର ପ୍ରତି ଗଭୀର ସମବେଦନା ଜଣାଇବା ସହ ଉକ୍ତ ପରିବାରର ଯେଉଁ ପିଲାମାନେ ନିଷ୍ଟରେ ଇଞ୍ଜିନିୟରିଂ, ମ୍ୟାନେଜମେଣ୍ଟ କିମ୍ବା ବିଜ୍ଞାନରେ ପଢ଼ିବାକୁ ଚାହୁଁଛନ୍ତି, ସେମାନଙ୍କ ପାଇଁ ଶତ ପ୍ରତିଶତ ଏକାଡେମିକ୍ ଫି' ଛାଡ଼ କରାଯିବ ବୋଲି ସେ ଘୋଷଣା କରିଛନ୍ତି। ଅପରପକ୍ଷରେ ପୀଡ଼ିତ ପରିବାରର ସଦସ୍ୟମାନଙ୍କୁ ଉତ୍ସର୍ଗୀକୃତ ହେଲ୍ପ ଡେସ୍କ +୯୧-୯୭୭୭୧୪୬୪୭୮ରେ ଯୋଗାଯୋଗ କରିବାକୁ ମହାପାତ୍ର ଅନୁରୋଧ କରିଛନ୍ତି। ବିଶେଷକରି ଶିକ୍ଷାନୁଷ୍ଠାନରେ ନାମଲେଖା ପ୍ରକ୍ରିୟା ଉପରେ ଅନୁଷ୍ଠାନ ପକ୍ଷରୁ ଅଧିକ ବିବରଣୀ ପ୍ରଦାନ କରାଯିବ ଏବଂ ସେ ସମ୍ପର୍କିତ ଯେକୌଣସି ପ୍ରକାର ପ୍ରଶ୍ନର ଉତ୍ତର ମଧ୍ୟ ଦିଆଯିବ ବୋଲି ନିଷ୍ଟ ପକ୍ଷରୁ ସୂଚନା ଦିଆଯାଇଛି।

## Classified Everyday 0674-2580101, 2549949


REAL ESTATE

SALE

**Gharabari SC plot 2000 sqft. with 6ft. boundary wall at Rs.43,00,000/- at Dayanadi Bihar near Dayanadi Bridge, Lingipur. Contact : 9938115957 (Owner).** D-0535

ଗୃହୋପଯୋଗୀ ସ୍ଥିତିବାନ୍ ପ୍ଲଟ୍ 30' ରୋଡ୍, ଇଲେକ୍ଟ୍ରି ସହ ପିତାପଲ୍ଲିରେ ମିଳୁଛି। 7787017414. D-74874

GENERAL

SALE

One 4/5 Kaht with Dunlop Gaddi, one mixturegrinder for sale. 9439068944. D-75118




Asribada Panchakarma herbal SPA Kesharimall, Bhubaneswar. Contact : 8926173473. D-74695

Newly open health benefits SPA special offer @ 799 Jaydev Vihar. 8018429809. D-75117

**Relax, Refresh your Body, Mind at Saikrupa Spa with best therapies. 8984068077.** D-0536

Spa full body Massage only best therapist Gents & ladies@699/- Bhubaneswar. Kajal-9337672475. D-0552

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**



**୰ଦୋଳଗୋବିନ୍ଦ ଷଡ଼ଙ୍ଗୀ**
ଅବସରପ୍ରାପ୍ତ ଓଡ଼ିଶା ରାଜ୍ୟ ଶିକ୍ଷ ଉପନିର୍ଦ୍ଦେଶକ
ଆବିର୍ଭାବ-୧୦।୦୩।୧୯୩୯
ତିରୋଧାନ- ୨୬।୦୬।୨୦୨୨ (ଆଷାଢ଼ କୃଷ୍ଣପକ୍ଷ ତ୍ରୟୋଦଶୀ)
ଆପଣଙ୍କ ଅନାବିଳ ସ୍ନେହ, ଶ୍ରଦ୍ଧା ଓ ନିଃସ୍ୱାର୍ଥପର ସେବା ମନୋଭାବ ଆମ ପାଇଁ ପ୍ରେରଣାର ଉତ୍ସ ହେଉ। ଆପଣ ସର୍ବଦା ଆମ୍ଭମାନଙ୍କୁ ଆଶୀର୍ବାଦ ପ୍ରଦାନ କରନ୍ତୁ। ପତ୍ନୀ ବିୟୋଗ ପରେ ଭୁବନେଶ୍ୱରସ୍ଥିତ ରତ୍ନପ୍ରଭା ଦେବୀ ମେମୋରିଆଲ ଟ୍ରଷ୍ଟର ସ୍ଥାପନା ଓ ଏହାର ଏକକ ସଂସ୍ଥାପକ ଅଧ୍ୟକ୍ଷ ଭାବେ ଆପଣଙ୍କ କାର୍ଯ୍ୟ ସମ୍ପାଦନ ଅବିସ୍ମରଣୀୟ ତଥା ପ୍ରେରଣାଦାୟୀ। ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣାରବିନ୍ଦରେ ବିନମ୍ର ପ୍ରାର୍ଥନା କରୁଅଛୁ।
ଶୋକସନ୍ତପ୍ତ: ପରିବାରବର୍ଗ, ବନ୍ଧୁ ଓ ଆତ୍ମୀୟସ୍ୱଜନ।
ଧ-୦୪୮୪

**୨୯ତମ ଜନ୍ମ ବାର୍ଷିକୀ**



**୰ସତ୍ୟ ରଞ୍ଜନ ନାୟକ (ସୋନୁ)**
ଆବିର୍ଭାବ: ୧୫।୦୬।୧୯୯୪
ତିରୋଧାନ: ୦୨।୦୧।୨୦୨୨
ତୋର ଅନୁପସ୍ଥିତି ଆମେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ତୁ ଯେଉଁଠି ଥା ଭଲରେ ଥା।
-:ଶୋକସନ୍ତପ୍ତ:-
ମାମା, ବାବା, ଜେଜେ, ଦିଦି, ଭାଇ, ବନ୍ଧୁ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ, (ସାନୁ ଫାର୍ମ)
ଧ-୦୪୮୧

# ପଟିଆରେ ଏକ୍ସକ୍ଲୁସିଭ ମୋହେ ଆଉଟଲେଟ



ଭୁବନେଶ୍ୱର,୧୪।୬

ଦେଶର ପ୍ରମୁଖ ଗାର୍ମେଣ୍ଟ ୟୁନିଟ୍ ତଥା ପ୍ରିମିୟମ ପୋଷାକ ବ୍ରାଣ୍ଡ ମାନ୍ୟବର ଏବଂ ମୋହେ'ର ଏକ୍ସକ୍ଲୁସିଭ ଆଉଟ୍‌ଲେଟ୍ ଭୁବନେଶ୍ୱର ନିକଟସ୍ଥ ପଟିଆ କିଟ୍ ଛକଠାରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ବିଶିଷ୍ଟ ବ୍ୟବସାୟୀ ରାଜିନ୍ଦର ସିଂହ ଏବଂ ଶ୍ୟାମସୁନ୍ଦର ସନ୍ତାଲିଆ ସମ୍ମାନିତ ଅତିଥିଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଉଟ୍‌ଲେଟ୍ କର୍ମଚାରୀ ଓ ସିଂହ ପରିବାରବର୍ଗ ପ୍ରମୁଖ ଉପସ୍ଥିତ ଥିଲେ। ବିଶେଷକରି ମୋହେ ଆଣ୍ଡ ମାନ୍ୟବର ମହିଳା ଓ ପୁରୁଷବର୍ଗଙ୍କ ପାଇଁ ପ୍ରମୁଖ ବିବାହ ଉତ୍ସବ ପୋଷାକ ଭାବେ ବେଶ୍ ଜଣାଶୁଣା। ଏପରିକି ୨ ମହଲା ବିଶିଷ୍ଟ ଏହି ନୂତନ ଆଉଟ୍‌ଲେଟ୍ ୪୮୦୦ ବର୍ଗଫୁଟ ପରିବ୍ୟାପ୍ତ ସ୍ଥାନରେ ଗଢି ଉଠିଛି। ଏଠାରେ ୧୦୦୦ରୁ ଅଧିକ ୟୁନିକ୍ ଷ୍ଟାଇଲ ଓ ଡିଜାଇନର ପୋଷାକ ସାଙ୍ଗକୁ ଶେରୱାନି, ଇଣ୍ଡୋ-ୱେଷ୍ଟର୍ନ, କୁର୍ତ୍ତା, କୁର୍ତ୍ତା ସେଟ୍‌ସ,କୁର୍ତ୍ତା ଜ୍ୟାକେଟ ଭଳି ଅନେକ ପ୍ରକାର ୱେଡିଂ ଆସୋସେରିଜ ଆଦି ଉପଲବ୍ଧ। ସେହିଭଳି ପୁରୁଷ ଓ ବାଳକ ବର୍ଗଙ୍କ ପାଇଁ ବିଭିନ୍ନ ଡିଜାଇନର ପୋଷାକ ଥିବାବେଳେ ମହିଳା ଓ ଝିଅଙ୍କ ପାଇଁ ମଧ୍ୟ ଲେହେଙ୍ଗା (ଉଭୟ ବିବାହିତ ଓ ଅବିବାହିତ) ସମେତ ଶାଢ଼ି, ସ୍କ୍ରିଟ୍-ଟପ୍ ସେଟ୍ ଏବଂ ଗାଉନ ସହିତ ଆହୁରି ଅନେକ ଡିଜାଇନ ଓ ପୋଷାକ ଉପଲବ୍ଧ ରହିଛି। ଅପରପକ୍ଷରେ ବ୍ରାଣ୍ଡ ସର୍ବଦା ପ୍ରିମିୟମ ଉତ୍ପାଦ ସାଙ୍ଗକୁ ଗୁଣାତ୍ମକ ସାମଗ୍ରୀ ଗ୍ରାହକଙ୍କୁ ଯୋଗାଇଦେଇଥାଏ।

# ହ୍ୟାଟ୍ରିକ୍ ବିଜୟ ଭାରତର ଲକ୍ଷ୍ୟ

## ଇଣ୍ଟରକଣ୍ଟିନେଣ୍ଟାଲ କପ୍ ଫୁଟବଲ

### ଲେବାନନ ବିପକ୍ଷ ଶେଷ ଲିଗ୍‌ମ୍ୟାଚ ଆଜି

ଭୁବନେଶ୍ୱର, ୧୪।୬ (ତପନ ସ୍ୱାଇଁ)

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଚତୁଃରାଷ୍ଟ୍ରୀୟ ଇଣ୍ଟରକଣ୍ଟିନେଣ୍ଟାଲ କପ୍ ଫୁଟବଲ ଟୁର୍ନାମେଣ୍ଟର ଶେଷ ଦୁଇଟି ଲିଗ୍‌ମ୍ୟାଚ ଗୁରୁବାର ଅନୁଷ୍ଠିତ ହେବ। ଅପରାହ୍ନ ୪ଟା ୩୦ରେ ମଙ୍ଗୋଲିଆ ଓ ଭାନୁଆଟୁ ଏବଂ ସନ୍ଧ୍ୟା ୭ଟା ୩୦ରେ ଭାରତ ଓ ଲେବାନନ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ। ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିଥିବା ୪ ଦଳ ମଧ୍ୟରେ ଲୋବାନନର ର୍‍ୟାଙ୍କିଙ୍ଗ୍ ସବୁଠୁ ଉପରେ। ତେବେ ଭାରତ ମଧ୍ୟ ବିଶେଷ ପଛରେ ନାହିଁ। ୯୯ ର୍‍ୟାଙ୍କ୍‌ପ୍ରାପ୍ତ ଲେବାନନକୁ ଘରୋଇ ପରିବେଶରେ କଡ଼ା ଚ୍ୟାଲେଞ୍ଜ ଦେବ ୧୦୧ତମ ସ୍ଥାନରେ ଥିବା ଭାରତ। ଚଳିତ ଟୁର୍ନାମେଣ୍ଟରେ ଭାରତ ଏପର୍ଯ୍ୟନ୍ତ ପ୍ରଭାବୀ ପ୍ରଦର୍ଶନ କରି ଆସିଛି। ନିଜର ପ୍ରଥମ ମ୍ୟାଚରେ ମଙ୍ଗୋଲିଆକୁ ୨-୦ରେ ହରାଇଥିବା ଘରୋଇ ଦଳ ଦ୍ୱିତୀୟ ମ୍ୟାଚରେ ଭାନୁଆଟୁକୁ ୧-୦ ଗୋଲରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରି ସାରିଛି। ୮୦ତମ ମିନିଟରେ ଅଧିନାୟକ ସୁନୀଲ ଛେତ୍ରୀଙ୍କ ଗୋଲ ଭାରତକୁ ଫାଇନାଲରେ ପହଞ୍ଚାଇ ଦେଇଥିଲା। ୨ ମ୍ୟାଚରୁ ଭାରତ ୬ ପଏଣ୍ଟ ପାଇ ସାରିଛି। ଲେବାନନ ୨ ମ୍ୟାଚରୁ ୪ ପଏଣ୍ଟ ପାଇଥିବାରୁ ଫାଇନାଲ ପାଇଁ ଅନ୍ୟତମ ଦାବିଦାର ହୋଇଛି। ଶେଷ ଲିଗ୍‌ରେ ଦୁଇଦଳ ପରସ୍ପରକୁ ଭେଟିବାକୁ ଯାଉଥିବାରୁ ଆଗାମୀ ମ୍ୟାଚ ସମ୍ଭାବ୍ୟ ଫାଇନାଲର ରିହର୍ସାଲ ବୋଲି ଆକଳନ କରାଯାଉଛି।



କଳିଙ୍ଗ ଷ୍ଟାଡିୟମରେ ଅଭ୍ୟାସ ଅବସରରେ ଭାରତୀୟ ଖେଳାଳି।

### ମଙ୍ଗୋଲିଆ ପାଇଁ ସୁଯୋଗ

ମଙ୍ଗୋଲିଆ ୨ ମ୍ୟାଚରୁ ୧ ପଏଣ୍ଟ ପାଇଛି। ଦଳ ଏହାର ପ୍ରଥମ ମ୍ୟାଚରେ ଭାରତଠାରୁ ୦-୨ ଗୋଲରେ ହାରିଥିବାବେଳେ ଦ୍ୱିତୀୟ ମ୍ୟାଚରେ ଲେବାନନକୁ କଡ଼ା ଚ୍ୟାଲେଞ୍ଜ ଦେଇ ଗୋଲଶୂନ୍ୟ ଡ୍ର ରଖିଥିଲା। ମଙ୍ଗୋଲିଆ ଏବେ ଫିଫା ର୍‍ୟାଙ୍କିଙ୍ଗ୍‌ରେ ୧୮୩ତମ ସ୍ଥାନରେ ରହିଛି। ଅନ୍ୟପକ୍ଷରେ ଭାନୁଆଟୁର ର୍‍ୟାଙ୍କିଙ୍ଗ୍ ୧୬୪। ର୍‍ୟାଙ୍କିଙ୍ଗ୍ ଅନୁସାରେ ନିମ୍ନରେ ଥିଲେ ମଧ୍ୟ ଲେବାନନ ବିପକ୍ଷ ମ୍ୟାଚ ଦଳର ମନୋବଳ ବୃଦ୍ଧି କରିଛି। ଏହି ଦଳ ଭାନୁଆଟୁକୁ ବଡ଼ ବ୍ୟବଧାନରେ ହରାଇ ପାରିଲେ ଆଶା ଉଜ୍ଜୀବିତ ରଖିବ। ଦଳର ପଏଣ୍ଟ ସଂଖ୍ୟା ୪ରେ ପହଞ୍ଚିଯିବ। ଯଦି ଭାରତଠାରୁ ଲେବାନନ ହାରିଯାଏ ତେବେ ଏହି ଦଳର ପଏଣ୍ଟ ମଧ୍ୟ ୪ରେ ରହିବ। ଏ କ୍ଷେତ୍ରରେ ଗୋଲ ବ୍ୟବଧାନ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଏବେ ଲେବାନନର ଗୋଲ ବ୍ୟବଧାନ +୨ ଏବଂ ମଙ୍ଗୋଲିଆର -୨ ରହିଛି।



ଟ୍ରେନିଂ ସେସନରେ କୋଚ୍ ଇଗର ଷ୍ଟିମାକ୍ (ବାମ)।

## କେବଳ ବିଜୟ ଚାହାନ୍ତି ଷ୍ଟିମାକ୍

ଭାରତ ଇଣ୍ଟରକଣ୍ଟିନେଣ୍ଟାଲ କପ୍‌ର ଫାଇନାଲରେ ପ୍ରବେଶ କରି ସାରିଥିଲେ ମଧ୍ୟ ଲେବାନନ ବିପକ୍ଷ ମ୍ୟାଚକୁ ହାଲୁକା ନେଉନାହାନ୍ତି କୋଚ୍ ଇଗର ଷ୍ଟିମାକ୍। ‘‘ଆମେ ଘରୋଇ ପରିବେଶରେ ଖେଳୁଛୁ। ପୂର୍ବ ୨ଟି ମ୍ୟାଚରେ ଆମେ କେବଳ ବିଜୟ ଲକ୍ଷ୍ୟରେ ଖେଳିଥିଲୁ। ଆଗାମୀ ମ୍ୟାଚରେ ମଧ୍ୟ ସେହି ଆଭିମୁଖ୍ୟ ରହିବ। ପୂର୍ବ ମ୍ୟାଚରେ ଲେବାନନ କିପରି ପ୍ରଦର୍ଶନ କରିଥିଲା ସେଥିରେ ଆମର କିଛି ଯାଏଆସେ ନାହିଁ। ଏହି ଦଳରେ ଅନେକ କ୍ୱାଲିଟି ଖେଳାଳି ଅଛନ୍ତି। ତେଣୁ ଏହି ଦଳ ବିପକ୍ଷ ମ୍ୟାଚ ଆମ ପାଇଁ ନିଶ୍ଚିତ କଷ୍ଟସାଧ୍ୟ ହେବ। ତେବେ ଏହି ଦଳର ମଧ୍ୟ କିଛି ଦୁର୍ବଳତା ଅଛି। ଆମେ ଏହାକୁ ଟାର୍ଗେଟ କରିବୁ। ଏହି ମ୍ୟାଚ ନିଶ୍ଚିତ ମଜାଦାର ହେବ’’ ବୋଲି ଷ୍ଟିମାକ୍ ପ୍ରକାଶ କରିଛନ୍ତି। ଷ୍ଟିମାକ୍ ଆହୁରି କହିଛନ୍ତି ଯେ, ଭାନୁଆଟୁ ବିପକ୍ଷ ମ୍ୟାଚରେ ଆମେ ଯେପରି ଚାହୁଁଥିଲୁ ସେପରି ପ୍ରଦର୍ଶନ ହୋଇପାରି ନ ଥିଲା। ଟ୍ରେନିଂ ସେସନରେ ଆମେ ଏହାକୁ ଲକ୍ଷ୍ୟରେ ରଖି ଅଭ୍ୟାସ କରିଛୁ। ଯେତେଶୀଘ୍ର ପ୍ରତିପକ୍ଷ ଦଳକୁ ଚାପରେ ରଖିବ ସେତେ ଫାଇଦା ମିଳିବ। କାରଣ ସମୟ ଆଗେଇଲେ ସ୍ଥିତି କଷ୍ଟକର ହୋଇଚାଲିବ। ଲେବାନନ-ମଙ୍ଗୋଲିଆ ମ୍ୟାଚରେ ଏହା ଦେଖିବାକୁ ମିଳିଥିଲା। ପ୍ରଥମ ୨ଟି ଗେମ୍‌ରେ ଆମ ଦଳର ୨୨ ଖେଳାଳି ଖେଳି ସାରିଛନ୍ତି। ତେଣୁ ଲେବାନନ ବିପକ୍ଷରେ ଆମେ ଶ୍ରେଷ୍ଠ ଇଲେଭେନ ନେଇ ପଡ଼ିଆକୁ ଓହ୍ଲାଇବୁ ବୋଲି ସେ ପ୍ରକାଶ କରିଛନ୍ତି।

# ଆଥଲେଟ୍‌ଙ୍କୁ ଉତ୍ସାହିତ କଲେ ଉଷା

ଭୁବନେଶ୍ୱର, ୧୪।୬ (ତପନ ସ୍ୱାଇଁ)

ଭାରତୀୟ ଅଲିମ୍ପିକ୍ ଆସୋସିଏଶନ ସଭାପତି ତଥା ରାଜ୍ୟ ସଭା ସଦସ୍ୟା ପି.ଟି. ଉଷା ବୁଧବାର କିଟ୍ ଆଥଲେଟିକ୍ ଷ୍ଟାଡିୟମ ପରିଦର୍ଶନ କରିଛନ୍ତି। ଚାଇନାର ଚେଙ୍ଗଡୁଠାରେ ଜୁଲାଇ ୨୮ରୁ ଅଗଷ୍ଟ ୮ ପର୍ଯ୍ୟନ୍ତ ହେବାକୁଥିବା ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସ ପାଇଁ କିଟ୍‌ରେ ଚୟନ ଟ୍ରାଏଲ୍ ଚାଲିଛି। ଉଷା ଆଥଲେଟ୍‌ଙ୍କ ସହ ଭାବ ବିନିମୟ କରିବା ଅବସରରେ ଉତ୍ସାହିତ କରିଥିଲେ। ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସରେ ଅଧିକରୁ ଅଧିକ ପଦକ ଜିତିବାକୁ ସେ ପରାମର୍ଶ ଦେଇଥିଲେ। ଚଳିତ ବର୍ଷ ଭାରତରୁ ୧୨ ଇଭେଣ୍ଟରେ ୩୩୫ ଆଥଲେଟ୍ ଅଂଶଗ୍ରହଣ କରିବାକୁ ଯାଉଥିବା ଉଷା ଏଠାରେ ଜାଣିବାକୁ ପାଇଥିଲେ। ଭାରତୀୟ ପ୍ରତିଯୋଗୀମାନେ ଆର୍ଚେରୀ, ଆଥଲେଟିକ୍ସ, ବ୍ୟାଡ୍‌ମିଣ୍ଟନ, ଫେନ୍‌ସିଂ, ଜୁଡୋ, ଶୁଟିଂ, ସୁଇମିଂ, ଟେବୁଲ ଟେନିସ, ଟାଇକୋଣ୍ଡୋ, ଟେନିସ, ଉଶୁ ଓ ଭଲିବଲ ଇଭେଣ୍ଟରେ ଅଂଶଗ୍ରହଣ କରିବ। ଆସୋସିଏଶନ ଅଫ୍ ଇଣ୍ଡିଆନ ୟୁନିଭର୍ସିଟିଜ୍ ଏତେ ସଂଖ୍ୟକୁ ଆଥଲେଟ୍ ପଠାଇବା ଏହା ପ୍ରଥମ।

ପ୍ରକାଶ ଯୋଗ୍ୟ ଯେ, ଭାରତୀୟ ଦଳ ଭାଗ ନେବାକୁ ଯାଉଥିବା ୧୨ ଇଭେଣ୍ଟରୁ କିଟ୍‌ରେ ୪ ବିଭାଗରେ ଚୟନ ଟ୍ରାଏଲ ଚାଲିଛି। ତାହା ହେଲା ଆର୍ଚେରୀ, ଆଥଲେଟିକ୍ସ, ବ୍ୟାଡ୍‌ମିଣ୍ଟନ ଓ ଭଲିବଲ। ଉଭୟ ମହିଳା ଓ ପୁରୁଷ ବିଭାଗରେ ଏହି ଟ୍ରାଏଲ ବୁଧବାର ଆରମ୍ଭ ହୋଇଛି ଏବଂ ଗୁରୁବାର ମଧ୍ୟ ଚାଲିବ। ଅଲିମ୍ପିଆନ ପ୍ରିୟଙ୍କା ଗୋସ୍ୱାମୀ ୨୦୨୪ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରି ସାରିଛନ୍ତି। ଲାଲୁ ପ୍ରସାଦ ଭୋଇ, ପ୍ରଜ୍ଞା ପ୍ରଶାନ୍ତି ସାହୁ, ବିକ୍ରାନ୍ତ ମଲିକ, ଆଶିଷ ସ୍ୱାଇଁ, ମାମାଲି ନାଗ୍, ଶିବାନୀ ପ୍ରିୟଦର୍ଶିନୀଙ୍କ ପରି କେତେକ ଓଡ଼ିଶା ଖେଳାଳି ଟ୍ରାଏଲରେ ପ୍ରଭାବୀ ପ୍ରଦର୍ଶନ କରି ଇଣ୍ଡିଆନ ୟୁନିଭର୍ସିଟି ଟିମ୍‌ରେ ସ୍ଥାନ ପାଇବାକୁ ଲକ୍ଷ୍ୟ ରଖିଛନ୍ତି। ଏହି ଅବସରରେ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ପକ୍ଷରୁ କ୍ରୀଡ଼ା ମହାନିର୍ଦ୍ଦେଶକ ଗଗନେନ୍ଦୁ ଦାଶ ସମ୍ମାନ ସ୍ୱରୂପ ଉଷାଙ୍କୁ ଜନଜାତୀୟ ଖେଳ ମହୋତ୍ସବର ଏକ ଟି-ଶାର୍ଟ ପ୍ରଦାନ କରିଥିଲେ। ଖେଳକୁ ପ୍ରୋତ୍ସାହନ ଦେଉଥିବାରୁ ଉଷା କିଟ୍ ଓ କିସ୍‌କୁ ପ୍ରଶଂସା କରିଥିଲେ।

### କିଟ୍ ଆଥଲେଟିକ୍ ଷ୍ଟାଡିୟମ ପରିଦର୍ଶନ



ପି.ଟି. ଉଷାଙ୍କୁ ଉପହାର ସ୍ୱରୂପ ଜର୍ସି ପ୍ରଦାନ କରାଯାଉଛି।

# ଜୁନିୟର ରଗ୍‌ବୀ ୭ଏସ୍: ଓଡ଼ିଶାକୁ ବ୍ରୋଞ୍ଜ ପଦକ

ଭୁବନେଶ୍ୱର, ୧୪।୬ (ତପନ ସ୍ୱାଇଁ)

ଇଣ୍ଡିଆନ ରଗ୍‌ବୀ ଫୁଟବଲ ୟୁନିୟନ ଓ ରଗ୍‌ବୀ ଆସୋସିଏଶନ ଅଫ୍ ମହାରାଷ୍ଟ୍ରର ମିଳିତ ଆନୁକୂଲ୍ୟରେ ମଙ୍ଗଳବାର ସର୍ବଭାରତୀୟ ଜୁନିୟର ରଗ୍‌ବୀ ୭ଏସ୍ ଚାମ୍ପିୟନଶିପ୍ ପୁଣେଠାରେ ଶେଷ ହୋଇଛି। ଏଥିରେ ଅଂଶଗ୍ରହଣ କରିଥିବା ଓଡ଼ିଶା ବାଳକ ଦଳ ବ୍ରୋଞ୍ଜ ପଦକ ହାସଲ କରିଛି। ଲିଗ୍ ପର୍ଯ୍ୟାୟରେ ପୁଡୁଚେରୀକୁ ୫୭-୦ ଓ ମଣିପୁରକୁ ୨୯-୭ରେ ହରାଇବାପରେ ପ୍ରି-କ୍ୱାର୍ଟର ଫାଇନାଲରେ ଉତ୍ତର ପ୍ରଦେଶକୁ ୩୪-୦ ପଏଣ୍ଟରେ ପରାସ୍ତ କରିଛି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିବା ଓଡ଼ିଶା ୨୨-୦ରେ ଗୁଜରାଟକୁ ହରାଇ ସେମିଫାଇନାଲରେ ପହଞ୍ଚି ଯାଇଥିଲା। ମାତ୍ର ସେମି ଫାଇନାଲରେ ବିହାରଠାରୁ ୭-୨୪ ପଏଣ୍ଟରେ ହାରିବାରୁ ବ୍ରୋଞ୍ଜ ପଦକପାଇଁ ପ୍ଲେ-ଅଫ୍ ଖେଳିଥିଲା। ଏଥିରେ ଦଳ ୨୪-୧୨ରେ ଝାଡ଼ଖଣ୍ଡକୁ ପରାସ୍ତ କରିଥିଲା।




 Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଗୁରୁବାର, ଜୁନ୍ ୧୫/୨୦୨୩ Bhubaneswar, Thursday, June 15/ 2023

# ୧୮ ବର୍ଷରୁ କମ୍ ବିଶ୍ୱରେକର୍ଡ ଭାଙ୍ଗିଲେ ଅଦିତି

**ମେଡେଲିନ୍, ୧୪।୬ (ପି.ଟି.)**


ଅଦିତି ସ୍ୱାମୀ

କଲମ୍ବିଆର ମେଡେଲିନଠାରେ ଅନୁଷ୍ଠିତ ଆର୍ଚେରୀ ବିଶ୍ୱକପ ଷ୍ଟେଜ୍-୩ କ୍ୱାଲିଫିକେଶନରେ ଚମତ୍କାର ପ୍ରଦର୍ଶନ କରି ଭାରତୀୟ ଟିନ୍ଏଜର ଅଦିତି ସ୍ୱାମୀ ୧୮ ବର୍ଷରୁ କମ୍ ବିଶ୍ୱରେକର୍ଡ ଭାଙ୍ଗିଛନ୍ତି। ଗତ ଡିସେମ୍ବରରେ ଏସିଆ କପ୍ ଲେଗ୍-୩ରେ ରୌପ୍ୟ ପଦକ ଜିତିଥିବା ୧୬ ବର୍ଷୀୟା ଅଦିତି ଏଠାରେ ସମ୍ଭାବ୍ୟ

**ଆର୍ଚେରୀ ବିଶ୍ୱକପ ଷ୍ଟେଜ୍-୩**

୭୨୦ରୁ ୭୧୧ ପଏଣ୍ଟ ସ୍କୋର କରି କମ୍ପାଉଣ୍ଡ ମହିଳାଙ୍କ ମଧ୍ୟରେ ଶୀର୍ଷସ୍ଥାନ ଅଧିକାର କରିଛନ୍ତି। ଗତ ମେ'ରେ ଲିକୋ ଆରେଓଲା ୭୦୫ ପଏଣ୍ଟ ସହିତ ରେକର୍ଡର ଅଧିକାରୀ ଥିଲେ। ଅଦିତି ନିଜ ପ୍ରଥମ ବିଶ୍ୱକପ ସେସନରେ ଏହାଠାରୁ ଅଧିକ ସ୍କୋର କରି ବିଶ୍ୱରେକର୍ଡର ଅଧିକାରୀ ହୋଇଛନ୍ତି। ସାଥି ଆର୍ଚର ଜ୍ୟୋତି ସୁରେଖା ଭେନାମ ଓ ଘରୋଇ ଫେଭରାଇଟ ସାରା ଲୋପେଜଙ୍କୁ ଅଦିତି ୭୨ ଆରୋ ୫୦ ମିଟର କ୍ୱାଲିଫିକେଶନରେ ପଛରେ ପକାଇ ଦେଇଥିଲେ। ଭାରତୀୟ ମହିଳା କମ୍ପାଉଣ୍ଡ ଟିମ୍ ଅଦିତି, ଜ୍ୟୋତି (୭୦୮) ଓ ପ୍ରଣୀତ କୌର (୭୦୦) କ୍ୱାଲିଫିକେଶନରେ ଶୀର୍ଷରେ ରହିଥିଲେ ହେଁ ମାତ୍ର ୧ ପଏଣ୍ଟ ପାଇଁ କୋରିଆ (୨୧୨୦) କରିଥିବା ବିଶ୍ୱରେକର୍ଡଠାରୁ ପଛରେ ପଡ଼ି ଯାଇଥିଲେ। ଶେଷରେ ମହିଳା ଓ ପୁରୁଷ କମ୍ପାଉଣ୍ଡ ବିଭାଗରେ ଭାରତ ୨ଟି ବ୍ରୋଞ୍ଜ ପଦକ ପାଇଛି। ମହିଳା ପ୍ଲେ-ଅଫ୍‌ରେ ଭାରତ ଟାଇବ୍ରେକର (୨୩୨-୨୩୨)ରେ ମେକ୍ସିକୋକୁ ହରାଇଥିବାବେଳେ ଅଭିଷେକ ବର୍ମା, ଓଜାସ ଡେଓଟାଲେ ଓ ପ୍ରଥମେଶ ଜକରଙ୍କୁ ନେଇ ଗଠିତ ପୁରୁଷ ଦଳ ଆୟୋଜକ କଲମ୍ବିଆକୁ ୨୩୬-୨୨୮ରେ ପରାସ୍ତ କରିଛି।

# ବିଜୟ ସହ ଓଡ଼ିଶାର ଅଭିଯାନ

**ଭୁବନେଶ୍ୱର, ୧୪।୬**
**(ତପନ ସ୍ୱାଇଁ)**

**ଜାତୀୟ ସିନିୟର ମହିଳା ଫୁଟବଲ**

ପଞ୍ଜାବର ଗୁରୁ ନାନକ ଷ୍ଟାଡିୟମରେ ହିରୋ ଜାତୀୟ ସିନିୟର ମହିଳା ଫୁଟବଲ ଚାମ୍ପିୟନଶିପ୍‌ର ଫାଇନାଲ ରାଉଣ୍ଡ ବୁଧବାର ଆରମ୍ଭ ହୋଇଛି। ଏଥିରେ ଓଡ଼ିଶା ନିଜର ପ୍ରଥମ ମ୍ୟାଚରେ ବିଜୟୀ ହୋଇ ଅଭିଯାନ ଆରମ୍ଭ କରିଛି। ଅଧିନାୟିକା ପ୍ୟାରୀ ଖାଖା ଓ କରିସ୍ମା ଓରାମଙ୍କ ଗୋଲ ବଳରେ ଓଡ଼ିଶା ୨-୦ ଗୋଲରେ ଝାଡ଼ଖଣ୍ଡକୁ ହରାଇ ଦେଇଛି। ମ୍ୟାଚର ୭ମ ମିନିଟରେ ପ୍ୟାରୀ ଏକ ଗୋଲ ଦେଇ ଓଡ଼ିଶାକୁ ଅଗ୍ରଣୀ କରିଥିଲେ। ଗୋଲ ପରିଶୋଧ ପାଇଁ ଝାଡ଼ଖଣ୍ଡର ଉଦ୍ୟମ ଅବ୍ୟାହତ ରହିଥିବାବେଳେ ୬୫ତମ ମିନିଟରେ କରିସ୍ମା ଏକ ଗୋଲ ଦେଇ ଓଡ଼ିଶାର ବିଜୟ ସମ୍ଭାବନାକୁ ଦୃଢ଼ୀଭୂତ କରି ଦେଇଥିଲେ। ଶେଷ ପର୍ଯ୍ୟନ୍ତ ଝାଡ଼ଖଣ୍ଡ ଗୋଟିଏ ହେଲେ ଗୋଲ ପରିଶୋଧ କରିପାରି ନ ଥିଲା।

# ୱିମ୍ବଲଡନ୍ ପୁରସ୍କାର ରାଶି ୧୧% ବଢ଼ିଲା

**ଲଣ୍ଡନ,୧୪।୬ (ପି.ଟି.):** ଟେନିସ୍ ଗ୍ରାଣ୍ଡସ୍ଲାମ ୱିମ୍ବଲଡନ୍ ପକ୍ଷରୁ ଏହାର ପୁରସ୍କାର ରାଶି ବୃଦ୍ଧି କରାଯାଇଛି। ଚଳିତ ବର୍ଷ ୧୧ ପ୍ରତିଶତର ଅଭିବୃଦ୍ଧି ସହିତ ସିଙ୍ଗଲ୍ସ ବିଜେତାଙ୍କୁ ୨.୩୫ ମିଲିୟନ ପାଉଣ୍ଡ ବା ୩ ମିଲିୟନ୍ ଡଲାରର ପୁରସ୍କାର ରାଶି ପ୍ରଦାନ କରାଯିବ। ଭାରତୀୟ ମୁଦ୍ରାରେ ଏହା ପ୍ରାୟ ୨୪ କୋଟି ୬୮ ଲକ୍ଷ ଟଙ୍କା ହେବ। ଏହା ପୂର୍ବରୁ ୨୦୧୯ରେ ସିଙ୍ଗଲ୍ସ ବିଜେତାଙ୍କୁ ସମାନ ପରିମାଣର ଅର୍ଥ ପ୍ରଦାନ କରାଯାଉଥିଲା।

# ଆଜିଠୁ ସିନିୟର ଆନ୍ତଃରାଜ୍ୟ ଆଥ୍‌ଲେଟିକ୍ସ

**ଭୁବନେଶ୍ୱର, ୧୪।୬**
**(ସରୋଜ ଜେନା)**


ଖବରଦାତା ସମ୍ମିଳନୀରେ ଅମିୟ ମଲିକ, ପାରୁଲ ଚୌଧାରୀ, ରାଧାକ୍ରିଷ୍ଣନ ନାୟାର ଓ ଜ୍ୟୋତି ୟାରାଜି।

## ■ ଏସିଆନ ଚାମ୍ପିୟନଶିପ୍, ଏସିଆନ ଗେମ୍ସ ପାଇଁ ୨୦ରେ ଦଳ ଘୋଷଣା
## ■ ଅଂଶଗ୍ରହଣ କରିବେନି ନୀରଜ, ଅବିନାଶ, ହିମା

କଳିଙ୍ଗ ଷ୍ଟାଡିୟମରେ ଗୁରୁବାରଠାରୁ ଅନୁଷ୍ଠିତ ହେବ ୬୨ତମ ଜାତୀୟ ଆନ୍ତଃରାଜ୍ୟ ସିନିୟର ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍। ଆଥ୍‌ଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ (ଏଏଫ୍ଆଇ) ଓ ଓଡ଼ିଶା ସରକାରଙ୍କ କ୍ରୀଡ଼ା ବିଭାଗର ମିଳିତ ଉଦ୍ୟମରେ ଏହି ସମ୍ମାନଜନକ ପ୍ରତିଯୋଗିତା ଚଳିତ ମାସ ୧୫ରୁ ୧୯ ପର୍ଯ୍ୟନ୍ତ ଚାଲିବ। ଏହି ଅବସରରେ ଏଏଫ୍ଆଇ ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଭାରତୀୟ ଆଥ୍‌ଲେଟିକ୍ସ ଟିମ୍‌ର ମୁଖ୍ୟ କୋଚ୍ ରାଧାକ୍ରିଷ୍ଣନ ନାୟାରଙ୍କ ସମେତ ସ୍ପ୍ରିଣ୍ଟର ଅମିୟ ମଲିକ୍, ଜ୍ୟୋତି ୟାରାଜୀ ଓ ଷ୍ଟିପଲଚେଜର ପାରୁଲ ଚୌଧାରୀ ଏଥିରେ ଯୋଗ ଦେଇଥିଲେ। ରାଜ୍ୟରେ ଇଣ୍ଟରକଣ୍ଟିନେଣ୍ଟାଲ ଫୁଟବଲ ଭଳି ଏକ ଅନ୍ତର୍ଜାତୀୟ ଟୁର୍ନାମେଣ୍ଟ ଚାଲିଥିବା ସମୟରେ ରାଜ୍ୟ ସରକାର ଯେଉଁଭଳି ଭାବରେ ତତ୍ପରତା ଦେଖାଇ ଏହି ଟୁର୍ନାମେଣ୍ଟ ଆୟୋଜନ କରିଛନ୍ତି ତାକୁ ବେଶ୍ ପ୍ରଶଂସା କରିଥିଲେ ନାୟାର। ଚଳିତ ଆନ୍ତଃରାଜ୍ୟ ସିନିୟର ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ର ପ୍ରଦର୍ଶନ ଆଧାରରେ ହିଁ ଏସିଆନ୍ ଚାମ୍ପିୟନଶିପ୍ ଓ ଏସିଆନ୍ ଗେମ୍ସ ପାଇଁ ଆସନ୍ତା ୨୦ ତାରିଖରେ ଆଥ୍‌ଲେଟିକ୍ସ ଦଳ ଚୟନ କରାଯିବ ବୋଲି କହିଥିଲେ କୋଚ୍। ଏହି ଟୁର୍ନାମେଣ୍ଟରେ ନୀରଜ ଚୋପ୍ରା ଓ ଅବିନାଶ ସାବ୍‌ଲେ ଅଂଶଗ୍ରହଣ କରୁ ନ ଥିବା ବେଳେ ଆହତ କାରଣରୁ ଷ୍ଟାର ସ୍ପ୍ରିଣ୍ଟର ହିମା ଦାସ ଅଂଶଗ୍ରହଣ କରିବେ ନାହିଁ। ଏହା ସହ ହିମା ଏସିଆନ ଚାମ୍ପିୟନଶିପ୍ ଓ ଏସିଆନ ଗେମ୍ସରେ ମଧ୍ୟ ଭାଗ ନେଇ ପାରିବେ ନାହିଁ। ଉଭୟ ନୀରଜ ଓ ଅବିନାଶ ବର୍ତ୍ତମାନ ବିଦେଶରେ ପ୍ରଶିକ୍ଷଣ ନେବା ସହିତ ଡାଇମଣ୍ଡ ଲିଗ୍‌ରେ ଅଂଶଗ୍ରହଣ କରୁଛନ୍ତି। ଉଭୟ ଖେଳାଳିଙ୍କ ବିଶ୍ୱ ଚାମ୍ପିୟନଶିପ୍ ଅଂଶଗ୍ରହଣକୁ ପ୍ରାଥମିକତା ପ୍ରଦାନ କରାଯାଇଛି। ଅନ୍ୟପକ୍ଷରେ ଭିଜା ସମସ୍ୟା ପାଇଁ ଭାରତ ପ୍ରତ୍ୟାବର୍ତ୍ତନ କରିଥିବା ମହିଳା ଜାଭେଲିନ୍ ଥ୍ରୋୟର ଅନୁ ରାଣୀ ମଧ୍ୟ ଅଂଶଗ୍ରହଣ କରିବେ ବୋଲି କୋଚ୍ ମତ ଦେଇଥିଲେ। ଓଡ଼ିଶାର ପରିବେଶ ସାଧାରଣତଃ ଆର୍ଦ୍ର ରହୁଥିଲେ ମଧ୍ୟ ଏହା ଖେଳାଳିଙ୍କ ପ୍ରଦର୍ଶନକୁ ଏତେଟା ପ୍ରଭାବିତ କରିବ ନାହିଁ ବୋଲି କୋଚ୍ କହିଛନ୍ତି। ଜାତୀୟ ରେକର୍ଡଧାରୀ ଧାବିକା ଜ୍ୟୋତି ୟାରାଜି ବିଦେଶରେ ଅଭ୍ୟାସ ଦ୍ୱାରା ତାଙ୍କ ପ୍ରଦର୍ଶନରେ ସ୍ଥିରତା ଆସିଛି ଏବଂ ଚଳିତ ଟୁର୍ନାମେଣ୍ଟରେ ଭଲ ପ୍ରଦର୍ଶନ କରିବା ନେଇ ଆଶା ପ୍ରକାଶ କରିଥିଲେ। ସେହିପରି ୨୦୨୩ରେ ଉଭୟ ୩୦୦୦ ଓ ୫୦୦୦ ମିଟର ଷ୍ଟିପଲଚେଜରେ ଜାତୀୟ ରେକର୍ଡ କରିଥିବା ପାରୁଲ ଚୌଧାରୀ ମଧ୍ୟ ଭଲ ପ୍ରଦର୍ଶନ ନେଇ ଆଶାବାଦୀ ଅଛନ୍ତି। ପୁନର୍ବାର ନିଜର ଶ୍ରେଷ୍ଠ ଟାଇମିଂ ହାସଲ କରିଥିବା ଓଡ଼ିଆ ସ୍ପ୍ରିଣ୍ଟର ଅମିୟ ମଲିକ ମଧ୍ୟ ଭଲ ପ୍ରଦର୍ଶନ ନେଇ ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ଭିଜନ୍ ୨୦୩୬: ଏଏଫ୍ଆଇ ପକ୍ଷରୁ ୨୦୩୬ ଅଲିମ୍ପିକ୍ସ ପାଇଁ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରାଯାଉଛି। ପୂର୍ବରୁ ଅଲିମ୍ପିକ୍ସ ଯୋଗ୍ୟତା ହାସଲକୁ ମାନଦଣ୍ଡ ରଖାଯାଇଥିବା ବେଳେ ବର୍ତ୍ତମାନ ପଦକ ହାସଲକୁ ଆମେ ପ୍ରାଥମିକତା ଦେଉଛି। ଏ ସମ୍ପର୍କରେ ବୃତ୍ତାନ୍ତ ରୂପରେଖ ପାଇଁ ଆସନ୍ତା ୧୭ ତାରିଖରେ ଏ ସମ୍ପର୍କରେ ଏକ ବୈଠକ ଅନୁଷ୍ଠିତ ହେବ ବୋଲି କହିଥିଲେ ରାଧାକ୍ରିଷ୍ଣନ୍ ନାୟାର। କୋଚିଂ ଉପରେ ଏଏଫ୍ଆଇ ଏହାର ସମସ୍ତ ଧ୍ୟାନ କେନ୍ଦ୍ରିତ କରିଛି। ବର୍ତ୍ତମାନ ୨୦୦୦ରୁ ଅଧିକ ଏ-୧ ଲେଭଲର କୋଚ୍ ରହିଥିବା ବେଳେ ୪୦୦ରୁ ଅଧିକ ବି-୧ ଲେଭଲର କୋଚ ରହିଛନ୍ତି। ଭଲ କୋଚ୍ ସୃଷ୍ଟି ହେଲେ ଭଲ ଆଥ୍‌ଲେଟ ସୃଷ୍ଟି ହୋଇ ପାରିବେ । ତେଣୁ ଏଏଫ୍ଆଇ ଉଭୟ କୋଚ୍ ଓ ଆଥ୍‌ଲେଟମାନଙ୍କ ବିକାଶ ଉପରେ ପ୍ରାଥମିକତା ଦେଉଛି। ଓଡ଼ିଶାରୁ ବାପି ହାଁସଦାଙ୍କ ପରି ଖେଳାଳି ଅନ୍ତର୍ଜାତୀୟ ସ୍ତରରେ ନିଜର ପରିଚୟ ସୃଷ୍ଟି କରିଥିବା ବେଳେ ଅମିୟ ମଲିକ ଓ ଜଉନା ମୁର୍ମୁଙ୍କ ପରି ଖେଳାଳି ନିୟମିତ ଭାବରେ ଭଲ ପ୍ରଦର୍ଶନ କରି ଆସୁଛନ୍ତି ବୋଲି କହିଥିଲେ କୋଚ୍।

### ଟାଇମିଂରେ ଉନ୍ନତି ପାଇଁ ପ୍ରୟାସ କରିବି: ପାରୁଲ

ଚଳିତ ବର୍ଷ ମୋର ପ୍ରଦର୍ଶନରେ ଢେର ଉନ୍ନତି ଆସିଛି। ଉଭୟ ୩୦୦୦ ଓ ୫୦୦୦ ମିଟର ଷ୍ଟିପଲଚେଜରେ ଜାତୀୟ ରେକର୍ଡ କରିଥିବା ବେଳେ କଳିଙ୍ଗ ଷ୍ଟାଡିୟମରେ ମୋ ଟାଇମିଂରେ ଉନ୍ନତି କରିବାକୁ ପ୍ରୟାସ କରିବି ବୋଲି କହିଛନ୍ତି ପାରୁଲ ଚୌଧାରୀ। ବିଦେଶର ପରିବେଶ ଏବଂ ଏଠିକାର ପରିବେଶ ମଧ୍ୟରେ ବିଶେଷ ଫରକ ରହିଛି। ତେବେ ମୁଁ ଏଠାରେ ପୂର୍ବରୁ ଖେଳି ସାରିଛି ଓ ଏଠିକାର ପରିବେଶ ସହିତ ଅଭ୍ୟସ୍ତ। ତେଣୁ ଭଲ ପ୍ରଦର୍ଶନ ନେଇ ଆଶା ରହିଛି। ଓଡ଼ିଶାରେ ସର୍ବଦା ଉନ୍ନତ ସୁବିଧା ସୁଯୋଗ ମିଳିଥାଏ। ଏହା ସହିତ ଏଠିକୁ ଆସିବା ପୂର୍ବରୁ ମୋର ପ୍ରସ୍ତୁତି ବେଶ୍ ଭଲ ରହିଛି। ଆର୍ଦ୍ରତା ଓ ଗରମକୁ ଦେଖି ଅଭ୍ୟାସ ଆରମ୍ଭ କରିବି।

### ଘରୋଇ ପରିବେଶରେ ପ୍ରଦର୍ଶନ ପାଇଁ ଉତ୍ସାହିତ: ଅମିୟ

ଘରୋଇ ଦର୍ଶକଙ୍କ ସମ୍ମୁଖରେ ଖେଳିବାକୁ ନେଇ ବେଶ୍ ଉତ୍ସାହିତ ରହିଛି। ଏହା ସହିତ ଏସିଆନ୍ ଚାମ୍ପିୟନଶିପ ଓ ଏସିଆନ୍ ଗେମ୍ସ ପାଇଁ ଅନ୍ତିମ ଟ୍ରାଏଲ୍ସ ରହିଥିବାରୁ ଏକ ଚମତ୍କାର ଟାଇମିଂ ଆଶା କରୁଛି। ୟୁରୋପରେ ଅଭ୍ୟାସ କାରଣରୁ ମୋ ଟାଇମିଂ ଓ ପ୍ରଦର୍ଶନରେ ବେଶ୍ ଉନ୍ନତି ଆସିଛି। ମୋ ଟେକ୍‌ନିକ୍ ଓ ପ୍ରଦର୍ଶନ ଉପରେ ଦୃଢ଼ ବିଶ୍ୱାସ ରହିଛି ବୋଲି କହିଥିଲେ ଅମିୟ। ଓଡ଼ିଶାରେ ବର୍ତ୍ତମାନ ପ୍ରବଳ ଖରା ହେଉଥିଲେ ହେଁ ଏହା କେବଳ ମଧ୍ୟମ ଓ ଦୂରଗାମୀ ଧାବକଙ୍କୁ ପ୍ରଭାବିତ କରିବ, ସ୍ପ୍ରିଣ୍ଟ ଉପରେ ଏହାର କୌଣସି ପ୍ରଭାବ ପଡିବ ନାହିଁ।




4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ